ମୁଠି ଗୁହଳି

ଅମ୍ବିକା ସାଇଁ

Source: Author, Digitized by PPRACHIN, SOA

ମୁଠି ଚାଉଳ

(ଗଳ୍ପ ସଂକଳନ)

ଗାଳ୍ପିକା

ଅମ୍ବିକା ସ୍ୱାଇଁ

Source: Author, Digitized by PPRACHIN, SOA

ମୁଠି ଚାଉଳ

ଗାଳ୍ପିକା - ଅମ୍ବିକା ସ୍ୱାଇଁ
ଭୁବନେଶ୍ୱର
ମୋ - ୯୭୭୭୫୯୯୬୯୫

ପ୍ରକାଶକ:
କୋଠଘର
ମୋ - ୯୭୭୭୫୯୯୬୯୫

ପ୍ରକାଶକାଳ:
ଶ୍ରୀପଞ୍ଚମୀ, ୨୦୨୩

ପ୍ରଚ୍ଛଦ
ଅସିତ୍

ମୁଦ୍ରଣ:
ପଦ୍ମାକମର୍ସିଆଲ୍ ସେଣ୍ଟର, ଭୁବନେଶ୍ୱର

ମୂଲ୍ୟ - ଟ.୧୬୦/-
(ମାତ୍ର ଶହେ ଷାଠିଏ ଟଙ୍କା)

Mutthi Chaula

Author Ambika Swain
Address:
Bhubaneswar
Mob: 9777599695

Publisher
Kothaghara
Mob: 9777599695

Publish Time
Shripanchami - 2023

Cover Design
Asit

Printed by:
Padma Commercial Centre,
BBSR

Price : 160/-
(One hundred Sixty rupees only)

Source: Author, Digitized by PPRACHIN, SOA

ଯାହାଙ୍କ ହାତଧରି

ପତ୍ନୀର ମର୍ଯ୍ୟାଦା ପାଇଛି

ମାତୃତ୍ୱର ସୌଭାଗ୍ୟ ଅର୍ଜନ କରିଛି

ଦୁନିଆ ଦାଣ୍ଡରେ ସମ୍ମାନର ସହ ବଞ୍ଚିପାରିଛି

ମୋର ଦୃଢ଼ ଇଚ୍ଛାଶକ୍ତି, ମୋ ମନୋବଳ, ମୋ ନିରବଚ୍ଛିନ୍ନ

ସାଧନାକୁ ଯିଏ କେବେ ପ୍ରତିହତ କରି ପ୍ରତିବନ୍ଧକ ସାଜି ନାହାନ୍ତି ।

ତାଙ୍କରି ନିରବ ସହଯୋଗରେ ନିଜର ଏକ ଛୋଟିଆ

ପରିଚୟଟିଏ ତିଆରି କରି ମୁଁ ଆଜି ଏଇଠି ....

ସେ ଆଉ କେହି ନୁହଁନ୍ତି ମୋ ପୂଜ୍ୟ ସ୍ୱାମୀଙ୍କ

ହାତମୁଠାରେ ଅର୍ପଣା କରୁଛି

ମୋର ପ୍ରଥମ ଗଳ୍ପ ସଂକଳନ

'**ମୁଠିଚାଉଳ**'କୁ ।

Source: Author, Digitized by PPRACHIN, SOA

ମୁଖବନ୍ଧ

କବୟତ୍ରୀ ଅମ୍ବିକା ସ୍ୱାଇଁଙ୍କର ଗଳ୍ପ ଜଗତରେ ପ୍ରବେଶ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଏହା ଗଳ୍ପ ସାହିତ୍ୟକୁ ନିଶ୍ଚୟ ସମୃଦ୍ଧ କରିବ । ଲେଖିକା ପୂର୍ବରୁ ଅନେକ କବିତା ପୁସ୍ତକ ରଚନା କରିଥିଲେ ମଧ୍ୟ ତାଙ୍କର ପ୍ରଥମ ଗଳ୍ପ ସଂକଳନ **'ମୁଠି ଚାଉଳ'** ଏକ ଅନନ୍ୟ ଉପହାର । ଗଳ୍ପଗୁଡ଼ିକ ସମାଜର ମଧ୍ୟବିତ୍ତ ପରିବାରର ଚାଲିଚଳନ, କଥାବାର୍ତ୍ତା, ବ୍ୟବହାର ଓ ପ୍ରଚଳିତ ନିୟମ ତଥା ପରମ୍ପରାକୁ ନେଇ ଲିଖିତ । ଲେଖିକା ମଧ୍ୟବିତ୍ତ ପରିବାରକୁ ଭଲ ଭାବେ ଅନୁଧ୍ୟାନ କରିଛନ୍ତି ଓ ସମାଜ ପ୍ରତି ଏକ ବାର୍ତ୍ତା ଦେଇଛନ୍ତି ଯେ, ସତ, ସଚ୍ଚୋଟତାର ମୂଲ୍ୟ ଓ ସମ୍ମାନ ଅଛି । ଗଳ୍ପଗୁଡ଼ିକ ଶୈଳୀ ଏବଂ ଭାବଧାରା ଦୃଷ୍ଟିରୁ ବେଶ୍ ପ୍ରସ୍ଫୁଟିତ । ପୁସ୍ତକ ପଢ଼ିବାକୁ ଆରମ୍ଭ କଲେ ଶେଷ ପର୍ଯ୍ୟନ୍ତ ପଢ଼ିବା ପାଇଁ ଇଚ୍ଛା ରହିବ । କାରଣ ଲେଖିକା ଅଯଥା ଶବ୍ଦ ଚାତୁରୀରେ ନିଜକୁ ନିମନ୍ତ୍ରଣ କରିନାହାନ୍ତି । ତାଙ୍କର ଶବ୍ଦ ଓ ବାକ୍ୟଗୁଡ଼ିକ ଝରଣା ଭଳି କୁଳୁକୁଳୁ ବହିଯାଇଛି ଏବଂ ଶେଷ ପର୍ଯ୍ୟନ୍ତ ନିଜର ମାଧୁର୍ଯ୍ୟ ରକ୍ଷା କରିଛନ୍ତି ।

ଏହା ତାଙ୍କର ପ୍ରଥମ ଗଳ୍ପ ପୁସ୍ତକ, ଶେଷ ନୁହେଁ । ପାଠକମାନଙ୍କୁ ସେ ଆହୁରି ଗଳ୍ପ ପୁସ୍ତକ ଉପହାର ଦେବେ ବୋଲି ମୋର ଆଶା ଓ ବିଶ୍ୱାସ, ଶ୍ରଦ୍ଧେୟା ଅମ୍ବିକାଙ୍କ ପାଇଁ ଶୁଭକାମନା ।

ଶ୍ରୀଯୁକ୍ତ ବିପିନ ବିହାରୀ ମିଶ୍ର
ବିଶିଷ୍ଟ ସାହିତ୍ୟିକ ତଥା
ପ୍ରାକ୍ତନ ପୋଲିସ୍ ମହାନିର୍ଦ୍ଦେଶକ
ଭୁବନେଶ୍ୱର

Source: Author, Digitized by PPRACHIN, SOA

ମୋ ଅନ୍ତରରୁ...

ସମାଜର ପାରିପାର୍ଶ୍ୱିକ ଓ ଅଙ୍ଗେନିଭା ଅନୁଭବ, ଅନୁଭୂତି ଯେତେବେଳେ ଆତ୍ମାକୁ ଆନ୍ଦୋଳିତ କରେ ତାହା ଗଳ୍ପ ମାଧ୍ୟମରେ ବା କବିତା ମାଧ୍ୟମରେ ପ୍ରକାଶ ନ କରିବା ଯାଏ ଆତ୍ମା ଯେମିତି ଛଟପଟ ହୁଏ । ସେଥିରୁ ଏମିତି କିଛି କଥା, ବେଳେବେଳେ ମନକୁ ଏତେ ବିବ୍ରତ କରେ ତାକୁ ନ ଲେଖିବା ଯାଏ ସ୍ଥିରହୋଇ ରହି ହୁଏନାହିଁ । ସେମିତି କିଛି ଘଟଣା ଦୁର୍ଘଟଣା ଭିତରୁ ଉତୁରି ଆସିଛି ମୋର ଅନେକ ଗଳ୍ପ । ସେ ସବୁକୁ ଶବ୍ଦର ତୁଳୀରେ ସଜାଡି ଦେଇ ଗଳ୍ପ ଆକାରରେ ପାଠକଙ୍କ ନିକଟରେ ପହଞ୍ଚାଇବାର ପ୍ରଯତ୍ନ ପ୍ରୟାସ କରିଛି । କିଏ ଜଣେ ପ୍ରତିଷ୍ଠିତ ଲେଖକ କହିଥିଲେ- 'ଗଳ୍ପ ଯଦି ସତପରି ଲାଗେ, ସତ ଯଦି ଗଳ୍ପ ପରି ଲାଗେ' ତାହାହିଁ ପ୍ରକୃତ ପାଠକଙ୍କ ହୃଦୟକୁ ଛୁଏଁ । ତେଣୁ ଏହି ପୁସ୍ତକଟିରେ ଥିବା ମୋର ଗଳ୍ପଗୁଡ଼ିକ ସତ କି ଗଳ୍ପ ତାହା ପାଠକେ କହିବେ । ଉକ୍ତ ଗଳ୍ପଗୁଡିକ ଅନେକ ପତ୍ରପତ୍ରିକା ଓ ଖବରକାଗଜରେ ପ୍ରକାଶିତ ହୋଇ ଆଦୃତି ଲାଭକଲାପରେ ଗଳ୍ପ ସଂକଳନଟିଏ କରିବା ପାଇଁ ମନ ବଳେଇଲି । ମୁଁ ଯେତିକି ଅନୁଭବ କରିଛି ସମାଜରେ ବିଭିନ୍ନ ରୁଚିର ପାଠକ ଅଛନ୍ତି । ସମସ୍ତଙ୍କୁ ସବୁଲେଖା ଯେ ପସନ୍ଦ ହେବ, ଏହାର କିଛି ଯଥାର୍ଥତା ଥିଲାପରି ମନେ ହୁଏନାହିଁ । ତଥାପି ମୋ ଗଳ୍ପ ପଢ଼ି ଅନେକ ପାଠକ ଖୁବ୍ ପ୍ରଶଂସା କରନ୍ତି । ତେଣୁ ମୋତେ ଅନୁଭବ ହୁଏ, ହଁ' ମୋ ଗଳ୍ପର ବି ଅନେକ ପାଠକ ଅଛନ୍ତି, ତେଣୁ ବଡ଼ ସାହିତ୍ୟିକ, ଛୋଟ ସାହିତ୍ୟିକ ତାହା ବଡ଼ କଥାନୁହେଁ । କାହା ଲେଖା ପାଠକଙ୍କ ହୃଦୟକୁ କେତେ ଛୁଉଁଛି ତାହା ହିଁ ବଡ଼କଥା । ମୋ ଲେଖା ଯଦି କିଛି ପାଠକଙ୍କୁ ବାନ୍ଧି ରଖିପାରୁଛି, ତେବେ ଏହାହିଁ ମୋ ଲେଖକୀୟ ଜୀବନର ସ୍ୱାର୍ଥକତା । ଆମ ଓଡ଼ିଶାର ପ୍ରତିଷ୍ଠିତ ଲେଖକ ତଥା ଗାଳ୍ପିକ ମୋର ସମ୍ମାନନୀୟ ଶ୍ରୀଯୁକ୍ତ ବିପିନ ବିହାରୀ ମିଶ୍ରଙ୍କ ମୁଖରୁ ମୋ ଗପର ପ୍ରଶଂସା ଶୁଣି ମୁଁ ଖୁବ୍ ଆନନ୍ଦିତ ହେଲି । ତାଙ୍କ ଲେଖନୀରୁ ଗଳ୍ପ ସମ୍ବନ୍ଧରେ ଦୁଇ ଧାଡ଼ି ଲେଖିଥିବାରୁ ମୁଁ ତାଙ୍କ ନିକଟରେ ଚିର କୃତଜ୍ଞ । ବିଧଗ୍ଧ ପାଠକ ମାନେ ଗଳ୍ପ ପୁସ୍ତକ 'ମୁଠି ଚାଉଳ'କୁ ଆଦରି ନେବେ ବୋଲି ବିଶ୍ୱାସ ରହିଛି ।

Source: Author, Digitized by PPRACHIN, SOA

ଗଳ୍ପକ୍ରମ

ମୁଠି ଚାଉଳ	୦୭
ନିରବ ଲୋତକ	୧୫
ନିମ୍ବ ଫୁଲର ହସ	୨୧
ଯୋଡ଼ି ବଣି	୨୬
ଅନ୍ଧ ବିଶ୍ୱାସ	୩୩
ମଣିଷ ପଣିଆ	୪୧
ଡାଇରୀର ପୃଷ୍ଠାରୁ ଚିଠିଟିଏ	୪୬
ବିବେକକୁ ପ୍ରଶ୍ନ	୫୭
ପ୍ରଶ୍ନବାଚୀ	୬୨
ଅପର୍ଣ୍ଣା ହୋଟେଲ	୭୧
ଅଦେଖା ଲୁହ	୭୮
ପ୍ରତୀକ୍ଷା	୮୩
ଚିତାଗ୍ନି	୯୨
ଆଧୁନିକତା	୯୭
ଆତିଥ୍ୟର ଆମନ୍ତ୍ରଣ	୧୦୭
ଅନୁତପ୍ତ	୧୧୨
ଅତୀତର ସ୍ମୃତିରେ ନୂଆବର୍ଷ	୧୧୬
ଅବ୍ୟକ୍ତ କାହାଣୀ	୧୨୨
ନାୟିକା	୧୨୭
କୋହ	୧୩୧
ରାଣୀମା'ଙ୍କ ଶେଷ ଇଚ୍ଛା	୧୩୫
ଭକୁଆ	୧୪୦
ସେପାରିକୁ ବୋଉକୁ ଚିଠି	୧୫୦
ଟିକି ମାମାଲି	୧୫୪
ବ୍ରହ୍ମପୁରୀ ପାଟ	୧୬୦
ଅଦୃଶ୍ୟ ବୟସ	୧୬୨
ବୁଢ଼ା ପା'	୧୬୫
କୋଥଳି	୧୬୭

❖❖❖

Source: Author, Digitized by PPRACHIN, SOA

ମୁଠି ଚାଉଳ

ଅମିନା ଆଜି ଚେନାଏ ଖୁସିରେ ବିଭୋର । ତା' ପୁରସ୍କୃତ ହେବାର ଖବର, ଫୋଟୋ ସହ ସବୁ ଆଗଧାଡ଼ିର ବଡ଼ ବଡ଼ ଖବରକାଗଜର ପୃଷ୍ଠା ମଣ୍ଡନ କରିଛି । ଏହା କ'ଣ କମ୍ ଆନନ୍ଦର କଥା ନୁହେଁ କି ! ! ସବୁ ମିଡିଆ ଭାଇ ମାନଙ୍କର ସାକ୍ଷାତକାର ପାଇଁ ଲମ୍ବା ଧାଡ଼ି । ଏମିତି ପୁଲକିତ ମୁହୂର୍ତ୍ତରେ ଅମିନା, ଫେରି ଯାଉଛି ଅତୀତର ପୃଷ୍ଠାରେ ଲିପିବଦ୍ଧ ସେହି ଚାଳିଶି ବର୍ଷ ତଳକୁ .... । ସ୍ମୃତିପଟରେ ଛଳ ଛଳ, ଜଳଜଳ ଦିଶି ଯାଉଛି ସେଦିନର କଥା.....! !

ଚୁଲ୍ଲୀରେ ଘଷି ନିଆଁ ହୁତୁ ହୁତୁ ଜଳୁଛି, ଭାତ ହାଣ୍ଡିରେ ପାଣି ଗବଗବ ଫୁଟୁଛି । ସେଥିରେ ଚାଉଳ ପଡ଼ିନି । କେହିବି ଜଣେ ଆଖି କି ଦେଖା ଯାଉନି । ଶାଶୂ ସୁନୀତି ଦେବୀ 'ଡାକ ଛାଡିଛନ୍ତି ଆଲୋ ହେ ! ମାଳତୀ ବୋହୁ' ତୁ କୁଆଡେ ଗଲୁ ? ଚୁଲ୍ଲୀରେ ଭାତ ହାଣ୍ଡି ବସେଇ ଦେଇ କିଏ କୁଆଡେ ମଲଣି ସବୁ । ସେହି ଆଠ, ନଅ ବର୍ଷର ନାତୁଣୀ ଅମିନା କୁଆଡେ ଥିଲା ଦାଣ୍ଡ ଆଡେ, ଦୌଡ଼ି ଆସିଲା ଘର ଭିତରକୁ । କହିଲା, ଜେଜେ ମା' ତୁମର ସବୁବେଳେ ଖାଲି ଗାଳି ! କାହାକୁ ଗାଳି ଦେଉଛ ? ଆଲୋ ମିନା ତୋ' ବୋଉ କୁଆଡ଼େ ଯାଇଛି କି ? (ଅମିନାକୁ ଶ୍ରଦ୍ଧାରେ ଜେଜେ ମା' ଡାକନ୍ତି ମିନା) ମିନା କହିଲା, ବୋଉ ପଛ ସାହି କୂଅକୁ ପାଣି ଆଣିବାକୁ ଯାଇଛି । ତୋ' ବୋଉ ପଛ ସାହିକୁ କାହିଁକି ଯାଇଛି ପାଣି ଆଣିବାକୁ ।

Source: Author, Digitized by PPRACHIN, SOA

ଆମ କୂଅ କ'ଣ ହେଲା କି ? ଜେଜେ ମା' ବୋଉ କହୁଥିଲା ଆମ କୂଅରେ କୁଆଡେ ଗୋଟେ କାଉ ମରି ଭାସୁଛି । ସୁନୀତି ଦେବୀ ତର ତର ହୋଇ ଦୌଡ଼ି ଗଲେ କୂଅ ପାଖକୁ, ଆଖି ଗଳେଇ କୂଅକୁ ଦେଖିବାକୁ ଚେଷ୍ଟା କଲେ, ବୟସ ଆସି ଷାଠିଏ ଛୁଇଁଲାଣି, ଆଖି କି ଆଉ ଭଲ ଦିଶୁନି । କୂଅକୁ ବାର୍ ବାର୍ ଗୋଡ଼ ଟେକି ଚାହୁଁଥିଲେ, ଦେଖିପାରୁ ନଥିଲେ ମଲା କାଉକୁ । ବୋହୂ ଗୋଟେ ହାତରେ ବାଲ୍ଟି କାଖରେ ଗରା ଧରି ପହଂଚି ଗଲା କୂଅ ନିକଟରେ ।

ଶାଶୂ ପଚାରିଲେ ଆଲୋ ବୋହୂ କେଉଁଠି କାଉ ମରି ପଡିଛି କି ? ମୁଁ କାହିଁ ଦେଖି ପାରୁନି । ବୋହୂ ମାଳତୀ କହିଲା ତୁମ ପୁଅ ଘରକୁ ଫେରନ୍ତୁ କୂଅ କଣ୍ଟା ପକାଇ ମଲା କାଉକୁ କାଢ଼ି ଦେବେ, ନହେଲେ କାଉ ପାଣିରେ ପଡି ପଚିଗଲେ ପାଣି ଆଉ ବ୍ୟବହାର କରି ହେବନି । ନାତୁଣୀ ମିନା ଦୌଡ଼ି ଆସି କହିଲା ବୋଉ କାଉ ମରି ପଡିଛି, ଛି ଛି ଏ ଅସନା ପାଣି ଆଉ ମୁଁ କେବେ ପିଇବିନି । ମାଳତୀ କହିଲା ତୋ' ବାପାଙ୍କୁ କହ ଗୋଟେ ନଳକୂଅ ଖୋଳିଦେବେ, ତୁ ଆଉ ଏ କୂଅ ପାଣି ପିଇବୁନି କହି ପୁଣି ଗରା ବାଲ୍ଟି ଧରି ଚାଲିଗଲା ପାଣି ଆଣିବାକୁ ।

ଜେଜେ ମାଆ ତା'ର କହିଲେ ଯା'ଲୋ ଟୋକି ବେଶି ଅଫୁଲି ହେଉଛି । ମିନା ଗୋଡ ନଚେଇ ନଚେଇ ସେଠୁ ଚାଲି ଯାଉଥିଲା, ଜେଜି ମା' ଡାକ ଛାଡିଲେ ଆଲୋ ହେ' ମିନା ଶୁଣୁ... ହଁ ଜେଜି ମା କୁହ ! ଆଲୋ ତୋ ବୋଉ ଫୁଟନ୍ତା ପାଣିରେ ଚାଉଳ ନ ପକାଇ ପୁଣି ଗରା, ବାଲ୍ଟି ଧରି ଚାଲିଗଲା କ'ଣ । ବୋଉ ଭୁଲିଗଲା ବୋଧେ । ୟେ ମିନା ମୋ ଧନ ଟାଲୋ' ଶୁଣୁ ଚାଉଳ ହାଣ୍ଡିରେ ଯେଉଁ 'ପାଇଲି' ଅଛି ସେଥିରେ ଦୁଇ ସେର ମାପିକି ଚାଉଳ ଆଣି ଧୋଇକି ଟିକେ ଭାତ ହାଣ୍ଡିରେ ପକେଇ ଦେଲୁ, ତୋ'ବୋଉ ତ ସେତେବେଳୁ କୁଆଡେ ଗଲାଣି ଯେ' ଆସିବା ନାଁ ଧରୁନି, ସେ ସାହି ମାଇପେ କିଏ ଯୁଟି ଯାଇଥିବେ ଗପୁଥିବ ବସି !! ମୋ ମା'ଟା ଲୋ ଟିକେ ଚାଉଳ ପକାଇ ଦେଲୁ । ଜେଜି ମା' ମୋତେ ଏସବୁ କାମ ଆସେନା ! ତୁମେ ପକାଇ ଦେଉନ ଚାଉଳ । ଆଲୋ ହେ' ମିନା ମୁଁ ପରା ଗାଧୋଇନି । ଭିତର ଘରେ ଦେଇପିଣ୍ଡି ଅଛି ମୁଁ ଅଗାଧୁଆ ଚାଉଳ ପକାଇଲେ ଦେଇପିଣ୍ଡି ପରା ମାରା ହୋଇଯିବ ପୂର୍ବପୁରୁଷ ପାଣି ପାଇବେନି ।

Source: Author, Digitized by PPRACHIN, SOA

ଜେଜେ ମା' କ'ଣ ସବୁ କହୁଛ ଯେ ତୁମେ, ମୋ' ମୁଣ୍ଡରେ ଏଗୁଡା କିଛି ପଶୁନି । କହିଲା କ'ଣ ନା ଅଗାଧୁଆ ? ହଉ ଲୋ'ରହିଥା, ଟୋକି ତୁ ଶାଶୂ ଘରକୁ ଗଲେ ସବୁ ଜାଣିବୁ । ଜେଜି ମା ମୁଁ ତ ଦାଦାଙ୍କ ଘରକୁ ଦଶହରା ଛୁଟିରେ ଗଲାବର୍ଷ କଟକ ଯାଇଥିଲି, ଖୁଡୀ ତ ତାଙ୍କ ରୋଷେଇ ଘରେ ଅଗାଧୁଆ ପଶନ୍ତି ରାନ୍ଧନ୍ତି ସବୁ କରନ୍ତି ତୁମେ ଏତେ କଥା କଣ କହୁଛ ଯେ !! ଆଲୋ ମିନା ସେ ପରା ସହର ସେଠି ସବୁ ଚଳେ ଆମ ଗାଁ ଜାଗାରେ ଏସବୁ ଚଳେନି । ତୁ ଗଲୁ ଚାଉଳ ମାପିକି ପାଣି ଫୁଟୁଛି ପକେଇ ଦେବୁ । ମିନା ବଡ କଷ୍ଟରେ ଯାଇ ଚାଉଳ ପକାଇଲା । ଜେଜେ ମା' ପଚାରିଲେ ମିନା ମୁଠି ଚାଉଳ ରଖିଲୁ କି ନାହିଁ ? ଜେଜେ ମା' ଆଜି କ'ଣ ଶନିବାର ?

ଆମ ସ୍କୁଲରେ ତ ସବୁପିଲା ଶନିବାର ମୁଠି ଚାଉଳ ନିଅନ୍ତି । ସ୍କୁଲ ପାଇଁ ନୁହେଁ ଲୋ ମିନା ! ଆମ ଘର ପାଇଁ ମୁଠି ଚାଉଳ ରଖାଯାଏ ସବୁଦିନ । କାହିଁକି ଜେଜେ ମା' । ତୁ ଆଜିଯାଏ ଏକଥା ଜାଣିନୁ ? ନାଇଁ ମୁଁ ଜାଣିନି । ହଉ ତେବେ ଶୁଣୁ ! ସବୁଦିନ ଯେତିକି ଚାଉଳ ଭାତ ରନ୍ଧା ହେବାପାଇଁ ଆସେ ସେହି ଚାଉଳରୁ ମୁଠିଏ କାଢି କି ଅନ୍ୟଏକ ଜାଗାରେ ସଞ୍ଚି କି ରଖାଯାଏ । ଯେମିତି ପିମ୍ପୁଡି ମାନେ ଖାଇବା ଜିନିଷ ସଞ୍ଚୟ କରି ବର୍ଷା ଦିନ ପାଇଁ ସାଇତି କି ରଖନ୍ତି ! ମିନାର ପୁଣି ପ୍ରଶ୍ନ ? ଜେଜି ମା' ସଞ୍ଚି ରଖିଲେ କ'ଣ ହେବ ? କ'ଣ ହେବ କ'ଣ ପଚାରୁଛୁ ? ଆଛା ତୁ କହିଲୁ ମିନା ତୋ' ମାମୁଁ ଘର ଅଜା, ମାମୁଁ ଯେତେବେଳେ ଆସନ୍ତି ତୋତେ ପଇସା ଦିଅନ୍ତି ତୁ ତାକୁ କ'ଣ କରୁ ? ଘଡିରେ ସଞ୍ଚୟ କରିରଖେ । ହଁ ତୁ ଘଡିରେ ସଂଚୟ କରି କ'ଣ ପାଇଁ ରଖୁ କହିଲୁ ? ବୋଉ କହିଛି ଘଡିରେ ପଇସା ସଂଚୟ କରି ରଖିଲେ ଯେତେବେଳେ ଅଧିକ ହୋଇଯିବ ବୋଉ ମୋ ପାଇଁ ପାଉଁଜି କିଣି ଦେବ । ମୋ ସାଙ୍ଗମାନେ ସମସ୍ତେ ଗୋଡ଼ରେ ପାଉଁଜି ପିନ୍ଧିକି ସ୍କୁଲ ଆସୁଛନ୍ତି ମୋର କିନ୍ତୁ ପାଉଁଜି ନାହିଁ । ଏହା ସହିତ ବାପାଙ୍କ ପାଖରେ ଯେତେବେଳେ ପଇସା ନଥିବ ଦରକାରବେଳେ ଘଡିକୁ ଭାଙ୍ଗିଦେଲେ ପଇସା କାମରେ ଲାଗିବ । ମୋ ପାଠପଢା ଖର୍ଚ୍ଚରେ ଲାଗି ପାରିବ । ମିନା ତୁ ଠିକ୍ କହିଲୁ । ଏବେ ବୁଝି ପାରୁଛୁ ତ ? ତୁ ଯେମିତି ଅଳ୍ପ ଅଳ୍ପ ପଇସା ଘଡିରେ ସାଇତି ରଖୁଛୁ ଦରକାରବେଳେ କାମରେ ଆସିବ ।

Source: Author, Digitized by PPRACHIN, SOA

ସେମିତି ନିତିଦିନ ମୁଠା ମୁଠା କରି ରନ୍ଧା ଭାତ ଚାଉଳରୁ ଯେଉଁ ଚାଉଳ କାଢି ସଂଚୟ କରି ରଖାଯାଏ ତାକୁ 'ମୁଠି ଚାଉଳ' କୁହନ୍ତି । ସେହି ମୁଠିଚାଉଳ ଦରକାର ସମୟରେ ଅନେକ କାମରେ ଆସେ ।

ତେବେ ଶୁଣୁ ମୋ ପିଲାଦିନର ଏଇ ମୁଠିଚାଉଳର ଏକ କାହାଣୀ ।ହଁ ଜେଜେ ମାଆ କୁହ ନା !! ମୋର ଭାରି ଇଛା ହେଲାଣି ଶୁଣିବାକୁ । ହଉ କହୁଛି । ମୁଁ ଯେତେବେଳେ ଛୋଟ ହୋଇଥିଲି ତୋ'ବୟସର ମୁଁ ଦେଖେ ମୋ ବୋଉ ଭାତ ରାନ୍ଧି ବାକୁ ହାଣ୍ଡିରୁ ଚାଉଳ ଆଣିଲାବେଳେ ସେଇ ରନ୍ଧା ଚାଉଳରୁ ମୁଠେଇକି ମୁଠାଏ ଚାଉଳ କାଢ଼ିକି ପାଖରେ ଥିବା ଏକ ବେହେରିରେ ରଖେ । ଜେଜେ ମା' ବେହେରି ପୁଣି କ'ଣ ? ବେହେରି ମାଟିରେ ତିଆରି ଗୋଟିଏ ପାତ୍ର । କୁମ୍ଭାର ମାନେ ମାଟିରେ ତିଆରି କରନ୍ତି । ଯେଉଁଥିରେ ଦହିଗୋଳା ହୁଏ ।

ଏବେ ଆଉ ସେଗୁଡା ନାଇଁ ଲୋ ଝିଅ । ଏବେ ତ ଆଉ ମାଟିହାଣ୍ଡି ରନ୍ଧା ନାହିଁ, ସବୁଆଡେ ରସହାଣ୍ଡି ଷ୍ଟିଲ ବାସନ ବ୍ୟବହାର ହେଉଛି । ହଉ ମିନା ତୁ ସେକଥା ଛାଡ଼ ମ । ମୁଠି ଚାଉଳ କଥା ଶୁଣୁ । ମୋ ବୋଉ ସେଇ ବେହେରିରେ ମୁଠି ଚାଉଳ ରଖେ । ବର୍ଷସାରା ସଞ୍ଚୟ କରି ରଖିଥିବା ମୁଠି ଚାଉଳକୁ ବିକ୍ରି କରି ମୋ' ଜେଜେବାପା ଜେଜେ ମାଆ ଯାଆନ୍ତି ବର୍ଷକୁ ଥରେ ତୀର୍ଥ ଦର୍ଶନ କରିବାକୁ । ପୁରୀ ଜଗନ୍ନାଥ ମନ୍ଦିର, ଲିଙ୍ଗରାଜ ମନ୍ଦିର ! କେଦାର ଗୌରୀ ଏମିତି ସବୁ ଜାଗା ବୁଲାବୁଲି ଠାକୁରଦର୍ଶନ, ଦାନଧର୍ମ କରି ଫେରନ୍ତି । ସେତେବେଳେ ତ ଗାଡି ମଟର ନଥିଲା । ଆମ ଗାଁ ଓ ପାଖ ଗାଁ ର କିଛି ଲୋକ ମିଶି ପାଦରେ ଚାଲି ଚାଲି ଯାଉଥିଲେ ତୀର୍ଥ କରି । ଜେଜେ ମା' ତୁମେ କେବେ ଏମିତି ପାଦରେ ଚାଲି ଚାଲି ଯାଇଛ ? ହଁ ! ଆମ ବେଳେ ବି ଗାଡି ମୋଟରର ଏତେ ସୁବିଧା ନ ଥିଲା । ଏବେ ତ ଯୁଗ ବଦଳି ଗଲାଣି ଏସବୁର ଅସୁବିଧା ଏତେ ଆଉ ନାହିଁ । ଆଛା ଜେଜେ ମା' ତେବେ ତୀର୍ଥ ଦର୍ଶନ କରିବା ପାଇ ମୁଠି ଚାଉଳ ରଖାଯାଏ ? ଆରେ ନା'ରେ ଖାଲି ସେତିକି ନୁହେଁ ସୁବିଧା ଅସୁବିଧା ଥିଲା, ନଥିଲା ବେଳେ ମଧ୍ୟ ବହୁତ ଉପକାରରେ ଆସେ । ମୋର ପରା ମନେ ଅଛି । ପିଲାଦିନେ ଯେତେବେଳେ ଦଶ ପନ୍ଦର ଦିନ ଝଡିବର୍ଷା ଲାଗିରହେ ଜମା ଛାଡେନି । ଘରେ ଧାନ ଥିଲେବି ଉଁସେଇ, ସୁଖେଇ ହୁଏନି, ଢିଙ୍କିଶାଳ ବର୍ଷା ପାଣିରେ

Source: Author, Digitized by PPRACHIN, SOA

ଭିଜି ଏମିତି ଅବସ୍ଥା ହୋଇଥାଏ ଯେ ଧାନ ବି କୁଟି ହୁଏନି । ସେତେବେଳେ ଗାଁ ଗଣ୍ଡାରେ ଆଜିକାଲି ପରି ଧାନ କୁଟା କଳବି ନଥିଲା । ତେଣୁ ସେହି ସଞ୍ଚିତ ମୁଠି ଚାଉଳକୁ ବୋଉ ରଖିଥୋଇ ରାନ୍ଧେ, ଆମକୁ ଖାଇବାକୁ ଦିଏ, ବୋଉ ତା' ଶାଶୂ ଶ୍ୱଶୁର ସ୍ୱାମୀ ପିଲାଙ୍କୁ ଖାଇବାକୁ ଦେଲାପରେ ନିଜେ ଉପାସ ରହିଯାଏ । ଥରେ ଆମ ଗାଁ ରେ ଗୋଟିଏ ଗରିବ ମୂଲିଆଟିଏ ମୂଲ ଲାଗି ପେଟ ପୋଷେ । ପ୍ରତ୍ୟେକ ଦିନ ମୂଲକୁ ଯାଏ ମଜୁରୀ ବାବଦ ଗାମୁଛାରେ ଚାଉଳ ବାନ୍ଧି ଘରକୁ ଆସିଲେ ତାଙ୍କ ଘରେ ଚୁଲ୍ଲୀ ଜଳେ ।

ଦିନକର କଥା ଏତେ ଝଡି ବର୍ଷା ଲାଗି ରହିଲା ଯେ ସେ ଗରିବ ଲୋକଟି ମୂଲକୁ ଯାଇ ପାରିଲାନି । ବର୍ଷାରେ ସବୁ କାମ ବନ୍ଦ୍ । ତା'ସ୍ତ୍ରୀର ପିଲାଛୁଆ ହେବାର ଥାଏ । ଘରେ ମୁଠିଏ ବି ଚାଉଳ ନାହିଁ । ତା' ସ୍ୱାମୀକୁ କିଛି ବୁଦ୍ଧି ବାଟ ଦିଶିଲାନି । ସେ ନିଜେ ସିନା ଉପାସ ରହିଯିବ ହେଲେ ସ୍ତ୍ରୀ କୁ କଣ ଖାଇବାକୁ ଦେବ । ସେ ବୋଉ ପାଖରେ ଆସି ଗୁହାରି କଲା । ମୋ ବୋଉ ତ ଭାରି ଦରଦୀ ମଣିଷ ନିଜେ ନ ଖାଇ ଅନ୍ୟ ପେଟକୁ ଚିହ୍ନେ, ଅନ୍ୟର ପେଟ ଚିହ୍ନିବାର କଳା ତାଙ୍କୁ ବେଶ୍ ଜଣା । ବୋଉ ଏକଥା ଜାଣିଲା ପରେ ତାକୁ ସେହି ମୁଠିଚାଉଳରୁ କିଛି ଦେଲା, ସେ ଚାଉଳ ପାଇ ଖୁସିରେ କୃତ୍ୟ କୃତ୍ୟ ହୋଇଗଲା । ନ ହେଲେ ତା' ସ୍ତ୍ରୀ ପେଟରେ ବଢୁଥିବା ଛୁଆଟି ବି ଭୋକରେ ରହିଥାନ୍ତା, ଛୁଆର କ'ଣ ଯେ ହୋଇଥାନ୍ତା କିଏ କହିଥାନ୍ତା ! ସତରେ ଜେଜେ ମାଆ ତୁମ ବୋଉ ବହୁତ ବଢିଆ କାମ କଲେ ।

ହଁ ଲୋ ମିନା ! ଏମିତି ଅନେକ କଥା ମୋର ମନେଅଛି ପଞ୍ଚାବନ ମସିହା ନଈ ବଢ଼ିଲ୍ଲଥା । ତୁ ଶୁଣିଲେ ଟତସ୍ଥ ହେବୁ ! ସେ ବର୍ଷ ଏତେବଡ଼ ନଈବଢି ହୋଇଥିଲା ଯେ ପାଣି ସୁଅରେ ଘରଦ୍ୱାର ସବୁ ଭାଙ୍ଗିରୁଜି ସବୁ ଭାସି ଯାଇଥିଲା, ପାଣିମାଡି ସବୁ ଫସଲ ନଷ୍ଟ କରି ଦେଇଥିଲା, କେତେ ମଣିଷ ଗୋରୁଗାଈ ମରି ଭାସି ଗଲେ ତାହାର କଳନା ନାହିଁ । ନଈବଢି ପରେ ଖାଇବାକୁ ନ ପାଇ ଲୋକ ହା ହା କାର ହୋଇ କେତେ ଲୋକ ମୁଣ୍ଡି ମଲେ । ସେ ସମୟ ମନେ ପଡିଲେ ଏବେ ବି ରୋମ ମୂଳ ଟାଙ୍କୁରି ଉଠୁଛି । ସରକାରୀ ରିଲିଫ ଚାଉଳ ସମସ୍ତଙ୍କ ପାଖରେ ଠିକରେ ପହଂଚି ପାରୁ ନଥାଏ । ଲୋକ ଖାଇବାକୁ ନ ପାଇ ଚିତ୍କାର କରୁଥାନ୍ତି । ଦିନେ ପନ୍ଦର

Source: Author, Digitized by PPRACHIN, SOA

ରୁ କୋଡ଼ିଏ ଜଣ ଲୋକ ତାଙ୍କ ଛୁଆ ପିଲା ସ୍ତ୍ରୀ ଧରି ଆସି ଆମ ଦାଣ୍ଡ ଦୁଆରେ ପହଂଚି ଗଲେ । ବାବୁଘର ବୋହୁ ଆମକୁ ଖାଇବାକୁ ଦିଅ, ଖାଇବାକୁ ଦିଅ, ନ ହେଲେ ତୁମ ଦାଣ୍ଡଦୁଆରେ ମରିବୁ ପଛେ, ଆମେ କୁଆଡେ ଯିବୁନି । ମୋ ବାପା ସେମାନଙ୍କୁ ବୁଝା ଶୁଝା କଲେ । ଜାଣିଲୁ ମିନା ମୋ ଜେଜେ ବାପାଙ୍କର ବାପା ଜମିଦାର ଥିଲେ । ବାଟି, ବାଟି ସମ୍ପତ୍ତି, ଚାରିଟା ଅମାରରେ ଧାନ ଜାଗା ହୁଏନି ଯେ ମାଟି ତଳେ ବଡ଼ ବଡ଼ ଖଣି ଖୋଳା ଯାଇ ଧାନ ସବୁ ସାଇତି ରଖାଯାଏ । ବର୍ଷରେ ଗୋଟିଏ ଥର ଗରିବ ଦଳିତ ଲୋକମାନଙ୍କୁ ମୋ ଜେଜେ ବାପା ଧାନ ମାଗଣାରେ ବାଣ୍ଟନ୍ତି ।

ଏବେ କର୍ପୁର ଯାଇଛି ସିନା, କନା ପଡିଛି । ମୋ ଜେଜେଙ୍କ ବେଳକୁ ଆଉ ସେ ସବୁ ଏତେ ନ ଥିଲା । ତଥାପି ବାବୁଘର ବୋଲି ଖୁବ୍ ନାଁ । ହେଲେ ସେଥର ନଈ ବଢି ତ ସବୁ ଉଜାଡି ଦେଇଥାଏ । ସେଥିପାଇଁ ବାପା ସେମାନଙ୍କୁ କହିଲେ ଆମ ଘରର ଅବସ୍ଥା ତ ମଧ୍ୟ ତୁମ ପରି । ଏ ନଈ ବଢ଼ି ଧନୀ, ଗରିବ ସମସ୍ତଙ୍କୁ ସମାନ କରି ଦେଇଛି ଆମ ଘରେ ବି ବର୍ତ୍ତମାନ ଖାଇବାକୁ ଚାଉଳ ନାହିଁ । ଆମ ଡ଼ିଙ୍କିଶାଳ ତ ପାଣିରେ ବୁଡି ନଷ୍ଟ ହୋଇଯାଇଛି । ତୁମକୁ ଆମେ କ'ଣ ବା ରାନ୍ଧି ଖାଇବାକୁ ଦେବୁ । ତୁମେମାନେ ଏଠୁ ଯାଅ । କାହିଁକି ହୋ, ହାଲ୍ଲା କରୁଚ ! ଜାଣିଲୁ ମିନା ମୋ ବୋଉ କିନ୍ତୁ ଦାଣ୍ଡକୁ ବାହାରି ଆସି ବାପାଙ୍କ ହାତକୁ ଘର ଭିତରକୁ ଟାଣିନେଲା ଓ କହିଲା ତୁମେ ବ୍ୟସ୍ତ ହୁଅନି । ମୁଁ ଦେଖୁଛି, ଯାହା ଚାଉଳ ଅଛି ସେଥିରେ ସେମାନଙ୍କ ପାଇଁ ପଞ୍ଚବର୍ଣ୍ଣ ତିଆରି କରିଦେବି ସେମାନେ ଖାଇ କି ଯିବେ । ଭୋକିଲା ମଣିଷ ମାନଙ୍କୁ କେମିତି ଦୁଆର ମୁହଁରୁ ଫେରେଇବା କହିଲ ? ମିନା ପଚାରିଲା ଜେଜେ ମାଆ ପଞ୍ଚବର୍ଣ୍ଣ କଣ ? ଚାଉଳରେ ମୁଗଡାଲି, ପରିବା, ହଳଦୀ, ଗୁଆଘିଅ ପଡି ରନ୍ଧାଯାଏ । ତୋ ବୋଉ ଯେମିତି ଖେଚିଡ଼ି କରେ, ସେମିତି ତାକୁ ପଞ୍ଚବର୍ଣ୍ଣ କୁହନ୍ତି ଆମକାଳେ । ଅରୁଆ ଚାଉଳରେ ହୁଏ, କେହି କେହି ଉସୁନା ଚାଉଳରେ ବି କରନ୍ତି । ମୋ ବୋଉ ସେଦିନ ସେମାନଙ୍କ ପାଇଁ ଉସୁନା ଚାଉଳରେ କରିଥିଲା ।

ଆମ ଦାଣ୍ଡ ଦୁଆରେ ସେମାନଙ୍କୁ କଦଳୀ ପତ୍ରରେ ବାପା ବୋଉ ଖାଇବା ବାଢି ଦେଲେ, ସେମାନେ ପଞ୍ଚବର୍ଣ୍ଣ ଖାଇ ଆନନ୍ଦରେ,ବାବୁଘର ମଙ୍ଗଳ ହେଉ ବୋଲି

Source: Author, Digitized by PPRACHIN, SOA

କେତେ ଆଶିଷ ଢାଳି ଦେଇ ଗଲେ । ମୋ ବୋଉର ଖୁସି କହିଲେ ନ ସରେ । ବାପା’ ବୋଉକୁ ପଚାରିଲେ, ସୁନି ବୋଉ ତୁମେ ପରା କହୁଥିଲ ଘରେ ଚାଉଳ ନ ଥିଲା, ପୁଣି ଏତେ ଲୋକଙ୍କ ପାଇଁ କେମିତି ରୋଷେଇ କଲ ? ହଁ ମ ସୁନି ବାପା ଚାଉଳ ହାଣ୍ଡିରେ କଣ ଚାଉଳ ଅଛି, ଖାଲି ହାଣ୍ଡି ଗଡୁଛି । ବାପା ପଚାରିଲେ ତେବେ ଚାଉଳ ଆସିଲା କେଉଁଠୁ ? ମୋ ବୋଉ କହିଲା ଦାନ ଧର୍ମ ପାଇଁ ନିତି ବେହେରିରେ ସଞ୍ଚି ରଖୁଥିବା ମୁଠା ମୁଠା କରି ମୁଠିଚାଉଳ ଆଜି ଭୋକିଲା ମୁହଁରେ ହସ ଫୁଟାଇଲା ଏଥିରେ ମୋର ସ୍ୱର୍ଗୀୟ ଆନନ୍ଦ ।

ମିନା ଜେଜି ମାଆ ଠାରୁ ତାଙ୍କ ପିଲାଦିନର କାହାଣୀ ଶୁଣିଲା ପରେ ମିନାର ହୃଦୟରେ ଏହି କଥାଟି ଗଭୀରଭାବରେ ରେଖାପାତ କରିଥିଲା । ସେ ମଧ୍ୟ ଶାଶୁ ଘରକୁ ଆସିଲାପରେ ଯେତେବେଳେ ମୁଠି ଚାଉଳ ରଖିବା ଅରମ୍ଭ କଲା ସ୍ୱାମୀ ଅମର ବାବୁ ତଥା ଘର ଲୋକମାନେ ଏ କଥାକୁ ହସରେ ଉଡାଉ ଥିଲେ ! ଦିନେ ଏମିତି ସମୟ ଆସିଲା ଓଡ଼ିଶାରେ ୧୯୯୯ ମସିହା ବାତ୍ୟା ବେଳର କଥା । ପ୍ରବଳ ବାତ୍ୟା ହୋଇ କେତେ ଯେ ଜନ ଜୀବନ ନଷ୍ଟ ହେଲା । ପାଣି, ଲାଇଟ ସବୁ ବିଛିନ୍ନ ହୋଇଗଲା ରାସ୍ତା ଉପରେ ଗଛ ପଡି ରହିବାରୁ, ଗାଡି ମଟର ଯିବାଆସିବା ଠାରୁ ଦୋକାନ ବଜାର ସବୁ ବନ୍ଦ୍ ହୋଇଗଲା । ଜନ ଜୀବନ ଉପରେ ଖୁ ପ୍ରଭା ପକାଇଲା । ସେହି ସମୟରେ ଘରେ ରାନ୍ଧି ଖାଇବାକୁ ମୁଠେ ବି ଚାଉଳ ନଥିଲା କାରଣ ଅମର ବାବୁ ମାସିକ ଦରମାରେ ମାସିକିଆ ସଉଦା ଆଣନ୍ତି । ଯେ ହେତୁ ମାସ ଶେଷ ଚାଉଳ ବି ଶେଷ । ଚାଉଳ ସରି ଯାଇଛି ଜାଣି ଅମର ବାବୁ ଖୁ ବିବ୍ରତ ହୋଇ ପଡୁଥାନ୍ତି ଯେ ହେତୁ ବୁଢା ବାପା ମା’ ପାଖରେ ଭୁବନେଶ୍ୱରରେ ରହୁଛନ୍ତି ତାଙ୍କୁ ତ ଖାଇବାକୁ ଦେବାକୁ ପଡିବ । ଚିନ୍ତାରେ ଥାନ୍ତି... ସେପଟେ ମିନା ସମସ୍ତଙ୍କ ପାଇଁ ଖାଇବା ବାଢି ଟେବୁଲ ଉପରେ ରଖି ଶାଶୂ ଶ୍ୱଶୁର ସ୍ୱାମୀଙ୍କୁ ଡାକିଲେ ସ୍ୱାମୀ ଆସି ଆଶ୍ଚର୍ଯ୍ୟ ହେଲେ ଭାତ ଥାଳି ଦେଖି, ପଚାରିଲେ ଚାଉଳ ପରା ନଥିଲା ? ସ୍ତ୍ରୀ ମିନା ମୁରୁକି ହସାଟିଏ ଦେଇ ସ୍ୱାମୀଙ୍କ ମୁହଁକୁ ଚାହିଁଲେ.. ଶାଶୂ ସଙ୍ଗେ ସଙ୍ଗେ କହିଲେ, ଆରେ ଅମର ତୁ ପରା ତାକୁ ଥଟ୍ଟା କରି ହସରେ ଉଡାଉ ଥିଲୁ ମୁଠିଚାଉଳ ରଖୁଥିବାରୁ... ମନେ ଅଛି କି ନାହିଁ ତୋ’ର ? ଆଚ୍ଛା ବୋଉ ତେବେ ଆଜି ମୁଠି ଚାଉଳ କମାଲ କଲା, ଖୁବ୍ ବଢ଼ିଆ କଥା । ସ୍ତ୍ରୀ ମିନା କହିଲେ, ଆଜି ଦିନକ ପାଇଁ ନୁହେଁ ମ, ମାସ ସାରା

Source: Author, Digitized by PPRACHIN, SOA

ଖାଇଲେ ବି ସରିବନି...!! ଏକଥା ଶୁଣି ଶାଶୂ, ଶ୍ୱଶୁର ସ୍ୱାମୀଙ୍କ ମୁହଁରେ ଆନନ୍ଦର ଲହରୀ ଝଟକି ଉଠିଲା । ସ୍ତ୍ରୀ ଙ୍କୁ ସାବାସୀ ନଦେଇ ରହି ପାରିଲେନି ଅମର ବାବୁ ।

ଏମିତି ଅସମୟରେ ମିନା ଆଜି ତା' ଜେଜେ ମାଆାକୁ ମନେ ପକାଉଛି । ତା' ଜେଜେ ମା' ଙ୍କର ପଥ ଅନୁସରଣ କରି ତା' ଭିତରେ କେମିତି ଜନ ସେବାର ଜାଗରଣ ଉଦ୍ରେକ ହୋଇଥିଲା । ତା' ମନରେ ସଂକଳ୍ପ ନେଇଥିଲା ସେ ବଡ଼ ହୋଇ ପାଠପଢି ଘର ସଂସାର କଲାପରେ ନିତି ଦିନ ମୁଠିଏ ମୁଠିଏ ମୁଠିଚାଉଳ ସଂଚୟ କରି ଦରିଦ୍ର ନାରାୟଣ ସେବା କରିବ ଏବଂ ପର ଉପକାର କରିବାରେ ନିଜକୁ ସମର୍ପି ଦେବ । ସତକୁ ସତ ତାହା ହିଁ ହେଲା ।

ମିନା ମନର ଦୃଢ଼ ସଂକଳ୍ପ ଏବେ ପୂରାହୋଇଛି ନିଜ ଚେଷ୍ଟାରେ ଏକ ସମାଜ ସେବା ସଂଗଠନ କରି ଅନ୍ୟମାନଙ୍କୁ ସେଥିରେ ସାମିଲ କରି ମୁଠିଚାଉଳ ସହିତ ନିତିଦିନ ଟଙ୍କାଟିଏ ସଂଚୟ କରି ରଖିବା ପାଇଁ ଆହ୍ୱାନ କରୁଛି । ଜୀବନକୁ ସମାଜର ସେବାରେ ଉତ୍ସର୍ଗ କରିଛି । ମିନା ସବୁଦିନ ସାଇତି ରଖୁଥିବା ମୁଠି ଚାଉଳରେ କିପରି ସମାଜର ଦରିଦ୍ର ଅବହେଳିତ ଲୋକମାନଙ୍କର ଦୁଃଖ ସୁଖରେ, ବିପଦ ଆପଦରେ ସହାୟତାର ହାତ ବଢ଼ାଇ, ଆଜି ସମସ୍ତଙ୍କ ହୃଦୟରେ ପ୍ରଶଂସାର ପାତ୍ରୀ ପାଲଟିଯାଇଛି । ପିଲାବେଳରୁ ଲେଖାଲେଖି ଆରମ୍ଭ କରିଥିବା ମିନା ଜଣେ ଭଲ ସାହିତ୍ୟିକା ଓ ସୁସଂଗଠିକା ଭାବରେ ବେଶ୍ କ୍ଷତି ସାଉଁଟିଛି । ସେଥିପାଇଁ ତାକୁ ଆଜି ଏକ ବଡ଼ ସଙ୍ଗଠନ ସମାଜସେବୀ ଭାବରେ ପୁରସ୍କୃତ କରିଛନ୍ତି ! ସେତେବେଳର ମିନା ଆଜି ମୀନକ୍ଷୀ ଦେବୀ ଭାବରେ ପରିଚିତ । ମନରେ ଚେନାଏ ଖୁସିତ ଆସିବ ନିଶ୍ଚୟ !

Source: Author, Digitized by PPRACHIN, SOA

ନିରବ ଲୋତକ

ଜିତେନ୍ଦ୍ର ବାବୁଙ୍କ ଗୋଡ଼ ଆଜି ତଳେଲାଗୁନି । ଘରେ ବନ୍ଧୁ ବାନ୍ଧବଙ୍କ ଗହଳିରେ ଘର ପୂରିଉଠୁଛି । ଗୋଟିଏ ବୋଲି ପୁଅ ଶୋମୁର ଆଜି ବାହାଘର ।

ଦୁଇ ଝିଅ ରିତା, ନିତାଙ୍କର ବାହାଘର ଆଗରୁ ସରିଯାଇଛି, ସେମାନେ ସାନଭାଇର ବାହାଘର ପାଇଁ ଦୁଇ ଭଉଣୀ ମଧ୍ୟ ଆସି ପହଞ୍ଚିଯାଇଛନ୍ତି । ବଡ଼ଝିଅ ରିତା ସୁଦୂର ଲଣ୍ଡନରେ ରହେ । ଜ୍ୱାଇଁ ସଫ୍ଟୱେର ଇଞ୍ଜିନିୟର । କୁନି ନାତୁଣୀ ଲେସେଲିକୁ ମାତ୍ର ଦୁଇବର୍ଷ । ତାକୁ ପ୍ରଥମ ଥରପାଇଁ ଦେଖି ଜିତେନ୍ଦ୍ର ବାବୁଙ୍କ ଗୋଡ଼ ତଳେ ଲାଗୁନି । କିନ୍ତୁ ବାହାଘର କାମର ବ୍ୟସ୍ତତା ଭିତରେ ନାତୁଣୀ ସହିତ ଖେଳିବାକୁ ଫୁରସତ କାହିଁ ? ମଝିରେ ମଝିରେ ତାକୁ ଟିକେ ଗେହ୍ଲାକରି ଖୁବ୍ ଆନନ୍ଦିତ ହେଉଥାନ୍ତି, ପୁଣି କାମରେ ଲାଗୁଥାନ୍ତି । ତାଙ୍କ ସାନ ଝିଅ ଜ୍ୱାଇଁ ମୁମ୍ବାଇରେ ଚାକିରି କରନ୍ତି, ମାତ୍ର ତିନିବର୍ଷ ପୂର୍ବରୁ ବାହାଘର ହୋଇଛି, ସେମାନେ ମଧ୍ୟ ଆସି ପହଞ୍ଚି ସାରିଲେଣି । ଏପରି କୋଳାହଳମୟ ଶୁଭ ମୁହୂର୍ତ୍ତରେ ଜିତେନ୍ଦ୍ର ବାବୁ କିନ୍ତୁ ଗୋଟିଏ ଅଭାବକୁ ସହି ପାରୁ ନଥାନ୍ତି, ତାଙ୍କ ସ୍ତ୍ରୀ ଶାନ୍ତିଦେବୀଙ୍କର ଅନୁପସ୍ଥିତି ।

ସେ ଅନେକ ଦିନୁ ସଂସାର ଛାଡ଼ି ଚାଲି ଯାଇଛନ୍ତି । ଯେତେବେଳେ ଶୋମୁକୁ ମାତ୍ର ୫ ବର୍ଷ ବୟସ ହୋଇଥିଲା, ବ୍ଲଡ଼କ୍ୟାନ୍ସରରେ ପୀଡିତ ହୋଇ ନିଜ ସ୍ୱାମୀ ପିଲା ସଂସାରକୁ ମଝି ଦରିଆରେ ଭସାଇ, ଶୋକ ସାଗରେ ବୁଡାଇ ଆରପାରିକୁ ଚାଲିଗଲେ । ଘରର ଯାବତୀୟ ଦାୟିତ୍ୱ ଓ ପିଲାମାନଙ୍କର ଭବିଷ୍ୟତର ବୋଝକୁ ସ୍ୱାମୀଙ୍କ ମୁଣ୍ଡ

Source: Author, Digitized by PPRACHIN, SOA

ଉପରେ ଲଦି ଶେଷ ନିଃଶ୍ୱାସ ତ୍ୟାଗ କଲେ ସିନା, ଜିତେନ୍ଦ୍ର ବାବୁ କିନ୍ତୁ ଛାତିକୁ ପଥର କରି ବାପା ଓ ମା' ଉଭୟ ଦାୟିତ୍ୱକୁ ଆକାଶ ପରି ବିଶାଳ ହୃଦୟରେ, ଧରିତ୍ରୀପରି ସର୍ବସଂହା ହୋଇ ପିଲାଙ୍କର ସବୁ ଦୁଃଖ-ସୁଖ ଭଲ-ମନ୍ଦକୁ ସହ୍ୟ କରି ଦଦରା ନାଆରେ ନାଉରୀଟି ସାଜି, ବହୁତ୍ କଷ୍ଟରେ ଉଛୁଳା ନଈରେ ପାରିହେବା ପାଇଁ ଅନେକ ସଂଘର୍ଷ କରି, ପିଲାମାନଙ୍କୁ କୂଳରେ ଲଗାଇଛନ୍ତି ।

ପିଲାଙ୍କର ଦୁଃଖ, ସୁଖ ଅଳି ଅର୍ଦ୍ଦଳିକୁ ଏକା ଏକା ବାପା ଓ ମା'ର ଭାରକୁ କାନ୍ଧରେ ବୋହି ଛୋଟରୁ ପିଲାଙ୍କୁ ବଡ଼ କରିଛନ୍ତି । ବାପା ମା' ଉଭୟଙ୍କର ସ୍ନେହ ମମତା ଭଲପାଇବା ଆଦର ଯତ୍ନ ଅଜାଡ଼ି ଦେଇ ଲାଳନ ପାଳନ କରି ଗଢି ତୋଳିବା ଓ ତାଙ୍କ ନିଜ ଗୋଡ଼ରେ ତାଙ୍କୁ ମଣିଷ କରି ଠିଆକରିବା କିଛି କମ କଥାନୁହେଁ !

ଜିତେନ୍ଦ୍ର ବାବୁ ପିଲାମାନଙ୍କୁ ତାଙ୍କ ମାଆର ଅନୁପସ୍ଥିତି କେବେବି ଅତି ଘଭୀର ଭାବେ ଅନୁଭବ କରିବାକୁ ଦେଇ ନାହାନ୍ତି । ଯାହାବି ହେଉ ବାପାଙ୍କର ସ୍ନେହ ପ୍ରେମର ସୁରକ୍ଷା ଛତାତଳେ ପିଲାମାନେ ଆଜି ବଡ଼ହୋଇ ନିଜ ଜାଗାରେ ନିଜେ ପ୍ରତିଷ୍ଠିତ । ଦୁଇ ଝିଅ ମିତା, ନିତାଙ୍କର ବାହାଘର ପରେ, ଆଜି ଏକମାତ୍ର ସାନପୁଅ ଶୋମୁର ବାହାଘର ବେଶ୍ ଧୁମ୍‌ଧାମରେ ପ୍ରସ୍ତୁତି ଚାଲିଛି, ଜିତେନ୍ଦ୍ର ବାବୁଙ୍କ ମନରେ ଅକୁହା ଆନନ୍ଦ । ମନେମନେ କେତେ କ'ଣ ଭାବୁଥାନ୍ତି ଆଉ କେଇ ଘଣ୍ଟା ପରେ ଘରକୁ ନୂଆ ବୋହୂଟିଏ ଆସିବ, ବୋହୂ କ'ଣ ଯେ' ସେ ତ ମୋ ଘରର ମୋର ଗେହ୍ଲାଝିଅ ! ଶୋମୁ ବାହାଘର ସରିଗଲେ ରିତା, ନିତା ତାଙ୍କ ନିଜ ନିଜ କର୍ମସ୍ଥଳୀକୁ ଚାଲି ଯିବେ, ମୋ ପାଖରେ ଆଉ କିଏ ଅଛି ଯେ, ଏଇତ ମୋ' ବୋହୂ ମୋ' ଘରର ଲକ୍ଷ୍ମୀ, ମୋ' ଘର ପୂରିଉଠିବ । ପୁଅ ଅଫିସ ବାହାରି ଗଲାପରେ ମୁଁ ଆଉ ସେ ଏକଲା ପଣ ଅନୁଭବ କରିବିନି । ଏମିତି କେତେ କ'ଣ କଳ୍ପନାତିତ ସ୍ୱପ୍ନର ଭାବନାରେ ଜିତେନ୍ଦ୍ର ବାବୁ ବିମୋହିତ, ଅଜସ୍ର ଆନନ୍ଦରେ ଉଲ୍ଲସିତ । ତେଣେ ଶଙ୍ଖ ହୁଳହୁଳି ଶବ୍ଦରେ ଦାଣ୍ଡ ଉଛୁଳି ପଡ଼ିଲାଣି, ବରଧରା ଆସି ଗଲାଣି, ବରକୁ ପାଛୋଟି ନେବାପାଇଁ । ଘର ପୁରୋହିତଙ୍କ ଉପସ୍ଥିତିରେ କିଛି ପୂଜାପାଠ ପରେ ବର ବାହାରିବାର ପ୍ରସ୍ତୁତି ସରିଗଲାଣି, ଏଥର ଶଙ୍ଖ ହୁଳହୁଳି, ବାଜା, ବାଣ ରୋଷଣିରେ ବର ବାହାରି ଗଲା କନିଆଘର ଅଭିମୁଖେ ।

Source: Author, Digitized by PPRACHIN, SOA

ଧୁମ୍‌ଧାମରେ ସାଙ୍ଗସାଥୀଙ୍କର ନାଚ ଗୀତ ସହ ଡିଜେ ବଜାଇ ରୋଷଣି କରି, ବର ପହଁଞ୍ଚି ଗଲା କନ୍ୟାଘରେ । ବାଟ ବରଣି ସରିଗଲା । ପୁଅର ମାମୁଁ ବେଦୀରେ ବସି ବାହାଘର କଲେ, ବାହାଘରର ଭୋଜି ଭାତ କନ୍ୟା ଘର ପକ୍ଷରୁ ବେଶ୍ ଜାକଜକମରେ ଉନ୍ନତ ଧରଣର କରା ଯାଇଥିଲା । ସ୍ୱତନ୍ତ୍ର ବରାଦ ଦିଆହୋଇ ଖାସି ମାଂସର ବ୍ୟବସ୍ଥା ହୋଇଥିଲା, ବରଯାତ୍ରୀ ଭୋଜିଖାଇ ବାହାବା କଲେ । ଯେଝା ବାଟରେ ଯିଏ ଫେରି ଆସିଲେ । ଜିତେନ୍ଦ୍ର ବାବୁଙ୍କ ଉପସ୍ଥିତିରେ ବିନା ବାଧାବିଘ୍ନରେ ବାହାଘରଟି ଖୁବ୍ ସୁରୁଖୁରୁରେ ସରିଗଲା ।

ଜିତେନ୍ଦ୍ର ବାବୁ ପୁଅ ବୋହୁଙ୍କୁ ଧରି ଘରକୁ ଆସିଲେ, ଆଉ ଦିନକ ପରେ ଚତୁର୍ଥୀ । ଜିତେନ୍ଦ୍ର ବାବୁ ମଧ ବହୁତ ଆଡମ୍ବରରେ ଭୋଜି ଭାତର ଆୟୋଜନ କରି ଥାଆନ୍ତି । ଅନେକ ଅତିଥିଙ୍କୁ ନିମନ୍ତ୍ରଣ କରିଥାନ୍ତି, କାରଣ ତାଙ୍କର କୋଳପୋଛା ଗେହ୍ଲାପୁଅ, ଘରର ଶେଷ ବାହାଘର । ପଇସାର ବି ଅଭାବ ନାହିଁ । ସମୂଦୀ ଘରୁ ଚତୁର୍ଥୀ ଭାର ଆସି ପହଞ୍ଚି ଗଲାଣି, କୌଣସିଥିରେ ଊଣା ନାହିଁ । ଘରେ ବନ୍ଧୁବାନ୍ଧବ ଭରପୂର, ସମସ୍ତେ ଦେଖି ଜିତେନ୍ଦ୍ର ବାବୁଙ୍କୁ ପ୍ରଶଂସାରେ ପୋତି ପକାଉଥାନ୍ତି । କହୁଥାନ୍ତି ଆପଣଙ୍କ ଭାଗ୍ୟ କେତେ ଉଜ୍ଜ୍ୱଳ ସତେ ଜିତେନ୍ଦ୍ର ବାବୁ ଏମିତି ସମୂଦୀ ଘର ପାଇଲେ । ଭାଗ୍ୟରେ ଥିଲେ ଏମିତି ବୋହୂ,ଏମିତି ବନ୍ଧୁଘର ମିଳେ । ସନ୍ଧ୍ୟାରେ ମଣ୍ଡପରେ ଭୋଜିର ବ୍ୟବସ୍ଥା ହୋଇଥାଏ । ନିମନ୍ତ୍ରିତ ଅତିଥିମାନେ ଆସିଗଲେଣି । ମଣ୍ଡପ ବେଦୀରେ ପୁଅ ବୋହୁଙ୍କୁ ଦେଖି ସମସ୍ତେ ଖୁବ୍ ଖୁସି । ଜିତେନ୍ଦ୍ର ବାବୁଙ୍କୁ ସମସ୍ତଙ୍କର ସେହି ଗୋଟିଏ କଥା ପୁଅ ସାଙ୍ଗକୁ ଏତେ ସୁନ୍ଦର ବୋହୂଟି ବାଛି ବାଛି ଆଣିଛନ୍ତି, ଯୋଡି ବେଶ୍ ମାନୁଛି । ଘର ଆଉ ଖାଲି ଖାଲି ଲାଗିବନି ଘର ଆପଣଙ୍କର ହସି ଉଠିବ । ଆପଣଙ୍କ ଝିଅମାନଙ୍କ ବାହାଘର ପରେ ପୂରା ଏକା ହୋଇ ଯାଇଥିଲେ । ଦୀର୍ଘ ଦିନର ଅଭାବବୋଧ ଏଥର ଦୂର ହୋଇଯିବ ନା... କ'ଣ କହୁଛନ୍ତି ଜିତେନ୍ଦ୍ର ବାବୁ ? ସାଙ୍ଗ ରବୀନ୍ଦ୍ର ବାବୁଙ୍କର କଥାଶୁଣି ଜିତେନ୍ଦ୍ର ବାବୁଙ୍କ ମୁହଁରେ ଆନନ୍ଦର ଝଲକ । ହଁ ହଁ ନିଶ୍ଚୟ । ଶେଫାଳୀ କ'ଣ ମୋର ବୋହୂ, ସେ ତ ମୋର ଗେହ୍ଲା ସବା ସାନଝିଅ ।

Source: Author, Digitized by PPRACHIN, SOA

ମୋ ପାଖରେ ଆଉ କିଏ ଅଛି ଯେ ! ସେ ମୋର ସବୁ କିଛ, ବୁଢ଼ା ବୟସରେ ସେ ହିଁ ମୋର ସାହା ଭରସା । ମୋ ସ୍ତ୍ରୀ ଶାନ୍ତି ସଂସାର ଛାଡ଼ିଗଲା ଦିନଠାରୁ ଏକାଏକା ଏତେ ଦାୟିତ୍ୱ ତୁଲାଇ ଅଣନିଃଶ୍ୱାସୀ ହୋଇଗଲିଣି, ଆଉ ପାରୁନି । ସାଙ୍ଗ ରବୀନ୍ଦ୍ର ବାବୁ, ଆଶ୍ୱାସନା ଦେଇ କହିଲେ ବୋହୂ ତ ଆସିଗଲୁଣି ଆଉ ଚିନ୍ତା କ'ଣ ? ଏଥର ଟିକେ ଆଶ୍ୱସ୍ତି ହୁଅନ୍ତୁ ଜିତେନ୍ଦ୍ର ବାବୁ । ଯାହାବି ହେଉ ବନ୍ଧୁ ବାନ୍ଧବ ଓ ନିମନ୍ତ୍ରିତ ଅତିଥିଙ୍କ ଗହଣରେ ବୋହୂର ଭୂରି ଭୂରି ପ୍ରଶଂସା ଶୁଣି, ଜିତେନ୍ଦ୍ର ବାବୁ ଆନନ୍ଦରେ ଆତ୍ମହରା । ଭୋଜି ଭାତ ସରିଗଲା, ନିଜ ନିଜ ଘରକୁ ସମସ୍ତେ ବାହୁଡ଼ି ଗଲେ । ଦୁଇ ନଣନ୍ଦ ରିତା, ନିତା ସାନ ଗେହ୍ଲେଇ ଭାଉଜ ହାତରେ ବାପାଙ୍କର ସବୁ ଦାୟିତ୍ୱକୁ ସମର୍ପି, ଭାଉଜ ଶେଫାଳୀ ଠାରୁ ବାପାଙ୍କର ଓ ଘରର ସବୁ ଦାୟିତ୍ୱ ଠିକ୍ ସେ ତୁଲାଇ ବାର ପ୍ରତିଶ୍ରୁତି ପାଇ ନିଜ ନିଜର କର୍ମସ୍ଥଳୀକୁ ଚାଲିଗଲେ । ନୂଆବୋହୂ ଟିର ଚାଲି ଚଲଣି,ବ୍ୟବହାର କାର୍ଯ୍ୟ କଳାପରେ ଜିତେନ୍ଦ୍ର ବାବୁ ବେଶ୍ ଖୁସି । ମାତ୍ର ୭ ଦିନର ରହଣି ଭିତରେ ଶ୍ୱଶୁରଙ୍କ ମନକୁ କିଣି ନେଇ ସାରିଲାଣି ସୁନା ବୋହୁ ଶେଫାଳୀ । ଜିତେନ୍ଦ୍ର ବାବୁଙ୍କ ମନରେ ଅସରନ୍ତି ଆନନ୍ଦ । ମନେମନେ ଭଗବାନ୍‌ଙ୍କୁ ଅଶେଷ ଅଶେଷ ଧନ୍ୟବାଦ ଜଣାଉଥାନ୍ତି । ପ୍ରଭୁ ଏତେ ଦିନ ପରେ ମୋର ଡାକ ଶୁଣିଛନ୍ତି । ଶେଫାଳୀ ଭଳି ବୋହୂଟିକୁ ମୋତେ ଖୁସିର ଉପହାର ଦେଇ ମୋତେ ଧନ୍ୟ କରିଛନ୍ତି ।

ଏହି ସମୟରେ ଶେଫାଳୀ ଚା' କପ୍ ସହିତ କିଛି ସ୍ନାକ୍ସ ଧରି ଆସି ପହଂଚି ଗଲା, ଆରେ ମାଆ ବସ ମୋ ପାଖରେ, ବୋହୂ ଭାରି ସନ୍ତର୍ପଣରେ ଶ୍ୱଶୁରଙ୍କ ପାଖରେ ବସିଲା, ଜିତେନ୍ଦ୍ର ବାବୁ କହିଲେ ଜାଣିଛୁ ମା' ଏତେ ଦିନ ପରେ ମୋ' ଘର ଆଜି ପୂରି ଉଠିଛିରେ....।।

ମାଆ' ତୁ ଏଥର ତୋ' ଘର ସମ୍ଭାଳେ । ତୋ' ଶାଶୂଙ୍କ ଅନୁପସ୍ଥିତିରେ, ଅନେକ ବାଧା, ବିଘ୍ନ କଷ୍ଟ ସହି ଛୁଆମାନଙ୍କୁ ମଣିଷ କରିଛି ଆଉ ପାରିବିନିରେ ମା'... ଆଜିଠୁ ଏ ଘର ତୋର, ତୁ ଯେମିତି ଭାବରେ ତୋ' ଘରର ଦେଖାଶୁଣା କରିବୁ, ମା' । ତୁ ଘରର ଝିଅ ବୋହୂ ସବୁ କିଛିର ଦାୟିତ୍ୱକୁ ଭଲ ଭାବରେ ନିଭାଇବୁ ଏ ବିଶ୍ୱାସ ମୋର ଅଛି କହି ଆଲମାରୀର ଚାବିଟି ବୋହୂ ଶେଫାଳୀର ହାତରେ ଧରାଇଦେଲେ । ଅନ୍ତରରେ ଖୁବ ଆତ୍ମସନ୍ତୋଷ ଲାଭ କଲେ... ।

Source: Author, Digitized by PPRACHIN, SOA

ଏହି ସମୟରେ ଶେଫାଳିର ବାବା' ଅର୍ଥାତ ସମୁଦୀ ବିଶ୍ୱମ୍ଭର ବାବୁଙ୍କ ପାଖରୁ ଫୋନ କଲ୍ ଆସିଲା, ଅଷ୍ଟ ମଙ୍ଗଳାକୁ ତାଙ୍କ ଘରକୁ ଝିଅଜ୍ୱାଇଁଙ୍କୁ ନିମନ୍ତ୍ରଣ କଲେ ଯିବାପାଇଁ ଜିତେନ୍ଦ୍ର ବାବୁ ହଁ ଭରିଲେ କହିଲେ ସମୁଦୀ ଏହା ତ ଆମ ବିଧି, ପରମ୍ପରା, ଯିବେନି କେମିତି ? ନିଶ୍ଚୟ ଯିବେ । ସନ୍ଧ୍ୟାରେ ତ ଫେରି ଆସିବେ ! ଯାଆନ୍ତୁ କାଲି କିଛି ଅସୁବିଧା ନାହିଁ ।

ବିଶ୍ୱମ୍ଭର ବାବୁଙ୍କ ଏକମାତ୍ର ଅଲିଅଳି ଝିଅ ଶେଫାଳୀ । ଅଷ୍ଟମଙ୍ଗଳା ଦିନ ସକାଳୁ ସକାଳୁ ତାଙ୍କ ଗାଡିଧରି ଡ୍ରାଇଭର ଆସି ପହଞ୍ଚିଗଲା । ପୁଅ-ବୋହୂ ସମୁଦୀ ଘରକୁ ଯିବାପାଇଁ ଜିତେନ୍ଦ୍ର ବାବୁ ସବୁ ବ୍ୟବସ୍ଥା କରିଦେଲେ । ନୂଆ ସମୁଦୀ, ସମୁଦୁଣୀ ପାଇଁ କେତେପ୍ରକାର ମିଠା, ଫଳମୂଳ ଆଦି ଗାଡ଼ିରେ ଲଦି ଖୁସି ଖୁସିରେ ପୁଅ ବୋହୂଙ୍କୁ ପଠାଇଲେ । ସେମାନେ ସେଠାରେ ଖାଇ ପିଇ ରାତି ସୁଦ୍ଧା ଘରକୁ ଫେରିବା କଥା । ପୁଅ ବୋହୂଙ୍କର ଫେରିବା ବିଳମ୍ବ ଦେଖି, ଜିତେନ୍ଦ୍ର ବାବୁ ସମୁଦୀ ବିଶ୍ୱମ୍ଭର ବାବୁଙ୍କୁ ଫୋନ୍ କଲେ । ବିଳମ୍ବର କାରଣ ପଚାରିଲାରୁ ସମୁଦୀ କହିଲେ, ପିଲାମାନେ ବାହାରିଥିଲେ କିନ୍ତୁ କିଛି ଜରୁରୀ କଥା ଥିବାରୁ ଅଟକାଇ ଦେଲି । ଜିତେନ୍ଦ୍ର ବାବୁ କିଛି ବୁଝି ପାରିଲେନି କି କାରଣ ମଧ୍ୟ ପଚାରିଲେନି, ଖାଲି ଭାବୁଥିଲେ କ'ଣ ହୋଇଥାଇ ପାରେ ସେ ଜରୁରୀ କାରଣ ? ଭାବିବା ଭିତରେ କେତେବେଳେ ନିଦ ଆସି ଯାଇଛି, ସକାଳୁ ଉଠି ନିତ୍ୟକର୍ମ ସାରି ଜଳଖିଆ ଖାଇ ଅପେକ୍ଷା କରିଥାନ୍ତି ଚାତକ ପରି ପୁଅ ବୋହୂଙ୍କ ଆସିବା ବାଟକୁ ।

ସମୟ ଗଡ଼ି ଚାଲିଥାଏ । କିନ୍ତୁ ପୁଅ ବୋହୂ ଆସି ଘରେ ପହଞ୍ଚିଲେ ସନ୍ଧ୍ୟାପରେ । ଜିତେନ୍ଦ୍ର ବାବୁ ଲକ୍ଷ୍ୟ କଲେ ପୁଅ ଶୋମ୍ଭୁ ମୁହଁରେ ସରସତା ନାହିଁ, ପଚାରିଲେ ଆରେ ମା' ଶେଫାଳୀ କାଲି ନଆସି ରହିଗଲ ଯେ ? ସମୁଦୀଙ୍କୁ ଫୋନ କରିଥିଲି ତୁମ ଆସିବା କଥା ପଚାରିବା ପାଇଁ କିଛି ଜରୁରୀ କାମ ଅଛି ବୋଲି କହିଲେ, କ'ଣ ସେ ଜରୁରୀ କାମ ଥିଲା ? ଏହି ସମୟରେ ପୁଅ ଶୋମ୍ଭୁ ବିଷର୍ଣ୍ଣତା ଭରା ବଦନରେ ବାପାଙ୍କ ହାତକୁ କିଛି କାଗଜ ପତ୍ର ଧରାଇ ଦେଲା । ବାପା ତନ୍ନତନ୍ନ କରି ଦେଖିନେଲେ ଆଶ୍ଚର୍ଯ୍ୟ ଚକିତ ହେଲେ, ଆରେ ଏ କ'ଣ ଆଜି ରାତି ୯.୩୦ସମୟରେ ଦିଲ୍ଲୀର ଫ୍ଲାଇଟ୍ ଟିକେଟ । ତା' ସହିତ ପୁଅ ନାଁ ରେ ଉଇଲ ହୋଇଥିବା ଦିଲ୍ଲୀର ଏକ ଫ୍ଲାଟ୍‌ର ଦଲିଲ ପତ୍ର ।

Source: Author, Digitized by PPRACHIN, SOA

ପୁଅ ଶୋମୁ ମନ ଦୁଃଖରେ ଚୁପ୍‌ଚାପ୍ ହୋଇ ବାପାଙ୍କ ପାଖରେ ଠିଆ ହୋଇଥାଏ, କାଗଜ ପତ୍ର ଭଲଭାବେ ତନଖି ଦେଖିଲା ପରେ ଜିତେନ୍ଦ୍ର ବାବୁଙ୍କ ପାଟିରେ ଆଉ ଭାଷାନାହିଁ । ପୁଅ ଶୋମୁ ଉଦାସ ମୁହଁରେ ବାପାଙ୍କୁ କେବଳ ଏତିକି କହିଲା ବାପା କ'ଣ ଭାବୁଛନ୍ତି ଆପଣ ? ମୁଁ ଆଉ ଆପଣଙ୍କ ପୁଅ ହୋଇନାହିଁ, ମୁଁ କୋଟିପତି ଶ୍ୱଶୁରଙ୍କ ପାଖରେ ବନ୍ଧା ପଡିଯାଇଛି । ସେଠୁ ଆଉ ହୁଗୁଳିବାର ବାଟ କାହିଁ ? ଯଦି ତାଙ୍କ ସର୍ତ୍ତ ନମାନୁଛି ତେବେ ସେ ତାଙ୍କ ଝିଅ ଶେଫାଳୀକୁ ଆମଘରୁ ସବୁ ଦିନପାଇଁ ନେଇଯିବେ । ତାଙ୍କର ଅତି ଅଲିଅଳି ଝିଅ ଶାଶୁ ଘରର ଚାରିକାନ୍ଥ ଭିତରେ ଆବଦ୍ଧ ହୋଇ ରହି ପାରିବନି ବାପା... !!

ବାପା ଆପଣ କୁହନ୍ତୁ ମୁଁ କ'ଣ କରିବି ? ତାଙ୍କ କଥାରେ ଯଦି ଆମେ ରାଜି ନହେବା ତେବେ ଆମେ ଲୋକହସା ହେବା । ତାଙ୍କ ଝିଅକୁ ଯଦି ସେ ନେଇଯାଆନ୍ତି ତାଙ୍କ ଘରକୁ, ଆପଣ ମୁଣ୍ଡ ଟେକି ବାଟ ଚାଲି ପାରିବେନି... !

ସତରେ ବାପା ମୁଁ ହାରିଗଲି, ହାରିଗଲି ମୁଁ.... !! ସବୁ ସ୍ୱପ୍ନ ଆପଣଙ୍କର ମାଟିରେ ମିଶିଗଲା । ଜିତେନ୍ଦ୍ର ବାବୁ, ପୁଅ ପିଠିରେ ହାତ ଥାପୁଡେଇ କହିଲେ ନା'ରେ ପୁଅ ଖୁସି ଖୁସିରେ ଦିଲ୍ଲୀ ଯାଅ, ଆଶୀର୍ବାଦ କରୁଛି ଦୁଇଜଣଯାକ ଖୁବ୍ ଖୁସିରେ ରୁହ ।

ମନର ବ୍ୟଥା ହୃଦୟର କୋହକୁ ଚାପି, ସମୁଦୀ ଘରୁ କାରରେ ପ୍ୟାକିଂ ହୋଇ ଆସିଥିବା ଜିନିଷପତ୍ର ଲଦି ପୁଅ ବୋହୂଙ୍କୁ ବିଦାୟ ଦେଲେ, ପୁଅ-ବୋହୂ ବାପାଙ୍କ ପାଦ ଛୁଇଁ ପ୍ରଣାମ କରି ଦିଲ୍ଲୀ ଅଭିମୁଖେ ଏୟାର ପୋର୍ଟକୁ ଯାତ୍ରା କଲେ । ଜିତେନ୍ଦ୍ର ବାବୁ ବେଦନା ସିକ୍ତ ନୟନରେ ଗେଟ୍ ପାଖରେ ଠିଆହୋଇ ଏକ ଲୟରେ କାରର ଗତିପଥକୁ ଚାହିଁ ରହିଥାନ୍ତି । କାରଟି ଦୃଶ୍ୟପଟରୁ ଅଦୃଶ୍ୟ ହୋଇଗଲା । ଜିତେନ୍ଦ୍ର ବାବୁ ଗେଟ୍ ତାଲାପକାଇ ଘର ଭିତରକୁ ଆସି ପାଣି ଗ୍ଲାସ୍‌ଟିଏ ପିଇ ଦୀର୍ଘ ନିଃଶ୍ୱାସଟି ଛାଡ଼ି ବିଛଣାରେ ଗଡ଼ି ପଡିଲେ । ଅନେକ ଅକୁହା ବେଦନା ମନକୁ ଛଟପଟ୍ କରୁଥିଲା । ହୃଦୟରୁ ଉଙ୍କି ମାରୁଥାଏ ଅନେକ ପ୍ରଶ୍ନ ! କିନ୍ତୁ ଉତ୍ତର ମିଳୁ ନଥାଏ । ଯନ୍ତ୍ରଣାରେ ମନ-ହୃଦୟ-ଆତ୍ମା ଏକାକାର ହୋଇଯାଉଥାଏ ଏକଲା ପଣରେ.... ! ମୁଣ୍ଡ ଉପରେ ଟଙ୍ଗା ହୋଇଥିବା ପତ୍ନୀ ଶାନ୍ତିଦେବୀଙ୍କର ଫଟୋକୁ ଆବେଗରେ ପ୍ରଶ୍ନିଳ ଢଙ୍ଗରେ ଚାହିଁ ରହିଥାନ୍ତି, ନୟନରୁ ନିରବରେ ଲୋତକ ଦୁଇବୁନ୍ଦା ଧାରଧାର ବୋହିଯାଇ ତକିଆକୁ ଓଦା କରୁଥାଏ... !

Source: Author, Digitized by PPRACHIN, SOA

ନିମ୍ବଫୁଲର ହସ

ଚୈତାଳୀ ପବନରେ ନିମ୍ବ କଢ଼ିର ମହମହ ମୃଦୁ ବାସ୍ନା ଦଲକାଏ ମଝିରେ ମଝିରେ ଝର୍କା ଫାଙ୍କରେ ଘର ଭିତରକୁ ପଶି ଆସୁଛି, ସେ ବାସ୍ନାରେ ସୁମିତ୍ରା ଦେବୀଙ୍କର ମନ ରୋମାଞ୍ଚିତ ହେଉଛି ସତ, କିନ୍ତୁ ତାଙ୍କର ଅସହାୟ ପଣ ଯେମିତି ତାଙ୍କୁ ପରିହାସ କରୁଚି, ମନେ ପଡି ଯାଉଛି, ପୁରୁଣା ଅତୀତ । ପାଖରେ ନାହାନ୍ତି ଆଜି ସ୍ୱାମୀ କିମ୍ବା ଶାଶୁ, ଶ୍ୱଶୁର । ପୂର୍ବରୁ ହରାଇ ଥିଲେ ଶାଶୂ ଶ୍ୱଶୁରଙ୍କୁ । ସେଦିନର ସେହି ଦୁର୍ଦ୍ଦିନ ବେଳ ନିଜ ଗାଁ ଭଦ୍ରକରୁ କଟକକୁ ଫେରୁଥିଲେ, ସ୍ୱାମୀ, ସ୍ତ୍ରୀ । ସୁବାଷ ବାବୁ ନିଜେ କାର ଡ୍ରାଇଭିଂ କରି ଆସୁଥିଲେ, ହଠାତ୍ ପଛରୁ ଏକ ମାଲବାହୀ ଟ୍ରକ, କାର୍ ଟିକୁ ଧକ୍କା ଦେଇ ସ୍ୱାମୀଙ୍କର ଜୀବନ ନେଇଗଲା, ହୃଦୟରେ ଏମିତି ଏକ ଦୁଃଖର କଳାଦାଗ ସବୁଦିନ ପାଇଁ ସ୍ମୃତିହୋଇ ରହିଗଲା, ସେହି କଥାକୁ ମନେ ପକାଇ ସୁମିତ୍ରା ଦେବୀ ସ୍ୱାମୀଙ୍କ ଉଦ୍ଦେଶ୍ୟରେ ଭାବୁଛନ୍ତି, ମୋତେ କାହିଁକି ଏମିତି ଅଧାମରା କରି ଅଚଳ କରି ବିଛଣାରେ ପକାଇ ଦେଇ ଗଲାଯେ, ନା ମୁଁ ମରି ପାରୁଚି ନା ମୁଁ ବଞ୍ଚି ପାରୁଛି ! ସବୁ ସେହି ଦୁର୍ଭାଗ୍ୟର ଖେଳ । କାହିଁକି ମୋର ବି ଏ ଜୀବନଟାକୁ ନେଲାନି କେଜାଣି ! କିଛି ତ କାମ କରି ପାରୁନି, ବରଂ ଅନ୍ୟମାନଙ୍କୁ ହଇରାଣ କରୁଚି । ଏମିତି ଜୀବନର ବା ମୂଲ୍ୟ କ'ଣ ? ଏମିତି ଭାବନା ଭିତରେ ବୁଡି ରହିଥାନ୍ତି ସୁମିତ୍ରା ଦେବୀ, ସ୍ୱାମୀଙ୍କର ଫଟୋକୁ ଚାହିଁ ଆଖିରୁ ବୋହି ଯାଉଥାଏ କେଇ ବୁନ୍ଦା ଲୁହ । ଯେମିତି ଏକ ଅସହାୟ ଜୀବନ ଯନ୍ତ୍ରଣାରେ ସନ୍ତୁଳି ହେଉଥାନ୍ତି ସେ ।

Source: Author, Digitized by PPRACHIN, SOA

ପୁଅ ମନୋଜ, ମା'ର ଯତ୍ନ ନେବା ପାଇଁ ରଖିଥିବା ପାର୍ଟ୍ ଟାଇମ ନର୍ସଟି ଆସି ଯାହା ଟିକେ ଦେଖାଶୁଣା କରି ଦେଇଯାଏ । ଗୋଟିଏ ବୋଲି ଗେହ୍ଲା ପୁଅ ଆଗକୁ ନା:ହିଁକି ପଛକୁ ନାହିଁ । ସେ ସକାଳ ୯ଟା ରୁ କଟକରୁ ଭୁବନେଶ୍ୱର ଯାଏ ଯେ ଅଫିସ କାମସାରି ଫେରେ ରାତି ୧୦ ଟାରେ ଘରକୁ । ମା'ର ଭଲ ମନ୍ଦ ବୁଝିବାକୁ ତା' ପାଖରେ ସମୟ ବା' କାହିଁ ? ତଥାପି ସୁମିତ୍ରା ଦେବୀ ରାତି ଖାଇବା ନ ଖାଇ ପୁଅର ଆସିବା ବାଟକୁ ଚାତକ ପରି ଚାହିଁ ରହିଥାନ୍ତି, ପୁଅ ଆସିଲେ, ପ୍ରଥମେ ମାଆଙ୍କ ରୁମ୍‌କୁଯାଏ, ବୋଉ କେମିତି ଅଛୁ ? ବୋଲି ଭଲ ମନ୍ଦ ପଚାରେ ବୋଉର ଆନନ୍ଦ କହିଲେ ନସରେ । ସେତିକିରେ ମା' ମନ ଗର୍ବରେ ଫାଟି ପଡେ ପୁଅ ବୋହୂ ଖୁସିରେ ରହିଲେ ମା' ମନ ବେଶ୍ ଖୁସି । ସବୁ ଦିନ ପରି ପୁଅ ଅଫିସରୁ ଆସିଲା ପରେ ରାତି ଖାଇବା ଖାଇ ସାରି ଶୁଅନ୍ତି, ସେଦିନ ବି ସୁମିତ୍ରା ଦେବୀ ଖାଇବା ସାରି ଶୋଇଲେ, ନିଦ କିନ୍ତୁ ଧରା ଦେଉନାହିଁ, ଆଖି ପଲକ୍ ପଡୁନି ଏମିତି ଏପଟ ସେପଟ ହୋଇ ରାତି ପାହି ଆସିଲା କାଉ କା' କା' ଡାକ ଛାଡ଼ିଲା । ସୁମିତ୍ରା ଦେବୀ ହାତ ବଢାଇ ଝରକା ଖୋଲି ବାହାରକୁ ଚାହିଁଲେ, ଆଖିରେ ପଡିଗଲା ପୁଣି ସେହି ନିମ୍ବଗଛ ତା' ଫୁଲର ସେହି ମୃଦୁମହକ । ଲାଗୁଥାଏ ସତେ ଏ ନିମ୍ବଫୁଲ ଗୁଡ଼ା ଯେମିତି ତାଙ୍କୁ ଦାନ୍ତ ନିକିଟେଇ ଖତେଇ ହୋଇ ହସୁଛନ୍ତି, ଭାରି ଇଛା ହେଉଛି, ନିମ୍ବ କଢ଼ିର ବରା ଖାଇବାପାଇଁ । ନିମ୍ବ କଢିର ବରାକଥା ମନେ ପକେଇ ପାଟିରୁ ଯେମିତି ତାଙ୍କର ଲାଳ ବୋହି ଆସୁଛି, ହେଲେ ମନର ଇଛାକୁ ମନରେ ମାରି ରଖିଛନ୍ତି । ସେଦିନ ପୁଅ ଅଫିସ ଗଲା ପରେ, ପୁଣି ସେହି ନିମ୍ବ ଗଛକୁ ଚାହିଁ, ବୋହୂ ଦୀପ୍ତିକୁ ଡାକ ଛାଡ଼ିଛନ୍ତି ଆରେ ମା' ଦୀପ୍ତି କୁଆଡେ ଗଲୁ ? ନାତୁଣୀ ଲିପ୍ସା ଦୌଡି ଆସି କହୁଛି ଜେଜିମା' କଣ ହେଲା, ମାମା ପଡିଶା ଘରକୁ ଯାଇଛନ୍ତି, କଣ ଦରକାର କହୁନ ମୋତେ, ! ! ! ଆଲୋ ନାତୁଣୀ ମୋର କ'ଣ ଦରକାର ତୋତେ କହିବି ତୁ କଣ ସେ କାମ କରି ପାରିବୁ ? ଆରେ ଜେଜି ମା' ତୁମେ ଆଗେ ମୋତେ କୁହ ତ ! ! ନା ମ କିଛି; ନାହିଁ ତୋ' ମାମା ଆସୁ । ଏଇ ଦେଖିଲୁ ଆମ ବାଡି ପାଖରେ ଯେଉଁ ନିମ୍ବ ଗଛଟି ହୋଇଛି ସେଥିରେ କେତେ ଫୁଲ ହୋଇଛି, ବାସି ମହକୁଚି । ମୋର ଭାରି ଇଛା ହେଉଛି ନିମ୍ବ କଢ଼ି ବରା ଖାଇବାକୁ ତୋ ମାମା ଯଦି ବନେଇ ଦିଅନ୍ତା, ମୁଁ ଟିକେ ଖାଇପାରନ୍ତି । କେତେ ଥର ତାକୁ କହିଲିଣି ହେଲେ ସେ କଣ ଶୁଣୁଛି ! ଦେହ ଯେତେବେଳେ ଭଲ

Source: Author, Digitized by PPRACHIN, SOA

ଥିଲା, ନିଜେ କରି ପାରୁଥିଲି, ନିଜେ ଖାଉଥିଲି, ପରିବାରଙ୍କୁ ଖୁଆଉଥିଲି, ଚୈତ୍ର ମାସ ସାରା, ନିମ୍ବ ଫୁଲ ଓ କଁଅଳ ପତ୍ରରେ କେତେ ପ୍ରକାରର ଆଇଟମ୍ କରୁଥିଲି । ମୋ ଶାଶୂଙ୍କ ଠାରୁ ଶିଖିଥିଲି, ଲିମ୍ବ କଢ଼ିରେ କେମିତି ବରା ତିଆରି ହୁଏ । ଅରୁଆ ଚାଉଳରେ କଞ୍ଚା ଆଳୁ, ଲଙ୍କା ପିଆଜ ଜିରା ପକାଇ ବାଟି ଦେଲା ପରେ ଲିମ୍ବ କଢିକୁ ସେଥିରେ ମିଶାଇ ସ୍ୱାଦ ଅନୁସାରେ ଲୁଣ ପକାଇ କଡ଼େଇ ବା ତାଓ୍ୱାରେ ତେଲ ଦେଇ ବରା ପରି ଭାଜି ଭାତ ସହ ଖାଇବାକୁ ଭାରି ଭଲ ଲାଗେ । ପାଟିକୁ ସିନା ପିତା, ଦେହ ପାଇଁ ତାର ଉପକାରିତା କହିଲେ ନ ସରେ । ପିଲା ଦିନେ ଯେତେବେଳେ ମାମୁ ଘରକୁ ଯାଉଥିଲି, ଆଈ ମୋର ନିମ୍ବ କଢି ଓ ପତ୍ରକୁ ବାଇଗଣ ଆଳୁ ଦେଇ ଭାଜନ୍ତି, ପିତା ଲାଗେ ବୋଲି ଖାଉ ନଥିଲି । ମୋ ଆଈ ରାଗି କି କହୁଥିଲେ ଆଲୋ ଖାଲୋ ଟୋକଳ, ଏତେ ଫୁଲେଇ କଣ୍ ହେଉଛି ? କାଛୁ କୁଣ୍ଡିଆ ହେବ ଯଦି ପାନେ ପାଇବୁ । କଥାରେ ପରା କହନ୍ତି-

"ଚୈତ୍ରେ ଖାଇଲେ ପିତା, ରୋଗଠୁ ହୋଇବ ଜିତା" ।

ପିଲାଦିନେ ମୋ ଜେଜେ ମା' ଙ୍କୁ ତ ଦେଖି ନଥିଲି, ମୋ ଜନ୍ମ ପୂର୍ବରୁ ମୋ ଜେଜେ ମା' ସ୍ୱର୍ଗବାସୀ ହୋଇ ଯାଇଥିଲେ, ଆଈଙ୍କ ଠାରୁ କିନ୍ତୁ ଶୁଣିଥିଲି, ସେ ଯେତେବଳେ ଛୋଟ ହୋଇଥିଲେ ଏହି ସମୟରେ ଚାରିଆଡ଼େ, ବସନ୍ତରୋଗ, ହାଡ଼ ଫୁଟି, ମିଳିମିଳା ପ୍ରବଳ ହେଉଥିଲା । ଏମିତିକି ବସନ୍ତ ରୋଗରେ କେତେ ଲୋକଙ୍କର ଜୀବନ ଚାଲିଯାଉଥିଲା । ବସନ୍ତରୋଗ ହେଲେ ଠାକୁରାଣୀ ଆସିଛନ୍ତି ବୋଲି ସେତେବେଳେ ଲୋକେ କହୁଥିଲେ । ଗାଁ ଗଣ୍ଡାରେ ତାଟି କବାଟ ପଡି ଯାଉଥିଲା । ଏବେ ସେହିସବୁ ରୋଗର ନିରାକରଣ ପାଇଁ ପ୍ରତିଷେଧକ ଟୀକାସବୁ ବାହାରିଲା । ହେଲେ ଆମ ଛୁଆଦିନେ ଏସବୁ ରୋଗ ବହୁତ ହେଉଥିଲା, ସେଥିପାଇଁ ଭାରି ଡର ଲାଗୁଥିଲା । ଜାଣିଲୁ ମା ଲିପ୍ସା ! ମୋର ମନେଅଛି, ପିଲାଦିନେ ମୁଁ ତୃତୀୟ ଶ୍ରେଣୀରେ ପଢୁଥିବା ସମୟରେ ଥରେ ମାମୁ ଘରେ ଥିଲା ଭିତରେ ମୋର କାଛୁ ହୋଇଥିଲା ମୋ ଆଈ ନିମ୍ବ ପତ୍ରରେ ଖଣ୍ଡ ହଳଦୀକୁ ବାଟି ମୋ ଦେହରେ ଲଗେଇ ଦିଅନ୍ତି, ପୁଣି ଲିମ୍ବଗଛର ଛାଲିକୁ ପାଣିରେ ସିଝାଇ କାଛୁକୁ ସେହି ପାଣିରେ ରଗଡି ଘସି ରକ୍ତ ବାହାରିବା ଯାଏ ଧୁଅନ୍ତି । କହନା ଲୋ' ମାଆକି କଷ୍ଟ । ଖାଲି କ'ଣ ମୁଁ !! ସେତେବେଳେ ସେ କାଛୁକୁଣ୍ଡିଆ ବେମାରୀ ଏତେ ମାରାତ୍ମକ ତାକୁ ଡ଼ିଆଁରୋଗ

Source: Author, Digitized by PPRACHIN, SOA

ବୋଲି କୁହାଯାଏ । ଜଣକ ଠାରୁ ଡେଇଁ ଆଉ ଜଣକୁ ବ୍ୟାପୁଥିଲା । ଏହି ନିମକଡ଼ି ପତ୍ର, ଛାଲି ସବୁଥିଲା ଏହି ରୋଗର ମହୋଷଧୀ ।

ଏମିତି ଜେଜି ମା ନାତୁଣୀ ଭିତରେ କଥା ଚାଲିଥାଏ । ବୋହୂ ଦୀପ୍ତି ଯେମିତି ପଡିଶାଘରୁ ଆସିଛି, ଝିଅ ଲିସା ସଙ୍ଗେସଙ୍ଗେ କହି ପକାଇଲା ମାମା, ମାମା ଆଛା ଜେଜି ମା'ଙ୍କ ପାଇଁ ଏହି ନିମ୍ବଗଛରୁ ଫୁଲଆଣି ବରା ଟିକେ ବନେଇ ଦେଉନା, ଜେଜି ମା' ବି ଖାଇବେ, ମୁଁ ବି ଖାଇବି । ଏ କଥା ଶୁଣି ଦୀପ୍ତି ମୁହଁକୁ ମୋଡି ଦେଇ, ହୁଁ ଯା' ମ ଏଠୁ, ପାଠ, ପଢ଼ିବୁ ବେଶୀ କହୁଚି... !

ଲିସା ବିଚାରି ତା' ମାମାକୁ ଡରି ଜେଜେ ମା'ଙ୍କ ମୁହଁକୁ ଟିକେ ଚାହିଁ ସେଠୁ ପଳେଇଗଲା । ବହି ଧରି ବସିଲା, ହେଲେ ପାଠରେ ତା'ର ମନ ଲାଗୁ ନଥାଏ । ଯୋଗକୁ ହଠାତ୍ ରାତି ଦଶଟାରେ ତା' ମାମୁଘରୁ ଫୋନ ଆସିଲା ତା' ଅଜାଙ୍କ ଦେହ ଭଲନାହିଁ । ତା' ମାମା ତାଗିତ କରି କହିଲା ଶୁଣୁ ଲିସା ମୁଁ କାଲି, ତୋ ମାମୁ ଘରକୁ ଯିବି, ସମୟ ନଷ୍ଟ ନକରି ପାଠ ପଢ଼ିବୁ । ଦୀପ୍ତି ସକାଳୁ ଉଠି ରୋଷେଇ ସାରି, ତା' ବାପାଙ୍କୁ ଦେଖିବାକୁ ଚାଲିଗଲା । ସେହି ଏକା କଟକ ସହରରେ ତା' ବାପାଙ୍କ ଘର । ଲିସା ମନରେ କେମିତି ଗୋଟେ ଖୁସି ଉଙ୍କି ମାରିଲା । କେମିତି ସେ ତା' ଜେଜେ ମାଆଙ୍କୁ ନିମ୍ବକଢ଼ିର ଭଜା ବରା ଖୁଆଇବ । ଚିନ୍ତାରେ ପଡ଼ିଲା କଣ କରିବ ଭାବି ଭାବି, ନିମ୍ବ ଗଛ ମୂଳକୁ ଗଲା ଲିମ୍ବ ଗଛକୁ । ବିକଳରେ କାକୁତି ମିନତି ହୋଇ କହିଲା ହେ ଗଛ ଟିକେ ମୋ ହାତ ପାଖକୁ ଟିକେ ଆ, ନା.. ମୁଁ ତୋତେ ହାତ ଯୋଡି ପ୍ରାର୍ଥନା କରୁଚି । ତୁ ମୋ ହାତରେ ଧରାଦେଲେ ମୁଁ କିଛି ଫୁଲ ନେଇ, ବରାକରି ମୋ ଜେଜେ ମା' ଙ୍କୁ ଖୁଆନ୍ତି । ଆଶ୍ଚର୍ଯ୍ୟ କଥା ! ଏହି ସମୟରେ କେଉଁଠି ଥିଲା କେଜାଣି ହଠାତ୍ ଏକ ମାଙ୍କଡ ଲଥକିନା ଏତେ ଜୋର୍‌ରେ ଗଛ ଉପରେ ବସି ପଡ଼ିଲା ଯେ ନିମ୍ବଗଛରୁ ଡାଳଟେ ଭାଙ୍ଗି ତଳେ ପଡିଗଲା । ସତେ ଯେମିତି ପ୍ରକୃତିରାଣୀ କୁନି ଝିଅଟିର ବିକଳ ଡାକ ଶୁଣିପାରି ମାଙ୍କଡ଼ ରୂପରେ ଆସି ଡାଳଟିଏ ଭାଙ୍ଗି ଦେଇଗଲା । ଯାହାବି ହେଉ, ଲିସା ମନରେ ଅସରନ୍ତି ଖୁସି । ସେହି ଡାଳରୁ ଫୁଲ ପତ୍ର ତୋଳି ଘରକୁ ଆଣିଲା, ରୋଷେଇ ଘରକୁ ଯାଇ ତା' କାମରେ ସେ ଲାଗିପଡ଼ିଲା । ଇଛା ଥିଲେ ଉପାୟ ନିଶ୍ଚୟ ଆସେ । ମାତ୍ର ଷ୍ଟାଣ୍ଡଡ୍ ଥ୍ରୀରେ ପାଠ୍ ପଢୁଥିବା ଲିସାର ବୁଦ୍ଧି, ତା' ଗଭୀର ଚିନ୍ତନ, ଅନ୍ୟର ହୃଦୟକୁ ବୁଝି ପାରିବାର କଳାକୁ ଯଦି ବଡ଼

Source: Author, Digitized by PPRACHIN, SOA

ମାନେ ହୃଦୟଙ୍ଗମ କରି ପାରିବେ ବାସ୍ !!! ତା' ଜେଜି ମା'ଙ୍କର ମନକୁ ପଢି ପାରିଥିବା ସମ୍ପର୍କର ମୂଲ୍ୟବୋଧତାକୁ ପରଖି ପାରିଥିବା ଏହି ଛୋଟିଆ ଝିଅଟି ଯେତେବେଳେ ପ୍ଲେଟ୍‌ରେ ନିମ୍ବ ଫୁଲର ଭଜା ବରାଧରି ସୁମିତ୍ରାଦେବୀଙ୍କ ପାଖରେ ବସିପଡ଼ିଲା ଓ ବରାରୁ ଖଣ୍ଡେ ଭାଙ୍ଗି ତାଙ୍କ ପାଟିରେ ପୂରାଇ ଦେଇ ହସିହସି କହିଲା ଜେଜି ମା', ତୁମ ହାତ ନିମ୍ବବରା ଟେଷ୍ଟ, ନା ମୋ ହାତ ବରା ? ଖାଇକି ଦେଖିଲ !! ସୁମିତ୍ରା ଦେବୀ, ନାତୁଣୀ ଲିସାର ଏପରି ଆକସ୍ମିକ ଅବିଶ୍ୱସନୀୟ କାରଣରେ ବିମୋହିତ ହୋଇଗଲେ ତାଙ୍କ ଅଜାଣତରେ, ନିରୁତାର ଛଳଛଳ ଅମାନିଆ ଆନନ୍ଦାଶ୍ରୁ ଦୁଇବୁନ୍ଦା ଚିବୁକର ଦୁଇଧାରେ ବୋହିଗଲା । ସ୍ନେହରେ ଲିସାର ମୁଣ୍ଡରେ ହାତରଖି ଆଦରରେ ତାକୁ କୋଳେଇ ନେଲେ ଓ ପଚାରିଲେ ସତରେ ଲିସା ତୁ ଏ ବରା କରିଛୁ ? ହଁ ଜେଜେ ମା' ତୁମର କଣ ତୁମ ନାତୁଣୀ ଉପରେ ବିଶ୍ୱାସ ହେଉନି ? ହଁ ରେ ମା ବିଶ୍ୱାସ କାହିଁ ହେବନି ! ଏ ତ ଖାଲି ନିମ୍ବ ଫୁଲର ପିଠା ବରା ନୁହେଁ ମୋ ରକ୍ତ କଣିକାରୁ ତିଆରି ହୋଇଥିବା ସମ୍ପର୍କର, ବିଶ୍ୱାସର ସେହି ଅମୃତ ହାତର ମଧୁ ପରଶ ! ଲିସା କ'ଣ ବୁଝିଲା କେଜାଣି, ତା'ର ଖୁସି କହିଲେ ନ ସରେ ....!

ତା'ର କୋମଳମତି ଚୁଲିବୁଲିପଣ ଭିତରେ ସେ ହଜିଗଲା, ମଜ୍ଜିଗଲା ମନ ଆନନ୍ଦରେ ଘେରାଏ ନାଚି ନାଚି ଗୀତର ସ୍ୱରରେ କହି ପକାଇଲା ମୋତେ ବି ରୋଷେଇ ଆସେ, ମୋତେ ବି ରୋଷେଇ ଆସେ । ମୋ ଜେଜେ ମା' ଦି ଗ୍ରେଟ୍ । ଜେଜେ ମା' ଶୁଣ ତୁମେ ସିନା ତୁମ ବାହାଘର ପରେ ତୁମ ଶାଶୂଙ୍କ ଠାରୁ ନିମ୍ବବରା ଶିଖିଥିଲ, ମୁଁ କିନ୍ତୁ.... ସୁମିତ୍ରାଦେବୀ କଥା ଅଟକାଇ ହସି ହସି ମଜାକରି କହିଲେ, ମୋ ନାତୁଣୀ ତ ଶାଶୂଘର ଯିବାପୂର୍ବରୁ କେଡେ ସୁନ୍ଦର ରୋଷଇ କରି ଶିଖିଲାଣି ।

ହଁ ଜେଜେ ମା' ତୁମପାଇଁ ହିଁ ସମ୍ଭବ ହେଲା । ମୁଁ ବି ତୁମ ଠାରୁ ଶୁଣି ସେମିତି ଶିଖିଗଲି । ସୁମିତ୍ରା ଦେବୀ ନାତୁଣୀର କଥା ଶୁଣି ତାଙ୍କ ଆଖିରୁ ଆନନ୍ଦର ଅଶ୍ରୁ ବୁନ୍ଦା ବୋହିଗଲା । ପୁଲକିତ ନୟନରେ ତାକୁ ପୁଣି ଥରେ ଅତି ଆଦରରେ ନିଜ ଛାତି ପାଖକୁ ଆଉଜାଇ ନେଲେ ଲିସାର ମୁଣ୍ଡରେ ହାତରଖି ଅସରନ୍ତି ଆଶୀର୍ବାଦ ଅଜାଡି ଦେଲେ ଓ ଝରକା ବାଟେ ସେ ନିମ୍ବ ଗଛକୁ ଚାହିଁ ଅନୁଭବ କରୁଥିଲେ, ସତରେ... ନିମ୍ବ ଗଛରେ ଥିବା ଫୁଲମାନେ ଯେମିତି ଖୁସିରେ ଖିଲିଖିଲି ହୋଇ ହସି ଉଠୁଛନ୍ତି......!!!

Source: Author, Digitized by PPRACHIN, SOA

ଯୋଡ଼ି ବଣି

ସନ୍ଧ୍ୟା ସମୟ, ରୀତାଦେବୀ ଠାକୁର ଘରେ ଆଳତୀ କରୁ ଥାନ୍ତି, ହଠାତ୍ ଫୋନର ଘଣ୍ଟି ବାଜି ଉଠିଲା । ରୀତା ଦେବୀଙ୍କର ସ୍ୱାମୀ ଶ୍ରୀକାନ୍ତ ବାବୁ ଫୋନ୍ ଉଠାଇ ହ୍ୟାଲୋ କହିବା ମାତ୍ରେ ପୁଅ ଚିନ୍ମୟ ନମସ୍କାର ଜଣାଇ କହିଲା ବାବା ! ମା' ନାହାନ୍ତି କି ? ମା'ଙ୍କୁ ଟିକେ ଫୋନ ଦିଅନ୍ତୁ, ମା'ଙ୍କ ସହିତ କଥାଅଛି । ଶ୍ରୀକାନ୍ତ ବାବୁ ଡାକ ଛାଡିଲେ ଆରେ ରୀତା କୁଆଡେ ଗଲ ଚିନ୍ମୟ ଫୋନ କରିଛି ଆସ । ରୀତାଦେବୀ ତରତର ହୋଇ ପୂଜାଘରୁ ଧାଇଁ ଆସିଲେ, ଫୋନ ଧରି ହଁ ବେଟା କହ । ପୁଅ ସେପଟୁ କହି ଉଠିଲା ମାମା ଶୁଣ, ବାବା ଆଉ ତୁମେ ଦୁଇ ଜଣଯାକ ବାଙ୍ଗାଲୋର ଆସିବ, ମୁଁ ଫ୍ଲାଇଟ ଟିକଟ ଆଜି କରିଦେଇଛି, ଆସନ୍ତା ରବିବାର ଦିନ ୨ଟାରେ ଫ୍ଲାଇଟ ଅଛି । ରିତାଦେବୀ ଏକଥା ଶୁଣି ଆଶ୍ଚର୍ଯ୍ୟ ହୋଇଗଲେ ଆରେ ବେଟା ଆମକୁ ନ ପଚାରି ଟିକେଟ କାଟି ସାରିଲୁଣି ? ହଁ ମାମା ମୁଁ ତୁମକୁ ସରପ୍ରାଇଜ ଦେବାପାଇଁ ଟିକଟ କରିଦେଇଛି । ପ୍ଲିଜ ମାମା ! ବାବାଙ୍କର ତୁମର ଆସ ମୁଁ ତୁମକୁ କେବେ ଠାରୁ ଦେଖିନି ଦେଖିବାକୁ ଭାରି ଇଚ୍ଛା ହେଉଛି, ଆସିଲେ ନା ତୁମ ପାଇଁ ସରପ୍ରାଇଜ ରହିଛି । ଭାରି ଅନୁନୟ ହୋଇ କହିଲା ଚିନ୍ମୟ, ହଉ ହେଲା ବେଟା, ତୁ ତ ଟିକେଟ କରି ସାରିଲୁଣି ଆମକୁ ନଯାଇ ବାଟ କାହିଁ ଯେ ! ଆମେ ନିଶ୍ଚୟ ଯିବୁ । ଆଉ ମାତ୍ର ତିନିଦିନ ଅଛି, ତେଣୁ ରୀତାଦେବୀ ବାଙ୍ଗାଲୋର ଯିବାପାଇଁ ପ୍ରସ୍ତୁତିରେ ଲାଗି ପଡିଲେ ଧୀରେ ସମୟ ପାଖେଇ ଆସିଲା ରାତି ପାହିଲେ ରବିବାର, ରୀତା ଦେବୀଙ୍କ

Source: Author, Digitized by PPRACHIN, SOA

ଗୋଡତଳେ ଲାଗୁ ନଥାଏ । ସବୁ ପ୍ୟାକିଂ କରିସାରି ରାତିରେ ଶୋଇପଡିଲେ । ସକାଳୁ ସକାଳୁ ଶ୍ରୀକାନ୍ତ ବାବୁ ରୀତାଦେବୀଙ୍କୁ ନିଦରୁ ଉଠାଇ କହିଲେ ଜଲଦି ଜଲଦି କାମସାର ରୀତା, ଏୟାରପୋର୍ଟ ଦୁଇ ଘଣ୍ଟା ପୂର୍ବରୁ ଶୀଘ୍ର ଯିବାକୁ ପଡିବ । ହଁ ମ ଶୁଣ ! ଚିନୁ ଆମର ଭାରି ଭଲପାଏ କାକରା ପିଠାକୁ ତ ଅଳ୍ପ କିଛି ବନେଇ ଦିଏ ନେଇ ଯିବା ତା' ପାଇଁ । ହଉ ଠିକ୍‌ଅଛି, ତେବେ ବନେଇ ଦିଅ, ମା' ତା'ର ପୁଅ ପାଇଁ ପିଠା କରିନେବ ମୁଁ କ'ଣ ମନା କରିପାରିବି, ଏ କ'ଣ ଠିକ୍ କଥା ! କହି ସ୍ମିତହାସ୍ୟଟିଏ ଦେଲେ ଶ୍ରୀକାନ୍ତ ବାବୁ । ରୀତାଦେବୀ ଏଇ ମଉକାରେ ଟିକେ ଗେହ୍ଲେଇ ହୋଇ କହିଲେ ହେଇଟି ଶୁଣମ ଟିକେ ମୋତେ ହେଲ୍ପ କରନା ! ଶ୍ରୀକାନ୍ତ ବାବୁ କହିଲେ ଆଛା କ'ଣ ହେଲ୍ପ ଦରକାର ? ହଁ ମ ସକାଳୁ ଉଠି ହାତ ଗୁଡା ଭାରି ଦରଜ ମୁଠେଇ ହେଉନି, ତୁମେ ଟିକେ ନଡ଼ିଆ କୋରି ଦିଅ ତ ! ମୁଁ ଯନ୍ତୁଣି କରିଦିଏ ଜଲଦି ପିଠା ହୋଇଯିବ । ସ୍ୱାମୀ ମୁରୁକି ହସାଟିଏ ଦେଇ କହିଲେ ହଉ ବାବା ବ୍ୟସ୍ତନାହିଁ, ଏଇ ଗୋଟେ କଥା ! ଗୋଟିଏ ବୋଲି ପତ୍ନୀ ମୋର, ତାଙ୍କ କଥା ମାନିବି ତ କେମିତି ହେବ ! ନିହାତି ନଡ଼ିଆ କୋରାରେ ସାହଯ୍ୟ କରିବି ନା ! ପତି ପତ୍ନୀଙ୍କ ଭିତରେ ଏମିତି ସ୍ନେହ ସରାଗ ପୂର୍ଣ୍ଣ କଥାବାର୍ତ୍ତା ରିତିମତ ଚାଲେ । ଏହି ତ ସ୍ୱାମୀ ସ୍ତ୍ରୀଙ୍କ ଭିତରେ ଅଗାଧ ପ୍ରେମର ନିଦର୍ଶନ । ପରସ୍ପର ଭିତରେ ବୁଝାମଣାର ଜୀବନ । ଏଇ ବୁଝାମଣାରେ ଜୀବନ ହୋଇ ଉଠେ ସରସ ସୁନ୍ଦର ମଧୁମୟ । ଖାଲି ଆଜି ନୁହେଁ ଅନେକ ସମୟରେ, ଶ୍ରୀକାନ୍ତ ବାବୁ ରିତାଙ୍କୁ ରୋଷଇରେ ସାହାଯ୍ୟ କରନ୍ତି, ବେଳେବେଳେ ଶାଗବଛା, ପରିବା କଟା, ରସୁଣରୁ ଚୋପା ଛଡେଇବା କାମ ମଧ କରି ଦିଅନ୍ତି, ଘରକୁ ଯେବେ ମାଂସ ଆସେ, ଶ୍ରୀକାନ୍ତ ବାବୁ ସେଦିନ ରାନ୍ଧିବେ ହିଁ ତ ରାନ୍ଧିବେ । ସେଦିନ ସ୍ତ୍ରୀ ଯୋଗାଡ଼ିଆ ହୁଅନ୍ତି, ସ୍ୱାମୀ ରାନ୍ଧନ୍ତି । ଏହିପରି ସ୍ୱାମୀ ସ୍ତ୍ରୀଙ୍କ ଭିତରେ ମଧୁର ସମ୍ପର୍କ । ବେଶ୍ ସୁଖ ଶାନ୍ତିରେ କଟେ ଜୀବନ ।

ତେଣୁ ଆଜି ରୀତା ଦେବୀଙ୍କ ସ୍ନେହପୂର୍ଣ୍ଣ ଅର୍ଡରରେ ଶ୍ରୀକାନ୍ତ ବାବୁ କାଳବିଳମ୍ବ ନକରି ନଡ଼ିଆ କୋରିଦେଲେ । କାକରା ପିଠା ତିଆରି ସରିଗଲା । ସମସ୍ତ ନିତ୍ୟକର୍ମ ସାରି ବାହାରି ପଡିଲେ ସ୍ୱାମୀ ସ୍ତ୍ରୀ ଦୁହେଁ । ଡ୍ରାଇଭର ଗାଡ଼ି ବାହାର କଲା ଦୁଇ ଘଣ୍ଟା ପୂର୍ବରୁ ଏୟାରପୋର୍ଟରେ ପହଂଚିବାର ଅଛି । ସ୍ୱାମୀ ସ୍ତ୍ରୀ ପ୍ରସ୍ତୁତି ହୋଇ, ଘରର

Source: Author, Digitized by PPRACHIN, SOA

ଲାଇଟ, ଫ୍ୟାନ ସବୁ ବନ୍ଦକରି ଘର ତାଲାପକାଇ ଜିନିଷ ପତ୍ର ଧରି ଦୁହେଁ ଗାଡ଼ିରେ ବସିଲେ । ଗାଡି ଚାଲିଲା ଆଗକୁ । ହଠାତ ଗୋପବନ୍ଧୁ ଛକ ପୂର୍ବରୁ ରାସ୍ତାରେ ଜମା ହୋଇଥାନ୍ତି ଲୋକ ରାସ୍ତା ପୂରା ଜାମ୍ । ଗାଡ଼ି ଆଗକୁ ନଯିବାର କାରଣ କ'ଣ ଜାଣିବାକୁ ଶ୍ରୀକାନ୍ତ ବାବୁ ଗାଡ଼ିରୁ ଓହ୍ଲାଇ ଦେଖିବାକୁ ଗଲେ ଯାହା ଦେଖିଲେ ସ୍ତମ୍ଭିଭୁତ ହୋଇଗଲେ । ତଳେ ପଡିଛି ଲହୁ ଲୁହାଣ ହୋଇ ଜଣେ ସ୍ତ୍ରୀଲୋକ ମୁଣ୍ଡ ପୂରାମାଡ଼ ହୋଇଯାଇଚି ସ୍ତ୍ରୀ ଲୋକଟି ଚିହ୍ନା, ଚିହ୍ନା ଲାଗୁଛି, କିନ୍ତୁ ଶ୍ରୀକାନ୍ତ ବାବୁଙ୍କର ସ୍ମରଣ ଭିତରକୁ ହଠାତ ଆସୁନାହିଁ । ସଂଗେ ସଂଗେ ଦୌଡ଼ି ଆସି ରୀତାକୁ ଡାକିଲେ । ରୀତା ଗାଡ଼ିରୁ ବାହାରି ଆସିଲେ ଦେଖି ଆଶ୍ଚର୍ଯ୍ୟ ହେଲେ, କୋହ ସମ୍ଭାଳି ପାରିଲେନି, ଆରେ ଏ ତ ମୋ ପିଲାଦିନର ସାଙ୍ଗ ଅଳକା । ବ୍ୟସ୍ତହୋଇ ପଡିଲେ ରୀତାଦେବୀ । ଯାହାହେଉ ଠିକ୍ ସମୟରେ ଆମ୍ବୁଲାନ୍ସ ଆସି ପହଂଚିଗଲା । ତୁରନ୍ତ ସମ୍ ହସ୍ପିଟାଲରେ ଅଳକାକୁ ଆଡ଼ମିଶନ କରାଗଲା । ସ୍ୱାମୀ ସ୍ତ୍ରୀ ଆଉ ଏୟାରପୋର୍ଟ କଣ ଯିବେ ! ସେ ବି ଆମ୍ବୁଲାନ୍ସ ପଛେ ପଛେ ହସ୍ପିଟାଲକୁ ଗଲେ । ଅଳକାର ମୁଣ୍ଡ ଫାଟି ପ୍ରଚୁର ରକ୍ତସ୍ରାବ ହେଲା ପରେ ତା'ର ସେନସ୍ ନଥାଏ । ଡାକ୍ତର କହିଲେ ବ୍ଲଡ଼ ଦେବାର ଆବଶ୍ୟକତା ପଡୁଛି । କ'ଣ କରାଯିବ ତେଣୁ ହସ୍ପିଟାଲର ନିୟମ ଅନୁସାରେ ବ୍ଲଡ଼ ବଦଳରେ ବ୍ଲଡ଼ ଦିଆଯିବ ତେଣୁ ଶ୍ରୀକାନ୍ତବାବୁ ଓ ରୀତାଦେବୀ ବ୍ୟସ୍ତ ହୋଇ ପଡୁଥାନ୍ତି କ'ଣ କରିବେ ବୋଲି ଚିନ୍ତା କରୁଥାନ୍ତି ତେଣେ ଫ୍ଲାଇଟ ଟାଇମ ହୋଇଗଲାଣି ।

ଡାକ୍ତର ଆସି କହିଲେ ବ୍ଲଡ଼ ଦେବାର ବ୍ୟବସ୍ଥା ଶୀଘ୍ର କରନ୍ତୁ ଅଳକା ଦେବୀଙ୍କର ପଜିଟିବରେ କାହାର ବ୍ଲଡ଼ ମ୍ୟାଚ୍ କରୁଛି ଦେଖନ୍ତୁ ସଂଗେ ସଂଗେ ରୀତା ଦେବୀ କହିଲେ ମୋର ତ ବି-ପଜିଟିବ୍ । ତେଣୁ ମୁଁ ବ୍ଲଡ଼ ଦେବି କିଛି କଥା ନାହିଁ ତୁରନ୍ତ ମୋ ଠାରୁ ବ୍ଲଡ଼ ନିଅନ୍ତୁ ରୀତା ଦେବୀ ବ୍ଲଡ ଦେବାପାଇଁ ବେଡ଼କୁ ଗଲେ ଶ୍ରୀକାନ୍ତ ବାବୁ ବାର ବାର ଘଣ୍ଟାକୁ ଚାହୁଁଥାନ୍ତି ତେଣେ ଫ୍ଲାଇଟ ଟାଇମ ଅତିକ୍ରାନ୍ତ କରି ଗଲାଣି ଆଉ ବାଙ୍ଗାଲୋର ଆଜି ଯାଇ ହେବନାହିଁ ।

ତେଣେ ପୁଅ ଠିକ୍ ଟାଇମରେ ବାଙ୍ଗାଲୋର ଏୟାରପୋର୍ଟରେ ପହଞ୍ଚି ଦେଖେ ତ ଫ୍ଲାଇଟରେ ବାପା ମା' ଆସି ନାହାନ୍ତି । ବାପାଙ୍କ ପାଖକୁ ଫୋନ କଲାରୁ ବାପା ସବୁକଥା ପୁଅ ଚିନ୍ମୟକୁ କହିଲେ, ଚିନ୍ମୟ ବାବା ମା' ଯାଇ ନାହାନ୍ତି ବୋଲି ମନ ଦୁଃଖ

Source: Author, Digitized by PPRACHIN, SOA

ପରିବର୍ତ୍ତେ ତା' ବାବା ମା'ଙ୍କର ଏ ମହାନ କାର୍ଯ୍ୟପାଇଁ ଖୁବ୍ ଖୁସି ହେଲା ଓ ତା' ମା' ରୀତାଦେବୀଙ୍କୁ ପ୍ରଶଂସା କରି ତା ବାବାଙ୍କୁ କହିଲା ବାବା my mama is the great । ତେଣେ ଅଳକାଙ୍କ ମୁଣ୍ଡରେ ଷ୍ଟିଚ ପଡିଛି, ଅଳକା ବ୍ଲଡ୍ ନେଇ ଚିକିତ୍ସିତ ହେଲା ପରେ ଅଳକାର ସେନସ୍ ଆସିଲାଣି । ହଠାତ କିଛି ବୁଝିପାରିଲା ନାହିଁ, ତା' ପିଲା ଦିନର ସାଙ୍ଗ ରୀତାକୁ ନିଜ ପାଖରେ ଓ ଏମତି ଅବସ୍ଥାରେ ଦେଖି ଆଶ୍ଚର୍ଯ୍ୟ ହୋଇଗଲା । ସବୁକଥା ସାଙ୍ଗ ରୀତାଠୁ ଜାଣିଲା ଏତେ କଷ୍ଟ ଭିତରେ ବି ଖୁସି ହେଲା । ତା' ବାହାଘର ପରଠାରୁ ଆଜିଯାଏ କେବେ ଆଉ ଦେଖା ହୋଇ ନଥିଲା ଦୁଇ ଜଣଙ୍କର । କିନ୍ତୁ ରୀତା ତା' ବାହାଘର ପରେ ଭୁବନେଶ୍ୱରରେ ରହିଲେ ବି ଅଳକା ବାହାଘରକୁ ଗାଆଁକୁ ଯାଇଥିଲେ ଶ୍ରୀକାନ୍ତ ବାବୁଙ୍କୁ ସାଙ୍ଗରେ ନେଇ । ସେବେଠାରୁ ଶ୍ରୀକାନ୍ତ ବାବୁ ଅଳକା ସହିତ ପରିଚିତ ଥିଲେ । ତା'ପରେ ଆଉ ଆଜିଯାଏ ଦେଖା ହୋଇ ନଥିଲା । ତେଣୁ ଆଜି ଏମିତି ବିପଦରେ ଏମତି ସଂଯୋଗ । ଆକ୍ସିଡେଣ୍ଟର ଯନ୍ତ୍ରଣା କଷ୍ଟକୁ ଅଳକା ନଜର ଅନ୍ଦାଜ କରି ରୀତା ସହିତ ପିଲାଦିନର ସବୁ ସ୍ମୃତିକୁ ଗୋଟି ଗୋଟି ମନେପକାଇ ଖୁସିରେ ଆତ୍ମହରା ହୋଇ ଯାଉଥାନ୍ତି ଦୁହେଁ । ପିଲାଦିନେ (ଗୋଟିଏ ଗାଁ କିନ୍ତୁ ଦୁଇ ସାହିର ଝିଅ) ଏତେ ଦୁଇ ଜଣଯାକ ସାଙ୍ଗ ହେଉଥିଲେ ଯେ କେହି କାହାକୁ ଘଡିଏ ଛାଡୁ ନଥିଲେ । ଏକାଠି ଖାଇବା ପିଇବା ଖେଳିବା, ବସିବା ଉଠିବା, ଏମିତି ଚାଲିଥିଲା ଯେ ଗାଁ ଲୋକେ ଦୁଇ ଜଣଙ୍କୁ ଯୋଡିବଣି ବୋଲି କହୁଥିଲେ ।

ରୀତାର ବିବାହ ହେଲାପରେ ଶ୍ରୀକାନ୍ତ ବାବୁଙ୍କ ସହ ଭୁବନେଶ୍ୱରରେ ରହୁଛନ୍ତି ଦୀର୍ଘ ୩୦ ବର୍ଷ ହେଲାଣି । କିନ୍ତୁ ଅଳକା ବିବାହ କରିଥିଲେ ଗାଁରେ ଏକ ସମ୍ଭ୍ରାନ୍ତୀୟ ପରିବାରରେ । ସ୍ୱାମୀ ସେତେବେଳେ ସରପଞ୍ଚ ଥିଲେ । ତେଣୁ ଅଳକା ଗାଁରେ ରହୁଥିଲେ । ଏବେ ତାଙ୍କ ପୁଅ ସାନୁ ଭୁବନେଶ୍ୱରରେ ଚାକିରୀ କରିଛି, ଅଳକା ତାଙ୍କ ପୁଅ ପାଖରେ ଏକ ଭଡାଘରେ ରହୁଛନ୍ତି ଏବଂ ଝିଅମାନୁ ଏମ ବିଏ କରି ସାରି ଓଡିଶା ବାହାରେ ଚାକିରି କରୁଛି । ଅଳକା ସ୍ୱାମୀ ଗାଁରେ ଭାରି ପ୍ରତିଷ୍ଠିତ । ରାଜନୀତିରେ ସକ୍ରିୟ । ଗାଁରେ ଜମିବାଡ଼ି ଦେଖାଶୁଣା ସହିତ ଲୋକମାନଙ୍କର ଭଲମନ୍ଦ ବୁଝନ୍ତି । ଗାଁରେ ରୁହନ୍ତି । ପୁଅ, ଝିଅ ବାହାରେ ଚାକିରି କରନ୍ତି, ପୁଅ ଭୁବନେଶ୍ୱରରେ ତେଣୁ ପୁଅ ପାଖରେ ଅଳକା ଏବେ ରହୁଛନ୍ତି । ପୁଅ ମେଡ଼ିସିନ ରିପ୍ରେଜେଣ୍ଟେଟିବ ଭାବରେ

Source: Author, Digitized by PPRACHIN, SOA

ତାକୁ ଓଡିଶାର ଅନେକ ଜାଗାକୁ ଯିବାକୁ ପଡେ । ସେଦିନ ସେ ତା' ଅଫିସ କାମରେ ବ୍ରହ୍ମପୁର ଯାଇଥିଲା ।

ଅଳକା ଘରପାଇଁ କିଛି ଜରୁରୀ ସଉଦାପତ୍ର ଆଣିବାପାଇଁ ରାସ୍ତାରେ ଚାଲିଚାଲି ଯାଉଥିଲାବେଳେ ଏପରି ଅକସ୍ମାତ ଦୁଃର୍ଘଟଣା ଘଟିଲା । ସଂଯୋଗବଶତଃ ରୀତାଦେବୀ ଶ୍ରୀକାନ୍ତ ବାବୁଙ୍କ ସାମ୍ନାରେ ହିଁ ଏପରି ହେଲା । ସବୁ ପଛକଥା ଏବଂ ଅଳକା ଜୀବନର ସବୁ କାହାଣୀ ଅଳକା ମୁହଁରୁ ଶୁଣିଲେ, ବର୍ତ୍ତମାନ ଭୁବନେଶ୍ୱରରେ ସେ ରହୁଛନ୍ତି ଜାଣି ଖୁସି ହେଲେ । ପୁଅ ସାନୁ ମା଼ଆଙ୍କର ଏପରି ଦୁର୍ଘଟଣା ବିଷୟରେ ଜାଣି ବ୍ରହ୍ମପୁରରୁ ଆସି ସମ୍‌ହସ୍ପିଟାଲରେ ପହଁଚିଲା ସବୁକଥା ଜାଣି ମଥାନତ କରି ଛଳଛଳ ଭାବରେ କୃତଜ୍ଞତା ଜ୍ଞାପନ କଲା ଶ୍ରୀକାନ୍ତ ବାବୁ ରୀତା ଦେବୀଙ୍କ ସମ୍ମୁଖରେ । ଏପରି ଖବର ପାଇ ଅଳକାଙ୍କ ସ୍ୱାମୀ ମଧ ଆସି ପହଞ୍ଚି ଯାଇଥାନ୍ତି ହସ୍ପିଟାଲରେ । ସେ ଖୁବ୍ ପ୍ରଶଂସା କଲେ, ଧନ୍ୟବାଦ ଜଣାଇଲେ ବନ୍ଧୁ ପତିପତ୍ନୀଙ୍କୁ । କହିଲେ ଆପଣଙ୍କ ପାଇଁ ଆଜି ମୋ ସ୍ତ୍ରୀ ଅଳକା ନୂତନ ଜୀବନ ପାଇଲେ, ମୁଁ ଆଉ ଆମ ପରିବାର ଆପଣଙ୍କ ପାଖରେ ଚିରଋଣୀ ।

ଏପରି ଦୁର୍ଘଟଣା ସମୟରେ ଦୁଇବାନ୍ଧବୀଙ୍କ ଅପୂର୍ବ ସଂଯୋଗ । ପିଲାଦିନର 'ଯୋଡ଼ିବଣି' ପୂର୍ବ ସମୟର ସବୁ ସ୍ମୃତିକୁ ସାଉଁଟି ଦୁହେଁ ଖୁସିରେ ଆତ୍ମହରା ହେଲେ । ଶ୍ରୀକାନ୍ତ ବାବୁ, ଅଶୋକ ବାବୁ ଦୁହେଁ ପାଖରେ ବସି ସବୁ ଶୁଣି ଶୁଣି ଶେଷରେ କହିଲେ ଆରେ ତୁମେ ଯୋଡି ବଣି ଗପୁଥାଅ । ଆମେ ଯାଉଛୁ ବାହାରୁ ଟିକେ ଚା' ପିଇ ଆସିବୁ ଏହା କହି ସ୍ମିତହାସ୍ୟ ଦେଇ ଉଠି ଚାଲିଗଲେ । ଅଳକା ଓ ରୀତା ହାସ୍ୟ ଲାସ୍ୟ ବଦନରେ ସ୍ୱାମୀମାନଙ୍କ ମୁହଁକୁ ଚାହିଁ ରହିଥିଲେ ।

ପୁଣି କିଛି ମାସ ପରେ... ପୁଅ ଚିନ୍ମୟ ବାପା ମାଆଙ୍କୁ ବାଙ୍ଗାଲୋର ଯିବା ପାଇଁ ଡାକିଲା । ପୂର୍ବପରି ସ୍ୱାମୀ ସ୍ତ୍ରୀ ଦୁହେଁ ନିର୍ଦ୍ଦିଷ୍ଟ ଦିନରେ ଯାଇ ବାଙ୍ଗାଲୋରରେ ପହଞ୍ଚି ଗଲେ । ଚାରି ପାଞ୍ଚଦିନ ପରେ ସେଦିନ ରବିବାର ହୋଇଥାଏ ପୁଅ ଚିନୁ ତା' ମାଆଙ୍କୁ କହିଲା ମାମା ଆଜି ରୋଷେଇ କରିବନି ଆଜି ହୋଟେଲରେ ଲଞ୍ଚ କରିବା ।

ମାମା କହିଲେ, ହଉ ଠିକଅଛି ବେଟା । ବାପା ମାଆ ପୁଅ ତିନି ଜଣଯାକ ଓଲା କାର୍ ବୁକିଙ୍ଗ କରି ପହଞ୍ଚିଗଲେ, ଏକ ବିରାଟ ବଡ଼ ଫ୍ଲାଟ ସମ୍ମୁଖରେ । ସିକ୍ୟୁରିଟ

Source: Author, Digitized by PPRACHIN, SOA

ରେଜିଷ୍ଟରରେ ସାଇନ ମାରି ଲିଫ୍ଟ ଚଢ଼ି ଉପରକୁ ଯିବା ସମୟରେ ଶ୍ରୀକାନ୍ତବାବୁ ବାବୁ ପଚାରିଲେ ଚିନୁ ଏହା ଭିତରେ କଣ ଖାଇବା ପାଇଁ ହୋଟେଲ ଅଛି ? ନା ବାବା... ! ଏହାରି ଭିତରେ ଲିଫ୍ଟ ପହଞ୍ଚି ଗଲା, ତୃତୀୟ ମହଲାରେ... ପକେଟରୁ ଚାବି କାଢ଼ି ଚିନ୍ମୟ ଘର ଦରଜା ଖୋଲିଦେଲା ବାପା ମା'ଙ୍କୁ ଘରସାରା ବୁଲାଇ ଦେଖାଇଲା । ବହୁତ ସୁନ୍ଦର ଇଣ୍ଟେରିଏର ଡିଜାଇନର ଘର ବେଶ୍ ଆକର୍ଷଣୀୟ । ମାମା, ବାବା, ସରପ୍ରାଇଜ୍ କେମିତି ଲାଗିଲା ? ଚିନ୍ମୟ ପଚାରିଲା । ଖୁବ୍ ଖୁସିହେଲେ ଦୁହେଁ ବାପା' ମାଆ ଓ କହିଲେ ତେବେ ଏତେ ବଢ଼ିଆ ସରପ୍ରାଇଜ ଆମ ପାଇଁ ରଖିଛୁ । ଚିନ୍ମୟ କହିଲା ବାପା ସରିନି ମ, ଆହୁରି ଅଛି । ତା' ଗାଡ଼ି ଚାଲିଲା ଆଗକୁ ଅଟକି ଗଲା ହୋଟେଲ ଫାଟକ ସମ୍ମୁଖରେ । ଦେଖିଲେ ଏକ ସୁନ୍ଦରୀ ଝିଅ ଅପେକ୍ଷାରତ ଥାଏ । ଏମାନେ କାର୍‌ରୁ ଓହ୍ଲାଇ ଆସୁ ଆସୁ ସ୍ମିତହାସ୍ୟ ବଦନରେ ଝିଅଟି ମଥା ନୁଆଇଁ ପ୍ରଣାମ କଲା ଦୁହିଁଙ୍କୁ । ରୀତାଦେବୀ ପୁଅ ଚିନ୍ମୟକୁ ଧୀରେକିନା ପଚାରିଲେ ଆରେ ବେଟା ଏ ଝିଅଟି କିଏ ? ମାମା କିଏ ଆଉ ହେବ ? ମାଆ କାନରେ ଚୁପ କିନା କରି କହିଦେଲା ତୁମ ଭାବିବୋହୂ .. ! କ'ଣ ପସନ୍ଦ ହେଲା ତ ? ଉଁହୁ ମୋଟେ ନୁହେଁ... ! ବଦମାସ ଚିନୁ ତୁ ଆମକୁ ନଜଣାଇ ଏତେ ଆଗକୁ ବଢିଗଲୁଣି ? ଧୀରେ ପୁଅର କାନକୁ ମୋଡିଦେଲେ । ମାମା ପ୍ଲିଜ... ! ! ରୀତାଦେବୀ ମୁରୁକି ହସାଟିଏ ଦେଇ ଶ୍ରୀକାନ୍ତ ବାବୁଙ୍କ କାନରେ ଫୁସ୍‌ଫୁସ୍ କରି କହିଲେ ଦେଖମ ତୁମ ବୋହୂକୁ, କେତେ ସୁନ୍ଦର ଝିଅଟି ଚିନୁ ଆମର ପସନ୍ଦ କରିଛି । ପୁଅ ଚିନୁ ବାପା ମା'ଙ୍କୁ ଧୀରେ କହୁଛି ସରପ୍ରାଇଜ କେମିତି । ଲାଗିଲା ବାବା ? ଶ୍ରୀକାନ୍ତ ବାବୁ କହିଲେ ଆମ ପୁଅ ।

ଉପରେ ଆମର ଭରସା ଅଛି, ପୁଅ ଆମର କେବେ ଭୁଲ ଡିସିସନ ନେବ ନାହିଁ । ଚିନ୍ମୟ ଏକଥା ଶୁଣି ଖୁସିରେ ଗଦ ଗଦ ହୋଇଗଲା । ଆଗରୁ ବୁକିଙ୍ଗ ହୋଇ ଥିବା ହୋଟେଲର ଡାଇନିଗ ଟେବୁଲ ପାଖକୁ ଏମାନଙ୍କୁ ବାଟ କଢାଇ ନେଲା ଝିଅଟି । ଟେବୁଲ ପାଖକୁଯାଇ ରୀତା ଦେବୀ ଓ ଶ୍ରୀକାନ୍ତ ବାବୁ ଆବାକାବା ହେଲେ, ଆଗରୁ ଟେବୁଲ ପାଖରେ ପଡିଥିବା ଚେୟାରରେ ଅଳକା ଦେବୀ, ଅଶୋକ ବାବୁ ବସିଥିବା ଦେଖି, ଆଶ୍ଚର୍ଯ୍ୟ ହୋଇ ଚାହିଁ ରହିଲେ ପରସ୍ପରର ମୁହଁକୁ । ହଠାତ ରୀତା ଦେବୀ କହି ଉଠିଲେ ଆରେ ଅଳକା ତୁ ଏଠି ? ହଁ ମୋ ଝିଅ ସହ ଆସିଛି ଏଠାକୁ

Source: Author, Digitized by PPRACHIN, SOA

ଖାଇବା ପାଇଁ । ଏଇ ଝିଅଟି ତୋ ଝିଅ ?

ହଁ ରେ ସେ ପରା ମୋ ଝିଅ ମାନୁ । ଏଇ ବାଙ୍ଗାଲୋରରେ ଚାକିରୀ କରିଛି । ଗୀତା କହିଲେ ଏ ପରା ମୋ ପୁଅ ଚିନୁ । ଚିନୁ, ମାନୁ ଏପରି ଦୃଶ୍ୟ ଦେଖି କିଛି ବୁଝି ପାରୁ ନାହାନ୍ତି ବୋକା ପରି ପରସ୍ପର ମୁହଁକୁ ଚାହିଁ ରହିଥାନ୍ତି । ଶ୍ରୀକାନ୍ତ ବାବୁଙ୍କୁ ଆଉ ଏକଥା ଅବୁଝା ନାହିଁ । ବୁଝି ପାରିଲେ ଭଲ ଭାବରେ । ପିଲାଙ୍କର ଏପରି ବିସ୍ମିତ ଢଙ୍ଗ ଦେଖି କହିଲେ କ'ଣ ପିଲାମାନେ କିଛି ବୁଝିପାରୁନ ? ତୁମ ଦୁଇଜଣଙ୍କର ମାଆ ପିଲାଦିନର ଏମିତି ଅନ୍ତରଙ୍ଗ ସାଙ୍ଗ ଥିଲେ ଯେ ତାଙ୍କୁ ପରିହାସରେ ସମସ୍ତେ ଲୋକେ ଡାକୁଥିଲେ ଯୋଡିବଣି । ପୁଅ ଚିନ୍ମୟ ଆଶ୍ଚର୍ଯ୍ୟ ହୋଇ ପଚାରିଲା ବାବା ଯୋଡିବଣି ମତଲବ ? ଆରେ ଆଗେ ସବୁ ଗାଁ ଗଣ୍ଡାରେ ବିଲବାଡ଼ି, ବଗିଚାରେ ବଣି ଚଢେଇ ସବୁବେଳେ ଯେଉଁଠି ବସନ୍ତି ଦୁଇଟା ବଣି ଏକାଠି ଯୋଡି ହୋଇ ବସନ୍ତି, ବୁଲନ୍ତି । ତେଣୁ ତୋ ମାମା ଓ ମାନୁ ମା' ତାଙ୍କ ପିଲାଦିନେ କେହି କାହାକୁ ଛାଡି ରହି ପାରନ୍ତନି । ତେଣୁ ତାଙ୍କୁ ସମସ୍ତେ କୁହନ୍ତି ଯୋଡିବଣି । ତେଣୁ ସେହି କଥା ମୁଁ କହୁଛି- ଯୋଡ଼ିବଣି ଆଜି ହୋଇଗଲେ ଦୁଇ 'ସମୁଦୁଣୀ' । ଏମିତି ବୁଝା ଅବୁଝା ଭିତରେ ଖୁବ୍ ହାସ୍ୟରୋଳ ସୃଷ୍ଟି ହେଲା । ଗୀତା ଦେବୀଙ୍କ ପାଟିରୁ ବାହରି ପଡିଲା ହେ 'ପ୍ରଭୁ' ସବୁ ତୁମରି ଇଛା । ପିଲାଦିନେ ଜେଜେ ମାଆ କରିଥିବା ଭବିଷ୍ୟବାଣୀ କଥା ମନେପଡିଗଲା, ଦୁହିଁଙ୍କୁ ସବୁବେଳେ ଏକାଠି ଦେଖି ଜେଜେ ମାଆ ଦିନେ କହିଥିଲେ, ତୁମେ ଦୁଇଟା ନିଶ୍ଚିତ ଦିନେ ଦୁଇ ସମୁଦୁଣୀ ହେବ । ଏକଥା ମନେ ପକାଇ ଖୁବ୍ ନିବିଡତାରେ ଆଲିଙ୍ଗନ କରିନେଲା ଅଳକାକୁ । ପିଲା ଦୁହେଁ ବାପା ମା'ଙ୍କର ଅଜଣାତରେ ଗଢ଼ିଥିବା ସମ୍ପର୍କ ଭିତରେ ପରସ୍ପର ମନରେ ଯେଉଁ ଭୟ ରହିଥିଲା ବାପା ମାଆ ଗ୍ରହଣ କରିବେ କି ନାହିଁ । ତାହା ଦୁରୀଭୂତ ହୋଇଗଲା । ପିଲା ଦୁହିଁଙ୍କୁ ଜଣା ନ ଥିଲା ତାଙ୍କ ବାପା ମା' ପରସ୍ପରକୁ ଏପରି ଭଲ ଭାବରେ ଜାଣିଛନ୍ତି ବୋଲି । ଲାଜରେ ମୁହଁ ତଳକୁ କରି ନିରବରେ ବସିଥାନ୍ତି ଚିନୁ ଆଉ ମାନୁ । ଆଉ ବାପା ମାଆ ଯୋଡି ଆନନ୍ଦରେ ଆତ୍ମହରା ହୋଇ ପିଲାଙ୍କର ବିବାହର ଶୁଭ ମୁହୁର୍ତ୍ତର ନିଧାର୍ଯ୍ୟ ତାରିଖ, ନିର୍ଦ୍ଧାରଣ ଅପେକ୍ଷାରେ ଦିନ ଗଣୁଥାଆନ୍ତି ହାତ ଆଙ୍ଗୁଠି ସାହାଯ୍ୟରେ.... ! !

❖❖❖

Source: Author, Digitized by PPRACHIN, SOA

ଅନ୍ଧ ବିଶ୍ୱାସ

ବାହାଘରକୁ ପାଞ୍ଚବର୍ଷ ହେଲାଣି । ସୁରେଖା କୋଳରେ ଛୁଆଟିଏ ନାହିଁ ଏହା ହିଁ ତା'ର ବଡ଼ ଦୁଃଖ । ପଞ୍ଚମ ଶ୍ରେଣୀଯାଏ ପାଠ ପଢ଼ିଛି, ଖୁବ ଭଲ ପାଠ ପଢୁଥିଲା କିନ୍ତୁ ଆଉ ଆଗକୁ ପଢି ପାରିଲାନି । ଘର ପାଖରେ ସ୍କୁଲ ନ ଥିଲା କି ଆଉ କେଉଁ ଦୂର ସ୍କୁଲରେ ହଷ୍ଟେଲରେ ରଖି ପାଠ ପଢେଇବା ପାଇଁ ତା' ବାପା ପାଖରେ ସମ୍ବଳ ନଥିଲା । ତେଣୁ ତା' ପାଠ ପଢ଼ାରେ ଡୋରି ବନ୍ଧା ହେଲା । କେତେବେଳେ ଯୌବନରେ ପାଦଥାପି ବିବାହ ଯୋଗ୍ୟା ହେଲା ତାହା ସେ ଠିକ୍‌ରେ ବୁଝି ନଥିଲା । ଶ୍ୟାମାଳୀ ରଙ୍ଗର ଚେହେରା ମୁହଁର ଗଠନ ବେଶ୍ ସୁନ୍ଦର । ଯେକେହି ଦେଖିବ ଘଡ଼ିଏ ଚାହିଁବ । ତା' ପାଇଁ ବିବାହର ପ୍ରସ୍ତାବ ଆସିବାକୁ ଲାଗିଲା ।

ଦିନେ ଜଣେ ଲୋକ କୌଣସି କାମରେ ସେହି ଗାଁ କୁ ଆସିଥିଲା । ସୁରେଖା ଗରା ଧରି ନଳକୂପକୁ ପାଣି ଆଣିବାକୁ ଯାଇଥିଲା । ତାକୁଦେଖି ସେ ଲୋକଟି ପାଖରେ ଠିଆ ହୋଇଥିବା ଜଣେ ଯୁବକକୁ ପଚାରିଲା ସେ ଝିଅଟି କାହାର ? ସେପରା ଆମ କରମା ଭୋଇ ଦା'ଙ୍କ ଝିଅ । ଓହୋ ! ଆଛା ସେ ଝିଅଟି ଛୋଟ ଥିଲାବେଳେ ଦେଖିଥିଲି ତାକୁ । ଏଡ଼େ ବଡୁଟିଏ ହେଲାଣି ତେବେ କରମା ଦା'ଙ୍କ ଝିଅ । ସେ ପରା ଆମର ଲେଖାଯୋଖାର ବନ୍ଧୁ । ସୁରେଖା ପାଣିଗରା ଧରି ଚାଲିଗଲା । ପଛେ ପଛେ ସେ ଲୋକଟି ଯାଇ ପହଁଚିଲା କରମା ଭୋଇର ଘରେ । ବଡ଼ ପାଟିକରି ଡାକ ଛାଡିଲା କରମା ଦା' ଘରେ ଅଛ ? କରମା ଭୋଇ ଛେଳି ଚାଳିଆରୁ ବାହାରି ଆସିଲା ।

Source: Author, Digitized by PPRACHIN, SOA

ଦେଖିଲା ସାମ୍ନାରେ ଠିଆ ହୋଇଛି ପଦିଆ । ହିସାବରେ ପୁତୁରା ହେବ । ଆରେ ପଦୁ ତୁ ଏମିତି ହଠାତ ?

ଆ, ଆ, ଘର ଭିତରକୁ ଆ' । ପଦିଆ, କରମା ଦା'କୁ ଓଳଗି ହେଲା । ନୁଆଁଣିଆ ଚାଳ ପିଣ୍ଡାରେ ପଡିଥିବା ସଉପରେ ଦୁହେଁ ବସି କଥାବାର୍ତ୍ତା ହେଲେ । ସୁରେଖାକୁ ଚା' ଆଣିବାକୁ ବରାଦ କଲା ତା'ବା । ସୁରେଖା ଛେଳି ଖୀରରେ ଗୁଡ଼ ପକା ଚା' କରି ଦୁଇଟା ଷ୍ଟିଲ ଗିଲାସରେ ଆଣି ଥୋଇ ଦେଲା ଓ ପଦୁ ଭାଇକୁ ମୁଣ୍ଡିଆ ମାରି ଘର ଭିତରକୁ ଚାଲିଗଲା । ଚା' ପିଇ ପଦୁ ଭାଇ ବେଶ୍ ପ୍ରଶଂସା କଲା ସୁରେଖାକୁ । ଆହା ! କି ସୁଆଦ ଚାହା । ମନେ ମନେ ଭାବିଲା ଝିଅଟି ତ ବେଶ୍ ଗୁଣର, ଦେଖିବାକୁ ଯେମିତି ସୁନ୍ଦର କାମ ବି ସେମିତି ! ମୋ ଶଳା ସହିତ ବାହାଘର କଲେ ଖୁବ୍ ଭଲ ହୁଅନ୍ତା । ଏହା ଭାବି କରମା ଦା'ର କାନରେ ଫୁସୁ ଫୁସୁ ହୋଇ କହିଲା ଦା' ସୁରେଖା ପାଇଁ ଭଲ ପ୍ରସ୍ତାବଟିଏ ଅଛି ଯଦି ହଁ କରନ୍ତେ ତେବେ ବାହାଘର ପକା କରି ଦିଅନ୍ତେ । ମୋ ଶଳା ସୁକାନ୍ତ, ଗୋଟିଏ ବୋଲି ପୁଅ । ଭାରି ଭଲ କର୍ମଠ, ଭଦ୍ର ପିଲାଟି ସୁରେଖାର ପେଟ ଅପୋଷା ରହିବନି । ବେଶ୍ ସୁଖରେ ରହିବ । ଜମି ବାଡ଼ି ଯାହା ଅଛି ସେଥିରେ ଚଳିବାର କିଛି ଅସୁବିଧା ନାହିଁ । ଯାହାବି ହେଉ ସୁରେଖାକୁ ଭଲ ପିଲା ଦେଖି ହାତକୁ ଦୁଇହାତ କରିବା ପାଇଁ ବାପା ମାଆ ଯେଉଁ ସ୍ୱପ୍ନ ଦେଖିଥିଲେ ଏ ପ୍ରସ୍ତାବ ଶୁଣି ରାଜି ହୋଇଗଲେ । ଆଦିବାସୀ ରୀତିନୀତି ଅନୁସାରେ ବାହାଘର ସମ୍ପନ୍ନ ହୋଇଗଲା । ନୂଆଘର, ନୂଆ ଲୋକଙ୍କ ସହ ନୂଆ ସଂସାର ଗଢିବାର ଆଖିରେ ଆଖିଏ ସ୍ୱପ୍ନ ନେଇ ସୁରେଖା ଶାଶୁ ଘରେ ପାଦ ଦେଲା । ଅଳ୍ପ ବୟସର ଝିଅଟି ହେଲେ ବି ଭାରି ଗୁଣର । ତା'ର କାର୍ଯ୍ୟକଳାପ, ଚାଲିଚଳଣୀ, ବ୍ୟବହାର, ମଧୁର ଭାଷାରେ ଶାଶୂ, ଶ୍ୱଶୁର, ସ୍ୱାମୀର ମନକୁ କିଣି ନେଲା । ତାକୁ ଶାଶୂ ଘରେ ସମସ୍ତେ ଖୁବ୍ ସ୍ନେହ କରନ୍ତି । ତେଲ ଲୁଣର ଛୋଟିଆ ସଂସାର ଖୁବ୍ ସୁଖ ଶାନ୍ତିରେ ଆଗକୁ ବଢି ଚାଲିଲା । କିନ୍ତୁ ଏଇ ସୁଖର ସଂସାର ଭିତରେ ଗୋଟିଏ ଦୁଃଖ ଯେ ବାହାଘର ପାଞ୍ଚବର୍ଷ ବିତି ଗଲାଣି ନାତି କି ନାତୁଣୀକୁ ଖେଳେଇବାର ସୁଯୋଗ ପାଇପାରି ନାହାନ୍ତି ବୁଢା ବୁଢ଼ୀ । ସୁରେଖା ମାଆ ହୋଇପାରିନି । ନାତି ନାତୁଣୀଙ୍କୁ ଅପେକ୍ଷା କରିକରି ଏକ ଅଜଣା ରୋଗରେ ଆଗପଛ ହୋଇ ଦୁହେଁ ଚାଲିଗଲେ ଆରପାରିକୁ ।

Source: Author, Digitized by PPRACHIN, SOA

ସୁରେଖା, ସୁକାନ୍ତ ଖୁବ୍ ଦୁଃଖରେ ଭାଙ୍ଗି ପଡିଲେ । ଏକୁଟିଆ ହୋଇଗଲେ । ଦିନ ଗଡି ଚାଲୁଥାଏ, ସୁରେଖା ଖୁବ୍ ମନ ଦୁଃଖରେ ଥାଏ । ମାତୃତ୍ୱର ସୁଯୋଗ ତା' ପାଇଁ କେବେ ଆସିବ । କେତେ ଦିଅଁ ଦେବତା ପାଖରେ ଗୁହାରି କରୁଥାଏ, ମାନସିକ କରୁଥାଏ । ଭାବୁଥାଏ ଘତରେ ପ୍ରଭୁ କେବେ ମୋ ଡାକ ଶୁଣିବ, ମୋ କୋଳରେ କୁନି ଛୁଆଟିଏ କୁଆଁ କୁଆଁ ରାବିବ ମୋ କୋଳ ପୂରିବ । ସୁକାନ୍ତ କାମକୁ ଚାଲିଗଲା ପରେ ସୁରେଖା ପୂରା ଏକୁଟିଆ । ଛୁଆଟିଏ ଯଦି ଥାନ୍ତା ତା'ର ଅଳି ଅର୍ଦ୍ଦଳି କରି ଦିନ ବିତିଯାଆନ୍ତା । ପାଞ୍ଚ ବର୍ଷରୁ ଅଧିକ ହେଲାଣି ଛୁଆଟିଏ ନାହିଁ । କୋଳ ତା'ର ଖାଲି ପଡ଼ିଛି । ହେଲେ ପଡ଼ିଶାଘର ମଞ୍ଜୁର ବାହାଘର ମାତ୍ର ୨ ବର୍ଷ ତା' କୋଳରେ ସୁନ୍ଦର ଗୁଲୁଗୁଲିଆ ପୁଅ ଛୁଆଟି କି ସୁନ୍ଦର ଖେଳୁଛି । ସୁରେଖା ସେ ଛୁଆଟିକୁ ଭାରି ସେନେହ କରେ । ବେଳେବେଳେ ତାଙ୍କ ଘରକୁ ଯାଇ ଛୁଆଟିକୁ ଟିକେ ଅନେଇ ଆସେ । ତାକୁ ଟିକେ କୋଳରେ ଧରିବାକୁ ଇଛା ହେଲେ ବି ସାହସ କରେନି, ସେତିକିରେ ସୁରେଖାର ଖୁବ୍ ଆନନ୍ଦ ।

ଦିନେବେଳ ବୁଡି ଆସୁଥାଏ ସଞ୍ଜ ଘଡ଼ିଏ ବାକିଥାଏ । ସେ ଛୁଆଟିର ରାହାଧରା କାନ୍ଦ ଶୁଣି ସୁରେଖା ଦୌଡ଼ିଗଲା ମଞ୍ଜୁଘର ଦାଣ୍ଡକୁ । ପାଖରେ କେହିନାହିଁ ଛୁଆଟି ବାରଣ୍ଡାର ସଉପରେ ଗଡି କୁଆଁ କୁଆଁ ରଡି ଛାଡ଼ିଛି, ସୁରେଖା ସମ୍ଭାଳି ପାରିଲାନି ଛୁଆଟିକୁ କୋଳକୁ ଯେମିତି ଉଠାଇ ଆଣିଲା ଛୁଆର କାନ୍ଦ ଅପ୍‌କିନା ବନ୍ଦ ହୋଇଗଲା । ସୁରେଖାର ଖୁସି କହିଲେ ନ ସରେ, ଯେମିତି ମାତୃତ୍ୱର ଖୁସିକୁ କ୍ଷଣକ ପାଇଁ ଅନୁଭବ କଲା । ଏହି ସମୟରେ ମଞ୍ଜୁ କାଖରେ ପାଣି ଗରାଧରି ପହଁଚି ଦେଖିଲା ସୁରେଖା କୋଳରେ ତା' କୁନିପୁଅ । ମଞ୍ଜୁ କିଛି କହିବା ପୂର୍ବରୁ ସୁରେଖା ଆପେଆପେ ସବୁ କଥା ଏକା ନିଃଶ୍ୱାସରେ ବଖାଣି ଗଲା ଏବଂ କହିଲା ଛୁଆକୁ ଏକା ଛାଡିକି ଯାଇଛ ପାଣି ପାଇଁ, କାହାକୁ ନ ଜଗେଇ । ରାହା ଧରି କାନ୍ଦୁଛି ଯେ କାନ୍ଦୁଛି । ମୁଁ ଦୌଡି ଆସି ଯେମିତି ଧରିଦେଲି ସଂଗେ ସଂଗେ ପୁଅ କାନ୍ଦ ବନ୍ଦ କରିଦେଲା । ମଂକୁ କହିଲା ପୁଅ ନିଦରେ ଶୋଇଥିଲା, ସେଥିପାଇଁ ପାଣି ପାଇଁ ଚାଲିଗଲି । ଏହି ସମୟରେ ସୁକାନ୍ତ କାମରୁ ଫେରି ସ୍ତ୍ରୀକୁ ଡାକ ଛାଡିଲା, ସୁରେଖା ତରତର ହୋଇ ଘରକୁ ଚାଲି ଆସିଲା । ସୁକାନ୍ତ ସାଙ୍ଗରେ ଚୁନା ମାଛ ଧରିକି ଆସିଥାଏ । ଭାରି ଶ୍ରଦ୍ଧାରେ କହିଲା ସୁରେଖା ଲୋ' ଟିକେ ବେସର ବାଟିଦେଲୁ, ମୁଁ ମାଛ ବାଛିଦିଏ

Source: Author, Digitized by PPRACHIN, SOA

ମାଛ ବେସର କରିବା । ସୁକାନ୍ତ ଓ ସୁରେଖା ଭିତରେ ଅନାବିଳ ପ୍ରେମ । ସ୍ୱାମୀ ସ୍ତ୍ରୀର ସଂପର୍କ ଏତେ ମଧୁର ନ ଦେଖିଲେ ବିଶ୍ୱାସ କରି ହେବନି ।

ପିଲାଟିଏ ପାଇଁ ସିନା ଦୁଃଖ, ହେଲେ ଦୁହିଁଙ୍କ ଭିତରେ କେବେବି କଳି ଝଗଡା ହୁଏନି, ଏତେ ଗଭୀର ଭଲ ପାଇବା ବୁଝାମଣାରେ ସୁଖ ଦୁଃଖର ସଂସାର ଖୁବ୍ ଶାନ୍ତିରେ କଟେ । ସୁକାନ୍ତ ଖୁବ୍ ଭଲ ପାଏ ସ୍ତ୍ରୀ ସୁରେଖାକୁ । ତେଣୁ ଦୁହେଁ ସାଥି ହୋଇ ସବୁ କାମ କରନ୍ତି । ଅନେକ ସମୟରେ ସୁକାନ୍ତ ସୁରେଖାକୁ ରୋଷେଇ କାମରେ ସାହାଯ୍ୟ କରେ ଯେତେବେଳେ ସେ ଘରେଥାଏ । ତେଣୁ ମାଛ ବାଛିବା କୋଉ ନୂଆ କଥା କି ! ଏହି ସମୟରେ ଗାଁ ମୁଖିଆ ସନା ଦା' ସୁକାନ୍ତକୁ ଡାକିଲାରୁ ସୁକାନ୍ତ ହଁ ଦାଦା ଯାଉଛି କହି ଉଠିଗଲା । ଗଲାବେଳେ କହିଗଲା ସୁରେଖା ତୁ ମାଛତରକାରୀ ଭାତ ରାନ୍ଧି ରଖିଥିବୁ ଆସିଲେ ମିଶିକି ଖାଇବା, ସନା ଦା ଡାକିଲେଣି ଆଜି ଗାଁ ସଭା ଅଛି ଯେ ମୁଁ ଯାଉଛି କହି ସୁକାନ୍ତ ଚାଲିଗଲା । ସୁରେଖା ଧୂଆଧୋଇ ହୋଇ ପିନ୍ଧା ଲୁଗା ପାଲଟି ଚଉରା ମୂଳେ ସଂଜବତୀ ଦେଲା । ସବୁଦିନ ପରି ଦିଅଁଙ୍କ ପାଖରେ ବିକଳରେ ଗୁହାରି ଜଣାଇଲା ଠାକୁରେ କେଉଁଦିନ ମୋ କୋଳରେ ଛୁଆଟିଏ ଦେବ ଅନେଇ ଅନେଇ ଦିନ ଗଡୁଛି, ହେଲେ ପ୍ରଭୁ ତୁମେ ଜମା ମୋ ଡାକ ଶୁଣୁନ । କେଉଁଦିନ ମୋ ଡାକ ଶୁଣିବ ଆମ ଦୁଃଖ ଯିବ । ଏମିତି ସବୁଦିନ ଚଉରାମୂଳେ ସଞ୍ଜବତୀ ଦେଲାବେଳେ ନିଜର ମନର କଥାକୁ ଜଣାଇଥାଏ ନିଜ ବିଶ୍ୱାସର ଠାକୁରଙ୍କୁ । ଆଜି ବା ବାଦ୍‌ଯିବ କେମିତି !! ସଂଜବତୀ ଦେଇସାରି ସୁରେଖା ଭାତ ଓ ମାଛ ବେସର କରି ସୁକାନ୍ତକୁ ଅନେଇ ବସିଥାଏ ।

ରାତି ୯ଟାରେ ସୁକାନ୍ତ ଗାଁ ସଭାସାରି ଫେରି ଆସିଲା ! ସୁରେଖା ଖୁବ୍ ଖୁସିରେ ମାଛ ବେସର ଭାତ ବାଢିଦେଲା ଦୁହେଁ ସାଥୀହୋଇ ଖାଇ ବସିଲେ । ଭାତ ସଙ୍ଗେ ଆମ୍ବୁଲ ପକା ଚୂନା ମାଛ ବେସର, ବାଃ ଖୁବ୍ ମଜାରେ ଟକଳ ଫୁଟାଇ ଦୁହେଁ ଖାଇଲେ, ସେଇ ଭିତରେ ସୁରମା କହୁଥାଏ ହେଇଟି ଶୁଣ ମ, ମନ ମୋର ଜମା ଭଲ ଲାଗୁନି । ଏଯାଏଁ ଛୁଆଟିଏ କୋଳକୁ ଆସିଲାନି, ମୁଁ ପିଲାଦିନେ ଭଲ ପାଠ ପଢୁଥିଲି, ମୋର ଭାରି ଇଚ୍ଛାଥିଲା ପାଠ ପଢିବାକୁ, ହେଲେ ମୋ· ବା' ତ ମୋତେ ପାଠ ପଢେଇଲାନି । ମୋର କିନ୍ତୁ ଇଛା ଆମର ଝିଅଟିଏ ହେଲେ ଆମେ ତାକୁ ବହୁତ ପାଠ ପଢେଇବା । ସୁକାନ୍ତ କହିଲା ଏତେ ସପନକୁ ରାତି କାହିଁ ବା !! ତୁ ପରା ଏତେ ଡାକୁଛୁ, ଠାକୁରେ କ'ଣ ଡାକ ଶୁଣୁଛନ୍ତି ! ଏମିତି କଥା ହେଉ ହେଉ ଖାଇବା ସରିଗଲା ।

Source: Author, Digitized by PPRACHIN, SOA

ସୁକାନ୍ତ କହିଲା ସୁରେଖା ଅଣ୍ଟା ପଡ଼ିଲାଣି ଆଜି ଟିକେ ଶୀଘ୍ର ଶୋଇପଡ଼ିବା । ଖାଇସାରି ସୁକାନ୍ତ ଶୋଇବାକୁ ଗଲା । ସୁରେଖା ରୋଷେଇ ଘରର ବାକି କାମ ସାରି ମନରେ ଅସୁମାରୀ ସ୍ୱପ୍ନନେଇ ବିଛଣାକୁ ଗଲା । ସ୍ୱାମୀ ସ୍ତ୍ରୀଙ୍କ ମନରେ ଖୁବ୍ ଆନନ୍ଦ । ଗଲାବର୍ଷ ଶୀତ ସରିଲା ବେଳକୁ କିଛି କାମରେ ଭୁବନେଶ୍ୱର ଆସିଥିଲା ସୁକାନ୍ତ । ରାସ୍ତା କଡରେ ନେପାଳି ବିକୁଥିବା ଏକ ସୁନ୍ଦରିଆ କମ୍ବଳ ଶସ୍ତାରେ କିଣି ନେଇଥିଲା । ହେଲେ ଶୀତ ଛାଡି ଯାଇଥିବାରୁ ନୂଆ କମ୍ବଳଟିକୁ କାଠପେଡ଼ିରେ ସାଇତି ରଖିଥିଲା ସୁରେଖା । ସୁକାନ୍ତ ବରାଦ କଲା ସୁରେଖା ଲୋ, ନୂଆ କମ୍ବଳ ପେଡିରୁ କାଢି ଆଣେ, ଆଜି ଭାରି ଶୀତ । ସୁରେଖା ମନରେ ଅସରନ୍ତି ଖୁସି ! ସ୍ନେହ ସରାଗରେ ସୁରେଖାକୁ ନିବିଡତାର ସହ ନିକଟକୁ ଆଲିଙ୍ଗନ କରିନେଲା, ଡିବିରିବତୀ ଲିଭିଗଲା । ଅନ୍ଧାର ଆଉ ଟିକେ ଗାଢ଼ ହୋଇଗଲା । ନୂଆ କମ୍ବଳର ଗରମ ସ୍ପର୍ଶରେ ଶରୀରର ଉଷ୍ମତା ଆହୁରି ବଢିଗଲା । ଦୁହେଁ ନିଶବ୍ଦରେ ଶୋଇଗଲେ ସ୍ୱପ୍ନ ରାଇଜରେ..!

ପ୍ରଖର ନିଃଶ୍ୱାସ ! ବୋଲ ମାନୁନି । ଏଇ ସମୟରେ ବାହାରେ ଜୋରରେ କୋଳାହଳ ଏବଂ କବାଟରେ ଠକ ଠକ ଶବ୍ଦ ଶୁଣି ଦୁହେଁ ଚମକି ପଡିଲେ ଡରରେ ଛାନିଆ ହୋଇ ସୁରେଖା ସୁକାନ୍ତକୁ ଆହୁରି ଜୋରରେ ଜାବୁଡି ଧରିଲା । ଦୁହେଁ ଖୁବ୍ ନିବିଡ଼ପଣରେ କିଛି ସମୟ ସ୍ତବ୍ଧ ହୋଇଗଲେ । କିନ୍ତୁ ଦାଣ୍ଡ କବାଟରେ ଆହୁରି ଜୋରରେ ବାଡ଼ିଆ ଶବ୍ଦ ଶୁଣି ସୁକାନ୍ତ ଉଠି ଆସିଲା କବାଟ ଖୋଲିଲା ମାତ୍ରେ ଗ୍ରାମର କିଛି ଲୋକ ଘର ଭିତରକୁ ବଡ଼ପାଟି କରି ଧସେଇ ପଶିଲେ । ସୁରେଖାକୁ ଘର ଭିତରୁ ଜୋର ଜବରଦସ୍ତ କରି ଟାଣି ଘୋଷାରି ଆଣିଲେ । ସୁରେଖା ଛାନିଆରେ ବଡ଼ପାଟି କରି ଭେଁ ଭେଁ ହୋଇ କାନ୍ଦି ଉଠିଲା । ସୁକାନ୍ତ କିଛି ବୁଝି ପାରୁ ନଥାଏ । କ'ଣ ହେଲା ବୋଲି ପଚାରିଲାରୁ କେହି ଜଣେ କହିଲା ତୋ ସ୍ତ୍ରୀ କୁ ପଚାରେ ? ତୋ ସ୍ତ୍ରୀ ଗୋଟେ ଡାହାଣୀ, ମଞ୍ଜୁର ଛୁଆକୁ ଜୀଅନ୍ତା ଖାଇଦେଲା ତା' ପାଇଁ ତା' ଛୁଆର ଜୀବନ ଗଲା । ତାକୁ ପଚାରେ ସେ କାହିଁକି ଆଜି ସଂଜରେ ଲୁଚିକି ଯାଇ ମଞ୍ଜୁର ଛୁଆକୁ ଧରିଥିଲା । ସୁକାନ୍ତ ହତବାକ୍ । ପାଟିରେ ତା'ର ଭାଷା ନାହିଁ । ମନକୁ ମନ ପଚାରିଲା ସୁରେଖା କ'ଣ ଦୋଷକଲା ? କାହିଁକି ଏମାନେ ଏମିତି ମାଡଗୋଳ ପାଟିତୁଣ୍ଡ କରୁଛନ୍ତି । ସୁରେଖା ଲଜ୍ଜା ଅପମାନରେ ଗଭୀର ଆଘାତ ପାଇଲା । କୋହ ସମ୍ଭାଳି ନ ପାରି ସେମିତି କାନ୍ଦୁଥାଏ । ସୁକାନ୍ତ ତାକୁ ବୁଝାଇ ଚାଲିଥାଏ । ଲୋକମାନେ ଚାଲିଗଲେ ।

Source: Author, Digitized by PPRACHIN, SOA

ସୁରେଖା ନିଷ୍ପତ୍ତି ନେଲା ଏଯାଏଁ ତ ଛୁଆଟିଏ କୋଳକୁ ଆସିଲାନି । ଏତେ ନିର୍ଯାତନା ଟାହି ଟାପରା ଆଉ ସହି ପାରିବିନି, ଛୁଆଟିଏ ନାହିଁ ବୋଲି ସିନା ସେମାନେ ମୋତେ ଡାହାଣୀ ବୋଲି କହି ମାଡଗାଳି କଲେ । ଏମିତି ଜୀବନର କି ଲାଭ ଯେ ! ଏହା ଭାବିଭାବି ତା' ଆଖିକୁ ନିଦନାହିଁ । ସୁକାନ୍ତ ଆଖି ଯେମିତି ଟିକେ ଲାଗିଯାଇଛି ସୁରେଖା ଧୀରେ କିନା ଦରଜା ଆଉଜାଇ ବାହାରକୁ ବାହାରି ଆସିଲା ପୋଖରୀରେ ବୁଡ଼ି ଆତ୍ମହତ୍ୟା କରିବ ବୋଲି ଭାବିଲା । ପୋଖରୀ କୂଳକୁ ଯିବା ରାସ୍ତାରେ ଏକ କିଆବୁଦା ମୂଳେ କୁଆଁ କୁଆଁ ଶବ୍ଦ ଶୁଣି ଅଟକି ଗଲା । ସଦ୍ୟଜନ୍ମ ଛୁଆଟି ଏକ କପଡ଼ାରେ ଗୁଡ଼ାହୋଇ ପଡିଛି ଓ କାନ୍ଦୁଛି । (ବୋଧହୁଏ ସେହି ଅଳ୍ପ ସମୟ ଭିତରେ ସେ ଛୁଆଟିକୁ କିଏ ସେଠି ପିଙ୍ଗିଦେଇ ଯାଇଛି । ନିଶ୍ଚୟ କାହାର ଅବୈଧ ସନ୍ତାନ ହେଉ କିମ୍ବା କାହାର କନ୍ୟା ସନ୍ତାନଟି ବୋଲି ପିଙ୍ଗିଦେଇ ଯାଇଛି) ସୁରେଖା କିଛି ବୁଝି ପାରିଲାନି, ଭାବିଲା ମାଆ ବୃନ୍ଦାବତୀ ବୋଧେ ମୋ ଦୁଃଖ ଆଜି ସହି ପାରିଲେନି ତାଙ୍କରି ଆଗରେ ମୋତେ ସେମାନେ ଏତେ ମାଡ ଗାଳି କଲେ, ସେଥିପାଇଁ ବୋଧେ ମାଆ କରୁଣା କଲା ଏ ଛୁଆଟିକୁ ଶୂନ୍ୟରେ ମୋତେ ଦେଲା । ମା'ଲୋ ତୋତେ କୋଟି ଜୁହାର । ମା'ଙ୍କ ଉଦ୍ଦେଶ୍ୟରେ ମୁଣ୍ଡିଆଟିଏ ମାରି, ବିଭୋରିତ ମନରେ ଛୁଆଟିକୁ ଉଠାଇ ଆଣିବା ସମୟରେ ସୁକାନ୍ତ ସ୍ତ୍ରୀକୁ ଖୋଜି ଖୋଜି ଆସି ସେଠି ପହଞ୍ଚିଗଲା । ସୁରେଖାକୁ ଦେଖି ଆଶ୍ଚର୍ଯ୍ୟ ଚକିତ ହେଲା । ଆଲୋ! ସୁରେଖା ତୁ ଏଠି, ମୁଁ ତୋତେ କେତେ ଖୋଜୁଛି, ତୋ ହାତରେ କ'ଣ ? ସୁକାନ୍ତ ନିରେଖି ଦେଖିଲା,ଏ ଛୁଆ କାହାର ? ମଞ୍ଜୁର ନୁହେଁ ତ ? ଆଲୋ ତୁ କୁଆଡେ ଯାଉଥିଲୁ ଏମିତି ପ୍ରଶ୍ନ ପରେ ପ୍ରଶ୍ନ ଶୁଣି ସୁରେଖା କହିଲା ଆଉ ପଚାରନା, ଶୁଣ ! କ'ଣ କରିବା କୁହ । ଛୁଆଟିଏ କୋଳରେ ନାହିଁ ବୋଲି ଗାଁ ଲୋକଙ୍କର ତାଚ୍ଛଲ୍ୟ ଗଞ୍ଜଣାରୁ ମୁକ୍ତ ହେବାପାଇଁ ମନ ଦୁଃଖରେ ଆତ୍ମହତ୍ୟା କରିବାକୁ ଆସିଥିଲି କିନ୍ତୁ ପ୍ରଭୁଙ୍କର ଏ କି ପରୀକ୍ଷା । ଛୁଆଟିର କାନ୍ଦ ଶୁଣି ଅଟକି ଗଲି । ନ ହେଲେ ଛୁଆଟିକୁ ହେଟା, ବିଲୁଆ କିଏ ଖାଇ ଦେଇଥାନ୍ତେ ।

ଦେଖ କେଡେ ସୁନ୍ଦର ଝିଅ ଛୁଆଟି । ଏ ଛୁଆଟି କାହାର ତ ଜଣାନାହିଁ । ଠାକୁରେ ଆମକୁ ଦେଇଛନ୍ତି ଚାଲ ଏ ଛୁଆଟିକୁ ନେଇ ଗାଁ ଛାଡି ରାତିକା ରାତି ସହରକୁ ପଳେଇବା । ସତକୁ ସତ ଦୁହେଁ ଘରକୁ ଆସିଲେ ସାଙ୍ଗରେ ଯାହାସବୁ ବେଶୀ ଦରକାରୀ ଜିନିଷ ସବୁକୁ ପୁଟୁଳି ବାନ୍ଧି ପାହାଡ଼ ପର୍ବତ, ବଣ ଜଙ୍ଗଲ ଘେରା ସବୁଜ

Source: Author, Digitized by PPRACHIN, SOA

ବନାନୀର ମୋହ ତୁଟାଇ, ଘରେ ତାଲା ଠୁଙ୍କି ପିତୃମାତୃତ୍ୱର ଦାୟିତ୍ୱ ଓ କର୍ତ୍ତବ୍ୟକୁ ବହନ କରି ଛୁଆଟିକୁ ମଣିଷ କରିବାର ଅସୁମାରୀ ସ୍ୱପ୍ନ ନେଇ ଆମ ରାଜଧାନୀର ଚାକଚକ୍ୟ ଭରା ସହର ଭୁବନେଶ୍ୱରର ରାଜରାସ୍ତାରେ ପହଞ୍ଚିଗଲେ ଖୁବ୍ ସନ୍ତର୍ପଣରେ । ବାଘପରି ଝାମ୍ପି ପଡୁଥିବା ତାଙ୍କ ଗ୍ରାମବାସୀଙ୍କ ଆଢୁଆଳରୁ ସବୁଦିନ ପାଇଁ ଅନ୍ତର୍ଦ୍ଧାନ ହୋଇଗଲେ !

ଏହା ଭିତରେ କୋଡିଏ ବର୍ଷରୁ ଅଧିକ ସମୟ ବିତିଗଲାଣି । ଝିଅଟି କେବେଠାରୁ ଯୌବନରେ ପଦାର୍ପଣ କରି ସାରିଲାଣି ତା' ନାରୀତ୍ୱ ବିକଶିତ ହୋଇ ତା' ଚେହେରାର ଚମକ ଫୁଲପରି ସଜେଡ କୋମଳ ଓ ଖୁବ୍ ସୁନ୍ଦର ଦିଶୁଛି, ଯେକେହି ଦେଖିବ ଆଖି ଫେରାଇ ପାରିବନି । ସେଥିପାଇଁ ତ ଦୁର୍ଗାପ୍ରସାଦ ବାବୁଙ୍କର ଡାକ୍ତର ପୁଅ ସମ୍ବିତ, ସୁରଭିର ପ୍ରେମରେ ପଡ଼ିଯାଇଛି । ବିବାହ ବନ୍ଧନରେ ବାନ୍ଧି ହେବା ପାଇଁ ପ୍ରତିଶ୍ରୁତି ଦେଇଛି । ବାପା ଦୁର୍ଗା ପ୍ରସାଦ ବାବୁ ମଧ୍ୟ ସୁରଭିର ସୌନ୍ଦର୍ଯ୍ୟ ଓ ଗୁଣରେ ବିମୁଗ୍ଧ ହୋଇ ମନେମନେ ଝିଅଟିକୁ ବୋହୂ କରିବାକୁ କେବେଠାରୁ ଭାବିଛନ୍ତି । କିନ୍ତୁ ପୁଅର ଅଜାଣତରେ...!!

ଯେଉଁଦିନ ପୁଅ ସମ୍ବିତ ପ୍ରସ୍ତାବଦେଲା ବାପା ମାଆଙ୍କୁ ଯେ, ସେ ଯଦି ବିବାହ କରିବ ତେବେ ସୁରଭି ଛଡ଼ା ଆଉ କାହାକୁ ନୁହେଁ । ଦୁର୍ଗାପ୍ରସାଦ ବାବୁ ଚମକି ଉଠିଲେ !! ଆରେ ସମ୍ବିତ ତୋର ତ ଭାରି ସାହସ ! ତୁ କ'ଣ କହୁଛୁ ବୁଝି ପାରୁଛୁ ତ ? ତୁ ଯେତେବେଳେ ପାଞ୍ଚବର୍ଷର ହୋଇଥିଲୁ ସେତେବେଳେ ଷ୍ଟେସନରେ ବସି କାନ୍ଦୁଥିବା ଅବସ୍ଥାରେ ଦୟାରେ ସେମାନଙ୍କୁ ଆଣି ଘରେ ରଖି ଆଶ୍ରୟ ଦେଇଥିଲି । ଝିଅଟି ଆଜି ପାଠପଢ଼ି ସାମାନ୍ୟ ନର୍ସଟିଏ ହୋଇଛି । ସେ ଝିଅକୁ ମୋ ଘରର ବୋହୂ କରିବି ବୋଲି ତୁ ଭାବି ପାରୁଛୁ କେମିତି ? ହଁ ବାପା ନର୍ସ ହେଲେ କ'ଣ ହେଲା ? ସୁରଭି ଖୁବ୍ ଗୁଣବତୀ ବାପା ! ଆପଣ ଜାଣିଛନ୍ତି ! ଆମେ ଦୁଇ ଜଣଯାକ ସରକାରୀ ହସ୍ପିଟାଲରେ ଏକା ଜାଗାରେ କାମ କରୁଛୁ । ଆମ ଦୁଇଜଣଙ୍କର ଆଦିବାସୀ ଅଧ୍ୟୁଷିତ ଜିଲ୍ଲା କୋରାପୁଟକୁ ଏବେ ବଦଳି ହୋଇଯାଇଛି । ଆଜି ଅର୍ଡର ବାହାରିଛି କାରଣ--ସେଠାରେ ଲୋକମାନେ ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ଦେହ ଖରାପ ହେଲେ, ଜ୍ୱର, ଝାଡ଼ା ମ୍ୟାଲେରିଆ ଯାହାବି ହେଉଛି ଔଷଧ ନଖାଇ ଗୁଣିଆ ଉପରେ ଓ ଗୁଣି ଗାରେଡି ଉପରେ ବିଶ୍ୱାସ କରି ମୃତ୍ୟୁ ମୁଖରେ ପଡୁଛନ୍ତି । ସେ ଅନ୍ଧ ବିଶ୍ୱାସକୁ ଦୂର

Source: Author, Digitized by PPRACHIN, SOA

କରିବା ପାଇଁ ଆମର କାର୍ଯ୍ୟଦକ୍ଷତା ଓ ନିଷ୍ଠା ଦେଖି ସରକାର ଆମକୁ ସେଠାକୁ ବଦଳି କରାଇଛନ୍ତି । ବାପା ଏପରି ଘଡିସନ୍ଧି ମୁହୂର୍ତ୍ତରେ ଆମକୁ ଭଲ କାମ କରିବାର ଅଛି ତେଣୁ ଆମେ ଆଦିବାସୀ ମାନଙ୍କ ଭିତରେ ଥିବା ଅନ୍ଧବିଶ୍ୱାସକୁ ଦୂରୀକରଣ କରି ଔଷଧ ଦ୍ୱାରା ରୋଗ କେମିତି ଭଲ କରାଯିବ ସେଥିପ୍ରତି ସଚେତନତା ସୃଷ୍ଟି କରିବା ସହ ସେମାନଙ୍କୁ ମୃତ୍ୟୁ ମୁଖରୁ ବଞ୍ଚାଇବା ଆମର ମୁଖ୍ୟ ଦାୟିତ୍ୱ ଓ କର୍ତ୍ତବ୍ୟ ହେବ । ଏସବୁ ଶୁଣି ସାରିଲା ପରେ ଦୁର୍ଗାପ୍ରସାଦ ବାବୁ ଠୋ ଠୋ ହସି ଉଠିଲେ ! ସାବାସ୍ ବେଟା କହି ପୁଅର ପିଠିକୁ ଥାପୁଡାଇ ଦେଲେ । ହଁ ପୁଅ ସବୁ ମୁଁ ଜାଣେ ! ଆମେ ତ ବାପା ମା' କେବେଠାରୁ ସୁରଭିକୁ ମନେମନେ ବୋହୂ କରି ସାରିଛୁ । ତେବେ ବାପା ଏତେ ସବୁ ପ୍ରଶ୍ନ ଯେ ! ହଁ ମୁଁ ଜାଣିବାକୁ ଚାହୁଁଥିଲି ତୋ ମନର କଥା । ତୁ ସୁରଭିର ସୌନ୍ଦର୍ଯ୍ୟକୁ ନା ତା' କାର୍ଯ୍ୟ ଦକ୍ଷତାକୁ ବେଶୀ ଅଗ୍ରାଧିକାର ଦେଉଛୁ । ବାପା ଆପଣ ନା ! ମୋତେ ପୂରା ଡରେଇ ଦେଇଥିଲେ । ଆରେ ସମ୍ୱିତ ମଜା ଆସିଲା କି ନାହିଁ କହ !! ଦୁର୍ଗାପ୍ରସାଦ ବାବୁ ସ୍ତ୍ରୀ ସୁରମା ଦେବୀଙ୍କୁ ଡାକ ଛାଡିଲେ, କହିଲେ ସମ୍ୱିତ ବୋଉ ଦେଖିଲ ପାଞ୍ଜିରେ ଏଇ ମାସରେ କେବେ ବିବାହ ଯୋଗ ଅଛି ? ସୁରମା ଦେବୀ ପାଞ୍ଜି ଆଡେଇ ଦେଖିଲେ, ଜ୍ୟୋତିଷଙ୍କ ପରାମର୍ଶରେ ତାରିଖ ନିର୍ଧାର୍ଯ୍ୟ ହେଲା । ସବୁ ପ୍ରସ୍ତୁତି ପର୍ବ ଆରମ୍ଭ ହେଲା । ଦିନ କେଇଟା ଭିତରେ ନିର୍ଦ୍ଦିଷ୍ଟ ଦିନରେ ଧୁମ୍‌ଧାମ୍‌ରେ ବିବାହ ସରିଗଲା ।

ବାପା ସୁକାନ୍ତ ଭୋଇ ଓ ମାଆ ସୁରେଖାର ଦୁଃଖବୋଲି ଆଉ କିଛିନାହିଁ । ମନ ତାଙ୍କର କୁଣ୍ଢେମୋଟ । କେବେବି ସ୍ୱପ୍ନରେ ଭାବି ନଥିଲେ ତାଙ୍କୁ ଘରେ ଆଶ୍ରୟ ଦେଇଥିବା ସେହି ଲକ୍ଷପତି ମାଲିକର ଡାକ୍ତର ପୁଅ ସହ ସୁରଭିର ବାହାଘର ହେବ । ସୁରଭି ଆଉ ସମ୍ୱିତ ବିବାହ ବନ୍ଧନରେ ବାନ୍ଧି ହୋଇ ଚାଲିଗଲେ । କୋରାପୁଟର ସେହି 'ଅନ୍ଧ ବିଶ୍ୱାସ'ର ଏକ ଗାଁ' ଅତୀତରେ ଯେଉଁଠି ସେଦିନ ପିହୁଳା ରୋଗରେ ମରି ଯାଇଥିଲା ମଞ୍ଜୁର ପୁଅ । କିନ୍ତୁ ଗ୍ରାମବାସୀ ସୁରେଖାକୁ ଡାହାଣୀର ଆଖ୍ୟାଦେଇ ଏକପ୍ରକାର ଗାଁ ରୁ ବିତାଡିତ କରିଦେଇଥିଲେ । ଆଜି ସୁରେଖାର ସବୁକଥା ସ୍ମୃତିପଟ୍ଟରେ ନାଚିଯାଉଛି । ସୁକାନ୍ତ ଓ ସୁରେଖା କେବେ ବି ଭାବି ନାହାନ୍ତି, କି କାହା ଆଗରେ କହି ନାହାନ୍ତି ସୁରଭି ତାଙ୍କର ସ୍ୱପ୍ନପ୍ରାପ୍ତିର ପାଳିତା କନ୍ୟା ....!!!

Source: Author, Digitized by PPRACHIN, SOA

ମଣିଷ ପଣିଆ

ଏକ ଅଜଣା ନମ୍ବରରୁ କଲଟି ଉଠାଇ ହ୍ୟାଲୋ ! କହିବା ମାତ୍ରେ ସେପଟୁ ଶୁଭିଗଲା ମାଆ ନମସ୍କାର ! ମୋତେ ଜାଣି ପାରୁଛନ୍ତି ? ମୁଁ ମିଲି କହୁଛି ।

ଓହୋ ମିଲି ! ଆରେ ତୁ ଏତେଦିନ ପରେ ଫୋନ କରୁଛୁ ? ହଁ ମାଆ ଖୁସି ଖବର । ତୁମେ ଯାହା କହିଥିଲ ଆମେ ତାହାହିଁ କଲୁ । ଏବେ ଆମେ ଆସିଛୁ ଆମ ଗାଁକୁ । ମୋ ଶାଶୂ ମୋ ପୁଅକୁ ଦେଖି ଭାରି ଖୁସି ।

ଆରେ ମିଲି ସତେକି ! ମୁଁ କ'ଣ କହୁଥିଲି ? ତୁମେ କିନ୍ତୁ ଡରୁଥିଲ, ଯାହାହେଉ ଭଲହେଲା, ଏଥର ଖୁସିରେ ରୁହ । ମିଲି କହିଲା ମାଆ ସବୁ ତୁମ ଆଶୀର୍ବାଦ । ଫୋନ ରଖିଲି ମନେ ପଡିଗଲା ଗୋଟି ଗୋଟି କରି ସେଦିନର କଥା.... ! !

ରାସ୍ତାରେ ଚାଲୁ ଚାଲୁ ଡି.ଏ.ଭି. ସ୍କୁଲ ଛକରେ ଅଟୋ ବାଲାକୁ ପଚାରିଲି, ମାଷ୍ଟର କ୍ୟାଣ୍ଟିନ ଯିବ କି ଭାଇ ? କହିଲା ନା' ମାଆ । ମୁଁ ଆଚାର୍ଯ୍ୟବିହାର ଯାଏଁ ଯିବି, ହଉ ଠିକ୍ ଅଛି ଚାଲ । ସେହିଠାରୁ ମୋତେ ଆରାମରେ 'ମୋ ବସ' କିମ୍ବା ଅଟୋ ମିଳିଯିବ । ଅଟୋ ଆଗେଇ ଚାଲିଲା, ଅଳ୍ପ କିଛିବାଟ ଯିବାପରେ ରାସ୍ତାରେ ଅପେକ୍ଷାରତ ଥିବା ଦୁଇଜଣ ଲୋକ ହାତ ଦେଖାଇ ଅଟୋକୁ ଅଟକାଇ ଦେଲେ । ପଚାରିଲେ ବାଣୀ ବିହାର ଯିବ କି ? ଏକୋଇଶି କି ବାଇଶି ବର୍ଷର ପୁଅଟି ଓ ଅଠର କି ଉଣେଇଶି ବର୍ଷର

Source: Author, Digitized by PPRACHIN, SOA

ଝିଅଟି ଏକ ଛିଣ୍ଡା କୋତରା ଶାଢିଟି ଦେହରେ ଗୁଡ଼ାଇ ହୋଇଛି । ବିନା ବ୍ଲାଉଜରେ, ପୁଅଟି ମଧ୍ୟ ମଇଳା ସାର୍ଟ୍ ଖଣ୍ଡେ ତାଳିପକା ପ୍ୟାଣ୍ଟ୍ ଖଣ୍ଡେ ପିନ୍ଧିଛି । ଝିଅଟି କୋଳରେ ଥାଏ ଏକ କୁନି ଛୁଆ । ଅଟୋ ବାଲା କ'ଣ ଭାବିଲା କେଜାଣି, ମୋତେ ଟିକେ ବୁଲିକି ଚାହିଁଲା, ବୋଧହୁଏ ମୋର ଅନୁମତି ଲୋଡୁଥିଲା, ମୁଁ ତା' ଚାହାଣିରୁ ବୁଝିଗଲି । ଡେରି ନକରି ଅଟୋର ଡାହାଣକୁ ଟିକେ ଘୁଞ୍ଚିଯାଇ କହିଲି ଆସ ଆସ ବସ, ଯିବା ଡେରି ହେଉଛି, ସେମାନେ ବସିଲେ ଅଟୋ ଚାଲିଲା । ମୁଁ ନୀରବରେ ସେ ଛୁଆଟିକୁ ନିରୀକ୍ଷଣ କରୁଥାଏ । ଭାରି ଗୁଲୁଗୁଲିଆ ଛୁଆଟି ଗୋରା ତକ୍‌ତକ୍ ଦେଖିବାକୁ, ଖୁବ୍ ସୁନ୍ଦର । ଅନୁଭବ କଲି ସେ କୁନି ଛୁଆଟି ତା' କଅଁଳ କୁନି ଆଖିରେ ମୋତେ ଚାହିଁ ଯେମିତି କେତେ କଥା କହୁଛି, ସମ୍ଭାଳି ପାରିଲିନି । ପାଖରେ ବସି ଥିବା ସେ ଝିଅଟିକୁ ପଚାରିଲି, ଆଚ୍ଛା ଏ ଛୁଆଟି କାହାର ! ପୁଅ ନା ଝିଅ ? କହିଲା ମାଆ, ଇଏବା ମୋ ପୁଅ, ମୁଁ ଆଶ୍ଚର୍ଯ୍ୟ ହେଲି, ବିଶ୍ୱାସ କରିପାରିଲିନି, ଏତେ କମ୍ ବୟସର ଝିଅଟି, ତା' କୋଳରେ ପୁଣି ଛୁଆ ! ମନେ ମନେ ଭାବିଲି, ଆରେ ଏ ଛୁଆଟି ତ ରାଜା ଛୁଆପରି ଦିଶୁଛି.... ।

ଖୁବ୍ ସୁନ୍ଦର ପୋଷାକ ହଲେ ପିନ୍ଧିଛି, ଖୁବ୍ ମାନୁଛି କଣ୍ଢେଇଟି ପରି । ମନ ମାନିଲାନି, ମନେ ପଡ଼ିଗଲା ଦିଲ୍ଲୀରେ ଥିଲାବେଳେ ରାସ୍ତା କଡରେ ଭିକ ମାଗୁଥିବା ଅନେକ ସ୍ତ୍ରୀ ଲୋକଙ୍କ କୋଳରେ ଏମିତି ଗୁଲୁଗୁଲିଆ ଗୋରା ତକତକ କୁନି କୁନି ଛୁଆ ଧରି ବସିଥାନ୍ତି ।

ଦେଖିଲେ ବିଶ୍ୱାସ କରିହୁଏନି ଯେ ଏ ଛୁଆ ତାଙ୍କର ବୋଲି । ପରେ କିନ୍ତୁ ଅନେକ ତଦନ୍ତ କଲାପରେ ଜଣାପଡେ ସେ ଛୁଆ ପ୍ରକୃତରେ କେଉଁ ବଡ ବଡ଼ିଆଙ୍କ ଛୁଆ । ବାପା ମାଆ ଚାକିରୀକୁ ଗଲାପରେ ଛୁଆର ଯତ୍ନନେବା ଯେଉଁ ବେବି କେୟାର ସେଣ୍ଟରରେ ଛାଡିଥାନ୍ତି । ସେମାନେ ଏମିତି ଛୁଆମାନଙ୍କୁ ଭିକାରୀଙ୍କ ହାତରେ ଧରିବା ପାଇଁ ଦେଇଥାନ୍ତି । ମୋ ମନରେ ଟିକେ ସନ୍ଦେହ ଆସିଲା, ତାକୁ ପଚାରିଲି, ସତରେ ଇଯେ ତୋ ଛୁଆ ? ତୁ ବାହା ହୋଇଛୁ ? ହଁ ?ମା' ଏ ପରା ତା' ବାପା । ତା' ପାଖରେ ବସିଥିବା ପୁଅଟିକୁ ଦେଖାଇ କହିଲା । ତାକୁ ଏ କଥା ପଚାରିବାର କାରଣ ଥିଲା, ତାହା ପାଖରେ ବାହା ହେବାର କୌଣସି ଲକ୍ଷଣ ବା ବିବାହ ବୟସର ଛାପ ବାରି ହେଉ ନଥିଲା । ମୁଁ ତା' ପାଖରେ ଦେଖିପାରୁ ନଥିଲି, ବିବାହର କିଛି ଲକ୍ଷଣ ।

Source: Author, Digitized by PPRACHIN, SOA

ମଥାରେ ତା'ର ନା ଥିଲା ବିନ୍ଦି, ନା ସିନ୍ଥିରେ ସିନ୍ଦୂର, ନା ଥିଲା ହାତରେ ଶଙ୍ଖା । ତାକୁ ପଚାରିଲି, ଆରେ ଝିଅ ତୋ ନାଁ କଣ୍ ? ମାଆ ମୋ ନାଁ ଝିଲି, ଆଚ୍ଛା ଝିଲି ତୁ ତେବେ ବାହା ହେଉଛୁ ନୁହେଁ ? ହଁ ମାଆ ! ତା'ହେଲେ ସିନ୍ଦୂର, ଚୁଡି କାହିଁ ପିନ୍ଧୁନୁ ? କହିଲା କଣ୍ କହିବି ମା' ସତ କହିବି ? ହଁ କହ, କହୁନୁ !! ନା' ନା.. ମୁଁ.. କହିଲେ କାଳେ ଆପଣ ଖରାପ ଭାବିବେ, ଆରେ ନା କହ କିଛି ଖରାପ୍ ଭାବିବିନି । କହିଲା ହା' ମ' ମାଆ ଆମେ ସତରେ ବାହା ହୋଇନୁ, ଦୁହେଁ ଦୁହିଁଙ୍କୁ ଭଲ ପାଉଥିଲୁ, ଆମ ଭୁଲ୍ ବଶତଃ ଛୁଆଟି ପେଟରେ ରହିଗଲା ଯେ ଆମେ କିଛି ଉପାୟ ନପାଇ ଘର ଛାଡ଼ି ଚାଲି ଆସିଲୁ ଭୁବନେଶ୍ୱର । ଛୁଆଟି ଏଇଠି ଜନ୍ମ ହେଲା । ଏକଥା ଶୁଣି ମୁଁ ଟିକେ ବିରକ୍ତି ପ୍ରକାଶ କରି କହିଲି, ଆଗେ ତୁମେ ଏମିତି କାହିଁ କଲ ଏମିତି କରିବା ଠିକ୍ କଥା ନୁହେଁ, ଏମିତି କଣ ସବୁ କରନ୍ତି ? ବାପା ମା'ଙ୍କୁ ନ ଜଣାଇ ! ଆଛା ତୁମ ଗାଁ କୁଆଡେ ? କହିଲା ମାଆ ଆମ ଗାଁ ମୟୂରଭଞ୍ଜ ଜିଲ୍ଲାରେ ଏକ ଆଦିବାସୀ ଅଂଚଳରେ ଆମ ଗାଁ । ଆପଣ କ'ଣ ଜାଣି ପାରିବେ କି ! ଆଛା ଝିଲି ତୁମ ବାପା ମା' ତୁମକୁ ଖୋଜୁ ନାହାଁନ୍ତି ? ହଁ ମା ଖୋଜୁଥିବେ, ହେଲେ ଆମେ କ'ଣ କରିବୁ ଯେ, ମା' ଆମକୁ ତ ଡର ଲାଗୁଚି ଗାଁକୁ ଯିବାକୁ । ଗାଁ ଲୋକେ ଛି, ଛାକର କରିବେ ମୁଣ୍ଡ ତଳକୁ ହୋଇଯିବ ଗାଁରେ ମୁହଁ ଦେଖାଇ ପାରିବୁନି । ଭାବୁଛି ଏଇ ଭୁବନେଶ୍ୱରରେ ରହି, ଘରବାଡି କାମ ଧନ୍ଦାକରି ପେଟ ପୋଷିବୁ । ଛୁଆଟିକୁ ଯତ୍ନରେ ବଢାଇ ପାଠ ପଢ଼ାଇ ମଣିଷ କରିବୁ । ମୁଁ କହିଲି ହଁ ରେ ଝିଅ, ସେ କଥା ଠିକ୍ ଯେ, ହେଲେ ନିଜ ବାପା ମାଆଙ୍କୁ ଘର ଲୋକଙ୍କୁ ନ ଜଣାଇ, ଏମିତି ରହିବାଟା କ'ଣ ସୁନ୍ଦର ! ତୁମେ ଯେମିତି ଏବେଠୁ ତୁମ ଛୁଆପାଇଁ ଚିନ୍ତା କଲଣି, ତୁମ ବାପା ମା' ବି ତୁମପ୍ରତି ସେମିତି ଆଶା ରଖିଥିବେ, ତୁମର ବି ସେମାନଙ୍କ ପ୍ରତି କିଛି କର୍ତ୍ତବ୍ୟ ଅଛି ନା ନାହିଁ ?

ଶୁଣ ଝିଅ, ତୁମେ ଗୋଟେ କାମକର, ଏ ବର୍ଷ ରଜକୁ ତୋ' ବରସହ ଛୁଆଟିକୁ ଧରି ଗାଁକୁ ଯାଅ । ତୁମର ବାପା, ମା' ଏହି ଗୁଲୁଗୁଲିଆ ସୁନ୍ଦରିଆ ନାତୀଟାକୁ ଦେଖିଲା ପରେ ତାଙ୍କ ମନରେ ସବୁ ରାଗରୋଷ ଅଭିମାନ ଦୂରେଇ ଯିବ । ମନ ତାଙ୍କର ପରିବର୍ତ୍ତନ ହେବ, ତୁମକୁ ନିଶ୍ଚୟ କ୍ଷମା କରିଦେବେ । ତୁ ମୋ ମୋବାଇଲ ନମ୍ବର ରଖ, ତୋ ବାପାମାଆ ଯଦି ତୋତେ କିଛି କୁହନ୍ତି, ତେବେ ମୋତେ ଫୋନ

Source: Author, Digitized by PPRACHIN, SOA

କରି ଜଣାଇବୁ, ମୁଁ ସେମାନଙ୍କ ସହ କଥା ହୋଇ ବୁଝାଇ ଦେବି । ତୁ ବ୍ୟସ୍ତ ହ' ନା । ଏମିତି କଥାବାର୍ତ୍ତା ଭିତରେ ଆଚାର୍ଯ୍ୟ ବିହାର ଛକ ହୋଇଗଲା । ଅଟୋରୁ ଓହ୍ଲାଇ ଅଟୋ ବାଲାକୁ ମୋ ଭଡ଼ାସହ ସେମାନଙ୍କ ଭଡ଼ା ମଧ୍ୟ ଦେଇଦେଲି, ଅଟୋବାଲା ପଇସା ନେଇ ତା'ବାଟରେ ଚାଲିଗଲା । ସେ ଝିଅ ହାତକୁ ବେଶିନୁହେଁ, ମାତ୍ର ୧୦୦ଟି ଟଙ୍କା ବାହାର କରିଦେଲି ଓ କହିଲି ନେ, ଏ ଟଙ୍କାରେ ଆଜି ଦୋକାନରୁ ଚୁଡ଼ି, ସିନ୍ଦୂର, ବିନ୍ଦି କିଣିଆଣିବୁ, ହାତରେ ଚୁଡ଼ି, ମଥାରେ ସିନ୍ଦୂର ଲଗାଇ ଖୁବ୍ ମାନିବ । କଥାରେ ପରା ଅଛି ସଧବା ସ୍ତ୍ରୀମାନେ ଚୁଡ଼ି, ସିନ୍ଦୂର ପିନ୍ଧିଲେ ସ୍ୱାମୀଙ୍କର ଆୟୁଷ ବଢ଼େ, ମଙ୍ଗଳ ହୁଏ । ଝିଅଟି ଉଲ୍ଲସିତ ମନରେ ହସି ହସି କହି ପକାଇଲା, ସତରେ ମା' ଆପଣ କେତେ ଭଲ, ଆମେ ତ ଅଟୋରେ ଆପଣଙ୍କ ପାଖରେ ବସିଲାବେଳେ ସଙ୍କୋଚ କରୁଥିଲୁ, ଆମକୁ ଡର ଲାଗଥିଲା । ଆପଣ ଆମକୁ କାଳେ କିଛି ଖରାପ ଭାବିବେ, କିନ୍ତୁ ମା' ଆପଣ ତ ମଣିଷ ନୁହେଁ ସତରେ ଦେବୀଟିଏ । ଆପଣଙ୍କ ଭଳି ଏତେ ଭଲଲୋକ ଦୁନିଆରେ ଅଛନ୍ତି ମାଆ ! ଏହା କହିବା ବାହୁଲ୍ୟ ହୋଇପାରେ ! ମାତ୍ର ଏହା ତା'ର ଅନୁଭବର ଭାଷା ଅନ୍ତର କଥାକୁ ମୋ ସମ୍ମୁଖରେ ବ୍ୟକ୍ତ କରୁଥିଲା ।

ମୁଁ କହିଲି ନା' ରେ ଝିଅ, ମୁଁ ତୁମ ଭଳି ସାମାନ୍ୟ ସାଧାରଣ ମଣିଷଟିଏ । କେବଳ ଦରଦୀ ମନଟିଏ କାହିଁ କେଜାଣି ସମସ୍ତଙ୍କୁ ଆପଣାର ପରି ଭାବେ । ସମସ୍ତଙ୍କ ଭିତରେ ଈଶ୍ୱରଙ୍କ ସତ୍ତାକୁ ଅନୁଭବ କରେ । ସମସ୍ତଙ୍କୁ ଖୁବ୍ ଭଲପାଏ ଶ୍ରଦ୍ଧା କରେ, ସମ୍ମାନ କରେ ! !

ଏ ଦୁନିଆରୁ କିଏ ବା କ'ଣ ନେଇ ଯିବରେ ଝିଅ ? ଏ କଥା ଶୁଣି ଧଡ଼୍‌କିନା କହି ପକାଇଲା ହଁ ମା' ଏଇତ ମଣିଷ ପଣିଆ । ମୁଁ କହିଲି ହଉ ଥାଉ, ଏତେ ଆଉ ପ୍ରଶଂସା କରନି, ଏଥର ଯିବା । ଝିଅଟିର ଯୁବତୀ ସୁଲଭ ମୁହଁରେ ଯେମିତି ଆନନ୍ଦର ଝଲକ ଝଲସି ଉଠିଲା, ସେ ମୋ ଆଡ଼କୁ ହାତ ବଢ଼ାଇ ମୋ ହାତକୁ ମୁଠେଇ ଧରି ମୋତେ ହ୍ୟାଣ୍ଡସେକ୍ କରି କହି ପକାଇଲା 'ଥାଙ୍କ ୟୁ ମା', ଥାଙ୍କ ୟୁ.... ମୁଁ ଆଶ୍ଚର୍ଯ୍ୟ ହେଲି ତା'ର ଏ ଆତ୍ମୀୟତା ପଣରେ । ବିଭୋର ହୋଇଗଲି ସତରେ । ସମ୍ଭାଳି ପାରିଲିନି ତାକୁ ମଧ୍ୟ ଖୁସିରେ କୁଣ୍ଢାଇ ପକାଇଲି, ତା' ବର କୋଳରେ ଥିବା କୁନି ଛୁଆଟିକୁ ଖୁବ୍ ଶ୍ରଦ୍ଧାରେ ଗେହ୍ଲା କରିଦେଲି । କିଛି ଲୋକ ପାଖରେ ଓ ଦୂରରେ ଥାଇ

Source: Author, Digitized by PPRACHIN, SOA

ଭାବପୂର୍ଣ୍ଣ ଚାହାଣୀରେ ଏ ଦୃଶ୍ୟକୁ ଉପଭୋଗ କରୁଥିଲେ ବୋଲି ପରେ ଲକ୍ଷ୍ୟକଲି । ତା'ପରେ ସ୍ୱାମୀ, ସ୍ତ୍ରୀ ଦୁହେଁ ମୋର ପାଦଛୁଇଁ ମୋତେ ପ୍ରଣାମ କରିବାକୁ ବି ଭୁଲି ନଥିଲେ । ଆପଣା ଛାଏଁ ମୋ ପାଟିରୁ ବାହାରି ଆସିଥିଲା ଭଗବାନ ତୁମକୁ ଆଶିର୍ବାଦ କରନ୍ତୁ ତୁମର ମଙ୍ଗଳ କରନ୍ତୁ ଖୁବ୍ ଖୁସିରେ ରୁହ । ତା' ସ୍ୱାମୀକୁ କେବଳ ପଦୁଟିଏ କହିଥିଲି, ଆରେ ପୁଅ ତୁମ ଦୁଇ ଜଣଙ୍କ ଭିତରେ କେବେ କଳି ଝଗଡ଼ା କରିବନି ତୁମ ସ୍ତ୍ରୀ ତୁମ ସହିତ ଯେଉଁ ବିଶ୍ୱାସରେ ଚାଲି ଆସିଛି, ତା' ବିଶ୍ୱାସକୁ ହରେଇବନି, ତାକୁ ଖୁସିରେ ରଖିବ । ସେ କହିଲା ହଁ ମା ନିଶ୍ଚିତ...! ମୁଁ ବି ତାକୁ ଖୁବ୍ ଭଲପାଏ ସେଥିପାଇଁ ତ ଏମିତି ନିଷ୍ପତ୍ତି ନେଇ ଘରୁ ଚାଲିଆସିଛୁ । ତା'କଥା ପଦୁଟିରେ ବାରିହୋଇ ପଡୁଥିଲା ତା' ଭିତରେ ତା' ସ୍ତ୍ରୀ ପ୍ରତି ଥିବା କେତେ ଅନାବିଳ ପ୍ରେମ ଆଉ ଭଲପାଇବା ! ମନେମନେ ମୁଁ ଭାବୁଥିଲି ସତରେ ଯାକୁ ହିଁ କୁହନ୍ତି ସ୍ୱର୍ଗୀୟ ପ୍ରେମ । ଅନେକ ସମୟରେ ଦେଖାଯାଏ, ଏମିତି ପୁଅ ଝିଅ ମାନେ କମ୍ ବୟସରେ ଭୁଲ୍ କରିବସନ୍ତି, କିଛିଦିନ ପରେ ତାଙ୍କ ଭିତରେ ଥିବା ଭଲପାଇବା ପ୍ରେମ ସମ୍ପର୍କ କୁମାରି ଦିଅନ୍ତି, ଯାହାକି ନିଜପାଇଁ, ପରିବାର ତଥା ସମାଜ ପାଇଁ ବହୁତ୍ କ୍ଷତି କାରକ ହୋଇଥାଏ ।

କିନ୍ତୁ ତାଙ୍କ ପରସ୍ପର ଭିତରେ ଥିବା ଭଲପାଇବା ଅନାବିଳ ପ୍ରେମ ସମ୍ପର୍କ ଏତେ ସୁଦୃଢ ବୋଲି ଅନୁଭବ କଲି, ଆଜିକାଲି ଶିକ୍ଷିତ ଧନୀ ସମାଜରେ ବି ଏହାର ଅନେକ ବ୍ୟତିକ୍ରମ ଦେଖାଯାଏ । ଯାହାବି ହେଉ ମୋର ଏତିକି ହୃଦୟଙ୍ଗମ ହେଲା ସେମାନେ ଦରିଦ୍ର ହୋଇ ପାରନ୍ତି, ଅପାଠୁଆ ହୋଇ ପାରନ୍ତି କିନ୍ତୁ ଅଶିକ୍ଷିତ ନୁହଁନ୍ତି । ହଁ ଶେଷରେ ପରସ୍ପରକୁ ବାଏ ବାଏ କରି ଦୃଶ୍ୟ ପଟ୍ଟରୁ ଅଦୃଶ୍ୟ ହୋଇଗଲୁ ।

ମୋ ମନ ହୃଦୟକୁ ତା'ଙ୍କ ବ୍ୟବହାର କଥାବାର୍ତ୍ତା ଚହଲାଇ ଦେଲା । ଝିଅଟିର ଲାଳିତ୍ୟ ଭରା ଆଦିବାସୀ ଭାଷାରେ ଫୁଟି ଦିଶୁଥିଲା ସେହି ଅଙ୍କାବଙ୍କା ପଦିଏ ଇଂରେଜୀ ଶବ୍ଦରେ କେତେ ସ୍ନେହ ମମତା, ସତରେ ମାପି ହେବନି ତା'ର ଗଭୀରତା । ହଁ ଏବେ ବି ତା'ର ସେ କଥାପଦେ ମୋ ହୃଦୟ ଭିତରେ ସ୍ପନ୍ଦିତ ହେଉଛି । କର୍ଣ୍ଣରେ ଗୁଞ୍ଜରଣ ସୃଷ୍ଟିକରୁଛି । ଏ ଅବିଶ୍ୱାସର ଶିକ୍ଷିତ ଦୁନିଆରେ ସାନ, ବଡ଼ ଧନୀ ଦରିଦ୍ରର ଊର୍ଦ୍ଧ୍ୱରେ ଏ ମାନବୀୟ ଗୁଣ, ମଣିଷ ପଣିଆ ସବୁଠୁ ଶ୍ରେଷ୍ଠ ବୋଲି ମୁଁ ମୁହୂର୍ତ୍ତକ ଅନୁଭବର ଆକର୍ଷଣରେ ବାନ୍ଧି ହୋଇଗଲି...ସାରା ଜୀବନ.!!!

Source: Author, Digitized by PPRACHIN, SOA

ଡାଇରୀର ପୃଷ୍ଠାରୁ ଚିଠିଟିଏ....

ଦିନେ ପ୍ରଶାନ୍ତି ଏକ୍ସପ୍ରେସରେ ବସି ଭୁବନେଶ୍ୱରରୁ ବାଙ୍ଗାଲୋର ଯାଉଥିଲି, ସଫ୍ଟୱେର ଇଞ୍ଜିନିୟର ଥିବା ମୋ ଗେହ୍ଲାଝିଅ ସୌମ୍ୟା ପାଖକୁ । ମୁଁ ବସିଥିବା ଝରକା ପାଖ ସିଟ୍‌ର ସାମ୍ନାସିଟ୍‌ରେ ଜଣେ ଭଦ୍ର ମହିଳା ଆସି ବସିଲେ, ବୟସ ପାଖା ପାଖି ୪୦ରୁ ୪୨ ପରି ଲାଗୁଥାନ୍ତି । ମୋ' ଆଡ଼କୁ ଟିକେ ଚାହିଁଲେ ଓ କ'ଣ ଭାବିଲେ କେଜାଣି, ହସ ହସ ବଦନରେ ମୋତେ ପଚାରିଲେ, ମ୍ୟାଡାମ କେଉଁଠି କି ଯାଉଛନ୍ତି ? ମୁଁ କହିଲି ବାଙ୍ଗାଲୋର ଯାଉଛି, ସେ କହିଲେ କ'ଣ ଏକୁଟିଆ ? ମୁଁ ସ୍ମିତହସି କହିଲି, ହଁ ମାଡାମ ମୁଁ ଏକୁଟିଆ ପ୍ରାୟତଃ ଯାଏ ମୋ ଝିଅ ପାଖକୁ । ଏମିତି କଥବାର୍ତ୍ତା ଭିତରେ ଚା' ବାଲା ଆସିଗଲା ଆମେ ଦୁହେଁ ଚା ପିଉ ପିଉ ଗପ ପେଡ଼ି ଖୋଲିଗଲା ଗପ ବେଶ୍ ଜମିଲା ଦୁହିଁଙ୍କ ଭିତରେ, କଥାରେ କହନ୍ତି ଏକ ମିଜାଜ ର ଲୋକ ଏକାଠି ହେଲେ, ତାହା ହେଲେ ଗପ ତ ଜମିଯାଏ । ଆମ ଭିତରେ ବୋଧେ କିଛି ଏକତ୍ୱ ଥିଲା ସେଥିପାଇଁ ବିନା ଦ୍ୱିଧାରେ, ସେ ମୋ ବିଷୟରେ ଓ ମୋ ପରିବାର ବିଷୟରେ ସବୁ କିଛି ପଚାରି ବୁଝି ନେଲେ, ମୁଁ ମଧ୍ୟ ତାଙ୍କ ବିଷୟ ରେ ପଚାରିବାକୁ ଭୁଲି ନଥିଲି, ସେ ବ୍ରହ୍ମପୁରର ଖଲିକୋଟ କଲେଜରେ ଅଧ୍ୟାପନା କରନ୍ତି, ପ୍ରତ୍ୟେକ ଶନିବାର ଭୁବନେଶ୍ୱର ଆସନ୍ତି ତାଙ୍କ ବାପା ମାଆଙ୍କ ପାଖରେ କିଛି ସମୟ କଟାଇ ପୁଣି ରବିବାର ରହି ସୋମବାର କଲେଜ ଯା'ନ୍ତି, ଏମିତିରେ ଚାଲିଥାଏ ତାଙ୍କ ରୁଟିନ ଲାଇଫ । ଆମ ଦୁହିଁଙ୍କର ପରସ୍ପର ପରିଚୟ ଆଦାନ ପ୍ରଦାନ ହେବା ଭିତରେ ତାଙ୍କର ଏକ ଫୋନ୍ କଲ୍ ଆସିଲା ସେ କଥା ହେଉ ହେଉ, ମୁଁ ମୋ ବ୍ୟାଗରୁ ମୋର ସଦ୍ୟ

Source: Author, Digitized by PPRACHIN, SOA

ପ୍ରକାଶିତ ଏକ କବିତା ବହି 'ଅପରାହ୍ନର ସୂର୍ଯ୍ୟ' ବାହାର କରି ପଢ଼ିବା ଆରମ୍ଭ କଲି, ନିଜ ଲେଖା ହେଲେ ମଧ୍ୟ ବାର୍ ବାର ପଢ଼ିବାକୁ ଇଚ୍ଛା ହୁଏ, ଯେତେ ପଢିଲେ ସେତେ ନୂଆଲାଗେ, ମୁଁ ଭୁଲିଯାଏ ଯେ, ସେ ମୋର ନିଜସ୍ୱ ସୃଷ୍ଟି ବୋଲି ଲେଖକ ଠାରୁ ପାଠକ ହୋଇ ପଢ଼ିବା ମଜା ଏକ ନିଆରା ଅନୁଭୂତି । ପୁଣି ଟ୍ରେନ୍‌ରେ ପଢିବା ଆହୁରି ମଜାଦାର... ! ଏହାରି ଭିତରେ ସମୟ ଗଡ଼ିଚାଲିଛି, ଟ୍ରେନ ମଧ୍ୟ ଦ୍ରୁତଗତିରେ ଆଗକୁ ଆଗକୁ ମାଡ଼ି ଚାଲିଛି, ମୁଁ ଆଖି ଉଠେଇ ଦେଖିଲା ବେଳକୁ ଅଧ୍ୟାପିକା ମାଡାମ୍ ଜଣକ ଏକ ଡାଇରୀରେ କଣ ଲେଖି ଚାଲିଛନ୍ତି ।

ଏହି ସମୟରେ ମୋ ଝିଅ ପାଖରୁ ଫୋନକଲ୍ ଆସିଲା ତା' ସହିତ କଥା ହେଲା ଭିତରେ, ହଠାତ ଟ୍ରେନ ଅଟକି ଗଲା, ସେହି ମାଡାମ ଜଣକ ତରତର ହୋଇ ଉଠିପଡିଲେ ମୋତେ ଚାହିଁ କହିଲେ ମାଡାମ ମୋ ଷ୍ଟେସନ ଆସିଗଲା ମୁଁ ରହୁଛି Happy journey ଭଲରେ ଯାଇ ବାଙ୍ଗାଲୋରରେ ପହଞ୍ଚିଯାନ୍ତୁ । ମୁଁ କହିଲି ଓକେ ମାଡାମ ଧାନ୍ୟବଦ୍ 'ଜୟ ଜଗନ୍ନାଥ' ସେ ବି ଜୟ ଜଗନ୍ନାଥ କହି ମୋ ଠାରୁ ବିଦାୟ ନେଲେ ।

ମୁଁ ଫୋନ୍ ରଖିସାରି ଦେଖେ ତ ସେ ଭଦ୍ରମହିଳା ବସିଥିବା ସିଟ୍‌ରେ ଏକ ଡାଇରୀ ଥୁଆ ହୋଇଛି ସେତେବଳକୁ ଅନ୍ୟ ଯାତ୍ରୀମାନେ ବଗି ଭିତରକୁ ଆସି ନିଜ ନିଜର ରିଜର୍ଭେସନ ସିଟ୍ ଖୋଜୁଥାନ୍ତି, ବସିବାପାଇଁ । ଟ୍ରେନ ମଧ୍ୟ ଷ୍ଟେସନ ଛାଡ଼ି ସାରିଲାଣି ସେତେବେଳକୁ ମୁଁ ସେ ଡାଇରୀଟିକୁ ଉଠାଇ ଆଣିଲି, ତନ୍ନତନ୍ନ କରି ଦେଖିଲି, ହେଲେ ଖୋଲି ପଢିବି କି ନାହିଁ ଦ୍ୱନ୍ଦ୍ୱରେ ପଡ଼ିଲି ବିବେକ ବାଧା ଦେଲା, ଅନ୍ୟ କାହାର ପର୍ସନାଲ୍ ଡାଇରୀ ଖୋଲି ପଢ଼ିବା କେତେ ସମିଚୀନ ? ମୋ ମନକୁ ପ୍ରଶ୍ନ ଆନ୍ଦୋଳିତ କଲା । ତଥାପି ଏକ ଲେଖକୀୟ ମନୋବୃତ୍ତିର ପଢ଼ିବା ଓ ଜାଣିବାର ଅଭିଳାଷାକୁ ରୋକି ପାରିଲିନି, ବହୁତ୍ ଭାବିଲା ପରେ ଡାଇରୀଟିକୁ ଆଡେଇ ଦେଖିଲି, ସେହି ଡାଇରୀ ଭିତରେ ଏକ ଚିଠି ଲେଖା ଥିବା ପୃଷ୍ଠାଟିକୁ ଖୁବ୍ ଆଗ୍ରହରେ ପଢିବାରେ ଲାଗିଲି.....।

ପ୍ରିୟ ଆଶୁତୋଷ, ଦୀର୍ଘ ପନ୍ଦର ବର୍ଷପରେ ଆଜି ତୁମକୁ ଦେଖିଲି ତୁମ ସୁନ୍ଦରୀ ସ୍ତ୍ରୀ ଓ ଦୁଇ ପିଲାଙ୍କ ସହ ଭୁବନେଶ୍ୱର ରେଳ ଷ୍ଟେନରେ...ବେଶ୍ ଖୁସି ଜଣା ପଡୁଥିଲ,

Source: Author, Digitized by PPRACHIN, SOA

ଦୁଇ କୁନି ଛୁଆଙ୍କର ହାତଧରି ଦୁଇ ଜଣ ଚାଲିଥିଲ ଲଗେଜ୍ ବ୍ୟାଗ୍ ସହ । ଦୂରରୁ ମୁଁ ନିରୀକ୍ଷଣ କରୁଥିଲି, ବିଗତ ଦିନର ପୁରୁଣା ସ୍ମୃତି ସବୁ ହଠାତ୍ ହୃଦୟରେ ଉଜ୍ଜୀବିତ୍ ହେଲା, ମନ ଆକାଶରେ ଆଙ୍କିଦେଲା ଗୋଟି ଗୋଟି ପ୍ରତିଛବି ।

ଆଖି ସାମ୍ନାରେ ନାଚି ଉଠିଲା ସାଗରର ଗଭୀର ସୁଖ ଭିତରେ, ଜୁଆର ଭଟ୍ଟା ପରି ସେ ଦୁଃଖର ଅନୁଭୂତି.... କାଲିପରି ଲାଗୁଛି, ତୁମର ମନେ ଅଛି କି ନା' ମୁଁ ଜାଣେନା । ଅପରିଚିତର ଦୁଇ ଅଜଣା ମଣିଷ କିପରି ବାନ୍ଧିହୋଇ ଯାଇଥିଲେ ପରିଚିତର ସମ୍ପର୍କ ଡୋରିରେ.... ଯେଉଁଦିନ ପ୍ରଥମ ଦେଖା ହୋଇଥିଲା ତୁମସହ ରାଜରାସ୍ତାର ଏକ ଟ୍ରାଫିକ ଛକରେ... ରାସ୍ତାରେ ଚାଲିଚାଲି ଯିବା ସମୟରେ ଟ୍ରାଫିକର ରେଡ୍‌ସିଗ୍‌ନାଲ୍ ଦେଖି ଗାଡିମଟର ସବୁ ଅଟକିଗଲା । ସମସ୍ତ ପଥଚାରୀ ମଧ୍ୟ ଅଟକି ଗଲେ ।

ଟ୍ରାଫିକ ନିୟମ ଉଲଘଂନ ନକରି । ସେହି ସମୟରେ ମୋ ଫୋନଟି ରିଙ୍ଗ୍ ହେଲା । ମୁଁ ଫୋନଟି ବ୍ୟାଗ୍‌ରୁ କାଢିଲାବେଳେ ମୋ ଛୋଟ ମନିପର୍ସଟି ବ୍ୟାଗରୁ ଖସି ତଳେ ପଡିଗଲା । ତୁମେ ସଙ୍ଗେ ସଙ୍ଗେ ଉଠାଇ ମୋ ହାତକୁ ଧରାଇ ଦେଲ ମୁଁ ଅଶେଷ ଧନ୍ୟବାଦ ଜଣାଇବା ସମୟରେ ଦେଖିଲି ତୁମେ ସ୍ମିତହାସ୍ୟ ବଦନରେ ଅକୁହା ଚାହାଣୀରେ ମୋ ମୁହଁକୁ ଚାହିଁ ରହିଛ । ମୁଁ ତୁମର ଏ ବେଢଙ୍ଗ ଚାହାଣୀ ଦେଖି ଲାଜେଇ ଗଲି । ସେତିକିବେଳେ ଟ୍ରାଫିକ ଛାଡ଼ିଦେଲା, ମୁଁ ଚାଲି ଚାଲି ଏପଟକୁ ଆସିବା ଭିତରେ ଦେଖିଲି ତୁମେ ଟ୍ରାଫିକ ପାରିହୋଇ ରାସ୍ତା ଏପଟେ ଗାଡି ଅଟକାଇ ମୋତେ ଅପେକ୍ଷା କରିଛ । ମୁଁ ବାଣୀବିହାର କ୍ୟାମ୍ପସ ଭିତରକୁ ଯିବାପୂର୍ବରୁ ତୁମେ excuse me କହି ଅଟକାଇ ଦେଲ ମୋତେ । ମୋ ବିଷୟରେ ଜାଣିବାକୁ ଆଗ୍ରହ ପ୍ରକାଶ କରି ମୋ ପଢାପଢି ବିଷୟରେ ବୁଝି ନେଲ । ମୁଁ ଓଡ଼ିଆ ବିଭାଗରେ ଉତ୍କଳ ବିଶ୍ୱବିଦ୍ୟାଳୟରେ ପିଜି କରୁଛି ଜାଣି ଖୁବ୍ ଖୁସିହେଲ ଏବଂ ମୋତେ ପ୍ରଶ୍ନ କରିଥିଲ ଯେ ଲେଖାଲେଖିରେ ରୁଚି ରଖିଥିବ ନିଶ୍ଚୟ ନା କ'ଣ ?

ହଁ ସେମିତି କିଛିକିଛି ଗଳ୍ପ କବିତା ଲେଖାଲେଖି କରେ, ଆମ କଲେଜ ମାଗାଜିନ୍‌ରେ ମୋ ଲେଖା ମଧ୍ୟ ବାହାରେ.... ଆଛା ବହୁତ୍ ବଢିଆ କଥା ମୁଁ ଲେଖାଲେଖି କରେନି, ପଢ଼ିବାକୁ କିନ୍ତୁ ଖୁବ୍ ଭଲପାଏ । ତୁମେ ଲେଖିବ ମୁଁ ପାଠକ ହୋଇ ପଢିବି । ନା' କ'ଣ କହୁଛ ? ଆଛା ଏଯାଏ ତ ତୁମ ନାଁ ଜାଣି ପାରିଲିନି ? ମୋ ନାଁ ମୁଁ

Source: Author, Digitized by PPRACHIN, SOA

କହିବିନି.... । ହଉ ନକୁହ ହେଲେ ତୁମ ଫୋନ ନମ୍ବର ଦିଅ ତ... । ମୁଁ ଫୋନ ନମ୍ବରଟି କହିବା ସମୟରେ ହଠାତ୍ ମୋ ସାଙ୍ଗ ରୂପାଲି ଆସିଗଲା, ଟିକେ ଦୂରରୁ ଦେଖି ଡାକ ଛାଡ଼ିଲା ଆରେ ମିତାଲି... ତୁ ଏଠି ହଉ ଚାଲ୍ ଯିବା କ୍ଲାସ୍ ଟାଇମ ହୋଇଗଲାଣି, ମୁଁ ତୁମକୁ ବାଏ ବାଏ କହି ଚାଲିଲି । ରୂପାଲିର ମୋର ମିଶି ବାଣୀବିହାର ଫାଟକ ଭିତରେ ପସିବା ପୂର୍ବରୁ ପଛକୁ ଫେରି ଚାହିଁ ଦେଖେ ତ ତୁମେ ଆମକୁ ଏକଲୟରେ ଚାହିଁରହିଛ... । ଧୀରେ ଧୀରେ ଆଖି ଦୃଶ୍ୟରୁ ପରସ୍ପର ଅଦୃଶ୍ୟ ହୋଇଗଲେ.. । ଚାରି ପାଞ୍ଚ ଦିନ ପରେ ଦିନେ ରାତି ୯ଟାରେ ଏକ ଅଜଣା ନମ୍ବରରୁ ଫୋନ ଆସିଲା, କିଏ ବୋଲି ଭାବି ଫୋନ ରିସିଭ୍ କରି ହ୍ୟାଲୋ କହିବା ମାତ୍ରେ ସେପଟୁ ଏକ ପୁଅ ପିଲାର କଣ୍ଠ ସ୍ୱର, ହାଏ ! ମିତୁ କେମିତି ଅଛ ? କିଏ ! ଆଶ୍ଚର୍ଯ୍ୟ ଲାଗିଲା ପ୍ରଥମ ଥର ପାଇଁ ମୋତେ ମିତୁ ବୋଲି ସମ୍ବୋଧନ କିଏ ଆଉ ସେ ! ଜାଣି ପାରୁନ ମିତୁ ଏତେ ଜଲଦି ଭୁଲିଗଲ ? ମୁଁ ପରା ଆଶୁତୋଷ.. କେଉଁ ଆଶୁତୋଷ ? ଆରେ କ'ଣ ଏଇ ଗଲା ସୋମବାର ଦେଖା ହୋଇଥିଲେ ବାଣୀବିହାର ଟ୍ରାଫିକ ଛକରେ ....। ଓଃ ମାଇ ଗଡ୍ ... ମୁଁ ତ ଡରି ଗଲେଣି କିଏବୋଲି.... ।

ଆରେ ମୁଁ କି ବୋକି ତୁମେ ମୋ ନାଁ ପଚାରି ବୁଝି ନେଲ, ହେଲେ ମୁଁ ତୁମ ନାଁ ପଚାରିବାକୁ ଭୁଲିଗଲି...ସେଦିନ..... ଆଚ୍ଛା ତେବେ ଏବେ ଜାଣିଲ ତ ମୋ ନାଁ ମୁଁ କିଏ ? ମୁଁ ବାଘ କି ସିଂହ ନୁହେଁ ମ ତୁମେ ଡରନି । ଓକେ ବାବା ଏବେ ଜାଣିଲି... ଜାଣି ପାରିବାରୁ ଅଶେଷ ଧନ୍ୟବାଦ । ଆଉ କେମିତି ଅଛ ମିତୁ ?

ମିତାଲିରୁ ମିତୁ ଡାକଶୁଣି ସତରେ ଆଶ୍ଚର୍ଯ୍ୟ ହେଲି ତୁମର ସେ ସ୍ନେହବୋଳା ଡାକ ଭିତରେ ଗୋଟେ ଆପଣାର ପଣ ଅନୁଭବ କଲି । ସେଦିନ ପରସ୍ପର ଅନେକ କଥା ହେଲେ... ତୁମେ ଏହି ଭୁବନେଶ୍ୱର ITR College ରେ ଅଧ୍ୟାପନା କରୁଛ ଜାଣି ଖୁସିହେଲି । ତୁମ ପରିବାର ଓ ବାପା ମାଆଙ୍କ ବିଷୟରେ ସବୁ ମୋତେ କହିଥିଲ... ମୋ ପରିବାର ବିଷୟରେ ମଧ୍ୟ ସବୁ ପଚାରି ବୁଝିଥିଲ । ଦୁଇ ଅନ୍ତରଙ୍ଗ ସାଙ୍ଗପରି, ତା' ପରଠାରୁ ରେଗୁଲାର ଆମେ ଫୋନରେ କଥା ହେଉଥିଲେ, ଏହି କଥାବାର୍ତ୍ତା ଆଳାପ ଆଲୋଚନାର ବଳୟ ଭିତରେ ଧୀରେ ଧୀରେ ତିଆରି ହେଲା ସମ୍ପର୍କ ସେତୁର ମୂଳଦୂଆ । ରୀତିମତ ଆମ ଭିତରେ ଏକ ଘାଗଲାମି ବଢିଲା, କେହି

Source: Author, Digitized by PPRACHIN, SOA

କାହା ସହିତ ଦିନେ କଥା ନହେଲେ ଯେମିତି ଚାରିଆଡ ଅନ୍ଧାର ଦିଶୁଥିଲା ସେହି ଅନ୍ଧାର ଭିତରେ ଯେମିତି କିଛି ମୂଲ୍ୟବାନ ଜିନିଷ ହଜିଯାଇଛି, ତାହା ମିଳୁନାହିଁ। ସେମିତି ଅନୁଭବ ହେଉଥିଲା। ଦିନସାରା ପାଠପଢା ଓ କର୍ମ ଜଞ୍ଜାଳ ଭିତରେ ରହି ଯଦି କଥା ହୋଇପାରୁ ନଥିଲେ ତେବେ, ରାତିରେ ଶୋଇବା ପୂର୍ବରୁ ମୋତେ ନିଶ୍ଚୟ ଫୋନ କରୁଥିଲ, ଏତେ ଗପ ଗପୁଥିଲେ ଦୁହେଁ ବେଳେବେଳେ ରାତି ପାହି ଯାଉଥିଲା ତଥାପି ଗପ ସରୁ ନଥିଲା । ଆମର ବନ୍ଧୁତ୍ୱ ଏତେ ବଢିଯାଇ ଥିଲା ଯେ ପ୍ରାୟ ପ୍ରତି ରବିବାର ଆମେ ଦୁହେଁ ମନ୍ଦିର ଠାରୁ ସପିଙ୍ଗମଲ୍ ଓ ପାର୍କଯାଏ ନିଃସଙ୍କୋଚରେ ଯାଇ ବୁଲାବୁଲି କରୁଥିଲେ। ବହୁତ୍ ଖୁସି ମଜାରେ ପ୍ରାୟ ରବିବାରଟି ଆମର କଟୁଥିଲା। କେତେବେଳେ ରାସ୍ତା କଡ଼ରେ ଗୁପ୍‌ଚୁପ୍ ଚାଟ୍ ଖାଉଥିଲେ ତ କେଉଁଦିନ ଆଇସ୍‌କ୍ରିମ ପାର୍ଲରରେ ଆଇସ୍‌କ୍ରିମ ଖାଉଥିଲେ, କେବେକେବେ ଡିନର କରି ମଧ୍ୟ ମନ ଆନନ୍ଦରେ ଘରକୁ ଫେରୁଥିଲେ। ଧିରେ ଧିରେ ଆମ ଭିତରେ ଭଲ ପାଇବାର ମଞ୍ଜିଟି ଗଜୁରି ଉଠିଥିଲା। ଯାହାକୁ କୁହନ୍ତି ବୋଧହୁଏ ପ୍ରେମ। ସେ ପ୍ରେମ ନାମକ ରୋଗଟି ଯାହାକୁ ଧରେ ସେ ସେଥିରୁ ମୁକୁଳିବା ବହୁତ କଷ୍ଟ। ଆମ ଭିତରେ ତାହା ହିଁ ହେଉଥିଲା । କଥାବାର୍ତ୍ତା କିମ୍ବା ଦେଖା ସାକ୍ଷାତର ଦୂରତ୍ୱକୁ ବିଲକୁଲ ସହି ହେଉ ନଥିଲା କେହି କାହାକୁ ଛାଡ଼ି ଘଡ଼ିଏ ରହିପାରୁ ନଥିଲେ ।

ମୁଁ ଯେହେତୁ ମଞ୍ଚ, କବିତା ଲେଖାଲେଖି କରେ, ପ୍ରାୟତଃ ଅନେକ କବିତା ଆସରକୁ ଯାଏ, ତୁମେ ଯେବେଠୁ ମୋ ସହ ମିଶିଲ ମୋ ସହିତ ମିଶି ସାହିତ୍ୟ ସଭାକୁଯାଅ। ତୁମେ ଇଞ୍ଜିନିୟର ଛାତ୍ର ହୋଇ ମଧ୍ୟ ବଡ଼ ସାହିତ୍ୟ ପ୍ରେମୀଟିଏ ଥିଲ ସାହିତ୍ୟକୁ ଖୁବ୍ ଭଲ ପାଉଥିଲ, ତେଣୁ କଥା କଥାରେ ମୋତେ କହୁଥିଲ ସତରେ ମିତୁ ତୁମ ଠାରୁ ତୁମ କବିତା, ଗପ ଶୁଣିଶୁଣି ମୁଁ ତୁମ ପ୍ରେମରେ ପଡିଗଲି, ତୁମ କବିତା, ଗପ ମୋତେ ଖୁବ୍ ଭଲ ଲାଗେ.... ସେଥିପାଇଁ ବୋଧେ ଆଶୁ ପ୍ରତିଥର ତୁମେ ମୋ ସହିତ କବିତା ଆସରକୁ ଯାଅ । ସମସ୍ତଙ୍କ କବିତା ମନ ଦେଇ ଶୁଣ, ମୋ କବିତା କେତେବେଳେ ଆସିବ ଚାତକ ପରି ଚାହିଁ ବସିଥାଅ ।

ହଁ ! ଦିନକର ଘଟଣା ତୁମର ମନେ ଅଛି କି ନା ମୁଁ ଜାଣେନା ମୋର ଏକ ସାଙ୍ଗ ସୀପ୍ରାର ବହି ଉନ୍ମୋଚନ ଉତ୍ସବକୁ ଦୁଇ ଜଣଯାକ ଯାଇଥିଲେ, କାର୍ଯ୍ୟକ୍ରମର

Source: Author, Digitized by PPRACHIN, SOA

ଶେଷରେ ପୁଅ ଝିଅ ସାଙ୍ଗ ସମସ୍ତେ ମିଶି ଫଟୋ ଉଠାଇଥିଲେ, ମୋତେ ମଧ୍ୟ ଡାକିଲେ ମୁଁ ବା ସିପ୍ରା କଥାକୁ କିପରି ଭାଙ୍ଗିଥାନ୍ତି, ସେମାନଙ୍କ ସହିତ ମିଶି ଫଟୋ ଉଠାଇଥିଲି, ତୁମେ କିନ୍ତୁ ଦୂରରେ ଥାଇ ଦେଖୁଥିଲ, କାର୍ଯ୍ୟକ୍ରମ ସରିଲା ପରେ, ତୁମ ସହିତ ଆସିଲି, ତୁମେ କିନ୍ତୁ ମୋ'ସହିତ କିଛି କଥା ହେଲନି । ମୁଁ ତୁମର ଏ ଚୁପ୍ ଦେଖି ଆରେ ଆଶୁ କିଛି କହୁନ ଯେ !! ତୁମେ ହଠାତ୍ ରାଗିଗଲ, କହିଲ କିଛି କୁହନି ମୋତେ । କଣ ହେଲା କି ? କିଛି ନ କହିଲେ ମୁଁ କେମିତି ଜାଣିବି, ତୁମର ଉତ୍ତର ଥିଲା ଫଟୋ ଉଠାଇଲା ବେଳେ ତୁମ ଡାହାଣ ପଟେ ଯେଉଁ ଟୋକା ଠିଆ ହୋଇଥିଲା, ତା ସହିତ କ'ଣ କଥା ହେଉଥିଲ ? ମୋତେ ଏସବୁ ପସନ୍ଦ ନୁହେଁ ।

ସତରେ ଆଶୁତୋଷ ମୁଁ ତୁମର ଏ ପାଗଳାମି କଥାରେ ଆଚମ୍ବିତ ହୋଇଥିଲି ଏବଂ ତୁମ ପ୍ରଶ୍ନର ଉତ୍ତର ମୋର ଏତିକି ଥିଲା, ସେ ପିଲା କେବଳ ମୋତେ ପଚାରିଥିଲା ଦିଦି ଆପଣ କ'ଣ ଚାକିରି କରୁଛନ୍ତି ନା ପାଠ ପଢୁଛନ୍ତି ? ତୁମେ ଏହା ଶୁଣି ମୋତେ କହିଥିଲ ତୁମ ସହିତ ଅନ୍ୟ କେଉଁ ପୁଅପିଲା କଥାହେଉ ଏକଥା ମୁଁ ଚାହେଁନା । ଆରେ ଆଶୁ କଣ ଏମିତି କହୁଚ ଯେ, କାହା ସହିତ କଥା ହୋଇଗଲେ କଣ ମୁଁ ଆଉ କାହାର ହୋଇ ଯିବି ନା କଣ ? ମୁଁ ତ ପୂରାପୂରି ତୁମର ହୋଇସାରିଛି । ତୁମ ମାଆପରା ମୋ ହାତରେ ମୁଦିପିନ୍ଧାଇ ବୋହୂ ବୋଲି ଗ୍ରହଣ କରି ସାରିଛନ୍ତି । ତୁମକୁ ସେଦିନ ତୁମ ମା କ'ଣ କହିଥିଲେ ମାନେ ଅଛିଟି ? କହିଥିଲେ ଯାହାବି କହ ତୋ ପସନ୍ଦକୁ ମୁଁ ମାନି ନେଲି, ଆଶୁତୋଷ, ମିତାଲି ଖାଲି ମୋ ଘରର ବୋହୂ ହେବନି ? ତ ସତେ କି ଘରର ଲକ୍ଷ୍ମୀଟିଏ । ସବୁ ଦାୟିତ୍ୱ ତା' ଉପରେ ଛାଡ଼ି ମୁଁ ଟିକେ ଜଞ୍ଜାଳରୁ ମୁକ୍ତହେବି । କିନ୍ତୁ ତା' ବାପା ମା କେମିତି ରାଜି ହୋଇ ଯାଆନ୍ତୁ ଏତିକି ମୋର ଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା ।

ଯେତେବଳେ ଦୁଇ ପରିବାର ସଦସ୍ୟଙ୍କ ଭିତରେ ବୁଝାମଣା ହୋଇଯିବ ମିତାଲି ବାପା ମା' ରାଜି ହେବେ ମୁଁ ସେଦିନ ମା' ତାରେଣୀଙ୍କ ପାଖରେ ଯାଇ ନଡ଼ିଆ ଭାଙ୍ଗିବି ସେଦିନ ମାଉସୀଙ୍କର ଏହି କଥା ମୋ ମନରେ ଏକ ଅଫୁରନ୍ତ ଶିହରଣ ଖେଳାଇ ଦେଇ ଥିଲା । ମୋତେ ତାଙ୍କ ଘରକୁ ବୋହୂ କରି ନେବା ପାଇଁ, ତାଙ୍କ ମନରେ କେତେ ଆକୁଳତା ବ୍ୟଗ୍ରତା ମୁଁ ସେତବେଳେ ଅନୁଭବ କରି ଥିଲି,

Source: Author, Digitized by PPRACHIN, SOA

ପାଦଛୁଇଁ ମା'ଙ୍କୁ ପ୍ରଣାମ କରିଥିଲି, ମୋତେ ସେ ସ୍ନେହରେ କୋଳେଇ ନେଇଥିଲେ ତାଙ୍କ କୋଳକୁ । ମୁଁ ଖୁସିରେ ଆତ୍ମହରା ହୋଇପଡ଼ିଥିଲି, ଭାଗ୍ୟରେ ଥିଲେ ଏମିତି ମାଆପରି ଶାଶୁ ମିଳନ୍ତି, ବୋଲି ମନେ ମନେ ଭଗବାନଙ୍କୁ ହୃଦୟରୁ ଧନ୍ୟବାଦ ଜଣାଉଥିଲି ।

ତୁମେ କରଣ ଘରର ପୁଅ, ମୁଁ ବ୍ରାହ୍ମଣ ଘରର ଝିଅ ଯୁଗ ଯେତେ ଆଡଭାନ୍ସ ହେଲେ ବି ଜାତିଭେଦର ତାରତମ୍ୟ ଏବେବି ନବେ ପ୍ରତିଶତ ମଣିଷ ଭିତରେ ରହିଛି । ତେଣୁ ମୋ ବାବା, ମାମା ମନରେ ବି ସେ ଉଚ୍ଚନୀଚର ଜାତିଭେଦର ଭାବନା ରହିଥିଲା । ମୋତେ ସେମାନଙ୍କୁ ବୁଝାଇବାକୁ ଏକ ବର୍ଷ ସମୟ ଲାଗିଥିଲା, ନାହିଁ ନାହିଁର ଦ୍ୱନ୍ଦ୍ୱ ଭିତରେ ବହୁତ ଚେଷ୍ଟାକରି ଶେଷରେ ସଫଳ ହୋଇଥିଲି ।

ସେମାନେ ତୁମକୁ ଦେଖି ତୁମ ପରିବାର ବିଷୟରେ ଜାଣିଲା ପରେ ବହୁତ୍ କଷ୍ଟରେ ରାଜି ହୋଇଥିଲେ, ତୁମଘର ଲୋକ ଓ ଆମଘର ଲୋକେ ମିଶି ଆମ ବାହାଘରର ତାରିଖ ନିର୍ଦ୍ଧାରିତ ହୋଇଥିଲା, ଯଦି ବା ନିର୍ବନ୍ଧ ହୋଇ ନଥିଲା । ତଥାପି ଏହି ଖୁସିରେ ତା' ପରଦିନ ଆମେ ପୁରୀ ଯାଇଥିଲେ ପ୍ରଭୁ ଜଗନ୍ନାଥଙ୍କ ଦର୍ଶନ ସାରି ସମୁଦ୍ର କୂଳକୁ ବୁଲିବା ପାଇଁ । ହଠାତ୍ ଦେଖା ହୋଇଗଲା ମୋ କଲେଜ ସାଙ୍ଗ ସିପ୍ରା ସହିତ । ସିପ୍ରାକୁ ମୁଁ ଦେଖିବା ପୂର୍ବରୁ ସେ ମୋତେ ଦେଖି କୁଣ୍ଢାଇ ପକାଇଲା, ମୁଁ ବୁଲିପଡି ଆଶ୍ଚର୍ଯ୍ୟ ହେଲି, ଏକ ନୂତନ ଖୁସିର ଲହରୀ ମୋ ମନ ଭିତରେ ଖେଳିଗଲା, ଏତେ ଦିନ ପରେ, ସିପ୍ରାକୁ ଦେଖି । ତା' ସହିତ ଥାନ୍ତି ତା'ର ସ୍ୱାମୀ ଦେଖିବାକୁ ଖୁବ୍ ହ୍ୟାଣ୍ଡସମ୍ ଯୁବକ । ତାଙ୍କୁ ମୋ ସହିତ ପରିଚିତ କରାଇଦେଲା, ସିପ୍ରା କହିଲା ଦେଖ୍ ଯେ ମୋ ବର 'ବିକାଶ' ଦୁବାଇରେ ଏକ ମଲ୍ଟିନେସ୍‌ନାଲ୍ କମ୍ପାନୀରେ ଆସିଷ୍ଟାଣ୍ଟ ମାନେଜର ଅଛନ୍ତି । ବିକାଶ ଡେରି ନକରି ସଙ୍ଗେ ସଙ୍ଗେ ହାସ୍ୟବଦନରେ ମୋତେ ବିନମ୍ର ନମସ୍କାରଟି ଜଣାଇଲା ସିପ୍ରା ତା ବାହାଘରକୁ ମୋତେ ନିମନ୍ତ୍ରଣ କରିଥିଲା କିନ୍ତୁ ମୁଁ ମୋର ପି.ଏଚ୍.ଡି ପରୀକ୍ଷା ପାଇଁ ଯାଇପାରି ନଥିଲି । ସେ ଏ.ଏମ୍‌ସ. ପରେପରେ ବାହା ହୋଇଗଲା । ଏହା ଭିତରେ ଦୁଇବର୍ଷ ବିତି ଯାଇଥିଲା । ତୁମେ ଏସବୁ ସାମାନ୍ୟ ଦୂରରେ ଥାଇ ଦେଖୁଥିଲ । ମୋତେ ସିପ୍ରା ପଚାରିଲା ତୁ କ'ଣ ଏକୁଟିଆ ? ମୁଁ ତୁମ ଆଡ଼କୁ ଇଙ୍ଗିତ ଦେଇଥିଲି ସେ ଯେହେତୁ ତୁମ ମୋ ଭିତରେ ସମ୍ପର୍କ ବିଷୟରେ ଆଗରୁ ଜାଣିଥିଲା । କିଛି ପ୍ରଶ୍ନ ନ ପଚାରି, ଯେ ତା'ହେଲେ ଆମ ଆଶୁତୋଷ ଭାଇ

Source: Author, Digitized by PPRACHIN, SOA

କହି ନମସ୍କାରଟି ପକାଇଲା । କ'ଣ ଭିଶୋଇ ଭାଇ କେବେ ଭୋଜି ଦେଉଛନ୍ତି ? ଆମେ ଦୁବାଇରେ ରହିଲେ ବି ତୁମ ଦୁହିଁଙ୍କ ବାହାଘରକୁ ଆମେ ନିଶ୍ଚୟ ଆସିବୁ । ନିମନ୍ତ୍ରଣ କରିବାକୁ ଯେମିତି ଭୁଲି ନଯାଉ ମିତାଲି ।

ନା'ରେ ସିପ୍ରା ବିଲକୁଲ ଭୁଲିବିନି ନିଶ୍ଚୟ ତୋତେ ଡାକିବି । ତୁ ମୋର ଏତେ ପ୍ରିୟ ଅନ୍ତରଙ୍ଗ ସାଙ୍ଗ ଥିଲୁ, ତୁ ମୋ ବାହାଘରକୁ ନ ଆସିଲେ କଣ ମୋ ବାହାଘର ମାନିବ ? ଏହି କଥାରେ ସମସ୍ତେ ଖୁବ୍ ହସିଥିଲେ । ଏହାରି ଭିତରେ ବିକାଶର ତୁମର ବି ପରସ୍ପର ଭଲ ଭାବରେ ପରିଚୟ ଆଦାନ ପ୍ରଦାନ ହୋଇ ସାରିଥିଲା । ଆମେ ଚାରିଜଣ ସମୁଦ୍ର କୂଳରେ ଖୁବ୍ ମଜାରେ ବୁଲାବୁଲି କଲେ ହସମଜା କରି ସମୁଦ୍ର କୂଳରେ ବସି ଚ' ପିଇବା ଓ ବାଦାମଭଜା ଖାଇବା ସହ ସମୁଦ୍ର କୂଳର ସୁନ୍ଦର ପରିବେଶକୁ ଉପଭୋଗ କରିଥିଲେ । ଧିରେ ସଂଧ୍ୟା ଅତିକ୍ରାନ୍ତ, ଭୁବନେଶ୍ୱର ଫେରିବାର ଅଛି । ପରସ୍ପର ଠାରୁ ବିଦାୟ ନେଲାବେଳେ ବିକାଶ ତୁମକୁ ହ୍ୟାଣ୍ଡସେକ୍ କରିସାରି ମୋ ହାତକୁ ହାତ ବଢାଇଲା, ମୁଁ କ'ଣ ଆଉ ହାତ ଫେରାଇ ଆଣିଥାନ୍ତି, ମୁଁ ହାତ ବଢ଼ାଇଦେଲି ସେ ବି ମୋତେ ହ୍ୟାଣ୍ଡସେକ୍ କଲା । ତା'ପରେ ଆମେ ପରସ୍ପର ଠାରୁ ବିଦାୟ ନେଲେ । ମୁଁ ଲକ୍ଷ୍ୟକଲି ତୁମ ମୁହଁର ଭାବ କେମିତି ଟିକେ ବଦଳିଗଲା । ସେମାନେ ପୁରୀ ସମୁଦ୍ର କୂଳ ହୋଟେଲ୍‌ରେ ରହିବାର ବ୍ୟବସ୍ଥା କରିଥିଲେ, ତେଣୁ ଆମେ ଦୁହେଁ ଭୁବନେଶ୍ୱର ଅଭିମୁଖେ ଯାତ୍ରା କଲେ ।

କିନ୍ତୁ ତୁମେ ମୋ ସହିତ ଭଲ କଥାବାର୍ତ୍ତା କଲନି ପଚାରିଲାରୁ କହିଲ ସେ ଅଭଦ୍ର ବିକାଶ ତୁମ ସହିତ ହ୍ୟାଣ୍ଡସେକ୍ କରିବାକୁ ହାତ ବଢାଇଲା ଯେତେବେଳେ ତୁମେ ହାତ ନ ବଢ଼ାଇଥିଲେ ହୋଇ ନଥାନ୍ତା ? ତୁମେ ତାକୁ ହ୍ୟାଣ୍ଡସେକ୍ କଣ ପାଇଁ କଲ ? ବାରବାର ବାଟ ସାରା ସେହି ଗୋଟିଏ କଥା । ମୁଁ ଶୁଣି ଶୁଣି ଅସହ୍ୟ ହୋଇପଡିଲି, ମନରେ ବହୁତ୍ କଷ୍ଟହେଲା । ମୁଁ କେବଳ ଗୋଟିଏ କଥା ମାତ୍ର କହିଥିଲି, ଏଥିରେ ରାଗିବାର କଣ ଅଛି । ହାତ ମିଳାଇ ଦେଲି ବୋଲି କଣ ଏତେବଡ଼ ଅପରାଧ କରିଦେଲି ନା ପାପ କରିଦେଲି ! ଏହି ସାମାନ୍ୟ କଥାକୁ ଏତେ ଗୁରୁତ୍ୱ କାହିଁକି ଦେଉଛ ? ତୁମେ ମୋତେ କିଛି ଉତ୍ତର ନଦେଇ ଚୁପଚାପ୍ ମୁହଁ ଫୁଲେଇ ତୁମ ଘରକୁ ଚାଲି ଯାଇଥିଲ । ସବୁଦିନ ପରି ତା'ପର ଦିନ ମୋତେ ଫୋନ ବି କଲନି । ମୁଁ ଦୁଇଦିନ ତୁମ ଫୋନ କଲ୍‌କୁ ସବୁଦିନ ପରି ଅପେକ୍ଷା କରିକରି, ତୃତୀୟ

Source: Author, Digitized by PPRACHIN, SOA

ଦିନକୁ ତୁମକୁ ଫୋନ କଲି, ତୁମେ ମୋ ଫୋନ ନ ଉଠେଇବାରୁ ମୁଁ ଆଉ ଫୋନ କଲିନି, କେତେବେଳେ ତୁମ ରାଗ ଶାନ୍ତ ହେବ ତୁମେ ମୋତେ ନିଶ୍ଚୟ ଫୋନ କରିବ ଏହି ବିଶ୍ୱାସରେ ରହିଗଲି । ଏମିତିରେ ଆଠଦିନ କଟିଗଲା ।

ହଠାତ୍ ଦିନେ ତୁମ ଫୋନ କଲ୍ ଆସିଲା ଠିକ୍ ରାତି ୧୧. ଟାରେ ଆଗପରି ନିର୍ଦ୍ଧିଷ୍ଟ ସମୟରେ । ସେତିକିବେଳେ ମୋ ସାଙ୍ଗ ସିପ୍ରାର ଫୋନ ଆସିଥିଲା ଦୁବାଇରୁ ମୁଁ ତା ସହିତ କଥା ହେଉଥିଲି । ତୁମ ନମ୍ବର୍ ଦେଖି ତା'ସହିତ କଥା ସାରି ତୁମକୁ ଫୋନ ଲଗାଇଲା ବେଳକୁ ତୁମେ ହଠାତ୍ ଫୋନ ରିସିଭ କରି, ପ୍ରଥମେ ମୋତେ ଗମ୍ଭୀର ଗଳାରେ ପ୍ରଶ୍ନ କରିଥିଲ, କାହା ସହିତ ଏତେ ରାତିରେ କଥା ହେଉଥିଲ ? ମୁଁ ତୁମ ପ୍ରଶ୍ନର ସ୍ୱରରେ ହତବାକ୍, ଚମିକି ପଡ଼ିଲି । କିଛି କଥା କହିବା ପୂର୍ବରୁ ତୁମେ ଫୋନ କାଟି ଦେଇଥିଲ । ଏମିତିରେ ପୁଣି ଚାରିଦିନ କଟିଗଲା ।

ଆଉ ଦିନେ ସେହି ସମୟରେ ତୁମେ ଫୋନ୍ କଲାବେଳକୁ ଦୂର୍ଯୋଗକୁ ମୋ ମାମୁଁ ଝିଅ ଭଉଣୀ ସେଦିନ ଫୋନ କରିଥିଲା ମୋ ଆଈଙ୍କର ହାର୍ଟଆଟାକ୍‌ରେ ହଠାତ୍ କିପରି ଦେହାନ୍ତ ହୋଇ ଯାଇଛି । ମୁଁ ଏକଥା ଶୁଣି ଦୁଃଖରେ ଭାଙ୍ଗି ପଡ଼ିଲାବେଳକୁ ତୁମ ଫୋନ କଲ୍ ପୁଣି ଥରେ ଆସିଲା । ମୁଁ ଫୋନ ରିସିଭ କରିବା ମାତ୍ରେ ରାଗରେ ପଞ୍ଚମ ହୋଇ କହି ପକାଇଲ ଆଚ୍ଛା କେଉଁ ନୂଆ ପ୍ରେମିକ ସହିତ ଯୋଡ଼ି ହୋଇଗଲଣି କି ମିସ୍ ମିତାଲି । ତୁମର ଏ ବ୍ୟବହାରରେ ବାକ୍‌ଶୂନ୍ୟ ହୋଇ ଯାଇଥିଲି । ମୋ ଆଈ ମା'ର ମୃତ୍ୟୁର ଦୁଃଖ ଠାରୁ, ତୁମ ମର୍ମଭେଦୀ ଶବ୍ଦର ଶକ୍ତ ପ୍ରହାର ମୋତେ ଖିନ୍‌ଭିନ୍ କରିଦେଲା । ସେହି ଶକ୍ତ ଆଘାତରେ ମୋ ଦେହରେ ଯେମିତି ଜଉ ଜଳିଲା । ଫୋନ ରଖି କୋହ ସମ୍ଭାଳି ପାରିଲିନି, ଏତେ କାନ୍ଦିଲି ଯେ, ଯେମିତି ବର୍ଷାରେ ଭିଜିଲା ପରି ତକିଆ ଭିଜି ଯାଇଥିଲା । ତା'ପର ଦିନ ସକାଳୁ ଉଠି ଭାରାକ୍ରାନ୍ତ ମନନେଇ ଆମ ଗାଁକୁ ଗଲି, ମୋ ଆଈର ଆରପାରିକୁ ଚାଲି ଯିବାର ଦୁଃଖ ଓ ତୁମର ଏପରି ବ୍ୟବହାରରେ ମୁଁ ପୂରାପୂରି ଭାଙ୍ଗି ପଡିଥିଲି । ଖୁବ୍ କଷ୍ଟରେ ୧୦/୧୨ଦିନ ଗାଁରେ କଟାଇ, ଭୁବନେଶ୍ୱରରେ ପହଞ୍ଚି ତୁମକୁ ଯେତେବେଳେ ଫୋନ କଲି, ତୁମେ ପ୍ରଥମେ ଫୋନ୍ ରିସିଭ କଲନି । ମୁଁ ଭାବିଲି କିଛି ବ୍ୟସ୍ତ ଥିବ, ମିସ୍‌ଡ୍ କଲ୍ ଦେଖି ମୋତେ ପରେ ଫୋନ କରିବ, ତାହା ବି କଲନି । ପୂର୍ବପରି ସବୁଦିନ ପରି ରାତି ୧୧ ଟାରେ ଫୋନ କଲି, ତୁମ ଫୋନ୍ ୱେଟିଂରେ ଥିଲା । କିନ୍ତୁ ତୁମେ ଆଉ କଲବ୍ୟାକ୍ କଲନି ।

Source: Author, Digitized by PPRACHIN, SOA

ମୋତେ ନିଦ ହେଉ ନଥାଏ, ମୁଁ ରାତି ବାରଟାରେ ଆଉ ଥରେ ଫୋନ କଲି ପୁଣି ଫୋନ ଏନ୍‌ଗେଜ୍ । ତାପରେ ମଧ ଫୋନ କଲନି । ପୁଣି ତା'ପରେ ଫୋନ କଲାରୁ, ତୁମେ ବ୍ୟସ୍ତ ଅଛି କହି ଫୋନ୍ କାଟିଦେଲ । ମୁଁ କିଛି ବୁଝି ପାରିଲିନି ତୁମ ମନରେ କ'ଣ ଚାଲିଛି । ବିନା ଦୋଷରେ ମୋତେ ଦୋଷୀ କରି, ମୋତେ ଦୁରେଇବାକୁ ଚେଷ୍ଟା କରୁଚ । ତୁମ ଭିତରେ ଯେତେବେଳେ ଅବିଶ୍ୱାସର ବୀଜଟିଏ ଉପୂନ ହେଲା ସେହି ଦିନଠାରୁ ସବୁ କିଛି ବିଗିଡ଼ିଗଲା । ସମୟ ଗଡ଼ି ଚାଲିଥାଏ । ଏଣେ ଆମ ଦୁଇ ପରିବାର ଆମ ଦୁହିଁଙ୍କର ବିଭାଘର ପାଇଁ ପ୍ରସ୍ତୁତିର ଯୋଜନା କରୁଥାନ୍ତି ।

କିନ୍ତୁ ଏପଟେ ଆମ ଦୃଢ ଭଲ ପାଇବାର ଜହ୍ନ ଆକାଶରେ ଘୋଟି ଆସିଥିବା କଳା ବାଦଲ ଘୁଞ୍ଚିବା ପାଇଁ ନାଁ ଧରୁନି, ଗୋଟିଏ ଜାଗାରେ ସ୍ଥିର ଅଛି, ତେଣୁ ଜହ୍ନର ସେ ଉଜ୍ଜ୍ୱଳ ଆଲୋକମୟ ଶିଖା ଦିଶୁନି, କେବଳ ଦିଶି ଯାଉଛି ଅବିଶ୍ୱାସର ସେ କାଳଅନ୍ଧାର । ସେ ଅନ୍ଧାରେ ଭିତରେ ମୁଁ ଅଣ୍ଡାଳି ବୁଲୁଥାଏ, କେଉଁଠି ହଜିଗଲା ମୋ ପ୍ରେମର ଚାବିକାଠି । ସେ ଚାବିକାଠି କ'ଣ ମୋତେ ଆଉ ମିଳିବନି ? ଚିନ୍ତାର ଚୌହଦି ଭିତରେ ମନ ହୃଦୟ ମୋର ଆକ୍ରାମାକ୍ରା । କଣ କରିବି ? ଏ ବିଚ୍ଛିନ୍ନତାର ସେତୁ କ'ଣ ଆଉ ଆଉ ଯୋଡି ହେବନି ? ଏପରି ପ୍ରଶ୍ନ ମୋ ମନକୁ ଆନ୍ଦୋଳିତ କରୁଥାଏ । ତୁମକୁ ନିଜର କରି ସୁଖର ଏକ ସୁନ୍ଦର ସଂସାର ଗଢିବି ବୋଲି ପରିବାରର ସହମତି ପାଇଁ କେତେ କଷ୍ଟ ମୋତେ କରିବାକୁ ନ ପଡ଼ିଛି !!

ଶେଷରେ ମୋ ପରିବାର ବାବା ମା ରାଜି ହେଲାପରେ ଆମେ ନିର୍ଭୟରେ ରହିଥିଲେ... । ସବୁ କେତେ ସୁନ୍ଦର୍ ଠିକ୍‌ଠାକ୍ ଚାଲିଥିଲା । ଭବିଷ୍ୟତର ସ୍ୱପ୍ନ ରାଇଜରେ ଭାସି ବୁଲୁଥିଲେ ଆମେ ଦୁହେଁ, ରାତିରାତି ଅନିଦ୍ରା ରହି ଗଢୁଥିଲେ ଭବିଷ୍ୟତର ସ୍ୱପ୍ନ ସୁଖର ତାଜମହଲ । କିନ୍ତୁ ହଠାତ୍ ତୁମର ଏ ପରିବର୍ତ୍ତନର କାରଣ ସେହିଦିନ ଜାଣିଲି, ଯେଉଁଦିନ ତୁମେ ତୁମ ସନ୍ଦେହର ବିଷ ମଞ୍ଜି ବୁଣିଥିଲ, ତୁମ ଆରୋପରେ ଶକ୍ତ ଧକ୍କା ଲାଗିଥିଲା ମୋ କୋମଳ ମନଉପରେ ... ।

ମାତ୍ର ଆଉ ଦୁଇମାସ ଥିଲା ଆମ ବାହାଘର ନିର୍ବନ୍ଧ ହୋଇଥାନ୍ତା ଜାନୁଆରୀ ମାସରେ.. । ବାହାଘର ତାରିଖ ମଧ ଫିକ୍ସ ହୋଇ ସାରିଥିଲା । ହେଲେ ସବୁ ଭାଙ୍ଗି ହେଲା ଚୁର୍‌ମାର । ମୋ ବିଶ୍ୱାସ ଭରସା କାଚ ଖଣ୍ଡପରି ଭାଙ୍ଗି ହେଲା ଟୁକୁଡ଼ା, ଟୁକୁଡା

Source: Author, Digitized by PPRACHIN, SOA

। ଯାହାକି ମୁଁ ସ୍ୱପ୍ନରେ, କଳ୍ପନାରେ, ବାସ୍ତବରେ ଭାବି ନଥିଲି, ତାହା ହିଁ ଘଟିଗଲା । ତୁମର ଏପରି କଠୋର ବାକ୍ୟର, ବ୍ୟବହାରରେ ମର୍ମାହତ ହେଲି, ତୁମଛଡ଼ା ମୋ ଜୀବନରେ ଆଉ କେହି ନାହାନ୍ତି ବୋଲି ବାର୍‌ବାର୍ ସୂଚାଇ ଦେଲି, ତଥାପି ତୁମର କଠୋର ହୃଦୟ ଟିକେ ବି ତରଳିଲା ନାହିଁ ।

ମୋ ଶେଷ ଫୋନ୍ କଲ୍‌ରେ ତୁମ ଉତ୍ତର ମୋତେ ଆହୁରି ବିସ୍ମିତ କଲା, ମୋ ପ୍ରତି ଲୋମ କୂପରେ କମ୍ପନ ସୃଷ୍ଟିକଲା, ଥରାଇ ଦେଲା ମୋ ମନ ହୃଦୟ ଆତ୍ମା। ଜଳାଇଦେଲା ହୃଦୟରେ ନିଆଁ। ଚକ୍ଷୁରୁ ବହିଲା ଅଶ୍ରୁର ବନ୍ୟା । ଜାଳିପୋଡ଼ି ଛାରଖାର ହୋଇଗଲା ସୁଖ ସ୍ୱପ୍ନର ସୌଧ । ତିଳ ତିଳ ହୋଇ ମାଟିରେ ମିଶିଗଲା ସବୁକିଛି। କ'ଣ ପାଇଁ ଦେଲ ମୋତେ ଏମିତି ଗଭୀର ଆଘାତ। ଏହା କ'ଣ ଥିଲା ତୁମର ନିବିଡତା, ପ୍ରେମ, ନା'ଭଲ ପାଇବା ? ମୋ ମନରେ ଅନେକ କଥା ଉଙ୍କି ମାରୁଥିଲା, ମନରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା, କ'ଣ ପାଇଁ ମୋ ସହିତ ତୁମେ ଏମିତି କଲ ?

ଆଜିଯାଏଁ ଯାହାର କାରଣ ମନେମନେ ଖୋଜୁଥିଲି, ତାହାର ଉତ୍ତର ଆଜି ପାଇଗଲି.... । ଯେତେବେଳେ ମୋ ସାଙ୍ଗ ରୂପାଲିକୁ ଷ୍ଟେସନରେ ଦେଖିଲି ତୁମ ସ୍ତ୍ରୀ ରୂପରେ ସବୁ ବୁଝିଗଲି, ସବୁ ଜାଣିଗଲି.... ଆଉ କହିବାର କିଛି ଆବଶ୍ୟକତା ନାହିଁ କି ମୋ ମନରେ ଆଉ ଅବସୋସ୍ ନାହିଁ, କିନ୍ତୁ ମୋ ଭଲପାଇବା ତ୍ୟାଗର ପ୍ରତିଦାନରେ କ'ଣ ତୁମେ ଦେଲ ମୋତେ ? କେବଳ, କଷ୍ଟ, ଯନ୍ତ୍ରଣା ଦେଇ, ଜଳାଇ ମାରିଲ। ମୋ ସହିତ ମାୟାକରି ମୋ ସାତଜନ୍ମର ସାଇତା ଅମୂଲ୍ୟ ରତ୍ନକୁ ଛଳନା, କପଟ କରି ଭଲ ପାଇବାର ପ୍ରତିଶୃତିରେ ତୁମ ପାଖରେ ସମର୍ପି ଦେଇ ମୁଁ ଆଜି ସଂକଳ୍ପର ଦ୍ୱାହିରେ ସାରା ଜୀବନ ପାଇଁ ରହିଲି ଅବିବାହିତ । ଜୀବନର ଭୁଲ୍ ଠିକ୍‌ର ଗ୍ଲାନିରେ ମୁଁ ଆଜି ତିଳ ତିଳ ଯନ୍ତ୍ରଣାର ଜଉରେ ଜଳୁଛି । ଶେଷରେ ଏତିକି କହିବି ଆଶୁତୋଷ ମୋ ପାଖରୁ ତୁମେ ନେଇଥିବା ମୋର ମୂଲ୍ୟବାନ ଅମୂଲ୍ୟ ରତ୍ନକୁ ପାରିବ ମୋତେ ଫେରାଇ ?

ଇତି

ତୁମର ଅଭାଗିନୀ 'ମିତୁ'

Source: Author, Digitized by PPRACHIN, SOA

ବିବେକକୁ ପ୍ରଶ୍ନ

ଦୁଇଦିନ ହେଲା କାମବାଲି ବିନି କାହିଁକି ଆସୁନି, ଅସୀମା ଦେବୀ କିଛି ଜାଣି ପାରୁନାହାନ୍ତି, ବାର୍ ବାର୍ ଫୋନ ଲଗାଇ ଥକିଲେଣି ଫୋନ ବି ତା'ର ଲାଗୁନି । ସେ ତ କେବେ ନ କହି କି ଛୁଟିରେ ରହେନା ! କିନ୍ତୁ କ'ଣ ପାଇଁ ଆସୁନି ଏମିତି ଭାବିଭାବି ତାଙ୍କୁ ଭାରି ବ୍ୟସ୍ତ ଲାଗୁଥାଏ, ହଠାତ୍ ରାତି ଆଠଟା ହେବ କଲିଂବେଲ୍ ଶବ୍ଦ ଶୁଣି କବାଟ ଖୋଲି ଦେଖିଲେ ବିନି ଠିଆ ହୋଇଛି, ଅସୀମା ପଚାରିଲେ ଆରେ ବିନି ତୁ ଏତେବେଳେ କ'ଣ ଆସିଛୁ ? ଦୁଇ ଦିନ ହେଲା କେଉଁଠି ଥିଲୁ ? କାନ୍ଦ କାନ୍ଦ ସ୍ୱରରେ ବିନି କହିଲା ମାଆ ମୋ ପୁଅ ଦେହ ଭୀଷଣ ଖରାପ, ମୋତେ ଦଶ ହଜାର ଟଙ୍କା ଦିଅ, ମୁଁ ତାକୁ ହସ୍ପିଟାଲ ନେଇକି ଯିବି । ତା'ର ନିଶ୍ୱାସ ନେବାରେ କଷ୍ଟ ହେଉଛି, ତାକୁ ଜ୍ୱର ହୋଇଛି, ଡାକ୍ତରଙ୍କ ପାଖକୁ ନେଇକି ଯାଇଥିଲି, ସେ କହିଲେ ତାକୁ ନିମୋନିଆ ହୋଇଛି । ଆରେ କ'ଣ କହୁଛୁ ତୁ ବିନି... । ନିମୋନିଆ ? ଆରେ ଛୋଟ ଛୁଆଟା ....!!

ଅସୀମା ଏକଥା ଶୁଣି ତାଙ୍କ ଛାତି ଥରିଉଠିଲା, କ'ଣ କରିବେ କିଛି ବୁଝି ପାରିଲେନି, ମନେମନେ ଭାବୁ ଥିଲେ ମାସ ଶେଷରେ ମୋ ପାଖରେ ଏତେ ଟଙ୍କା ବା କାହିଁ ? ପୁଅ ପାଠ ପଢ଼ା ଖର୍ଚ୍ଚ, ଘର ଖର୍ଚ୍ଚ ଯେତିକି ଆବଶ୍ୟକ ପଡେ ସ୍ୱାମୀ ହିସାବ

Source: Author, Digitized by PPRACHIN, SOA

କରି ସେତିକି ଟଙ୍କା ପଠାଇ ଦିଅନ୍ତି ଆମ ପାଖକୁ । ସେଥିରେ ମା' ପୁଅ ଆମେ ସୁରୁଖୁରୁରେ ଚଳିଯାଉ । ବେଳେବେଳେ ମୋ ଆକାଉଣ୍ଟରେ ଥିବା ବଳକା ଟଙ୍କା ବି ଖର୍ଚ୍ଚ ହୋଇଯାଏ ।

ଏମିତି ଭାବି ଭାବି ଅସୀମା ବଡ଼ ଚିନ୍ତାରେ ପଡିଗଲେ । ଏପରି ବିପଦ ସମୟରେ ତାକୁ ଯଦି ସାହାଯ୍ୟ ନ କରିବି, ବିଚରା ତା' ପିଲାଟିର ଅବସ୍ଥା କ'ଣ ଯେ ହେବ ! ତା'ଙ୍କ ଦରଦୀ ହୃଦୟ ବ୍ୟାକୁଳିତ ହେଲା । ଭାବିଲି ଅନେକ ଚିହ୍ନା ପରିଚୟ ସାଙ୍ଗସାଥି ଅଛନ୍ତି । କାହାଠାରୁ ଧାର ମାଗିଆଣି ଦେଇଦେବି ବିନିକୁ । ସେ ପ୍ରତିଶ୍ରୁତି ଦେଲେ, ତୁ ବ୍ୟସ୍ତ ହଅନା, ଘରକୁ ଯା, ମୁଁ ଟଙ୍କା ଯୋଗାଡ କରି ତୋ' ପାଖକୁ ପଠାଇ ଦେବି । ସ୍ୱାମୀଙ୍କୁ ମାଗିବେ ବୋଲି ଭାବୁଥିଲେ, କିନ୍ତୁ ସ୍ୱାମୀଙ୍କର ପ୍ରଶ୍ନକୁ ସାମ୍ନାକରି ଉତ୍ତର ରଖିବା ସେତିକି ଶ୍ରେୟ ମଣିଲେନି, ବରଂ ଏତେ ଅଡୁଆକୁ ନଯାଇ ନିଜେ କେମିତି ସମସ୍ୟାର ସମାଧାନ କରିବେ ସେ ଚିନ୍ତାରେ ରହିଲେ । ହଠାତ ତାଙ୍କର ମନେ ପଡିଗଲା ଦୁଇଜଣ ବନ୍ଧୁ, ଯେଉଁମାନେ ଭଲ ଦରମାରେ ଚାକିରୀ କରିଛନ୍ତି ଏବଂ ତା' ସହ ସେମାନଙ୍କର ଭଲ ସମ୍ପର୍କ ଅଛି, ମାତ୍ର ପାଞ୍ଚହଜାର ଟଙ୍କା ଲେଖାଏଁ ଧାର ସୂତ୍ରରେ ସେ ଦୁହିଁଙ୍କୁ ମାଗିଲେ କେବଳ ଚାରିଦିନ ମଧ୍ୟରେ ପଇସା ଫେରାଇ ଦେବାପାଇଁ ପ୍ରତିଶ୍ରୁତି ମଧ୍ୟ ଦେଲେ, ସେମାନେ ବିଭିନ୍ନ ଆଳଦେଖାଇ ପଇସା ନାହିଁ ବୋଲି ସିଧାସଳଖ ରୋକ୍‌ଠୋକ୍ ମନା କରିଦେଲେ । ସେମାନେ ଏତେ ସମ୍ପର୍କ ଭିତରେ ଠିକ୍‌ରେ ମଣିଷ ଚିହ୍ନି ପାରିଲେନି ଭାବି, ଅସୀମା ଖୁବ୍ କଷ୍ଟ ପାଇଲେ, ମନସ୍ତାପ କଲେ । ଏହା ତାଙ୍କ ପାଇଁ ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ, ଅପମାନବୋଧ ଅନୁଭବ କଲେ । କ'ଣ କରିବେ କିଛି ଭାବି ପାରିଲେନି, ତାଙ୍କୁ ଖୁବ୍ ଚିନ୍ତା ଘାରିଲା । ବିନିକୁ ସାହାଯ୍ୟ କରି ନପାରିବା ଦୁଃଖରେ ଭାଙ୍ଗିପଡିଲେ ଏବଂ ଈଶ୍ୱରଙ୍କୁ କାକୁତି ମିନତି କରି ଜଣାଇଲେ, ପ୍ରଭୁ ଟିକେ ଦୟାକରନ୍ତୁ ଏପରି ବିପଦବେଳେ ମୋତେ ସହାୟ ହୁଅନ୍ତୁ, ମୁଁ ମୋ ପାଇଁ ନୁହେଁ ସେହି ଗରିବ ବିନିର ପୁଅ ପାଇଁ ହିଁ ସାହାଯ୍ୟ ଚାହୁଁଚି । ବଡ ଆଶାକରି ଚାକିରୀ କରିଥିବା ଦୁଇବନ୍ଧୁଙ୍କୁ ମୁହଁ ପୂରାଇ ଏମିତି ଅସୁବିଧାରେ ସାହାଯ୍ୟ ମାଗିଲି ଯେ ଦେଲେନି । ସିଧାସିଧା ମନା କରି ଦେଲେ ।

ଅସୀମାର ମନେ ପଡିଗଲା ସେହି ପନ୍ଦର ବର୍ଷ ତଳର କଥା...., ସେତେବେଳେ ତା' ପଡ଼ିଶା ଘରେ ଭଡ଼ା ରହୁଥିବା ଜଣେ ସ୍ତ୍ରୀ ଲୋକ, ସନ୍ଧ୍ୟା ସ୍ୱାମୀଙ୍କର ହଠାତ୍

Source: Author, Digitized by PPRACHIN, SOA

ଆକ୍ସିଡେଣ୍ଟ ହୋଇ ହସ୍ପିଟାଲ୍‌ରେ ପଡିଥାନ୍ତି, ଏହି ସମୟରେ ତା' ପୁଅ ବବୁଲର ଇଞ୍ଜିନୟରିଙ୍ଗ୍ କଲେଜ ଡିପ୍ଲୋମାରେ ଆଡ୍‌ମିଶନ ପାଇଁ ଶେଷ ତାରିଖ, ଆଉ କୋଡ଼ିଏ ହଜାର ଟଙ୍କା ତା'ର ଦରକାର ପଡୁଥାଏ, କିନ୍ତୁ ସନ୍ଧ୍ୟା ପାଖରେ ଟଙ୍କା ନଥାଏ ତାଙ୍କ ଅବସ୍ଥା ଏତେ ସ୍ୱଚ୍ଛଳ ନୁହେଁ । ପଡୋଶୀ ସନ୍ଧ୍ୟା ସହିତ ଅସୀମାଙ୍କର ଖୁବ୍ ଭଲ ସମ୍ପର୍କ, ଦୁହିଙ୍କ ଭିତରେ ଭଲ ବନ୍ଧୁତ୍ୱ । ସନ୍ଧ୍ୟା ଅସୀମାଙ୍କର କାର୍ଯ୍ୟକଳାପରେ ଖୁବ୍ ଖୁସି ହୁଅନ୍ତି । ତାଙ୍କ ଦୁଃଖସୁଖ ଭଲମନ୍ଦ ଅସୀମାଙ୍କୁ କୁହନ୍ତି । ତାଙ୍କର ଅନ୍ୟକୁ ସାହାଯ୍ୟ କରିବା ମନୋବୃତ୍ତିକୁ ଭାରି ପ୍ରଶଂସା କରନ୍ତି ସନ୍ଧ୍ୟା । ଯେତେବେଳେ ଯାହା ଦରକାର୍ ପଡେ ଅସୀମା ତାଙ୍କୁ ସାହାଯ୍ୟ କରନ୍ତି, ୫୦୦/୧୦୦୦ ଯେତେବେଳେ ମାଗନ୍ତି ତାଙ୍କୁ ଦେଇଦିଅନ୍ତି । ବବୁଲର ମା' (ସନ୍ଧ୍ୟା) ସବୁବେଳେ ସୀମାକୁ କୁହନ୍ତି ଅପା ଆପଣଙ୍କ ପରି ଦରଦୀ ହୃଦୟର ମଣିଷ ଦୁନିଆରେ ଦେଖିବାକୁ ମିଳିବେନି । ନିଜେ ନଖାଇ ଅନ୍ୟକୁ ଦେଇଦିଅ । ବିପଦ ସମୟରେ ଅନ୍ୟକୁ ସାହାଯ୍ୟ କର ।

ହଁ ମ ଅପା ତୁମେ ଅନ୍ୟକୁ ସାହାଯ୍ୟ କରୁଚ ତୁମକୁ ଭଗବାନ୍ ସବୁବେଳେ ନିଶ୍ଚୟ ସାହାଯ୍ୟ କରିବେ ! ସନ୍ଧ୍ୟାର ପ୍ରଶ୍ନ ଉତ୍ତର ସବୁ ନିଜ ମୁହଁରେ.... !

ଅସୀମା କୁହନ୍ତି ନା'ରେ ସନ୍ଧ୍ୟା ଭଗବାନ୍ ବି ବେଳେବେଳେ ବହୁତ୍ ପରୀକ୍ଷା କରନ୍ତି । ଆମକୁ ତାଙ୍କ ପରୀକ୍ଷାରୁ ଉତ୍ତିର୍ଣ୍ଣ ହେବାର ଅଛି । ମୋ ପିଲା ଦିନର ସ୍ୱପ୍ନ ମୁଁ ଜଣେ ସମାଜସେବୀ ଭାବରେ ଅନ୍ୟକୁ ସାହାଯ୍ୟ କରିବି । ମଦରଟେରସାଙ୍କୁ ଆଦର୍ଶ ବୋଲି ମାନେ, ତାଙ୍କ ପରି ନ ହୋଇ ପାରିଲେବି, ଗୁଣ୍ଡୁଚି ପରି ଟିକିଏ ତ କାହାକୁ ସାହାଯ୍ୟ କରିପାରିବି । ଅନ୍ୟର ଦୁଃଖ ବା ଅସୁବିଧା ସମୟରେ ମୁଁ କାହାକୁ ସାହାଯ୍ୟ କରିବାରେ ଖୁବ୍ ଆନନ୍ଦପାଏ । ସେଥିପାଇଁ ମୋର ସକ୍ଷମ ଅନୁସାରେ ଯେତିକି ପାରିବି କରିବା ପାଇଁ ସଂକଳ୍ପ ବଦ୍ଧ ।

ସନ୍ଧ୍ୟା ତୁମେ ଆଉ ଏତେ ପ୍ରଶଂସା କରନି, ଥାଉ କହି ଅସୀମା ମୁରୁକି ହସାଟିଏ ଦିଅନ୍ତି । ସନ୍ଧ୍ୟା କୁହନ୍ତି ଅପା ଯିଏ ପ୍ରଶଂସା ପାଇବା ପାଇଁ ଯୋଗ୍ୟ ତାଙ୍କୁ ପ୍ରଶଂସା କରିବାରେ ଅସୁବିଧା କେଉଁଠି ? ତୁମେ ତ ପ୍ରଶଂସାର ପାତ୍ରୀ ।

ସେତେବେଳର ଏ ସବୁ ଘଟଣା ଅସୀମାଙ୍କର ସେହି ମୁହୂର୍ତ୍ତରେ ଗୋଟିଗୋଟି କରି ମନେ ପଡିଗଲା । ସନ୍ଧ୍ୟା ସ୍ୱାମୀଙ୍କର ଅନ୍ୟ ସହରକୁ ବଦଳି ହେଲାପରେ ଆଉ ପଡ଼ିଶା ହୋଇ ନାହାନ୍ତି ।

Source: Author, Digitized by PPRACHIN, SOA

କେବେକେବେ ଫୋନରେ କଥା ହୁଅନ୍ତି । କିନ୍ତୁ ଆଜି ପରିସ୍ଥିତିରେ ପଡି ତାଙ୍କର ପୂର୍ବ କଥା ଗୋଟିଗୋଟି ମନେ ପଡିଯାଉଛି ! ସେଦିନ ସନ୍ଧ୍ୟା ପୁଅର ଆଡ଼ମିଶନ ପାଇଁ ଦରକାର ପଡୁଥିବା କୋଡ଼ିଏ ହଜାର ଟଙ୍କା କେମିତି ନିଜର ଦୁଇହଳ କାନଫୁଲ ବିକ୍ରି କରି ଅସୀମା ସନ୍ଧ୍ୟାକୁ ଦେଇଥିଲେ ସ୍ୱାମୀଙ୍କୁ ନ ଜଣାଇ, କାରଣ ପଡ଼ିଶା ଘର ଲୋକକୁ ଏତେଗୁଡିଏ ଟଙ୍କା ସ୍ୱାମୀଙ୍କଠୁ ମାଗି ଦେବାକୁ ସାହସ କରି ନଥିଲେ ଅସୀମା । ତେଣୁ ନିଜର କାନଫୁଲ ବିକ୍ରି କରି ସନ୍ଧ୍ୟାକୁ ସାହାଯ୍ୟ କରି ଯେଉଁ ଅଫୁରନ୍ତ ଆନନ୍ଦ ପ୍ରାପ୍ତି କରିଥିଲେ ତାହାବି ଆଜି ସଜଳ ସ୍ମୃତିପଟ୍ଟରେ ଜଳଜଳ ଦିଶିଯାଉଛି । ଅବଶ୍ୟ ସନ୍ଧ୍ୟା ନେଇ ଥିବା ଟଙ୍କା ଧୀରେ ଧୀରେ କରି ସୁବିଧା ଅନୁସାରେ ଫେରାଇ ଦେଇଥିଲେ ।

ସେତେବେଳେର ଏହିସବୁ କଥା ଭରାକ୍ରାନ୍ତ ମନରେ ଭାବୁଥିଲେ ଅସୀମା । ଯୋଗକୁ ଏହି ସମୟରେ ଅସୀମାର ଫୋନ ବାଜି ଉଠିଲା । ଦେଖିଲେ ତାଙ୍କର ଆଉ ଜଣେ ପରିଚିତ ବନ୍ଧୁଙ୍କର ଫୋନ କଲ୍ । ସେ ଫୋନ୍ ଉଠାଇ କଣ୍ଠରୁଦ୍ଧ ଗଳାରେ ଯେତେବେଳେ ହ୍ୟାଲୋ କହିଛନ୍ତି, ସେପଟୁ ତାଙ୍କର ବନ୍ଧୁଜଣଙ୍କ କହିଲେ କ'ଣ ମାଡାମ, ମନ ଭଲ ନାହିଁକି ? କ'ଣ ହୋଇଛି କଥାରୁ ଜଣା ପଡୁଛି ବୋଧହୁଏ ଭଲ ନାହାନ୍ତି । ନା ନା ମାଡାମ ଭଲ ଅଛି କହି କଥା ଟାଳିବାକୁ ଚେଷ୍ଟା କଲେ, ଯେହେତୁ ବନ୍ଧୁ ନମିତାଙ୍କ ସହ ଯଦି ବା ଅସୀମାର ଭଲ ସଂପର୍କ କିନ୍ତୁ ସେତେ ନିକଟତର ସେତେବେଳେ ଦୁହେଁ ନ ଥିଲେ, ସେଥିପାଇଁ ଅସୀମା ଟଙ୍କା କଥା କହିବା ପାଇଁ କୁଣ୍ଠାବୋଧ କରୁଥିଲେ, ନମିତା ମାଡାମ ବାର୍‌ବାର୍ ପଚାରିଲାରୁ, ଅସୀମା ବାଧହୋଇ ଏପରି ଅସୁବିଧା କଥା ଜଣାଇଥିଲେ । ବଡ଼ ଆଶ୍ଚର୍ଯ୍ୟ କଥା ବନ୍ଧୁଟି ସାଙ୍ଗେ ସାଙ୍ଗେ କହି ଉଠିଲେ, ଏଇ ଗୋଟେ କଥା, ଆପଣଙ୍କ ପାଖରେ ପଇସା ନାହିଁ ତ କ'ଣ ହେଲା, ଆକାଉଣ୍ଟ ନମ୍ବର ଦିଅନ୍ତୁ ମୁଁ ସଙ୍ଗେ ସଙ୍ଗେ ଟଙ୍କା ପଠାଇ ଦେଉଛି । ଆପଣଙ୍କର ସୁବିଧା ଦେଖି ମୋତେ ଫେରାଇ ଦେବେ । ଆଜି ଆପଣଙ୍କର ଦରକାର ଅଛି, କାଲି ମୋର ବି ଦରକାର ପଡିପାରେ । ଏପରି ଅସୁବିଧା ସମୟରେ ଯଦି ଜଣେ ବନ୍ଧୁ, ବନ୍ଧୁଙ୍କୁ ସାହାଯ୍ୟ ନକରେ ତେବେ ବନ୍ଧୁତ୍ୱର କି ମୂଲ୍ୟ ? ଜଣେ ଅଚିହ୍ନା, ଅଜଣା ଅପରିଚିତଙ୍କୁ ସିନା ଟଙ୍କା ଧାର ଉଧାର ଦେବନି, କାଳେ କିଏ ଫେରାଇବନି ଠକି ଦେବ । ଆପଣଙ୍କୁ ଟଙ୍କା ଦେବାରେ ମୋ ମନରେ ଟିକେବି ଦ୍ୱିଧା ନାହିଁ ମାଡାମ ।

Source: Author, Digitized by PPRACHIN, SOA

ଆପଣଙ୍କ ପରି ପରୋପକାରୀ ଭଲ ମଣିଷ ଦୁନିଆରେ ବିରଳ । ଅନ୍ୟକୁ ସାହାଯ୍ୟ ସହଯୋଗ କରିବା ପାଇଁ ଆପଣ ସାହାଯ୍ୟର ହାତ ସବୁବେଳେ ଲମ୍ବି ଆସେ ସମସ୍ତଙ୍କ ପାଇଁ, ଏକଥା ସମସ୍ତେ ଜାଣନ୍ତି । ଆପଣ ସବୁବେଳେ ନିଜ ପାଇଁ ଯେତିକି ଚିନ୍ତା କରନ୍ତିନି, ସମାଜପାଇଁ ବେଶି ଚିନ୍ତା କରନ୍ତି, ଏହା ତ ଆପଣଙ୍କର ମହାନତା । ଏହା କହି ସେ ସହୃଦୟର ବନ୍ଧୁଜଣକ ମାତ୍ର ପାଞ୍ଚମିନିଟ୍ ଭିତରେ ଦଶହଜାର ଟଙ୍କା ତାଙ୍କ ଆକାଉଣ୍ଟକୁ ପଠାଇ ଦେଲେ । ସେ ସାଙ୍ଗେ ସାଙ୍ଗେ ଘରପାଖ ATM ରୁ ଟଙ୍କା ଉଠାଇ ବିନି ହାତରେ ଧରେଇ ଦେଲେ ଭଗବାନ୍‌ଙ୍କୁ ଶତ ଧନ୍ୟବାଦ ଦେଲେ ।

ବିନମ୍ରତାର ସହ ପ୍ରାର୍ଥନା କରି କହିଲେ ପ୍ରଭୁ ବିନିର ପୁଅକୁ ଶୀଘ୍ର ଭଲ କରିଦିଅନ୍ତୁ । ଭଗବାନ୍‌ଙ୍କ କୃପାରୁ ପିଲାଟି ଭଲ ହୋଇଯାଇଛି । ସୀମା ଆଜି ବହୁତ୍ ଖୁସି... ! ସେ ଧାର ଆଣିଥିବା ଟଙ୍କା ମଧ୍ୟ ଯଥା ସମୟରେ ସେ ବନ୍ଧୁଙ୍କୁ ଫେରାଇ ଦେଇଛି ।

ଆଜି କାମବାଲୀ ବିନି ଖୁସି ମନରେ ଆସିଛି ଓ ସୀମାକୁ କହୁଛି ମା' ଆପଣଙ୍କ ପାଇଁ ମୋ ପୁଅ ବଞ୍ଚିଗଲା ଆପଣ ଯଦି ଟଙ୍କା ସାହାଯ୍ୟ ନ କରିଥାନ୍ତେ ମୋ ପୁଅର କ'ଣ ଯେ ହୋଇଥାନ୍ତା !!

ଅସୀମା କିନ୍ତୁ ଭାବୁଥିଲେ, ସେହି ମହାନ୍ ଅଦୃଶ୍ୟ ଶକ୍ତିଙ୍କ କରାମତିକୁ.., ମନେମନେ ଧନ୍ୟବାଦ୍ ଦେଉଥିଲେ ତତ୍‌କ୍ଷଣାତ ସାହାଯ୍ୟ କରିଥିବା ସେହି ମହିୟସୀ ମହିଳାଙ୍କୁ ଏବଂ ଫରକ ଅନୁଭବ କରୁଥିଲେ, ମଣିଷ ଭିତରେ ମଣିଷଙ୍କୁ.... ଏବଂ ଅସୀମା ନିଜ ବିବେକକୁ ପ୍ରଶ୍ନ ପଚାରୁଥିଲେ, ଜଣଙ୍କ ବିପଦବେଳେ ମୁଁ କାହାଠାରୁ ଧାର ମାଗି ଅନ୍ୟକୁ ସାହାଯ୍ୟ କରିଛି ଠିକ୍ କରିଛି ନା ଭୁଲ୍ କରିଛି, ଯେଉଁମାନଙ୍କୁ ମୁଁ ଧାର ମାଗିଛି ତାଙ୍କ ଦୃଷ୍ଟିରେ ମୁଁ ଛୋଟହୋଇ ଯାଇନି ତ !! ?

❖❖❖

Source: Author, Digitized by PPRACHIN, SOA

ପ୍ରଶ୍ନବାଚୀ

ଆଜିଯାଏଁ ଭୁଲି ପାରୁନି, ସେ ଦିନର ଘଟଣା । ଅଫିସରୁ ଫେରୁଥାଏ ଅଟୋରୁ ଓହ୍ଲାଇ ରାସ୍ତା ପାରିହେବା ସମୟରେ ଏକ ବାଇକ୍‌ରେ ତିନିଜଣ ଯୁବକ କୁଆଡ଼େ ଥିଲେ କେଜାଣି ମଝିରାସ୍ତାରେ, ମୋ ଆଡ଼କୁ ହଠାତ୍ ପବନ ବେଗରେ ମାଡ଼ି ଆସିଲେ ମୁଁ କିଛି ଭାବିବା ପୂର୍ବରୁ ସେ ମୋତେ ଧକ୍କାଦେଇ ଚାଲିଗଲେ, ରାସ୍ତାର ସେପଟେ ଏକ ଛୋଟ ପିଲାଟି ବଡ଼ପାଟି କରି ହେ ପ୍ରଭୁ ! ରକ୍ଷାକର କହି ମୋ ପାଖକୁ ଦୌଡି ଆସିଲା । ମୋ ହାତ ଧରି ଉଠାଇ ଦେଲା, କହିଲା ମାଡାମ ଏବେ ଆପଣଙ୍କର କ'ଣ ହୋଇଥାନ୍ତା ଯେ ? ଭଗବାନ୍ ଆପଣଙ୍କୁ ରକ୍ଷାକରି ଦେଲେ । ମୁଁ କହିଲି ହଁ ବେଟା ତୁମର ସେ ସରଳ ମନର ବ୍ୟାକୁଳତା ପଣର ବିକଳ ଡାକ ବୋଧେ ଭଗବାନ୍ ଶୁଣିଲେ, ସେଥିପାଇଁ ମୁଁ ଏତେବଡ଼ ଆକ୍ସିଡେନରୁ ରକ୍ଷା ପାଇଗଲି, ମରୁମରୁ ବଞ୍ଚିଗଲି ? ଆଜିକାଲିର ପିଲାତ୍ ଗାଡିଖଣ୍ଡେ ହାତରେ ପାଇଗଲେ ଇନ୍ଦ୍ର ଚନ୍ଦ୍ର ମାନୁ ନାହାନ୍ତି, ତୁମେ ବଡ଼ ହେଲେ ଏମିତି ବେପରୁଆଭାବେ କେବେବି ଗାଡି ଚଳେଇବନି, କ'ଣ କହୁଛ ବେଟା ? ହଁ ମାଡାମ୍ କେବେ ବି ନୁହେଁ । ଏମିତି କଥବାର୍ତ୍ତା ଭିତରେ ରାସ୍ତା ଆରପଟକୁ ଏକା ସଙ୍ଗେ ଦୁହେଁ ଏକା ରାସ୍ତାରେ କଥା ହୋଇ ଚାଲିଲୁ ପରସ୍ପର । ତା' ସହିତ

Source: Author, Digitized by PPRACHIN, SOA

କଥାବାର୍ତ୍ତାରୁ ଜାଣିଲି ସେ ଷଷ୍ଠ ଶ୍ରେଣୀରେ ପାଠପଢୁଛି, ୧୧/କି ୧୨ ବର୍ଷ ବୟସ ହେବ । ମୋତେ ହଠାତ କହିଲା ଜାଣିଛନ୍ତି ମାଡାମ୍ ମୁଁ ଆପଣଙ୍କୁ ସବୁଦିନେ ୪ଟା ବେଳେ ଟିଉସନ୍ ଗଲାବେଳେ ଦେଖେ, ଭାରି ଇଚ୍ଛାହୁଏ କଥାହେବାକୁ ହେଲେ କଥା ହୋଇପାରେ ନାହିଁ । ମୁଁ କହିଲି କାହିଁକି ?

ଭାରି ଡର ଲାଗେ, ସାହସ ହୁଏ ନାହିଁ, ମନରେ ମୋର କେତେ ପ୍ରଶ୍ନ ଉଙ୍କିମାରେ, ପଚାରିବି, ପଚାରିବି ଭାବି ରହିଯାଏ । ଭଗବାନଙ୍କୁ ଅଶେଷ ଧନ୍ୟବାଦ ସେ ବୋଧେ ମୋ ମନକଥା ଜାଣିପାରି ଆପଣଙ୍କ ସହ ମୋତେ କଥା ହେବାର ସୁଯୋଗ ଦେଲେ । ଆଜି ମୋତେ ବହୁତ୍ ଖୁସି ଲାଗୁଛି ମାଡ଼ାମ୍, ଅନେକ ଦିନର ଇଚ୍ଛା ମୋର ପୂରଣ ହେଲା । କହିଲା ସତରେ, ମୁଁ ଯେ ଆଜି ଏତେ ଖୁସୀ ଭାଷା ପାଉନି କହିବାପାଇଁ । ଆଜି ମୋର ବହୁତ୍ ବଡ଼ ଭାଗ୍ୟ । ଆପଣଙ୍କ ସହ ଭେଟ ହେଲା ପୁଣି ଏମିତି ଦୁର୍ଯୋଗରେ ..କିନ୍ତୁ ମୋ ପାଇଁ ଏହା ବଡ଼ ସୌଭାଗ୍ୟ ।

ସବୁଦିନ ଦୂରରୁ ଦେଖି ଭାବୁଥିଲି ଆପଣ ଜଣେ ଭଲମଣିଷ ହୋଇଥିବେ, ଆଜି କିନ୍ତୁ ପାଖରୁ ଅନୁଭବ କରୁଚି ଆପଣ କେତେ ଭଲ ସ୍ନେହୀ ମଣିଷଟିଏ । ଯାହା ହେଉ ଭଗବାନ୍‌ଙ୍କ ଦୟାରୁ ଆଜି ଆପଣଙ୍କ ସହ କଥା ହେବାର ସୁଯୋଗ ମିଳିଲା ।

ମୁଁ ତା'ଠାରୁ ଏକ ନିଶ୍ୱାସରେ ଏତେ କଥା ଶୁଣି ଅବାକ୍ ହେଲି, କହିଲି ଆଚ୍ଛା ! କ'ଣ ପାଇଁ ?

ସେ କହିଲା କଥା ହେବାକୁ । କହିଲା ମାଡାମ ମୁଁ ଜାଣିନି, କାହିଁକି ଆପଣଙ୍କୁ ଦେଖିଲେ ମୋତେ ଖୁବ୍ ଭଲଲାଗେ ଆପଣ ଯେମିତି ମୋର କିଏ ଅତି ନିଜର ପରି ମନେ ହୁଏ । କିଛି ବୁଝି ପାରିଲିନି, ଏମିତି ଛୋଟ ପିଲାଟି ଏମିତି କହିବାର କାରଣ କ'ଣ ? ତତ୍‌କ୍ଷଣାତ ତାକୁ ପଚାରିଲି ବେଟା ତୁମ ଘରେ ସବୁ କିଏ ଅଛନ୍ତି ? କହିଲା ମୋ ବାବା ମାଆ, ଆଉ ମୁଁ । ତେବେ ତୁମେ କଣ କେବଳ ଗୋଟିଏ ପୁଅ ? ହଁ! ଏମିତି କଥାବାର୍ତ୍ତା ଭିତରେ ଆମଘରକୁ ଯିବା ରାସ୍ତାର ଛକର ବାମହାତି ତା'ଘରକୁ ଯିବା ରାସ୍ତା ପଡ଼ିଲା । ମୋତେ ବିନମ୍ର ନମସ୍କାରଟି ପକାଇ ଯିବାକୁ ଉଦ୍ୟତ ହେଲା, ମୁଁ ମଧ ତା' ମୁଣ୍ଡରେ ହାତରଖି ତାକୁ ଭଲ ପାଠପଢି ଭଲ ମଣିଷଟି ହୁଅ ବୋଲି ଆଶୀର୍ବାଦ କରି ଗୋଟିଏ ପଦ କଥା କହିଥିଲି 'ବେଟା ଶୁଣ ! ଜୀବନରେ ବଡ଼

Source: Author, Digitized by PPRACHIN, SOA

ଚାକିରି କରି ବଡ଼ ମଣିଷଟି ନହୋଇ ପାରିଲେ ବି ସବୁବେଳେ ମନେରଖିବ ଭଲ ମଣିଷଟିଏ ହେବାକୁ ଚେଷ୍ଟା କରିବ ।'

ହଁ ମାଡାମ ନିଶ୍ଚୟ ମୁଁ ଭଲ ମଣିଷ ହେବାକୁ ଚେଷ୍ଟା କରିବି । ଆପଣଙ୍କ ଆଶୀର୍ବାଦ ଏମିତି ଥାଉ । ମାଡାମ ଗୋଟେ କଥା କହିବି ?

କୁହ ବେଟା ।

ଆପଣ ଜାଣିଛନ୍ତି ନା ?

ଆରେ ବେଟା କ'ଣ ?

ନା, ନା ପରେ କହିବି । କହି ତା' ଆଖି ଛଳ ଛଳ ହୋଇଗଲା, କିନ୍ତୁ ମୁଁ ଯେତେ ପଚାରିଲି କିଛି କହିଲାନି । କାହିଁକି କେଜାଣି ତା' ଛଳ ଛଳ ଆଖି ଦେଖି ମୋ ମନଟା ଭାରି ବ୍ୟସ୍ତ ଲାଗିଲା । ଏତିକି ଆଶ୍ୱାସନା ଦେଲି, ହଉ ବେଟା ବ୍ୟସ୍ତ ହୁଅନି, ତୁମେ କ'ଣ କହିବାକୁ ଚାହୁଁଚ ? ମୁଁ ତୁମ କଥା ଶୁଣିବାର ଅପେକ୍ଷାରେ ରହିଲି । କଣ ଭାବିଲା କେଜାଣି ମୋ ମୁହଁକୁ ଚାହିଁ ଟିକେ ମୁରୁକି ହସି ଦେଲା । ତା' କଅଁଳ ନିଛନ୍ଦ ହସରେ କି ଯାଦୁ ଥିଲା କେଜାଣି, ତା' ସ୍ନେହର ଆକର୍ଷଣରେ ମୁଁ ବାନ୍ଧି ହୋଇଗଲି...

ତା' ପରଦିନ ମୁଁ ମୋ କାର୍ଯ୍ୟରେ ବାହାରି ପଡ଼ିଲି ଘରୁ ଠିକ୍ ଅପରାହ୍ନ ଘରିଟା ସମୟରେ । ରାସ୍ତାରେ ଚାଲୁ ଚାଲୁ ଟିକେ ଦୂରରୁ ଦେଖିଲି ସେହି ଛକରେ ସେ ଛିଡ଼ାହୋଇ ମୋତେ ଚାହିଁଛି ଓ ମୁରୁକି ମୁରୁକି ହସୁଛି । ମୁଁ ତା' ପାଖରେ ଆସି ପହଂଚିଲା ମାତ୍ରେ ବିନମ୍ର ନମସ୍କାରଟି ପକାଇଲା । ମୁଁ ତାକୁ ପ୍ରତି ନମସ୍କାର ଜଣାଇ ପଚାରିଲି ଆରେ ବେଟା ଏଠି ଠିଆ ହୋଇଛ ଯେ ? ହଁ ଆପଣଙ୍କୁ ଅପେକ୍ଷା କରି ଛିଡ଼ା ହୋଇଥିଲି, ମାଡାମ୍ । ମୁଁ ଜାଣିଛି ଆପଣ ଏହି ସମୟରେ ଆସିବେ । ଆଚ୍ଛା !! କ'ଣ ପାଇଁ ? ଅପେକ୍ଷା କରି ଥିଲ ? ନା ମାଡ଼ାମ୍ କିଛି ନାହିଁ, ଏମିତି !! ମୁଁ କହିଲି ଆରେ ବେଟା ମାଡ଼ାମ୍ ନୁହେଁ ଆଣ୍ଟି ବୋଲି ଡାକ । ହଠାତ୍ ଜିଭ କାମୁଡ଼ି ପକାଇ କହିଲା ଆରେବାପ୍ରେ ନା ନା ମୁଁ ଆପଣଙ୍କୁ ଆଣ୍ଟି ବୋଲି କେବେ ଡାକିବିନି । ଆରେ କାହିଁକି ? ନା କେବେ ନୁହେଁ । ମୁଁ କ'ଣ ବା ତାକୁ କହିବି କିଛି ବୁଝି ପାରିଲିନି, ଆଶ୍ଚର୍ଯ୍ୟ ହେଲି ତା' କଥା ଶୁଣି । ଗଲାବେଳେ ତା' ପିଠିରେ ହାତ ଥାପୁଡ଼େଇ ଆରେ ଚଗଲାଟା କହି ଚାଲିଗଲି । ସେହି ଦିନଠାରୁ ମୁଁ ତାକୁ ଚଗଲା ବୋଲି ଡାକେ ।

Source: Author, Digitized by PPRACHIN, SOA

ସବୁଦିନ ସେ ମୋ ଆସିବା ବାଟକୁ ଚାହିଁ ରହିଥାଏ ଦୁରୁରୁ ଦେଖି ମୁରୁକି ହସିଦେଇ ନମସ୍କାରଟିଏ ପକାଇ ମୋ ସହିତ ପାଦ ପକାଇ ଆଗକୁ ଚାଲେ । ଏହା ଏକ ନିତିଦିନିଆ ଘଟଣା ହୋଇଗଲା । ଯଦି କେଉଁ ଦିନ ସେ ଠିଆ ହୋଇ ନଥାଏ, ମୋ ଆଖି ବି ତାକୁ ଚାରିଆଡେ ଖୋଜେ । ମନ୍ଦିର ଭିତରକୁ ଗଲେ ଯଦି ଠାକୁରଙ୍କ ଦ୍ୱାର ଖୋଲା ନଥାଏ, ତେବେ ମନ ଯେମିତି ବ୍ୟାକୁଳ ହୁଏ, ଦିଅଁଙ୍କ ଦର୍ଶନ କରିନପାରି । ତାକୁ ନ ଦେଖିଲେ ମୋ ମନ ସେହିପରି ବ୍ୟାକୁଳିତ ହୁଏ । ମୋର ଯେମିତି କିଛି ମୂଲ୍ୟବାନ ଜିନିଷ ହଜିଗଲା ପରି ଅନୁଭବ କରେ । କିନ୍ତୁ ଭାଗ୍ୟକୁ ମୁଁ କାର୍ଯ୍ୟସ୍ଥଳୀରୁ ଫେରିଲା ବେଳକୁ ଦେଖେ ସେ ସେହି ନିର୍ଦ୍ଦିଷ୍ଟ ଜାଗାରେ ଠିଆ ହୋଇ ମୋତେ ଅପେକ୍ଷା କରିଥାଏ । ସେ ମୋତେ ଦେଖୁ ଦେଖୁ ଦୁଇ ପାଦ ଆଗକୁ ଚାଲି ଆସେ । ଆଜି ଘରିଟାରେ କାହିଁକି ଆସି ନଥିଲ ବୋଲି ପଚାରିବା ପୂର୍ବରୁ ସେ ଆଗତୁରା କାରଣ କହି ପକାଏ । ଧିରେ ଧିରେ ମୁଁ ଅନୁଭବ କରେ ମୋ ପ୍ରତି ତା'ର ଯଥେଷ୍ଟ ସମ୍ମାନ ଓ ଖୁବ୍ ଭଲପାଇବା ଅଛି ।

ମୁଁ କେଉଁଦିନ କେଉଁ ରଙ୍ଗ ଶାଢ଼ୀ ପିନ୍ଧିଛି କ'ଣ ଗହଣା ଲଗେଇଛି, କେଉଁଦିନ କେତେ ସୁନ୍ଦର୍ ଦିସୁଛି ସବୁର ତର୍ଜମା ସେ କରେ । ମୁଁ କିନ୍ତୁ ତା' ଠାରୁ ଏମିତି କଥା ଶୁଣି, ମନେ ମନେ ବିରକ୍ତ ହୁଏ, ଭାବେ ଏତେ ଛୋଟ ପିଲାଟି ଏମିତି କ'ଣ କହୁଛି ଯେ ! ତଥାପି ତାକୁ ରାଗିକି କିଛି କହିପାରେନି । ପୁଣି ମନେମନେ ଭାବେ ଆରେ ମୋ ପୁଅ ତ ସବୁବେଳେ ମୋ ଶାଢ଼ୀ, ଗହଣା, ଡ୍ରେସ୍‌ପିନ୍ଧା ଉପରେ ଧ୍ୟାନରଖେ । କ'ଣ ପିନ୍ଧିଲେ କେମିତି ଦିଶୁଛି ବୋଲି ତର୍ଜମା କରେ । ତେଣୁ ଏହି ଛୋଟ ପିଲାଟି ଏତେ ଶ୍ରଦ୍ଧାରେ କହୁଛି, କିଛି କହିଲେ କାଳେ ତା' ମନରେ କଷ୍ଟହେବ, ସେଥିପାଇଁ ମୁଁ ବି ସ୍ନେହରେ ଖୁବ୍ ଗେହ୍ଲା ପଣରେ ତା'ଗାଲରେ ହାତମାରି ଦୁଷ୍ଟଟିଏ କହି ଚାଲିଯାଏ । ସେ ବି ଫୁଲେଇ ହୋଇ କଅଁଳ ସ୍ୱରରେ କହିପକାଏ ମାଡାମ୍ ମୁଁ ମୋଟେ ଦୁଷ୍ଟ ନୁହେଁ ମୁଁ ଏକଦମ ଭଲ ପିଲାଟିଏ । ମୁଁ କହେ ଭଲ ପିଲା ନା ଆହୁରି କଣ ! ତୁ ପୁରା ଦୁଷ୍ଟ ଟେ .... ଏମିତି କହି କେତେ ଥର ଯେ ତା'କାନ ମୋଡିଥିବି ହିସାବ ନାହିଁ । ବେଳେବେଳେ ଅଭିମାନରେ କହିବ ହଉ ମାଡାମ୍ ଆଉ ଆପଣଙ୍କୁ କିଛି କହିବିନି । କିନ୍ତୁ ପୁଣି ତା' ପରଦିନ ସେହି ଏକାକଥା । ମାଡାମ ସତରେ ଆପଣ ଆଜି ଭାରି ସୁନ୍ଦର ଦିଶୁଛନ୍ତି । ଆଜି ଏଇ ଡ୍ରେସଟା ନା... ଆପଣଙ୍କୁ ଖୁବ୍ ମାନୁଛି । ଏମିତି

Source: Author, Digitized by PPRACHIN, SOA

ନିତିଦିନ ଦେଖାସାକ୍ଷାତ ଓ କଥାବାର୍ତ୍ତାରେ ଦୀର୍ଘ ଦୁଇବର୍ଷ କଟିଗଲା କିପରି ସମୟ, ଜଣା ପଡିଲାନି ।

ଭଲ ଭାବେ ମନେ ଅଛି ଦିନକର କଥା .... । ସେଦିନ ମୁଁ ଭଲ ପାଟଶାଢ଼ିଟିଏ ପିନ୍ଧି ପଥର ସେଟିଂ ସୁନା ହାର ଓ କାନର ଲଗାଇ ସଜେଇ ହୋଇ, ବାହାରି ପଡ଼ିଥାଏ । ଚିକିତ୍ସା କେନ୍ଦ୍ରରେ ନିତି ଦିନିଆ ସେବା କାର୍ଯ୍ୟସାରି ସେହି କେନ୍ଦ୍ରରୁ ଏକାଥରେ ଯିବି ମୋ ସାଙ୍ଗ ଭଉଣୀର ବାହାଘରରେ ଯୋଗ ଦେବାକୁ । ମୁଁ ଚାଲିଥାଏ ରାସ୍ତାରେ ସେ ଟଗଲା ଦୂରରୁ ଦେଖି ଆଁ କରି ଆଶ୍ଚର୍ଯ୍ୟ ନୟନରେ ଚାହିଁ ରହିଥାଏ ।

ମୁଁ ପାଖକୁ ଗଲାମାତ୍ରେ ନମସ୍କାରଟି ପକାଇ କହି ପକାଇଲା, ମାଡାମ୍ ଆଜି କଣ ଦିଶୁଛନ୍ତି ! ପୁରା ସ୍ୱର୍ଗର ପରୀ । ହେ, ହେ ଟଗଲା ତୁମକୁ ମାଡ଼ ଦରକାର । ହଁ ମାରନ୍ତୁ ପଛେ ମୋତେ, କିନ୍ତୁ ସତ କଥା ଆଜି ଆପଣଙ୍କ ପଛରେ ଚୋର ପଡିଯିବେ... ହଉହଉ ଚୋର ପଡ଼ନ୍ତୁ ତୁମେ କିଛି ଚିନ୍ତା କରନି ମୁଁ ୧୦୦କୁ ଡାଏଲ କରି ଦେବିନି ! ପୋଲିସ ସଙ୍ଗେ ସଙ୍ଗେ ଚାଲି ଆସିବେ । ଏହା ଶୁଣି ସେ ବି ହସିଲା, ମୁଁ ସ୍ମିତ ହାସ୍ୟଟିଏ ଦେଇ ମୋ କାମରେ ମୁଁ ଚାଲିଗଲି ।

ତା' ପରଦିନ ଠିକ୍ ସେହି ସମୟରେ ମୁଁ ଆସିଲା ବେଳକୁ ସବୁଦିନ ପରି ମୋତେ ଅପେକ୍ଷା କରି ଛିଡ଼ାହୋଇଛି, ମୋତେ ଦେଖୁଦେଖୁ ମୋ ହାତକୁ ଏକ dairy milk ଚକୋଲେଟ୍‌ଟି ବଢାଇ ଦେଇ କହିଲା ମାଡ଼ାମ ଆଜି ମୋର ଜନ୍ମଦିନ । ମୁଁ ଏକଥା ଶୁଣି ତାକୁ ଜନ୍ମ ଦିନର ଶୁଭେଚ୍ଛା ଜଣାଇ, ଯେତିକି ଖୁସି ହୋଇଥିଲି, ବେଶି ଦୁଃଖିତ ହୋଇଥିଲି ଅଭିମାନ, ରାଗମିଶା ସ୍ୱରରେ ତାକୁ କହିଥିଲି ଆରେ ବେଟା ତୁମେ ମୋତେ କାଲି କହିଲନି କାହିଁକି ? ତୁମପାଇଁ ମୁଁ କିଛି ଗିଫ୍ଟ ଆଣିଥାନ୍ତି... ମୁଁ ତୁମସହ ଆଜିଠୁ ଆଉ କଥା ହେବିନି.... ।

ସେ ମନ ଦୁଃଖକରି କହିଲା ମାଡାମ୍ ସେମିତି କୁହନ୍ତୁନି ଆପଣ ମୋ ସହ କଥା ନ ହେଲେନା ! ମୁଁ ମରିଯିବି । ମୁଁ ତା' ମୁହଁରୁ ଏପରି ଅମଙ୍ଗଳିଆ କଥା ଶୁଣି ଚମକି ପଡିଥିଲି, ତା'ପାଟିରେ ହାତଦେଇ ତାକୁ ଅଟକାଇ ଥିଲି...ସେ ଦିନ ମୋ ଆଖି ଛଳ ଛଳ ହୋଇ ଯାଇଥିଲା । ଅଜାଣତରେ ମୋ ଆଖିରୁ ଅଶ୍ରୁ ବୁନ୍ଦା ବୋହି ଆସିଥିଲା । ମୁଁ ଅନୁଭବ କରୁଥିଲି ସତରେ ସେ କେତେ ଭଲ ପାଏ ମୋତେ... ! ! ମୋ ପାଟିରୁ

Source: Author, Digitized by PPRACHIN, SOA

ବାହାରି ଆସିଥିଲା ସେମିତି କାଳ କଥା କୁହନ୍ତିନି ରେ ଚଗଲା....ଏହା କହୁ କହୁ ସେ କହି ପକାଇଲା ଆପଣ ସତ୍ କୁହନ୍ତୁ ମୋ ସହ ଅପଡ କରି ଦେବେନି ତ ? ଆରେ ବେଟା ନା' ରେ ବିଲକୁଲ୍ ନୁହେଁ ମୋ ସୁନା ଗେହ୍ଲା ଚଗଲାକୁ ଛାଡ଼ି କ'ଣ ମୁଁ ରହିପାରିବି ! ଏହାକହି ତା' ଗାଲକୁ ଗେଲରେ ଟାଣିଦେଲା ଭିତରେ ଜାଣିଲି ତା' ଦେହ ଖୁବ୍ ତାତିଛି, ପଚାରିଲି ଆରେ ତୋ ଦେହ କଣ ଏତେ ତାତିଛି ?

କହିଲା ମାଡାମ ମୋ ମୁଣ୍ଡ ଟିକେ ବିନ୍ଧୁଚି ଥଣ୍ଡା ଧରିଛି ସେଥିପାଇଁ ଦେହ ବୋଧେ ଉଷୁମ ଅଛି । ହଉ ତେବେ ଆସ ମୋ ସାଙ୍ଗରେ ଚିକିତ୍ସା କେନ୍ଦ୍ରକୁ ସେଇଠି ତୁମକୁ treatment କରିଦେବି, ସଙ୍ଗେ ସଙ୍ଗେ ଭଲ ହୋଇଯିବ । କହିଲା ନାଇଁ ମାଡାମ ମୋର ଟିଉସନ୍ ଅଛି ତ, ମୁଁ ଗଲେ ଡେରି ହୋଇଯିବ ସାର୍ ରାଗିବେ ଆପଣ ଯାଆନ୍ତୁ ମୁଁ ମେଡ଼ିସିନ୍ ଦୋକାନରୁ ଗୋଟେ crosin କିଣି ଖାଇଦେବି ଜ୍ୱର ଥଣ୍ଡା ସବୁ ଭଲ ହୋଇଯିବ । ଆପଣ ଚିନ୍ତା କରନ୍ତୁନି, ମୁଁ କହିଲି ହଉ ଠିକ୍ ଅଛି । Take care ମୁଁ ଆସୁଛି ବେଟା । କହିଲା ମାଡାମ ଗୋଟେ ଅନୁରୋଧ କରିବି ରଖିବେ ?

ମୁଁ କହିଲି କ'ଣ କୁହ ? ଆପଣଙ୍କ ଫୋନନମ୍ବର୍ ଟିକେ ଦେବେ । ମୁଁ କହିଲି ହଁ ଦେବିନି କାହିଁକିରେ ? ଏହା କହି ଭ୍ୟାନିଟି ବ୍ୟାଗ୍‌ରୁ କାଗଜ କଲମ ବାହାର କଲା ଭିତରେ ତାକୁ ପଚାରିଲି ଆରେ ଚଗଲା ତୁମେ କ'ଣ ଗୋଟେ କଥା କହିବ ବୋଲି କହୁଥିଲ ମୋତେ ଅନେକ ଦିନ ହେଲା ସେ କଥା ତ କିଛି କହିଲନି ? ନା ମାଡାମ ସେ ବହୁତ କଥା ପରେ କହିବି । ଆରେ ପୁଣି ପରେ କ'ଣ ? ଏବେ କୁହ ! ହଉ ତେବେ ଶୁଣନ୍ତୁ .... ସେ ଯାହା କହିଲା ମୁଁ ତା' କଥା ଶୁଣି ସ୍ତବ୍ଧ ହୋଇଗଲି । ଖୁବ୍ ଦୁଃଖ ପ୍ରକାଶ କଲି । ଏହି ସମୟରେ ଚିକିତ୍ସା କେନ୍ଦ୍ରରୁ ଜଣେ ପେସେଣ୍ଟଙ୍କର ଫୋନ ଆସିଲା, ଜଲଦି ଯାଇ କେନ୍ଦ୍ରରେ ପହଂଚିବାର ଅଛି ! ଚଗଲାସହ ଆଉ ଅଧିକ କିଛି କଥା ନ ହୋଇପାରି କର୍ତ୍ତବ୍ୟର ଦ୍ୱାହିରେ ତରତର ହୋଇ ଯିବା ଭିତରେ ଚଗଲାକୁ ଖାଲି ଏତିକି କହିଥିଲି ହଉ ବେଟା ମୁଁ ଯାଉଛି କାଲିକୁ କଥାହେବା ଏବଂ ମୋ ମୋବାଇଲ ନମ୍ବର ମଧ୍ୟ ଲେଖି ଆଣିଥିବି ତୁମକୁ ଦେଇଦେବି, ବ୍ୟସ୍ତ ହୁଅନି । କହିଲା ହଉ ଠିକ ଅଛି ମାଡାମ ଯାନ୍ତୁ ।

Source: Author, Digitized by PPRACHIN, SOA

ଏହାପରେ ଆମେ ନିଜନିଜ କାମରେ ଚାଲିଗଲୁ । ମୁଁ କେନ୍ଦ୍ରରୁ ଘରକୁ ରାତି ଆଠଟାରେ ପହଞ୍ଚି ଦେଖେ ତ ମୋ ସ୍ୱାମୀ ଗେଟ୍‌ପାଖରେ ମୋ ଆସିବା ବାଟକୁ ଖୁବ୍ ଉତ୍କଣ୍ଠାର ସହ ଚାହିଁ ରହିଛନ୍ତି । ପହଞ୍ଚୁ ପହଞ୍ଚୁ କହି ପକାଇଲେ ହଁ ଶୁଣ ମୋର ଡେପୁଟେସନରେ ଦିଲ୍ଲୀ ଯିବାର ଅଛି ଅନିର୍ଦ୍ଧିଷ୍ଟ ସମୟ ପାଇଁ, ତେଣୁ ଜିନିଷପତ୍ର ପ୍ୟାକିଂ କର ଆସନ୍ତା ସୋମବାରେ ଦିଲ୍ଲୀ ଯିବା ଫ୍ଲାଇଟ୍ ଟିକେଟ ବି ହୋଇଯାଇଛି । ମୁଁ ଶୁଣି ଆଶ୍ଚର୍ଯ୍ୟ ଚକିତ ହେଲି । ଆରେ ଏମିତି ହଠାତ୍ କଣ୍ ଯେ ? ଯାହା ବି ହେଉ ସରକାରଙ୍କର ଆଦେଶକୁ ମାନିବାକୁ ହେବ, ଦିଲ୍ଲୀ ଯିବାକୁ ହିଁ ପଡ଼ିବ । ସେହି ସମୟରୁ ହିଁ ମାନସିକ ଭାବେ ପ୍ରସ୍ତୁତ ହେଲି ଦିଲ୍ଲୀ ଯିବାପାଇଁ । ତା' ପରଦିନ ଚଗଲାକୁ ଫୋନ ନମ୍ବର ଦେବି ଓ ଆମର ଦିଲ୍ଲୀ ଯିବା କଥା ଜଣାଇବି ବୋଲି ଏକ ଦ୍ୱନ୍ଦ୍ୱ ମନରେ ସନ୍ତାପି ହେଲି । ସେ ମୋ ଯିବା କଥାକୁ କିପରି ଭାବରେ ଗ୍ରହଣ କରିବ କି ନାହିଁ ବୋଲି ମନରେ ଅନେକ ଭାବନା ଆସୁଥାଏ । ଯାହାବି ହେଉ ସବୁଦିନ ପରି ଅପରାହ୍ନ ଘରିଟାରେ ବାହାରି ପଡିଲି, ମୋ କାର୍ଯ୍ୟ କ୍ଷେତ୍ରକୁ ।

ସେଦିନ ଦେଖିଲି ସବୁଦିନ ପରି ଚଗଲା ମୋତେ ଚାହିଁ ସେଠି ଠିଆହୋଇ ନାହିଁ, ଚାରିଆଡ଼େ ଆଖି ବୁଲେଇ, ଭଲ ଭାବରେ ଦେଖିନେଲି । ସେଦିନ ଆଉ ଚଗଲାର ଦେଖା ପାଇଲିନି । ଭାବିଲି ତା'ପର ଦିନ ଚଗଲା ସହ ଦେଖା ହେବ ତାହାବି ହେଲାନି । ଏମିତି ଅପେକ୍ଷାରେ ଅପେକ୍ଷାରେ ପାଞ୍ଚଦିନ କଟିଗଲା । ହେଲେ ତାକୁ ଦେଖା ନକରି ମୁଁ ଦିଲ୍ଲୀ ଚାଲିଗଲି । କିନ୍ତୁ ମନ ବହୁତ କଷ୍ଟ ହେଲା, ତାକୁ ମନରେ ଭାବି ଭାବି ଦିଲ୍ଲୀରେ କିଛି ବର୍ଷ କଟିଗଲା ।

ଅନେକ ସମୟରେ ତା'କଥା ମନେପଡେ । ଦିଲ୍ଲୀରୁ ଫେରିବା ପରେ ଭାବିଥିଲି, ମୋ ସ୍ନେହର ଚଗଲାକୁ ମୁଁ ପୁଣି ପାଇଯିବି । କିନ୍ତୁ ଆଜିଯାଏ ତାକୁ ଆଉ ପାଉନାହିଁ ମୋ ଆଖିରେ ତା' ଦରୋଟି ହସ ଦିଶିଯାଉଛି । ତା' ଚୁଲ୍‌ବୁଲିଆ ଚଗଲିଆ କଥା ମୋ କାନରେ ଯେମିତି ବାର୍‌ବାର୍ ଶୁଭିଯାଉଛି । ତା'ର ସେହି ନିରୀହ ଚକ୍ଷୁ ପଙ୍କଳର ଚାହାଣି ମୋ ସାମ୍ନାରେ ଯେମିତି ପ୍ରତି ମୁହୂର୍ତ୍ତରେ ନାଚିଯାଉଛି !!! ଆବେଗ ଭରା ମନରେ ମୁଁ ତାକୁ ଅପେକ୍ଷା କରିଛି, ଆବେଗରେ ଚାହିଁ ରହିଛି, ମନର ଆଶଙ୍କା ବାର୍‌ବାର୍ ଆନ୍ଦୋଳିତ କରୁଛି ଆତ୍ମାକୁ । ତା'ର କିଛି ଅସୁବିଧା ହୋଇନି ତ ? ଆରେ

Source: Author, Digitized by PPRACHIN, SOA

ଚଗଲା ତୁ କୁଆଡେ ଗଲୁରେ ? ତୋ ପ୍ରିୟ ମାଡାମକୁ ଭୁଲି ତୁ କେମିତି ରହିଛୁରେ ! ତୋର ମନେ ପଡୁନି ମୋ କଥା ? ମୋର କିନ୍ତୁ ତୋ' କଥା ସବୁବେଳେ ମନେପଡୁଛି । ଏ ଆଖି ତୋତେ ସବୁଆଡେ ଖୋଜୁଛି, ଏ ସହରର ଗଳି କନ୍ଦିରେ ପ୍ରତି ଜାଗାରେ, ହେଲେ ତୁ ଦେଖାଦେଉନୁ । କାହିଁକି ବା ଦେଖା ଦେବୁ ! ତୁ କ'ଣ ଆଉ ମୋତେ ମନେ ରଖିଥିବୁ ? ତୁ ତ ଏବେ ବଡ ହୋଇ ଯିବୁଣି, କଲେଜରେ ପାଠ ପଢ଼ିବୁଣି । କେତେ ସାଙ୍ଗସାଥିଙ୍କ ମେଳରେ ମିଶୁଥିବୁ ମଜା ମଜଲିସ୍ କରୁଥିବୁ । ତୋ କିଶୋର ମନରେ କେତେ ଚଗଲାମି, ଚପଳାମି, ଧସେଇ ପଶୁଥିବ ... ତୋ ମନରେ କେତେ ନୂତନ ଶିହରଣ ଜାଗୁଥିବ, ପାଠ ପଢ଼ିବୁ, ଭଲ ଚାକିରୀ କରିବୁ, କେତେ ବାସ୍ତବ ଅବାସ୍ତବ ସ୍ୱପ୍ନ ଭିତରେ ବୁଡ଼ି ରହିଥିବୁ । ଫୁଲ ବଗିଚାରେ ପ୍ରଜାପତିଙ୍କ ମେଳରେ ଘୂରି ବୁଲୁଥିବୁ... । ତୁ ବା କାହିଁ ମୋତେ ମନେ ପକେଇବୁ ! ମୁଁ ତୋର କିଏ କି ? ମୁଁ ଯଦି ତୋର ଆପଣାର ହୋଇଥାନ୍ତି ତୁ କଣ ମୋତେ ଭୁଲି ରହିଥାନ୍ତୁ ? ଆରେ ଏସବୁ ମୁଁ କଣ କହୁଛିମ ! ମୁଁ ଆଜି ତୋ ସ୍ଥିତି ପରିସ୍ଥିତିକୁ ନେଇ ବହୁତ ଚିନ୍ତିତ ... । !

ଭାବୁଥିଲି ଦିଲ୍ଲୀରୁ ଆସିଲା ପରେ ତୋ ସହ ମୋର ନିଶ୍ଚୟ ଦେଖାହେବ, ହେଲେ ... ନା !! ଆଜି ଯାଏଁ ଦେଖା ହେଲା ନାହିଁ । ତୁ ଭଲରେ ଅଛୁ ତ ଚଗଲା ? ମୋ ମନରେ ଆଜି ଅନେକ ପ୍ରଶ୍ନବାଚୀ !! ସେଦିନ ତୋତେ ମୋ ଫୋନ ନମ୍ବରଟି ନ ଦେଇ ଚାଲିଗଲି ସେଥିପାଇଁ ମୋ ଉପରେ ରାଗିକି ଏତେ ବଡ଼ ନିଷ୍ପତ୍ତି ନେଇଗଲୁ ମୋତେ ଦେଖା ନ କରିବାର ସଙ୍କଳ୍ପରେ ରହିଗଲୁ ? ନା ଆଉ କିଛି... ! ସତରେ ଚଗଲା ମୁଁ ବହୁତ୍ ବଡ଼ ଦୋଷୀ ତୋ ପାଖରେ.... ମୁଁ ଆଜି ହାରି ଯାଇଛିରେ ! ନିଜକୁ କ୍ଷମା କରିପାରୁନି, ସେଦିନ ଯଦି ତୋତେ ଫୋନ ନମ୍ବରଟି ଦେଇଥାନ୍ତି କିମ୍ବା ତୋ ଫୋନ୍ ନମ୍ବର୍‌ଟି ମୁଁ ରଖି ଥାଆନ୍ତି ତେବେ ଆଜି ମୁଁ ତୋତେ ଅନ୍ଧପରି ଚତୁର୍ଦ୍ଦିଗରେ ଅଣ୍ଡାଳି ବୁଲି ନଥାନ୍ତି ବର୍ଷ ବର୍ଷ ଧରି....। ଏମିତି ମାୟା ଡୋରିରେ ମୋତେ ବାନ୍ଧି ରଖିଥିଲୁ, ପୁଣି ଏମିତି ଭାବରେ ସେ ଡୋରିର ବନ୍ଧନକୁ ଛିଡାଇ କୁଆଡେ ହଜିଗଲୁ ତୁ ?

ତୁ କି ମାୟା ମୋ ସହ ଲଗେଇ ଥିଲୁ, କାହିଁକି ମୋତେ ଏତେ ଭଲ ପାଉଥିଲୁ... କି ସୁଖ ପାଉଥିଲୁ କି ଶାନ୍ତି ପାଉଥିଲୁ, ପୁଣି ହଠାତ୍ ଏମିତି ମୋତେ ପରକରି ମୋ

Source: Author, Digitized by PPRACHIN, SOA

ସହ ଲୁଚକାଳି ଖେଳିଲୁ ଯେ ମୋତେ ଆଉ ଧରା ଦେଲୁନି । ସାତପର କରି କୁଆଡେ ଲୁଚିଗଲୁ । ମୁଁ ଆଖିରେ ଅନ୍ଧ ପୁଟୁଳି ବାନ୍ଧି ତୋତେ ଅଣ୍ଡାଳି ବୁଲୁଛି ବିରାଟ ପୃଥିବୀର କୋଣ ଅନୁକୋଣ । ତୁ ଯାହାକୁ ଏତେ ଭଲ ପାଉଥିଲୁ ଦିନେ ନ ଦେଖିଲେ ତୋ ପାଠ ପଢାରେ ଖାଇବା ପିଇବାରେ ମନ ଲାଗୁ ନଥିଲା ବୋଲି, କେତେ ଥର କହିଥିବୁ ମୋତେ !! ତୁ ପୁଣି ତାକୁ କିଛି ନ ଜଣେଇ କାହିଁକି ତା' ଠାରୁ ଦୂରେଇ ଗଲୁ ? ଏବେ କେଉଁଠାରେ ଅଛୁ, କେମିତି ଅଛୁ ? ତୁ ଠିକ୍‌ଠାକ୍ ଅଛୁ ନା ଚଗଲା ? ତୁ ଯେଉଁ ଗଳିରେ ରହୁଥିଲୁ, ସେହି ଗଳି ଭିତରକୁ ଖୋଜି ଖୋଜି ଯାଇଥିଲି ତୋତେ । କେଉଁଠି ତୋର ସନ୍ଧାନ କିଛିବି ପାଇଲିନି ।

ମାଆ ଛେଉଣ୍ଡ ପିଲାଟି, ବୋଲି ତୋ ସହିତ ସେହି ଶେଷଦିନ ସାକ୍ଷାତରେ ଜାଣିଥିଲି, ତୋ ଜନ୍ମକଲା ମା' କୌଣସି ଏକ ବେମାରରେ ପଡ଼ି ମରିଗଲାପରେ ତୋ ବାପା ଦ୍ୱିତୀୟ ବିବାହ କରିଥିଲା । ତୋ ବାପା ଦିନମଜୁରିଆ କାମକରନ୍ତି ବୋଲି ମୁଁ ସେଦିନ ତୋଠାରୁ ଜାଣିଥିଲି ।

ସେଦିନ ମୋତେ ଖୁବ୍ ଜୋରରେ ଜାବୁଡି ଧରି କହିଥିଲୁ ମାଡାମ ମୁଁ ଆପଣଙ୍କୁ ମା' ବୋଲି ଡାକି ପାରିବି ? ମୁଁ ତୋତେ ଖୁବ୍ ନିବିଡତାରେ କୋଳେଇ ନେଇଥିଲି ଏବଂ କହିଥିଲି, କାହିଁକି ନୁହେଁରେ ଚଗଲା ? ତୁ ନିଶ୍ଚିତ ମୋତେ ମା' ଡାକି ପାରିବୁ । ତା' ପରେ ବୁଝିଲି ତୁ ମୋତେ ଏତେ ଭଲ ପାଉଥିଲୁ କାହିଁକି ନା, ମୋ ପାଖରୁ ତୋ ମାଆର ସ୍ନେହ ଖୋଜୁଥିଲୁ, ମୋତେ ସେହି ଅନାବିଳ ମାତୃସ୍ନେହର ଅନୁଭବକୁ ଉପଲବ୍ଧି କରିବାର ସମୟ ପୂର୍ବରୁ କୁଆଡେ ଅନ୍ତର୍ଦ୍ଧାନ ହୋଇଗଲୁ । ଆରେ ଚଗଲା ତୁ କେବେ ପୁଣି ଫେରି ଆସିବୁ ମୋ ପାଖକୁ ସେହି ମାୟା ଜାଲରେ ଛନ୍ଦି ଦେବାପାଇଁ.. ମୋତେ... ! ମୁଁ ପାଗଳିନି ପରି ଅପେକ୍ଷା କରିଛି, ଆଦରରେ କୋଳେଇ ନେବାପାଇଁ ତୋତେ ! ମୋ ସୁନା ଚଗଲାଟା ମୋ ଧନ ତୁ ମୋ ପାଖକୁ ଫେରି ଆରେ... । ତୋ ପ୍ରିୟ ମାଡାମକୁ ଭୁଲି ତୁ କେମିତି ରହିଛୁରେ ? ମୁଁ କ'ଣ ତୋ'ର ସେହି ସ୍ୱର୍ଗୀୟ ଅମୃତମୟୀ ମା'ର ସ୍ନେହ ଦେଇ ପାରିବିନି ତୋତେ... !!

❖❖❖

Source: Author, Digitized by PPRACHIN, SOA

ଅପର୍ଣ୍ଣା ହୋଟେଲ

ଆଇ.ଆଇ.ଟି ଦିଲ୍ଲୀରୁ ଏମ.ଟେକ୍ (ଇଞ୍ଜିନିୟରିଂ) ପାଠପଢ଼ା ସାରି ପୁଅ ଅଭିଳାଷ ଚାକିରୀ ନକରି ନିଜେ ଏକ ସଫ୍ଟୱେର କମ୍ପାନୀ ଖୋଲି ସେଥିରେ ଦିନରାତି ବ୍ୟସ୍ତ । ସବୁ କାମ ଘରେବସି ତଦାରଖ କରିବା ସହ ଭଲ ରୋଜଗାର କରୁଛି, ଅନେକ ପିଲାଙ୍କୁ କର୍ମ ନିଯୁକ୍ତି ମଧ ଦେଇଛି । ତା' ପିଲାଦିନର ସ୍ୱପ୍ନ ଥିଲା ସେ କାହା ଅଧୀନରେ ଚାକିରୀ ନ କରି ନିଜେ ଅନ୍ୟମାନଙ୍କୁ କର୍ମ ସଂସ୍ଥାନ ଯୋଗାଇ ଦେବ । ତାହାହିଁ ହେଲା, ଭଗବାନଙ୍କ ଆଶୀର୍ବାଦରୁ ତା' ଦୃଢ ମନୋବଳ ତା'ଇଛାଶକ୍ତି ବଳରେ ସେ ଆଜି ସଫଳ ମଣିଷଟିଏ ।ବଡ଼ ବଡ଼ କମ୍ପାନୀରୁ ମୋଟାଅଙ୍କର ଦରମାରେ ଚାକିରୀ କରିବାର ବହୁ ଅଫର ଆସିଥିଲେ ମଧ ସବୁକୁ ପ୍ରତ୍ୟାଖ୍ୟାନ କରି ନିଜେ ସେ ସ୍ୱାଭିମାନର ସହ କାର୍ଯ୍ୟ କରୁଛି । ବାପା ମାଆ ପୁତ୍ରର ଏ ସଫଳତାରେ ବେଶ୍ ଖୁସି । ପୁଅ ଅଭିଳାଷ ଷ୍ଟୁଆର୍ଟ ସ୍କୁଲରୁ ଦ୍ୱାଦଶ ପାସ ପରେ କୁରୁକ୍ଷେତ୍ର NIT B-TECH ପରେ IIT Delhi ରୁ M-TECH ପଢ଼ିବା ଭିତରେ ଅନେକ ଦିନ ତାକୁ ବାପା ମା'ଙ୍କ ଠାରୁ ଏକୁଟିଆ ରହିବାକୁ ପଡୁଥିଲା । ପାଠପଢ଼ା ପରେ ଏବେ ବାପା ମାଙ୍କ ପାଖରେ ରହୁଛି ଭୁବନେଶ୍ୱରରେ । ପୁଅ ଅଭିଳାଷ ବାପା ମାଆଙ୍କୁ ଭଲପାଏ । ଗୋଟିଏ ମାତ୍ର ପୁଅ ଭାରି ଗେହ୍ଲାରେ ବଢ଼ିଛି । କିନ୍ତୁ ଖୁବ୍ ଭଲ କଥାଟି ହେଲା, ବିନା ଟିଉସନରେ

Source: Author, Digitized by PPRACHIN, SOA

ପିଲାଦିନୁ ସେ ପାଠପଢି ଆସିଛି, ଯାହା କେବଳ ବାପା ମାଆ ପିଲାଦିନେ ଟିକେ ପାଠ ପଢ଼ା ଦେଖୁଥିଲେ । ବାପା ଅଜିତ ବାବୁ ପୁଅର ପାଠ ପଢାପାଇଁ ବେଶ୍ ଯତ୍ନଶୀଳ । ତାକୁ ପାଠ ପଢେଇବା ସହିତ ଯେତେବେଳେ ଯାହା ପାଠ୍ୟ ଉପକରଣ ଦରକାର ବାପା ସବୁ ତାକୁ ଯୋଗାଇ ଦିଅନ୍ତି । କୌଣସି କଥାରେ କେବେ ବି ହେଳା କରନ୍ତିନି । ଅଭିଳାଷ ପିଲାଦିନୁ ଖୁବ୍ ଭଲ ପାଠପଢେ । ବିନା ଟିଉସନରେ ସେ ପାଠପଢି ଆଜି ଆଇଆଇଟି ଇଞ୍ଜିନିୟର । ବାପା ମା'ଙ୍କ ପାଇଁ ଖୁବ୍ ଗର୍ବର କଥା । ଏବେ ବାପା ମାଆଙ୍କ ପାଖରେ ରହୁଛି କିନ୍ତୁ ତା'ଜୀବନ ଶୈଳୀରେ ଟିକେ ପରିବର୍ତ୍ତନ ଆସିଛି । ଯେହେତୁ ଏତେଦିନ ବାହାରେ ରହିକି ଆସିଛି ଖାଇବା ପିଇବାରେ ଟିକେ ରୁଚି ବଦଳି ଯାଇଛି । ହୋଟେଲ ଖାଦ୍ୟ ଖାଇବା ତା'ର ଆଦତରେ ପଡିଯାଇଛି । ହୋଟେଲ ଖାଦ୍ୟ ଖାଇବା ସବୁବେଳେ ଦେହ ପାଇଁ ହାନି କାରକ । ଏକଥା ବାପା ମା' ଭଲ ଭାବରେ ଜାଣନ୍ତି, ଯେତେ ମନା କଲେବି ଅଭିଳାଷ ମାନେନାହିଁ ।

ମାଆଙ୍କ ହାତରନ୍ଧା ତାକୁ ଆଉ ଭଲ ଲାଗୁନାହିଁ । ପୁଅର ଖାଇବା ସମୟ ପୂର୍ବରୁ ମାଆ ପ୍ରାଣପଣେ ଲାଗିଥାନ୍ତି ଆଜି କ'ଣ ରୋଷେଇ କଲେ ଅଭି ଆମର ମନ ଖୁସିରେ ଖାଇବ । ବହୁ ଯତ୍ନ ସହକାରେ ଅନେକ ପ୍ରକାର ଆଇଟମ କରି ଅନେଇ ବସିଥିବେ ପୁଅ କେତେବେଳେ ତା' ରୁମରୁ ଆସିବ ମା' ବାଢି ଦେବେ ପୁଅ ଖାଇକି କହିବ ମାମା ! ଆଜି ଭାରି ଟେଷ୍ଟି ! ମୋ ମାଆ ହାତରନ୍ଧା ସବୁଠୁ ସ୍ୱାଦ । ହେଲେ ମମତାମୟୀ ମାଆର ମନର ଉତ୍କଣ୍ଠା ଭାବନାର ସ୍ୱପ୍ନ ସବୁ ମିଳେଇ ଯାଏ, ପୁଅ ଯେତେବେଳେ ତା' ରୁମରୁ ବାହାରକୁ ଆସିଲା ପୂର୍ବରୁ, ଜମାଟୋରୁ ଅର୍ଡର କରି ଦେଇଥାଏ, କେବେ ଚିକେନ୍ ଆଇଟମ ତ କେବେ ପନିର, କେବେ ମସରୁମ ତ କେବେ ପ୍ରନ୍ । କେତେ ଭେରାଇଟ । ମାଆ 'ଅପୁ' କିନ୍ତୁ ପିଲାଦିନୁ ରୋଷେଇରେ ଖୁବ୍ ଧୁରନ୍ଧର । ଶାଗମୁଗ ଠାରୁ ମାଛମାଂସ ଯାଏଁ କେତେ ପ୍ରକାର ରୋଷେଇ ପିଠାପଣା ଆରିସା, କାକରା, ଲଡ୍ଡୁ, ଖଜା ଡୋକଲା ଠାରୁ ଫିର୍ଣ୍ଣି ଯାଏ, ବିଭିନ୍ନ ଆଚାର, ପାମ୍ପଡ଼ ବଡି, ମୁଡୁକି, ସ୍କ୍ୱାସ, ସବୁ ଜାଣନ୍ତି । ମୋଟାମୋଟି କହିବାକୁ ଗଲେ ଗାଉଁଲି ରୋଷେଇ ଠାରୁ ଅରମ୍ଭ କରି ଫାଇଭ୍‌ଷ୍ଟାର ହୋଟେଲ ପର୍ଯ୍ୟନ୍ତ ସବୁ ସହରୀ ଆଇଟମ କରିବାରେ ସେ ସିଦ୍ଧହସ୍ତା । ଏହା ଛଡା ନିଜର ଇନୋଭେଟିଭ ଆଇଡ଼ିଆ ବ୍ୟବହାର କରି ବିଭିନ୍ନ

Source: Author, Digitized by PPRACHIN, SOA

ପ୍ରକାର ଆଇଟମ ମଧ୍ୟ ବନାନ୍ତି । ନିଜେ ଖାଇବାରେ ତାଙ୍କର ଆନନ୍ଦ ନଥାଏ । ଅନ୍ୟଙ୍କୁ ଖୁଆଇବାରେ ତାଙ୍କର ଭାରି ଆନନ୍ଦ ।

ଶାଶୁ ଏବେ ସ୍ୱର୍ଗପୁରେ, ବଞ୍ଚିଥିଲାବେଳେ କୁହନ୍ତି, ଆଲୋ ଅପୁ ତୋ ନିଜ ପାଇଁ ଟିକେ ରଖୁନୁ ସବୁ କ'ଣ ବାଣ୍ଟି ଦେଉଛି । ଅପୁ କୁହନ୍ତି ବୋଉ ମୁଁ ନ ଖାଇଲେ କଣ ହେଲା ଯେ' ଆପଣମାନେ, ଅନ୍ୟମାନେ ଖାଇଲେ ମୋ' ମନ ଭାରିଖୁସି । ଶାଶୁବି ଏଇ ମଉକାକୁ ଅନେଇ ବସିଥାନ୍ତି, କୁହନ୍ତି ହଁ ମ ଅପୁ ଭାରି ସୁଆଦିଆ ହୋଇଛି ତରକାରୀ । ଦେଉନୁ ଟିକେ ଗିନାରେ ମୁଁ ପଡ଼ିଶା ଘରେ ଦେଇଆସେ । ବୋହୂର ପ୍ରଶଂସା ଶୁଣିଲେ ଶାଶୁଙ୍କ ଛାତି ଯେମିତି କୁଣ୍ଡେମୋଟ ହୋଇଯାଏ ।

ତେଣୁ ଶାଶୁ ମାଆ ବି ତାଙ୍କ ମହନୀୟତାକୁ ସବୁବେଳେ ପ୍ରତିପାଦିତ କରନ୍ତି । ଅପୁ ତାଙ୍କ ପାଇଁ ବାଢିଥିବା ତରକାରୀ ହେଉ ବା ଯେ କୌଣସି ଭଲଭଲ ଖାଇବା ଜିନିଷ ହେଉ, ନିଜ ଖାଇବାରୁ ବଞ୍ଚେଇ ବୋହୂ ପାଇଁ ରଖିଥାନ୍ତି, ଭାରି ସ୍ନେହରେ କୁହନ୍ତି, ମା'ରେ ଅପୁ ଗିନାରେ ତୋ'ପାଇଁ କବାଟ କଣରେ ତରକାରୀ ଘୋଡ଼େଇକି ରଖିଛି ଖାଇଦେବୁ । ବୋହୂ ଅପୁ ଟିକେ ସ୍ନେହମିଶା ବିରକ୍ତି ଢଙ୍ଗରେ କୁହନ୍ତି ବୋଉ ଆପଣ କାହିଁକି ନ ଖାଇ ରଖୁଛନ୍ତି ଯେ ମୋ ପାଇଁ.. ଏମିତି କଲେ ମୋ ମନ ଦୁଃଖ ହେଉଛି ।

ଶାଶୁ ମା' କୁହନ୍ତି ତୁ ତ ତୋ ନିଜପାଇଁ ରଖୁନୁ ସେଥିପାଇଁ ତୁ ଟିକେ ଚାଖିବୁ ବୋଲି ମୁଁ ମୋ ଖାଇବାରୁ ତୋ' ପାଇଁ ରଖିଛି । ଅସୁବିଧା କ'ଣ ହେଲା ଯେ....!!

ଏମିତି ଏମିତିରେ ଦିନ ଗଡିଚାଲେ । ସମୟ ସହ ପରିସ୍ଥିତି ଅନେକ ବଦଳିଯାଇଛି । ଆଜି ସେହି ପୁରୁଣା କଥା ଗୋଟି ଗୋଟି କରି ମନେପଡି ଯାଉଛି (ଅପୁ) ଅପର୍ଣ୍ଣାଙ୍କର । ଯେତେବେଳେ ପୁଅ ଅଭି ଛୋଟ ହୋଇଥିଲା ସରକାରୀ କ୍ୱାଟରରେ ରହୁଥିଲେ ସେମାନେ । ପଡ଼ିଶା କ୍ୱାଟରରେ ରହୁଥିବା ହରିଶଙ୍କର ପାତ୍ର,(ବାବୁ)ଙ୍କର ବଦଳି ହୋଇଗଲା ସମ୍ବଲପୁର । ତାଙ୍କ ସ୍ତ୍ରୀ ମାନମୟୀ ଥରେ ଗୋଟିଏ ଚିଠି ଲେଖି ଦେଇଥିଲେ ଯେ ଅପର୍ଣ୍ଣା ମାଡାମ ଆପଣଙ୍କ ହାତ ରନ୍ଧାକୁ ଆମେ ଭୁଲି ପାରୁ ନାହୁଁ । ବହୁତ ମିସ୍ କରୁଛୁ । ପାତ୍ରବାବୁ ତ ଆପଣଙ୍କ ହାତରନ୍ଧାକୁ

Source: Author, Digitized by PPRACHIN, SOA

ଭୁଲିପାରୁ ନାହାନ୍ତି ବିଲକୁଲ । ବିଶେଷ କରି ଆପଣଙ୍କ ସୁଆଦିଆ ଘାଣ୍ଟ ତରକାରୀ, ଆଉ ସିଝା ମଣ୍ଡା ପିଠା, ନଡ଼ିଆ ରସ ଦିଆମାଛ, ବାଟିବସା ଛତୁ, ଆଉ ସେ ଯେଉଁ ସପ୍ସ୍ ସପ୍ସ୍ ଢୋକଲା ସାଙ୍ଗକୁ ସୁଆଦିଆ ନାଲିଲଙ୍କା ରସୁଣ ଚଟଣି ନା ! ଓହୋ କି ସୁଆଦ !! ଭାରି ଇଛା ହେଉଛି ଖାଇବାକୁ । ଆଉ କେବେ ସେ ସୌଭାଗ୍ୟ ଜୁଟିବ ଏ ବିଶ୍ୱାସ ଆମର ନାହିଁ । ଏପରି ଲେଖା ହୋଇଥିବା ଚିଠିଟିକୁ ଏବେଯାଏ ସାଇତି ରଖିଛନ୍ତି ଅପର୍ଣ୍ଣା ତାଙ୍କ ପୁରୁଣା ଆଟାଚିରେ ।

ଆଜି ଅପର୍ଣ୍ଣା ସେଇ କଥା ଭାବୁଛନ୍ତି, ନିଜ ମନର ପ୍ରଶ୍ନ ତାଙ୍କୁ ଆନ୍ଦୋଳିତ କରୁଛି, ଦୁଃଖରେ ମନ ଭାଙ୍ଗି ପଡୁଛି ବାର୍ ବାର୍ ନିଜକୁ ପଚାରୁଛନ୍ତି ସତରେ କଣ ମୋତେ ରୋଷେଇ...ଆସେନା ? ଯେତେ ଭଲ ଆଇଟମ କରିଥିଲେ ବି ଅଭି ସେ ସବୁକୁ ନଚାଖି ନଖାଇ କହିବ ନା ମାମା ସେଗୁଡା ଦିଅନା ମୁଁ ଖାଇବିନି । ଏମିତି କି ଖାଇବା ଟ୍ରେରେ ବାଢି ସାରିଲା ପରେବି ସେ ସବୁ ସେ ନ ଖାଇ ଟ୍ରେରୁ କାଢି ଅଲଗା କରିଦିଏ ।

ମାଆର ଆବେଗପଣ ସ୍ନେହପୂର୍ଣ୍ଣ ଆଖି ଦୁଇଟି ଛଳଛଳ ହୋଇଯାଏ, ପୁଅର ଅଲକ୍ଷ୍ୟରେ । ମାଆ ଅପର୍ଣ୍ଣା ଯେତେ ବୁଝାଇବେ ବେଟା ପ୍ଲିଜ ଟିକେ ଚାଖ, ଯଦି ଭଲ ଲାଗିବନି ଖାଇବନି । ପୁଅ ଅଭିଳାଷ ଟିକେ ଜିଦିଆ ଯାହା ଥରେ ମନାକରେ ସେ କଥା, ସେ କେବେବି କରେନି, ଯେତେ ମୁଣ୍ଡ ପିଟି ଦେଲେ ବି । ନା ମାନେ ନା..!! ତେଣୁ ତା' ମାମା ଯେତେ କହିଲେ ବି ନ ଚାଖି ବିନା ଦ୍ୱିଧାରେ କହିଦେବ ମାମା ତୁମକୁ ରୋଷଇ ଆସେନା । ହୋଟେଲ ଖାଦ୍ୟ ଟେଷ୍ଟି... ଟେଷ୍ଟି... ୟମି, ୟମି..!! ତୁମେ କ'ଣ ଏମିତି ରୋଷେଇ କରି ପାରିବ ?

ଅପର୍ଣ୍ଣାଙ୍କ ମନ ଭାରି ଦୁଃଖହୁଏ । କେତେ ରୋଷେଇ କମ୍ପିଟେସନରେ ଭାଗନେଇ କେତେ ପୁରସ୍କାର ପାଇଛନ୍ତି । କେତେଥର ଟିଭି ଚାନେଲରେ ତାଙ୍କ ରୋଷେଇର କଳା ପ୍ରଦର୍ଶନ କରି ପ୍ରଶଂସିତ ହୋଇଛନ୍ତି । କିନ୍ତୁ ଆଜି ସବୁ ଯେମିତି ବାରବର୍ଷର ତପ ଶୁଖୁଆ ଝୋଳରେ ଗଲାପରି ସେ ଅନୁଭବ କରୁଛନ୍ତି । ତାଙ୍କ ମାତୃତ୍ୱକୁ ମନେ ମନେ ଧିକ୍କାର କରୁଛନ୍ତି । କଥାରେ କୁହନ୍ତି ମାଆ ରନ୍ଧା ଦୁନିଆର ସବୁଠୁ ସୁଆଦ । ସେ ଯାହା ଯେମିତି ରାନ୍ଧି ଦେଲେ ବି ପିଲାପାଇଁ ତାହା ଅମୃତ । କିନ୍ତୁ ମୋ ପିଲା ଆଜି ମୋତେ

Source: Author, Digitized by PPRACHIN, SOA

ପ୍ରଶ୍ନ କରୁଛି, ମାମା ତୁମକୁ ରାନ୍ଧି ଆସେନା । ଖୁବ୍ ଦୁଃଖରେ ଭାଙ୍ଗି ପଡ଼ୁଛନ୍ତି ଅପର୍ଣ୍ଣା । ମନେ ପଡିଯାଉଛି ତାଙ୍କର, ପିଲାଦିନରୁ ଆଜିଯାଏ ତାଙ୍କ ହାତରନ୍ଧା ଯିଏ ଥରେ ଖାଇଛି ସେ ଜୀବନରେ କେବେ ଭୁଲିପାରିନି ।

ଯେତେବେଳେ ନୂଆ ଶାଶୁ ଘରକୁ ବୋହୁ ହୋଇ ଯାଇଥିଲେ, ପ୍ରଥମେ ଯେଉଁଦିନ ରୋଷେଇ କରି ଶାଶୂଘର ଲୋକଙ୍କୁ ପରଷି ଦେଇଥିଲେ, ସମସ୍ତେ ଖାଇ ବାଃ ବାଃ କରିଥିଲେ, ପ୍ରଶଂସାରେ ପୋତି ପକାଇଥିଲେ । ଖାଲି ସେତିକି ନୁହେଁ ସାଇ ପଡ଼ିଶା ଭାଇ ବନ୍ଧୁ ସାଙ୍ଗ ସାଥୀ ଯିଏ ଅପର୍ଣ୍ଣାଙ୍କ ହାତରନ୍ଧା ଖାଇଛନ୍ତି ପ୍ରଶଂସା ନକରି ରହି ପାରନ୍ତିନି । ବେଳେବେଳେ ସାଙ୍ଗସାଥୀ ପଚାରନ୍ତି ଅପର୍ଣ୍ଣା ତୁମେ ଏତେ ଭଲ ରୋଷେଇ କେମିତି କରିପାରୁଛ ? ଯାହା ରାନ୍ଧୁଛ ତାହା ସୁଆଦ ଲାଗୁଚି । ତୁମର ସେ ମାଂସ ମୁଗର ଜବାବ ନାହିଁ । କେମିତି ଶିଖିଲ ? ଅପର୍ଣ୍ଣା ତୁରନ୍ତ କହି ପକାନ୍ତି ସବୁ ମୋ ଜେଜେ ମାଆଙ୍କର କମାଲ ।

ଆମର ଯୌଥ ପରିବାର । ବୋଉ ଖୁଡୀ ଅନ୍ୟ କାମରେ ବ୍ୟସ୍ତ ଥିଲାବେଳେ ଜେଜେ ମାଆ ଅନେକ ସମୟରେ ରନ୍ଧାରନ୍ଧି କରନ୍ତି, ଏତେ ଭଲ ରାନ୍ଧନ୍ତି ଯେ ଗାଁ ସାରା ବାସି ମହକେ । ତାଙ୍କ ହାତ ରନ୍ଧା ଅମୃତଭଣ୍ଡା, ମୁଗମାଂସ ଝୋଳ ଖାଇବାକୁ ପରା ସମସ୍ତେ ବିଲେଇ ପରି ଅନେଇ ବସିଥାନ୍ତି । ମୁଁ ଜେଜେ ମାଆଙ୍କୁ ଯୋଗାଡ଼ିଆ ଭାବରେ ସାହାଯ୍ୟ କରୁକରୁ କେତେବେଳେ ଯେ ରାନ୍ଧୁଣିଆର କଳା ମୋ ଭିତରେ ଉଜ୍ଜୀବିତ ହେଲା ତାହା ମୋ ବାହାଘର ପରେ ଶାଶୂଘରେ ହିଁ ଜଣା ପଡିଲା । ଆଉ ଶିଖିବି କ'ଣ ? କରୁକରୁ ଶିଖିଗଲି ।

ଧିରେ ଧୀରେ ସମୟ ଗଡି ଚାଲିଲା, ସ୍ୱାମୀଙ୍କ ସହ ବାହାରେ ରହିଲେ ଅପର୍ଣ୍ଣା, ଆଧୁନିକ ଶୈଳୀରେ ରୋଷେଇରେ ରୁଚି ରଖିଲେ, ସମସ୍ତଙ୍କୁ ନୂତନ ଷ୍ଟାଇଲରେ ବିଭିନ୍ନ ପ୍ରକାର ଆଇଟମ ସବୁ ବନାଇ ଖୁଆଇବାରେ ଆନନ୍ଦ ପାଇଲେ । ସେଥିପାଇଁ ତ ସମସ୍ତେ ଏତେ ଭୂରି ଭୂରି ପ୍ରଶଂସା କରୁଛନ୍ତି ।

ନିଜେ ସ୍ୱାମୀ ଅଜିତ ମଧ ଏପରି ପ୍ରଶଂସା କରିବାକୁ ପଛଘୁଞ୍ଚା କେବେ ଦେଇ ନାହାନ୍ତି ପ୍ରଶଂସାରେ ଶତମୁଖ ହୋଇଛନ୍ତି । ସମସ୍ତଙ୍କ ଆଗରେ କୁହନ୍ତି ଅପୁ ଆମର ଭାରି ଭଲ ରାନ୍ଧନ୍ତି । ଯିଏ ଥରେ ଖାଇବ ନା ହାତ ଚାଟି ଖାଇବ ।

Source: Author, Digitized by PPRACHIN, SOA

କିନ୍ତୁ ସ୍ୱାମୀ ବି ଆଜି ବଦଳି ଯାଇଛନ୍ତି ବୟସ ସହିତ ଖାପ ଖୁଆଇ ସନ୍ତୁଳିତ ଆହାର ଖାଉଛନ୍ତି । ତାଙ୍କୁ ମଧ୍ୟ ଅପର୍ଣ୍ଣାଙ୍କ ସୁଆଦିଆ ହାତ ରନ୍ଧା ଆଉ ପସନ୍ଦ ଲାଗୁନି ।

ଏବେ ଯେତେବେଳେ ଅପର୍ଣ୍ଣା ସ୍ୱାମୀଙ୍କୁ କୁହନ୍ତି ଶୁଣ ମ ଅଭିକୁ ଟିକେ ବୁଝାଇ କୁହ ନା.. ମୁଁ ରାନ୍ଧିଥିବା ତରକାରୀ ଖାଇବ ! ସ୍ୱାମୀ ପୁଅକୁ ବୁଝାଇବା ପରିବର୍ତ୍ତେ କୁହନ୍ତି, ନ ଖାଇଲା ନାହିଁ ଏତେ ବାଧ କାହିଁକି କରୁଚ ? ସିଏ ନଖାଉ । ଅପର୍ଣ୍ଣାଙ୍କ ମନଆହୁରି ଦୁଃଖ ହୁଏ, ସ୍ୱାମୀ ବି ତ ଅବୁଝା । କ'ଣ ବା ଆଉ କରିବେ !!

ପୁଅର ଅବୁଝାପଣ ଅପର୍ଣ୍ଣାଙ୍କୁ ବହୁତ କଷ୍ଟ ଦେଉଛି ଏହାର ସମାଧାନର ବାଟ କ'ଣ ? ନିଜକୁ ପ୍ରଶ୍ନ ପଚାରିଲେ ? ମନ ଭଲନାହିଁ, ତଥାପି ରୋଷେଇ ଘରକୁ ପଶିଲେ, ତାଙ୍କ କାମରେ ସେ ଲାଗି ପଡିଲେ ! ରୋଷେଇ ସାରି ସ୍ୱାମୀଙ୍କୁ ଅପେକ୍ଷା କରିଥାନ୍ତି, ପୁଅ ଅଭିଳାଷ ସବୁଦିନ ପରି ତା'ମନ ପସନ୍ଦର ଆଇଟମ ଅର୍ଡର କରି, ତା' ରୁମରୁ ଆସି କହିଲା ମାମା ଜମାଟୋରୁ ଫୋନ ଆସିଲେ ଖାଦ୍ୟ ରଖିଦେବ । ଅଭିଳାଷ ତା' ଫୋନରୁ ଖାଦ୍ୟ ଅର୍ଡର କରେ କିନ୍ତୁ ଡେଲିଭରିରେ ମା' ଅପର୍ଣ୍ଣାଙ୍କ ନମ୍ବର ପକେଇ ଥାଏ । ସବୁଦିନ ଅପର୍ଣ୍ଣା ହିଁ ଅର୍ଡର ରଖନ୍ତି ଡେଲିଭରି ବୟ ତାଙ୍କୁ ହିଁ ଫୋନ କରେ । ସବୁ ଦିନପରି ସେଦିନ ଅର୍ଡର ରଖି, ପୁଅର ଖାଇବା ସମୟକୁ ଅପେକ୍ଷା କରି ରହିଥାନ୍ତି । ପୁଅ ଅଭି ଖାଇ ବସିଲା ମାଆ ଖାଇବା ବାଢ଼ି ଦେଇ ତାଙ୍କ ରୁମକୁ ଚାଲି ଆସିଲେ ।

ପୁଅ ଖାଇସାରି ମାଆଙ୍କ ରୁମ୍‌କୁ ଆସି ଖୁସିରେ ଗଦଗଦ ହୋଇ କହିଲା, ଜାଣିଛ ମାମା କାଲି ତୁମକୁ କହିଥିଲି ନା ଏବେ ଗୋଟିଏ ନୂଆ ହୋଟେଲ ଖୋଲିଛି ପୋଖରୀପୁଟ୍‌ରେ, ସେଠୁ ସାହି ପନିର ଆଜି ମଗାଇବି ବୋଲି । ଆଜି ସେହି ନୂଆ ହୋଟେଲରୁ ଅର୍ଡର କରିଥିଲି ସାହି ପନିର । ସେହି ହୋଟେଲରୁ ଏଥର ସବୁଦିନ ଅର୍ଡର କରିବି । କାହିଁ କହିଲ ମାମା ! ଆଜି ନା ସବୁଠାରୁ ବହୁତ ଟେଷ୍ଟି ସାହିପନିର । ସତରେ ମାମା ବହୁତ ବଢିଆ ଲାଗିଲା ତୁମେ ଖାଇଥିଲେ ଜାଣିଥାନ୍ତ କେତେ ସୁଆଦିଆ । ହଁ ଠିକ୍ କହିଲ ବେଟା, ମାଆ ହାତରନ୍ଧା ଦୁନିଆର ସବୁଠୁ ସୁଆଦ କାହିଁକି କୁହନ୍ତି ଆଜି ଜାଣିଲ ତ ? କ'ଣ କହୁଛ ମାମା ମୁଁ ବୁଝି ପାରୁନି ! ବୁଝେଇ ଦେଉଛି ଆସ ମୋ ସହିତ । ପୁଅ ହାତ ଧରି ମାଆ ଅପର୍ଣ୍ଣା ରୋଷେଇ ଘରକୁ ଗଲେ । ହୋଟେଲରୁ

Source: Author, Digitized by PPRACHIN, SOA

ଅର୍ଡର ହୋଇ ଆସିଥିବା ପ୍ୟାକେଟ ବିଲକୁଲ ଖୋଲା ହୋଇନି ପୁଅ ଦେଖି ଆଶ୍ଚର୍ଯ୍ୟ ହେଲା । କହିଲା, ତେବେ ମାମା ମୁଁ ଯାହାକୁ ଖାଇଲି ?

ମାମା ଅଭିମାନ ଭରା ସ୍ୱରରେ କହିଲେ ସେ ପରା ଅପର୍ଣ୍ଣା ହୋଟେଲରୁ ଆସିଛି ଯେଉଁଠି ଖାଦ୍ୟ ଖାଇଲେ ପଇସା ପଡେନି ! ପୁଅ ଅଭିଳାଷ ମାଆଙ୍କର ଇଙ୍ଗିତ ବୁଝି ପାରିଲା, ମନେ ମନେ ଭାବିଲା ସତରେ ମୋ ମାମାଙ୍କ ହାତରନ୍ଧା ଏତେ ସୁଆଦ ମୁଁ ନ ଜାଣି, ନ ଖାଇ କେତେ କଷ୍ଟ ନଦେଇଛି ସତେ ! ମୋ ମାମା ମନରେ... । ସତରେ ମୋ ମାମା ତ 'ମାଷ୍ଟର ସେଫ' । ହେ' ପ୍ରଭୁ ଭୁଲ ହୋଇଗଲା ମୋର ! ଛଳଛଳ ଆଖିରେ ତା' ମାମା ଅପର୍ଣ୍ଣାଙ୍କୁ କୁଣ୍ଢାଇ ଜାବୁଡି ଧରି କହିଲା ସରି ମାମା ସରି... !! ମାଆ ପୁଅ ଦୁହେଁ ସ୍ନେହ ପ୍ରେମଭରା ବାତ୍ସଲ୍ୟମମତାର ଅନ୍ତରଙ୍ଗତାକୁ ଖୁବ୍ ନିବିଡ଼ପଣରେ ଆତ୍ମୀୟତାର ସହ ଅନୁଭବ କରୁଥିଲେ... ଅପର୍ଣ୍ଣାଙ୍କର ଆନନ୍ଦର ଅଶ୍ରୁ ଏବଂ ପୁଅ ଅଭିଳାଷର ଅନୁତାପର ଅଶ୍ରୁ ସେହି ଆବେଗପୂର୍ଣ୍ଣ ମୁହୂର୍ତ୍ତରେ ଏକ ସମୟରେ ଏକାକାର ହୋଇ ଯାଉଥିଲା.... !!!

Source: Author, Digitized by PPRACHIN, SOA

ଅଦେଖା ଲୁହ

ଅଞ୍ଜନା ଆଉ ଅର୍ପିତା ଦୁଇ ସାଙ୍ଗ ପାଖାପାଖି ଗାଁ'ର । ଗୋଟିଏ ସ୍କୁଲରେ ପାଠ ପଢୁଥିଲେ ଏକା ଶ୍ରେଣୀରେ । ଦୁହେଁ ଖୁବ୍ ଭଲ ପାଠପଢ଼ନ୍ତି । ଶ୍ରେଣୀରେ ସବୁବେଳେ ଅଞ୍ଜନା ପ୍ରଥମ ଓ ଅର୍ପିତା ଦ୍ୱିତୀୟ ସ୍ଥାନରେ ରୁହନ୍ତି । ଅଞ୍ଜନାର ଗଣିତ ଭଲ ହୁଏ, ଅର୍ପିତାର ସାହିତ୍ୟ ଭଲହୁଏ । ମାଟ୍ରିକ ପରୀକ୍ଷାରେ ଅଞ୍ଜନା ଫାଷ୍ଟ ଡିଭିଜନରେ ପାସ କରି ରେଭେନ୍ସାରେ ପଢିଲା । କିନ୍ତୁ ଅର୍ପିତା ଖୁବ୍ କମ ବ୍ୟବଧାନରେ ସେକେଣ୍ଡ ଡିଭିଜନ ପାଇ ଶୈଳବାଳାରେ ପାଠ ପଢିଲା । ଦୁହେଁ ଦୁହିଁଙ୍କ ଠାରୁ ଏକ ପ୍ରକାର ଅଲଗା ହୋଇଗଲେ । ସେତେବେଳେ ତ ଆଉ ଏମିତି ମୋବାଇଲ ଫୋନ ନଥିଲା । ତେଣୁ ପରସ୍ପର ଭିତରେ ଯୋଗଯୋଗ ରହି ପାରିଲା ନାହିଁ । କଲେଜରେ ପଢ଼ିଲାବେଳେ ଅର୍ପିତା କଲେଜ ମାଗାଜିନରେ କବିତା ଲେଖେ ତା' କବିତାକୁ ପଢି ସମସ୍ତେ ଖୁବ୍ ପ୍ରଶଂସା କରନ୍ତି । ଅର୍ପିତାର ଲେଖିବା ଏକ ନିଶା ହୋଇ ଯାଇଥାଏ । କଲେଜରେ ପଢିଲା ସମୟରେ ଝଙ୍କାରରେ ତା'ର ପ୍ରଥମେ ଗୋଟିଏ କବିତା ପ୍ରକାଶିତ ହୋଇ ଖୁବ୍ ପ୍ରଶଂସା ଲାଭ କରିଥିଲା, ସେ ବାବଦରେ ତା' ପାଖକୁ ସେତେବେଳେ ଅନେକ ବଡ଼, ବଡ଼ ଲେଖକ ଓ ପାଠକଙ୍କ ଠାରୁ ପ୍ରଶଂସାର ଚିଠି ମଧ୍ୟ ଆସିଥିଲା । ତେଣୁ ତା'ର ଲେଖାଲେଖିରେ ରୁଚି ଆହୁରି ବଢ଼ି ଯାଇଥିଲା ଏବଂ ଅନେକ ପତ୍ରପତ୍ରିକା ଖବରକାଗଜରେ ତା'ର ଲେଖା ସ୍ଥାନ ପାଉଥିଲା । କିନ୍ତୁ ସମୟ ତ ପରିବର୍ତ୍ତନଶୀଳ ।

Source: Author, Digitized by PPRACHIN, SOA

ଜୀବନ ଡଙ୍ଗା କେତେବେଳେ କେଉଁ ଦିଗକୁ ଗତି କରିବ ତାହା ସଠିକ କହି ହେବନି । ତା'ର ଗ୍ରାଜୁଏସନ ସରୁସରୁ ବାହାଘର ହୋଇଗଲା । କାରଣ ତାଙ୍କ ରକ୍ଷଣଶୀଳ ଯୌଥ ପରିବାର ଝିଅମାନଙ୍କୁ ଅଠର କି ଉଣେଇଶି ବର୍ଷ ବୟସ ହେଲା ମାତ୍ରେ ବରଘର ଖୋଜାପଡେ । ତେଣୁ ଏକ ଭଲ ପ୍ରସ୍ତାବ ଆସିଲାରୁ ତାକୁ ହାତଛଡା କରିବାକୁ ପରିବାର ଲୋକ ଚାହିଁଲେନି, ବିଭାଘର କରିଦେଲେ । ତା'ସ୍ୱାମୀ ବ୍ୟାଙ୍କ ଅଫିସର ଭାବେ ଭୁବନେଶ୍ୱରରେ ଚାକିରୀ କରନ୍ତି । ସପରିବାର ଭୁବନେଶ୍ୱରରେ ରୁହନ୍ତି ଶ୍ୱଶୁର ସେକ୍ରେଟାରୀଏଟରେ ଚାକିରୀ କରିବା ସମୟରେ ଘରଟିଏ ତୋଲିଥିଲେ । ବାହାଘର ପରେ ଅର୍ପିତା ଗୃହ ଜଞ୍ଜାଳର କର୍ମମୟ ଜୀବନ ଭିତରେ ରହି ଅନେକ ବର୍ଷ କଟିଗଲାଣି ।

ଏହା ଭିତରେ ବୟସାଧିକ କାରଣରୁ ଶାଶୂ ଶ୍ୱଶୁର ଆରପାରିକୁ ଚାଲିଗଲେଣି । ଝିଅ ପୁଅ ବଡ଼ ହୋଇ ଚାକିରୀ କରି ବିବାହ କରି ସାରିଲେଣି । ବୋହୂ ଶୁଭଶ୍ରୀ ସଫ୍ଟୱେର ଇଞ୍ଜିନିୟର ପୁଅ ଶୁଭମ ଡାକ୍ତର ।

ଅର୍ପିତାକୁ ଏବେ ଢେର ସମୟ ମିଳୁଛି । ତା' କଲମ ଏବେ ଖୁବ୍ ଚଳ ଚଞ୍ଚଳ । ଲେଖାଲେଖିରେ ଏକଦମ ମନ ପ୍ରାଣ ଢାଳି ଦେଇଛି । ସବୁ ଖବରକାଗଜ ପତ୍ରପତ୍ରିକାରେ ତା'ର ଲେଖା ପ୍ରକାଶିତ ହେଉଛି । ସେ ବର୍ତ୍ତମାନ ଜଣେ ଆଗଧାଡ଼ିର ଲେଖିକା । ଅନେକ ସାହିତ୍ୟ ସଭାସମିତିରୁ ତାକୁ ନିମନ୍ତ୍ରଣ ଆସେ । ସେ ପହଞ୍ଚିଯାଏ କେତେବେଳେ କବିତା ପାଠ ତ, କେତେବେଳେ ସଂଯୋଜନା । ଯେହେତୁ ଭଲ ଲେଖିକା ଭାବରେ ନାଁ କଲାଣି, ତାକୁ ଅନେକ ସାହିତ୍ୟ ସଂସ୍ଥା ଅତିଥି ଭାବରେ ଡାକନ୍ତି । ସମସ୍ତଙ୍କ ମୁହଁରେ ତା'ର ଭୂରି ଭୂରି ପ୍ରଶଂସା ।

ଖବରକାଗଜରେ ଲେଖାଟିଏ ବାହାରିଲେ ପଚାଶ, ଶହେ ଫୋନ କଲ ଆସେ । ଶାଶୂଙ୍କର ଏତେ ପ୍ରସଂଶକ ଦେଖି ବୋହୂ ଶୁଭଶ୍ରୀ ଖୁବ୍ ଖୁସିହୁଏ । ଶାଶୁଙ୍କୁ କୁଣ୍ଢେଇ ପକାଇ କୁହେ ମମି ସତରେ ଆପଣଙ୍କର କେତେ ଫ୍ୟାନ । ମୋତେ ଖୁବ୍ ଗର୍ବ ଲାଗୁଛି ଆପଣଙ୍କୁ ମାଆ ରୂପରେ ପାଇ । ମୋ ଶାଶୂମାଆ ଜଣେ ଲେଖିକା କହିଲେ ମୋ ଛାତି କୁଣ୍ଢେମୋଟ ହୋଇଯାଉଛି ।

Source: Author, Digitized by PPRACHIN, SOA

ଆଜିକାଲିର ଜିନ୍ ପିନ୍ଧା ମଡ଼ର୍ଣ୍ଣ ବୋହୂ ଶୁଭଶ୍ରୀ ସାହିତ୍ୟର ଧାର ଧାରେନି । ଓଡ଼ିଆ ତା'ର ଭଲ ହୁଏନି ବୋଲି ଡିଏଭି ସ୍କୁଲରେ ପାଠ ପଢ଼ିବା ବେଳେ ଓଡିଆ ବଦଳରେ ହିନ୍ଦୀ ରଖି ପଢୁଥିଲା । କିନ୍ତୁ ଶାଶୂ ମାଆଙ୍କର ସାହିତ୍ୟ ରୁଚି ଦେଖି ଛୁଟିଦିନ ମାନଙ୍କରେ ନିଜେ କାର ଡ୍ରାଇଭିଂ କରି ଶାଶୂ ଅର୍ପିତାଙ୍କୁ ନେଇ ସଭାସମିତିରେ ଛାଡି ଦେଇ ଆସେ । ଖାଲି ସେତିକି ନୁହେଁ, ଅର୍ପିତାଙ୍କୁ ଶାଢ଼ୀ ବଦଳରେ ଡ୍ରେସ ପିନ୍ଧିବାକୁ ବାଧ୍ୟକରେ ଏବଂ ନିଜେ ଯେପରି ଡ୍ରେସ ପିନ୍ଧେ ଶାଶୂଙ୍କ ପାଇଁ ସେପରି ଡ୍ରେସ କିଣି ଆଣେ । ଦୁହେଁ ବଜାରରେ ଚାଲୁଥିବା ବେଳେ କେହି କହିବେନି ସେ ଦୁହେଁ ଶାଶୂ ବୋହୂ ବୋଲି ।

ସତରେ ଅର୍ପିତା ଓ ଶୁଭଶ୍ରୀ ଏବେ ଶାଶୂ ବୋହୂ ନୁହଁନ୍ତି, ଦୁନିଆର ସବୁଠୁ ବେଷ୍ଟ ଫ୍ରେଣ୍ଡ । ସବୁ ଖୁସି ଯେମିତି ତାଙ୍କ ହାତ ମୁଠାରେ । ଜୀବନକୁ ଭରପୂର ଉପଭୋଗ କରୁଛନ୍ତି । କେତେବେଳେ ସିନେମା ତ କେତେବେଳେ ମଲ୍ । ଶାଶୂ ଅର୍ପିତାଙ୍କର ବୋହୂ ପ୍ରତି ନା ଅଛି କଡା ଶାସନ, ନା ଅଛି ଗାଳି ମନ୍ଦ । ଝିଅଟି ଠାରୁ ଅଧିକ ଭାବରେ ସ୍ନେହରେ କୋଳେଇ ନେଇଛନ୍ତି ବୋହୂ ଶୁଭଶ୍ରୀକୁ । ଶୁଭଶ୍ରୀ ମଧ କେବେ ଶାଶୂଙ୍କ ପ୍ରତି ଅସମ୍ମାନ କରେ ନାହିଁ କି ଅବହେଳା କରେନାହିଁ । ବେଶ୍ ଅନାବିଳ ମଧୁର ସମ୍ପର୍କ ଶାଶୂ ବୋହୂଙ୍କ ଭିତରେ । ଆମ ସମାଜର ଆଦର୍ଶ ଶାଶୂ ବୋହୂ କହିଲେ ଭୁଲ ହେବନାହିଁ । ଆମ ସମାଜରେ ଅନେକ କୁହନ୍ତି ଶାଶୂ କେବେ ମା'ହୋଇ ପାରିବନି, କି ବୋହୂ କେବେ ଝିଅ ହୋଇ ପାରିବନି । କିନ୍ତୁ କାହିଁକି ନୁହେଁ ? ଦେଖନ୍ତୁ, ଅର୍ପିତା ଓ ଶୁଭଶ୍ରୀ ଦୁହେଁ ଏହାର ଜ୍ୱଳନ୍ତ ଉଦାହରଣ ।

ଥରେ ଅର୍ପିତା ଏକ ମାଗାଜିନର ପୃଷ୍ଠା ଖେଳାଉ ଖେଳାଉ ହଠାତ ଆଖିରେ ପଡ଼ିଲା ଏକ ଗଳ୍ପ । ସେଥିରେ ଥିବା ଫୋଟୋଟି ଚିହ୍ନାମୁହଁ ପରି ଲାଗିଲା ଭଲରେ ନିରୀକ୍ଷଣ କରି ଦେଖିଲା ! ଆରେ !! ଏତ ମୋ ସାଙ୍ଗ ଅଞ୍ଜନା । ସଂଗେ ସଂଗେ ସେଥିରେ ଦିଆ ଯାଇଥିବା ମୋବାଇଲ ନମ୍ବରକୁ ରିଂ କଲା, ସେହି ସ୍ୱର ସେହି କଥା । କିଛି ବି ବଦଳିନି ପଚାରିଲା ଅଞ୍ଜନା ମାଡାମ ମୋତେ ଚିହ୍ନି ପାରୁଛନ୍ତି ? ଅଞ୍ଜନା ହଠାତ ଟିକେ ନିରବ ରହିଗଲେ, ହଁ ସ୍ୱର ତ ଚିହ୍ନା ଚିହ୍ନା ଲାଗୁଛି, କିନ୍ତୁ....କିଏ, ଆପଣ !! କୁହନ୍ତୁ ନା...! ଅର୍ପିତା କହିଲେ ମନେ ଅଛି ? ସ୍କୁଲ ପାଖ ଝାଉଁଗଛ,

Source: Author, Digitized by PPRACHIN, SOA

ଖୋଲି ନାନୀର ବୁଟ ଭଜା !! କେମିତି ଛଡା ଛଡି ହୋଇ ଖାଉଥିଲେ ଦୁହେଁ । ରସୁଣ ପକା ଭିଜା ବୁଟ ଭଜା, ବରପତ୍ର ଠୁଙ୍ଗାରେ... ସତେ କେତେ ସୁଆଦ ମ ..!! ଭାରି ମନେ ପଡୁଛି । ଅଞ୍ଜନା ଠୋ କିନା ହସି ଉଠିଲେ... ଓଃ ମାଇଁ ଗଡ୍ ! ଆରେ ଅର୍ପିତା ତୁ....!! ଓଃ କି ଭାଗ୍ୟ ମୋର ଆଜି । ଦୁଇ ସାଙ୍ଗଙ୍କର ଅପୂର୍ବ ମିଳନ ।

କଥା ଚାଲିଲା ଅସରନ୍ତି । ଅର୍ପିତା ପଚାରିଲା ! ଅଞ୍ଜନା ତୁ କେବେ ଠାରୁ ଲେଖାଲେଖି କଲୁଣି ? ଭାଇନା ଆଉ ପିଲାମାନେ ତୋର କ'ଣ ସବୁ କରୁଛନ୍ତି ? ଅଞ୍ଜନାଙ୍କ ଗଳା ଟିକେ ନରମି ଗଲା । ଆରେ ଅଞ୍ଜନା କ'ଣ ହେଲା ? ଭାଇନା ତୋ'ର ଆଉ ଏ ଇହଧାମରେ ନାହାନ୍ତିରେ...ଏକ ରୋଡ୍ ଆକ୍ସିଡେଣ୍ଟରେ ପାଞ୍ଚବର୍ଷ ହେଲାଣି ମୋତେ ଏକାକରି ଚାଲିଗଲେଣି । କହୁ କହୁ କୋହ ସମ୍ଭାଳି ପାରିଲେନି, ଅମାନିଆ ଅଶ୍ରୁଗୁଡା ପଣତକାନିକୁ ତା'ର ଭିଜାଇ ଦେଲା । ଅର୍ପିତା ଆଶ୍ୱସନା ଦେଇ କହିଲେ ସବୁ ସେହି ପ୍ରଭୁଙ୍କ ଇଛା । ଅଞ୍ଜନା କାନ୍ଦନାରେ... ଆମେ କେବେ ଭେଟ ହେବା କହିଲୁ ? ମୁଁ ତ ଏବେ ପୁଅ ବୋହୂଙ୍କ ପାଖରେ ପୁନେରେ ରହୁଛି । ଭୁବନେଶ୍ୱର ଘର ତାଲା ପଡିଛି । ଯେବେ ଭୁବନେଶ୍ୱର ଯିବି ନିଶ୍ଚିତ ଆମେ ଦେଖାହେବା ଖୁବ୍ ମଜା କରିବା । ଏମିତି କଥା ହେବା ଭିତରେ ବୋହୂ ଶୁଭଶ୍ରୀ ଅଫିସରୁ ଆସି ପହଁଚିଲା । ଅର୍ପିତା ଶୁଭଶ୍ରୀ ହାତରେ ଫୋନ ଧରାଇ ଦେଇ କହିଲେ ମା'ରେ ନେ ମୋ ସ୍କୁଲ ବେଳର ସାଙ୍ଗ ଅଞ୍ଜନା ଆଣ୍ଟିଙ୍କ ସହ କଥା ହଅ । ଅଞ୍ଜନା ଶୁଭଶ୍ରୀଙ୍କ ସହ କଥା ହୋଇ ଅନୁଭବ କଲେ ସତରେ କେତେ ଭଲ ଝିଅଟି ଯାହା କି ଅର୍ପିତା ଟିକିଏ ପୂର୍ବରୁ କହୁଥିଲା ସେ ମୋର ବୋହୂ ନୁହେଁ ଝିଅଟିଏ । ସତରେ ଅର୍ପିତା ଭାଗ୍ୟ କେତେ ଭଲ ! କିନ୍ତୁ..... ମୁଁ ବି ତ ଏମିତି ସ୍ୱପ୍ନ ଦେଖିଥିଲି ମୋର ତ ଝିଅ ନାହିଁ ଗୋଟିଏ ବୋଲି ପୁଅ । ଯେଉଁ ବୋହୂଟି ଆସିବ ସେ ମୋର ବୋହୂ ନୁହେଁ ଝିଅ ପରି ହୋଇ ରହିବ । ମୁଁ ତାକୁ ଝିଅପରି ସ୍ୱାଧୀନତା ଦେଲି । ଏତେ ଭଲ ପାଇବା, ସ୍ନେହ ମମତା ଦେଲା ସତ୍ତ୍ୱେବି ତା' ଠାରୁ କାହିଁକି ସ୍ନେହ ସମ୍ମାନ ପାଇ ପାରୁନି କ'ଣ ମୋର ଭୁଲ ରହିଲା ? ଏମିତି ପ୍ରଶ୍ନ ଭିତରେ ଅଞ୍ଜନା ଘାଣ୍ଟି ହେଉଛନ୍ତି । ସ୍ୱାମୀ ଗଲାଦିନୁ ମନର କଷ୍ଟ ଦୁଃଖକୁ ଭୁଲାଇବା ପାଇଁ ହାତରେ କଲମ ଧରିଲି, ଏକାକିତ୍ୱ ଜୀବନକୁ ଦୂରେଇବା ପାଇଁ ଲେଖନୀକୁ ଜୀବନର ସାଥୀକଲି । ବଞ୍ଚିବାର ଟିକିଏ ରାହା ପାଇଲି । ଦୁଃଖ ଭିତରେ ସାମାନ୍ୟ ସୁଖ ସାଉଁଟିବାକୁ ବେଳେବେଳେ ସାହିତ୍ୟ ସଭା ସମିତି ଯାଇ ଗପ କବିତା

Source: Author, Digitized by PPRACHIN, SOA

ପଢ଼ି ଟିକେ ଆନନ୍ଦ ପାଉଥିଲି । ସେସବୁ ଆଜି ମୋ ଠାରୁ ଛିନ୍ନ ହୋଇଯାଇଛି । ପୁଅ ବାହାଘର ପରେ ସବୁ ଆଜି ବଦଳିଗଲା । ଖବରକାଗଜରୁ ମୋ ଲେଖାଟିଏ ପଢ଼ି ଯଦି କୌଣସି ପାଠକଟିଏ ଫୋନ କରନ୍ତି ବୋହୂ ସୀମା ଦେହରେ ଏସବୁ ଯାଏନି । ପୁଅ ଆଗରେ ଫେରାଦ ହୁଏ ତୁମ ମାଆଙ୍କ ପାଖକୁ ଏତେ ଫୋନ କ'ଣ ଆସୁଛି ? ପୁଅ ଅଭିଜିତ କିଛି ନବୁଝି ନଶୁଝି ଦୁଇପଦ ଶୁଣାଇଦିଏ, ଛାଡ଼ ମୋ ଭାଗ୍ୟ....!! ଏମିତି ଭାବନା ଭିତରେ ରହି ଅଞ୍ଜନା ଦୀର୍ଘ ନିଃଶ୍ୱାସଟିଏ ମାରନ୍ତି । ଆଖିରୁ ଦୁଇବୁନ୍ଦା ଲୁହ ଝରିପଡେ । ମନେ ପଡ଼ିଯାଏ ଅତୀତର କଥା । ସ୍କୁଲ ଜୀବନରୁ ଏତେ ଭଲ ପାଠ ପଢା ସହ ଅଧ୍ୟାପିକା ଚାକିରି । କିନ୍ତୁ ବାହାଘର ପରେ ସ୍ୱାମୀଙ୍କ ସହ ସମ୍ବଲପୁରରେ ଆସି ରହିଲା ପରେ ସ୍ୱାମୀ ଚାହିଁଲେନି ଚାକିରି କରିବା ପାଇଁ । ସ୍ୱାମୀଙ୍କର ଗଭୀର ଭଲ ପାଇବା ଭିତରେ ନିଜକୁ ହଜାଇ ମଜାଇ ସମୟ ଅତିବାହିତ ହୋଇ ଯାଉଥିଲା ବେଶ୍ ଆନନ୍ଦରେ, ଚାକିରି ଛାଡିବାର ଅବଶୋଷ କେବେ ବି ନଥିଲା ମନରେ.!! ଏବେ କିନ୍ତୁ ସମୟ ବଦଳି ଯାଇଛି ସବୁ ସୁଖ ଯେମିତି ସ୍ୱାମୀଙ୍କ ସହ ଚାଲି ଯାଇଛି ସାତପର କରି । ନିଜ ଭାଗ୍ୟକୁ ଦୋଷ ଦେବା ଛଡା ମୋ ପାଖରେ କ'ଣ ବା ଚାରାଅଛି...? କେବଳ ଅଦେଖା ଲୁହ ହିଁ ମୋର ଏକାନ୍ତ ସାଥୀ.....କାହାକୁ ବା କହିବି....!!

❖❖❖

ବି.ଦ୍ର : *ପାଠକ ବନ୍ଧୁ ଅନୁଭବ କରନ୍ତୁ ନା... । ଏହି ରକ୍ତ ମାଂସଧାରୀ ସମାନ ମଣିଷ । ଭାବନା ଏବଂ ମାନସିକତା କେତେ ଭିନ୍ନ । ବେଳେବେଳେ ସୁଖ ଆମ ହାତ ପାଖରେ ଥାଏ । ସୁଖକୁ ଧରିବା ବଦଳରେ ଆମେ ଦୁଃଖକୁ ସାଉଁଟି ଚାଲୁ । ଜବରଦସ୍ତି ଜଣଙ୍କ ଉପରେ ନିଜର ଭାବନାକୁ ଲଦି ଦେଉ । ଯେମିତି କି ଅର୍ପିତା ଆଉ ଅଞ୍ଜନାଙ୍କ ଜୀବନ କାହାଣୀରେ ଦୁଇ ବୋହୂଙ୍କର ମନର ଭାବନା ପ୍ରତୀୟମାନ ଯାହା କି ମନୁଷ୍ୟକୃତ ସୁଖ ଆଉ ଦୁଃଖର ଦୁଇବନ୍ଧୁ.....!!!*

Source: Author, Digitized by PPRACHIN, SOA

ପ୍ରତୀକ୍ଷା

ପୁଅ ପାଖରୁ ହାଇଦ୍ରାବାଦରୁ ଟ୍ରେନରେ ଫେରୁଥିଲେ ଭାବଗ୍ରାହୀ ବାବୁ ଭୁବନେଶ୍ୱର । ବ୍ରହ୍ମପୁର ଷ୍ଟେସନରେ ଗାଡି ଅଟକିଗଲା । କିଛି ଯାତ୍ରୀ ଟ୍ରେନରୁ ଓହ୍ଲାଇଲେ ଆଉ କିଛି ଯାତ୍ରୀ ଚଢ଼ିଲେ । ଭାବଗ୍ରାହୀ ବାବୁଙ୍କ ପାଖ ସିଟ୍‌ରେ ବସିଥିବା ଭଦ୍ରବ୍ୟକ୍ତି ଜଣକ ଓହ୍ଲାଇ ଗଲେ । ଆଉ ଜଣେ ଭଦ୍ରବ୍ୟକ୍ତି କାନ୍ଧରେ ଛୋଟ ଲଗେଜ ବ୍ୟାଗଟି ଧରି ତାଙ୍କ ସିଟ୍ ନମ୍ବର ଖୋଜୁଥିଲେ ଭାବଗ୍ରାହୀ ବାବୁଙ୍କ ପାଖରେ ଖାଲି ପଡିଥିବା ସିଟ୍‌ରେ ତରତର ହୋଇ ବସିଗଲେ ଓ ଟିକେଟ୍‌ଟି ମିଳାଇ ଦେଖିନେଲେ । ସେହି ନିର୍ଦ୍ଦିଷ୍ଟ ରିଜର୍ଭେସନ ସିଟ୍‌ଟି ତାଙ୍କ ପାଇଁ ଉଦ୍ଦିଷ୍ଟ ଥିଲା । ମୁଣ୍ଡ ଉପର ଥାକରେ ଲଗେଜ ବ୍ୟାଗ୍‌ଟି ରଖି ଆରାମରେ ଆଗେ ବସିଗଲେ । ତା'ପରେ ତାଙ୍କ ପାଖରେ ବସିଥିବା ଭାବଗ୍ରାହୀ ବାବୁଙ୍କୁ ନିରେଖି ଦେଖିଲେ । ଦୋ' ଦୋ ଚିହ୍ନା ମୁହଁ । ସ୍ମାର୍ଟଫୋନରେ ବ୍ୟସ୍ତଥାନ୍ତି ବାବୁ ଜଣଙ୍କ । ଅନନ୍ତ ବାବୁ କିଛି ପଚାରିବେ ଭାବୁ ଭାବୁ ଭାବଗ୍ରାହୀ ବାବୁ ମୁଣ୍ଡ ଟେକି ଉପରକୁ ଚାହିଁଲେ । ପରସ୍ପର ମୁହାଁମୁହିଁ, ପୂରା ନିରବ ଚାହାଣୀ ! ଝାପ୍ସା ସ୍ମୃତିକୁ ସମ୍ପୂର୍ଣ୍ଣ ଉଜ୍ଜୀବିତ କରିବାକୁ ଆଉ ସମୟ ଲାଗିଲାନି, ଦୁହେଁ ଦୁହିଁଙ୍କୁ ଖୁବ୍ ଭାବପୂର୍ଣ୍ଣ ଭାବରେ ଚାହିଁ ରହିଲେ, ବୟସ ସାଙ୍ଗରେ ଚେହେରା ଯେତେ ବଦଳିଲେବି ଭାବଗ୍ରାହୀ ବାବୁଙ୍କର ମୁଣ୍ଡର ସେ କୁଞ୍ଚୁକୁଞ୍ଚିଆ ବାଳ ସେତେବେଳେ ଯେମିତି ଥିଲା ସେମିତି ଅଛି, କେବଳ ବାଳ ଯାହା ପାଚିଛି ତାହାବି ଆଜିକାଲିର

Source: Author, Digitized by PPRACHIN, SOA

ହେୟାରଡାଇର ବହଳ ଆସ୍ତରଣରେ ଲୁଚିଯାଇଛି । ଆଉ ଅନନ୍ତବାବୁ ତ ସ୍କୁଲ ଭିତରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରୁଥିଲେ ସେତେବେଳେ । ତାଳ ଗଛପରି ସବୁଠୁ ଡେଙ୍ଗା ନହ ନହକା ଚେହେରା । ତାଙ୍କୁ ସାର୍‌ଙ୍କ ଠାରୁ ସାଙ୍ଗସାଥୀ ଯାଏ, ସମସ୍ତେ ମଜାରେ ତାଳ ଗଛ ବୋଲି ଡାକନ୍ତି । ଏବେ ବି ସେମିତି ଅଛନ୍ତି, ଯାହା ଖାଲି ବୟସ ଅନୁସାରେ ଶରୀର ସାମାନ୍ୟ ପରିବର୍ତ୍ତନ । କିନ୍ତୁ ଏସବୁ ସତ୍ତ୍ୱେ ପରସ୍ପରକୁ ଚିହ୍ନି ନ ପାରିବାର ଚାରା ନାହିଁ । ସ୍ମୃତିର ଚୌହଦୀରେ ସବୁ ଜଳଜଳ ଛଳଛଳ । ଦୁଇ ବନ୍ଧୁଙ୍କର ସେହି ସ୍କୁଲ ବେଳର ଚେହେରାରେ ରହିଥିବା ସ୍ୱତନ୍ତ୍ରତା ଆଜି ବି ଚମକୁଛି । ତେଣୁ ଦିହେଁ ଦୁହିଁଙ୍କୁ ଚିହ୍ନି ପାରି କୁଣ୍ଢାକୁଣ୍ଢି ହୋଇ ଖୁସିରେ ଠୋ' ଠୋ' ଖୁବ୍ ଆତ୍ମୀୟତାର ସହ ହସି ଉଠିଲେ । ଦୁଇ ସାଙ୍ଗ ଦୀର୍ଘ ୪୦ବର୍ଷ ପରେ... ବାଃ ଏ କି ଅପୂର୍ବ ମିଳନ । ଗପର ପେଡି ଖୋଲିଗଲା, ସ୍କୁଲବେଳର ଦୁଇ ସାଙ୍ଗ ଏକା ସାଙ୍ଗରେ ଗୋଟିଏ ଶ୍ରେଣୀରେ ପାଠ ପଢୁଥିଲେ । ମାଟ୍ରିକ ପରଠାରୁ ଚାକିରୀ ଅବସରଯାଏଁ ଆଉ କେବେବି ଥରେ ଭେଟ ଭାଟ ହୋଇନାହିଁ ଦୁହିଁଙ୍କ ଭିତରେ । କାରଣ ଆଗରୁ ତ ମୋବାଇଲ ବା ସ୍ମାର୍ଟଫୋନ ନ ଥିଲା । ତେଣୁ ମାଟ୍ରିକ ପରେ କିଏ କୁଆଡେ କଲେଜରେ ପାଠ ପଢି ଚାକିରୀ କରି ଘର ସଂସାର କରି ରହିଲେ କିଏ ବା କିପରି କାହାର ଖବର ରଖୁଛି । ସମସ୍ତେ ନିଜର କର୍ମକ୍ଷେତ୍ର କର୍ତ୍ତବ୍ୟରେ ବ୍ୟସ୍ତ । ଦୀର୍ଘ ବର୍ଷ ପରେ ଆଜି ଯେହେତୁ ସ୍କୁଲ ବେଳର ଦୁଇ ବନ୍ଧୁଙ୍କ ଭିତରେ ଭେଟ ହୋଇଛି ଗପ କି ସରେ ! ଆରମ୍ଭ ମାତ୍ର ! ପରସ୍ପର ପୁରୁଣା ସ୍ମୃତିକୁ ରୋମନ୍ଥନ କରି ଚାଲିଲେ । ଭାବଗ୍ରାହୀ ବାବୁ ଆରମ୍ଭ କଲେ ଆରେ ସାଙ୍ଗ ଅନନ୍ତ ତୋର ମନେ ଅଛି କି ନାହିଁ, ସ୍କୁଲ ପାଖରେ ଥିବା ବିରାଟ ତୋଟା କଥା କେତେପ୍ରକାର ଆମ୍ବ, ପିଜୁଳି, ଜାମୁଡୋଳ, ବରକୋଳି, ଜାମୁକୋଳି, କଣ୍ଟେଇ କୋଳି, ବେତ କୋଳି, ଲଙ୍କା ଆମ୍ବ, ସପେଟା ଯେଉଁ ଋତୁରେ ଯାହାହୁଏ ସବୁଗଛରେ ତୋଟାରେ ଭର୍ତ୍ତି ହୋଇଥାଏ ଆମେ ସବୁ ଝିଅ ପୁଅ ମିଶି ଖେଳ ଛୁଟିରେ ଯାଇ କେତେ ମଜା କରୁଥିଲେ କହିଲୁ ? କୋଳିଠାରୁ ଆମ୍ବଯାଏ କେତେ ଖାଉଥିଲେ । ତୁ ସବୁଠାରୁ ଡେଙ୍ଗା ଥିଲୁ ବୋଲି ତୋତେ ହିଁ ସମସ୍ତେ ମହୁରା ବନାନ୍ତି ।

ସମସ୍ତେ ହିଁ ତୋତେ କୁହନ୍ତି ଫଳ ତୋଳି ଦେବାକୁ । ଆଉ ଆମ କ୍ଲାସରେ ଯିଏ ଫାଷ୍ଟ ହେଉଥିଲା ସେ ସୁନ୍ଦରୀ ସ୍ୱପ୍ନା । ସେ ତ ପୁରା ତୋ ପଛରେ ପଡି ଯାଇଥିଲା, ତୋର ମନେ ଅଛି କି ନାହିଁରେ ? ହଁ ମ ମନେ ପଡ଼ିଲା ତା'ର ସପେଟା

Source: Author, Digitized by PPRACHIN, SOA

ଆଉ ବରକୋଳି ଭାରି ପ୍ରିୟ । ସେ ତ ଗେଡିଟା, ତା'ହାତ ବିଲ୍‌କୁଲ ପାଏନା, ସେଥିପାଇଁ ଖେଳ ଛୁଟି ହେଲେ ମୋତେ ସାଙ୍ଗ କରିଥାଏ । ଆରେ ଅନନ୍ତ ତୋର ଏତେ କଥା ମନେଅଛି ! କି କଥା ! ତୁ ମନେ ପକାଇ ଦେଲୁ ମନେ ପଡିବନି କେମିତି ଯେ !! ଖାଲି ଏତିକି ନୁହେଁ ମ ତୋ' କଥାବି ମନେ ଅଛି ତୁ ଯେଉଁ ପଡିଥିଲୁ ଜ୍ୟୋସ୍ନା ପଛରେ । ଅସ୍ପନାଲ କ୍ଲାସରେ ସବୁଦିନ ତା'ରି ପାଖରେ ଗୁଞ୍ଜିହୋଇ ବସୁ ଆମେ ସବୁ ପଚାରିଲେ, ନୋଟ ନେବା ନାଁ ରେ ବାହାନା କରୁ ।

ଧେତ୍ ! ଭାବଗ୍ରାହୀ... ତୁ ନା...!! କାହିଁ ତୋ' କଥା କହିଲେ ବାଧିଗଲା କି ତୋତେ ! ଆରେ ନା'ରେ ସେ କଥା ନୁହେଁ ସେ ସବୁ ମନେ ପଡିଲେ ପଛକୁ ଫେରି ଯିବାକୁ ଇଛା ହେଉଛି ମ । ସେହି କ୍ଲାସରୁମ୍, ସେହି ଝାଉଁମୂଳ, ଆମ୍ବ ତୋଟା ସେହି ଜ୍ୟୋସ୍ନା, ସେହି ମିତା, ମିନା ସ୍ୱପ୍ନା, ଅଭୟ, ଅଜୟ, ଅକ୍ଷୟ ବାବାଜୀ କେତେ ସାଙ୍ଗ ଥିଲେ ଆମେ, ସବୁକଥା ଗୋଟି ଗୋଟି ମନେ ପଡି ଯାଉଛିରେ । ଖରାଛୁଟି ନୂଆବର୍ଷ ପୂର୍ବରୁ ବଡ଼ଦିନରେ ଘରୁ ସମସ୍ତେ ଭାଗ ବଣ୍ଟା କରିକି ଚାଉଳ, ପରିବା, ଡାଲି, ତେଲ ଲୁଚାଇ କି ଆଣିଥାନ୍ତି ହେଡସାର୍‌ଙ୍କ କ୍ୱାର୍ଟର ଦୁଆରେ ଥିବା ବାହାରୁଆ ଘରେ ସ୍କୁଲ ପିଅନ ନକୁଳି ରୋଷେଇ କରିଦିଏ, ଦରସିଝା ଭାତ, ପାଣିଆ ଡାଲମା ପତ୍ରରୁ ବୋହି ଯାଉଥିବ, ତଥାପି ତାକୁ ବି ଖାଇବାକୁ ଭାରି ମଜ୍ଜାଲାଗେ ହୋ ହାଲ୍ଲାରେ ସବୁ ପିଲାଙ୍କ ମେଳରେ । ତୋର ମନେ ଅଛି କି ନାହିଁ ! ଥରେ ନକୁଳି କୋବି ତରକାରୀକୁ ନାଲି କରିବ ବୋଲି ତେଲରେ ଏକାଥରେ ୧୦୦ ଗ୍ରାମ ଚିନି ପକାଇ ଏମିତି ମସଲା କସିଲା ଯେ କୋବି ତରକାରୀ ପୁରା ମିଠା ସାଙ୍ଗକୁ କଳା କଟ କଟ ଦିଶିଲା । ସେଇ ଫୁଲେଇ ଜ୍ୟୋସ୍ନା ଥୁ ଥୁ କରି କେମିତି ପାଟିରୁ କାଢିଲା ଯେ ଅଜୟ ଖାଇବା ପତ୍ରରେ ଆସି ପଡିଲା । ହଁ ରେ ଭାବଗ୍ରାହୀ, ସେକଥା ସବୁ ମନେ ଅଛି ମୋର...!!

ଏମିତି ଦୁଇ ବନ୍ଧୁଙ୍କ ଭିତରେ କଥାବାର୍ତ୍ତା ଚାଲିଥାଏ ସେ ଅଫେରନ୍ତା ସ୍ମୃତିର ଅନ୍ତରାଳେ ହସ ଖୁସି, ମଜା ବି ଚାଲିଥାଏ ।

ହଁ ଚାଳିଶ ବର୍ଷପରେ ଦେଖାହେଲେ ବି ସେଇ ସ୍କୁଲବେଳର ଅନ୍ତରଙ୍ଗତା ବେଶ୍ ବାରି ହୋଇ ପଡୁଥାଏ । ଦୁହେଁ ସ୍କୁଲ ଛାଡିବା ପରଠାରୁ ଆଜିଯାଏ ଅର୍ଥାତ

Source: Author, Digitized by PPRACHIN, SOA

ବର୍ତ୍ତମାନ ଓ ଅତୀତର ସ୍ମୃତି ସାଉଁଟିଲା ଭିତରେ ଟ୍ରେନରେ ଚାହା ପିଆ କଦଳୀ ଖିଆ ବି ଚାଲିଥାଏ । ନିର୍ଦ୍ଦିଷ୍ଟ ସମୟ ସହ ଟ୍ରେନ କେତେବେଳେ ଭୁବନେଶ୍ୱର ଷ୍ଟେସନରେ ପହଂଚି ଗଲାଣି ଜଣାନାହିଁ । ଭାବଗ୍ରାହୀ ବାବୁ ତରତର ହୋଇ ଲଗେଜ ସବୁ ଏକାଠି କରିନେଲେ ଅନନ୍ତ ବାବୁ ମଧ ତାଙ୍କୁ ଏ କାମରେ ସାହାଯ୍ୟ କଲେ । ପରସ୍ପର ଫୋନ ନମ୍ବର ରଖିବାକୁ ମଧ ଭୁଲି ନ ଥିଲେ । ବନ୍ଧୁତ୍ୱର ନିବିଡ଼ତା ଆହୁରି ଦୃଢ଼ତର ହେଲା । ଦୁଇ ବନ୍ଧୁ ପରସ୍ପର ହତାମିଳାଇ ଦୁହେଁ ଦୁହିଁଙ୍କ ଠାରୁ ବିଦାୟ ନେଲେ ଫୋନରେ କଥା ହେବାର ପ୍ରତିଶ୍ରୁତି ଦେଇ ଅନନ୍ତ ବାବୁ ଟ୍ରେନରେ ବାଲେଶ୍ୱର ଚାଲିଗଲେ । ଗଲାବେଳେ କହିଗଲେ ଭାବଗ୍ରାହୀ ଭୁଲିବୁନି, ଆମେ ଫୋନରେ କଥା ହେବା । ହଁ ଅନନ୍ତ ତୁ ବି କେବେ ସମୟ ଦେଖି ଭୁବନେଶ୍ୱର ଆସିବୁ ଆମ ଘରକୁ ଭାଉଜଙ୍କୁ ସାଥିରେ ଧରି । ହଁ ନିଶ୍ଚୟ ଆସିବୁ ଆମେ ।

କିଛିଦିନ ପରେ.... ଫୋନର ରିଂ ଶୁଣି ଭାବଗ୍ରାହୀ ବାବୁ ଫୋନ ଉଠାଇଲେ ସାଙ୍ଗ ଅନନ୍ତ ବାବୁ ଫୋନ କରିଥିଲେ । ଦୁଇବନ୍ଧୁ ବେଶ୍ ବାର୍ତ୍ତାଳାପ କଲେ । ଭାବଗ୍ରାହୀ ବାବୁ କହିଲେ ଅନନ୍ତ ଭାଉଜଙ୍କୁ ଧରି ଆସେ କେତେବେଳେ ଆମ ଘରକୁ । ଠିକ୍ ଅଛି ! ଯିବା । ଭାଉଜ ଏବେ ଯିବ କି ନାହିଁ ମୁଁ କହି ପାରିବିନି, ମୁଁ କିନ୍ତୁ ଏଇ ରବିବାର୍ ନିଶ୍ଚୟ ଯିବି ଭୁବନେଶ୍ୱର ।

ମୋର କିଛି ବ୍ୟକ୍ତିଗତ କାମ ବି ଅଛି କାମ ସରିଗଲେ ତୁମ ଘରକୁ ଯିବି, ଭାଉଜଙ୍କୁ ଜଣେଇ ଦେଇଥିବୁ, ଭଲ ଭଲ ଖାଇବା ବନେଇ ରଖିଥିବେ । ନା' କ'ଣ କହୁଛୁ ? ଆରେ ଏ କ'ଣ ପଚାରିବା କଥା ତୁ ଆଗ ଆସି ପହଞ୍ଚ ନା .... ! !

ସେଦିନ ରବିବାର ! ! ଭାବଗ୍ରାହୀ ବାବୁ ସକାଳୁ ଉଠି, ସ୍ତ୍ରୀ ମିତାକୁ, ଅନନ୍ତ ଆସିବା କଥା ଜଣାଇ ଦେଲେ ଏବଂ ବ୍ୟାଗଟି ଧରି ବଜାର ଗଲେ ମାଛ, ମାଂସ ଏବଂ ସ୍ତ୍ରୀଙ୍କ ବରାଦ ଅନୁସାରେ ସବୁ ଜିନିଷ କିଣାକିଣି କରି ଗାଡ଼ିରେ ବସିଲା ବେଳକୁ ଜଣେ ପରିଚିତ ବନ୍ଧୁ ଦେଖାହେଲେ, ପଚାରିଲେ କ'ଣ ଭାବଗ୍ରାହୀ ବାବୁ ଆଜି କିଛି ସ୍ପେସିଆଲ ଡେ କି ? ଏକା ସମୟରେ ମାଛ, ମାଂସ ଏତେ ଜିନିଷ କିଣି ନେଲେ ଯେ ! ନା' ମ ମହାନ୍ତି ବାବୁ । ସେମିତି କିଛି ନୁହେଁ, ମୋ ସ୍କୁଲବେଳର ବନ୍ଧୁ ଜଣେ ପ୍ରଥମ ଥର ପାଇଁ ଆଜି ଆମ ଘରକୁ ଆସିବ ତ ସେଥିପାଇଁ ଏସବୁ... ! ! ଓହୋ !

Source: Author, Digitized by PPRACHIN, SOA

ଆଛା ..!! ଆମକୁ ଡାକିଲେ ହୁଅନ୍ତାନି ! ହଁ ମହାନ୍ତି ବାବୁ ଲଞ୍ଚ୍ ସମୟକୁ ଆସନ୍ତୁ ମିଶିକି ଏକାଠି ଖାଇବା ଖୁବ୍ ଭଲହେବ । ନା ମ ଭାବଗ୍ରାହୀ ବାବୁ ମୁଁ ଏମିତି ମଜାରେ କହୁଥିଲି । ଆମେପରା ଆଜି ଶଳାଘରକୁ ଯିବୁ କଟକ, ଶଳା ମୋର ପ୍ରଶାସନିକ ଅଧିକାରୀ, ବରାଦ ଦିଆ ଖାସି ମାଂସ ଆଣି ନିଜେ ରୋଷେଇ କରେ, ତା'ସାଙ୍ଗ ସାଥୀ ଓ ଆମକୁ ଏମିତି ମଝିରେ ମଝିରେ ଖାଇବା ପାଇଁ ଡାକେ । ତା'ହାତ ରନ୍ଧା ମାଂସ ଝୋଳର ଜବାବ ନାହିଁ । ମୋ ସ୍ତ୍ରୀ ତ ଗୋଡ଼ ଠିଆକରି ରହିଛନ୍ତି, ମୁଁ ଘରକୁ ଗଲେ ଆମେ କାମ ସାରି କଟକ ଯିବୁ ।

ଭାବଗ୍ରାହୀ ବାବୁ ସବୁ ସଉଦା ଧରି ଘରେ ପହଞ୍ଚି ଗଲେ, ରୋଷେଇ ବାସ ସରିଗଲା । ସୁଆଦିଆ ଆଇଟମର ଗଣନା ନାହିଁ , ଖିରି, ପୁରି କାନିକା, ମାଛ, ଛତୁ ମାଂସ, ଦହିବାଇଗଣ, ପନିର, ପାମ୍ପଡ଼ ସାଲାଡ଼, ଏମିତି କେତେ କ'ଣ ! ମିତା ଦେବୀଙ୍କୁ ଫୁରସତ ନାହିଁ ,ଝାଳନାଳ ହୋଇ ରୋଷେଇ ସାରି ଅପେକ୍ଷାରତ.....ବନ୍ଧୁଙ୍କର ଆସିବା ବାଟକୁ....!!

ଭାବଗ୍ରାହୀ ବାବୁ ଅନେକ ବେଳୁ ବାହାରି ଗଲେଣି ଷ୍ଟେସନକୁ । ଯେଉଁ ଟ୍ରେନରେ ଅନନ୍ତ ବାବୁ ଆସିବେ ବୋଲି କଥା ଦେଇ ଥିଲେ । ଟ୍ରେନ ଆସି ଷ୍ଟେସନରେ ପହଂଚିଗଲା । ଭାବଗ୍ରାହୀ ବାବୁଙ୍କ ମନରେ ପ୍ରବଳ ଉତ୍କଣ୍ଠା । କେତେବେଳେ ସାଙ୍ଗ ଅନନ୍ତ ବାହାରିବ ଟ୍ରେନ ବଗି ଭିତରୁ । ଅପେକ୍ଷା କରି କରି ସମୟ ଅତିକ୍ରାନ୍ତ .... ଟ୍ରେନ ଭୁବନେଶ୍ୱର ଛାଡିଲା କିନ୍ତୁ ଅନନ୍ତ ବାବୁଙ୍କର ଦେଖାନାହିଁ । ଭାବଗ୍ରାହୀ ବାବୁ ତିର୍ଯ୍ୟକ୍ ଦୃଷ୍ଟିରେ ଚାରିଆଡକୁ ଆଖି ବୁଲେଇ ନେଲେ, କିନ୍ତୁ ଦେଖି ପାରିଲେନି ତାଙ୍କୁ ।

ଫୋନ ଲଗାଇଲେ ଅନନ୍ତ ବାବୁଙ୍କୁ... ସେପଟୁ ସ୍ତ୍ରୀ ଫୋନ ଉଠାଇ କହିଲେ ସେ ତ ଘରେ ନାହାନ୍ତି, ଫୋନଟିକୁ ଛାଡି ଯାଇଛନ୍ତି । ଭାବଗ୍ରାହୀ ବାବୁ ଖୁବ୍ ଚିନ୍ତାରେ ପଡିଲେ । ଅନନ୍ତ ଗଲା କୁଆଡେ ? ଏମିତି ଅପେକ୍ଷା କରି ଘରକୁ ଫେରିଗଲେ । ସ୍ତ୍ରୀ ମିତା ସେପଟେ ଅପେକ୍ଷା କରି ଭୋକରେ ଆଉଟୁ ପାଉଟୁ । ଲଞ୍ଚ ସମୟ ଗଡି ଗଲାଣି ସମୟ ଆସି ଅପରାହ୍ଣ ୩ଟା ବାଜିଲାଣି ।

Source: Author, Digitized by PPRACHIN, SOA

ସ୍ୱାମୀଙ୍କୁ ଗେଟ୍ ପାଖରେ ଏକା ଦେଖି ମିତା କିଛି ବୁଝି ପାରିଲେନି, ସ୍ୱାମୀ ନିକଟକୁ ଆସିଲା ପରେ ମିତା ପଚାରିଲେ, ତୁମେ ଏକା ଯେ ! ତୁମ ବନ୍ଧୁ କୁଆଡେ ଗଲେ ? ନା ମିତା ତା' ସହ ଯୋଗାଯୋଗ ହୋଇ ପାରିଲାନି । ସେ ଭୁବନେଶ୍ୱର ଆସିଛି କି ନାହିଁ ତାହା ବି ଜଣା ନାହିଁ । କାରଣ ତା' ଫୋନକୁ ଘରେ ଛାଡ଼ି ପଳେଇଛି । ମୁଁ ତାକୁ ଫୋନ କଲାରୁ ତା' ସ୍ତ୍ରୀ ଏକଥା କହିଲେ ।

ହଉ ମିତା ଭୋକ ହେଲାଣି ଖାଇବା ବାଢ଼ । ଦୁହେଁ ଖାଇ ବସିଲେ । ସୁଆଦିଆ ରାନ୍ଧଣା ହେଲେ ମନରେ ପୁଲକ ନାହିଁ । ଦୁହିଁଙ୍କ ଭିତରେ ଅନନ୍ତ ବାବୁଙ୍କୁ ନେଇ କଥା ଚାଲିଥାଏ । ସେ ଆସିବାକୁ କହି କାହିଁକି ଆସିଲାନି । ସ୍ତ୍ରୀ ମିତା କହିଲା, ତୁମ ବନ୍ଧୁ ଯାହାକଲେ ଭଲ କଲେନି । ଯଦି ନ ଆସିବା କଥା ଅନ୍ତତଃ ଆମକୁ ଜଣାଇ ଥାନ୍ତେ । ଏମିତି କଥାବାର୍ତ୍ତା ଭିତରେ ଅନନ୍ତ ବାବୁଙ୍କ ପାଖରୁ ଫୋନ ଆସିଲା । ଭାବଗ୍ରାହୀ ବାବୁ ରିସିଭ କରି କିଛି କହିବା ପୂର୍ବରୁ ଅନନ୍ତ ଏକଦମ ନର୍ମାଲ ଢଙ୍ଗରେ କହିଲେ ଆରେ ଭାବଗ୍ରାହୀ ତୁ ଫୋନ କରିଥିଲୁ ? ହେଲେ ମୁଁ ଗୋଟେ କାମରେ ଟିକେ ବାହାରକୁ ଯାଇଥିଲି ଫୋନଟା ଭୁଲରେ ଛାଡି ଯାଇଥିଲି । ହଉ କହ କେମିତି ଅଛୁ ? ଭାବଗ୍ରାହୀ ବାବୁ ଆଶ୍ଚର୍ଯ୍ୟ ହେଲେ ସାଙ୍ଗ ଅନନ୍ତର ଏକଥା ଶୁଣି, ପଚାରିଲେ ! ତୋର ପରା ଆଜି ଭୁବନେଶ୍ୱରରେ କାମ ଥିଲା, ତୁ ଆସିବୁ ବୋଲି କହିଥିଲୁ ? ହଁ ଯେ ଥିଲା କାମ, ହେଲେ ଗଲିନି ଅଲଗା କାମ ପଡିଲା ତ ରହିଗଲି । ଆସନ୍ତା ରବିବାର ଦିନ କିନ୍ତୁ ନିଶ୍ଚୟ ଯିବି । ଭାବଗ୍ରାହୀ ବାବୁ ଟିକେ ବ୍ୟତିଥ ଗଳାରେ, ପ୍ରଶ୍ନିଳ ଢଙ୍ଗରେ କହିଲେ ତୋ ପାଇଁ ରନ୍ଧା ହୋଇଥିବା ଖିରି, ପୁରି, ମାଛ, ମାଂସ କ'ଣ ଆସନ୍ତା ରବିବାର ଯାଏ ରହିବ ?

ଆରେ ସାଙ୍ଗ ସରି...ସରି !! ଆସନ୍ତା ରବିବାର ଭୁବନେଶ୍ୱର ଗଲେ ନିଶ୍ଚୟ ତୋ' ଘରକୁ ଯିବି ! ତୁ ବ୍ୟସ୍ତ ହ ନା, ହଉ ଦେଖାଯାଉ !! ମୁଁ ତୋର ଆସିବା ଅପେକ୍ଷାରେ ରହିଲି ।

ରବିବାର ନିକଟତର, ପୂର୍ବଦିନ ଭାବଗ୍ରାହୀ ବାବୁ ମିତାକୁ କହିଲେ, ମିତା ଶୁଣ, କାଲି ଅନନ୍ତ ଶତପ୍ରତିଶତ ଆସିବ ବୋଲି କହିଛି । ଆସିଲେ ଆମ ଘରେ ଲଞ୍ଚ କରିବ । ଏ କଥା ଶୁଣି ମିତା ଟିକେ ଚିହିଁକି ଉଠିଲେ । ହଁ ହଁ ସେ କଥା ଆଉ ମୋତେ

Source: Author, Digitized by PPRACHIN, SOA

କୁହନି ମ । ସେଦିନ ହଇରାଣ ହୋଇ ରାନ୍ଧି ବାଢ଼ି ରଖିଲି ତୁମ ବନ୍ଧୁ ଆସିଲେନି, ତାଙ୍କ କଥାରେ ଠିକଣା ନାହିଁ । ଏତେ ଖାଦ୍ୟ ସବୁ କେତେ କଷ୍ଟରେ ରାନ୍ଧିଲି, କେତେ ନଷ୍ଟ ହେଲା ।

ଏଥର ଘରେ କିଛି ରନ୍ଧାରନ୍ଧି କରିବାର ନାହିଁ । ଯଦି ଆସନ୍ତି ତେବେ ହୋଟେଲରୁ ମଗାଇ ଦେବା । ଭାବଗ୍ରାହୀ ବାବୁ ସ୍ତ୍ରୀ ମିତାଙ୍କ ଠାରୁ ଏକଥା ଶୁଣି ଚୁପ ରହିଲେ, କହିଲେ ହଉ ଠିକ୍‌ଅଛି । ସେ ଆଗେ ଆସୁ । ରାତି ପାହିଲେ ରବିବାର । ସକାଳୁ ଉଠି ଭାବଗ୍ରାହୀ ବାବୁ ଚାଲିବାକୁ ଗଲେ । ଫେରିବା ବେଳେ ସବୁଦିନ ପରି ରାସ୍ତା କଡରେ ବିକ୍ରି ହେଉଥିବା କିଛି ସବୁଜ ତଟକା ପରିବା କିଣୁକିଣୁ ନଜରରେ ପଡିଗଲା ତାଜା କଖାରୁ ଫୁଲ, ବୁଢ଼ୀଟିଏ ତା'ବାଡିରୁ ତୋଳିଆଣି ଗରାଖର ଅପେକ୍ଷାରେ ବସିଥାଏ । ସେ ଫୁଲ ଦେଖୁ ଦେଖୁ ଭାବିଲେ ଆରେ କଖାରୁ ଫୁଲ ! ବାଃ...କଖାରୁଫୁଲ ଭଜାକୁ ଅନନ୍ତ ଭାରି ଭଲପାଏ ! ବୁଢ଼ୀ ମାଉସୀକୁ ଦାମ ପଚାରି, ଦୁଇବିଡା କିଣି ବ୍ୟାଗରେ ରଖିଲେ ଓ ପାଖରେ ଥିବା ମାଛ ଦୋକାନରୁ ମାଛ କିଣିବାକୁ ଗଲେ । ହେଲେ ସ୍ମୃତିପଟରେ ନାଚିଯାଉଥାଏ ସେହି ସ୍କୁଲ ବେଳର କଥା । ସାଙ୍ଗ ମିନୁର ଘର ସ୍କୁଲଠାରୁ ଦଶହାତ ଦୂର । ସେ ସବୁଦିନ ଖେଳ ଛୁଟିରେ ଘରକୁ ଯାଏ ଖାଇବାକୁ । ଦିନେ ଖାଇସାରି ସାଙ୍ଗରେ ଧରି ଆସିଥାଏ କିଛି କଖାରୁ ଫୁଲ ଭଜା ମିନୁର ପ୍ରିୟ ସାଙ୍ଗ ଗୀତା ପାଇଁ । କଖାରୁ ଫୁଲ ଭଜା ଖାଲି ଭାତରେ ଖାଇବାକୁ ଭଲ ଲାଗେନି, ଖାଲିରେ ମଧ ଖାଇବାକୁ ଭାରି ଭଲଲାଗେ । ସେ ଗୀତାକୁ ଟିଫିନ ବାକ୍ସ ଖୋଲି ଦେଲାବେଳେ ଅନନ୍ତର ନଜର ପଡିଲା । ପଚାରିଲା, ଗୀତା କ'ଣ ଖାଉଛୁ କି ? କଖାରୁଫୁଲ ଭଜା କଥା ଶୁଣି ଅନନ୍ତ ଝାମ୍ପି ନେଲା ସବୁତକ ଗୀତା ହାତରୁ । ତେଣୁ ଆଜି କଖାରୁ ଫୁଲ ଭଜା ଦେଖି ଅନନ୍ତ ନିଶ୍ଚୟ ଖୁସି ହେବ । ଏମିତି ମନେ ମନେ ଭାବି ଚାଲିଥାନ୍ତି ଭାବଗ୍ରାହୀ ବାବୁ ।

କିଣାକିଣି କରି ଘରେ ପହଞ୍ଚିଲେ । ସବୁଦିନ ପରି ରୋଷେଇ ବାସ ହେଲା । ସ୍ତ୍ରୀ ମିତାଙ୍କୁ କହିଲେ ହେଇଟି ମିତା ଶୁଣମ, କଖାରୁ ଫୁଲଟିକେ ଯତ୍ନ ସହକାରେ ଭାଜିବ କୁଡୁ କୁଡ଼ିଆ କରି ।

Source: Author, Digitized by PPRACHIN, SOA

ସେ ଅନନ୍ତଟା ଭାରି ଭଲପାଏ ମ କଖାରୁ ଫୁଲ ଭଜାକୁ । ମିତା ସ୍ମିତ ହାସ୍ୟଟିଏ ଦେଲେ । ଗୁଣୁ ଗୁଣୁ ସ୍ୱରରେ ମଜାକ୍‌ରେ କହିଲେ ଆଜିବି କ'ଣ ବନ୍ଧୁଙ୍କ ଅପେକ୍ଷାରେ....ବନ୍ଧୁ ମହାନ୍ତି !!

ମହାନ୍ତିବାବୁ (ଭାବଗ୍ରାହୀ) ସ୍ତ୍ରୀଙ୍କୁ କିଛି କହିଲେନି ସିନା, ମନେ ମନେ ଭାବୁ ଥାନ୍ତି । କିଛି ସମୟ ପରେ ଅନନ୍ତ ଆସି ପହଂଚିବ । ସେଦିନ ସିନା କହିଥିଲା ଆସିଲାନି । ଆଜି କିନ୍ତୁ ସେ ଭୁଲ ସେ କରିବନି ନିଶ୍ଚୟ ଆସିବ । ଅନନ୍ତ ବାବୁଙ୍କୁ ଫୋନ ଲଗାଇଲେ, ନଟ୍ ରିଚେବୁଲ ... ଏମିତି ବାରମ୍ବାର ଦେଖାଇଲା । କୌଣସି ମତେ ଯୋଗାଯୋଗ ହୋଇ ପାରିଲାନି । ଭାବଗ୍ରାହୀ ବାବୁ ଉପାୟ ନପାଇ ସିଧା ଷ୍ଟେସନକୁ ଗଲେ । ସେଦିନ ଯେଉଁ ଟ୍ରେନରେ ଆସିବାକୁ ଅନନ୍ତ ବାବୁ କହିଥିଲେ ସେହି ନିର୍ଦ୍ଦିଷ୍ଟ ଟ୍ରେନକୁ ଅପେକ୍ଷା କରି ରହିଲେ । ଟ୍ରେନ ଆସି ପହଁଞ୍ଚିଲା । କିନ୍ତୁ ଅନନ୍ତ ବାବୁ ଟ୍ରେନରୁ ବାହାରିଲେ ନାହିଁ । ଭାବଗ୍ରାହୀ ବାବୁ ବିଷର୍ଣ୍ଣ ମୁହଁରେ ଘରେ ପହଁଚିଲେ ସ୍ତ୍ରୀଙ୍କ ନିକଟରେ ନିଜକୁ ଛୋଟ ମଣିଲେ । ଭାବିଲେ ସାଙ୍ଗ ଅନନ୍ତର କଥାରେ ଯାହା ଠିକଣା ନାହିଁ ବୋଲି ମିତା ପ୍ରଥମରୁ କହୁଥିଲେ ତାହା ଠିକ୍ । ଏହାରି ଭିତରେ ବର୍ଷଟିଏ ବିତି ଗଲାଣି ।

ମଝିରେ ଅବଶ୍ୟ ଦୁଇ ସାଙ୍ଗଙ୍କ ମଧ୍ୟରେ ବହୁବାର ବାର୍ତ୍ତାଳାପ ହୋଇଛି । ଅନନ୍ତବାବୁ କଥାଦେଇ କଥା ନ ରଖି ପାରି ଥିବାରୁ ମନସ୍ତାପ ସହ ଦୁଃଖ ପ୍ରକାଶ ମଧ କରିଛନ୍ତି ।

ଦିନେ ଅନନ୍ତବାବୁ ସ୍ତ୍ରୀ ବିନୋଦିନୀକୁ କହିଲେ ଶୁଣ, ଆସନ୍ତା ବୁଧବାର ଦିନ ଚାଲ ଭୁବନେଶ୍ୱର ଯିବା । ବୁଲାବୁଲି କରି ଆସିବା । ଆଉ ଭାବଗ୍ରାହୀ ଘରକୁ ମଧ ଯିବା । ବହୁତ ଥର ସେ ଆମକୁ ଡାକିଛି, ହେଲେ ଥରୁଟିଏବି ମୁଁ ମୋ କଥା ରଖିପାରିନି । ଯିବାକୁ କହି ଯାଇ ପାରିନି । ଏଥର କିନ୍ତୁ ତାକୁ ନ ଜଣାଇ ତା' ଘରେ ଯାଇ ପହଁଚି ଯିବା । ସେ ଦେଖିଲେ ନିଶ୍ଚୟ ଖୁସି ହେବ ଏବଂ ମୋ ପାଇଁ ଏତେଥର ରୋଷେଇବାସ କରି ଅପେକ୍ଷା କରିଥିବାରୁ ତା' ହାତଧରି କ୍ଷମା ମାଗିନେବା ସହିତ ଭାଉଜଙ୍କୁ ମଧ କ୍ଷମା ମାଗିନେବି । ଆମେ ସମସ୍ତେ ମିଶି ପୁରୀ ଯିବା, ପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ ସାରି ସମୁଦ୍ର କୂଳରେ କିଛି ସମୟ କଟେଇବା ।

Source: Author, Digitized by PPRACHIN, SOA

ସେଠି ମୋ ତରଫରୁ ଏକ ବଡ଼ ହୋଟେଲରେ ଖାଇବା ଆରେଞ୍ଜ କରିବା । କ'ଣ କହୁଛ ବିନୋଦିନୀ ? ମୁଁ ତ ଏଇ ଦିନକୁ ଅପେକ୍ଷା କରିଥିଲି । କେବେ ଆମେ ପୁରୀ ଯିବା ବୋଲି । ଆଉ ପଚାରୁଚ କ'ଣ ମ !

ମଙ୍ଗଳବାର ରାତିରୁ ପ୍ରସ୍ତୁତି ଚାଲିଲା, ବିନୋଦିନୀ କିଛି ଅତ୍ୟାବଶ୍ୟକ ଜିନିଷ ଓ ଲୁଗାପଟା ପ୍ୟାକିଂ କରି ରଖିଲେ । ବୁଧବାର ଦିନ ଏ.ସି. ବସ୍‌ରେ ବସି ଆସି ପହଞ୍ଚିଲେ ଭୁବନେଶ୍ୱର ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ । ବସ୍‌ରୁ ଓହ୍ଲାଇ ଏକ ଅଟୋ ରିଜର୍ଭ କରି ଚାଲିଲେ ଭାବଗ୍ରାହୀ ବାବୁଙ୍କର କଳିଙ୍ଗ ବିହାରରେ ଥିବା ବାସଭବନ ଅଭିମୁଖେ । ଚତୁରତାର ସହ ବହୁପୂର୍ବରୁ ଠିକଣା ଲେଖି ରଖିଥିଲେ ଅନନ୍ତବାବୁ ପକେଟ ଡାଇରୀରେ । ତେଣୁ ଘର ପାଇବାକୁ ଅସୁବିଧା ହେଲାନାହିଁ । ଗେଟ୍ ପାଖରେ ପହଂଚିଗଲା ଅଟୋ । ଲୋକ ଜମା ହୋଇଥାନ୍ତି ଗେଟ୍ ସମ୍ମୁଖରେ.... ଅନନ୍ତ ବାବୁ ପ୍ରଥମେ କିଛି ବୁଝି ପାରିଲେନି । କାହାକୁ କିଛି ପଚାରିଲା ପୂର୍ବରୁ କିଛି ଲୋକଙ୍କ ଭିତରେ କଥାବାର୍ତ୍ତାକୁ ଶୁଣି ପାରିଲେ ଅନନ୍ତ ବାବୁ । ଲୋକ କୁହାକୋହି ହେଉଥିଲେ ସତରେ ଭାବଗ୍ରାହୀ ବାବୁ କେତେ ଭଦ୍ର ଅମାୟିକ ବ୍ୟକ୍ତିତ୍ୱ । ସମସ୍ତଙ୍କ ଦୁଃଖ ସୁଖରେ ଠିଆ ହୁଅନ୍ତି । କାଲି ସନ୍ଧ୍ୟାରେ ପାର୍କରେ ତାଙ୍କ ସହ ଭେଟ ହୋଇଥିଲା । କହୁଥିଲେ କାଳନ୍ଦୀ ବାବୁ, ମୋ ଦେହଟା ଏଣିକି ଏତେ ଭଲ ରହୁନିମ । ଏଇ କେଇଦିନ ହେଲା ଛାତି ଭିତରେ କାହିଁକି ଟିକେ କଷ୍ଟ ଅନୁଭବ ହେଉଛି । ମୁଁ ତାଙ୍କୁ କହିଲି ଆପଣ ଟିକେ ଡାକ୍ତର ଚେକ୍‌ଅପ କରେଇ ନିଅନ୍ତୁ, ସବୁ ଠିକ୍ ହୋଇଯିବ । ଗୋଟିଏ ବୋଲି ପୁଅ, ସେ ତ ରହିଲା ବାହାରେ ।

ଆପଣ ନିଜେ ଡାକ୍ତରଙ୍କ ସହ ପରାମର୍ଶ କରି ଔଷଧ ନ ଖାଇଲେ କେମିତି ହେବ ? ସେ କହିଲେ ହଁ ! କାଳନ୍ଦୀ ବାବୁ ପୁଅ କହିଛି ଏଇ ସପ୍ତାହରେ ପୁନେରୁ ଘରକୁ ଆସିବ । ତାକୁ ଅପେକ୍ଷା କରିଛି । ସେ ଆସିଲେ ଡାକ୍ତରଙ୍କ ସହ ପରାମର୍ଶ କରିବା । କିନ୍ତୁ ଏ କ'ଣ ହେଲା ? ହଠାତ ଏମିତି ଚାଲିଗଲେ ହାର୍ଟଆଟାକ୍‌ରେ ବିଶ୍ୱାସ କରି ହେଉନି । ଏମିତି ପରସ୍ପରର କଥାବାର୍ତ୍ତାକୁ ଶୁଣି ଅନନ୍ତବାବୁ ସବୁ ବୁଝିଗଲେ, ହଠାତ୍ ଯେମିତି ଆକାଶ ଛିଡି ପଡିଲା ତାଙ୍କ ମୁଣ୍ଡ ଉପରେ । ପ୍ରତୀକ୍ଷାର ଅନ୍ତ ଘଟାଇ, ନିରବ ନିସ୍ତବ୍ଧ ହୋଇ ଠିଆ ହୋଇଥିଲେ ଏବଂ କୋହଭରା ନୟନରେ ଭିଡ ଭିତରୁ ଆଡେଇ ଚାହୁଁଥିଲେ ତାଙ୍କ ପ୍ରିୟ ବନ୍ଧୁଙ୍କର ଧଳା ଚାଦର ଢଙ୍କା ମୁହଁକୁ..... !

Source: Author, Digitized by PPRACHIN, SOA

ଚିତାଗ୍ନି

ଚକ୍ରଧର ବାବୁ ବଡ଼ ଚିନ୍ତାଶୀଳ ଭାବରେ ଦାଣ୍ଡ ଦୁଆରେ ବସିଥାନ୍ତି । ସେହି ରାସ୍ତା ଦେଇ ଯାଉଥିଲେ ଦାମ ମହାରଣା ତାଙ୍କର ଜଣେ ବନ୍ଧୁ ଘରକୁ । ପାଖ ଗାଁ'ରେ ତାଙ୍କଘର । ଚକ୍ରଧର ବାବୁଙ୍କୁ ଦେଖି କହିଲେ ଦାଦା ଦଣ୍ଡବତ । ଏମିତି ଚିନ୍ତାରେ କାହିଁକି ବସିଛନ୍ତି କି ! କ'ଣ ହୋଇଛି ? ଆରେ ପୁଅ କ'ଣ କହିବି ଝିଅଟି ମୋର ବିବାହ ଯୋଗ୍ୟାହୋଇ ଘରେ ବସିଛି, ବରପାତ୍ରଟିଏ ଖୋଜି ଖୋଜି ଥକିଲିଣି, ହେଲେ ମନ ପସନ୍ଦର ଜ୍ୱାଇଁଟି ମିଳୁନାହିଁ । ମହାରଣାଏ ତୁମ ନଜରରେ ଯଦି ଭଲ ପିଲାଟିଏ ମିଳିବ ତେବେ କହିବ ତ । ମହାରଣା ଯେ' ହେତୁ ମଧ୍ୟସ୍ଥି କାମ କରନ୍ତି, କହିଲେ ହଁ ଚକରା ଦା' ଚିନ୍ତା କରନ୍ତୁନି ନିଶ୍ଚୟ ଖୋଜିଦେବି । ହେଲେ ଆପଣଙ୍କର ଏଡ଼େ ବଡ଼ ଝିଅ ଅଛି ମୁଁ ଏଯାଏଁ ଜାଣିନି !! ଆରେ ଦାମ ସେ କ'ଣ ଆମ ଘରେ ରୁହେ ଯେ ତୁମେ ଜାଣିବ । ସେ ପରା ପିଲା ଦିନରୁ ତା' ମାମୁଁଘରେ ରହି ପାଠ ପଢୁଥିଲା । ବିଏ ପାସ ପରେ ଏବେ ଆସି ଆମ ଘରେ ରହୁଛି । ଆଛା ! ଦାଦା ତେବେ ଝିଅକୁ ଟିକେ ଡାକୁ ନାହାନ୍ତି ଆଖି ପକାଇ ଦେଇ ଯିବି । ହଉ, ହଉ ଡାକୁଛି କହି ବଡ଼ ପାଟିରେ ଡାକ ପକାଇଲେ ମା'ରେ ନମିତା କୁଆଡେ ଗଲୁ ? ହଁ ବାପା ! ଆରେ ମା'ଦାମ ଭାଇପାଇଁ କପେ ଚା' କରି ଆଣିଲୁ । ହଉ ବାପା କରିକି ନେଉଛି । ଝିଅ ନମିତା ସଙ୍ଗେ ସଙ୍ଗେ ଚା' କରି

Source: Author, Digitized by PPRACHIN, SOA

ଆଣିଲା । ଦାମ ମହାରଣା ତା' ପିଆ ମଉକାରେ ଝିଅଟିକୁ ଦେଖିନେଲେ । ଝିଅ ହାତର ଚାହା ବେଶ୍ ସୁଆଦିଆ ବୋଲି ଖୁବ୍ ପ୍ରଶଂସା କଲେ । ଗଲାବେଳେ କହିଗଲେ ଦାଦା ଚିନ୍ତା କରନ୍ତୁନି, ଆପଣଙ୍କ ଝିଅଟି ତ ଖୁବ୍ ସୁନ୍ଦର ଅଛି । ତେଣୁ ବରପାତ୍ର ମିଳିବାରେ ଏତେ କିଛି ଅସୁବିଧା ହେବନି । ହଉ ଝିଅର ଟିପଣାଟି ଦିଅନ୍ତୁ । ମୋ ପାଖରେ ଥାଉ, ବରଘରବାଲା ଜାତକ ମିଳାଇବାକୁ କହିଲେ ମୁଁ ଦେବି । ଚକ୍ରଧର ବାବୁ କାଳ ବିଳମ୍ବ ନକରି କାଗଜରେ ଟିପା ହୋଇଥିବା ଟିପଣା ଓ ଝିଅର ଗୋଟିଏ ଫୋଟୋ ମହାରଣାଙ୍କ ହାତକୁ ବଢ଼ାଇ ଦେଲେ । ଦାମ ମହାରଣା ଏସବୁ ନେଇ ତାଙ୍କର ଗନ୍ତବ୍ୟ ସ୍ଥଳକୁ ଚାଲିଗଲେ ।

ଆଠଦିନ ପରେ ଏକ ପ୍ରସ୍ତାବ ନେଇ ପୁଣି ଆସିଲେ, ଦୁଆର ମୁହଁରେ ଥାଇ ବଡ଼ ପାଟିରେ ଡାକ ଛାଡିଲେ ଚକରା ଦା' ଚକରା ଦା' କୁଆଡେ ଗଲେ ? ଚକ୍ରଧର ବାବୁ ଘରୁ ବାହାରି ଆସିଲେ, ହଁ ରେ ଦାମ, ଆସ ଆସ ବସ ! ଶୁଣନ୍ତୁ ଚକରା ଦା' ଖୁବ୍ ଖୁସି ଖବର । ବାହାଘର ପୁରା ପକା ! ହଁ କି କେମିତି ମ ? ପୁଅଟି କଟକରେ ଚାକିରୀ କରୁଛି । ବଡ଼ ଦୁଇ ଭଉଣୀ ବାହା ହୋଇ ସାରିଛନ୍ତି । ଗାଁ'ରେ ଜମିବାଡ଼ି ଘରଦ୍ୱାର କେଉଁଥିରେ ଅଭାବ ନାହିଁ । ଶ୍ୱଶୁର ମାଷ୍ଟର ଚାକିରୀ କରିଥିଲେ, ପେନସନ ମଧ୍ୟ ପାଉଛନ୍ତି । ଝିଅର ଫୋଟୋ ଦେଖି ସେମାନେ ଖୁବ୍ ପସନ୍ଦ କରିଛନ୍ତି ଏବଂ ଜାତକ ବି ଖୁବ୍ ସୁନ୍ଦର ମେଳ ଖାଉଛି । କୁହନ୍ତୁ ଦାଦା ଆଉ କ'ଣ ଦରକାର !! ଆରେ ସତେ ତ ଖୁବ୍ ଭଲ ପ୍ରସ୍ତାବଟି । ଆଉ ଡେରି କାହିଁକି କରିବା ଦାମ ! ଏଥର ଆଗକୁ କଥା ବଢ଼ାଅ । ଦେଖାଚାହାଁ କାମ ସରିଯାଉ । କଥା ଆଗକୁ ବଢ଼ିଲା, ଦୁଇ ପରିବାର ଏବଂ ଝିଅ ଜ୍ୱାଇଁଙ୍କ ଭିତରେ ଦେଖାଚାହାଁ ମୁଦି ପିନ୍ଧା ସହିତ ନିର୍ବନ୍ଧ କାର୍ଯ୍ୟ ସରିଗଲା ।

ଦୁଇ ପରିବାର ବନ୍ଧୁ ବାନ୍ଧବଙ୍କ ଉପସ୍ଥିତିରେ ଗାଁ ଅବଧାନଙ୍କ ପରାମର୍ଶରେ ବାହା ତାରିଖ ଧାର୍ଯ୍ୟ କରାଗଲା ଏବଂ ଯୌତୁକ ଦେବା ନେବା କଥା ଯେତେବେଳେ ଦାମ ମହାରଣା ଉଠାଇଲେ, ପୁଅର ବାପା ହରିବାବୁ କହିଲେ ନା ନା ସେ ସବୁ ଯୌତୁକର ଆବଶ୍ୟକ ନାହିଁ । ଆମର କ'ଣ ଅଭାବ ଅଛି ଯେ ଯୌତୁକ ଦରକାର ! ନାଇଁ ସମୁଦୀ ମୋର କେବଳ ଆପଣଙ୍କ ଝିଅଟି ଦରକାର !

Source: Author, Digitized by PPRACHIN, SOA

ଚକ୍ରଧର ବାବୁ ସମୁଦୀ ହରିବାବୁଙ୍କର ହାତକୁ ମୁଠାଇ ପକାଇ ଥର ଥର କଣ୍ଠରେ କହିଲେ ସମୁଦୀ କେମିତି ଯେ ଆପଣଙ୍କ ଋଣ ସୁଝିବି । ମୁଁ ତ ଖୁବ୍ ଡରରେ ଥିଲି କାଳେ ଆପଣ ଡିମାଣ୍ଡ କରିବେ, ମୁଁ କ'ଣ ଦେଇ ପାରିବି !! କାରଣ ମୁଁ ଆପଣଙ୍କ ଘରେ ବସିବାର ଯୋଗ୍ୟତା ଆମର ନାହିଁ । ସମୁଦୀ ଆପଣ ତ ମହାନ୍ । ନା ସମୁଦୀ ମୁଁ କିଛି ମହାନ୍ ନୁହେଁ !! ମୋର ବଡ଼ ଭାଗ୍ୟ ଯେ ଆପଣଙ୍କ ଗୁଣବତୀ, ରୂପବତୀ ଝିଅକୁ ମୁଁ ବୋହୂ କରି ଘରକୁ ନେଉଛି । ଆଉ ମୋର କିଛି ଲୋଡ଼ା ନାହିଁ । ଚକ୍ରଧର ବାବୁ ଖୁସିରେ ଆତ୍ମହରା ହୋଇ ହରିହର ବାବୁଙ୍କୁ କୁଣ୍ଢେଇ ପକାଇଲେ ଓ କହିଲେ ସତରେ ସମୁଦୀ ମୋର ବଡ଼ ସୌଭାଗ୍ୟ ଓ ମୋ ଝିଅ ନମିତା ବଡ ସୌଭାଗ୍ୟବତୀ ଯେ, ଆପଣଙ୍କ ଘରକୁ ମୋ ଝିଅ ବୋହୂ ହୋଇଯାଉଛି ।

ବାହାଘର ଆଉ ମାତ୍ର କେଇଟା ଦିନ ରହିଲା ଦୁଇ ପରିବାର ବାହାଘର ଯୋଗାଡ଼ରେ ଲାଗି ପଡିଲେ । ଚକ୍ରଧର ବାବୁ ଦୁଇବର୍ଷ ପୂର୍ବରୁ ପତ୍ନୀକୁ ହରେଇ ସାରିଛନ୍ତି, ତେଣୁ ଏକାଏକା ଝିଅର ବାହାଘର କରିବା ଦାୟିତ୍ୱ ମୁଣ୍ଡ ଉପରେ ବୋଝପରି ଲଦି ହୋଇଯାଉଛି । ଭଉଣୀ ନିରୁ ନିର୍ବନ୍ଧକୁ ଆସିଥିଲା ତାକୁ ଅଟକାଇ ରଖିଛନ୍ତି ଝିଆରୀ ନମିତାର ବାହାଘର କାମରେ ସାହାଯ୍ୟ କରିବାପାଇଁ । ଭାଇ ଭଉଣୀ ଦୁହେଁ ଲାଗିପଡିଛନ୍ତି । ଲୁଗାପଟା, ଟ୍ରଙ୍କ ସଜ ଠାରୁ ଆରମ୍ଭ କରି ଯାବତୀୟ ଘରକରଣା ସରଞ୍ଜାମ ଓ ବାହାଘର ଉପକରଣ କିଣାକିଣିରେ । ବାହାଘର ନ ସରିବା ଯାଏ ଫୁରସତ କାହିଁ !! ସମୟ ପାଖେଇ ଆସିଲା, ଆଜି ମଙ୍ଗନ ବିବାହର ସବୁ ପୂର୍ବ ପ୍ରସ୍ତୁତି ସରିଗଲା । ବରଯାତ୍ରୀ ସହ ବାଜା ବାଣ ଫୁଟାଇ ରୋଷଣି କରି ବରଯାତ୍ରୀ ସହ ବର ପହଞ୍ଚିଲା କନିଆ ଘରେ । ଦାଣ୍ଡ ଉଛୁଳି ପଡୁଥାଏ । ବାଟ ବରଣୀ ହୋଇ 'ବର' ଘର ଭିତରକୁ ପଶିଲା । ସମୟା ଅନୁସାରେ ବିବାହ କାର୍ଯ୍ୟ ଆରମ୍ଭ ହେଲା । ପ୍ରଥମ ବରଣୀ ସରିଲା ଦ୍ୱିତୀୟ ବରଣୀ ପରେ ଝିଅ ବେଦୀକୁ ଆସିଲେ ହସ୍ତଗଣ୍ଠି ପଡିବ । ବର ବେଦୀରେ ବସିଥାଏ । ମନ୍ତ୍ରପାଠ ଚାଲିଥାଏ । କନ୍ୟାକୁ ବେଦୀକୁ ଆଣ ବୋଲି ବ୍ରାହ୍ମଣ କହିଲେ । ଉପସ୍ଥିତ ଥିବା ବାରିକ ଘର ଝିଅ କନ୍ୟାକୁ ଆଣିବାକୁ ଘର ଭିତରକୁ ଗଲା । ଦେଖିଲା ନମିତା ଯେଉଁଠି ବସିଥିଲା

Source: Author, Digitized by PPRACHIN, SOA

ସେଠିନାହିଁ । ଆଲୋ କନିଆ କୁଆଡେ ଗଲା ? ସେପଟେ କିଏ ବାହାଘର ଦେଖିବାରେ ବ୍ୟସ୍ତ ତ, କିଏ ଭୋଜି ଖାଇବାରେ ବ୍ୟସ୍ତ । କେହିବି ଜଣେ ସେ ଘରେ ଦେଖା ଯାଉନାହାଁନ୍ତି । ବାରିକ ଝିଅ ଭାବିଲା ବୋଧେ ପରିସ୍ରା କରିବାକୁ ଯାଇଥିବ । ଟିକେ ସମୟ ଅପେକ୍ଷା କଲା । ଝିଅକୁ ନ ପାଇଲାରୁ ଡାକ ଛାଡିଲା ସମସ୍ତେ ଜମା ହୋଇଗଲେ କନିଆ ଖୋଜା ଚାଲିଲା । ବାଡିପଟ, ଦାଣ୍ଡପଟ, ଘର ଭିତର, ବାହାର କେଉଁଠି ବି ତା'ର ଦେଖାନାହିଁ । ଆଶ୍ଚର୍ଯ୍ୟ କଥା, ବେଦୀରେ ବର ବସିଛି, ଏପଟେ କନିଆ କୁଆଡେ ଫେରାର । ପାଖ ପଡିଶା ସମସ୍ତଙ୍କ ଘରେ ଖୋଜା ଚାଲିଲା ହେଲେ କନିଆ ବେଶରେ ଥିବା ଝିଅକୁ ପାଇଲେ ନାହିଁ । ସାଙ୍ଗେ ସାଙ୍ଗେ ଚାରିଆଡ଼େ ହାଲ୍ଲା ହୋଇଗଲା । ଜଣେ ଦୂର ଗାଁର ଅପରିଚିତ ଲୋକ ସେହି ଗାଁ ରାସ୍ତାରେ ଯାଉଥିଲା । ଏ କଥାଟି ଲୋକଟିର କାନରେ ପଡିଲା ସେ ସାଇକେଲ ଅଟକାଇ କହିଲା, ମୁଁ ତ ଏବେ ଦେଖିକି ଆସିଲି ମଟର ସାଇକେଲ ପଛରେ ବସି କନିଆ ବେଶରେ ଝିଅଟିଏ ଯାଉଥିଲା । ଏକଥା ଶୁଣି ଗାଁର କିଛି ଯୁବକ ଗାଡ଼ି ମଟର ଛୁଟାଇ ଧାଇଁଲେ । ସେ ରାସ୍ତା ଆଡେ । ବାଟରେ ପଚାରି ପଚାରି ଯାଉଥାନ୍ତି, କିଏ କାଳେ ଦେଖିଥିବ କୁଆଡେ ଗଲା ବୋଲି । ଜଣେ ଲୋକ କହିଲା ହଁ ବୋହୂ ବେଶରେ ସଜ ହୋଇଥିବା ଝିଅଟି ଓ ପୁଅଟି ଏଇ ପାଖରେ ଦିଶୁଥିବା ଗାଁ ଜଗନ୍ନାଥ ମନ୍ଦିର ଭିତରକୁ ଗଲେ । ଏମାନେ ସେଠାରେ ପହଂଚି ଦେଖିଲେ ଦୁହେଁ ଦୁଇଟା ଫୁଲମାଳ ଧରି ପରସ୍ପର ବେକରେ ବଦଳ କରୁଛନ୍ତି । ସମସ୍ତେ ଦେଖି ଆଶ୍ଚର୍ଯ୍ୟ ଚକିତ ହେଲେ । ଗାଁ'ର ପିଲାଟିଏ ଯିଏ ନମିତାର ହିସାବରେ ବଡ଼ଭାଇ ହେବ ।

ସେମାନଙ୍କ ପାଖକୁ ଚାଲିଗଲା ନମିତାର ହାତକୁ ଧରି ରାଗ ତମତମ ହୋଇ କହିଲା ନମିତା ତୁ ଯେ କ'ଣ କଲୁ ? ଆମ ସମସ୍ତଙ୍କ ମୁହଁରେ କାଳି ବୋଳିଦେଲୁ । ଏ ପିଲା କିଏ ? ଯାକୁ ଯଦି ତୁ ଭଲ ପାଉଥିଲୁ, ତେବେ ଘରେ ଆଗରୁ ନକହି ଏମିତି କାମ କାହିଁକି କଲୁ । ବଡବାପା ଆଉ ଦାଣ୍ଡରେ ମୁହଁ ଦେଖାଇ ଚାଲି ପାରିବେ ତ ? ନମିତା ପାଟିରେ କିଛି ବି ଶବ୍ଦନାହିଁ । ସେ ପୁଅଟିର ସାଙ୍ଗ ଏମାନଙ୍କର ପ୍ରେମ କାହାଣୀ ବଖାଣି ବସିଲା । ଯେହେତୁ ପିଲାଦିନୁ ନମିତା

Source: Author, Digitized by PPRACHIN, SOA

ତା' ମାମୁଁଘରେ ରହି ପଢ଼ିଛି । ସେହି ଗାଁ'ର ତନ୍ତୀଘର ପୁଅ ନରେନ୍ଦ୍ର ସହ ଗୋଟିଏ କ୍ଲାସରେ ପାଠ ପଢ଼ୁଥିଲା, ଧୀରେ ଧୀରେ ଦୁହିଁଙ୍କ ଭିତରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା । କିନ୍ତୁ ସାହସ କରି ଘରେ କାହା ଆଗରେ ବା ବାପା ଚକ୍ରଧର ବାବୁଙ୍କୁ ଏ ବିଷୟରେ କହି ନଥିଲା । କାରଣ ନରେନ୍ଦ୍ର ସହିତ କେବେ ବି ଚକ୍ରଧର ବାବୁ ବାହାଘର କରିବାକୁ ରାଜି ହୋଇ ନ ଥାନ୍ତେ ବୋଲି ନମିତା ଭଲ ଭାବରେ ଜାଣିଥିଲା । କୁହାଯାଏ ପ୍ରେମ ତ ଅନ୍ଧ । ସେ ବନ୍ଧ ବାଡ଼, ବୟସ, ଜାତି ଗୋତ୍ର, ଧନୀ ଦରିଦ୍ର, କିଛି ମାନେନା ! କେବଳ ତା' ଶାଶ୍ୱତ ପ୍ରେମକୁ ହାସଲ କରିବାକୁ ବେଳେବେଳେ ଭୁଲ ନିଷ୍ପତ୍ତି ନେଇଯାଏ । ଯେମିତି ନମିତା କଲା । ସମସ୍ତେ ଛି ଛାକର କଲେ । ବର ବେଦୀରୁ ଫେରିଗଲା । ବାପା ଚକ୍ରଧର ବାବୁ ଏସବୁ ମୁଣ୍ଡ ଉଠାଇ ଦେଖିବା ପୂର୍ବରୁ ହଠାତ ବ୍ରେନ ଷ୍ଟ୍ରୋକରେ ସବୁଦିନପାଇଁ ଚିର ନିଦ୍ରାରେ ଶୋଇଗଲେ ଝିଅ ନମିତା ଯେତେ ମୁଣ୍ଡପିଟି କାନ୍ଦିଲା ବାପା ଆଉ କ'ଣ ତା'ର ଫେରି ଆସିବେ ? ନମିତା ବାପାଙ୍କ ଚିତାଗ୍ନିକୁ ଚାହିଁ ଅନୁତାପର ଗ୍ଲାନିରେ ଜଳୁଥିଲା ।

Source: Author, Digitized by PPRACHIN, SOA

ଆଧୁନିକତା

ପୁଅ ଅବିନାଶ ମାଟ୍ରିକ୍‌ରେ ପ୍ରଥମ ଶ୍ରେଣୀରେ ପାସ୍ କଲାପରେ ଭୁବନେଶ୍ୱରସ୍ଥିତ ଓଡ଼ିଶାର ବହୁ ପୁରାତନ ନାମୀଦାମୀ ସ୍ୱୟଂ ଶାସିତ ବିଜେବି କଲେଜରେ ନାମ ଲେଖାଇଲା ଏବଂ ହଷ୍ଟେଲରେ ରହି ପାଠ ପଢିଲା । ପିଲାଦିନୁ ବିଜେବି କଲେଜରେ ପାଠ ପଢିବା ଲକ୍ଷ୍ୟ ଓ ତା' ସ୍ୱପ୍ନସହ ତା' ବାପା ମା'ଙ୍କ ସ୍ୱପ୍ନ ମଧ୍ୟ ପୂରଣ ହେଲା । ବାପା ହରିହର ବାବୁ କଟକ ଜିଲ୍ଲାର ଏକ ଗାଁ ସ୍କୁଲରେ ଶିକ୍ଷକତା କରନ୍ତି, ସେହି ସ୍କୁଲରେ ଅବିନାଶ ପାଠ ପଢୁଥିଲା । ବାପାଙ୍କର ତତ୍ତ୍ୱାବଧାନରେ ଖୁବ୍ ଭଲ ପାଠପଢେ, ମେଧାବୀ ଛାତ୍ର, ଜିଲ୍ଲା ସ୍ତରୀୟ ବୃତ୍ତି ପାଇ ପାଠ ପଢୁଥିଲା । ଗୋଟିଏ ବୋଲି ପୁଅ । ସେଥିପାଇଁ ବାପା ମା' ଖୁବ୍ ଗର୍ବ ଅନୁଭବ କରନ୍ତି ।

ବାପାଙ୍କର ଯଦି ବା ସ୍ୱପ୍ନ ଥିଲା ପୁଅକୁ ଡାକ୍ତରୀ ପାଠ ପଢାଇବା ପାଇଁ, କିନ୍ତୁ ପୁଅ ପ୍ଲସଟୁ ପରେ ଇଞ୍ଜିନିୟରିଂ ପଢିବା ପାଇଁ ମନସ୍ଥ କଲା । ଏହା ପଛର କାରଣ ଥିଲା ସହପାଠିନୀ ସୀମା । ବିଜେବି କଲେଜରେ ଏକା ବିଷୟ ନେଇ ପାଠ ପଢୁଥିଲେ ଦୁହେଁ । ଏମିତି ନୋଟ୍‌ସ ବୁକ ଦିଆନିଆ କଥାବାର୍ତ୍ତା ଭିତରେ ପରସ୍ପର ଭିତରେ ଏମିତି ବନ୍ଧୁତ୍ୱ ସୃଷ୍ଟି ହେଲା ଯେ କେହି କାହାକୁ ଘଡ଼ିଏ ନ ଦେଖି ରହିପାରୁ ନ ଥିଲେ । ଯେହେତୁ ସୀମା ନିର୍ଦ୍ଧାରଣ କରିଥିଲା ଇଞ୍ଜିନିୟରିଂ ପଢିବା ପାଇଁ , ଦୁହେଁ ବୁଝାମଣାରେ ସ୍ଥିରକଲେ କିଟ୍ କଲେଜରେ ଇଞ୍ଜିନିୟରିଂ ପଢିବା ପାଇଁ । ସୀମାର ବାପା ଅର୍ଥ ବିଭାଗରେ ଜଣେ ଉଚ୍ଚପଦସ୍ଥ ଅଧିକାରୀ । ଭୁବନେଶ୍ୱରରେ ଘରଦ୍ୱାର କୋଠାବାଡି

Source: Author, Digitized by PPRACHIN, SOA

ଗାଡ଼ିଘୋଡ଼ାର ଅଭାବ ନାହିଁ । ତେଣୁ ସୀମାକୁ କିଟ୍ ବିଶ୍ୱ ବିଦ୍ୟାଳୟରେ ପାଠ ପଢ଼ିବାରେ କୌଣସି ବି ଅସୁବିଧା ନଥିଲା । ଅବିନାଶ କ'ଣ ବା କରିବ ! ଯେହେତୁ ସୀମାକୁ ଖୁବ୍ ଭଲପାଏ ସେ । ତା' କଥାକୁ କାଟି ନପାରି ସେ ବି କିଟ୍ କଲେଜରେ ଷ୍ଟଡି ଲୋନ୍ କରି ଆଡ୍‌ମିସନ ନେଲା । ଯାହାବି ହେଉ, ଦୁହେଁ ଏକାଠି ପାଠ ପଢିଲେ । ଦେଖୁଦେଖୁ ଚାରିବର୍ଷ ବିତିଗଲା ।

ଯୋଗକୁ ଦୁହେଁ ଏକା ସେକ୍ଟରରେ ଇମ୍ଫୋସିସିରେ ଭଲ ଦରମାରେ ଚାକିରି ପାଇଗଲେ । ଅବିନାଶ ମଝିରେ ମଝିରେ ଗାଁ କୁ ଯାଏ । ବାପା ମା'ଙ୍କ ପାଖକୁ । ବାପା ମାଆ ଚାହିଁ ବସିଥାନ୍ତି ପୁଅର ଆସିବା ବାଟକୁ । ବାପା ମା'ଙ୍କ ପାଖରେ ଆଉ କେହି ନାହାନ୍ତି, ଗୋଟିଏ ବୋଲି ପୁଅ । ବିବାହର ବାରବର୍ଷ ପରେ କେତେ ପୂଜାବ୍ରତ କରି ଅବିନାଶ ଜନ୍ମ ହୋଇଥିଲା । ତେଣୁ ବାପା ମା'ଙ୍କର ଭାରି ଗେହ୍ଲା । ପୁଅ ଅବିନାଶ ବି ବାପା ମା'ଙ୍କୁ ଖୁବ୍ ଭକ୍ତିକରେ, ସମ୍ମାନ କରେ, ଖୁବ୍ ସଂସ୍କାରୀ ପିଲା । ନିହାତି ମାସେ ଦୁଇ ମାସରେ ଗାଁ କୁ ଆସେ ବୁଲି । ବାପା ମା'ଙ୍କ ଖବର ବୁଝେ । ଔଷଧ ଠାରୁ ଆରମ୍ଭ କରି ଭଲମନ୍ଦ ଖାଇବା ଜିନିଷ ଫଳମୂଳ ସବୁ ଧରିକି ଆସେ । ବାପା ମାଆଙ୍କ ଗୋଡ଼ ଘସା ଠାରୁ ତେଲ ମାଲିସ ଯାଏ ସବୁ କରେ ।

ଦିନେ ମାଆ କଲ୍ୟାଣୀ ଦେବୀ ପୁଅକୁ କହିଲେ ବାପାରେ ଆମର ବୟସ ବଢ଼ିଲାଣି ଦେହମୁଣ୍ଡ ଆଉ ଭଲ ରହୁନି । ତୁ କେତେଦିନ ଆଉ ଆମ ସେବା କରିବୁ । ଗୋଟେ ଭଲ ଝିଅ ଦେଖି ତୋର ବାହାଘର କରିଦେଲେ ଆମର ଚିନ୍ତା ଯାଆନ୍ତା । ତୁ ଭୁବନେଶ୍ୱରରେ ଏକା, ଏକା ଆଉ କେତେଦିନ ବା ରହିବୁ । ପୁଅ ଅବିନାଶ ମୁରୁକି ହସଟିଏ ଦେଇ କହିଲା, ବୋଉ ଏବେଠୁ କ'ଣ ବାହାଘର ଯେ ? ଯାଉ ଆଉ ବର୍ଷେ, ଦୁଇବର୍ଷ । ଅବିନାଶ ସିନା ବୋଉକୁ ବୁଝାଇ ଦେଲା, ହେଲେ ଏପଟେ ସୀମାଘରେ ବାହାଘର କରିବାକୁ ତା' ବାପା ବିକାଶ ବାବୁ ମାଆ ବିନିତା ବ୍ୟସ୍ତ ହେଲେଣି, କେଉଁଠି ଭଲ ଜ୍ୱାଇଁଟିଏ ମିଳିଗଲେ ଝିଅର ବାହାଘର କରିଦେବେ । ନିଜର ସାଙ୍ଗସାଥୀ ଚିହ୍ନା ପରିଚୟ ମାଧ୍ୟମରେ ପ୍ରସ୍ତାବ ଖୋଜୁଥାନ୍ତି । ସୀମା କାନରେ ଏକଥା ପଡିଲା ପରେ ସୀମା ବହୁତ ଚିନ୍ତାରେ ପଡ଼ିଗଲା । କ'ଣ କରିବ କେମିତି କହିବ ତା' ବାପା ମାଆଙ୍କୁ ସେ ଯେ ଅବିନାଶକୁ ଖୁବ୍ ଭଲପାଏ ବୋଲି । ସୀମା ଅବିନାଶ ସିନା ଏତେ

Source: Author, Digitized by PPRACHIN, SOA

ଭଲ ସାଙ୍ଗ । ପରସ୍ପରକୁ ଖୁବ୍ ଭଲ ପାଆନ୍ତି କିନ୍ତୁ ସେ ଭଲ ପାଇବାରେ ପ୍ରେମ ପରି ପବିତ୍ର ଶବ୍ଦଟି କେତେବେଳେ ତାଙ୍କ ହୃଦୟ ଭିତରେ ଜାଗା ତୋଳିଛି ସେ କଥା କେହି କାହାକୁ କେବେ ମୁହଁ ଖୋଲି କହି ନାହାନ୍ତି ଯେ' ଦୁହେଁ ଦୁହିଁଙ୍କୁ ଜୀବନସାଥୀ ଭାବରେ ପାଇବାକୁ ଚାହୁଁଛନ୍ତି । ପ୍ରତ୍ୟେକ ଦିନ ଅଫିସରେ ଦେଖା ସାକ୍ଷାତ କଥାବାର୍ତ୍ତା । କୌଣସି କାରଣରୁ ଯଦି ତାଙ୍କ ଭିତରୁ ଜଣେ କିଏ ଛୁଟିରେ ରୁହେ ଟିକେ ଫୁରସତ ମିଳିଲେ ଫୋନରେ ଘଣ୍ଟା ଘଣ୍ଟା କଥାବାର୍ତ୍ତା ହୋଇ ସମୟ କାଟନ୍ତି । କ୍ଷୀର ନୀର ପରି ଦୁହିଁଙ୍କର ସମ୍ପର୍କ । କେହି କାହାବିନା ବଞ୍ଚିବା ଯେମିତି ଅସମ୍ଭବ ।

ତଥାପି ଆଜିକାଲି ପ୍ରେମିକ ପ୍ରେମିକା ପରି କେହି କାହାକୁ କେବେବି କହି ନାହାନ୍ତି 'ଆଇ ଲଭ ୟୁ' ବୋଲି । ଆଜି ସୀମା ମନ ଭଲନାହିଁ । ତା'ଘରେ ବାହାଘର ପ୍ରସ୍ତାବକୁ ନେଇ ସେ ବଡ଼ ଚିନ୍ତିତ । ତେଣୁ ଅଫିସ ଟାଇମ ପୂର୍ବରୁ ଆଗୁଆ ପହଂଚି ଯାଇଛି ଅଫିସରେ, ଚୁପ ଚାପ ବସିଥାଏ । କାମରେ ତା'ର ମନ ଲାଗୁ ନ ଥାଏ । ଅବିନାଶ ଆସି ଦେଖେ ତ ସୀମା ତା' ପୂର୍ବରୁ କେମିତି ଆଜି ଏତେ ଜଲଦି ଅଫିସ ଆସିଯାଇଛି ଟିକେ ଦୂରରେ ନିଜ ସିଟ୍‌ରେ ବସି ଲକ୍ଷ୍ୟ କରୁଥାଏ ଏବଂ ଭାବୁଥାଏ ସୀମାର କ'ଣ ହୋଇଛି ସେ କାହିଁ ଅନ୍ୟମନସ୍କ ଜଣା ପଡୁଛି । ଅଫିସ ଛୁଟି ହେଲାପରେ ଦୁହେଁ ବାହାରକୁ ଆସିଲେ, ଅବିନାଶ ପଚାରିଲା ସୀମା ତୁମର କ'ଣ ହୋଇଛି, କାହିଁ ଆଜି ଏତେ ଅନ୍ୟମନସ୍କ ଲାଗୁଛ ? ନା ଅବିନାଶ କିଛିନାହିଁ ।

କୁହନା ସୀମା କ'ଣ ହୋଇଛି ? ତୁମ ସାଙ୍ଗ ଆଗରେ ଯଦି ନ କହିବ ତୁମ ସମସ୍ୟା କେମିତି ଦୂରହେବ ? ମୋ ରାଣ ସୀମା କୁହ ! କ'ଣ ହୋଇଛି ? ସୀମା କହିବା ଆରମ୍ଭ କଲା, କାଲି ରାତିରେ ବାପାଙ୍କର ଜଣେ ସାଙ୍ଗ ମୋ ପାଇଁ ବାହାଘର ପ୍ରସ୍ତାବ ଦେଇଛନ୍ତି । ସେମାନେ ବହୁତ ବଡ଼ ଧନୀ ଘର । ପିଲାଟି ବାଙ୍ଗାଲୋରରେ ଏକ ମଲ୍ଟିନେସନାଲ କମ୍ପାନୀରେ ଚାକିରୀ କରୁଛି । ସେଇ ପିଲା ସହ ବାହାଘର କରିବାପାଇଁ ବାବା ମା' ରାଜି ଅଛନ୍ତି । ସେମାନେ ଆସନ୍ତା ରବିବାର ଆମ ଘରକୁ ଦେଖିବାକୁ ଆସିବେ ବୋଲି ବାବା ମା' କଥା ହେଉଥିଲେ । ଅବିନାଶକୁ ଏକଦମ ଝଟକା ଲାଗିଲା ଏ ସବୁ କଥା ଶୁଣି, ନିଜକୁ ସମ୍ଭାଳି ନେଲା । ନିଜର ଦୁର୍ବଳତାକୁ ପ୍ରକାଶ ନ କରି ହଠାତ କହି ଉଠିଲା ଆଚ୍ଛା ତେବେ ବହୁତ ବଢିଆ ପ୍ରସ୍ତାବ । ଅସୁବିଧା

Source: Author, Digitized by PPRACHIN, SOA

କଣ ? ସୀମା ଅବିନାଶ ଠାରୁ ଏକଥା ଶୁଣି ଅବାକ୍ । ଆଶ୍ଚର୍ଯ୍ୟ ଚକିତ ହେଲା କାରଣ ଏପରି ଉତ୍ତର ଅବିନାଶ ଠାରୁ ସୀମା ଆଶା କରି ନ ଥିଲା । କେବଳ ଅବିନାଶ ମୁହଁକୁ ଟିକେ ନିରେଖି ଚାହିଁଲା ଏବଂ ତାହା ଯେ ଅବିନାଶର ଅନ୍ତରର ଭାଷା ନୁହେଁ ଏକଥା ବୁଝିବାକୁ ତାକୁ ବାକି ନ ଥିଲା । ତଥାପି ମନେ ମନେ ଅବିନାଶ ଉପରେ ଅଭିମାନ କରି ଘରକୁ ଚାଲିଗଲା । ତା' ମନର ପ୍ରଶ୍ନ ତାକୁ ଆନ୍ଦୋଳିତ କଲା । ସତରେ କ'ଣ ଅବିନାଶ ମୋତେ ଭଲପାଏ ନାହିଁ, ମୋତେ ଜୀବନ ସାଥୀ ଭାବରେ ପାଇବାକୁ ଚାହେଁ ନାହିଁ !! ବାଟସାରା ଏମିତି ଭାବି ଭାବି ଘରକୁ ଫେରିଲା ।

ଅଫିସରୁ ଫେରି ସବୁଦିନ ତା' ମାମା ହାତର ଚା' ଜଳଖିଆ ନଖାଇ ନିଜ ରୁମ ଭିତରେ ଗୁମ ସୁମ ବସି ରହିଲା ଓ ମୋବାଇଲରୁ ଅବିନାଶର ଫୋଟୋ ସବୁ କାଢି ଦେଖିବାକୁ ଲାଗିଲା । ଏହି ସମୟରେ ରମାଦେବୀରେ +୨ ପଢୁଥିବା ସାନ ଭଉଣୀ ରିମା ହଠାତ ରୁମ ଭିତରକୁ ଆସି ଦେଖେ ତ ସୀମା ଅବିନାଶର ଫୋଟୋ ଦେଖୁଛି । ପଚାରିଲା ଇୟେ କିଏ କି ଅପା ?

ସେ ଅବିନାଶ, ମୋ ଅଫିସମେଟ୍ ।

ଆଛା ! ଅବିନାଶ ଭାଇ ତ ଦେଖିବାକୁ ବହୁତ ହ୍ୟାଣ୍ଡସମ ଅପା । ଏ କ'ଣ ମୋର ଭାବି ଭିଣୋଇ ଭାଇ କି !

ରିମା ଠାରୁ ଏକଥା ଶୁଣି ମନେ ମନେ ଖୁସି ହୋଇଗଲା ସୀମା, ସ୍ମିତହାସ୍ୟ ବଦନରେ କହିଲା ଯାଉଛୁ ନା ଏଠୁ ନ ହେଲେ ମାଡ ଖାଇବୁ । ରିମା ଘର ଭିତରୁ ଦୌଡ଼ି ପଳାଇଲା, ସେପଟେ ଦେଖିଲା ଡ୍ରଇଂ ରୁମରେ ବାପା ମନୋଜ ବାବୁ ମା' ବିନିତା ଦୁହେଁ ବସି କଥାବାର୍ତ୍ତା ହେଉଛନ୍ତି ରବିବାର ଦିନ ସୀମାକୁ ତା ବରଘରବାଲା ଦେଖିବାକୁ ଆସିବେ ତାଙ୍କ ପାଇଁ କ'ଣ ସବୁ ଖାଇବାର ବ୍ୟବସ୍ଥା କରାଯିବ । ରିମା ଏକଥା ଶୁଣି ତା' ମା'ଙ୍କୁ ପାଖକୁ ଡାକି ପଚାରିଲା ଅପାକୁ ଦେଖିବାକୁ ଆସିବା କଥା ଅପା ଜାଣିଚି କି ନାହିଁ ମାମା ? ଏ ବିଷୟରେ ତା' ସହ କଥା ହୋଇଛ କି ନାହିଁ ! ସେ ସେଠି ବାହା ହେବାକୁ ରାଜି ଅଛି କି ନାହିଁ । ମାମା ତୁମେ ଅପାକୁ ତ ଥରେ ପଚାର ? ମା ବିନୀତା କହିଲେ କାହିଁ ! ଅପା ତୋତେ ଏ ବିଷୟରେ କିଛି କହୁଥିଲା

Source: Author, Digitized by PPRACHIN, SOA

କି ? ନା ଯେ... କିନ୍ତୁ ଅପା ସହିତ ଚାକିରି କରିଥିବା ଅବିନାଶ ବୋଲି ଏକ ପିଲା ତାକୁ ତୁମେ ଜାଣିଛ କି ନାହିଁ, ମାମା ? ଅପା ତା' ରୁମରେ ବସି ସେହି ପିଲାର ଫୋଟୋ ଦେଖୁଥିଲା । ମୁଁ ଭାବୁଛି ଅପା ବୋଧେ ସେ ପୁଅଟିକୁ ଭଲପାଉଛି । ବିନିତା ରିମାର କଥା ଶୁଣି କହିଲେ, ହେ' ଚଗଲିଟା ଯା' ସେଆଡେ ! ଆରେ ସେ ପରା ତା' ପିଲାଦିନର ସାଙ୍ଗ, ବ୍ରାହ୍ମଣ ଘର ପିଲା । ସେଠି କ'ଣ ବାହାଘର ହେବ... ? ରିମା ତା' ମାମା ଠାରୁ ଏକଥା ଶୁଣି ଲାଜରେ ସେ ଜାଗା ଛାଡି ପଳେଇଲା ସିନା ! ରିମା ତ ଆଉ ଛୋଟ ପିଲା ନୁହେଁ ନା... । ଠିକ ତା' ଅପାର ହାବଭାବରୁ ଜାଣି ସାରିଥିଲା ଯେ' ସେ ଅବିନାଶକୁ ହିଁ ଭଲ ପାଉଛି ।

ସେଦିନ ଅଫିସରୁ ଫେରି ଚା' ଜଳଖିଆ ଖାଇବା ପାଇଁ ସୀମା ତଳକୁ ନ ଯାଇ ଥିବାରୁ ମା' ବିନିତା ଖୋଜି ଖୋଜି ଉପରକୁ ଆସିଲେ । ଦେଖିଲେ ସୀମା ମନ ଦୁଃଖରେ ବସିଛି । ପଚାରିଲେ ସୀମା ତୋର କ'ଣ ହୋଇଛି ? ମନ ଦୁଃଖ କାହିଁ କରିଛୁ ?

ସୀମା କିଛି ଉତ୍ତର ଦେବା ପୂର୍ବରୁ, ମା' କହିଲେ ରିମା କ'ଣ ମୋତେ ଏମିତି କଥା କହୁଛି, ତୁ ତୋ ସାଙ୍ଗ ଅବିନାଶକୁ ଭଲ ପାଉଛୁ ? ହଠାତ ଏପରି କଥା ମା'ଙ୍କ ଠାରୁ ଶୁଣି ସୀମା ଚମକି ପଡିଲା । କ'ଣ ଉତ୍ତର ଦେବ କିଛି ଭାବି ପାରିଲାନି । କିନ୍ତୁ ମନେ ମନେ ଖୁସି ହେଲା ଯାହାହେଉ ମାଆ ଅନ୍ତତଃ ଜାଣିପାରିଲେ ମୁଁ ଅବିନାଶକୁ ଭଲ ପାଉଛି ବୋଲି ।

ସୀମା ଠାରୁ କିଛି ଉତ୍ତର ନ ପାଇ ବିନିତା କହିଲେ ଆରେ ସେ ପରା ବ୍ରାହ୍ମଣ ଘର ପିଲା, ଆଉ ତାଙ୍କ ଘର ପରା କେଉଁ ଏକ ଗାଁରେ !! ସୀମା ଆଉ ସମ୍ଭାଳି ପାରିଲାନି, ସଂଗେ ସଂଗେ ଉତ୍ତର ଦେଲା ମାମା, ତାଙ୍କ ଘର ଗାଁରେ ହେଲା ତ କ'ଣ ହେଲା ? ଗାଁ ଲୋକ କ'ଣ ମଣିଷ ନୁହନ୍ତି ? ନା' ରେ ଝିଅ ସେକଥା କହୁନି, ତୁ କ'ଣ ସେ ଗାଁ ଜାଗାରେ ଯାଇ ଚଳି ପାରିବୁ । ହଁ ଚଳି କାହିଁ ପାରିବିନି ! ଆଜିକାଲି ଗାଁ ତ ସହର ଠାରୁ ଅଧିକ ହେଲାଣି । ସେମାନେ ଚଳୁଛନ୍ତି ମୁଁ କାହିଁ ଚଳି ପାରିବିନି, ଓଲଟା ପ୍ରଶ୍ନ ଶୁଣି ଝିଅ ଠାରୁ ମାଆ ବିନିତା ଚୁପ ହୋଇ ଗଲେ । ଝିଅ ସୀମା କହିଲା କିଛିଦିନର ତ କଥା । ମୁଁ କ'ଣ ସବୁଦିନ ଗାଁ ରେ ରହିବି କି ! ମୁଁ ଚାକିରୀ କରିଛି

Source: Author, Digitized by PPRACHIN, SOA

ଯେ ହେତୁ ବାହାଘରର କିଛିଦିନ ପରେ ଭୁବନେଶ୍ୱରରେ ଆସି ରହିବି । ସେଥିପାଇଁ ତୁମେ ଚିନ୍ତା କରନା ମାମା । ଏହା ଶୁଣି ମା ବିନିତା କହିଲେ, ଠିକ ଯେ, ହେଲେ ସେ କ'ଣ ଆମ ଖଣ୍ଡାୟତ ଘରେ ବାହାଘର କରିବେ ? ହଁ ମାମା ସେକଥା ତ ପରର କଥା । ହେଲେ ତୁମର ଆଉ ବାବାଙ୍କର ଇଛା କ'ଣ କୁହ । ହଉ ସୀମା ମୁଁ ବାବାଙ୍କ ସହିତ ଏ ବିଷୟରେ କଥା ହୁଏ ।

ସ୍ୱାମୀ ସବୁ କଥା ସ୍ତ୍ରୀ ଙ୍କ ଠାରୁ ଶୁଣି କହିଲେ ହଉ ତେବେ ଝିଅ ଯଦି ଆମର ଇଛା କରୁଛି ସେଠି ବାହା ହେବା ପାଇଁ, ତେବେ ଆମର କୌଣସି ଆପତ୍ତି କରିବାର ପ୍ରଶ୍ନ ଉଠୁନି । ଝିଅ ଆମର ଇଞ୍ଜିନିୟର, ବଡ଼ ହେଲାଣି ବେଶ୍ ସମଝଦାର । ତେଣୁ ତା' ଖୁସିରେ ଆମେ ଖୁସି । ତାହା ବିଚାରରେ ସେ ଯାହା ନିଷ୍ପତ୍ତି ନେଇଛି ତାହା ଆମକୁ ଗ୍ରହଣ କରିବାକୁ ପଡିବ ବିନିତା । ପିଲାମାନେ ଏକ ସଠିକ ବୟସରେ ଉପନୀତ ହେଲାପରେ ତାଙ୍କ ନିଷ୍ପତ୍ତି ଯଥାର୍ଥ ବୋଲି ଆମକୁ ଭାବିବାକୁ ପଡିବ । କାରଣ ତାଙ୍କ ଭବିଷ୍ୟତ ଗଢିବାର ଦାୟିତ୍ୱକୁ ତାଙ୍କ ଉପରେ ଛାଡି ଦେବା ଉଚିତ । ତାଙ୍କ ଉପରେ ଆମର ଜବରଦସ୍ତି ଚାପ ପ୍ରୟୋଗ କରିବା ଠିକ କଥା ନୁହେଁ । ଆମ ଝିଅ ତ କିଛି ଭୁଲ ବାଟରେ ଯାଇନି କି କିଛି ଭୁଲ କାମ କରିନି, କେବଳ ତା' ପସନ୍ଦର ପିଲାଟିକୁ ଭଲ ପାଉଛି, ବିବାହ କରିବାକୁ ଚାହୁଁଛି, ଏଥିରେ ଭୁଲ କେଉଁଠି ରହିଲା ! କେବଳ ବର୍ତ୍ତମାନ କଥା ହେଲା ସେମାନେ ଯେହତୁ ବ୍ରାହ୍ମଣ, ଆମ ଘରେ କରିବେ କି ନା ଏହା ଚିନ୍ତାର ବିଷୟ । ତେଣୁ ସୀମା ନିଜେ ଅବିନାଶ ସହିତ ଏ ବିଷୟରେ କଥା ହେଉ, ସେ କ'ଣ କହୁଛି । ତାଙ୍କ ବାପା ମାଆ ଏହି ବିଷୟରେ ଜାଣିଛନ୍ତି କି ନାହିଁ, ରାଜି ହେବେ କି ନାହିଁ !!

ସବୁଦିନ ପରି ସୀମା ବାହାରି ପଡ଼ିଲା ଅଫିସ । ଆଖିରେ ଯେମିତି ସେ ଆଖୁଏ ସ୍ୱପ୍ନ ନେଇକି ଯାଇଛି ସେଦିନ । ଆଜି ଆଉ ମନ ଦୁଃଖରେ ନୁହେଁ, ମନରେ ତା'ର ଅଫୁରନ୍ତ ଖୁସି, ଉତ୍ସାହ ଉଦ୍ଦୀପନା ଭରି ରହିଛି, ଯେମିତି ଏକ ପରୀକ୍ଷାରୁ ସେ ସଫଳତାର ସହ ଉର୍ତ୍ତୀର୍ଣ୍ଣ ହୋଇଯାଇଛି । ଅଫିସରେ ଅବିନାଶକୁ ଦେଖି ମୁରୁକି ହସାଟିଏ ଦେଇ ତା' ଖୁସିକୁ ବ୍ୟକ୍ତ କରିଛି । ଅବିନାଶ ବି ବୁଝିନେଲା ତା' ଚାହାଣିର ଭାଷାକୁ । ଲଞ୍ଚ୍ ବ୍ରେକ୍‌ରେ ସୀମାର ଖୁସିର ରହସ୍ୟ ଜାଣିବାକୁ ଚେଷ୍ଟା କଲା ଅବିନାଶ ।

Source: Author, Digitized by PPRACHIN, SOA

ସୀମାକୁ ପଚାରିଲା, ସୀମା ଗୋଟେ କଥା ପଚାରିବି, ହଁ ପଚାର ! କାଲି ତୁମେ ଏତେ ମନ ଦୁଃଖରେ ଥିଲ, କିନ୍ତୁ ଆଜି ତ ବହୁତ ଖୁସି ଜଣାପଡୁଛ, କଥା କ'ଣ ? ହଁ ଖୁସିର ରହସ୍ୟଟା ଅବିନାଶ ତୁମେ କୁହ ନା..!! ଆରେ ସୀମା ତୁମ ଖୁସି ବିଷୟରେ ମୁଁ କେମିତି କହିବି । ସୀମା କହିଲା ତେବେ ମୁଁ କହିବି ତ ? ହଁ କୁହ ! ମୋ ଖୁସିର କାରଣଟା ତୁମେ ଅବିନାଶ । ଆଛା ! ମୁଁ ! ସୀମା କହିଲା ହଁ ହଁ ବାବା ତୁମେ !! ଆଜି ମୁଁ ବାବା ମାଆଙ୍କୁ ଆମ ବାହାଘର ବିଷୟରେ ଜଣାଇ ଦେଲି,ସେମାନେ ରାଜି ଅଛନ୍ତି ! ସେଥିପାଇଁ ମୁଁ ବହୁତ ଖୁସି । ଅବିନାଶ ସୀମା ଠାରୁ ଏକଥା ଶୁଣିବା ପରେ ନିଜେ ଖୁସି ପରିବର୍ତ୍ତେ ଟିକେ ଗମ୍ଭୀର ହୋଇଗଲା । ସୀମା ପଚାରିଲା, ଅବିନାଶ କ'ଣ ହେଲା ? ତୁମେ କ'ଣ ଚାହଁନି ଆମ ଦୁଇଜଣଙ୍କର ବାହାଘର ହେଉ ବୋଲି । ଅବିନାଶ କ'ଣ କହିବ କିଛି ବୁଝି ପାରିଲାନି । କାରଣ ସେ ତା'ବାପା ମାଆଙ୍କୁ ସୀମା ବିଷୟରେ କେବେ ବି କିଛି କହିନି ।

ଏବେ କିଛିଦିନ ପୂର୍ବରୁ ଯାଇଥିଲା ଗାଁ କୁ । ମାଆ ବାହାଘର କଥା କହିଲାରୁ ଆଉ ଦୁଇବର୍ଷ ଯାଉ ବୋଲି କହି କି ଆସିଥିଲା । ଏହା ସହିତ ବାପା ମାଆଙ୍କୁ କେମିତି କହିବ ସେ ସୀମାକୁ ବିବାହ କରିବାକୁ ଚାହୁଁଛି । ଯେହେତୁ ଜାତିଭେଦର ଏକ ପ୍ରତିବନ୍ଧକ ଆମ ସମାଜରେ ରହିଛି । ବିଶେଷ କରି ଗାଁ ଗହଳିରେ ବେଶି ଏହାର ବିରୋଧାଚରଣ ହେଉଛି, ତଥାପି ତାହା ଏବେ ଧିରେ ଧିରେ ଦୂରୀଭୂତ ହେଲାଣି । ଅଲଗା ଅଲଗା ଜାତିରେ ବିବାହକୁ କେହି ଆଉ ସେହିପରି ଭାବରେ ବିରୋଧ କରୁ ନାହାନ୍ତି । ଶିକ୍ଷିତ ସମାଜରେ ଏହାକୁ ସମସ୍ତେ ଗ୍ରହଣ କରି ନେଲେଣି । କରିବା ମଧ୍ୟ ଉଚିତ । ଏହି ଜାତିଭେଦର ପ୍ରଥା ଏହି ମଣିଷ ହିଁ ତିଆରି କରିଛି । ବାପା ମା'ଙ୍କୁ ଏପରି କହି ମୋତେ ବୁଝାଇବାକୁ ପଡିବ ବୋଲି ଅବିନାଶ ମନେ ମନେ ଭାବୁଥିଲା ଏବଂ ସୀମାକୁ ପ୍ରତିଶ୍ରୁତି ଦେଲା, ସୀମା ଠିକ ଅଛି, ମୁଁ ବାପା ବୋଉଙ୍କ ସହ ଏ ବିଷୟରେ ଆଲୋଚନାକରେ । ତା'ପରେ ଆମେ ଯାହା ନିଷ୍ପତ୍ତି ନେବା । ତୁମେ ବ୍ୟସ୍ତ ହୁଅନି । ତୁମେ କ'ଣ ଭାବୁଛ ମୁଁ ତୁମକୁ ବିବାହ କରିବାକୁ ଚାହୁଁନି ? ତୁମ ଛଡା ଆଉ କାହାକୁ ବିବାହ କରିବା କଥା ମୁଁ ସ୍ୱପ୍ନରେ ସୁଦ୍ଧା ଭାବି ପାରିବିନି । ସେଦିନ ମଜାକ୍‌ରେ ତୁମକୁ କହିଥିଲି । କାରଣ ତୁମ ବାବା ମାମା ଯେହେତୁ ଅଲଗା ଜାଗାରେ ପ୍ରସ୍ତାବ ଦେଖୁଥିଲେ,

Source: Author, Digitized by PPRACHIN, SOA

ଡିସିସନ୍ ତୁମ ଉପରେ ଛାଡି ଦେଇଥିଲି । ତୁମକୁ ସେମାନେ ଖରାପ ଭାବନ୍ତୁ ଏକଥା ମୁଁ ସହଜରେ ଗ୍ରହଣ କରିପାରି ନଥାନ୍ତି । ଛାଡ଼ ଏସବୁ ସୀମା । ବର୍ତ୍ତମାନ ମୋ' ବାପା ବୋଉଙ୍କ ଉପରେ ନିର୍ଭର କରେ ଆମ ବୈବାହିକ ଜୀବନର ଭବିଷ୍ୟତ । ଏଇ ରବିବାର ମୁଁ ଗାଁ'କୁ ଯିବି, ବାପା ବୋଉଙ୍କୁ ନିଶ୍ଚିତ ଭାବରେ ବୁଝାଇକି ରାଜି କରେଇବା ପାଇଁ ଚେଷ୍ଟା କରିବି । ସୀମା ତୁମେ ଚିନ୍ତା କରନି ।

ରବିବାର ଦିନ ଅବିନାଶ ଯାଇ ଘରେ ପହଁଚିଲା । ବାପା ମାଆ ହଠାତ ଅବିନାଶକୁ ଦେଖି ଆଶ୍ଚର୍ଯ୍ୟ ହେଲେ, ମାଆ ପଚାରିଲେ ଆରେ ଅବିନାଶ ତୁ ଏଥର ଏତେ ଜଲଦି ଗାଁ କୁ ଆସିଲୁ ଯେ ! ଅବିନାଶ କହିଲା ବୋଉ ଆଗ ମୋତେ ତୁମେ ଖାଇବାକୁ ଦିଅ, ଭୋକ ଲାଗିଲାଣି । ତା'ପରେ ଆସିବାର କାରଣ କହିବି । କଲ୍ୟାଣୀ ଦେବୀ କହିଲେ ହଉ ତୁ ମୁହଁ ହାତ ଧୋଇକି ଆସେ ମୁଁ ବଢ଼ାବଢି କରୁଛି ସମସ୍ତେ ମିଶିକି ଖାଇବା । ବାପା ମାଙ୍କ ସହିତ ଅବିନାଶ ଏକାଠି ମିଶି ଖାଇ ବସିଲା । ସେହି ଖାଇବା ସମୟରେ ବାପା ହରିହର ବାବୁ ପଚାରିଲେ ଅବିନାଶ କ'ଣ କହିବୁ ପରା କହୁଥିଲୁ ? କହ ! ହଁ ବାପା ଆରଥର ଯେତେବେଳେ ଆସିଥିଲି ବୋଉ ଭାରି ବ୍ୟସ୍ତ ହେଉଥିଲା ମୋ ବାହାଘର କରିବା ପାଇଁ । ତେଣୁ କଥା କ'ଣ କି' ବାପା ଗୋଟିଏ ଭଲ ଝିଅଟେ ମୋସହ ଚାକିରି କରୁଛି, ଭୁବନେଶ୍ୱରରେ ସେମାନଙ୍କର ଘରଅଛି, ଦୁଇ ଝିଅ ବାପା ମା' ରହୁଛନ୍ତି । ତାଙ୍କ ବଡ଼ ଝିଅ ସୀମାକୁ ମୁଁ ପସନ୍ଦ କରୁଛି, ସେମାନେ ଏବର୍ଷ ବାହାଘର କରିବାପାଇଁ ଚାହୁଁଛନ୍ତି । ହରିହର ବାବୁ କଲ୍ୟାଣୀ ଦେବୀ ଏକ ସ୍ୱରରେ କହି ଉଠିଲେ ଖୁବ୍ ଭଲକଥା । ତୋର ଯଦି ଝିଅଟି ପସନ୍ଦ ତେବେ ଏବର୍ଷ ବାହାଘର କରିଦେବା । ହଁ ବାପା ସେସବୁ ଠିକ ଯେ...! ହେଲେ....!! ବାପା କହିଲେ ହେଲେ ଆଉ କ'ଣ ?

ବାପା ତାଙ୍କର ଜାତିରେ ଖଣ୍ଡାୟତ । ଓହୋ ! ତେବେ କ'ଣ କରାଯିବ! କଲ୍ୟାଣୀ ଦେବୀ କହିଲେ ନା ମ, ଖଣ୍ଡାୟତ ଘରେ କେମିତି ଆମେ ବାହାଘର କରିବା ଯେ ..! ଆମ ବନ୍ଧୁ ବାନ୍ଧବ ସାହି ପଡ଼ିଶା ସବୁ କେତେକଥା କହିବେ । ଆମ ମୁଣ୍ଡ ତଳକୁ ହୋଇଯିବ । ସମସ୍ତେ ଛି ଛାକର କରିବେ । କହିବେ କ'ଣ ନା ପୁଅକୁ ବାପା ମା' ସଂସ୍କାର ଦେଇ ନାହାନ୍ତି ଖଣ୍ଡାୟତ ଘର ଝିଅକୁ ଭଲପାଇ ବାହାହେଲା । ହରିହର

Source: Author, Digitized by PPRACHIN, SOA

ବାବୁ ଟିକେ ନିରବ ରହି କିଛି ସମୟ ଚିନ୍ତା କଲେ, କହିଲେ କଲ୍ୟାଣୀ ସେ ସବୁ ଛାଡ଼ ! କିଏ କ'ଣ କହିବ, ଭାବିବ ବୋଲି ଆମ ପୁଅ ଭବିଷ୍ୟତ ଆମେ ନଷ୍ଟ କରିବା ନା କ'ଣ ! ଆମ ପୁଅର ସେଇ ଝିଅ ସହିତ ହିଁ ବାହାଘର ହେବ । ଆମ ପୁଅର ଖୁସିରେ ହିଁ ଆମେ ଖୁସି ହେବା ଉଚିତ । କଲ୍ୟାଣୀ ଦେବୀ ନିରବ ରହିଲେ । ଅବିନାଶର ଖୁସି କହିଲେ ନ ସରେ । ସୀମାକୁ ଫୋନ କରି ଅବିନାଶ ତା'ମା ବାପା ରାଜି ହେବା କଥା ଜଣାଇ ଦେଲା । ସୀମା ମନ ଆନନ୍ଦରେ ଉଛୁଳି ଉଠିଲା । ଏଇ ଖୁସି ଖବର ତା ମାମାକୁ ମଧ୍ୟ ଜଣାଇ ଦେଲା । ଏହି ବିଷୟକୁ ଆଗକୁ ବଢ଼ାଇବା ପାଇଁ ବିକାଶ ବାବୁ ରାତିରେ ହରିହରବାବୁଙ୍କ ସହ ଫୋନ୍ ରେ କଥା ହେଲେ ପିଲାଙ୍କ ବାହାଘର ବିଷୟରେ କଥାବାର୍ତ୍ତା ହେଲା ପରେ ତାଙ୍କ ଝିଅ ସୀମାକୁ ଦେଖି ଯିବାକୁ ହରିହର ବାବୁଙ୍କୁ ସାଦର ଆମନ୍ତ୍ରଣ କଲେ । ତା'ପରଦିନ ସକାଳୁ ଉଠି ନିତ୍ୟକର୍ମ ସାରି ଟ୍ୟାକ୍ସିଟିଏ ଭଡାକରି ବାପା ବୋଉଙ୍କ ସହ ଅବିନାଶ ବାହାରି ପଡ଼ିଲା ଭୁବନେଶ୍ୱର ଅଭିମୁଖେ । ସେପଟେ ସୀମାର ବାପା ମା' ଅପେକ୍ଷାରତ, ଏମାନଙ୍କ ଆସିବା ବାଟକୁ ଚାହିଁ ରହିଥାନ୍ତି । ଯେହେତୁ ସେଦିନ ସୋମବାର ହୋଇଥାଏ, ଅଫିସରୁ ହଠାତ ଜରୁରୀ ଫୋନ ଆସିଲାରୁ ବିକାଶବାବୁ ଅଳ୍ପ ସମୟ ପାଇଁ ଅଫିସ ବାହାରି ଗଲେ, ସ୍ତ୍ରୀ ବିନିତାଙ୍କୁ କହିଗଲେ ମୁଁ କିଛି ସମୟ ପରେ ଆସିବି । ସେମାନେ ଆସିଲେ ତୁମେ ମୋତେ ଫୋନ କରିବ ।

ଅଳ୍ପ ସମୟ ଭିତରେ ବାପା ବୋଉକୁ ଧରି ଅବିନାଶ ପହଁଚି ଗଲା ସୀମା ଘର ଗେଟ୍ ପାଖରେ । ସୀମା ମମି ବିନିତା ଉପର ଘର ବାଲକୋନିରେ ଚାହିଁ ରହିଥିଲେ ସେମାନଙ୍କର ଆସିବା ବାଟକୁ । ସେମାନେ ଆସିବା ଦେଖି ଗେଟ୍ ପାଖକୁ ଧାଇଁ ଆସିଲେ ଘର ଭିତରକୁ ପାଛୋଟି ଆଣିବାପାଇଁ, ଭାବିକ୍ୱାଇଁ ଓ ସୁମୁଦୀ ସମୁଦୁଣୀଙ୍କୁ ।

ଗେଟ୍ ଖୋଲି କାର୍ ପାଖକୁ ଯିବା ପୂର୍ବରୁ ବିନିତାଙ୍କୁ ଦେଖି ହରିହର ବାବୁ, ସ୍ତ୍ରୀ କଲ୍ୟାଣୀଙ୍କୁ କହୁଛନ୍ତି ହଇ ହେ' କଲ୍ୟାଣୀ ଦେଖ ମ... ଆମ ଅବିନାଶକୁ ମାନିବାକୁ ପଡିବ, କେଡେ ସୁନ୍ଦର ଝିଅଟି ପସନ୍ଦ କରିଛି ମ, ଏକଦମ ଆମ ମନ ପସନ୍ଦର ବୋହୂଟିଏ । ପୁଅ ଅବିନାଶ ଏକଥା ବାପାଙ୍କ ଠାରୁ ଶୁଣି ଚମକି ପଡିଲା, ବାପା ଆପଣ କଣ କହୁଛନ୍ତି, କାହାକୁ ?...ସେ ପରା ସୀମାର ମମି । ହରିହର ବାବୁ ଆଁ

Source: Author, Digitized by PPRACHIN, SOA

କରି କଲ୍ୟାଣୀ ଦେବୀଙ୍କ ମୁହଁକୁ ଆଶ୍ଚର୍ଯ୍ୟ ନୟନରେ କିଛି ସମୟ ଚାହିଁ ରହିଲେ ଏବଂ କହିଲେ ଆରେ ଅବିନାଶ ତୁ କ'ଣ କହୁଚୁ, ଏ ସୀମାର ମମି .. ? ହଁ ବାପା ମୁଁ ମିଛ କାହିଁ କହିବି । ଯେ ହେଉଛନ୍ତି ସୀମାର ମମି । ଆଛା ଏତ ଝିଅ ପିଲାଟି ପରି ଦିଶୁଛନ୍ତି ! ବିନିତା କାର ଡୋର ନିକଟରେ ହେଲାପରେ, ପୁଅ ଅବିନାଶର ଇସାରାରେ ବାପା ନିରବ ରହିଲେ, ଏବଂ ଖୁବ୍ ନିକଟରୁ ବିନିତାଙ୍କୁ ନିରେଖି ଦେଖୁଥିଲେ ।

ବିନିତାଙ୍କର ଫିଟନେସ ସୁନ୍ଦର ଚେହେରା, ଡ୍ରେସ ସାଙ୍ଗକୁ ସାମ୍ପୋ କରା ଷ୍ଟେପ୍ କଟ୍ ସିଲ୍କି ଚୁଟି ଫୁରଫୁର ଉଡୁଥାଏ, ମୁହଁରେ ଗାଢ଼ା ମେକଅପ୍ ଓଠରେ ଲିପ୍‌ଷ୍ଟିକ । ଅତ୍ୟାଧୁନିକା ବେଶପୋଷାକରେ ବୟସର ଛାପ ବିଲକୁଲ ବାରି ହେଉ ନଥିଲା । ହରିହର ବାବୁ କଲ୍ୟାଣୀ ଦେବୀଙ୍କ କାନରେ ଫିସ୍ ଫିସ୍ ହୋଇ କହୁଥିଲେ, ହଁ ଶୁଣ ମ କଲ୍ୟାଣୀ ! ଏ ଆଧୁନିକ ଯୁଗରେ ସହର ଲୋକଙ୍କ ଆଧୁନିକତା କେତେ ଉର୍ଦ୍ଧରେ ... । ବାପା ମୃଦୁ ହସରେ ସ୍ତ୍ରୀ ଙ୍କୁ କହିଲେ ତୁମେ ତ ଆମର ପୂରା ମଫସଲି ଟେ....!! ଆମ ବୋହୂ ସୀମା ଗାଁ'ରେ ଶାଢ଼ୀ ପିନ୍ଧି ମୁଣ୍ଡରେ ଓଢଣା ଦେଇ ଚଳି ପାରିବ ତ.. ? କଲ୍ୟାଣୀ ଦେବୀ କେବଳ ନିରୁତ୍ତର ଚାହାଣିରେ ହରିହର ବାବୁଙ୍କ ମୁହଁକୁ ଚାହିଁ ରହିଥିଲେ ....!!

❖❖❖

Source: Author, Digitized by PPRACHIN, SOA

ଆତିଥ୍ୟର ଆମନ୍ତ୍ରଣ

ସେଦିନ ହୋଇଥାଏ ରବିବାର । ଠିକ ଦିନ ଏଗାରଟା ସମୟରେ ପଣ୍ଡାବାବୁଙ୍କୁ ଫୋନ ଲଗାଇଲି, କିଛି ଜରୁରୀ କଥା ପାଇଁ । ପଣ୍ଡା ବାବୁଙ୍କ ସହ ମୋର ସାହିତ୍ୟର ସମ୍ପର୍କ । ଅର୍ଥାତ ଜଣେ ସାହିତ୍ୟିକ ହିସାବରେ ପରିଚିତ । କେବଳ ତାଙ୍କ ଲେଖାଲେଖି ଛଡା ତାଙ୍କ ବିଷୟରେ ବା ପରିବାର ବିଷୟରେ ମୁଁ ବିକକୁଲ ଅବଗତ ନ ଥିଲି । ସାହିତ୍ୟ ସମ୍ପର୍କରେ ମଧ୍ୟ ବେଶ ଦୂରତ୍ୱ । ପାଞ୍ଚ ବର୍ଷ ପୂର୍ବରୁ ଫେସବୁକ ଓ ଖବରକାଗଜର ଲେଖା ମାଧ୍ୟମରେ ଯାହା ପରସ୍ପରକୁ ପଢ଼ିଛୁ, ଜାଣିଛୁ, ନାଁ ଦ୍ୱାରା ଚିହ୍ନୁଚୁ । କିନ୍ତୁ ଯାହା ମନେ ଅଛି ଅନେକ ଦିନ ତଳେ ଥରେ ମାତ୍ର ଏହି ଲେଖାଲେଖି ବିଷୟରେ ଫୋନ ମାଧ୍ୟମରେ କଥା ହୋଇଥିଲୁ । କେହି କାହାକୁ କେବେ ସ୍ୱ-ଶରୀରରେ ଦେଖିନାହୁଁ କି ଭେଟି ବି ନାହୁଁ । କୌଣସି ସଭା ସମିତିରେ ମଧ୍ୟ ଦେଖା ହୋଇନାହିଁ । କାରଣ ମୁଁ ଭୁବନେଶ୍ୱରରେ ରୁହେ, ପଣ୍ଡା ବାବୁ ଯାଜପୁରରେ ରୁହନ୍ତି । ଆଜିକାଲି ଏହି ଫେସବୁକ ଓ ସ୍ମାର୍ଟଫୋନ ଯୁଗରେ ବୋଧହୁଏ କେହି କାହାର ଆଉ ଅଜଣା ଅଶୁଣା ବା ଅପରିଚିତ ନାହାନ୍ତି । ପରସ୍ପର ଯେତେ ଦୂରରେ ରହିଲେ ବି କେହି କାହାକୁ ଆଖିରେ ନ ଦେଖି ଥିଲେ ବି ସମସ୍ତେ ଆଜି ପରସ୍ପରର ପରିଚିତ । ଏହିପରି ମୋ ସହ ଜଣେ ପରିଚିତ ବ୍ୟକ୍ତିତ୍ୱ ହେଲେ ପଣ୍ଡାବାବୁ ।

Source: Author, Digitized by PPRACHIN, SOA

ମୋ ତରଫରୁ ସେଦିନ ତାଙ୍କ ଫୋନ ଟି ଯେତେବେଳେ ବାଜି ଉଠିଲା କିଛି ସମୟ ପରେ ସେପଟୁ ଏକଦମ କୋଇଲି କଣ୍ଠି ସ୍ୱରଟି ମୋ କାନରେ ଶୁଭିଗଲା । ମୁଁ ହଠାତ ଭାବିଲି ଫୋନ ଟି ଭୁଲରେ ଆଉ କେଉଁଠିକୁ ଲାଗିଗଲା କି ? ତଥାପି ଏପଟୁ ପଚାରିଲି, ପଣ୍ଡା ବାବୁ ନାହାନ୍ତି କି ? ନା ନାହାନ୍ତି ମାଡାମ ସେ ମାର୍କେଟ ଯାଇଛନ୍ତି । ହଉ ତେବେ ଠିକ୍ ଅଛି ଆପଣ କହି ଦେବେ ମୁଁ ଫୋନ କରିଥିଲି ବୋଲି । ହଁ ମ୍ୟାଡ଼ାମ ମୁଁ କହିଦେବି ହେଲେ ଆପଣ କିଏ କହୁଥିଲେ ? ମୁଁ ମୋ ପରିଚୟ ଦେଲି ଏବଂ ଔପଚାରିକତା ଦୃଷ୍ଟିରୁ ପଚାରି ଦେଲି, ଆପଣ ପଣ୍ଡା ବାବୁଙ୍କର କ'ଣ ହୁଅନ୍ତି ?

ସେ ମୋ କଥା ଶୁଣି ଖୁସିରେ ଗଦ୍‌ଗଦ୍ ହୋଇ ପ୍ରୀତିଭରା କୁରୁଳା ହସାଟିଏ ଦେଲେ ଏବଂ ସେ କିଛି କହିବା ପୂର୍ବରୁ ମୁଁ ବୁଝି ନେଲି । ପଚାରିଲି ଆପଣ କ'ଣ ପଣ୍ଡା ବାବୁଙ୍କର ପତ୍ନୀ ? କହିଲେ ହଁ ମ୍ୟାଡ଼ାମ । ସେ ଝିଅଟିର ମଧୁର ମିଠା ସ୍ନେହବୋଳା କଥାରେ କି ଯାଦୁଥିଲା କେଜାଣି, ଇଚ୍ଛାହେଲା ଦୁଇପଦ କଥା ହେବାକୁ । ପଚାରିଲି ଘରେ କିଏ ସବୁ ଅଛନ୍ତି ? କହିଲେ ଆମର ଯୌଥ ପରିବାର ସମସ୍ତେ ମିଶି କି ରହିଛୁ । ଯୌଥ ପରିବାର ନାଁ ଶୁଣି ମୋ ଭିତରେ ଏକ ଅକୁହା ଆବେଗ ଖେଳିଗଲା । କାରଣ ଏହି ଅଳ୍ପଦିନ ତଳେ ଯୌଥପରିବାରକୁ ନେଇ ମୁଁ ଏକ ଆର୍ଟିକିଲ୍ ଲେଖିଛି । ଭାବୁଥିଲି ଆଜିକାଲି ଯୌଥପରିବାର ହଜିଯାଇଛି । ତେଣୁ ମନର ଭାବନା ସହ ସେହି ପୁରୁଣା ସ୍ମୃତିକୁ ସାଉଁଟି ଧରି ଲେଖାଟିଏ ଲେଖିଛି । ମୋ ଅନୁଭବରୁ ଯାହା ଜାଣିଛି ଅନେକ ସମୟରେ ଦେଖାଯାଏ, ନିଜ ଭାବନା ଭିତରେ ଆନ୍ଦୋଳିତ ହେଉଥିବା କଥାଟି ବେଳେବେଳେ ଆଖି ସାମ୍ନାରେ ଘଟିଯାଏ । ଅର୍ଥାତ ହୃଦୟରୁ ଯେତେବେଳେ ଗୋଟେ ଲେଖାହେଉ ବା କିଛି କଥାହେଉ ତୁମକୁ ଗଭୀର ଭାବରେ ତୁମ ଚିନ୍ତନରେ ରହିଥାଏ ସେହି କଥା ବା ଘଟଣା ବେଳେବେଳେ ତୁମକୁ ଦୃଶ୍ୟମାନ ହୁଏ ବା ଜାଣିବାକୁ ମିଳେ । ଯେମିତି ଯୌଥ ପରିବାର କଥାଟି ସଂଯୋଗ ବଶତଃ ଘଟିଲା ମୋ ସହ । ମୁଁ ଆଶ୍ଚର୍ଯ୍ୟ ବି ହେଲି । ଏସବୁ ଭଗବାନଙ୍କର କରୁଣା ବୋଲି ଉପଲବ୍ଧି କଲି, ଏମିତି ସଂଯୋଗ ବିଭିନ୍ନ ଘଟଣାକୁ ନେଇ ମୋ ସହ ବାର୍ ବାର୍ ଘଟେ ।

Source: Author, Digitized by PPRACHIN, SOA

ସେ ଯାହାବି ହେଉ, ସେ ଭଉଣୀ ସହ କଥାହୋଇ ଏକ ଅନନ୍ୟ ଅନୁଭୂତି ପାଉଁଚିଲି । ସେହି ମୁହୂର୍ତ୍ତ ତାଙ୍କ ସ୍ନେହ ରଜ୍ଜୁରେ ଯେପରି ବାନ୍ଧି ହୋଇଗଲି । ମୁଁ କଥା ଛଳରେ ପଚାରି ଦେଲି, କ'ଣ ରୋଷେଇ ସରିଲାଣି ? ଖିଆପିଆ ହେଲାଣି କି ନାହିଁ? କହିଲେ ନାହିଁ ମାଡାମ ରୋଷେଇ ଚାଲିଛି, ଆଉ ମୋ ଶାଶୂଙ୍କର ମୋର ଏକାଠି ବସି ପଖାଳ ଖାଉଛୁ । ମୋ ଶ୍ୱଶୁର ମାଂସ ରାନ୍ଧୁଛନ୍ତି ।

ମୁଁ ଆଶ୍ଚର୍ଯ୍ୟ ହୋଇ ପଚାରିଲି, ଶ୍ୱଶୁର ରାନ୍ଧୁଛନ୍ତି ? ହଁ ମାଡ଼ାମ !! ଖାଲି ମାଂସ ନୁହେଁ ମାଛ ବି ରାନ୍ଧୁଛନ୍ତି । ମୋ ବାପା, ମାଆ ଆଜି ଆସୁଛନ୍ତି ତ ତେଣୁ ପଣ୍ଡା ବାବୁ ଯାଇଛନ୍ତି ବସ୍ ପାଖରୁ ସେମାନଙ୍କୁ ଆଣିବା ପାଇଁ । ଏକଥା ଶୁଣିଲା ପରେ ମୋ ଭିତରେ ଏକ ଅଜଣା ଆନନ୍ଦର ଶିହରଣ ଖେଳିଗଲା । ମୁଁ କହିଲି ଆଛା ଖୁବ୍ ଭଲକଥା । ଆପଣଙ୍କ ବାପା ମା' ଆସୁଛନ୍ତି ବହୁତ ବଢିଆ । ଏହି ସମୟରେ ତାଙ୍କ ଶ୍ୱଶୁରଙ୍କ ହାତକୁ ଫୋନ ଧରାଇ ଦେଇ କହିଲେ ନିଅନ୍ତୁ ବାପାଙ୍କ ସହ କଥା ହୁଅନ୍ତୁ । ମୋତେ ଅନୁଭବ ହେଲା ତାଙ୍କ ଶାଶୂ, ଶ୍ୱଶୁର ଆମ କଥା ସବୁ ଯେମିତି ଖୁସି ମନରେ ଶୁଣୁଥିଲେ, ବାପା ମଧ୍ୟ ଖୁସିରେ କଥା ହୋଇ ଅନେକ କଥା କହିଲେ । କହିଲେ ମା'ରେ ଆମ ଘରଆଡ଼େ କେତେବେଳେ ଆସ, ଆମେ ବହୁତ ଖୁସିହେବୁ । ଆମ ଘରକୁ କିଏ ଅତିଥି ଆସିଲେ ଆମକୁ ଭାରି ଆନନ୍ଦ ମିଳେ । କହିଲ ଝିଅରେ ଦୁନିଆରେ ଆଉ କ'ଣ ଅଛି ଯେ ? ମୁଁ କହିଲି ହଁ ଆଜ୍ଞା ଠିକ କଥା କହିଲେ, ଏଇ ତ ସ୍ନେହ ମମତାର ସମ୍ପର୍କ ।

ସମ୍ପର୍କ ଡୋରିରେ ବାନ୍ଧି ଜାଣିଲେ ପର ବି ହେବ ଆପଣାର । ଯେମିତି ଆପଣ ମୋତେ ଏହି ମୁହୁର୍ତ୍ତଟିରେ ଆପଣାର କରିନେଲେ । ମନେ ମନେ ଭାବୁଥାଏ ବାଃ... ସତରେ କେତେ ଆଦର !!

କେତେ ସ୍ନେହପୂର୍ଣ୍ଣ କଥା !! ପୁଲକ ଖେଳି ଯାଉଥିଲା ମୋ ଭିତରେ ।

'ପୂର୍ବରୁ ଦୋହୁ ମଧ୍ୟ ମୋତେ ଆତିଥ୍ୟର ଆମନ୍ତ୍ରଣ କରି ସାରିଥିଲେ । ଥରେ ନୁହେଁ ବାର୍ ବାର୍ ଦୁହେଁ କହୁଥିଲେ ମାଡ଼ାମ ନିଶ୍ଚିତ ଆସିବେ ।

ବାପା କହିଲେ ଝିଅରେ ଆପଣ ଆସିଲେ ଫୋନ କରିଦେବେ ପୁଅ ଯାଇ

Source: Author, Digitized by PPRACHIN, SOA

ବସ୍ ପାଖରୁ ଆପଣଙ୍କୁ ଘରକୁ ନେଇ ଆସିବ କିଛି ଅସୁବିଧା ହେବନି । ମୁଁ ଏକଥା ଶୁଣି ଖୁ ଖୁସି ହୋଇ ଯାଇଥିଲି ।

ମୁଁ କେବେ ଯିବି କି ନାହିଁ ତାହା ଜଣା ନାହିଁ, କିନ୍ତୁ ସେ ସମୟର ସେମାନଙ୍କର ଆତିଥ୍ୟର ଆମନ୍ତ୍ରଣରେ ମୁଁ ବିମୋହିତ ସତରେ...!!

ମୋ ଭିତରେ ଯେଉଁ ଆନନ୍ଦ, ସେ ଆନନ୍ଦ ସେ ଅନୁଭବର ଅପୂର୍ବ ଖୁସିକୁ ପ୍ରକାଶ କରିବା ପାଇଁ ସତରେ ମୋ ପାଖରେ ଶବ୍ଦନାହିଁ । ସେଦିନ କେବଳ ଭାବୁ ନଥିଲି, ଏବେବି ଭାବୁଛି ଏପରି ମଣିଷ, ଏପରି ପରିବାର ଆଜିକାଲିର ଦୁନିଆରେ ଅଛନ୍ତି ସତେ..!!! ମୋତେ ଯେପରି ଅନୁଭବ ହେଉଥିଲା, ସେମାନଙ୍କର ଡାକିବାରେ ନା ଥିଲା ଛଳନା, ନା ଥିଲା ମିଛ ଅଭିନୟ । ଶ୍ୱଶୁର ଏବଂ ବୋହୂ ଦୁହିଁଙ୍କ କଥାରୁ ଯେମିତି ଝରୁଥିଲା ଆବେଗମୟ ଅମୃତର ଧାରା । ଅଜଣା ଅଶୁଣା ଲୋକଙ୍କୁ ତାଙ୍କ ଛନ୍ଦହୀନ ଭାବନାରେ ଆପଣାର କରିବାର କଳା, କେଡେ ସୁନ୍ଦର ଭାବରେ ସେମାନଙ୍କୁ ଜଣା, ସେମାନଙ୍କ ଭିତରେ ସ୍ପଷ୍ଟ ଦୃଶ୍ୟମାନ ହେଉଥିଲା ସ୍ନେହ, ପ୍ରେମ, ଭଲ ପାଇବା କାହାକୁ କୁହନ୍ତି !! ସମସ୍ତେ ସେହି ପରିବାରରୁ ନିଶ୍ଚିତ ଭାବରେ ଶିଖିବାର ଅଛି । ଶାଶୂ, ଶ୍ୱଶୁର, ପୁଅ ବୋହୂ ତଥା ସମୁଦି ଘର ସହ, ପରସ୍ପର ଭିତରେ କିପରି ଅନାବିଳ ମଧୁମୟ ପ୍ରେମପୂର୍ଣ୍ଣ ସମ୍ପର୍କ ...!!! ସେ ଭିତରେ ସାମାଜିକ ସମ୍ପର୍କ ଚିନ୍ତା ଚେତନା ମଧ କିପରି ଭାବରେ ପରିସ୍ଫୁଟ, ତାହା ଆପଣମାନଙ୍କ ସାମ୍ନାରେ... ମୋ କର୍ଣ୍ଣରେ ବାର୍‌ବାର୍ ଗୁଞ୍ଜରିତ ହେଉଛି ସେହି କୁନି ଭଉଣୀଟିର ପଦିଏ ଅମୃତ ବୋଲା କଥା !

'କଥାଟି ହେଲା ଆମେ ଶାଶୁ ବୋହୂ ସାଙ୍ଗ ହୋଇ ଖାଉଛୁ, ମୋ ବାପା ମାଆ ଆଜି ଆସୁଛନ୍ତି ତ, ସେଥିପାଇଁ ମୋ ଶ୍ୱଶୁର୍ ମାଛ, ମାଂସ, ରାନ୍ଧୁଛନ୍ତି' ଆପଣ ନିଶ୍ଚିତ କେବେ ଆସନ୍ତୁ, ମୋ ଶ୍ୱଶୁରଙ୍କ ହାତ ରନ୍ଧା ମାଂସ ଖାଇବେ ।

ଏହି କଥା ପଦଟିରେ ଦେଖନ୍ତୁ.. ଅନୁଭବ କରନ୍ତୁ ଆମ ସାରା ଦୁନିଆର ସାରା ସମାଜର ସୁଖ ଏଥିରେ ଦୃଶ୍ୟମାନ ହେଉଛି, କିନ୍ତୁ ଏପରି ସୁଖକୁ କେହି ଆପଣାର କରିପାରୁ ନାହାନ୍ତି । ଈର୍ଷ୍ୟା, ହିଂସା, ତୋର୍ ମୋର । ଏହି ଭାବନାରେ

Source: Author, Digitized by PPRACHIN, SOA

କଳି ଝଗଡାରେ ସମୟ ବିତୁଛି ସାରା ସମାଜରେ ଘରେ ଘରେ । ସମସ୍ତେ ଭଲ ଭାବରେ ଜାଣିଛନ୍ତି ସଂସାରକୁ ଆମେ ଆସିଛନ୍ତି ଦିନେ ଚାଲିଯିବା । କିନ୍ତୁ ସ୍ନେହ ମମତା ସମ୍ପର୍କକୁ ବୁଝୁ ନାହାନ୍ତି ଆମ ମଣିଷ ମାନେ ।

ସମାଜର ପ୍ରତି ପରିବାରରେ ସ୍ୱାମୀ ସ୍ତ୍ରୀ 'ଶାଶୁ-ବୋହୁ', 'ଶ୍ୱଶୁର-ଜ୍ୱାଇଁ' 'ଭାଇ-ଭାଇ', 'ଜାଆ-ଜାଆ', ସମୁଦି-ସମୁଦୁଣି, ବନ୍ଧୁ-ବାନ୍ଧବ ଏବଂ ମାନବୀୟ ସଂପର୍କର ମହାନତା ଯଦି ଆମର ଏହି ପଣ୍ଡା ବାବୁଙ୍କର ଆଦର୍ଶ ପରିବାରର ଭଳି ପ୍ରତି ମଣିଷ ଭିତରେ ଭାବନା ଜାଗ୍ରତ ହୁଅନ୍ତା, ତେବେ ହିଂସା, ଈର୍ଷ୍ୟାର, ପାରିବାରିକ କଳି ଝଗଡାରୁ ଉର୍ଦ୍ଧ୍ୱରେ ରହି ପରସ୍ପର ଭିତରେ ସ୍ନେହ ମମତା, ସମ୍ମାନ, କର୍ତ୍ତବ୍ୟବୋଧ, ଭଲ ପାଇବାର ଆପଣାର ପଣରେ ଜୀବନ ଅମୃତମୟ, ମଧୁମୟ ହୋଇ ଯାଆନ୍ତା ସତରେ...!!

ସେଦିନର ମୋର ଏ ଅନାବିଳ ପ୍ରେମପୂର୍ଣ୍ଣ ଅନୁଭବ ଅନୁଭୂତି କ'ଣ ଭୁଲିହେବ ଏ ଜୀବନ ସାରା....!!! ହୃଦୟରେ ସଯତ୍ନରେ ସାଇତା ହୋଇ ରହିଥିବ ସ୍ମୃତି ହୋଇ ଚିରଦିନ ।।

Source: Author, Digitized by PPRACHIN, SOA

ଅନୁତପ୍ତ

ସୁବାଷ ବାବୁଙ୍କର ଗଛଲତା ଓ ଫୁଲ ବଗିଚାରେ ଭାରି ସଉକ । ଖୁବ୍ ଯତ୍ନରେ ସଜାଡ଼ି, ସଜେଇ ରଖିଛନ୍ତି ଘର ଚାରି ପିଠିରେ ଟଗର, ମନ୍ଦାର ମଲ୍ଲୀ, ମାଳତୀ, ଗେଣ୍ଡୁ, ଗୋଲାପ କେତେ ପ୍ରକାରର ଫୁଲଗଛ ।

ଦୁଇ ମହଲା ଆଧୁନିକ ଶୈଳୀରେ ତିଆରି ହୋଇଥିବା ଖୁବ୍ ସୁନ୍ଦର କୋଠାଘର ସାଙ୍ଗକୁ ଚତୁଃପାର୍ଶ୍ୱର ସବୁଜିମା ପୂର୍ଣ୍ଣ ରଙ୍ଗମୟ ଫୁଲର ସମ୍ଭାର ବେଶ୍ ଆକର୍ଷଣୀୟ । ଯେକେହି ଦେଖିବ ଘଡ଼ିଏ ଅଟକି ଯିବ ! ଆଖି ଫେରେଇ ହେବନି ।

ପ୍ରତ୍ୟେକ ଦିନ ରାତି ନ ପାହୁଣ୍ଣୁ, ଘଡ଼ିଏ ରାତିରୁ ବେଶ୍ ଭିଡ଼ ଜମେ ତାଙ୍କ ଘର ପାଚେରୀ ଚାରି ପାଖରେ । କାହା ହାତରେ ପଲିଥିନ ବ୍ୟାଗ ତ କାହା ହାତରେ ଛୋଟ କପଡା ବ୍ୟାଗ, କାହା ହାତରେ ପୁଣି ଛୋଟ ଡାଲାଟିଏ ଏମିତି ଭାବରେ ନିତିଦିନ ତୋଳି ନିଅନ୍ତି ଠାକୁର ପୂଜା ନିମିତ୍ତ ଫୁଲସବୁ । କିଏ ଆଙ୍କୁଡ଼ିରେ ତ ତୋଳେ, କିଏ ହାତରେ ଛିଣ୍ଡାଇନିଏ ।

ସେଦିନ ହୋଇଥାଏ ମଙ୍ଗଳବାର । ସବୁ ମଙ୍ଗଳବାର ସୁବାଷ ବାବୁଙ୍କ ସ୍ତ୍ରୀ ମିନତୀ ପୁଅର ଦେହ ଖରାପ ରହୁ ଥିବାରୁ, କେହି ଜଣେ ଜ୍ୟୋତିଷଙ୍କ ପରାମର୍ଶରେ

Source: Author, Digitized by PPRACHIN, SOA

ମାନସିକ ରଖି ନିତି ମଙ୍ଗଳବାର ଘର ସାମନାରେ ବାଟ ମଙ୍ଗଳା ପୂଜା କରନ୍ତି । ମଙ୍ଗଳାଙ୍କ ପୂଜା ପାଇଁ ମନ୍ଦାର ଫୁଲଟିଏ ଲୋଡ଼ାପଡେ, କାରଣ ମନ୍ଦାର ଫୁଲ ମା'ଙ୍କର ଭାରି ପ୍ରିୟ ! ସେଦିନ ରାତି ପାହିଲା ପରେ ମିନତୀ ଫୁଲ ତୋଳିବାକୁ ଯାଇ ଦେଖନ୍ତି ତ ଗଛରେ ଗୋଟିଏ ବି ମନ୍ଦାର ଫୁଲ ନାହିଁ । ଭାରି ମନଦୁଃଖ କଲେ । ସ୍ୱାମୀଙ୍କୁ ମଧ୍ୟ କହିଲେ, ହେ' ଶୁଣମ ! ଆଜି ଗଛରେ ଗୋଟିଏ ବି ମନ୍ଦାର ଫୁଲ ନାହିଁ । କେମିତି ବିନା ମନ୍ଦାରରେ ମା' ମଙ୍ଗଳାଙ୍କ ପୂଜା କରିବି ! ଏ କଥା ଶୁଣି ସୁବାଷ ବାବୁ ହଠାତ ଚିହିଁକି ଉଠିଲେ । କହିଲେ, ଆଛା କ'ଣ ହେଲା ! ଗୋଟାଏ ବି ଫୁଲ ନାହିଁ । ରାଗ ତମତମ ହୋଇ କହିଲେ 'ହଉ ଏଥର ଦେଖିବି ତ କିଏ ଆମ ବାଡ଼ିରୁ ଫୁଲ ନେବ ।

ମିନତୀ କହିଲେ ହଉ ରାଗନି, ଯାହା ଅଲଗା ଫୁଲ ଅଛି ସେଥିରେ ପୂଜା ମୁଁ କରିଦେବି । ସେଇ ମା' ମଙ୍ଗଳା ସବୁ ଜାଣନ୍ତି । ଯିଏ ନେଇଛି ସେ ବି ସେହି ମାଆଙ୍କ ପୂଜା ପାଇଁ କିମ୍ବା ଅନ୍ୟ ଠାକୁରଙ୍କୁ 'ଲାଗି' କରିବାକୁ ତ ନେଇଥିବ, ଆମ ବାଡ଼ିର ଫୁଲ ଯାହା ମାଧ୍ୟମରେ ବି ହେଉ ସେହି ମା' ଙ୍କୁ ଅର୍ପଣ କଲେ ମାଆ କ'ଣ ଜାଣିବେନି । ତୁମେ ବ୍ୟସ୍ତ ହୁଅନି । ସୁବାଷ ବାବୁ ଚଢା ଗଳାରେ ଦୋ ଅକ୍ଷରି ଶବ୍ଦ କିଛି ପ୍ରୟୋଗ କରି ଗାଳି ବର୍ଷଣ କଲେ, ସେମାନଙ୍କର ଯଦି ଫୁଲ ଦରକାର ସେ ତାଙ୍କ ବାଡ଼ି ବଗିଚାରେ ଫୁଲ ଗଛ ଲଗାଉ ନାହାନ୍ତି ! ଏମିତି ଆମ ବାଡ଼ିରୁ କାହିଁ ଫୁଲ ଚୋରି କରୁଛନ୍ତି କହୁନ ତୁମେ ? ମିନତୀ କହିଲେ, ହଉ ଯାହା ହେଲା ହେଲା ଆର ମଙ୍ଗଳବାର ରାତିରୁ ଉଠି ଫୁଲ ତୋଳି ରଖିବି, ନହେଲେ ସନ୍ଧ୍ୟାରୁ କଢ଼ ତୋଳି ଡାଲାରେ ଛାତ ଉପରେ ଥୋଇଦେଲେ ରାତିରେ କାକର ପଡ଼ି ସକାଳୁ ପୂରା ତୋଫା ମନ୍ଦାର ଫୁଟି ଯାଇଥିବ ।

ସେଥିରେ ମା'ଙ୍କ ପୂଜା କରିବି ।

ସୁବାଷ ବାବୁ କହିଲେ ଆଛା ! ନିଜ ବାଡ଼ିରେ ଫୁଲଗଛ ଥାଉ ଥାଉ ତୁମେ ବାସି ଫୁଲରେ ଠାକୁର ପୂଜା କରିବ ! ନୁହେଁ... ? ସ୍ତ୍ରୀ ମିନତୀ କହିଲେ ନା ମ, ବାସି ଫୁଲ କ'ଣ ଯେ ! ଯେଉଁ ଫୁଲ ବଜାରରେ ବିକ୍ରି ହଉଛି ବା ମନ୍ଦିର ସାମ୍ନାରେ ବିକ୍ରି ହେଉଛି, ସେ ଫୁଲରେ ତ ପୁଣି ଠାକୁର ପୂଜା ହେଉଛି । ସୁବାଷ ବାବୁ ଟିକେ ଚାପା ଗଳାରେ କହିଲେ, ହଉ ଠିକ୍ ଅଛି ତେବେ, ଆମେ ଏଥର ସବୁଦିନ ଫୁଲ କିଣିକି

Source: Author, Digitized by PPRACHIN, SOA

ଠାକୁର ପୂଜା କରିବା । ମିନତୀ ସ୍ୱାମୀଙ୍କର ଏ କଥାକୁ ଏତେ ଗୁରୁତ୍ୱ ନଦେଇ ନିଜ କାମରେ ଲାଗିଗଲେ । ଝିଅ, ପୁଅ ବାହାରେ ରହି ପାଠ ପଢୁଛନ୍ତି । ଘରେ କେବଳ ସ୍ୱାମୀ ସ୍ତ୍ରୀ ଦୁହେଁ ରୁହନ୍ତି । ସୁବାଷ ବାବୁ ଅଫିସ ଗଲାପରେ ମିନତୀ ଘରେ କେବଳ ଏକୁଟିଆ । ଯାହା ରୋଷେଇବାସ ଘରକାମ ସାରି ଫୁଲ ବଗିଚାର ଯତ୍ନ ନିଅନ୍ତି, ସେ ବି ଭାରି ବଗିଚା ପ୍ରିୟ । ଅଧିକାଂଶ ସମୟ ସେହି ଫୁଲଙ୍କ ମେଳରେ ସମୟ କାଟନ୍ତି ଖୁବ୍ ଆନନ୍ଦ ଅନୁଭବ କରନ୍ତି । ସଜ ଫୁଲରେ ଡ୍ରଇଂରୁମ୍ ଟେବୁଲ ଉପରେ ୱାଟର ପଟ୍‌ରେ ଗୋଲାପ ଫୁଲର ପାଖୁଡା ସଜେଇ ରଖନ୍ତି କେଡେ ସୁନ୍ଦର । ଖାଲି ଗୋଲାପ କାହିଁକି ଅନ୍ୟ ସବୁପ୍ରକାର ଫୁଲରେ ସଜେଇ ଥାନ୍ତି ଘରଦ୍ୱାର ।

ଘର ଭିତରକୁ ଯେ କେହି ଅତିଥି ଆସିଲେ, ଏହି ସଜଫୁଲର ବାସ୍ନାରେ ବିମୋହିତ ହୋଇଯାନ୍ତି । ନିଜେ ବି ମିନତୀ ଆତ୍ମ ସନ୍ତୋଷରେ ବିଭୋର ହୁଅନ୍ତି । ଏସବୁ ଭିତରେ ସମୟ କେତେବେଳେ କଟିଯାଏ ଜାଣି ପାରନ୍ତିନି ।

ସେଦିନ ସ୍ୱାମୀ ଅଫିସରୁ ଆସିଲା ପରେ, ମିନତୀ ମାର୍କେଟ ଗଲେ ଘରର କିଛି ଦରକାରୀ ସଉଦା ଆଣିବା ପାଇଁ । ସେ ହିଁ ପ୍ରାୟତଃ ଘରର ସଉଦାପତ୍ର ଯାହା ଦରକାର ନିଜେ ଯାଇ କିଣି ଆଣନ୍ତି । ସେଦିନ ମିନତୀ ବଜାରରୁ ଆସି ଦେଖନ୍ତି ତ ବଗିଚା ପୂରା ସଫା । ପୂରା ଅବାକ୍ ହୋଇଗଲେ କିଛି ବି ବୁଝି ପାରିଲେନି । ଘର ଭିତରକୁ ପଶିଗଲେ, ସୁବାଷ ବାବୁ ଡ୍ରଇଂ ରୁମରେ ଟିଭି ଦେଖୁଛନ୍ତି । ଆଶ୍ଚର୍ଯ୍ୟ ଚକିତ ଚାହାଣିରେ ସ୍ୱାମୀଙ୍କୁ ଚାହିଁ ପଚାରିଲେ ଆରେ ତୁମେ ଏ କ'ଣ କଲ ? ଏମିତି ଭାବରେ ଫୁଲଗଛ ଗୁଡା ମୂଳରୁ କାଟି ଫୋପାଡି ଦେଲ ଯେ ? ପୂରା କାନ୍ଦ କାନ୍ଦ ସ୍ୱରରେ ବିକଳ ହୋଇ କହୁଥାନ୍ତି । ମୁଁ କହିଥିଲି ନା ସକାଳେ 'ମୂଳୁ ମାରିଲେ ଯିବ ସରି, ଦେବଙ୍କ ସଂଗେ କିମ୍ପା କଳି' । ସବୁ କାଟି ସଫା କରି ଦେଲି ଆଉ ଗଛ ଥିଲେ ସିନା ଫୁଲ ଫୁଟିବ ସେମାନେ ଚୋରି କରିବେ । ତୁମେ ପରା କହୁଥିଲ ଫୁଲ ବିକ୍ରି ହେଉଛି, ଲୋକମାନେ କିଣି କରି ଠାକୁର ପୂଜା କରୁଛନ୍ତି । ମୁଁ ଅଫିସରୁ ଆସିଲାବେଳେ ଏଥର ଫୁଲ କିଣି ଆଣିବି ପ୍ରତ୍ୟେକ ଦିନ ତୁମେ ପୂଜା କରିବ, ବ୍ୟସ୍ତ କାହିଁ ହେଉଛ ।

ମିନତୀ ସଉଦା ଆଣିଥିବା ବ୍ୟାଗଟିକୁ ତଳେ ରଖିଦେଇ ଲଥ୍ କିନା ଡ୍ରଇଂରୁମ ସୋଫା ଉପରେ ମୁଣ୍ଡରେ ହାତଦେଇ ବସି ପଡିଲେ । ଟିଭି ଲାଗିଛି । କେଉଁ ଏକ

Source: Author, Digitized by PPRACHIN, SOA

ଚ୍ୟାନେଲ୍‌ରେ ହଠାତ ଏକ ଦୃଶ୍ୟ ! ଜଣେ ସାମ୍ବାଦିକ ଭଉଣୀ ଦୁଇଜଣ ବୁଢ଼ାବୁଢ଼ୀ ସ୍ୱାମୀ ସ୍ତ୍ରୀଙ୍କୁ ପଚାରୁଛନ୍ତି ? ଆଛା ମଉସା ମାଉସୀ ଆପଣ ଏତେ ପ୍ରକାର ଫୁଲ ମନ୍ଦାର, ଟଗର, ଗେଣ୍ଡୁ, ତୁଳସୀ, ବେଲପତ୍ର ସବୁ କଦଳୀ ପତ୍ରରେ ଭାଗ ଭାଗ କାହିଁ କରିକି ରଖୁଛନ୍ତି ? ସେହି ପାଖରେ ୧୦/୧୨ ବର୍ଷର ତାଙ୍କ ନାତି ଠିଆହୋଇ ଦେଖୁଥିଲା । ମଉସା, ମାଉସୀ କହିଲା ପୂର୍ବରୁ ସେ ପିଲାଟି କହିଲା, ମାଡାମ ! ଜେଜି ମାଆ ଆଉ ଜେଜେଙ୍କର ଏହା ନିତିଦିନର କାମ । ବଗିଚାରେ ଫୁଲ ଗଛ ଲଗାନ୍ତି, ଗଛର ଯତ୍ନ ନିଅନ୍ତି, ପାଣି ଦିଅନ୍ତି ଓ ସବୁଦିନ ଆମ ବଗିଚାରୁ ଫୁଲ ତୋଳି ଏମିତି ଭାଗକରି ସାହି ପଡ଼ିଶା ସମସ୍ତଙ୍କ ଘରେ ବାଣ୍ଟନ୍ତି । ସାମ୍ବାଦିକ ଭଉଣୀ ପୁଣି ପଚାରିଲେ ଏହା କ'ଣ ସତ ମାଉସୀ ? ଆପଣଙ୍କ ନିଜ ବଗିଚାର ଫୁଲ ସବୁଦିନ ଅନ୍ୟ ମାନଙ୍କୁ ବାଣ୍ଟନ୍ତି ଏହାର କାରଣ କ'ଣ ? ହଁ ରେ ଝିଅ ଏଥିରେ ଆମର ଭାରି ଆନନ୍ଦ । ଆମ ବଗିଚାର ଫୁଲ ବେଲପତ୍ର, ତୁଳସୀ ସେହି ପ୍ରଭୁଙ୍କ ସେବାରେ ଲାଗୁ, ଏହା ହିଁ ଆମର ଲକ୍ଷ୍ୟ । ଟିଭି ରୁ ଏହି କଥାଟି ଦେଖି ଦୁହେଁ ଶବ୍ଦହୀନ । ଅନୁତପ୍ତର ବହ୍ନିରେ ଜଳିଗଲେ ସୁବାଷ ବାବୁ । ସ୍ୱାମୀଙ୍କ ମୁହଁକୁ ଅବ୍ୟକ୍ତ ଚାହାଣିରେ ଚାହିଁ ରହିଥାନ୍ତି ସ୍ତ୍ରୀ ମିନତୀ । ତାଙ୍କ ଆଖିରୁ ବୋହି ଯାଉଥାଏ ନିରବର ଧାରଧାର ଲୁହ.... ! ମନେ ମନେ ଠାକୁରଙ୍କୁ ଡାକୁଥାନ୍ତି ହେ' ପ୍ରଭୁ କାଳିଆ ସାଆନ୍ତେ, ଆମକୁ କ୍ଷମା କରିଦେବ ।

❖❖❖

Source: Author, Digitized by PPRACHIN, SOA

ଅତୀତର ସ୍ମୃତିରେ ନୂଆବର୍ଷ

ପ୍ରଶାନ୍ତ ବାବୁଙ୍କର ଅଫିସରେ ଜରୁରୀ ମିଟିଂ ଥିବାରୁ ସକାଳୁ ସକାଳୁ ନିତ୍ୟ କର୍ମସାରି ଠାକୁର୍ ପୂଜା କରୁଥାନ୍ତି, ହଠାତ୍ ଫୋନ୍‌ର ଘଣ୍ଟି ବାଜି ଉଠିଲା, ସେ ପୂଜାସାରି ଆସି ଦେଖନ୍ତି ତ ଏକ ଅଜଣା ନମ୍ବରରେ ମିସ୍‌ଡ୍ କଲ୍‌ଟି ଅଛି । କିଏ ବୋଲି ଜାଣିବାପାଇଁ ଏପଟୁ ଫୋନ୍ ଲଗାଇଲେ । ସେପଟୁ ଗୁରୁ ଗମ୍ଭିର ସ୍ୱର କ'ଣ ବଡ଼ ଅଫିସର ବାବୁ ଏବେ ଫୋନ କଲେଣି ଉଠାଉ ନାହାନ୍ତି ଯେ ? ପ୍ରଶାନ୍ତ ବାବୁ ହଠାତ୍ ଏମିତି କାହାଠାରୁ କଥା ଶୁଣି ଆଶ୍ଚର୍ଯ୍ୟ ହୋଇ ପଚାରିଲେ କିଏ କହୁଛନ୍ତି ଆପଣ ? ଆରେ ମୁଁ କିଏ କହୁଛି ତୁ ଟିକେ ଚିହ୍ନି ତ ! ପ୍ରଶାନ୍ତ ବାବୁ କିଛି ସମୟ ଭାବିଲା ପରେ, ମନେ ପକାଇଲେ ସ୍ୱରଟା ଚିହ୍ନା ଚିହ୍ନା ଲାଗୁଛି, କିଏ ହୋଇଥାଇ ପାରେ !

ମନେ ପଡିଗଲା କଲେଜ ବେଳର ସାଙ୍ଗ ବାଦଲ ଛଡା ଏମିତି ଆଉକିଏ କହିବ ! ଆରେ ତୁ ବାଦଲ କହୁଚୁ ନା ! ବାଦଲ ସେପଟୁ ଠୋ ଠୋ ହସି ଆରେ ସାଙ୍ଗ ଚିହ୍ନି ଦେଲୁ ନା ମୋତେ, ଚିହ୍ନିବୁନି କେମିତି ?

ତୁ ଓକିଲାତି ପାଠ ପଢିଛୁ ପୁଣି ପ୍ରଶାସନିକ ବଡ଼ ଅଫିସର ହେଉଛି ... ତୋ' ମୁଣ୍ଡ କଣ ଆମପରି !!!

ପ୍ରଶାନ୍ତ ବାବୁ ସ୍ମିତ୍‌ହାସ୍ୟଟିଏ ଦେଇ କହିଲେ ଆରେ ସେସବୁ ଛାଡ ନା ! ଦୀର୍ଘ ବର୍ଷ ପରେ କେମିତି ମତେ ମନେ ପକାଇଲୁ, ମୋ ଫୋନ୍ ନମ୍ବର କେଉଁଠୁ ପାଇଲୁ

Source: Author, Digitized by PPRACHIN, SOA

ଆଗେ କହ ତ ? ଆରେ ବାପା କି ପ୍ରଶ୍ନ ? ତୁ ଓଡ଼ିଶାର ଜଣେ ମୁଖ୍ୟ ପ୍ରଶାସନିକ ଅଧିକାରୀ, ତୋତେ ପୁଣି କିଏ ନଜାଣେ, ଟି.ଭି. ମିଡ଼ିଆରେ ଛାଇହୋଇ ରହିଛୁ, ତୋ ଫୋନ ନଂବର ପୁଣି ମିଳିବନି ଆମକୁ, ତୁ କି କଥା କହୁଚୁ !

ତୋତେ ମିଡ଼ିଆରେ ସବୁବେଳେ ଦେଖି ତୋ ସୁନ୍ଦର୍ କାର୍ଯ୍ୟ ଧାରା ବିଷୟରେ ଜାଣି ଖୁସିହୋଇ ଆମେମାନେ ରେଭେନ୍ସାରେ ପଢୁଥିବା ଆମ ମେସ୍‌ର ସବୁ ସାଙ୍ଗମାନେ ସ୍ଥିରକଲୁ ଏକ ବଣଭୋଜିର ଆୟୋଜନ କରିବା ନୂଆବର୍ଷ ଉପଲକ୍ଷେ ତୋ ସହ ମିଶି.... ମାନସ, ବିଭୂତି ପ୍ରସନ୍ନ ତପନ ସହ ମଧ ମୁଁ କଥା ହୋଇଯାଇଛି, ତୁ କ'ଣ କହୁଚୁ ପ୍ରଶାନ୍ତ ? ଆରେ ମୁଁ କ'ଣ ଆଉ କହିବି ସ୍ଥିର କରିଛ ଯେତେବେଳେ ନିଶ୍ଚୟ ତ୍ ଯିବା ମୁଁ ଅଫିସରୁ ଫେରେ କଥା ହେବା ।

ପ୍ରଶାନ୍ତ ବାବୁ ସନ୍ଧ୍ୟାରେ ଅଫିସରୁ ଫେରିଲେ, ଟିକେ ଫ୍ରେସ୍‌ହୋଇ ଡ୍ରଇଁ ରୁମ୍‌ରେ ବସି କଫି ପିଉପିଉ ସ୍ତ୍ରୀଙ୍କୁ ପଚାରିଲେ, ଆଚ୍ଛା ସୀମା କହିଲ ପିକ୍‌ନିକ୍ କେଉଁଠିକୁ ଗଲେ ଭଲହେବ ? ସୀମା ଦେବୀ ଡେରି ନକରି ତୁରନ୍ତ କହି ପକାଇଲେ, ସାତପଡ଼ା ଗଲେ ଖୁବ୍ ଭଲହୁଅନ୍ତା !! ପିଲାଦିନେ ସ୍କୁଲରେ ପଢିଲାବେଳେ ଯାଇଥିଲି ଥରେ, ଖୁବ୍ ସୁନ୍ଦର୍ ପରିବେଶ ନଳ ବଣ, ସୁନ୍ଦର ବିଦେଶୀ ପକ୍ଷୀଙ୍କ ମେଳ, ତା' ସହ ବଡ଼ ବଡ଼ ଡଲଫିନ୍‌ଙ୍କ ଖେଳ, ମୁଣ୍ଡ ଟେକିଟେକି ବୋଟ୍‌ରେ ଆସି ପିଟି ହେବାର ଦୃଶ୍ୟ ଖୁବ୍ ଚମତ୍କାର । ଦେଖିଲେ ଆନନ୍ଦରେ ମନ ମୁଗ୍ଧ ହୋଇଯିବ ସନ୍ଧ୍ୟାର ଦୃଶ୍ୟ ଅତି ମନୋରମ । ତା' ସହ ଚିଲିକାର ଆରପଟେ ନଳବଣ ପାଖାପାଖି ଝାଉଁ ଜଙ୍ଗଲର ସବୁଜ ବର୍ଣ୍ଣାଳି, ଚିଲିକାର କୂଳେ କୂଳେ ନୋଳିଆ ମାନଙ୍କର ମାଛ ହୋଟେଲ ଦେଖିଲେ ମନରେ ଏକ ଅଫୁରନ୍ତ ଆନନ୍ଦ ଖେଳିଯାଏ, ସଙ୍ଗେସଙ୍ଗେ ଚିଲିକାରୁ ମାଛ ଚିଙ୍ଗୁଡ଼ି, କଙ୍କଡା ଆଦି ଧରି ତାକୁ ବିକ୍ରି କରନ୍ତି ଓ ଲୋକମାନଙ୍କର ବରାଦ ଅନୁସାରେ ପୋଡ଼ା, ଭଜା ଛଣା, ମସଲା ଦିଆ ବିଭିନ୍ନ ପ୍ରକାର ସୁସ୍ୱାଦୁ ମାଛର ବ୍ୟଞ୍ଜନ ବନାଇ ଗ୍ରାହକମାନଙ୍କୁ ଆଦରରେ ପରଷି ଦିଅନ୍ତି ଖୁସି କରାନ୍ତି । ଜୀବନ, ଜୀବିକାର କର୍ମକୁ ଆଦରି, ପେଟ ପାଟଣା ପାଇଁ ଆନନ୍ଦରେ ବେପାର କରନ୍ତି । ଦର୍ଶକ ଫେରିଲାବେଳକୁ ମାଛର ବିଭିନ୍ନ ସୁସ୍ୱାଦୁ ଆଇଟମ ଧରି ବୋଟ୍‌ରେ ବସି ଖାଇଖାଇ ଚିଲିକାର ଦୃଶ୍ୟକୁ ଉପଭୋଗ କରି ଆମ୍ଭ ବିଭୋର ହୋଇଯାଏ, ଏସବୁ ଚିତ୍ର ମନରେ ସ୍ମୃତିରେଖା ଟାଣିଦିଏ । ସତରେ, ପିଲାଦିନେ ଏସବୁ ମୁଁ ଦେଖିଥିଲି ହୃଦୟରେ ସ୍ମୃତିହୋଇ ରହିଯାଇଛି ।

Source: Author, Digitized by PPRACHIN, SOA

ସୀମା ଦେବୀ ଏମିତି ତାଙ୍କର ପିଲାଦିନର ସୁନ୍ଦର୍ ଅନୁଭୂତିର କାହାଣୀକୁ ବଖାଣି ଚାଲିଥାନ୍ତି, ପ୍ରଶାନ୍ତ ବାବୁ ନୀରବରେ ଆଗ୍ରହ ସହକାରେ ମନଦେଇ ଶୁଣୁଥାନ୍ତି । ଶୁଣିସାରି କହିଲେ ବାଃ. ବଢିଆ ଜାଗା ତ ମୁଁ ଶୁଣିଛି ସେ ଜାଗା ବିଷୟରେ ହେଲେ କେବେ ଯାଇନି । ଓହୋ, ହଁ ତେବେ କୁହ ସେଠାକୁ ଯିବା କି ନାହିଁ... ! କ'ଣ କହୁଛ ?

ପ୍ରଶାନ୍ତ ବାବୁ କହିଲେ, ହଁ ନିଶ୍ଚୟ ଯିବା ତୁମେ କହୁଛ ମୁଁ ପୁଣି ମନା କରିବି । ଏହା କେବେ ହେଲାଣି ! କହି ମୁରୁକି ହସଟିଏ ଦେଲେ । ତା'ପରେ ବାଦଲକୁ ଫୋନକରି ଜାଗା ବିଷୟରେ ଜଣାଇଦେଲେ ଏବଂ ସବୁ ଆରେଞ୍ଜମେଣ୍ଟ କରିବାର ଦାୟିତ୍ୱ ନେଲେ । ଆଜି ପୁରୁଣା ବର୍ଷର ଶେଷ ରବିବାର ! ସକାଳୁ ସକାଳୁ ସମସ୍ତ ସାଙ୍ଗମାନେ ତାଙ୍କ ସ୍ତ୍ରୀମାନଙ୍କ ସହ ପହଞ୍ଚିଗଲେ ନିର୍ଦ୍ଦିଷ୍ଟ ସ୍ଥାନରେ... । ଗୋଟେ ବଡ଼ ଗାଡ଼ିରେ ସମସ୍ତେ ଏକାଠି ବସି ବାହାରିଲେ ସାତପଡ଼ା ଅଭିମୁଖେ । ପରସ୍ପର ଭାବର ଆଦାନ ପ୍ରଦାନ ସହ ହସ ମଜା କରି ପହଂଚି ଗଲେ, ଚିଲିକା ନିକଟରେ । ପ୍ରଶାନ୍ତ ବାବୁ ଫୋନ କରି ଲଞ୍ଚ ବୋଟ୍ ବୁକିଂ ସହ ଭୋଜିର ମଧ ବ୍ୟାବସ୍ଥା କରି ଦେଇଥାନ୍ତି ଆଗରୁ, ସେମାନେ ଅପେକ୍ଷା କରି ରହିଥାନ୍ତି, ପହଞ୍ଚୁ ପହଞ୍ଚୁ ଆଦର ସହକାରେ ପାଛୋଟି ନେଲେ, କିଛି ଚା' ଜଳଖିଆର ଆତିଥ୍ୟତାକୁ ଗ୍ରହଣ କରି ବୋଟ୍‌ରେ ସମସ୍ତେ ବସିଲେ ନଳବଣ ଅଭିମୁଖେ ।

ବୋଟରେ ଦୀର୍ଘ ଦୁଇ ଘଣ୍ଟା ଯାତ୍ରା ଭିତରେ ଅନେକ ଖୁସି ସାଉଁଟିଲେ ପରସ୍ପର... ଘରୁ ନିଜ ହାତରେ ତିଆରି କରି ନେଇଥିବା ପିଠାପଣା ବଣ୍ଟାକୁଣ୍ଟା କରି ବୋଟ୍‌ରେ ବସିଖାଇ ଆନନ୍ଦ ଉଠାଉଥାନ୍ତି ସଭିଏଁ । କାହା ହାତ ତିଆରି ଜିନିଷ କେତେ ସୁଆଦିଆ ପରସ୍ପରକୁ ପ୍ରଶଂସା କରୁଥାନ୍ତି । କିନ୍ତୁ ଶେଷରେ ସମସ୍ତଙ୍କର ମତଥିଲା ସବୁଠୁ ଟେଷ୍ଟି ସୀମା ଦେବୀଙ୍କର ହାତ ତିଆରି ଭେଜ୍ କେକ୍ । ପ୍ରଶାନ୍ତ ବାବୁ ତାଙ୍କ ସ୍ତ୍ରୀଙ୍କର ପ୍ରଶଂସା ଶୁଣି କହି ପକାଇଲେ, ଖାଲି କଣ କେକ୍ ? ଆମ ମାଡ଼ାମ୍ ସବୁଥିରେ ଅଲରାଉଣ୍ଡର । ସୀମା ଦେବୀ ସବୁବେଳେ ଚାହିଁ ବସିଥାନ୍ତି ତାଙ୍କ ସ୍ୱାମୀଙ୍କ ମୁହଁରୁ ପ୍ରଶଂସା ଶୁଣିବାକୁ, ଏକଥା ବି ପ୍ରଶାନ୍ତ ବାବୁଙ୍କୁ ବେଶ୍ ମାଲୁମ । ସ୍ତ୍ରୀଙ୍କୁ ଖୁସିରେ ରଖିବା ପାଇଁ ସେ ସର୍ବଦା ତତ୍ପର । ତାଙ୍କ ପିତା ମାତାଙ୍କ ପରେ ସେ ତାଙ୍କ ସ୍ତ୍ରୀଙ୍କର ଦୁଃଖ ସୁଖକୁ ବେଶ୍ ହୃଦୟଙ୍ଗମ କରନ୍ତି, ସେଥିପାଇଁ ତାଙ୍କ ସଂସାର ବେଶ୍ ଆନନ୍ଦରେ

Source: Author, Digitized by PPRACHIN, SOA

କଟେ । ତାଙ୍କଠାରୁ ଅନ୍ୟମାନେ ଏହି କଥାଟି ଶିଖିବା ନିହାତି ଦରକାର । ସ୍ତ୍ରୀ ଟିକୁ ଖୁବ୍ ଭଲପାଇବା ଓ ତା କଥାକୁ ସମ୍ମାନ ଦେବା ସ୍ୱାମୀଟିର ମଧ୍ୟ କର୍ତ୍ତବ୍ୟ । ଯାହାକି ପ୍ରଶାନ୍ତ ବାବୁଙ୍କଠାରେ ଦେଖିବାକୁ ମିଳେ ।

ହଁ ବୋଟ୍ ଲାଗିଗଲା । ଏଥର ଚିଲିକାର ଆରପଟେ ନଳବଣ ନିକଟରେ ସୁନ୍ଦର୍ ସବୁଜ ବନାନୀ ବେଶ୍ ମନମୁଗ୍ଧକର । ଚରାଚରା ବାଲି ପୁଣି ଝାଉଁ ଗଛର ସୁନ୍ଦର୍ ପରିବେଶ । ସେଠାରେ ଅନେକ ଲୋକ ଚାଦର ବିଛାଇ ବସିଥାନ୍ତି, କେହିକେହି ଏଣେ ତେଣେ ବୁଲିବୁଲି ସେ ସୌନ୍ଦର୍ଯ୍ୟ ପୂର୍ଣ୍ଣ ପରିବେଶକୁ ମନ ଆନନ୍ଦରେ ଉପଭୋଗ କରୁଥାନ୍ତି ପୁଣି ଫଟୋ ଉଠାଇ ମଜା ନେଉଥାନ୍ତି । ବଣ ଭୋଜି ରୋଷେଇ ବାସ ଚାଲିଥାଏ । ଏମାନେ ବନ୍ଧୁ ବାନ୍ଧବୀମାନେ ମଧ୍ୟ ଗପସପ ଫଟୋ ଉଠାରେ ମାତିଥାନ୍ତି । ସେପଟେ ରୋଷେଇ ସରିଗଲାଣି । ଲଞ୍ଚ କରିବାର ସବୁ ବ୍ୟବସ୍ଥା ହୋଇ ସାରିଥାଏ, ସମସ୍ତେ ଏକାଧାଡ଼ିରେ ଖାଇବସିଲେ । ଆମିଷ ନିରାମିଷ ଉଭୟ ଆଇଟମ ହୋଇଥାଏ । ସମସ୍ତେ ଆମିଷ ସହ ନିରାମିଷ ଭୋଜନ କଲେ, ହେଲେ, ପ୍ରଶାନ୍ତ ବାବୁ ଆମିଷ ଖାଇଲେନି, ସେ ଅନେକ ଦିନରୁ ଆମିଷ ଛାଡ଼ି ଦେଇଛନ୍ତି । ଅନ୍ୟ ସାଙ୍ଗମାନେ ତାଙ୍କୁ ଆଶ୍ଚର୍ଯ୍ୟ ହୋଇ ପଚାରିଲେ ଆରେ ପ୍ରଶାନ୍ତ ତୁ ପରା ଆମିଷ ନ ହେଲେ ଖାଇବା ପାଖରେ ବସୁ ନଥିଲୁ ? ଏବେ ଆମିଷ ଖାଉନୁ କାଇଁ ? ହଁ ଇଚ୍ଛା ହେଲାନି ଖାଇବାକୁ ଅନେକ ଦିନରୁ ଛାଡ଼ି ଦେଇଛି.....!!!

ବାଦଲ ବାବୁ କହିଲେ ଆରେ ସାଙ୍ଗମାନେ ତୁମର ସବୁ ମନେଅଛି ନା ! ପ୍ରଶାନ୍ତ କେତେ ଭଲପାଏ ମଟନ ଖାଇବାକୁ । କଲେଜ ସମୟରେ ସେ ନିଜେ ହିଁ ରାନ୍ଧି ଆମକୁ ଖାଇବାକୁ ଦିଏ, ମଟନ ଝୋଳକରି । କେତେ ବଢିଆ ସୁଆଦିଆ ତରକାରୀ କରୁଥିଲା ସିଏ ...! ବିଭୂତି କହିଲା ହଁ ମ ମନେଅଛି !!! ଅନେକ ସମୟରେ ମନେପଡେ ମୋର, ସେ ଦିନର ଘଟଣା । ଆରେ ପ୍ରଶାନ୍ତ ତୋର ମନେ ଅଛି ନା ନାହିଁ ? ସେଦିନ ହୋଇଥାଏ ଡିସେମ୍ବର ୩୧ ତାରିଖ ରାତି ପାହିଲେ ନୂଆବର୍ଷ । ପ୍ରସନ୍ନର ଥାଏ ସେଦିନ ଜନ୍ମଦିନ । ହଁ ଆମ ମାନଙ୍କର ନିର୍ଦ୍ଦିଷ୍ଟ ନିୟମ ଅନୁସାରେ ଯାହାର ଜନ୍ମଦିନ ଯେଉଁଦିନ ପଡେ ସେ ସେଦିନ ବଢିଆ ବଢିଆ ଆଇଟମ ବନାଇ ନିଜ ଖର୍ଚ୍ଚରେ ଆମ ସମସ୍ତଙ୍କୁ ଖାଇବାକୁ ଦିଏ । ତେଣୁ ପ୍ରସନ୍ନର ପାଳିଥାଏ, ପ୍ରସନ୍ନ ଓ ମାନସ ଦୁହେଁ ମିଶି ବଜାରରୁ ସବୁ ସଉଦା କିଣି ଓ ମାଂସ ଆଣି ଥୋଇ

Source: Author, Digitized by PPRACHIN, SOA

ଦେଲେ । ସମସ୍ତେ ମିଶି ରୋଷେଇରେ ଲାଗିପଡ଼ିଲେ, ପ୍ରଶାନ୍ତ କିନ୍ତୁ ମାଂସ ଝୋଳ ତିଆରି କଲା । ମହମହ ମାଂସ ତରକାରୀର ବାସନାରେ ସମସ୍ତଙ୍କର ଭୋକ ଖୁବ୍ ବଢ଼ିଗଲା । ଆମ କ୍ଷୀରବାଲା ହରି ମଉସାଙ୍କୁ ବରାଦ ହୋଇଥିବା କଦଳୀ ପତ୍ର ପକାଇ ସମସ୍ତେ ଖାଇ ବସିଲେ ।

ଏପଟେ ପ୍ରସନ୍ନର ଜନ୍ମଦିନର ଶୁଭେଚ୍ଛା ସହ ସେପଟେ ନୂଆ ବର୍ଷକୁ ସ୍ୱାଗତର ପର୍ବ ମନରେ ବେଶ୍ ରୋମାଞ୍ଚ ଭରି ଦେଉଥାଏ । ଖୁବ୍ ହସଖୁସିରେ ମାଂସ ଝୋଳର ମଜା ଉଠାଇ ଖାଇ ଚାଲିଥାଉ... ଏମିତି ପୁରୁଣା ଅତୀତକୁ ମନେପକାଉ ପକାଉ ବିଭୂତି ବାବୁ କହିଲେ ଆରେ ପ୍ରଶାନ୍ତ ତୁ, କେତେ ମାଂସକୁ ଭଲ ପାଉଥିଲୁ ଯେ ମୋ ପତ୍ରରୁ ସେଦିନ ନଳୀ ମାଂସ ଖଣ୍ଡେ ଉଠାଇ ନେଇଥିଲୁ !

ମନେ ଅଛି ତ ? ପ୍ରଶାନ୍ତ ବାବୁ ଏକଥା ଶୁଣି ସୀମାଦେବୀ ଓ ତାଙ୍କ ବାନ୍ଧବୀମାନଙ୍କ ମୁହଁକୁ ଚାହିଁ ମୁରୁକି ଟିକେ ହସିଦେଲେ ଓ ସରମରେ ଲାଜେଇ ଗଲେ ଓ କହିଲେ ଏତେ କଥାସବୁ ମନେ ରଖିଛ, ଅସଲ୍ ମଜା କଥାଟିକୁ ଭୁଲିଯାଇଛ ତୁମେମାନେ !

ସମସ୍ତେ ଅବାକ୍ ହୋଇ ପ୍ରଶାନ୍ତ ବାବୁଙ୍କ ମୁହଁକୁ ଚାହିଁଲେ, ମଜା କଥାଟି କ'ଣ ପ୍ଲିଜ୍ କୁହନ୍ତୁ ବୋଲି ପତ୍ନୀମାନେ ଖୁବ୍ ଆଗ୍ରହର ସହ ନିବେଦନ କଲେ । କହୁଚି ତେବେ ଶୁଣନ୍ତୁ... ।

ସେଦିନ ଭୋଜି ଖାଇସାରି ଉଠୁ, ଉଠୁ ହଠାତ୍ କରେଣ୍ଟ ଚାଲିଗଲା, ଅନେକ ସମୟ ଧରି କରେଣ୍ଟ ଆସିଲାନି । କିଛି ସମୟ ସେମିତି କ୍ୟାଣ୍ଡେଲ୍ ଲାଇଟ୍ ଜଳାଇ ରେଡ଼ିଓରୁ ଗୀତ ଶୁଣି ଶୁଣି ବେଡ୍‌କୁ ସମସ୍ତେ ଶୋଇବାକୁ ଗଲୁ । ଧୀରେଧୀରେ କେତେବେଳେ କାହାକୁ ନିଦ ଆସିଯାଇଛି, କ୍ୟାଣ୍ଡେଲ୍ ଲାଇଟ୍ ବି ଲିଭିଯାଇଛି । ହଠାତ୍ କାହାର ଚିତ୍କାର ଶୁଭିଲା, ସମସ୍ତେ ଧଡଧାଡ୍ ଉଠି ପଡ଼ିଲୁ । ଦୁଆର ଆଡୁ ଚିତ୍କାରର ଶବ୍ଦ ଭାସି ଆସୁଥାଏ 'ମେଁ ମରଗୟା, ମେଁ ମରଗୟା' !!! ସମସ୍ତେ ଦୌଡିଲୁ ଦୁଆରେ ଥିବା ପାଇଖାନା ପାଖକୁ । ଦରଜା ଖୋଲାଅଛି । ଅନ୍ଧାର ଭିତରେ ଝାପସା ଜହ୍ନ ଆଲୁଅରେ ଦେଖିଲୁ ତପନ ପାଇଖାନା ଭିତରେ ଚିତ୍‌ପଟାଙ୍ଗ୍ ହୋଇ ପଡ଼ିଛି ଓ ଚିତ୍କାର କରୁଚି ମୁଁ ମରିଗଲି ମୁଁ ମରିଗଲି ....। ଆମେ କିଛି ବୁଝି ପାରିଲୁନି ତାର କ'ଣ ହେଇଛି ବୋଲି, ତାକୁ ଟେକାଟେକି କରି ଆଣିଲା ଭିତରେ ସେ ସଂଜ୍ଞାହୀନ ।

Source: Author, Digitized by PPRACHIN, SOA

କ'ଣ କରିବୁ କିଛି ବୁଦ୍ଧିବାଟ ଦିଶିଲାନି, ସଙ୍ଗେ ସଙ୍ଗେ ରାସ୍ତାକୁ ଦୌଡିଯାଇ ପାଖ ବସ୍ତିରେ ରହୁଥିବା ଏକ ରିକ୍ସା ବାଲାକୁ ନିଦରୁ ଉଠାଇ ତାକୁ ହସ୍ପିଟାଲ୍ ନେଇଗଲୁ ।

ଡକ୍ଟର ଦେଖିଲା ପରେ କହିଲେ କିଛି ବ୍ୟସ୍ତ ହେବାର ନାହିଁ ତାଙ୍କ ମନରେ କିଛି ଗୋଟେ ଭୟ ପଶିଯାଇଛି, କିଛି ସମୟ ପରେ ଠିକ୍ ହୋଇଯିବ । କିଛି ଚିନ୍ତାର କାରଣ ନାହିଁ, ତଥାପି ତା'ର ସଂଜ୍ଞା ଫେରି ଆସିବା ପାଇଁ ଗୋଟେ ସାଲାଇନ୍ ଲଗାଇ ଦେଲେ । କିଛି ସମୟ ହସ୍ପିଟାଲ୍‌ରେ ସେ ରହିଲା ପରେ ତା'ର ସଂଜ୍ଞା ଫେରି ଆସିଲା । ତାକୁ ମୁଁ ପଚାରିଲି ଆରେ ତପନ ତୋର କ'ଣ ହେଲା ?

କହିଲା ପ୍ରଶାନ୍ତ, ମୋତେ ଗୋଟେ କିଛି ଅସାଧ୍ୟ ରୋଗ ହୋଇଛି । ପେଟ ଜୋର୍‌ରେ କାଟିଲା ମୁଁ ଲାଟ୍ରିନ୍ ବସିସାରି ଶୌଚ ହୋଇ ଉଠିଲା ବେଳକୁ ଦେଖିଲି ମୋର ଖାଲି ଧଳାଧଳା ପତଳା ଝାଡା ବୋହି ଯାଇଛି । ମୁଁ ଦେଖି ଛାନିଆ ହୋଇଗଲି । ଓହୋ ! ତୁ ଚିନ୍ତା କରନା । ଡକ୍ଟର ଔଷଧ ଦେଇଛନ୍ତି ଭଲ ହୋଇଯିବ ।

ତା'ପରେ ହସ୍ପିଟାଲ୍‌ରୁ ସମସ୍ତେ ରୁମ୍‌କୁ ଆସିଲୁ । ସେତେବେଳକୁ କରେଣ୍ଟ ଆସି ଯାଇଥାଏ ତପନକୁ ତା ବେଡ୍‌ରେ ଶୁଆଇ ଦେଇ ପାଇଖାନା ଘର ଭିତରକୁ ଯାଇ ଯାହା ଦେଖିଲୁ ଆମର ହୋସ୍ ଉଡିଗଲା । ପାଇଖାନା ଭିତରେ ପଡ଼ିଛି, ହରି ମଉସା ସବୁଦିନ ପରି ଦେଇ ଯାଇଥିବା କ୍ଷୀର ଡାଳଟି.... ! ଏଥର ଆପଣ ମାନେ କୁହନ୍ତୁ ରହସ୍ୟଟିର କାରଣ... ! ସେହି ଅନ୍ଧାର ରାତିରେ, କ୍ଷୀରଡାଳ ଟି ପାଣି ଡାଳର ଭ୍ରମ ସୃଷ୍ଟି କରିଥିଲା ତପନ ଆଖିରେ...। ଏ କଥା ଶୁଣି ସେଦିନ ବଣ ଭୋଜିରେ ତପନର ଅନୁପସ୍ଥିତିରେ ଖୁବ୍ ହାସ୍ୟରୋଳ ସୃଷ୍ଟି ହୋଇଥିଲା ..! ଠୋ, ଠୋ ହୋଇ ହସିଉଠି ଥିଲେ ଏକା ସଙ୍ଗେ ସମସ୍ତେ... !

ନଳବଣର ସବୁଜ ବନାନୀର ଶୀତଳ ଶିରି ଶିରି ଶୀତୁଆ ପବନରେ, ଚିଲିକାର ଗଭୀର ଜଳ ଭିତରୁ ଦୃଶ୍ୟମାନ ହେଉଥିବା ଡ଼ଲଫିନର ଲୁଚକାଳି ଖେଳରେ ଓ ହଜାର ହଜାର ଲୋଭନିୟ ପକ୍ଷୀଙ୍କର କାକଳିରେ.. ଏବଂ ଅତୀତର ଅଭୁଲା ସ୍ମୃତିରେ ଗୁଞ୍ଜରଣ ସୃଷ୍ଟି କରୁଥିଲା ନୂତନ ବର୍ଷର ସ୍ୱାଗତ ସମ୍ଭାଷଣ ..!!!!

❖❖❖

Source: Author, Digitized by PPRACHIN, SOA

ଅବ୍ୟକ୍ତ ଚାହାଣୀ

ଅରୁଣ ବାବୁଙ୍କର ବିଲକୁଲ ଅଭ୍ୟାସ ନାହିଁ, ଘରକୁ ମାସିକିଆ ସଉଦା ଆଣିବା କି ଏକାଥରେ ହାଟରୁ କିଛି ପରିବା ଧରି ଘରକୁ ଆସିବା ....!! ସ୍ତ୍ରୀ ଅମିତା ଯେତେ କହିଲେ ବି ସେ କେବେ ଶୁଣନ୍ତିନି । ଯେତେବଳେ ଯାହା ଦରକାର କେବଳ ସେତିକି ଜିନିଷ ହିଁ ଆଣନ୍ତି। ଏମିତିକି ଘରେ ପୂଜା ପର୍ବ ବା ପିଲାଙ୍କ ଜନ୍ମଦିନରେ ସତ୍ୟ ନାରାୟଣ ପୂଜାଟିଏ ପାଇଁ ପୂଜକ ଦେଇଥିବା ବରାଦ ଅନୁଯାୟୀ ଜିନିଷ ବଜାରକୁ ଥରକୁ ଥରଯାଇ ଦଶ ଥରରେ ବି ପୁରଣ ହୁଏନି, କିଛି ଗୋଟେ ଜିନିଷର ଅଭାବ ନିଶ୍ଚୟଥାଏ । ଏମିତିକି ଦିନେ ଦିନେ ଘରେ ଅଲଣା ଖାଇବାକୁ ପଡେ, ବିନା ପିଆଜ, ରସୁଣରେ ବି ମାଛ ତରକାରୀ ହୁଏ...।

ଅରୁଣ ବାବୁ ବଜାର ଯାଇଥିବେ । ଗଲାବେଳେ ଅମିତା ବରାଦ କରିଥିବେ । ହଁ ଶୁଣ ଯଦି ମାଛ ଆଣିବ ପିଆଜ ଘରେ ନାହିଁ ଆଣିକି ଆସିବ ଭୁଲିବନି, କିନ୍ତୁ ଅରୁଣବାବୁ ଖାଲି ମାଛ ଆଣି ଆସିଥିବେ, ଅମିତା ବ୍ୟାଗ୍ ଅଣ୍ଡାଳି ଦେଖିଲାବେଳକୁ ପିଆଜ ନଥିବ, ପଚାରିଲେ କହିବେ ଆରେ ଭୁଲିଗଲି ସେମିତି ରାନ୍ଧିଦିଅମ । ଅମିତା ଆଉ କ'ଣ କହିବେ, ମୁଣ୍ଡରେ ହାତଦେଇ ନୀରବ ଚାହାଣୀରେ ଚାହିଁ ଦିଅନ୍ତି... କାମରେ ଲାଗିପଡନ୍ତି । ଏମିତି ଏମିତିରେ ସମୟ ଗଡିଗଲେ... ଏବେବି ସେ ପୁରୁଣା କଥା ଅନେକ ସ୍ମୃତି ପଟ୍ଟରେ ଉଜ୍ଜୀବିତ ହୋଇ ରହିଛି ଅମିତାଙ୍କର । ମନେ ପଡିଯାଉଛି ଗୋଟିଗୋଟି କରି ।

Source: Author, Digitized by PPRACHIN, SOA

ଦିନକର କଥା ଅରୁଣ ବାବୁ ସକାଳ ୧୦ଟାରେ ଘରୁ ସବୁଦିନ ପରି ଜଳଖିଆ ଖାଇ ବାହାରି ପଡିଲେ ଅଫିସ୍, ଗଲାବେଳେ ଅମିତା କହିଲେ, ହଁ ଶୁଣ, ତୁମକୁ ଦୁଇଦିନ ହେଲା କହୁଛି ଲୁଣ ସରି ଆସିଲାଣି ଆଣିବ । ତୁମେ ତ ଆଣୁନ କିନ୍ତୁ ଏବେ ଖାଇବାକୁ ଆସିଲାବେଳେ ଲୁଣ ପ୍ୟାକେଟ୍‌ଟେ ଧରି ଆସିବ, ମୁଁ ସବୁ ସିଝାସିଝି କରି ରଖିଥିବି, ଆସିଲା ପରେ ତରକାରୀ ଡାଲିରେ ଲୁଣପକାଇ ଛୁଙ୍କକରି ଖାଇବା । ହଉ ଏଇକଥା ଠିକ୍ ଅଛି, ମୁଁ ଖାଇବାକୁ ଆସିଲା ବେଳେ ନେଇ ଆସିବି ।

ଅମିତା ସବୁ ରେଡ୍ଡି କରି ବସିଥାନ୍ତି ସ୍ୱାମୀ ଆସିଲା ପରେ ଲୁଣ ପକାଇ ଗରମ କରି ଖାଇବେ । ଅରୁଣ ବାବୁ ଅଫିସରେ ମିଟିଂ ସାରି ୨ଟା ପରେ ସିଧାସଳଖ ଘରେ ଆସି ପହଂଚି ଗଲେ, ଅମିତା ଦରଜା ଖୋଲି ଦେଖନ୍ତି ସ୍ୱାମୀଙ୍କ ହାତରେ କିଛି ପ୍ୟାକେଟ ନାହିଁ, ପଚାରିଲେ ଲୁଣ କାହିଁ ? ଆରେ ହେ ଭୁଲିଗଲି, କହି ଘର ଭିତରକୁ ଆସିଲେ, ଧୂ ଧୂ ଖରାବେଳେ ଅମିତା ପାଣି ଗ୍ଲାସ୍‌ଟିଏ ହାତକୁ ବଢେଇ ଦେଲେ, ଅରୁଣ ବାବୁ ପାଣି ପିଇସାରି ଦୀର୍ଘ ନିଶ୍ୱାସଟିଏ ମାରି କହିଲେ ଅମିତା ଏବେ ସବୁ ଦୋକାନ ତ ବନ୍ଦ୍ ହୋଇଯିବଣି ଆଉ କ'ଣ ଲୁଣ ମିଳିବ, ଚାଲ ସେମିତି ଖାଇଦେବା । ହଁ ମ ବିନା ଲୁଣରେ କ'ଣ ଖାଇହେବନି, ମହାତ୍ମା ଗାନ୍ଧୀ ତ ପୁଣି ଲବଣ ସତ୍ୟାଗ୍ରହ କରି ଲୁଣ ଖାଉ ନଥିଲେ ଓ ତାଙ୍କସହ କସ୍ତୁରବା ମଧ ଲୁଣ ଛାଡ଼ି ଦେଇଥିଲେ... । ଆସ ଆଜିବି ଆମେ ବିନା ଲୁଣରେ ଖାଦ୍ୟଖାଇ ଦିନକପାଇଁ ପଛେ ହେଉ ମହାତ୍ମା ଗାନ୍ଧୀଙ୍କ ଆଦର୍ଶକୁ ମାନିନେବା । ଅମିତାବ ଆଉ ଉତ୍ତର କ'ଣ ଦେବେ ! କେବେ କିଛି ଉତ୍ତର ଦେଇ ଯୁକ୍ତିତର୍କ କରି ଝଗଡ଼ା କରିବାକୁ ପସନ୍ଦ କରନ୍ତିନି ସେ । ସେଥିପାଇଁ ଚୁପ୍ ରୁହନ୍ତି କିନ୍ତୁ ଅରୁଣ ବାବୁଙ୍କର ଏହି କାର୍ଯ୍ୟଧାରାକୁ ସ୍ତ୍ରୀ ଅମିତା ପସନ୍ଦ କରନ୍ତିନି ସତ୍ୟ, ସେ ନିଜେ ଆଣିବାପାଇଁ ଚେଷ୍ଟା କଲେବି ସ୍ୱାମୀ ତାଙ୍କୁ ସେତିକି ସୁଯୋଗ ଦିଅନ୍ତିନି । ନା, ନା, ତୁମେ କ'ଣ ବଜାର ଯିବ ? କିଛି ଦରକାର ନାହିଁ, ମୁଁ ନେଇ ଆଣିବି.... ଘରେ ଯାହା ଯେତେବଳେ ସରିଯାଏ, ସ୍ତ୍ରୀ ଅମିତା ବରାଦକରି ଲିଷ୍ଟିଏ ଥୋଇ ଦିଅନ୍ତି ଟେବୁଲ୍ ଉପରେ । ଅରୁଣବାବୁ ହଉ ଠିକ୍ ଅଛି କହି, ଆଣିବା ପାଇଁ ବାହାରି ଯା'ନ୍ତି ବ୍ୟାଗ୍‌ଟି ଧରି ବଜାରକୁ । ସଉଦା ଧରି ଘରକୁ ଆସନ୍ତି, ବ୍ୟାଗ୍‌ଟି ଥୋଇ, ଚାଲିଯାନ୍ତି ପାର୍କକୁ ଚାଲିବାପାଇଁ ।

Source: Author, Digitized by PPRACHIN, SOA

ଅମିତା ଘରର ଅନ୍ୟାନ୍ୟ କାମସାରି ଯେତେବଳେ ବ୍ୟାଗରୁ ସଉଦା କାଢ଼ନ୍ତି, ସେ କହିଥିବା ସଉଦା ପ୍ରାୟତଃ ସେଥିରେ ଅନେକ ନଥାଏ, ମନେମନେ କେବେଟିକେ ବିରକ୍ତ ହୁଅନ୍ତି, ପୁଣି ଚୁପ୍ ରହନ୍ତି, ଅରୁଣ ବାବୁ ଘରକୁ ଆସି ପଚାରନ୍ତି ଅମିତା ଦେଖିଲ ତୁମେ କହିଥିବା ସବୁ ଜିନିଷ ଅଛି ନା ନାହିଁ ? କାହିଁକି ନା ଲିଷ୍ଟ ନେବାକୁ ଭୁଲି ଯାଇଥିଲି ତ !!! ସ୍ତ୍ରୀ କୁହନ୍ତି ଏକଥା କ'ଣ ଆଜି ନୂଆ ! ଏହି କଥା ମୁଁ ଦୀର୍ଘ ତିରିଶ ବର୍ଷହେଲା ଦେଖିଆସୁଛି । ସେ ଯାହାବି ହେଉ ଅରୁଣ ବାବୁଙ୍କର ଏପରି କାର୍ଯ୍ୟକଳାପର ବେଖାତିର ଢଙ୍ଗ ଯଦିବା ଅମିତାଙ୍କର ମନରେ ଟିକେ ଦୁଃଖଦିଏ, ଆଘାତ ଦିଏ, ତଥାପି ସେ ଏଥିରେ ଆଦତ୍‌ରେ ପଡିଯାଇଛନ୍ତି, କାରଣ ସେ ଅରୁଣ ବାବୁଙ୍କର ହାତ ଧରିବା ଦିନଠାରୁ ହିଁ ତାଙ୍କର ଏହି ସ୍ୱଭାବକୁ ଠିକ୍ ଭାବରେ ପରଖି ନେଇଛନ୍ତି, ଯଦି କେବେବି କିଛି କହିଛନ୍ତି, ସ୍ୱାମୀଙ୍କ ଉପରେ କୌଣସୀ ପରିବର୍ତ୍ତନର ପ୍ରଭାବ ପଡିନି ବରଂ ତାଙ୍କ ଭିତରେ ଥିବା କ୍ରୋଧକୁ ଉପଲବ୍ଧି କରିଛନ୍ତି । କହି କି ମଧ୍ୟ ତାଙ୍କ ଅଭ୍ୟାସକୁ ବଦଳେଇ ପାରିନାହାନ୍ତି । ତେଣୁ ସମୟ ସହ ଖାପ ଖୁଆଇ ଆଜିଯାଏ ଚୁପ୍ ରହିଛନ୍ତି ସେ ।

ଦିନ ଗଡିଚାଲିଛି, ତାଙ୍କ ଚଳଣୀରେ କିଛି ବି ଫରକ ପଡେନି କି କେବେ ଏହି ବିଷୟକୁ ନେଇ ସ୍ୱାମୀ ସ୍ତ୍ରୀଙ୍କର ଝଗଡ଼ାବି ହୁଏନି । ତେଣୁ ଦୁଃଖ, ସୁଖର ସମ ତାଳରେ ନୀରବ ମନ୍ତ୍ରକୁ ଆପଣାଇ ସଂସାର ଡଙ୍ଗାକୁ ଖୁରୁଖୁରରେ ଚଳାଇ ନେଇଛନ୍ତି ଅମିତା । ଅରୁଣ ବାବୁଙ୍କର ସିନା ଭୁଲା ମନ, କିନ୍ତୁ ପିଲାମାନଙ୍କ ପାଠପଢ଼ାପାଇଁ ବେଶ୍ ଯତ୍ନବାନ୍ । ନିଜେ ପିଲାମାନଙ୍କୁ ପାଠ ପଢ଼ାଇ ଭଲ ମଣିଷ କରିଛନ୍ତି, ଝିଅ, ପୁଅ ଏବେ ବିଦେଶରେ ପ୍ରତିଷ୍ଠିତ କମ୍ପାନୀରେ ଚାକିରି କରୁଛନ୍ତି ! ଅରୁଣ ବାବୁଙ୍କ ପାଖରେ ପଇସାର ମଧ୍ୟ ସେମିତି ଅଭାବନାହିଁ, ଚାକିରିରୁ ଅବସର ପରେ ଯାହା ପେନସନ ପାଉଛନ୍ତି, ଘରଭଡ଼ାରୁ ଯାହା ମିଳୁଛି, ଚଳିବା ପାଇଁ ଯଥେଷ୍ଟ । କିନ୍ତୁ କାହିଁକି କେଜାଣି, ସେସବୁ କାର୍ଯ୍ୟରେ ଟିକେ ଢିଲା । ସହଜ ଢଙ୍ଗରେ ଯେଉଁ କାର୍ଯ୍ୟଟି ସୁନ୍ଦର ଭାବରେ ସୁରୁଖୁରୁରେ କରିହେବ ସେ ସବୁକୁ ଏତେ ଗୁରୁତ୍ୱ ଦିଅନ୍ତିନାହିଁ । ସ୍ତ୍ରୀ ଅମିତାଙ୍କର କୌଣସି କଥାକୁ ସେ ଠିକ୍‌ରେ ଧ୍ୟାନ ଦିଅନ୍ତିନାହିଁ ସେଥିପାଇଁ ସେ ଅନେକ ସମୟରେ ଅସୁବିଧାରେ ପଡନ୍ତି । ଅମିତା ଯେତେ କହିଲେ ବି ସେ ଶୁଣନ୍ତିନି । ତେଣୁ ଆଜିବା କିପରି ଶୁଣିବେ !

Source: Author, Digitized by PPRACHIN, SOA

ଆଜି ଏହି ମହାମାରୀ କୋରନାର ଭୟାବହତାର ଦୁର୍ଦ୍ଦିନରେ ଅମିତା ଆଜି ମୁଣ୍ଡରେ ହାତଦେଇ ବସିଛନ୍ତି, ଏଣେ ପିଲାଙ୍କର ଚିନ୍ତା, ତେଣେ ଘରେ ନା ଅଛି ରେସନ୍, ନା ପରିବା । ଭାବୁଛନ୍ତି ସେହି ପୁରୁଣା କଥା କେତେଥର କହିଲି ସ୍ୱାମୀଙ୍କୁ ଟିକେ ରେସନ୍ ଆଉ ପରିବା ଆଣି ଘରେ ରଖ । ବର୍ତ୍ତମାନ ହୁରି ପଡ଼ିଛି, କୋରନାର ପାର୍ଦ୍ଦୁଭାବରୁ ଚାରିଆଡ଼େ ଲକ୍‌ଡାଉନ୍ ହେବାର ସୂଚନା । ଲୋକମାନେ ଘରେ ଜମାକରି ରଖିଲେଣି ଅତ୍ୟାବଶ୍ୟକୀୟ ସାମଗ୍ରୀ କିନ୍ତୁ ସେ ଶୁଣିଲେନି... ବେଶି ନହେଲେ ନାହିଁ ଅନ୍ତତ ଆଣି ରଖି ପାରିଥାନ୍ତେ । ତାହା ବି କଲେ ନାହିଁ ।

ବର୍ତ୍ତମାନ ସମାଜର ପୃଷ୍ଠଭୂମିରେ ମହାମାରୀ କୋରାନାର ମହା ବିଭୀଷିକା ସମସ୍ତେ ଏବେ ଗୃହବନ୍ଦୀ । ଝିଅ, ପୁଅଙ୍କର ବାର୍ ବାର୍ ତାଗିତ ମାମା ତୁମେ ବାବାଙ୍କୁ ବିଲ୍‌କୁଲ ବାହାରକୁ ଛାଡିବନି । ପିଲା ବା କାହୁଁ ଜାଣିବେ ଘରେ ଖାଇବା ଜିନିଷ କିଛି ଅଛି କି ନାହିଁ ।

ଅରୁଣ ବାବୁ ମନେମନେ ବିରକ୍ତ ହୋଇ କୋରାନା ଭୁତାଣୁକୁ ଗାଳି ଦେଉଛନ୍ତି କେଉଁଠୁ, ଗୋଟେ ଆସି ଏଠି ଫାର୍ସ ଲଗେଇଛି... ମଣିଷ କେମିତି ଚଳିବ ଯେ ଘରୁ ବାହାରକୁ ବାହାରି ପାରୁନି, ସଟ୍‌ଡାଉନ୍, ଲକ୍‌ଡାଉନ୍‌ରେ ଦିନ କଟୁଛି, ଏମିତି ଦୁର୍ଦ୍ଦିନ ପରିସ୍ଥିତି ଆସିଲା ଯେ ଜୀବନ କାଳ ଭିତରେ ନା ଦେଖିଥିଲା, ନା ଶୁଣିଥିଲା ମଣିଷ, ଏମିତି ମନେ ମନେ ଗୁଣୁ, ଗୁଣେଇ ହେଉଥାନ୍ତି ସେ ଟିଭିଟି ଖୋଲି ଦିନରାତି କେବଳ ନିଉଜ ଶୁଣିବାରେ ସମୟ ବିତାଉଥାନ୍ତି । କ'ଣ ବା ଆଉ କରିବେ, କୁଆଡେ ତ ଯିବାର ନାହିଁ, କୋରନା ଭୁତାଣୁର ଭୟ ଗ୍ରାସ କରିଛି ସାରା ପୃଥିବୀକୁ । ମଣିଷ ସମାଜ ଆଜି ଦୋଦୂଲ୍ୟ ମାନ ଅବସ୍ଥାରେ... ଜୀବନ ଯିଇଁବାର ସନ୍ଧିକ୍ଷଣରେ ମଣିଷ ବର୍ତ୍ତମାନ ସମୟ ସହ ପ୍ରକୃତିର କରାଳରେ କବଳିତ..!! କ'ଣ ବା କରାଯିବ ? ଏମିତି ଅନେକ ଅସମାହିତ ପ୍ରଶ୍ନବାଚୀ ଭିତରେ ବୁଡ଼ି ରହିଥାନ୍ତି ଅରୁଣ ବାବୁ । ଅମିତା ବି ଭାରାକ୍ରାନ୍ତ ମନରେ ଥାନ୍ତି ! ଏତିକିବେଳେ ଝିଅ ସିଙ୍ଗାପୁରରୁ ଭିଡିଓ କଲ୍ କରିଛି, ମା'ର ଶୁଖିଲା ମୁହଁକୁ ଦେଖି ପଚାରୁଛି, ମାମା ତୁମେ ଖାଇନ କି ମୁହଁ କାହିଁ ଏମିତି ଶୁଖିଯାଇଛି । ମାମା ଟିକେ ମୁରୁକି ହସା ଦେଇ କହିଲେ ହଁ ହଁ ଖାଇଛି । ଝିଅ କହିଲା ମାମା ଗଲ କିଚେନ୍‌କୁ, କ'ଣ ରୋଷେଇ କରିଛ ମୋତେ ଟିକେ ଦେଖେଇଲ ?

Source: Author, Digitized by PPRACHIN, SOA

ଅମିତା ରୋଷେଇ ଘର ପରିବର୍ତ୍ତେ ବେଡ଼ରୁମ୍‌କୁ ଯାଇ ନିଜେ ଆଙ୍କିଥିବା ଏକ ଜଗନ୍ନାଥଙ୍କର ଚିତ୍ରକୁ ତାକୁ ଦେଖେଇ ଭୁଲାଇ ବାକୁ ଚେଷ୍ଟା କଲେ । ଝିଅ ଚିତ୍ରଟିକୁ ଦେଖି ଖୁବ୍ ଖୁସିହେଲା ସତ କିନ୍ତୁ ବେଶ୍ ବୁଝି ନେଲା ପରିସ୍ଥିତିକୁ । ପଢି ପାରିଲା ମା'ର ମନର ଭାଷାକୁ ଏବଂ ଜାଣିଛି ମଧ୍ୟ ତା' ବାବାଙ୍କର କାର୍ଯ୍ୟକଳାପକୁ ଭଲ ଭାବରେ... !

ତା'ପରଦିନ ହଠାତ୍ କଲିଂ ବେଲ୍‌ର ଶବ୍ଦ ଶୁଣି ଅମିତା ଗେଟ୍ ଖୋଲି ଦେଖନ୍ତି ତ ଗେଟ୍ ସାମ୍ନାରେ ଠିଆ ହୋଇଥିବା ସେଲସ୍ ବୟ ଏକ ବଡ଼ ପ୍ୟାକେଟ ଧରି ଠିଆହୋଇଛି, ଆପଣ ଅମିତା ମାଡାମ୍ ତ ! ହଁ, କ'ଣ ହେଲାକି ! ଆପଣଙ୍କର ଅନଲାଇନ ଅର୍ଡର ଆସିଛି ନିଅନ୍ତୁ, ଠିକ୍ ଏହି ସମୟରେ ଝିଅ ଫୋନକରି କହିଲା ମାମା ତୁମକୁ ମିଳିଗଲା ଜିନିଷ । ହଁ ରେ ମା' ଏଇ ତ ନେଉଛି । ଆରେ ମା' ତୁ କାହିଁ ଏସବୁ କରୁଥିଲୁ ଯେ ! ଅମିତା ଦେବୀ କହିଲେ ସିନା... କିନ୍ତୁ ମନରେ ଏକ ଆଶ୍ୱସ୍ତି ଅନୁଭବ କଲେ ! ପ୍ୟାକେଟ୍ ଧରି ଘର ଭିତରକୁ ଗଲେ, ଅରୁଣ ବାବୁ ଦେଖି ଆଶ୍ଚର୍ଯ୍ୟ ହେଲେ, ଏସବୁ କ'ଣ ? ଆମ ସାନୁ ଅନଲାଇନରୁ ପରା ଅର୍ଡର କରି ପଠାଇଛି । ଓହୋ ! ଆଚ୍ଛା ବେଶ୍ ଭଲକଥା, ଅରୁଣ ବାବୁଙ୍କର ମୁହଁରେ ତୃପ୍ତିଭରା ହସଟିଏ !

ଅମିତା ସ୍ୱାମୀଙ୍କ ଉଦ୍ଦେଶ୍ୟରେ କହୁଛନ୍ତି, କଣ ଭାରି ଖୁସି ତ...!! ସାନୁ କାହିଁକି ଦେଲା କେଜାଣି ! ତୁମେ ଆଉ କେତେଦିନ ଛତୁଆ ଖାଇ ରହିଥାନ୍ତ ଦେଖିଥାନ୍ତି । ଆଜିକୁ ଆଠଦିନ ହେଲା କେବଳ ଛତୁଆ ଖାଇ ଖାଇ ମୋତେ ବି ବିରକ୍ତ ଲାଗିଲାଣି । ଅରୁଣ ବାବୁଙ୍କ ଭିତରେବି ଆଉ ଏକ ସରଳ ସୁନ୍ଦର ହୃଦୟଟିଏ ଅଛି । ସେ ସାଙ୍ଗେସାଙ୍ଗେ କହି ପକାଇଲେ, ଦେଖୁଚ ତ ଟିଭିରେ କୋରନା କେମିତି ଗରିବଙ୍କ ପେଟରେ ଲାତ୍ ମାରୁଛି । ବିଲ୍‌କୁଲ ଖାଇବାକୁ ନପାଇ କେମିତି ହାଁ ହାଁ ହେଉଛନ୍ତି । ଲୋକମାନେ କେତେ କଷ୍ଟରେ ରହିଛନ୍ତି, ଆମେ ତ ତାଙ୍କଠାରୁ ବହୁତ୍ ଭଲରେ ଅଛେ... ଆଠଦିନ ହେଲା ଅନ୍ତତଃ ଛତୁଆ ଚୁନାଖାଇ ରହିଛେ । ସ୍ୱାମୀଙ୍କ ଠାରୁ ଏକଥା ଶୁଣି ଅମିତା ବାକ୍ୟହିନ ଚାହାଣିରେ ସ୍ୱାମୀଙ୍କ ମୁହଁକୁ ଛଳଛଳ ନୟନରେ ଚାହିଁ ରହିଛନ୍ତି ଓ ଭାବୁଛନ୍ତି ପ୍ରକୃତରେ ଅରୁଣ ବାବୁଙ୍କର ମନମୁଖୀ ଖାମ୍‌ଖିଆଲି ଢଙ୍ଗର କାର୍ଯ୍ୟଧାରା ତାଙ୍କୁ ଏପରି ବିପତ୍ତି ସମୟରେ ଉପହାସ କରୁନି ତ ?

Source: Author, Digitized by PPRACHIN, SOA

ନାୟିକା

ବଣ, ପାହାଡ, ଘେରା ସବୁଜ ବନାନୀ ଭାରି ମନୋରମ ସେ ଦୃଶ୍ୟର ଚିତ୍ରପଟ୍ଟ, କେନ୍ଦୁ ଜଙ୍ଗଲ, ଝାଉଁବଣ ଲାଖ, ଝୁଣା, ଅଁଳା, ହରିଡ଼ା, ବାହାଡା ପରି ମୂଲ୍ୟବାନ ଦ୍ରବ୍ୟର ସମ୍ଭାର, ମହୁଲ ଫୁଲର ମହମହ ବାସ, ଝରଣାର କୁଲୁ କୁଲୁ ନାଦରେ ଯେ କେହିବି ବିମୁଗ୍ଧ ହୋଇଯିବ, କୁନି କୁନି କୁଡିଆ ଘରର ନାଲି ମାଟିର କାନ୍ଥରେ ଅଙ୍କା ହୋଇଥିବା ଝୋଟି ଚିତ୍ରର କାରିଗରୀ କଳା ନିପୁଣତାରେ ଆଖି ପଡିଲେ, ବାଟୋଇର ପାଦ ଆପଣା ଛାଏଁ ଅଟକି ଯିବ ।

ଏମିତି ଦିନେ ବିକାଶ ବାବୁଙ୍କର ଗାଡ଼ିଟି ସେହି ସବୁଜ ଅରଣ୍ୟର ରାସ୍ତାରେ ଯାଉଯାଉ, ସେମିତି ଏକ କୁଡିଆ ଘର ଅଗଣାରେ ଦେଶୀ କୁକୁଡ଼ା ବୁଲୁ ଥିବାର ଦେଖି, ଗାଡ଼ିଟି ଅଟକି ଗଲା ଦେଶୀ କୁକୁଡ଼ା କିଣିବା ଲୋଭରେ । ଗାଡିରୁ ବାହାରି ସେହି ଘର ଅଗଣାରେ ପହଞ୍ଚି, ବିକାଶ ବାବୁ ଯାହା ଦେଖିଲେ ତାଙ୍କ ଆଖି ଧୋକା ଖାଇଗଲା ବୋଧହୁଏ, ଆଶ୍ଚର୍ଯ୍ୟ ଚକିତ ହେଲେ କିଛି ବୁଝି ପାରିଲେନି, କ'ଣ ମୁଁ ଦେଖୁଛି !!

Source: Author, Digitized by PPRACHIN, SOA

ଏହା ସତ ନା ! ସିନେମାର କିଛି ଦୃଶ୍ୟ । ଫୁଙ୍କନଳୀ ଧରି ଚୁଲି ଫୁଙ୍କୁଥିବା ସେହି ଗୋରା ତକ୍‌ତକ୍ ହଳଦୀ ବସନ୍ତ ପରି ଦେହର ରଙ୍ଗ, ଗୋଲ୍ ମୁହଁ, ଟିକେ ଚେପଟା ନାକ । ମୁକ୍ତାପରି ଚିକ୍ ଚିକ୍ କରୁଥିବା ଖୁବ୍ ସୁନ୍ଦର ଦାନ୍ତରେ ମୁରୁକି ହସ, ଲାଲ୍ ଶାଢ଼ି ମୁଣ୍ଡରେ ଓଢଣା, ମଥାରେ ନାଲି ବିନ୍ଦି, ସିନ୍ଥିରେ ବହଳ ସିନ୍ଦୂରର ଗାର, ହାତରେ ଶଙ୍ଖା, ଯିଏ ବି ଦେଖିଲେ ମନ ଲାଖିଯିବ । ସତେକି ଦେବୀ ପ୍ରତିମା, ସ୍ୱର୍ଗରୁ ଓହ୍ଲାଇ ଆସିଛନ୍ତି, ନା' ବଡ଼ ଦେଉଳରୁ ଲକ୍ଷ୍ମୀ ଠାକୁରାଣୀ ବାହାରି ଆସି ଏ ଗରିବ ଚଣ୍ଡାଳୁଣୀର କୁଡିଆ ଘରେ ପ୍ରବେଶ କରିଛନ୍ତି, କିଛି ବୁଝି ହେଉ ନଥାଏ, ବିକାଶ ବାବୁ ଜଣେ ସାମ୍ବାଦିକ ସହ ଡକୁମେଣ୍ଟାରୀ ଫିଲ୍ମ ମଧ୍ୟ କରନ୍ତି ତେଣୁ ସବୁ କଥାକୁ ଜାଣିବାରେ ତାଙ୍କର ଖୁବ୍ ଆଗ୍ରହ । ବାଟରେ ଯାଉ ଯାଉ ସେମିତି କିଛି ଆଖି ଦୃଶିଆ ଦୃଶ୍ୟ, ଯାହାକି ତାଙ୍କ ମନକୁ ପ୍ରଭାବିତ କରେ ସେ ତାକୁ କ୍ୟାମେରାରେ ବାନ୍ଧି ରଖନ୍ତି । ତେଣୁ ସେହି ଘର ଅଗଣାରେ ଠିଆହୋଇ ଥିବା ଦୁଇଜଣ ନାରୀ ପୁରୁଷଙ୍କୁ ପଚାରିଲେ ଏ ତୁମ ଘର ?

ହଁ ବାବୁ ! ଦେଶୀ କୁକୁଡ଼ା ବିକୁଛ ?

ହଁ ବାବୁ, ଆପଣ ନେବେ କି ?

ଯା'ରି ଭିତରେ ବିକାଶ ବାବୁ କହିଲେ ପାଣି ଟିକେ ପିଇବାକୁ ମିଳିବ କି ?

ସଙ୍ଗେ ସଙ୍ଗେ ସ୍ତ୍ରୀ ଲୋକଟି ଡାକ ପକାଇଲା ମା' ବିଜିଲ୍ ପାଣି ଗିଲାସେ ଆଣିଲୁ ବାବୁପାଇଁ । ବିଜିଲ୍ ସେହି ଚୁଲି ପାଖରେ ଥୁଆ ହୋଇଥିବା ପ୍ଲାଷ୍ଟିକ ବାଲ୍‌ଟିରୁ ଷ୍ଟିଲ ଗିଲାସରେ ପାଣି ଗିଲାସ ଆଣି ବିକାଶ ବାବୁ ହାତକୁ ବଢାଇ ଦେଇ ନମସ୍କାରଟି ପକାଇଲା । ବିକାଶ ବାବୁ ପାଣି ପିଇବା ବାହାନାରେ ସେ ଝିଅଟିକୁ ମନ ପୂରେଇ ଦେଖିନେଲେ, ତାଙ୍କ ମନ ଭିତରେ ଏକ ଅପୁରନ୍ତ ଆନନ୍ଦ ଖେଳିଗଲା ।

ତା' ବିଷୟରେ ତାଙ୍କର ଜାଣିବାକୁ ଜିଜ୍ଞାସା ବଢିଲା, ପ୍ରକୃତରେ ଏ କିଏ ? ଏ ଆଦିବାସୀ ଅଞ୍ଚଳରେ ଏପରି ପରିବାରରେ ଏମିତି ଝିଅଟି ପୁଣି ବୋହୂ ରୂପରେ ? କାରଣର ରହସ୍ୟ ଆଉ କ'ଣ ହୋଇପାରେ ! ଆଉ ସମ୍ଭାଳି ପାରିଲେନି ।

Source: Author, Digitized by PPRACHIN, SOA

ସେ ଝିଅଟି ଆଡ଼କୁ ଇଙ୍ଗିତ ଦେଇ ପଚାରିଲେ ସେ କିଏ ?

ସେ ପରା ଆମ ବୋହୂ !

ପଚାରିବା ଭିତରେ ଏକ ଯୁବକ ଆସି ପହଞ୍ଚିଗଲା ! ମା' ତା'ର କହିଲା ହେଇଟି, ଆମ ପୁଅ ଗଗନ ଆସିଲାଣି ।

ଗଗନ ବିକାଶ ବାବୁଙ୍କୁ ଚାହିଁଲା ଓ ଆଶ୍ଚର୍ଯ୍ୟ ହୋଇ ପଚାରିଲା, ଆଜ୍ଞା ଆପଣଙ୍କୁ ଜାଣି ପାରିଲିନି ?

ମୁଁ ବିକାଶ ରାଏ । ବୁଲା 'ସାମ୍ବାଦିକ' କିଛି ତଥ୍ୟ ସଂଗ୍ରହ କରିବା ମୋର କାମ । ଯଦି କିଛି ତୁମର ଆପତ୍ତି ନଥାଏ ତେବେ କିଛି ପଚାରିବି ।

ଗଗନ ଭଦ୍ରପିଲାଟି ଗରିବ ଆଦିବାସୀ ଘରେ ସିନା ଜନ୍ମହୋଇଛି କିନ୍ତୁ ମାନବୀୟ ଗୁଣ ତା' ଭିତରେ ନିଶ୍ଚୟ ଅଛି । କିଛି ପାଠ ବି ପଢ଼ିଛି । ଏକ ଛୋଟ ଦୋକାନଟି କରି ଘର ଚଳାଉଛି । ତେଣୁ ବିକାଶ ବାବୁ ତାକୁ ପଚାରିବା ଆରମ୍ଭ କଲେ ସେ ତାଙ୍କୁ ସମ୍ମାନ ଦେଇ ସବୁ ପ୍ରଶ୍ନର ଉତ୍ତର ଦେଇ ଚାଲିଲା । କେମିତି ଫେସବୁକ୍‌ରୁ ବିଜିଲି ସାଙ୍ଗରେ ତା'ର ଚାଟିଂରୁ ପ୍ରେମ ଆରମ୍ଭ ହୋଇଥିଲା । ପ୍ରେମୀରୁ ଏବେ କେମିତି ସ୍ୱାମୀ ସ୍ତ୍ରୀ ବନିଗଲେ ଗଗନ ଆଉ ବିଜିଲ । ସବୁ କଥା ଟିକେ ଲାଜୁଆ, ଲାଜୁଆ ଢଙ୍ଗରେ ବଖାଣି ଚାଲିଲା ଗଗନ ।

ସତରେ ମାନିବାକୁ ପଡ଼ିବ ଏ ଅନ୍ଧ ପ୍ରେମକୁ । ବିଜିଲି ଆମ ପଡୋଶୀ ରାଜ୍ୟର ଏକ ସମ୍ଭ୍ରାନ୍ତୀୟ ପରିବାର ଝିଅ । ଗଗନର ପ୍ରେମରେ ପାଗଳ ହୋଇ ଘରୁ ଲୁଚି ପଳେଇ ଆସିଥିଲା ଓଡ଼ିଶା । ସେତେବେଳେ ସେ ଜାଣି ନଥିଲା ବୋଧହୁଏ ଗଗନ ଗରିବ ପରିବାର ପୁଅଟିଏ । ତା'ର କ'ଣ ଅଛି ନ ଅଛି, କେମିତି ଚଳି ପାରିବ କି ନପାରିବ, କ'ଣ ହେବ ତା'ର ଭବିଷ୍ୟତ । ତା' ସ୍ୱଚ୍ଛ ନିର୍ମଳ ଅନ୍ଧପ୍ରେମ ଭିତରେ ସେ ଏସବୁକୁ ଅଣଦେଖା କରିଥିଲା, କେବଳ ଗଗନ ଭିତରେ ଦେଖି ପାରିଥିଲା ଓ ଖୋଜି ପାଇଥିଲା ଏବଂ ଅନୁଭବ କରିଥିଲା ତା' ସ୍ୱର୍ଗୀୟ ପ୍ରେମର ଅନୁଭୂତିକୁ ।

ଏକଥା ବିକାଶ ବାବୁ ବିଜିଲିଠାରୁ ଆବିଷ୍କାର କରିଥିଲେ, ତା' ସହ ଦୁଇପଦ କଥା ହେଲାପରେ ।

Source: Author, Digitized by PPRACHIN, SOA

ବିଜିଲ ଯେମିତି ଖୁସିରେ ବିଭୋର ହୋଇ ଯାଉଥିଲା, ତା' ଆତ୍ମା ଫଟାଇ ଝରି ଆସୁଥିଲା ଆନନ୍ଦର ଲହରୀ । ମୁହଁରୁ ଝରି ପଡୁଥିଲା ମୁକ୍ତାଝରା ହସ ।

ବିକାଶ ବାବୁ ଅନୁଭବ କରୁଥିଲେ ସେ ଯେମିତି କହୁଛି ନା' ମୁଁ କିଛି ଭୁଲ୍ କରିନି, ମୁଁ ଖୁବ୍ ଖୁସିରେ ଅଛି । ମୋ ସ୍ୱାମୀ ମୋ ଶାଶୁ ଶ୍ୱଶୁରଙ୍କ ଠାରୁ ଅନେକ ସ୍ନେହ ଭଲପାଇବା ପାଉଛି । ଯେଉଁଠି ଏତେ ଭଲପାଇବା, ନିବିଡ ପ୍ରେମ ଅଛି ସ୍ନେହ-ଶ୍ରଦ୍ଧା, ଆଦର ଅଛି, ଏଇଥିରୁ ମୁଁ ଖୁବ୍ ସୁଖ ଶାନ୍ତି ପାଉଛି, ଆଉ କ'ଣ ଯେ' ମୋର ଲୋଡା ! ମାନବ ପଣିଆ ଯେଉଁଠି ନାହିଁ ସେଠି ଟଙ୍କା ପଇସା କୋଠା ବାଡିର କ'ଣ ଯେ ମୂଲ୍ୟ ? ମୋ ବାପା ଲକ୍ଷପତି ହେଲେ କ'ଣ ହେଲା, ଘରେ ଦିନକ ପାଇଁ ଶାନ୍ତି ନଥାଏ । ପ୍ରତିଦିନ ବାପା ମା'ର ଝଗଡ଼ା । କେବେବି ଦିନେ ଘରେ ଶାନ୍ତି ମିଳେନାହିଁ । ସେ ଜୀବନର ମାନେ କ'ଣ ?

ସତରେ ସେ ଝିଅଟିର କଥା ବିକାଶ ବାବୁଙ୍କ ହୃଦୟକୁ ଦୋହଲାଇ ଦେଲା । ବିକାଶ ବାବୁ ସବୁ କଥାକୁ କ୍ୟାମେରାରେ କଏଦ କରି ରଖିଲେ ଓ ସେଠାରୁ ବିଦାୟ ନେଇ, ପୁଣି ଥରେ ଦେଖା ହେବ କହି ଗାଡ଼ିରେ ବସିଲେ ଓ ମନେ ମନେ ଭାବୁଥିଲେ ବିଜିଲ୍‌ର କଥା । ବିଜିଲ୍ ତାଙ୍କ ଆଗାମୀ ଫିଲ୍ମର ନାୟିକା ହେଲେ କେମିତି ହୁଅନ୍ତା ?

Source: Author, Digitized by PPRACHIN, SOA

କୋହ

ବେଳେବେଳେ ସମୟ ମିଳିଲେ ପାର୍କରେ କିଛି ସମୟ ବିତେଇବାକୁ ଖୁବ୍ ଭଲଲାଗେ । ସ୍ୱଚ୍ଛ ପରିବେଶ, ନାନା ପ୍ରକାରର ଫୁଲର ସମ୍ଭାର । ଆଖି ଫେରେଇ ହୁଏନି, ସେ ଫୁଲ ମାନଙ୍କର ନିଃଶବ୍ଦ କୋଳାହଳ, ତା'ର ସୁଗନ୍ଧର ବିଛୁରିତ ମହକରେ ବାସ୍ନାମୟ ହୋଇଉଠେ ମନ, ଉତଫୁଲିତ ହୁଏ ହୃଦୟ । ମନରେ ଜାଗେ, ଏକ ଅଫୁରନ୍ତ ଶିହରଣ । ଜଣେ ସାହିତ୍ୟିକ ବା କବିପଣର ଆବେଗିକ ଉଦ୍‌ବେଳନ । ସୁନ୍ଦର ବୃକ୍ଷରାଜି ଭିତରେ ଖୋଲା ଆକାଶ ତଳେ ନିଜକୁ କିଛି କ୍ଷଣ ହଜାଇଦିଏ । ଖୁବ୍ ନିରୋଳା ସ୍ଥାନଟିଏ ମୋ ପାଇଁ ଯେମିତି ସଂରକ୍ଷିତ ହୋଇ ରହିଥାଏ । ପାର୍କର ଏକ କୋଣ ମୁଣ୍ଡରେ ସିମେଣ୍ଟ ବେଞ୍ଚଟି ସତେ ଯେମିତି ମୋ ପାଇଁ ଅପେକ୍ଷାରତ । ତା' ଉପରେ ଲଥକିନା ବସିପଡେ । ଓହୋଃ ! ଶାନ୍ତିରେ ନିଃଶ୍ୱାସଟିଏ ମାରେ ଏବଂ ମୋ ଭାବନା ରାଜ୍ୟ ଭିତରକୁ ଧସେଇ ପଶନ୍ତି ଚତୁଃପାର୍ଶ୍ୱର କେତେକେତେ କାହାଣୀ ଗପ ହେଉ ବା କବିତା । ସେ ସବୁକୁ ଶବ୍ଦରେ ତୋଳି ଧରେ, କାଗଜ କଲମରେ ନୁହେଁ ସବୁର ଚିତ୍ରକୁ କଏଦ କରେ, ଏ ଅତ୍ୟାଧୁନିକ ଯୁଗରେ ହାତରେ ଧରିଥିବା ସ୍ମାର୍ଟଫୋନ୍‌ରେ ।

ଆଜିକାଲି ଏହି ସ୍ମାର୍ଟଫୋନ୍ ବିନା ନା ଦିନ ଆରମ୍ଭ ହୁଏ ନା ରାତି ଶେଷହୁଏ ।

ସେ ଯାହା ବି ହେଉ, ବର୍ତ୍ତମାନ ମୁଖ୍ୟ କଥାକୁ ଆସିବା । ସେଦିନ ହୋଇଥାଏ ବିଶ୍ୱ ମହିଳା ଦିବସ । ସବୁଦିନ ପରି ପାର୍କରେ ପଡିଥିବା ସେହି ନିର୍ଦ୍ଦିଷ୍ଟ ବେଞ୍ଚ ଉପରେ

Source: Author, Digitized by PPRACHIN, SOA

ବସି କିଛି ଲେଖୁଥାଏ । ହଠାତ ଆଖି ଉଠାଇଲା ବେଳକୁ ଦେଖିଲି ମୋ ନିକଟ ଦେଇ ସାମ୍ନାରେ ଏକ ସ୍ତ୍ରୀ ଲୋକ ଯାଉଥାନ୍ତି ଏବଂ ତାଙ୍କ ଲୁଗା କାନିରେ ଆଖିରୁ ଲୁହ ପୋଛି ଦେଉଥାନ୍ତି, ମୁହଁରେ ଯେମିତି ବିଷର୍ଣ୍ଣ ଭାବ, କୋହଭରା ହୃଦୟ ଲୁହଭରା ଆଖି । ମୁଁ ତାଙ୍କୁ ଦେଖି ଭଉଣୀ ବୋଲି ସମ୍ବୋଧନ କରି ଡାକିଲି, ଅଟକି ଗଲେ, ଉଠିକି ତାଙ୍କ ପାଖକୁ ଗଲି, ପଚାରିଲି କ'ଣ ହୋଇଛି କାନ୍ଦୁଛନ୍ତି ଯେ ?

କହିଲେ ନା' ନା' କିଛି ନାହିଁ ! କିନ୍ତୁ ତାଙ୍କ ଭଗ୍ନଛାତିର କୋହକୁ ସେ ଅଟକାଇ ପାରିଲେନି । ଭୋ, ଭୋ କାନ୍ଦି ଉଠିଲେ । ମୁଁ ତାଙ୍କୁ କୁଣ୍ଢେଇ ଧରିଲି ଏବଂ ପୁଣି ପଚାରିଲି କ'ଣ ହୋଇଛି ଭଉଣୀ ? ତଥାପି କିଛି କହିଲେନି । ତାଙ୍କ ହାତ ଧରି ସେହି ସିମେଣ୍ଟ ବେଞ୍ଚ ଉପରେ ବସାଇ ଦେଲି । ତାଙ୍କ ଲୋତକାପ୍ଲୁତ ଆଖିକୁ ମୋ ଲୁଗା କାନିରେ ପୋଛିଦେଲି । ପାଖରେ ଥିବା ପାଣି ବୋତଲରୁ ତାଙ୍କୁ ପାଣିଟିକେ ପିଇବାକୁ ଦେଲି । ଢୋକେ ମାତ୍ର ପାଣି ପିଇଲେ । ନିରବରେ ବସି ରହିଲେ । ମୁଁ ପୁଣି ପଚାରିଲି, କ'ଣ ହୋଇଛି ଭଉଣୀ କୁହନ୍ତୁ ନା ?

କଥାରେ କୁହନ୍ତି ପରା ଦୁଃଖ ବାଣ୍ଟିଲେ ସରେ , ସୁଖ ବାଣ୍ଟିଲେ ବଢେ । ତେଣୁ ଆପଣଙ୍କର ମନରେ ଯାହା ଦୁଃଖ ଅଛି କୁହନ୍ତୁ ନିଶ୍ଚିତ ଭାବରେ ହାଲକା ଲାଗିବ ।

ଯେହେତୁ ମୁଁ ଜଣେ ନାରୀ, ତେଣୁ ନାରୀ ହୃଦୟର ବ୍ୟଥାକୁ ବୁଝିବା ପାଇଁ ଭଗବାନ ସେତିକି ଶକ୍ତି ଦେଇଛନ୍ତି । କିଛି ସମାଧାନର ସୂତ୍ର ବାହାର କରି ଅନ୍ୟର ଦୁଃଖକୁ ଦୂର କରିବା ପାଇଁ ଆଉ ଜଣେ ନାରୀ ହିଁ ଯଥେଷ୍ଟ ।

ତେଣୁ ଜଣେ ନାରୀହିଁ ବୁଝିପାରେ ଆଉ ଜଣେ ନାରୀ ହୃଦୟର କଥା । ତେଣୁ କୁହନ୍ତୁ ଭଉଣୀ ମୁଁ କିଛି ନ କରିପାରିଲେ ବି ସମବେଦନା ତ ଜ୍ଞାପନ କରିପାରିବି ! ଆପଣଙ୍କ ଦୁଃଖ ସୁଖର ବନ୍ଧୁଟିଏ ତ ହୋଇପାରିବି । ନଚେତ୍ କିଛିବି ସମସ୍ୟା ଆପଣଙ୍କର ଥାଏ ମୋ ଦ୍ୱାରା ଯେତେଦୂର ସମ୍ଭବ ମୋ ସାମର୍ଥ୍ୟ ଅନୁସାରେ ମୁଁ ଆପଣଙ୍କୁ ସାହାଯ୍ୟ ତ କରି ପାରିବି ।

ଏହା ଶୁଣିଲା ପରେ କହିବା ଆରମ୍ଭ କଲେ । ତାଙ୍କ ପରିବାରର କଥା, ତାଙ୍କ ଦାମ୍ପତ୍ୟ ଜୀବନର କାହାଣୀ, ଯାହା ଶୁଣି ମୁଁ ସ୍ତମ୍ଭିଭୂତ ହେଲି । ତାଙ୍କ ବିବାହକୁ ଅନେକ ବର୍ଷ ହୋଇ ଗଲାଣି । ପିଲାମାନେ ବଡ଼ ହେଲେଣି, ଭଲ ପାଠପଢି ବଡ଼ ବଡ଼

Source: Author, Digitized by PPRACHIN, SOA

ମଲ୍‌ଟି ନେସ୍‌ନାଲ କମ୍ପାନୀରେ ବାହାରେ ଚାକିରି କରୁଛନ୍ତି । ପୁଅ-ଝିଅ ଦୁହେଁ ଇଞ୍ଜିନିୟର ।ବିବାହ ମଧ୍ୟ କରି ସାରିଛନ୍ତି । ସେମାନଙ୍କ ସଂସାରକୁ ନେଇ ସେମାନେ ବ୍ୟସ୍ତ । କିନ୍ତୁ ଏହି ସ୍ୱାମୀ ସ୍ତ୍ରୀ ଦୁହେଁ ଭୁବନେଶ୍ୱରରେ ରହୁଛନ୍ତି, ଘରଟିଏ ମଧ୍ୟ ତୋଳିଛନ୍ତି ସ୍ୱାମୀ ସେକ୍ରେଟାରୀଏଟରେ ଚାକିରି କରୁଥିଲେ, ଅବସର ପରେ କେବଳ ଘରେ ରୁହନ୍ତି ।

ସବୁବେଳେ ସ୍ତ୍ରୀଙ୍କ ସହ ବିନା କାରଣରେ ଖିଚିରି ଫିଚିରି ହୁଅନ୍ତି । ସେହି ମହିଳାଙ୍କ କହିବା କଥା ସେ ବିବାହ ପୂର୍ବରୁ ଏକ ସରକାରୀ ବିଦ୍ୟାଳୟରେ ଶିକ୍ଷୟତ୍ରୀ ଥିଲେ, କିନ୍ତୁ ବିବାହ ପରେପରେ ସ୍ୱାମୀ ତାଙ୍କୁ ଚାକିରି କରିବାକୁ ମନାକଲେ । ବାଧହୋଇ କୌଣସି ପ୍ରତିବାଦ ନକରି ଚାକିରି ଛାଡ଼ି ଦେଇଥିଲେ । ସ୍ୱାମୀ ସହ ଆସି ଭୁବନେଶ୍ୱରରେ ଘରଭଡା ନେଇ ରହିଲେ । ବର୍ଷକ ପରେ ପୁଅଟିଏ ହେଲା । ତା'ର ଯତ୍ନ ନେଉନେଉ ପୁଅକୁ ଦୁଇବର୍ଷ ନ ହେଉଣୁ ପୁଣି ଝିଅଟିଏ ହେଲା । ପିଲାଙ୍କ ଜଞ୍ଜାଳ, ଘର ଜଞ୍ଜାଳ ଭିତରେ ସମୟ ଗଡିଚାଲିଲା । ସେ ଭିତରେ ଅନେକ ଦୁଃଖ କଷ୍ଟ, ଯନ୍ତ୍ରଣା ଦେଇ ଗତି କରିବାକୁ ପଡିଲା । ପ୍ରତି କଥା କଥାରେ ସ୍ୱାମୀଙ୍କର ଅସହ୍ୟ ନିର୍ଯ୍ୟାତନା । ତାଙ୍କୁ ଅସମ୍ମାନ କରିବା । ସବୁଥିରେ ନିଚା ଦେଖାଇ ଗାଳିଦେବା । କଥା କଥାରେ ବାପଘର ନାଁ ଧରିବା । ଏମିତି ନିତିଦିନର ପ୍ରକୃତିଗତ ଢଙ୍ଗ ତାଙ୍କ ଅଭ୍ୟାସରେ ପଡିଗଲା ।

କଥାରେ କୁହନ୍ତି ଯେମିତି ଝଗଡା ନ କଲେ ତାଙ୍କ ସ୍ୱାମୀଙ୍କର ଖାଦ୍ୟ ହଜମ ହୁଏନି । ତାଙ୍କ କଥାରୁ ଲାଗୁଥିଲା ତାଙ୍କ ହୃଦୟର ଅକୁହା ବେଦନାକୁ ସେ ଯେମିତି କୋହରେ ଚାପି ଦେଉଛନ୍ତି । ଅନେକ କଥା କହିବାକୁ ଚାହୁଁଛନ୍ତି କିନ୍ତୁ କହିପାରୁ ନାହାନ୍ତି । କିଛି କଥା ବୁଝିହେଲେ ବି ଅନେକ ଅବୁଝା ରହିଯାଏ । ତାଙ୍କଠାରୁ ଯେତିକି କଥା ଶୁଣିଲି ତାଙ୍କୁ ପ୍ରଶ୍ନଟିଏ କଲି, ଆଚ୍ଛା ଭଉଣୀ ଆପଣ ତ ଆପଣଙ୍କ ସ୍ୱାମୀଙ୍କ ହାତ ଧରିଲା ଦିନଠାରୁ ଏସବୁ ସମସ୍ୟା ଭୋଗୀ ଆସୁଛନ୍ତି, ତେବେ ଆଜି ଏତେ କୋହ କାହିଁକି ? ପୁଣି ଭେଁ କିନା କାନ୍ଦି ଉଠିଲେ, କହିଲେ ମାଡାମ ଆଜି ଆନ୍ତର୍ଜାତୀୟ ମହିଳା ଦିବସ ଚାରିଆଡେ ପାଳିତ ହେଉଛି । କେତେ ଆନନ୍ଦ ଉଲ୍ଲାସରେ ନାରୀମାନେ ଅନେକ ସଭା ସମିତିର ଆୟୋଜନ କରି ନାରୀର ଅଧିକାର ବିଷୟରେ ନାରୀର

Source: Author, Digitized by PPRACHIN, SOA

ସଶକ୍ତିକରଣ ବିଷୟରେ, ନାରୀର ସମ୍ମାନ ବିଷୟରେ ଆଲୋଚନା କରୁଛନ୍ତି । ନିଜେ ସ୍ୱାଧୀନ ଭାବରେ କିପରି ନିଜ ଗୋଡ଼ରେ ନିଜେ ଠିଆ ହୋଇ ପୁରୁଷ ସହ ନାରୀଟିଏ ଆଗକୁ କାନ୍ଧରେ କାନ୍ଧ ମିଳାଇ ଚାଲିବାର କଥା କୁହାଯାଉଛି । ନାରୀ ବିନା ସଂସାର ଅଧୁରା । ନାରୀ ହେଉଛି ଶକ୍ତି ସ୍ୱରୂପିଣୀ । କଥାରେ କୁହନ୍ତି 'ନାରୀ ଶକ୍ତି ବିନା ଶିବ ହେଉଛନ୍ତି ଶବ' ! ଏତେ ସବୁ ସତ୍ତ୍ୱେ ନାରୀଟିଏ କାହିଁକି ଆଜି ଘରେ ଘରେ ଅବହେଳିତ ନିର୍ଯାତିତ ! ଲହୁକୁ ଲୁହ କରି ପିଇଯାଉଛି ! ଅଦେଖା ଯନ୍ତ୍ରଣାରେ ଧୈର୍ଯ୍ୟର ମଲମ ଦେଉଛି । କ୍ଷତ ନ ଶୁଖିଲା ପୂର୍ବରୁ ପୁଣି କ୍ଷତାକ୍ତ ହେଉଛି ।

ନିଜ ପରିବାରର ନିଜର ମାନ ମର୍ଯ୍ୟାଦା ତଳେ ନ ପକାଇବା ପାଇଁ ମାନସିକ ଓ ଶାରୀରିକ ଅସହ୍ୟ ଆଘାତର ଯନ୍ତ୍ରଣାକୁ ଅନ୍ୟକୁ ଲୁଚାଇ ସହିଯାଉଛି । ମାଡାମ ଏ ଲୁହ ମୋର ଆଜିର ନୁହେଁ, ପ୍ରତ୍ୟେକ ଦିନର । କେହି କେବେ ଦେଖି ନାହିଁ ମୋ ସୁପ୍ତ କୋହ କେତେବେଳେ ବେଦନାସିକ୍ତ ଯନ୍ତ୍ରଣାରେ ଛଟପଟ ହୋଇ ଲୁହ ଭାବରେ ବୋହିଯାଇ ମୋ ପଣତକାନିକୁ ଭିଜାଇ ଦିଏ । ଆଜି ମୋର ଦୁର୍ଭାଗ୍ୟ ବା ସୌଭାଗ୍ୟ ଜାଣେନା ଆଜି ମୋ ଜୀବନର ଭଗ୍ନ ହୃଦୟର କୋହଭରା ଲୁହ ଆପଣଙ୍କ ଆଖିରେ ଧରା ପଡିଗଲା.... ! !

ଏଇ ସମୟରେ ହଠାତ ତାଙ୍କ ସ୍ୱାମୀଙ୍କର ଫୋନ୍ ଆସିଲା । ସେପଟୁ ବେଶ୍ କ୍ରୋଧଭରା ଗର୍ଜନ ତର୍ଜନର ସ୍ୱର... କୁଆଡେ ଯାଇଛ.... ? ବିଚାରି ମହିଳାଟି କେବଳ ବ୍ୟାକୁଳିତ ନୟନରେ ମୋ ମୁହଁକୁ ଟିକେ ଚାହିଁଲେ, ତର ତର ହୋଇ ଉଠି ଚାଲିଗଲେ.. ! ! ମୁଁ ତାଙ୍କ ପଛରୁ ତାଙ୍କୁ ଶବ୍ଦହୀନ ଚାହାଣିରେ ଚାହିଁ ରହିଥିଲି, ମୋ ମନକୁ ଆନ୍ଦୋଳିତ କରୁଥିବା ପ୍ରଶ୍ନ ଭିତରେ ଉତ୍ତର ଖୋଜୁଥିଲି.... । ସତରେ କ'ଣ ଏବେବି ନାରୀଟିଏ ଏପରି ପରାଧୀନ ? ଆମ ପୁରୁଷ କୈନ୍ଦ୍ରିକ ସମାଜରେ, ଆମ ଚର୍ତୁଦିଗର ଅନେକଙ୍କ ଘରେ ନାରୀଟିଏ ଏପରି ଆଜିବି ନିର୍ଯାତିତ ? କୁହାଯାଏ 'ନାରୀ ପୁରୁଷ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ । ପୁରୁଷଟିଏ ଯଦି ତା' ନିଜ ଘରେ ସ୍ୱାଧୀନ ଭାବରେ ବଞ୍ଚି ପାରୁଛି, ତେବେ ନାରୀଟି ନିଜ ଘରେବି କ'ଣ ସ୍ୱାଧୀନରେ ଖୁସିରେ ଟିକେ ବଞ୍ଚିବାର ତା'ର ଅଧିକାର ନାହିଁ .... ? ! !

❖❖❖

Source: Author, Digitized by PPRACHIN, SOA

ରାଣୀମା'ଙ୍କ ଶେଷ ଇଚ୍ଛା

ସେଦିନ କଥା ଆଜିବି ଲୋମମୂଳ ମୋର ଶିହରିତ କରେ । ଚାରିଆଡ଼େ ହୁରି ପଡ଼ିଗଲା ସାଅନ୍ତଘର ରାଣୀ ମା'ର ଦେହ ଭୀଷଣ ଖରାପ । ବଞ୍ଚିବାର ଆଉ ସମ୍ଭାବନା ନାହିଁ । ସେତେବେଳେ ରାଣୀ ମା'ଙ୍କୁ ଛୟାଅଶୀ ବର୍ଷ ବୟସ ହୋଇଥାଏ । ସମସ୍ତଙ୍କର ଅତି ସମ୍ମାନୀୟା, ଆଦରଣୀୟା ସ୍ନେହମୟୀ 'ଠାକୁର ମା' । ରାଣୀ ଜେଜି ମା'ଙ୍କ ମୃତ୍ୟୁଶଯ୍ୟା ନିକଟରେ ପରିବାର ବନ୍ଧୁପରିଜନ ଓ କେତେଦୂରୁ ୧୦/୧୫ ଖଣ୍ଡି ଗାଁ'ରୁ ଧାଇଁଆସି ଜମା ହୋଇଥିବା ଅଗଣିତ ଲୋକ । ଦାଣ୍ଡଠାରୁ ଘର ଭିତର ଯାଏ ସମସ୍ତଙ୍କ ଆଖିରେ ଅଶ୍ରୁର ଧାର... । ସମସ୍ତଙ୍କ ପାଟିରେ ସେହି ଗୋଟିଏ କଥା, ପ୍ରଶଂସାରେ ଶତ ମୁଖ, ସମସ୍ତେ କହୁଥାନ୍ତି ମା' ସତେ କେତେ ଭଲଲୋକ ଦୁନିଆରେ ବିରଳ...। କେତେ ଦରଦୀ ହୃଦୟର ମଣିଷ । ଧର୍ମ ପରାୟଣା ସ୍ନେହମୟୀ ମଣିଷଟିଏ... । ତାଙ୍କୁ କ'ଣ କେବେ ଭୁଲିହେବ ! ସମସ୍ତଙ୍କ ମୁହଁରେ ଦୁଃଖର ଛାଇ !!

ଆମ ପରିବାରର ବଡବାପା, ବାପା, ଦୁଇ ଦାଦା, ବୋଉ, ବଡ଼ବୋଉ, ଦୁଇ ଖୁଡ଼ୀ ଓ ଆମେ ଅଠର ଭାଇ ଭଉଣୀଙ୍କ ଭିତରୁ ଆମର ହେତୁ ପାଇଥିବା ବା ଟିକେ ବଡ଼ହୋଇ ଯାଇଥିବା ତାଙ୍କର ନାତି ନାତୁଣୀ ସମସ୍ତେ ତାଙ୍କ ଚାରିପାଖରେ ଘେରି ବସିଥାଉ । କେହି ଜଣେ ଭାଗବତ ପଢୁଥାନ୍ତି ତା' ସହିତ କ'ଣ ଗୋଟେ ପୂଜା ପାଠ ହେଉଥାଏ, ରାଣୀ ମା'ଙ୍କ ମଥାରେ ଚନ୍ଦନ ଉପରେ ତୁଳସୀ ରଖାଯାଇଥାଏ । ସେ

Source: Author, Digitized by PPRACHIN, SOA

ଦୃଶ୍ୟକୁ କ୍ୟାମେରାରେ ବାନ୍ଧି ରଖିବା ପାଇଁ ଆମ ଗାଁ'ରୁ କିଛିଦୂର ନରେନ୍ଦ୍ରପୁର ଗଡ଼ାରେ ଫଟୋ ଷ୍ଟୁଡ଼ିଓ କରିଥିବା କ୍ୟାମେରା ମ୍ୟାନ୍‌କୁ ଆମ ସାନଦାଦା, ଆମେ ଯାହାଙ୍କୁ କଟକଦାଦା ବୋଲି ଡାକୁ ସେ ଆମ ଗାଁ'ର ଏକ ପିଲାକୁ ପଠାଇ କ୍ୟାମେରା ମ୍ୟାନ୍‌କୁ ଡାକି ଆଣିଥାନ୍ତି । ଫଟୋ ଉଠା ଚାଲିଥାଏ । ପରିବେଶ ପୁରା ଗମ୍ଭୀର...। ମୁଁ ମଧ୍ୟ ମୋ ପ୍ରିୟ ଜେଜି ମା'ଙ୍କ ପାଖରେ ବସିଥାଏ, ତାଙ୍କ ମୁଣ୍ଡ ଉପରେ ହାତ ରଖି, ଆଖିରୁ ସେମିତି ଅନବରତ ଲୁହ ଝରୁଥାଏ । ସମସ୍ତେ ତାଙ୍କୁ ଚାହିଁ ବସିଥାନ୍ତି । ରାଣୀ ମା' ଧୀରେ ଧୀରେ ଆଖି ଖୋଲି ପ୍ରଥମେ ମୋ ମୁହଁକୁ ଟିକେ ଚାହିଁଲେ, ଆଶ୍ଚର୍ଯ୍ୟ କଥା ତାଙ୍କ ହାତରେ ମୋ ହାତକୁ ଖୁବ୍ ନିବିଡତାର ସହ ମୁଠେଇ ଧରିଲେ ଓ ସେତେବେଳେ ସେ ଅଞ୍ଚଳର ଶ୍ରେଷ୍ଠ ମୃଦଙ୍ଗବାଦ୍ୱ ତୁଲାଉ ଥିବା ଆମ ବଡ଼ବାପାଙ୍କ ହାତରେ ତାଙ୍କ ନାତୁଣୀର ହାତକୁ ଧରାଇ ଦେଇ ଖନେଇ, ଖନେଇ କହିଲେ, ଶୁଣୁରେ, ଶିବୁ ମୋ ଗେହ୍ଲା 'ଅମା' ତୁମକୁ ଲାଗିଲା(ମୋ 'ଜେଜି ମା' ମୋତେ ଶ୍ରଦ୍ଧାରେ ଅମା ବୋଲି ଡାକନ୍ତି)।

ତାକୁ ଏମିତି, ସେମିତି ଜାଗାରେ ବାହାଘର କରିବନି । ଭାରି ସୁକୁମାରୀଟା ସେ ଯେମିତି ସହରରେ ରହିବ । ଭୁବନେଶ୍ୱରରେ ଯଦି ଚାକିରି କରିଥିବା ଜ୍ୱାଇଁଟି ମିଳେ ତାକୁ ସେଇଠି ବାହାଘର କରିଦେବ । ମୋ ରାଣୀ ମା'ର ସେ ମୁମୂର୍ଷୁ ମୁହୂର୍ତ୍ତର ଶେଷ କଥାପଦକ ବା ଶେଷଇଚ୍ଛା ମୋ ବଡବାପା, ବାପା, ଦାଦା ଓ ପରିବାରର ସମସ୍ତଙ୍କୁ ଚମକେଇ ଦେଇଥିଲା... ।

ତାଙ୍କର ଅଠର ନାତି ନାତୁଣୀଙ୍କ ଭିତରୁ ମୋତେ କାହିଁକି ଯେ, ଏପରି ଅମାପ ସ୍ନେହ ଭଲପାଇବା ଓଜାଡୁ ଥିଲେ ସେ ହିଁ ଜାଣନ୍ତି... । ଯେତେ ଯାହା ସାଇତି ରଖିଥିବା ଭଲଭଲ ଖାଇବା ଜିନିଷ ସମସ୍ତଙ୍କୁ ଲୁଚାଇ ମୋତେ ହିଁ ଦିଅନ୍ତି । ମୋତେ ଗେହ୍ଲା କରନ୍ତି, ମୋତେ କୋଳରେ ପୂରାଇ ଶୁଅନ୍ତି । ତାଙ୍କ ବିସ୍ତାରିତ ବକ୍ଷରାଜି ତଳେ ମୁଁ ଯେତେବେଳେ ମୁଣ୍ଡଗୁଞ୍ଜି ଶୋଇଥାଏ, ସେ ଉଷ୍ମତାର ଅନୁଭବ କ'ଣ ସତେ ଭୁଲିହେବ ? ସେ ମିଠା ପରଶ ସହିତ ଗପ କାହାଣୀର ମଜା... ବହଳ ଅନ୍ଧାର ରାତିରେ ଡିବିରି ବତୀର ମିଞ୍ଜି ମିଞ୍ଜି ଆଲୁଅରେ ଗୋବର ବନମାଟିରେ ଲିପା ସେ ମାଟି କାନ୍ଥର ମହମହ ବାସ୍ନାସହ ବାଡିପଟ ତାଳ ଗଛରେ ନିଶବ୍ଦ ରାତିରେ ଢୋ ଢ଼ା

Source: Author, Digitized by PPRACHIN, SOA

ଶବ୍ଦର ଝଙ୍କାର । ଭୂତ ଦେଖିବାର ଭୟରେ ଆଖି ବୁଜି ରାଣୀ ମା'ଙ୍କୁ ଯେତେବେଳେ ଖୁବ୍ ଜୋର୍‌ରେ ଜାବୁଡ଼ି ଧରେ, ରାଣୀ ମା'ର ନରମ କୋଳର ସୁରକ୍ଷା ବଳୟର ମଧ୍ୟର ସ୍ପର୍ଶ କେତେ ଯେ ମୋତେ ଆନନ୍ଦ ଦିଏ, ତାହାକୁ ପ୍ରକାଶ କରିବାକୁ ମୁଁ ଶବ୍ଦହୀନ । ଯେତେ କହେ ମା' ଚାଲ କୋଠା ଘରର ଆଉ ଅନ୍ଧାରେ ଶୋଇବା ଏଠି ଡର ଲାଗୁଛି । ମୋ ଜେଜି ମା' କିନ୍ତୁ କେବେବି ଆମର ସେ ରାଜପ୍ରସାଦ ଭଳି ବିରାଟ କୋଠାଘରକୁ ନଯାଇ ତାଙ୍କର ସେହି ପ୍ରିୟ ମାଟିଘରେ ଶୋଇବାକୁ ପସନ୍ଦ କରନ୍ତି । କାରଣ ବାପାଙ୍କ ଠାରୁ ଶୁଣିଥିଲି ସେ କୁଆଡେ ଆମ ଜେଜେ ବାପାଙ୍କ ଉପରେ ଅଭିମାନ କରି, ସେ କୋଠାଘରକୁ ଶୋଇବାକୁ ଯାଆନ୍ତିନି । ମୋ ବାପା, ଦାଦା ଯେତେବେଳେ ମାତ୍ର ଦୁଇ, ଚାରିବର୍ଷର ହୋଇଥିଲେ, ସେତେବେଳେ ଜେଜେ ବାପା, ଆମ ଜମିଦାରୀ ଘରଦ୍ୱାର, କୁନି କୁନି ଚାରି ପୁଅଙ୍କର ସବୁ ଦାୟିତ୍ୱକୁ ଜେଜେ ମା' ମୁଣ୍ଡ ଉପରେ ଲଦିଦେଇ ହଠାତ୍ ଆରପାରିକୁ ଚାଲି ଯାଇଥିଲେ ପରିବାରକୁ ଦୁଃଖ ସାଗରରେ ଭସାଇ ଦେଇ !!

ଜେଜେ ମା' ରାତିରେ ସିନା ଶୁଅନ୍ତିନି କୋଠାଘରେ, ହେଲେ ପ୍ରତ୍ୟେକ ଦିନ ସକାଳୁ ନିତ୍ୟକର୍ମ ସାରି ଧବଳ ସମ୍ବଲପୁରୀ ଶାଢ଼ୀର ପରିପାଟୀରେ ବସିପଡନ୍ତି କୋଠା ଘରର ଚଉଡ଼ା ବାରଣ୍ଡାରେ ପଡିଥିବା ଆରାମ ଚୌକି ଉପରେ, କାନିରେ ବାନ୍ଧି ଥାଆନ୍ତି ମୋଖାଏ ପଇସା ପାଖରେ ରଖିଥାନ୍ତି । ଚାଉଳ ବାଉଁଶିଆ ଯୋଗୀ ଭିକାରୀଙ୍କୁ ଦେବା ଆଳରେ... । କେତେ ଯେ ଯୋଗୀ ଭିକାରୀ ଆସନ୍ତି ତା'ର ହିସାବ ନଥାଏ । ଆମ ରାଣୀ ମା' ଥିଲେ କୁଆଡେ ଭାରି ଲକ୍ଷ୍ମିବନ୍ତ । ତାଙ୍କ ହାତରୁ ଚାଉଳ ମୁଠାଏ ବା ଟଙ୍କାଟିଏ ନେଇଗଲେ ଯୋଗୀ ଭିକାରୀଙ୍କର କୁଆଡେ ଦିନ କଟେ ଭାରି ଆନନ୍ଦରେ... ରାଣୀ ମା'ଙ୍କର ହାତ ପରଷାରେ ସମସ୍ତଙ୍କ ପେଟ ଭରିଯାଏ । କାହାକୁ କେବେ ଖାଲି ହାତରେ ସେ ଦାଣ୍ଡ ଦୁଆରୁ ଫେରାନ୍ତି ନାହିଁ । ଦୁଃଖୀ ରଙ୍କିଙ୍କର ଦୁଃଖକୁ ବେଶ୍ ହୃଦୟଙ୍ଗମ କରନ୍ତି ।

ପ୍ରତ୍ୟେକ ସୋମବାର ଆମ ଗାଁ'ଠୁ କିଛିଦୂର ଚିତ୍ରୋତ୍ପଳା ନଦୀ କୂଳରେ ଥିବା ଗଡଗଡିଆ ଶିବ ମନ୍ଦିରକୁ ମୋତେ ସାଙ୍ଗରେ ନେଇକି ଯାନ୍ତି । ସେଠାକାର ପ୍ରସିଦ୍ଧ ହରି ସାହୁ ଦୋକାନରୁ ସୁଆଦିଆ ପକୁଡ଼ି ଓ ଗୁଲୁଗୁଲା ଖାଇବାକୁ ଦିଅନ୍ତି ।

Source: Author, Digitized by PPRACHIN, SOA

ଛୋଟବେଳେ ମୁଁ ସ୍କୁଲରୁ ଫେରିବା ବାଟରେ ରାଣୀମା' ମୋତେ ଚାତକ ପରି ଚାହିଁ ରହିଥାନ୍ତି, ଆମେ ସବୁ ଭାଇ ଭଉଣୀ ଏକାଠି ଆସି ଥାଉ, ହେଲେ ରାଣୀ ମା' ମୋ ହାତ ଧରି ଖୁବ୍ ଶ୍ରଦ୍ଧାରେ ଘର ଭିତରକୁ ନେଇ ଯାଆନ୍ତି । ଚୁପି ଚୁପି ମୋ କାନରେ କୁହନ୍ତି ଶୁଣୁ ଅମା ଚୁଲିମୁଣ୍ଡ ପାଖ କୋଣରେ ତରକାରୀ ତୋ ପାଇଁ ଘୋଡାଇ ରଖିଛି, ଭାତରେ ଲଗାଇ ଖାଇଦେବୁ । ଭଲଭଲ ସୁଆଦିଆ ତରକାରୀ କିମ୍ବା ଇଲିଶି ଶୁଖୁଆ ଭଜା ବା ମାଛବାଲା ଦେଇ ଯାଇଥିବା ପାମ୍ଫ୍ଲେଟ୍ ମାଛ, ମସଲା କିମ୍ବା ଆମ ବିରାଟ ବଡ଼ ଗାଡ଼ିଆରୁ ଜାଲରେ ଧରା ହୋଇଥିବା ଶିଙ୍ଗି, ମାଗୁର, ଶେଉଳ ଓ କଉମାଛର ବେସରଦିଆ ଝୋଳ ହୋଇଥିଲେ ତାଙ୍କ ଖାଇବାରୁ ମୋ ପାଇଁ ସେ ବଳେଇ ରଖିଥାଆନ୍ତି ଖୁବ୍ ଶ୍ରଦ୍ଧାରେ । କେବେ ଯଦି ସେହି ତରକାରୀକୁ ମୁଁ ଆସିଲା ପୂର୍ବରୁ କିଏ ଖାଇ ଦେଇଥାଏ, ତେବେ ରାଣୀ ମା'ର ରାଗ ପଞ୍ଚମରେ !! ଏତିକି ଜାଣିଛି, ମୋର ବି ମନେ ଅଛି ମୋ ରାଣୀ ମା'ଙ୍କୁ ମୁଁ ଖୁବ୍ ଭଲପାଏ ।

ସବୁଦିନ ତାଙ୍କ ମୁଣ୍ଡରୁ ଉକୁଣୀ ବାଛେ, ରାତିରେ ଶୋଇଲା ପୂର୍ବରୁ ତାଙ୍କ ଗୋଡ଼ ଘଷିଦିଏ - ଏହା ମୋର ନିତିନିଦିଆ କାମ । ନ ହେଲେ ମୋତେ ବିଲ୍‌କୁଲ ଭଲ ଲାଗେନାହିଁ । ଛୋଟରୁ ବଡ଼ ହେବାଯାଏ ତାଙ୍କରି ପାଖରେ ହିଁ ମୋ ଚୁଲବୁଲି ଚପଳାମି ପଣସବୁ ବାହାର କରେ !

ଆଜି ବି ମୋ ରାଣୀ ମା'ଙ୍କୁ ଖୁବ୍ ଝୁରୁଛି ମୁଁ । କାହିଁକି ଯେ, ସେ ସବୁ ନାତି ନାତୁଣୀଙ୍କ ଭିତରେ ମୋତେ ଏତେ ଭଲ ପାଉଥିଲେ, ସେକଥା ମୋ ହୃଦୟକୁ ଆନ୍ଦୋଳିତ କରେ, ମୋ ମନରେ ପ୍ରଶ୍ନ ଉଙ୍କି ମାରେ ! ସତରେ ମୋ ରାଣୀ ମା'ଙ୍କ ଆଦର୍ଶରେ ମୁଁ ଆଜି ଅନୁପ୍ରାଣିତ । ସେ ଥିଲେ ଖୁବ୍ ଦୟାବନ୍ତ ସମାଜସେବୀ, ପରୋପକାରୀ, କାହାକୁ କେବେ ଖାଲି ହାତରେ ଦୁଆର ମୁହଁରୁ ଫେରାନ୍ତି ନାହିଁ । ଦୀନ ଦୁଃଖିଙ୍କର ଦୁଃଖକୁ ବୁଝନ୍ତି ପେଟକୁ ଚିହ୍ନନ୍ତି, ମୋ ରାଣୀ ମାଆଙ୍କର ହାତ ରନ୍ଧା, ହାତ ପରଷା ଯିଏ ଖାଇଥିବ ସେ ଜୀବନରେ କେବେବି ଭୁଲି ନଥିବ... ସମସ୍ତେ କୁହନ୍ତି ରାଣୀ ମା' ଆମ ଗାଁ'ରେ ରାନ୍ଧିଲେ ପାଖ ଗାଁ କୁ ମହମହ ବାସେ ..! ସତରେ ଆମ ରାଣୀ ମା'ର ମୁଗ ଡାଲି ପକା ମାଟି ହାଣ୍ଡିର ମାଂସ ଝୋଳର ବାସ୍ନା ଏବେବି ମୋ ନାସାକୁ ଶିହରିତ କରେ, ପାଟିରୁ ଲାଳ ଗଡି ଆସେ...!!

Source: Author, Digitized by PPRACHIN, SOA

ଆଜି ସେ ଇହ ଧାମରେ ନାହାନ୍ତି ସିନା, ହେଲେ ସମସ୍ତଙ୍କ ସ୍ମୃତିରେ ଜୀବିତ ଅଛନ୍ତି । ଆମ ପରିବାର ଯେତେବେଳେ ପର୍ବପର୍ବାଣିରେ ସମସ୍ତେ ଏକାଠି ହୁଅନ୍ତି ମୋ ସହିତ ମୋ ଜେଜି ମା'ଙ୍କର ନିବିଡତାର ସମ୍ପର୍କ ଓ ମୃତ୍ୟୁ ଶଯ୍ୟାରେ ରହି କହିଥିବା ଶେଷ ଇଚ୍ଛାକୁ ମନେ ପକାନ୍ତି ଓ ରାଣୀ ମା' ମୋତେ ସବୁଠୁ ସମସ୍ତଙ୍କ ଠାରୁ ବେଶୀ ଭଲପାଆନ୍ତି ବୋଲି ସମସ୍ତେ ଜାଣନ୍ତି ...!!

ଆଜି ସିନା ମୋ ରାଣୀ ମା' ମୋ ପାଖରେ ସ୍ୱଦେହରେ ନାହାଁନ୍ତି, ହେଲେ ତାଙ୍କର ଶୁଭେଚ୍ଛା, ଶୁଭ କାମନା, ଆଶୀର୍ବାଦ ସବୁବେଳେ ମୋ ପାଖେ ପାଖେ ରହିଛି ବୋଲି ପ୍ରତିକ୍ଷଣେ ଅନୁଭବ କରେ । ତାଙ୍କ ଜୀବନର ଶେଷ ମୂହୂର୍ତ୍ତର ଶେଷ ଇଛା କେବେବି ମଉଳି ଯାଇନି, ତାଙ୍କ ଆଶୀର୍ବାଦରୁ ତାଙ୍କ ଗେହ୍ଲା ନାତୁଣୀ ଆଜି ଖାଲି ଭୁବନେଶ୍ୱର କ'ଣ ସାରା ଦେଶ ଓ ବିଦେଶ ଯିବାର ସୁବିଧା ସୁଯୋଗରୁ ବଞ୍ଚିତ ହୋଇନି, ଏବେବି ବେଳେବେଳେ ମନ ହୃଦୟରୁ ତାଙ୍କ ଶେଷ କଥା ପଦକ ଜୀବନ୍ତ ସ୍ମୃତିହୋଇ ଜଳଜଳ ଫୁଟି ଦିଶେ ଓ ଆନନ୍ଦର ଦୁଇ ବୁନ୍ଦାଲୁହ ଅଜଣାନ୍ତରେ ଚିବୁକର ଦୁଇଧାରେ ବହିଯାଏ....।

ଏତିକି ବିଶ୍ୱାସ ମୋର ଅଛି ରାଣୀ ମା' । ତୁମେ ପିଲାଦିନେ ମୋତେ କହିଥିଲ ନା ! ତୁମେ ମରିଗଲା ପରେ ସ୍ୱର୍ଗରେ ତାରା ହୋଇ ରହିବ ବୋଲି.... ତୁମେ ଆଜି ସ୍ୱର୍ଗରେ ଥାଅ ବା ମର୍ତ୍ତ୍ୟରେ ଥାଅ ଯେଉଁଠି ବି ଅଛ ତୁମ ଆଶୀର୍ବାଦର ହାତ ମୋ ମଥା ଉପରେ ଅଛିବୋଲି ପ୍ରତିମୁହୂର୍ତ୍ତରେ ଅନୁଭବ କରେ ଓ ମୋ ହୃଦୟର ଆଇନାରେ ସଦାବେଳେ ତୁମ ମୁହଁ ଚିକ୍‌ଚିକ କରୁଥାଏ । ମୋ ପାଇଁ କହିଥିବା ତୁମର ସେ ଶେଷ କଥା ପଦଟି ଏବେବି ମୋ କର୍ଣ୍ଣ ପଟଳରେ ଗୁଞ୍ଜରିତ ହୁଏ...!!!

Source: Author, Digitized by PPRACHIN, SOA

ଭକୁଆ

ସଂଧ୍ୟା ସମୟ । ଘରେ ସନ୍ଧ୍ୟା ଆଳତି କରିସାରିଲା ପରେ ଅସ୍ମିତା ଲାପ୍‌ଟପ୍‌ରେ କିଛି କାମ କରିବାରେ ବ୍ୟସ୍ତଥାନ୍ତି । ହଠାତ୍ ଫୋନର ଘଣ୍ଟି ବାଜି ଉଠିଲା । ଅସ୍ମିତା ଦେଖିଲେ ଏକ ଅଜଣା ନମ୍ବରରୁ ଫୋନ ଆସିଛି । କିଏ ବୋଲି ଭାବି ଫୋନ ରିସିଭ କଲେ ।

ଅସ୍ମିତା.. ହ୍ୟାଲୋ ! କିଏ କହୁଛନ୍ତି ?

ସେପଟୁ...ମାଡାମ ନମସ୍କାର ! ଆପଣ ଅସ୍ମିତା ମାଡାମ ତ ?

ହଁ ଆଜ୍ଞା ମୁଁ ଅସ୍ମିତା କହୁଛି ।

ଅସ୍ମିତା- ଆପଣଙ୍କ ପରିଚୟ ?

ଆଜ୍ଞା ମୁଁ ସନ୍ତୋଷ ମହାନ୍ତି ଦିଲ୍ଲୀରୁ କହୁଛି ।

ଅସ୍ମିତା- ମୋ ପାଖରେ କ'ଣ କାମ ଥିଲା ?

ମାଡାମ ନିଅନ୍ତୁ ସାର୍‌ଙ୍କ ସହ କଥା ହୁଅନ୍ତୁ ।

ଅସ୍ମିତା- କେଉଁ ସାର୍ ?

- ଜେ.ଏନ.ୟୁ ର ପ୍ରଫେସର ବୈଷ୍ଣବ ମହାନ୍ତି ସାର୍ ଆପଣଙ୍କ ସହ କଥା ହେବାକୁ ଚାହୁଁଛନ୍ତି !

Source: Author, Digitized by PPRACHIN, SOA

ଅସ୍ମିତା- କ'ଣ କଥା ହେବେ ?

ସନ୍ତୋଷ.. ଆପଣଙ୍କ ଗପ ବିଷୟରେ !

ଅସ୍ମିତା- ଆଛା ମୋ ଗପ ! କେଉଁ ଗପ ?

ସନ୍ତୋଷ- ଆପଣଙ୍କର ଏବେ ଯେଉଁ ଗପ ପେପେରରେ ବାହାରିଥିଲା ।

ଅସ୍ମିତା- ଓଃ ଆଛା ! ଠିକ୍ ଅଛି, ଦିଅନ୍ତୁ ସାରଙ୍କୁ ।

ସେପଟୁ- ଏକ ବୟସ୍କ ବ୍ୟକ୍ତିଙ୍କ ସ୍ୱର ! ପୂରା ଗୁରୁଗମ୍ଭୀର...

ମାଡାମ ନମସ୍କାର ! ଆପଣ କେମିତି ଅଛନ୍ତି ?

ଅସ୍ମିତା- ହଁ ଆଜ୍ଞା ! ମୁଁ ଖୁବ୍ ଭଲ ଅଛି । ଆପଣ କୁହନ୍ତୁ କ'ଣ କହିବାକୁ ଚାହୁଁଥିଲେ ?

ବୈଷ୍ଣବ ବାବୁ- ମାଡାମ ! ମୁଁ ଆପଣଙ୍କ ଲେଖାର ଜଣେ ନିୟମିତ ପାଠକ। ଖୁବ୍ ଭଲ ଲାଗେ ଆପଣଙ୍କ ଗଳ୍ପ କବିତା ପଢିବାକୁ। ହେଲେ ମୋତେ ଆଶ୍ଚର୍ଯ୍ୟ ଲାଗେ ଆପଣ ଏତେ ଚମତ୍କାର କିପରି ଲେଖିପାରନ୍ତି। ଆପଣଙ୍କ ଗପ ଆଗରୁ ଅନେକ ପଢ଼ିଛି, ଏଇ ନିକଟରେ ପଢିଥିଲି ଅଦୃଶ୍ୟ ବୟସ। ଏବେ ପଢିବାକୁ ପାଇଲି ଆଉ ଏକ ଗପ 'ବୁଢ଼ାପା'।

ସେ ଗପ ଦୁଇଟି ବେଶ୍ ଚମତ୍କାର !! ମଣିଷର ବୟସ ବଢ଼ିଗଲେ କେମିତି ସବୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡେ ମଣିଷକୁ...। ସେ ଗପ ଗୁଡିକରେ ସୁସ୍ପଷ୍ଟ ଭାବରେ ବର୍ଣ୍ଣନା କରିଛନ୍ତି ଆପଣ। ଆପଣଙ୍କ ଗପର ଧାରା ଖୁବ୍ ହୃଦୟସ୍ପର୍ଶୀ।

ଅସ୍ମିତା- ଖୁବ୍ (ନମ୍ରତାର ସହ) ଧନ୍ୟବାଦ ଜଣାଇଲା । ଏତେ ବଡ଼ ଜଣେ ପ୍ରତିଷ୍ଠିତ ବ୍ୟକ୍ତିତ୍ୱ ଜେ.ନ.ୟୁର ପ୍ରଫେସରଙ୍କର ମୁହଁରୁ ତା' ଲେଖାର ପ୍ରଶଂସା ଶୁଣି କୃତ୍ୟ କୃତ୍ୟ ହେଲା।

ପୁଣି ଚାରିଦିନ ପରେ.... ସନ୍ତୋଷ ମହାନ୍ତି ନମ୍ବରରୁ କଲ ଆସିଲା, ଅବଶ୍ୟ ନମ୍ବରଟି ସେଭ୍ କରିଦେଇ ଥିଲା ଅସ୍ମିତା। ଫୋନ ରିସିଭ କଲାରୁ, ସେଇ ଏକା କଥା

Source: Author, Digitized by PPRACHIN, SOA

ସାର୍ କଥା ହେବେ ଆପଣଙ୍କ ସହ କହି, ଫୋନଟି ସେ ଭଦ୍ରବ୍ୟକ୍ତି (ବୈଷ୍ଣବ ମହାନ୍ତି)ଙ୍କୁ ଧରାଇ ଦେଲା । ସେ ଭଦ୍ରବ୍ୟକ୍ତି ଖୁବ୍ ଆତ୍ମୀୟତାର ସହ କଥାହେଲେ । ଅସ୍ମିତାକୁ ତା' ଲେଖାଲେଖି ଠାରୁ ଆରମ୍ଭ କରି ତା' ପରିବାର ସବୁ ବିଷୟରେ ପଚାରିଲେ । ଅସ୍ମିତା ମଧ୍ୟ ଖୁବ୍ ସମ୍ମାନର ସହ ସବୁକଥାର ଉତ୍ତର ଦେଲା । କାରଣ ଜବହାରଲାଲ ଇନ୍‌ଭରସିଟିର ପ୍ରଫେସର (ଦିଲ୍ଲୀ) ଯେଉଁଠିକି ଅସ୍ମିତାର ସାନ ଭାଇ ପାଠପଢୁ ଥିଲା । ପଲଟିକାଲ ସାଇନ୍ସରେ ଏମ.ଫିଲ୍ ପରେ ପି.ଏଚ୍. ଡି. ସାରି ଓଡ଼ିଶା ଫେରି ଆସିଥିଲା ଏବଂ ଓଏସ ପାଇ ପ୍ରଶାସନିକ ଅଧିକାରୀ ଭାବରେ ବର୍ତ୍ତମାନ ଉପ ଜିଲ୍ଲାପାଳ ଭାବରେ କାର୍ଯ୍ୟ କରୁଛି । ସେ ତା' ଭାଇର ନାଁ କହିଲାରୁ ହଁ ଜାଣିଛି, ବୋଲି କହିଲେ । ଏମିତି କଥା ହେଲା ଭିତରେ ବାବୁଜଣଙ୍କ ଅସ୍ମିତାକୁ ଅନୁରୋଧ କଲେ, ମାଡାମ ଆପଣଙ୍କ ଗପ ସବୁ Whatsap ରେ ପଠାଇବେ please !

ଖୁବ୍ ଭଲ ଲାଗୁଚି ସତରେ ଆପଣଙ୍କ ଗପ ପଢ଼ିବାକୁ । ସୁନ୍ଦର ବାର୍ତ୍ତା ରହୁଛି ସମାଜପାଇଁ ଆପଣଙ୍କର ସବୁ ଗପରେ ।

ଅସ୍ମିତା- ଧନ୍ୟବାଦ ସାର୍ ! ଆପଣଙ୍କ whatsapp number ଦିଅନ୍ତୁ ?

ବୈଷ୍ଣବ ବାବୁ- ହଁ ଆପଣ ଆମ ସନ୍ତୋଷ ନମ୍ବରକୁ ପଠାନ୍ତୁ । ସେ ମୋ ପାଖରେ ହିଁ ରହୁଛି । କିଛି ଅସୁବିଧା ନାହିଁ । ସେ ମୋତେ ପ୍ରିଣ୍ଟ୍ ଆଉଟ ବାହାର କରିକି ଦେବ, ମୁଁ ପଢିବି ।

ଅସ୍ମିତା ପଚାରିଲା... ସନ୍ତୋଷ ଆପଣଙ୍କର କ'ଣ ହେବ ?

ବୈଷ୍ଣବ ବାବୁ- ସେ ମୋ ପୁଅଠାରୁ ଅଧିକ । ଖୁବ୍ ଭଲ ପିଲାଟି । ସେ ଜେ.ଏନ.ୟୁ ରେ ପାଠ ପଢିଛି । ବର୍ତ୍ତମାନ ଆର୍ମି ଅଫିସର ଭାବରେ କାମ କରୁଛି । କିନ୍ତୁ ତାହାର ବାପା ମା' କେହି ନାହାନ୍ତି । ସେ ମୋ ପୁଅପରି, ମୋ ପାଖରେ ରହୁଛି, ମୋର ଭଲ ମନ୍ଦ ବୁଝୁଛି । ତା' ବାପା ଆଗରୁ ଚାଲି ଯାଇଥିଲେ ତା' ମା' ଏଇ କୋରନାରେ ଚାଲିଗଲେ । ତା' ମା' ବି ଚାକିରୀ କରିଥିଲେ । ତାଙ୍କର ନୋଇଡା (ଦିଲ୍ଲୀ)ରେ ଘରଅଛି ! ଆଉ ହସ୍‌ଖସ୍‌ରେ ଜଗନ୍ନାଥ ମନ୍ଦିର ପାଖରେ ମଧ୍ୟ ଘର ଅଛି । ସେ ପିଲାର କିଛି ଅଭାବ ନାହିଁ । ଯାହା ଘରଭଡ଼ା ପଇସା ଆସେ ସବୁ ସେ ଏକ

Source: Author, Digitized by PPRACHIN, SOA

ଟ୍ରଷ୍ଟକୁ ଦାନ କରିଦିଏ । ତା' ବାପା ମା' ଯେହେତୁ ନାହାନ୍ତି ମୋ ପାଖରେ ସେ ରହୁଛି । ମୁଁ ତାକୁ ନିଜ ପୁଅପରି ସ୍ନେହ କରେ । ମୋର ମାତ୍ର ଗୋଟିଏ ଝିଅ ଆମେରିକାରେ ରହୁଛି ।

ସେ ସେଠାରେ ଚାକିରି କରୁଛି । ପ୍ରାୟତଃ ଆମ ସହ ତା'ର ବେଶି ଲିଙ୍କ୍ ନାହିଁ । ସେ ତା' ପରିବାର ଆଉ ଚାକିରିକୁ ନେଇ ବ୍ୟସ୍ତ । ତେଣୁ ଏଇ ପିଲା ସନ୍ତୋଷ ଆମ ଘରେ ରହୁଛି, ଆମ ବୁଢାବୁଢ଼ୀଙ୍କ ଖବର ବୁଝୁଛି ।

ଅସ୍ମିତା ପଚାରିଲା- ସାର୍ ମାଡାମ କେମିତି ଅଛନ୍ତି ?

ମୁଁ ମାଡାମଙ୍କ ସହ କଥା ହୋଇ ପାରିବି ?

ବୈଷ୍ଣବ ବାବୁ- ହଁ ମାଡାମ ନିଶ୍ଚୟ କଥା ହେବେ । ହେଲେ ବର୍ତ୍ତମାନ ସେ ବିଶ୍ରାମ ନେଉଛନ୍ତି ତାଙ୍କ ଦେହ ଟିକେ ଅସୁସ୍ଥ ଅଛି ।

ଅସ୍ମିତା... କ'ଣ ହୋଇଛି କି ମାଡାମଙ୍କର ?

ମାଡାମ ଗୋଟେ ଭଲ ପୋଷ୍ଟରେ ଚାକିରି କରିଥିଲେ ।

ରିଟାର୍ଡମେଣ୍ଟ ପରେ ମାନସିକ ଚାପରେ ରହି ଏକଦମ mentaly weak ହୋଇ ଯାଇଛନ୍ତି । ମେଡ଼ିସିନ୍ ଖାଇ ପ୍ରାୟତଃ ଶୋଇ ରୁହନ୍ତି, ଏତେ କଥାବାର୍ତ୍ତା କାହା ସହ ହୁଅନ୍ତିନି ।

ଅସ୍ମିତା.. ଆଉ ଘରର ଦାୟିତ୍ୱ କିଏ ବୁଝେ ?

ବୈଷ୍ଣବ ବାବୁ- ଘରେ ରୋଷେଇଆ ଅଛି । ଅନ୍ୟାନ୍ୟ କାମ ପାଇଁ ଜଣେ ସ୍ତ୍ରୀ ଲୋକ ଆସୁଛି । କ'ଣ କରିବା ମାଡାମ ! ବୟସ ହେଲାଣି, ଜଗିରଖି ନ ଚଳିଲେ ଦେହ ଖରାପ ହେଉଛି । ତେଣୁ ବହୁତ ଜଗିରଖି ଚଳିବାକୁ ପଡୁଛି ।

ଏମିତି ଅନେକ କଥା ବୈଷ୍ଣବ ବାବୁ ଗପନ୍ତି । ଅସ୍ମିତା ଫୋନ କାଟିବାକୁ ଚାହିଁଲେ ବି କାଟି ପାରନ୍ତିନି । କାରଣ ଏଡ଼େବଡ଼ ସମ୍ମାନସ୍ପଦ ଏବଂ ବୟସ୍କ ବ୍ୟକ୍ତି । ସେ ପୁରାଣ ଶାସ୍ତ୍ର ଠାରୁ ଆରମ୍ଭ କରି ଦେଶ ବିଦେଶ କଥା, ସାହିତ୍ୟ କଥା, ତାଙ୍କ ନିଜକଥା, ସବୁ କିଛି କଥା କୁହନ୍ତି । ଏମିତି କଥାବାର୍ତ୍ତା ଭିତରେ ଦୁଇମାସ ବିତିଗଲା ।

Source: Author, Digitized by PPRACHIN, SOA

ଦିନେ ସକାଳ ଦଶଟା ସମୟରେ ସନ୍ତୋଷ ମହାନ୍ତି ଫୋନ କଲା । ମାଡାମ ନମସ୍କାର ! କେମିତି ଅଛନ୍ତି ?

ହଁ ମୁଁ ଭଲ ଅଛି ଅସ୍ମିତା କହିଲା ।

ସନ୍ତୋଷ ମହାନ୍ତି- ମାଡାମ ଗୋଟିଏ କଥା କହିବି !

ହଁ କୁହନ୍ତୁ !

ସନ୍ତୋଷ କହିଲା ମାଡାମ ମୋର ମାଆ ନାହାନ୍ତି, ଆପଣଙ୍କ ସହ କଥା ହେଲା ପରେ ମୋତେ ଅନୁଭବ ହେଉଛି ଆପଣ ଯେମିତି ମୋର ମାଆ ।

ଅସ୍ମିତା- ଟିକେ ସ୍ମିତ ହସି କହିଲା ହଉ ହେଲା !! ମାଆ ଠାରୁ ଆଉ ଭଲ ଶବ୍ଦ କ'ଣ ହୋଇପାରେ ? କାହାର ମାଆ ହେବା ତ ବଡ଼ ସୌଭାଗ୍ୟର କଥା । ତୁମେ ମୋତେ ମାଆର ସ୍ଥାନ ଦେଇପାରୁଛ, ମୋତେ ମା' ପରି ଭାବି ପାରୁଛ ଏହା ମୋ ପାଇଁ ଖୁବ୍ ଖୁସିର କଥା ।

ସନ୍ତୋଷ- ସତରେ ମାଡାମ ! ଆପଣ ଜଣେ ଭାରି ସ୍ନେହୀ ମଣିଷ । ଆପଣ ଏତେ ଭଲ କିପରି ହେଲେ ?

ଅସ୍ମିତା- ଆଶ୍ଚର୍ଯ୍ୟ ହୋଇ ପଚାରିଲା, ମୁଁ ଏତେ ଭଲ ବୋଲି ଆପଣ କିପରି ଜାଣିଲେ ?

ସନ୍ତୋଷ- ହଁ ମାଡାମ ! ମୁଁ ଜାଣି ପାରୁଛି, ଆପଣ ଖୁବ୍ ଭଲ । ଏୟା କହି ବୈଷ୍ଣବ ସାର୍‌ଙ୍କ ହାତକୁ ଫୋନ ଧରାଇ ଦେଇ କହିଲା ନିଅନ୍ତୁ, ସାର କ'ଣ କଥା ହେବେ !!

ବୈଷ୍ଣବ ବାବୁ... ମାଡାମ ନମସ୍କାର ! କେମିତି ଅଛନ୍ତି ? ହଁ ମୁଁ ଭଲ ଅଛି, ଆପଣ କେମିତି ଅଛନ୍ତି ଅସ୍ମିତା ପଚାରିଲା ?

ହଁ ମାଡାମ ଭଲ ଅଛି । କିନ୍ତୁ ଦେହ ଏତେ ସୁସ୍ଥ ରହୁନି, ମାଡାମ ଆପଣ ଏବେଠାରୁ ଦେହର ଯତ୍ନ ନିଅନ୍ତୁ । ବ୍ରେକଫାଷ୍ଟ କଲେଣି କି ନାହିଁ ? ନାଇଁ ଆଜ୍ଞା

Source: Author, Digitized by PPRACHIN, SOA

ଖାଇନି । ହଉ ଯାଆନ୍ତୁ ମାଡାମ ଖାଇ ନିଅନ୍ତୁ । ଗୋଟେ କଥା କହିବାର ଥିଲା ଯେ , ପରେ କହିବି ।

ଅସ୍ମିତା- କୁହନ୍ତୁ ସାର୍ ! ଆଛା ମାଡାମ ଆପଣଙ୍କ ନଜରରେ କିଏ ଭଲ ବିଶ୍ୱସ୍ତ ପିଲା ଅଛନ୍ତି କି ?

କ'ଣ ପାଇଁ ସାର୍ ?

ବୈଷ୍ଣବ ବାବୁ କହିଲେ- ମୋ ପାଖରେ ଏକ ଝିଅ PHD କରୁଛି, ତାଙ୍କ ବାପା Central Govt Egriculture Department ରେ Chief ଅଛନ୍ତି...। ସେ କହୁଥିଲେ ଦୁଇଟି ପୋଷ୍ଟ ଖାଲିଅଛି, science background ପିଲା ହେଲେ ଭଲ । ସେ public ରେ add ଦେବାକୁ ଚାହୁଁ ନାହାନ୍ତି, କାରଣ ଦୁଇଟା ପୋଷ୍ଟକୁ ଶହ ଶହ ପିଲାଙ୍କର interview କରି କାହିଁକି ସେ ଝାମେଲାକୁ ଯିବେ, ତେଣୁ ଚିହ୍ନା ପରିଚୟ ପିଲା ଦୁଇଜଣ ହେଲେ ସେ ସିଧା ସଳଖ posting କରିଦେବେ ।

କିନ୍ତୁ ଭଲପିଲା ଦୁଇଜଣ ଯଦି କିଏ ଆପଣଙ୍କର ଚିହ୍ନା ପରିଚୟ ଅଛନ୍ତି, ସେମାନଙ୍କୁ ରଖିଦେଲେ ଆମକୁ ଖୁସି ଲାଗିବ । କିଛି ପଇସାପତ୍ର ସେମାନଙ୍କୁ ଦେବାକୁ ପଡିବନି । ଆପଣ ସେ ବିଷୟରେ କିଛି ଚିନ୍ତା କରିବେନି । ଗରିବ ପିଲା ଦୁଇଟି କିଏ କୂଳରେ ଲାଗି ଗଲେ, ଆମଦ୍ୱାରା ଉପକୃତ ହେଲେ ଭଗବାନ ଆଶୀର୍ବାଦ କରିବେ ।

ଅସ୍ମିତା - ଏ କଥା ଶୁଣି କହିଲା, ନାଇଁ ସାର୍ ସେମିତି ପିଲା କାହିଁକି ମୋ ନଜରରେ ନାହାନ୍ତି, ଯଦି କିଏ ନଜରକୁ ଆସିବେ ଜଣାଇବି ।

ପୁଣି ଦୁଇଦିନ ପରେ... ସନ୍ତୋଷ ମହାନ୍ତି ଫୋନ କଲା, ଅସ୍ମିତା ଫୋନ ଉଠାଇଲା ପରେ ସିଧା ବୈଷ୍ଣବ ବାବୁଙ୍କ ହାତକୁ ଫୋନ ଦେଇ, ସାର୍ କଥା ହେବେ କହିଲା ।

ବୈଷ୍ଣବ ବାବୁ- ମାଡାମ ନମସ୍କାର ! ଆପଣଙ୍କୁ ଯେଉଁ କଥା କହିଥିଲି, ପିଲାଙ୍କ ଚାକିରି ବିଷୟରେ... କ'ଣ ହେଲା, ବୁଝିଲେ ?

ଅସ୍ମିତା- ନା ସାର୍ ! ସେମିତି ପିଲା କେହି ମୋ ନଜରରେ ନାହାନ୍ତି ।

Source: Author, Digitized by PPRACHIN, SOA

ବୈଷ୍ଣବ ବାବୁ- କ'ଣ ମାଡାମ ! ଆପଣ ଜଣେ ସାହିତ୍ୟିକ, ତା' ସହ ଜଣେ ସମାଜସେବୀ, ଆପଣଙ୍କ ସହ ଅନେକ ପିଲାଙ୍କ ପରିଚିତ ଥିବେ । ଯଦି କିଏ ପିଲା ପଢ଼ାପଢ଼ି କରିଥିବେ, କିନ୍ତୁ ଚାକିରି କରି ନଥିବେ, ସେମିତି ପିଲା ଦେଖି କୁହନ୍ତୁ! ଆଜିକାଲି ଚାକିରି କାହାର ଦରକାର ନାହିଁ । ଏ ପୁଣି central govt. ଚାକିରି, ତେଣୁ ଯିଏ କରିବ, ତା' ଭବିଷ୍ୟତ ଉଜ୍ଜ୍ୱଳ ହୋଇଯିବ ।

ଅସ୍ମିତା- ଏ କଥା ଶୁଣି, କହିଲା ଠିକ୍ ଅଛି ସାର୍ ! ମୁଁ ଦେଖୁଛି । ହଠାତ୍ ତା' ମୁଣ୍ଡ ଭିତରକୁ ମନୋଜ ଆଉ ସରୋଜ ଆସିଲେ । ହଁ ସାର୍ ପିଲା ଦୁଇ ଜଣ ଅଛନ୍ତି, ମୁଁ ସେମାନଙ୍କୁ ପଚାରେ, ଯଦି ସେମାନେ ହଁ କହିବେ, ତେବେ ମୁଁ ଆପଣଙ୍କୁ ଜଣାଇବି କହି ଫୋନ ରଖିଲା । ତା' ମନ ଭିତରକୁ ଦୁଇଟି ପିଲା ଆସିଲେ, ମନୋଜ ଆଉ ସରୋଜ । ଖୁବ୍ ଦୁହେଁ ଖୁବ୍ ଭଲ ପିଲା । ଲେଖାଲେଖି ସହିତ ସମାଜ ସେବାବି କରନ୍ତି କିନ୍ତୁ ଚାକିରି କରି ନାହାନ୍ତି । ଅସ୍ମିତା ସହ ତାଙ୍କର ଖୁବ୍ ଭଲ ପରିଚିତ । ଦୁହେଁ ଅସ୍ମିତାକୁ ଅପା ବୋଲି ଡାକନ୍ତି । ସେ ମଧ୍ୟ ଖୁବ୍ ସ୍ନେହ କରେ ସେ ଦୁହିଁଙ୍କୁ । ତେଣୁ ଅସ୍ମିତାର ଦରଦୀ ହୃଦୟ ସେ ଦୁହିଁଙ୍କ ପ୍ରତି ସମ୍ବେଦନଶୀଳ ଭାବରେ ଚାହିଁଲା, ଯଦି ମନୋଜ ଆଉ ସରୋଜ ଦୁହିଁଙ୍କୁ ଚାକିରି ମିଳି ଯାଆନ୍ତା, ସତରେ କେତେ ଭଲ ହୁଅନ୍ତା । ତେଣୁ ସନ୍ଧ୍ୟା ସମୟରେ ଦୁହିଁଙ୍କୁ ଫୋନ କରି କହିଲାପରେ ସେମାନେ ବି ଖୁବ୍ ଆଗ୍ରହ ଦେଖାଇଲେ ! ଯଦି ଚାକିରି ସତରେ ମିଳିଯାଏ ଏହା ତ ବଡ଼ ଭାଗ୍ୟର କଥା ।

ସନ୍ଧ୍ୟାରେ ସନ୍ତୋଷ ମହାନ୍ତି ଫୋନ୍ କଲା । ଅସ୍ମିତା, ମନୋଜ ଆଉ ସରୋଜ ସହ confarence ରେ କଥାହେଲା । ସନ୍ତୋଷ ମହାନ୍ତି ସେମାନଙ୍କ ଠାରୁ ନମ୍ବର ମାଗିନେଲା । ତା' ପରଠାରୁ ସିଧାସଳଖ ସେମାନେ ପରସ୍ପର ଭିତରେ କଥାହେଲେ । ଚାକିରି କ'ଣ, କାମ କ'ଣ ସବିଶେଷ ତଥ୍ୟ ବୈଷ୍ଣବ ବାବୁ ତାଙ୍କୁ ଶୁଣାଇଲେ । ପିଲା ଦୁହେଁ ଅବିଶ୍ୱାସ କରିବାର ପ୍ରଶ୍ନ ଉଠୁନି । ଚାକିରି କରିବାର ବ୍ୟାକୁଳତା ପିଲାଙ୍କ ଭିତରେ ଜାଗ୍ରତ ହେଲା । ଚାକିରି ପାଇଁ ଯାହା ଡକ୍ୟୁମେଣ୍ଟ୍ ଦରକାର ସମସ୍ତ କାଗଜ ପତ୍ର, ତାଙ୍କୁ ଦେବା ପାଇଁ ସନ୍ତୋଷ ମହାନ୍ତି, ପ୍ରଫେସର ବୈଷ୍ଣବ ମହାନ୍ତି ଦୁହେଁ ପିଲାମାନଙ୍କୁ ପରାମର୍ଶ ଦେଲେ । ଏମାନେ ସନ୍ତୋଷ ମହାନ୍ତିର ହ୍ୱାଟ୍ସପ୍‌କୁ ଆଧାରକାର୍ଡ ସହ ସବୁର ସାର୍ଟିଫିକେଟ୍ ପଠାଇ ଦେଲେ ।

Source: Author, Digitized by PPRACHIN, SOA

ଗୋଟେ ଦିନ ପରେ...ସନ୍ତୋଷ ମହାନ୍ତି ଅସ୍ମିତାଙ୍କୁ ଫୋନ କଲା । କହିଲା ମାଡ଼ମ ପିଲାଙ୍କ ଚାକିରି ଶତପ୍ରତିଶତ ହୋଇକି ଥୁଆ । ନିଅନ୍ତୁ ସାରଙ୍କ ସହ କଥା ହୁଅନ୍ତୁ ।

ବୈଷ୍ଣବ ବାବୁ... ମାଡାମ ନମସ୍କାର । ପିଲାମାନେ ଖୁବ୍ ଭାଗ୍ୟବାନ । ସେମାନଙ୍କର ଚାକିରି ହୋଇଗଲା । ଯାହାହେଉ ଗୋଟେ ଖୁବ୍ ଧର୍ମ କାର୍ଯ୍ୟ ହେଲା । ବିଚରା ଗରିବ ପିଲା ଦୁଇଟି କୂଳରେ ଲାଗିଗଲେ । ଅସ୍ମିତା ଖୁବ୍ ଖୁସି ହୋଇ ତାଙ୍କୁ ଧନ୍ୟବାଦ୍ ଦେଇ ଫୋନ ରଖିଲେ ।

ପୁଣି କିଛି ସମୟପରେ ସେପଟୁ ଫୋନ୍ ଆସିଲା । ସନ୍ତୋଷ କହିଲା ମାଡାମ ସେ ପିଲାଙ୍କ ଚାକିରି ପ୍ରୋଗ୍ରେସ କରିବା ପାଇଁ ସେମାନେ, ଅଳ୍ପ କିଛି ଟଙ୍କା ମାଗୁଛନ୍ତି । କାରଣ ପିଲା ଦୁହେଁ ସାଇନ୍ସ backround ନୁହଁନ୍ତି, ତଥାପି ସାର୍‌ଙ୍କର ଚିହ୍ନା ବୋଲି ସେ ପିଲାଙ୍କୁ ନେବେ ବୋଲି ରାଜି ହୋଇଛନ୍ତି । ସେଥିପାଇଁ କିଛି ଟଙ୍କା ମଧ ମାଗୁଛନ୍ତି ।

ଅସ୍ମିତା.. ଆଶ୍ଚର୍ଯ୍ୟ ହୋଇ ପଚାରିଲେ ଟଙ୍କା ?

ସନ୍ତୋଷ... ହଁ ମାଡ଼ାମ ! ନିଅନ୍ତୁ ସାରଙ୍କ ସହ କଥା ହୁଅନ୍ତୁ ।

ବୈଷ୍ଣବ ବାବୁ... ମାଡାମ ! ବେଶି ଟଙ୍କା ନୁହେଁ ମ, ମାତ୍ର ୨୫ହଜାର ଟଙ୍କା । Appoientment ମିଳୁ ମିଳୁ ସେମାନଙ୍କୁ ଏରିଅର ଭାବରେ ୪ଲକ୍ଷ ଟଙ୍କା ଆଗୁଆ ମିଳିଯିବ ।

ଅସ୍ମିତା- ସାର୍ ଆପଣ ତ ପ୍ରଥମ ଦିନରୁ କହିଥିଲେ, କିଛି ଟଙ୍କା ଦେବାକୁ ପଡ଼ିବନି ଏବେ ଟଙ୍କା କଥା କହିଲେ । ପିଲାମାନେ କେଉଁଠୁ ଏତେ ପଇସା ଆଣିବେ ?

ବୈଷ୍ଣବ ବାବୁ କହିଲେ- ଧାର ଉଧାର କରିଆଣି ଦିଅନ୍ତୁ, ନ ହେଲେ ଏତେ ଭଲ ଚାକିରି ଦୁଇଟା ହାତଛଡ଼ା ହୋଇଯିବ । ସେମାନଙ୍କୁ ଆଗୁଆ ଏରିଅର ମିଳିଗଲେ ସେମାନେ ଫେରାଇ ଦେବେ । ଏଥିରେ ଏତେ ଚିନ୍ତା କରିବାର କ'ଣ ଅଛି ?

ଆପଣଙ୍କୁ କ'ଣ ବିଶ୍ୱାସ ହେଉନି ମାଡାମ୍ ? ଆପଣ ମୋ ବିଷୟରେ ଯଦି ଜାଣି ବାକୁ ଚାହୁଁଛନ୍ତି ନେଟ୍ ରେ ସର୍ଚ୍ଚ କରନ୍ତୁ ପାଇଯିବେ ସବୁ details । ଏହା ସହିତ

Source: Author, Digitized by PPRACHIN, SOA

ପୁଣି କହିଲେ, ହଁ ମାଡାମ ଶୁଣନ୍ତୁ ! ମୁଁ ଏଇ ଆସନ୍ତା ୨୩ ତାରିଖରେ ଓଡ଼ିଶା ଯିବି । ରେଭେନ୍ସା କଲେଜରେ ଏକ literally ପ୍ରୋଗ୍ରାମ ଅଛି । ଆପଣଙ୍କ ନାଁ ଟା ବି ଦେଇଦେଇଛି । ଆପଣ ଗୋଟେ ଭଲ କବିତାଟି ସାଙ୍ଗରେ ନେଇଥିବେ ପାଠ କରିବେ । ଆପଣଙ୍କ ସହ ମଧ୍ୟ ଦେଖାହେବ ।

ଏହା କହିବା ସହ ସେ ଅନେକ ପରିଚିତ ବ୍ୟକ୍ତିଙ୍କ ନାଁ ମଧ୍ୟ କହିଲେ, ବେଶ୍ ଜଣାଶୁଣା ପ୍ରତିଷ୍ଠିତ ବ୍ୟକ୍ତିତ୍ୱ, ଯାହାଙ୍କର ନାଁ ଅସ୍ମିତା ଭଲ ଭାବେ ଶୁଣିଛି ସେମାନେ ମଧ୍ୟ ଏଇ କାର୍ଯ୍ୟକ୍ରମରେ ଯୋଗଦେବେ । କହିଲେ ସାହିତ୍ୟ ଉପରେ ଅନେକ ଆଲୋଚନା ରହିଛି । ଅସ୍ମିତା ଉତ୍କଣ୍ଠାର ସହ ୨୩ ତାରିଖକୁ ଅପେକ୍ଷା କରି ରହିଥାଏ । ତା' ପୂର୍ବରୁ ବୈଷ୍ଣବ ବାବୁଙ୍କ ପାଖରୁ ଫୋନ ଆସିଲା, ଖୁବ୍ ଅସୁସ୍ଥ ଥିଲାପରି କଣ୍ଠରୁ ତାଙ୍କର ବାରି ହେଉଥିଲା । କହିଲେ ମାଡାମ ଦେହ ହଠାତ୍ ଅସୁସ୍ଥ ହେବାରୁ କାର୍ଯ୍ୟକ୍ରମ ସ୍ଥଗିତ ରଖାଗଲା । ମାଡାମ ମୋତେ କ୍ଷମା କରିବେ ।

ଅସ୍ମିତା କହିଲା- ହଉ ଠିକ୍ ଅଛି ସାର୍, ଆପଣଙ୍କ ଦେହ ଆଗେ ଭଲ ହୋଇଯାଉ, ପ୍ରଭୁ ଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରୁଛି । ଧନ୍ୟବାଦ୍ ମାଡାମ ଦେହ ଭଲ ଲାଗୁନି କହି ଫୋନ ରଖିଲେ ।

ଏପଟେ ମନୋଜ ଆଉ ସରୋଜ ସହ ସେମାନେ କଥା ବି ହେଉଥିଲେ । ତେଣୁ ସିଧାସଳଖ ତାଙ୍କୁ ହିଁ ପଇସା ମାଗିଲେ ।

ଏମିତି ନିଜର ପରି ବିଶ୍ୱାସ ଜନ୍ମେଇଲେ କେହି ବି ଅବିଶ୍ୱାସ କରିବନି । ପିଲାଙ୍କ ସହ ପରିଚିତ ହେଲାପରେ ସେମାନଙ୍କୁ ମଧ୍ୟ ଅନେକ ଚିହ୍ନା ଲୋକଙ୍କ ପରିଚୟ ଦେଲେ । ଅବିଶ୍ୱାସ କରିବାର ପ୍ରଶ୍ନ ଉଠୁନି । ତଥାପି ମଧ୍ୟ ଅସ୍ମିତା ବାର୍ ବାର୍ ମନୋଜ ଆଉ ସରୋଜକୁ ପଚାରୁ ଥାଏ, ତୁମେ ସେମାନଙ୍କ ସହ କଥାହେଉଛ, କ'ଣ ଲାଗୁଚି ? ସେମାନେ ଚାକିରି ଦେବେ ତ ?

ପିଲା ଦୁହେଁ କହିଲେ, ହଁ ଲାଗୁଚି ତ ଭଲଲୋକ ବୋଲି । ଠକପରି ଜଣା ପଡୁନାହାନ୍ତି ଅପା । ମନୋଜ ଠାରୁ ସରୋଜ, ସେମାନଙ୍କ ସହ ବେଶି କଥା ହେଉଥିଲା । ସରୋଜ ତାଙ୍କ ସହ କଥାହୋଇ ତାଙ୍କ ଠାରୁ ଅନେକ ପରିଚିତଙ୍କ ନାଁ ଜାଣି ସାରିଥିଲା ।

Source: Author, Digitized by PPRACHIN, SOA

ଚାକିରି ମିଳିବାର ଆଶା ବହୁତ ବଢ଼ିଯାଇଥିଲା । ତେଣୁ ପିଲା ଦୁହିଁଙ୍କ ସହ ସେମାନେ ସିଧାସଳଖ କଥାହୋଇ ଗୁଗୁଲ୍‌ପେ' ରେ ପଇସା ଦେବା ପାଇଁ କହିଲେ, ପିଲାମାନେ ମଧ୍ୟ ସନ୍ତୋଷ ମହାନ୍ତି ଗୁଗୁଲ୍‌ପେ' ରେ ପଇସା ପଠାଇଲେ । ସନ୍ତୋଷ ମହାନ୍ତି Facebook ଠାରୁ ଆରମ୍ଭ କରି instagram ଓ whatsapp ରେ ମଧ୍ୟ ସବୁବେଳେ ସକ୍ରିୟ ଥାଏ । ଭଲ ପୋଷ୍ଟ କରେ । ସରୋଜ ପଇସା ଦେବା ପୂର୍ବରୁ ତା' ବିଷୟରେ ସବୁ ତଥ୍ୟ ଯୋଗାଡ କରି ସାରିଥାଏ । ତେଣୁ ଅବିଶ୍ୱାସ କିଏ କାହିଁକି ବା କରିବ । ଧିରେ ଧିରେ ସମୟ ଗଡି ଚାଲିଲା । ପ୍ରଫେସର ବୈଷ୍ଣବ ବାବୁଙ୍କ କହିବା ଅନୁସାରେ ଯେଉଁ ତାରିଖରେ appoentment letter ଆସିବା କଥା ତା' ପୂର୍ବରୁ ସବୁ ନମ୍ବର ବ୍ଲକ...। ଭକୁଆ ବନେଇ ଚୋର ଛୁ....! ଜଳକା ପରି ଚାହିଁ ରହିଛନ୍ତି, ସାହିତ୍ୟର ସମ୍ପର୍କରୁ ତିଆରି ଆତ୍ମୀୟତା ପଣର ଭାଇ ଭଉଣୀ ଅସ୍ମିତା ମନୋଜ ଆଉ ସରୋଜ...

ଏକଥା କାହାକୁ କହି ହେଉଛି ନା ସହି ହେଉଛି । ଅସ୍ମିତା ନିଜକୁ ଦୋଷୀ ବୋଲି ମାନୁଛି । ତା'ଦ୍ୱାରା ଭଗବାନ ଏତେ ବଡ ଭୁଲ କାହିଁକି କରେଇଲେ ବୋଲି ନିଜକୁ କ୍ଷମା କରି ପାରୁନାହିଁ ଅସ୍ମିତା । ଭଗବାନଙ୍କ ଉପରେ ଅଭିମାନ କରୁଛି । ଏପରି ଗରିବ ସରଳ ପିଲା ଦୁଇଟାଙ୍କୁ ମୋ ମନଦ୍ୱାରା କାହିଁକି ଏପରି ଅସୁବିଧାରେ ପକାଇଲେ, କାରଣ ଖୋଜି ପାଉନାହିଁ । ମନ ବିବ୍ରତ ହେଉଛି, ବହୁତ୍ କଷ୍ଟ ପାଉଛି ଅସ୍ମିତା । ପର ଉପକାରକୁ ନିଜ ଜୀବନର ବ୍ରତ ଭାବି, ବ୍ୟାକୁଳତା ପଣରେ ଅନ୍ୟକୁ ସାହାଯ୍ୟ କରିବାକୁ ସର୍ବଦା ଆଗେଇ ଆସେ ଅସ୍ମିତା । ହେଲେ ଏଥର ଏ କ'ଣ ହେଲା ? ଏତେ ବଡ ଠକାମିର ଶିକାର ହେବ ବୋଲି କେବେ କଳ୍ପନାରେ ବି ଭାବି ନଥିଲା । ଏବେ ତିଳତିଳ ଜଳି ଜଳି ମରୁଛି ଅସ୍ମିତା....। ପିଲା ଦୁହିଁଙ୍କୁ କ'ଣ କହି ଆଶ୍ୱସନା ଦେବ ଜାଣି ପାରୁନି ସେ....!!

Source: Author, Digitized by PPRACHIN, SOA

ସେପାରିକୁ ବୋଉକୁ ଚିଠି

ଜନନୀ ଜନ୍ମ ଭୂମିଶ୍ଚ ସ୍ୱର୍ଗାଦପି ଗରୀୟସୀ

ବୋଉ ଲୋ, ତୁ ଯାଇଛୁ ଯେ ଯାଇଛୁ ଫେରିବାର ନା ଧରୁନୁ... ତୋ ଝିଅ ତୋତେ କେତେ ଝୁରୁଛି ତୁ କଣ ବୋଉ ଜାଣି ପାରୁନୁ ? ଆସୁନୁ ଥରେ ଫେରି ତୋ କୋଳରେ ମୁଣ୍ଡ ରଖି ଟିକେ ଶୋଇଯାନ୍ତି କେତେ ଆନନ୍ଦରେ... !! ସବୁବେଳେ ମନେ ପଡୁଛି ତୋ'କଥା... ହେତୁ ପାଇଲା ଦିନୁ ଯେବେ ଠାରୁ ତୋତେ ଦେଖୁଛି ଅନୁଭବ କରିଛି ତୋ ପରି ଏତେ ଭଲ ମଣିଷ, ଏତେ ତ୍ୟାଗ ତୋ ଭିତରେ ଥିଲା କାହିଁ କେଉଁଠି ତ ମୁଁ କାହାକୁ ଦେଖିପାରୁନି... କାହିଁ କେହି ତ ଆଜିଯାଏ ତୋ ପରି ମୋ ମନର କଥା ମୋ ମନର ଭାଷାକୁ ବୁଝି ପାରୁ ନାହାନ୍ତି... ତୁ ଯେମିତି ବୁଝି ପାରୁଥିଲୁ ବୋଉ !!! କେତେବେଳେ ମୋର କଣ ଦରକାର ସବୁ ଜାଣି ପାରୁଥିଲୁ, କେତେ କରୁଥିଲୁ ତୁ ମୋର, ଘରର ସବୁ କାମ ସାରି ରାତିରେ ମୋ ଜାମା ସିଲାଇବା ଠାରୁ ନଖ କାଟିବା ଯାଏ, ବନ ମାଟି ଲଗାଇ ମୋ ମୁଣ୍ଡ ସଫା କରି ବେଣୀ ବାନ୍ଧିବା ଯାଏ ସବୁ କରୁଥିଲୁ କେତେ ସ୍ନେହରେ, କେତେ ଶ୍ରଦ୍ଧାରେ, କେତେ ଆବେଗରେ, କେତେ ଯତ୍ନରେ... ମୁଁ ତୋତେ କେବେବି ଦେଖିନି ଥକି ଯିବାର, କି ଥକି ଗଲେ ବି ନ ଥକିବାର ଅଭିନୟ କରୁ ସେ କଥା ବି ମୁଁ ଜାଣେନି । ସବୁ ମନେ ଅଛି ସ୍ମୃତି ପଟ୍ଟରେ ସବୁ ସାଇତି ରଖିଛି ଗୋଟି ଗୋଟି କରି ।

ବୋଉ ତୁ କ'ଣ ଖାଲି ମୋ କଥା ବୁଝୁଥିଲୁ, ମୋର ଅନ୍ୟ ଭାଇ ଭଉଣୀଙ୍କ ଠାରୁ ଆରମ୍ଭ କରି ଆମର ସେହି ଯୌଥ ପରିବାରରେ ସାନରୁ ବଡ଼ ଏବଂ ତାଙ୍କର

Source: Author, Digitized by PPRACHIN, SOA

କୋଠିଆ ମିଶି ୩୫ ଜଣ ଲୋକଙ୍କର ପ୍ରିୟ ପାତ୍ରୀ ହୋଇଥିଲୁ, ସମସ୍ତଙ୍କୁ ସମ ଦୃଷ୍ଟିରେ ଦେଖୁଥିଲୁ ସମସ୍ତଙ୍କୁ ମୁଠା ମୁଠା ଅସରନ୍ତି ସ୍ନେହ ଭଲ ପାଇବା ବାଣ୍ଟି ଚାଲୁଥିଲୁ... !!

ନିଜ ପର ବୋଲି କେବେ କାହାକୁ ଭାବୁ ନ ଥିଲୁ। ସତରେ ପିଲାଦିନୁ ମୁଁ ତୋତେ ଦେଖି ଆସିଛି, ଜେଜେ ମା ତୋତେ କେତେ ଭଲପାଆନ୍ତି, ତୋରି ଉପରେ ଘରର ସବୁ ଦାୟିତ୍ୱ ଲଦି ଦିଅନ୍ତି। କାରଣ ଆମ ବଡ଼ ବୋଉ ଟିକେ ଏତେ ଚାଲାକ୍ ଚତୁର ନ ଥିଲେ, କେବଳ ଘର ଦ୍ୱାର, ବାଡ଼ି, ଅଗଣା ଓଳା ପୋଛା କରି ଦେଲେ ତାଙ୍କ ଦାୟିତ୍ୱ ସରିଯାଏ, ଆମ ସାନମଝିଆଣୀ ଖୁଡ଼ୀ ରୋଷେଇ ସାରିଦେଲେ ତାଙ୍କ ଦାୟିତ୍ୱ ସରିଯାଏ। ସାନ ଦାଦା କଟକ ସହରରେ ଚାକିରୀ କରିଥିଲେ ସାନଖୁଡ଼ୀ କଟକରେ ରୁହନ୍ତି। ଆମର ବାଟିକା ବାଟି ଜମିବାଡ଼ି। ଝୋଟ ଧାନ ବିରି ମୁଗ କୋଳଥ ଅମଳ ଠାରୁ ଉଁସା ସୁଖାଯାଏ ସବୁ କାମରେ ବୋଉ ମୋର ଲୋଡ଼ା ପଡ଼େ... ସାରା ପରିବାର ମୁହଁରେ ଖାଲି ମଝିଆଣି ବୋଉ ମଝିଆଣି ବୋଉ ବୋଲି (କଥାରେ କୁହନ୍ତି) ପାଣି ପିଅନ୍ତିନି। ମୋ ଜେଜେ ମାଆଙ୍କର ତ ମୋ ବୋଉ ଥିଲା ଗେହ୍ଲା ବୋଉ, ଭଲରେ ମନ୍ଦରେ ଦୁଃଖରେ ସୁଖରେ ଖାଲି ଶଇଳ, ଶଇଳ, ଫକୀର ବୋଉ, ଫକୀର ବୋଉ ସବୁବେଳେ ଡାକ ଛାଡ଼ି ଥିବେ (ମୋ ବଡ଼ ଭାଇଙ୍କ ଡାକ ନାଁ ଫକୀର) ବେଳେ ବେଳେ ମୁଁ ଜେଜେ ମାଙ୍କୁ ବିରକ୍ତ ହୋଇ କହେ, ଜେଜେ ମା କାହିଁ ତୁମେ ଏତେ ଶଇଳ ଶଇଳ ହେଉଛି ଯେ... ବଡ଼ ବୋଉକୁ ଖୁଡ଼ୀଙ୍କୁ ଡାକୁ ନା ତୁମର କଣ୍ କାମ ଦରକାର ସେ କରି ଦେବେ ନି। ନ ହେଲେ ମୋତେ କହୁନା ମୁଁ କରିଦେବି। ମୋ ବୋଉ କଣ୍ ସବୁବେଳେ ଖାଲି କାମ କରୁଥିବ ବିଶ୍ରାମ ଟିକେ ନେବନି। ବୋଉ କାନରେ ଯେବେ ଏହି କଥା ପଡ଼ିଯାଏ ନା ବୋଉ ମୋତେ ଏତେ ଗାଳି ଦିଅନ୍ତି ଯେ... ମୁଁ ଜେଜେ ମା ଙ୍କୁ କେବେ ବି ଆଉ ସେମିତି କୁହେନି। ବୋଉ କିନ୍ତୁ ସବୁ କାମକୁ ଯେମିତି ମନ ଆନନ୍ଦରେ କରି ପକାନ୍ତି। ପିଲା ଦିନେ କେବେ ଦେଖିନି ବୋଉ କେବେ ଦିନରେ ବିଶ୍ରାମ ନେବା। ସେମିତି କାମ କରୁ ଥିବ ଯେ କରୁଥିବ। ସବୁ କାମ ସାରି ଦ୍ଦିନ ୧୨ ଟା ପରେ ଗାଧେଇ ସାରି, ବଡ଼ ଖୁଡ଼ୀ ଯାହା ଶାଗ ମୁଗ ରାନ୍ଧି ଥିବେ, ବୋଉ ପଖାଳ କଂସା ଧରି ଠିକ୍ ଦ୍ୱିପ୍ରହରେ ଖାଇ ଉଠି ଥିବ କି ନାହିଁ ଆମ ବଡ଼ ପୋଖରୀରୁ ଜାଲ ପକାଇ ବାପା ଓ ଆମ ର ବିଲରେ ହଳ

Source: Author, Digitized by PPRACHIN, SOA

କରୁଥିବା କୋଠୀଆ ପିଲା ଦୁଇ ଜଣ ମାଛ ଧରି ପହଞ୍ଚିଯିବେ। ବୋଉ ଆଉ କଣ କରିବ ଯେ, ତର ତର ହୋଇ ଦୁଇ ଗୁଣ୍ଡା ଭାତ୍ ଖାଇ ପୁଣି ମାଛ ବାଛି, ଶିଳରେ ସୋରିଷ ମସଲା ବାଟି କେତେବେଳେ ଆମ୍ବୁଲ ପକାଇ ତ୍ କେତେବେଳେ ବାଡ଼ିରେ ହୋଇଥିବା ଲାଲ୍ ଲାଲ୍ ସଜ ଟମାଟୋ ପକାଇ ମାଛ ଝୋଳ କରେ... ବାଃ କି ସ୍ୱାଦ !!! ମୁଁ ଛୋଟ ହୋଇଥିଲି, ବୋଉ ଏଣେ ତରକାରୀ କରୁ କରୁ କୋଠା ଘରେ ଆଇଁଷ ପଶେନି ବୋଲି, ମୁଁ ମାଟି ଖଞ୍ଜା ଭିତରେ ଥିବା ଦୁଆର ର ଚାରି ପଟ ପିଣ୍ଡାରେ ପିଢ଼ା ଓ ପାଣି ଢାଳ ରଖି ଦିଏ ସମସ୍ତେ ଗୋଲ୍ ହୋଇ ବସିଯାନ୍ତି। ବଡ଼ଖୁଡୀ ଭାତ ବାଢ଼ି ଦିଅନ୍ତି... ବୋଉ ସମସ୍ତଙ୍କୁ ଗରମ୍ ଗରମ୍ ମାଛ ତରକାରୀ ପରଷି ଦିଏ। ବାପା, ବଡ଼ ବାପା, ବଡ଼ ଦାଦା ଖାଇ ସାରିବା ପରେ, ଆମେ ଯେତେ ଛୁଆମାନେ (ଭାଇ ଭଉଣୀ) ଆଗରୁ ସାଦା ତରକାରୀରେ ଭାତ ଖାଇ ସାରିଥାଉ, ପୁଣି ସେହି ଅଇଁଠା ଥାଳିରେ ବାଢ଼ିଦିଏ ବୋଉ ଭାତ ଆଉ ମାଛ ତରକାରୀ। ଏବେ ବି ମୋର ସ୍ୱଷ୍ଟ ମନେ ଅଛି ବୋଉ କଣ୍ କରେ ନା... ବଡ଼ ବାପା, ଦାଦାଙ୍କର ପୁଅ ଝିଅଙ୍କୁ ବଡ଼ ବଡ଼ ଖଣ୍ଡ ମାଛ ଦେବ ମୋତେ ସବୁଠୁ ସାନ ମାଛ, ନ ହେଲେ ଲାଞ୍ଜ। ମୁଁ କିଛି ବୁଝି ପାରେନା। ନିଜ ପାଇଁ ବି କେବେ ରଖେନା ବୋଉ। ମୋ ମନ୍ ଭାରି କଷ୍ଟ ହୁଏ... କିନ୍ତୁ କେବେ ମୁଁ ସାହସକରି ବୋଉକୁ ଏକଥା ପଚାରେ ନା। ଗାଁ ଗଣ୍ଡା କଥା ସାହି ପଡ଼ିଶାରେ କାହା ଘରୁ ଯଦି ଉଖୁଡ଼ା ମିଠେଇ କିଏ ଦେଇ ଯାଇଥାଏ, ବୋଉ ତାକୁ ଲୁଚେଇ କି ରଖି ଥିବ ଭଲ ଭଲ ଖାଇବା ଜିନିଷ ସବୁ ସେହି ମାନଙ୍କୁ ହିଁ ଦିଏ। ସବୁ ଭାଇ ଭଉଣୀ ମାନେ ତାଙ୍କ ମା ମାନଙ୍କୁ କିଛି ନ କହି ମୋ ବୋଉ ପାଖରେ ସବୁ ଅଳି କରନ୍ତି, ଭଲମନ୍ଦ କୁହନ୍ତି ମୋ ବୋଉ ବିନା ଦ୍ୱିଧା ରେ ସମସ୍ତଙ୍କ ଖବର ବୁଝେ। ମୋ ବୋଉ ପରିବାରର ସମସ୍ତଙ୍କର "ପ୍ରିୟ ବୋଉ"।

ମୋ ବଡ଼ ବାପା ବଡ଼ ଦାଦା ବି ମୋ ବୋଉକୁ ହିଁ ଖୋଜନ୍ତି। ଜେଜେ ମା ତ ପ୍ରତି ମୁହୂର୍ତ୍ତରେ ବୋଉକୁ ହିଁ କେବଳ ଖୋଜନ୍ତି... ବୋଉ ସବୁ ଦିନ ଜେଜେ ମାଙ୍କୁ ଚା, ଜଳଖିଆ ଦେବା ଠାରୁ ଦ୍ୱିପ୍ରହର ଖାଇବା ଯାଏ ସବୁ ବୁଝନ୍ତି ଖରାବେଳେ ଜେଜେ ମା ଶୋଇ କି ଉଠିଲା ପରେ ବୋଉ ଜେଜେ ମାଆଙ୍କ ର ମୁଣ୍ଡରେ ନଡ଼ିଆ ତେଲ ଲଗାଇ ମୁଣ୍ଡ କୁଣ୍ଡାଇ ପିଠି ଘସି ଦିଏ। ପୁଣି ବୋଉ ରାତିରେ ଶୋଇଲା ପୂର୍ବରୁ ଜେଜେ ମାଆଙ୍କର ଗୋଡ଼ ଘସେ ପୁଣି ବାବା ଓ ବଡ଼ବାପାଙ୍କ ପାଇଁ ପାନ ଭାଙ୍ଗି ଦିଏ,

Source: Author, Digitized by PPRACHIN, SOA

ବାପାଙ୍କର ଗୋଡ଼ ଘଷିଲା ପରେ ଯାଇ ଶୁଏ। ପିଲା ଦିନୁ ବଡ଼ ହେବା ଯାଏ ଆମ ଭାଇ ଭଉଣୀଙ୍କ ଖବର ଅଳି ଅର୍ଦ୍ଦଳି କେତେ ଯେ କରେ... କ'ଣ ବା କହିବି ଦୁନିଆରେ ସବୁ ମାଆ ମାନେ କରନ୍ତି ମୁଁ ଜାଣିଚି ହେଲେ ମୋ ବୋଉର ଅନୁଭୂତି ଏକଦମ୍ ନିଆରା ଏବଂ ସ୍ୱତନ୍ତ୍ର, କେମିତି ଯେ ସେ ଏତେ କରିପାରେ କେଜାଣି ? କାହିଁ ମୁଁ ତ ମୋ ପିଲା ମାନଙ୍କର ସେତିକି କରିପାରିନି। ରାତି ରାତି ଅନିଦ୍ରା ହୋଇ ମୋ ବୋଉ ଆମର ଯାହା କରିଥିଲା..., ସତରେ ବୋଉ କଥା ଅସରନ୍ତି, ଅବର୍ଣ୍ଣନୀୟ। ଶବ୍ଦ ଅଭାବ ପଡ଼ିବ ସବୁ ବର୍ଣ୍ଣନା କଲେ ପୋଥିଟିଏ ହେବ ସତ... ତଥାପି ମଧ୍ୟ ଅଧୁରା ରହିବ। ସତରେ ମୋ ବୋଉ ଭିତରେ ଏତେ ତ୍ୟାଗ, ଏତେ ସହନଶୀଳତା, ସମସ୍ତଙ୍କୁ ଆପଣାର କରିବାର କଳା। ନିଜେ ନ ଖାଇ ଅନ୍ୟର ପେଟର ଭୋକ ଓ ମନର କଥାକୁ ବୁଝିପାରିବାର ଯେଉଁ ଶକ୍ତି ଏହା ସମସ୍ତଙ୍କ ଠାରେ ଦେଖାଯାଏନା ମୋ ବୋଉ ଭିତରେ ଯାହା ମୁଁ ଦେଖି ପାରିଛି। ବୋଧହୁଏ ମୋ ବୋଉର ସେ ତ୍ୟାଗୀ ମନୋଭାବ, ପର ଉପକାର ଅନ୍ୟମାନଙ୍କୁ ନିଜର କରିବାର କଳା ଓ ସହନଶୀଳତା ଶକ୍ତି ମୋ ଉପରେ ଶତପ୍ରତିଶତ ପ୍ରଭାବ ପକାଇଛି। ପିଲା ଦିନେ ଯଦି ମୁଁ କେବେ ଅଳି ଅଝଟ କରେ, ତେବେ ବୋଉ କଥା ଛଳରେ କହେ, ଏମିତି ଅମାନିଆ ହେଲେ, ସଂସାର ରେ କେହି ଭଲ ପାଇବେନି, ଯାହାକୁ ପାଞ୍ଚ ପ୍ରାଣୀ ନ କହିବେ ଭଲ ସେ ଜୀବନର କି ମୂଲ୍ୟ !! ମୋ ବୋଉର ଏହି କଥା ପଦକ ମୋ ଉପରେ ଖୁବ୍ ପ୍ରଭାବ ପକାଇଛି। ମୋ ଜୀବନ ରେ ଅନେକ ଦୁଃଖ ଯନ୍ତ୍ରଣା ମିଥ୍ୟା ଲାଞ୍ଛନାର ସାମ୍ନା କରି ମଧ୍ୟ ପ୍ରତିବାଦ କେବେ କରିନି ସବୁ ସେହି ମୋ ବୋଉ ଆଶିଷ ଓ ଈଶ୍ୱରଙ୍କ ଇଛା ଉପରେ ଛାଡ଼ି, ପିଲା ବୟସରୁ ଆଜି ଯାଏ ବୋଉର ସେହି ଗୋଟିଏ ପଦ କଥାକୁ ପାଥେୟ କରି ମୋ ଜୀବନର ବ୍ରତ କରି ଚଲା ପଥରେ ଆଗେଇ ଚାଲିଛି, ଅନେକ ଭଲପାଇବା ଶ୍ରଦ୍ଧା ସ୍ନେହ ସମସ୍ତଙ୍କଠାରୁ ପାଉଛି ଓ ମୋ ବୋଉ ପରି ମୋ ଶାଶୁ ଘରର ଏକ ସୁନା ବୋହୂ ହୋଇ ପାରିଛି। ସବୁ ଶ୍ରେୟ ମୋ ବୋଉର ଆଦର୍ଶ।

ସେହି ଅମୃତମୟୀ, ତ୍ୟାଗମୟୀ, ମମତାମୟୀ ମାଆର କୋଳରେ ଜନ୍ମ ନେଇ ମୁଁ ନିଜକୁ ଭାଗ୍ୟବାନ ଓ ଗର୍ବିତ ମନେ କରୁଚି। ଜନ୍ମ ଜନ୍ମ ପାଇଁ ମୁଁ ମୋର ଏହି ମାଆ କୋଳରେ ଜନ୍ମନିଏ ଏହାହିଁ ଭଗବାନ୍‌ଙ୍କ ପାଖରେ ମୋର ପ୍ରାର୍ଥନା।

❖❖❖

Source: Author, Digitized by PPRACHIN, SOA

ଟିଂକି ମାମାଲି

ଚୁଲିବୁଲି ଝିଅଟି ମାମାଲି, ଦେଖିବାକୁ ଡଉଲ,ଡାଉଲ ଭାରି ସୁନ୍ଦର ଚେହରା । ପଞ୍ଚମ ଶ୍ରେଣୀରେ ପାଠ ପଢେ ଓଡ଼ିଆ ମାଧମିକ ସ୍କୁଲ ରେ ଖୁବ ଭଲ ପାଠ ବି ପଢେ । ବେଶ୍ ସୁଧାର ଝିଅଟି ତାକୁ ସମସ୍ତେ ଖୁବ ଭଲ ପାଆନ୍ତି । ଘର ଠାରୁ ଦୁଇ କିଲୋମିଟର ଦୂର ତା'ର ସ୍କୁଲ । ତା'ର ଆଉ ଦୁଇ ଯାଆଁଳା ଭାଇ ଭଉଣୀ ସେହି ସ୍କୁଲରେ ପାଠ ପଢ଼ନ୍ତି, ତୃତୀୟ ଶ୍ରେଣୀରେ, ମିଲି ଆଉ ସାନ ଭାଇ ମୁନା ! ତିନିହେଁ ଏକାଠି ମିଶି ସ୍କୁଲକୁ ଯାଆନ୍ତି । ସେଦିନ ସ୍କୁଲରେ ଘଣ୍ଟିବାଜିଲା ପରେ ପ୍ରାର୍ଥନା ଶେଷରେ ହେଡ୍‌ସାର ସବୁ ପିଲାମାନଙ୍କୁ କହିଲେ ପିଲାଏ ଖରା ଛୁଟି ପାଖେଇ ଆସିଲାଣି ଏବର୍ଷ ପିକ୍‌ନିକ୍ ଯିବାର ସ୍ଥିର ହୋଇଛି ଆସନ୍ତା ଡିସେମ୍ବର ୨୫ ତାରିଖ ବଡ଼ଦିନ ଛୁଟିରେ ସମସ୍ତେ ଚିଲିକା ଯିବା ବୁଲି । କାଳିଜାଇ ଦର୍ଶନ କରିବା । କ'ଣ କହୁଛ ପିଲାମାନେ ପିକ୍‌ନିକ୍ ଯିବ କି ନାହିଁ ?

ସମସ୍ତେ ବଡ଼ ପାଟିକରି ଚିଲ୍ଲେଇଲେ, ହଁ ସାର ! ଆମେ ପିକନିକ ଯିବୁ, ଖୁସିରେ ସମସ୍ତେ ପିକନିକ ନାଁ ଶୁଣି ନାଚି ଉଠିଲେ । ସାର୍ କହିଲେ, ତେବେ ଶୁଣ ପିଲାଏ ଜଣକ ପିଛା ୩୦୦ ଟଙ୍କା ଲେଖାଏଁ ଆଣି ସମସ୍ତେ ନିଜ ନିଜର କ୍ଲାସ୍ ଟିଚରଙ୍କୁ ଦେବ । ଘରେ ବାପା ମା' ଙ୍କୁ କହିକି ଟଙ୍କା ଆଣିବ । ଯେଉଁମାନେ ପଇସା ଦେବେ ସେମାନେ ପିକ୍‌ନିକ୍ ଯିବେ । କାରଣ ବସ୍ ଭଡା ଖାଇବା ପିଇବା ଖର୍ଚ୍ଚ ସବୁ ରହିଛି ।

Source: Author, Digitized by PPRACHIN, SOA

ସ୍କୁଲ ଛୁଟି ପରେ ମାମାଲି ଏବଂ ତା ଭାଇ ଭଉଣୀ ଘରକୁ ଆସିଲେ । ତାଙ୍କ ବାପା ଅଫିସ୍‌ରୁ ଆସିଲା ପରେ ମାମାଲି ପିକ୍‌ନିକ୍ ଯିବା ବିଷୟରେ ତା'ବାପାଙ୍କୁ କହିଲା । ବାପା କହିଲେ ହଉ ଠିକ ଅଛି, ଏତେଗୁଡ଼ିଏ ଟଙ୍କା ମାସ ଶେଷରେ ... !

ହଉ ଦେଖିବା ମାମାଲି ତୁ ଏବର୍ଷ ଏକୁଟିଆ ପିକ୍‌ନିକ୍ ଯା, ଆସନ୍ତା ବର୍ଷକୁ ମିଲି-ମୁନା ଯିବେ । ମିଲି ମୁନା ଏକଥା ଶୁଣି ଗୋଡ଼ ହାତ ନଚେଇ କାନ୍ଦିବା ଆରମ୍ଭ କରିଦେଲେ । ନାଇଁ ବାପା ଅପା ଯଦି ଯିବ ଆମେ ବି ଯିବୁ । ବାପା ବିକାଶ ବାବୁ କହିଲେ ହଉ, ହଉ ତୁମେ କାନ୍ଦନି ଦେଖିବା ମୁଁ କିଛି ବ୍ୟବସ୍ଥା କରୁଛି । ଏହା କହି ବିକାଶ ବାବୁ ସନ୍ଧ୍ୟାରେ ଚାଲିବାକୁ ପଳେଇଲେ । ମାଆ ବୈଶାଳୀ ପିଲାମାନଙ୍କୁ ବୁଝାଇବାକୁ ଚେଷ୍ଟାକଲେ । ଶୁଣ ପିଲାମାନେ ମାସ ଶେଷରେ ହଜାରେ ଟଙ୍କା ଏକତ୍ରା କେଉଁଠି ଆସିବ କହିଲ ପିଲେ, ବାପା କ'ଣ ବଡ଼ ଅଫିସରଟିଏ ହୋଇଛନ୍ତି ? ସାଧାରଣ ସରକାରୀ କର୍ମଚାରୀଟିଏ ମାସକର ଦରମାରେ ଘରଭଡା, ଘରର ଖାଇବା ପିଇବା ସଉଦା ଖର୍ଚ୍ଚ, ତା' ଛଡା ଜେଜେ ମା' ଙ୍କର ଔଷଧ ଖର୍ଚ୍ଚ, ଘରର ଅନ୍ୟାନ୍ୟ ଯାବତୀୟ ଖର୍ଚ୍ଚ ସେତିକି ଦରମାରେ, କେତେ କଷ୍ଟ ହେଉଛି ଚଳିବାକୁ ଯେ ମାସ ଶେଷରେ ଗ୍ରୋସରୀ ବାକିରେ ଆଣିବାକୁ ପଡୁଛି । ପିଲାମାନେ ତୁମେ ବୁଝିବାକୁ ଟିକେ ଚେଷ୍ଟାକର, ଏମିତି ଅଝଟ କଲେ କେମିତି ହେବ ? ମାମାଲି କହିଲା ନାଇଁ ମାମା ତୁମେ ବ୍ୟସ୍ତ ହୁଅନି ଆମେ କେହିବି ପିକ୍‌ନିକ୍ ଯିବୁନି । ମିଲି, ମୁନା ଯଦି ନ ଯିବେ ମୁଁ ବି ଯିବିନି, ମୋ ଭାଇ ଭଉଣୀଙ୍କ ମନରେ ଦୁଃଖ ଦେଇ ମୁଁ କେମିତି ଯିବି ଯେ ପିକ୍‌ନିକ୍... ! ବାବାଙ୍କ ପାଖରେ ପଇସା ନାହିଁ ତ ଠିକ ଅଛି... ଆମେ କେହି ଯିବୁନୁ, ମୁଁ ଏକୁଟିଆ କାହିଁ ଯିବି ଯେ.. ?

ମାମାଲି ତା' ମାମାଙ୍କୁ ସିନା ମନାକଲା ପିକନିକ ଯିବାକଥା, ହେଲେ ରାତିରେ ତାକୁ ନିଦ ହେଲାନି । କାଲି ସ୍କୁଲକୁ ଗଲେ ସଙ୍ଗମାନଙ୍କୁ ଓ ସାରଙ୍କୁ କେମିତି କହିବି ମୁଁ ପିକ୍‌ନିକ୍ ଯିବନି ବୋଲି । କ'ଣ କାରଣ ଦର୍ଶାଇ ମନା କରିବି, ଯଦି ମୋ ବାପାଙ୍କ ପାଖରେ ପଇସା ନାହିଁ କହିବି ତେବେ ପିଲାମାନେ କେତେ ଖରାପ ଭାବିବେ । ଗରିବ ପିଲାବୋଲି ଭାବି କାଳେ ମୋ ସାଙ୍ଗ ଆଉ ହେବେନି ।

ଏମିତି ଭାବନା ଭିତରେ ମାମାଲିର ରାତି ପାହିଲା । ତା'ପର ଦିନ ନିତ୍ୟକର୍ମ ସାରି ମାମାଲି ସ୍କୁଲ ବାହାରିଲା ବେଳକୁ ମିଲି, ମୁନା ରେଡିହୋଇ ନାହାନ୍ତି ସ୍କୁଲ

Source: Author, Digitized by PPRACHIN, SOA

ଯିବାପାଇଁ । ମାମାଲି ପଚାରିଲା ମା'ଙ୍କୁ ମୁନା, ମିଲି ଆଜି ସ୍କୁଲ ଯିବେନି କି ମାମା ? ଆରେ ନା'ରେ ...ହଠାତ ରାତି ଠାରୁ ଦୁହିଁଙ୍କୁ ଥଣ୍ଡା ଜ୍ୱର ତୁ ଆଜି ଏକୁଟିଆ ଯା' ।

ମାମାଲି ଏକୁଟିଆ ସ୍କୁଲ ବାହାରିଗଲା, ମନେ ମନେ ଭାବୁଥାଏ ବୋଧେ ପିକନିକ ନଯିବା ଶୁଣି ଦୁହିଙ୍କୁ ଚିନ୍ତାରେ ଜ୍ୱର ହୋଇଯାଇଛି । ପ୍ରଭୁଙ୍କୁ ମନେ ମନେ ଡାକି କହୁଥାଏ ହେ' ପ୍ରଭୁ ମୋ ଭାଇ ଭଉଣୀଙ୍କ ଜ୍ୱର ଭଲ କରିଦିଅ । ମୁଁ ପଛେ ପିକ୍‌ନିକ୍ ନଗଲେ ନାହିଁ, ମୋ ଭାଇ, ଭଉଣୀ କେମିତି ଯିବେ । ଟିକେ ବ୍ୟବସ୍ଥା କରି ଦିଅ । ତାଙ୍କ ମୁହଁରେ ଖୁସି ଦେଖିଲେ ମୁଁ ବି ଖୁସି ହୁଅନ୍ତି । ବାବାଙ୍କ ପାଖରେ ତ ମାସ ଶେଷରେ ପଇସା ନାହିଁ, ବାବା କହୁଛନ୍ତି ମୁଁ ଏକୁଟିଆ ଯିବି । ନା, ନା ଏମିତି ହୋଇ ପାରିବନି, ମୁଁ କେବେବି ଏକୁଟିଆ ଯିବିନି । ଏମିତି ଭାବି ଭାବି ରାସ୍ତାରେ ଚାଲି ଚାଲି ଯାଉଥାଏ । ଭାବୁଥାଏ, ତା' ସାଂଗମାନଙ୍କୁ ସାରଙ୍କୁ କେମିତି କ'ଣ କହି ମନା କରିବ ପିକ୍‌ନିକ୍ ନଯିବା କଥା । ଏହି ସମୟରେ ତା' ସାମ୍ନାରେ ଜଣେ ମୋଟର ସାଇକେଲରେ ଯାଉଥିବା ବ୍ୟକ୍ତିଙ୍କର ପକେଟରୁ ହଠାତ ମନିପର୍ସଟି ତଳେ ଖସି ପଡିଲା ।

ମାମାଲି ଆଖିରେ ପଡିଗଲା ପର୍ସଟି ତଳେପଡ଼ିଛି । ବାବୁ ଜଣଙ୍କ କ୍ଷୀପ୍ର ଗତିରେ ଗାଡି ଛୁଟାଇ ପଳାଉଛନ୍ତି । ମାମାଲି ପର୍ସଟିକୁ ହାତରେ ଉଠାଇ ଜୋରରେ ପାଟିକରି ଡାକ ଛାଡିଲା ଅଙ୍କଲ, ଅଙ୍କଲ ରୁହନ୍ତୁ, ରୁହନ୍ତୁ, ଆପଣଙ୍କ ପର୍ସ ପଡିଯାଇଛି, ହେଲେ ସେ ମାମାଲିର ଡାକ ନ ଶୁଣିପାରି ପଳାଇ ଗଲେ । ଏହି ସମୟରେ ଆଉ ଏକ ମଟର ସାଇକେଲରେ ବସି ଜଣେ ବାବୁ ଯାଉଥିଲେ । ପଚାରିଲେ ଆରେ ଝିଅ କ'ଣ ହେଲା କାହିଁ ପାଟି କରୁଚ ? ନାହିଁ ଅଙ୍କଲ ଏହି କିଛି ଦୂରରେ ଯେଉଁ ଧଳା ସାର୍ଟ ପିନ୍ଧି ଯାଉ ନାହାଁନ୍ତି ଜଣେ ଅଙ୍କଲ ଗାଡ଼ିରେ, ତାଙ୍କ ମନିପର୍ସ ତଳେ ପଡ଼ିଗଲା, ତାଙ୍କୁ ଟିକେ ଜଲଦି ଯାଇ ଅଟକାନ୍ତୁ please ଅଙ୍କଲ । ବାବୁ ଜଣଙ୍କ ଦ୍ରୁତ ବେଗରେ ମଟର ସାଇକେଲ ଛୁଟାଇ ଗଲେ ଏବଂ ସେ ବାବୁ ଜଣଙ୍କୁ ଝିଅଟି ବିଷୟରେ ମନିପର୍ସ କଥା କହିଲେ । ସତକୁ ସତ ବାବୁ ଜଣଙ୍କ ପକେଟରେ ହାତ ମାରି ଦେଖିଲେ ପର୍ସଟି ନାହିଁ । ପଛକୁ ଗାଡି ଫେରାଇ ଆସିଲେ ।

ମାମାଲି ଧୀରେ ଧୀରେ ରାସ୍ତାରେ ଚାଲି ଚାଲି ଯାଉଥିଲା ଦୂରରୁ ସେ ବାବୁ ଜଣଙ୍କ ମାମାଲିକୁ ଲକ୍ଷ୍ୟକରି ଆସୁଥିଲେ ତା ପାଖରେ ଅଟକି ଗଲେ ।

Source: Author, Digitized by PPRACHIN, SOA

ମାମାଲି ସେ ଧଳା ସାର୍ଟ ପିନ୍ଧା ବାବୁଙ୍କୁ ଚିହ୍ନିପାରି ହାତକୁ ପର୍ସଟି ବଢ଼ାଇ ଦେଉ ଦେଉ କହିଲା ଅଙ୍କଲ ଏବେ କ'ଣ ହୋଇଥାନ୍ତା ଯେ... ! ଯଦି କେଉଁ ଚୋର ହାତରେ ଆପଣଙ୍କ ପର୍ସଟି ପଡ଼ିଥାନ୍ତା ? ବାବୁ ଜଣଙ୍କ ଆଶ୍ଚର୍ଯ୍ୟ ହୋଇ ମାମାଲି ମୁହଁକୁ ଚାହିଁ ଭାବୁଥାନ୍ତି, ସତରେ ମୋ ଭାଗ୍ୟ ଆଜି ଭଲ କେତେ ବଡ଼ ବିପଦରୁ ରକ୍ଷା ମିଳିଲା । ୬୦ ହଜାର ଟଙ୍କା ଭାଣିଜୀ ବାହାଘର ପାଇଁ ଗହଣା କିଣିବାକୁ ସୁନା ଦୋକାନ ଯାଉଥିଲି, ଏ ପିଲା ଜାଗାରେ ବୋଧେ ଆଉ କିଏ ହୋଇଥିଲେ ମୋତେ ଏ ଟଙ୍କା କ'ଣ ଫେରାଇ ଥାନ୍ତା ? ଏ ବିଶ୍ୱାସ ମୋର ହେଉନି ! ଯାହାହେଉ ସଂସ୍କାରୀ ଝିଅଟି । ଏମିତି ଭାବୁ ଭାବୁ ମାମାଲିକୁ ପଚାରିଲେ ଆରେ ଝିଅ ତୁମ ନାଁ କ'ଣ, ତୁମ ଘର କେଉଁଠି ?

ମାମାଲି କହିଲା ରାସ୍ତାର ପଛ ପଟକୁ ହାତ ବଢ଼ାଇ ଅଙ୍କଲ ଏଇ ଅଳ୍ପ ଦୂରରେ ଆମ ଘର । ବେଟା ବସ ମୋ ଗାଡ଼ିରେ ଟିକେ ତୁମ ଘରକୁ ଯିବା ତୁମ ବାପା ମା'ଙ୍କୁ ଟିକେ ଦେଖା କରିବାକୁ ମୁଁ ଚାହେଁ । ତୁମ ଭଳି ଝିଅର ବାପା ମା' କିପରି ହୋଇଥିବେ ହୋଇଥିବେ ମୁଁ ଟିକେ ଦେଖା ନକଲେ ମୋତେ ଆତ୍ମସନ୍ତୋଷ ମିଳିବନି । ହଁ ଯେ ଅଙ୍କଲ କିନ୍ତୁ ମୋର ସ୍କୁଲ ବେଳ ଡେରି ହେଉଛି... କହି ଟିକେ ତଥମଥ ହେଲା.... !! ଅଙ୍କଲ କହିଲେ ଡେରି ହେବନି, ଚାଲ ବେଟା ! ତୁମ ଘରେ ଟିକେ ତୁମ ବାପା ମା'ଙ୍କୁ ଦେଖା କରି ତୁମକୁ ନେଇ ତୁମ ସ୍କୁଲରେ ଛାଡିଦେବି । ବିଲକୁଲ ଡେରି ହେବନି ଆସ !! ମାମାଲି କ'ଣ କରିବ ବିଚାରି ଗୁରୁଜନଙ୍କ କଥା ନ ଭାଙ୍ଗିପାରି ସେ ଅଙ୍କଲଙ୍କ ଗାଡ଼ିରେ ବସିଲା । ରାସ୍ତାରେ ଗାଡିରେ ଯିବା ଭିତରେ ଅଙ୍କଲ ତା' ବାପା ମା'ଙ୍କ ନାଁ ଠାରୁ ଆରମ୍ଭ କରି ଦୁଇ ଭାଇଭଉଣୀଙ୍କ ଜେଜେ ମା'ଙ୍କ ବିଷୟରେ ମଧ୍ୟ ବୁଝି ନେଲେ ।

ମାମାଲିର କହିବା ଅନୁସାରେ ଘର ଗେଟ୍ ପାଖରେ ପହଁଚି ଗାଡିରଖି ଶିଡ଼ି ଘରଦେଇ ଉପରକୁ ଯିବା ଭିତରେ ଦେଖିଲେ ମାମାଲିର ବାପା ଅଫିସ ବାହାରିଛନ୍ତି, ହଠାତ ଝିଅକୁ ଏମିତି ଜଣେ, ଅଚିହ୍ନା ଭଦ୍ର ବ୍ୟକ୍ତିଙ୍କ ସହ ଦେଖି ଚମକି ପଡିଲେ ! ଆଶ୍ଚର୍ଯ୍ୟ ହୋଇ ଚାହିଁଥାନ୍ତି, କିଛି ବୁଝିବା ପୂର୍ବରୁ ବାବୁ ଜଣଙ୍କ କହିଲେ ଆପଣ ବିକାଶ ବାବୁ ନା' ? ହଁ କ'ଣ ହେଲା ? ମୋ ଝିଅ ମାମାଲି କିଛି ଭୁଲ କରିଛି କି ? ଆପଣ କିଏ ଜାଣିପାରିଲେଣି ? ହଁ ହଁ ବିକାଶ ବାବୁ ଆପଣ ଜାଣିବେ, ଜାଣିବେ ଏତେ ବ୍ୟସ୍ତ

Source: Author, Digitized by PPRACHIN, SOA

କାହିଁ ? ଆପଣଙ୍କ ଝିଅ ମାମାଲି ବହୁତ ବଡ଼ ଭୁଲ କରିଛି ! ଏପରି ଝିଅ ଜନ୍ମ ଦେଇଛନ୍ତି ଆପଣ ? ବିକାଶ ବାବୁଙ୍କ ପଛରେ ମା' ବୈଶାଳୀ ମଧ ସିଡ଼ିର ପାହାଚରେ ଠିଆ ହୋଇଛନ୍ତି !! ହଠାତ ଚିହିଁକି ଉଠିଲେ କିଏ ଆପଣ ଏମିତି କ'ଣ କହୁନ୍ତି ?

ମୁଁ ସୁନୀଲ ମହାନ୍ତି, କହି ହଠାତ ମନିପର୍ସଟି ପକେଟରୁ ବାହାର କରି କହିଲେ ହେଇ ଦେଖନ୍ତୁ ମୋର ପର୍ସଟି ପକେଟରୁ ତଳେ ପଡି ଯାଇଥିଲା, ଆପଣଙ୍କ ଝିଅ ମାମାଲି ମୋ ପର୍ସଟି ପାଇ ମୋତେ ଦେଇଚି... ବିକାଶ ବାବୁ କହିଲେ ତେବେ ଅସୁବିଧା କ'ଣ ହେଲା ? ସୁନୀଲ ବାବୁ ଠୋ ଠୋ ମଜାରେ ହସି ଉଠିଲେ, କହିଲେ ପ୍ରଥମେ ତ ଘରକୁ ଟିକେ ଡାକନ୍ତୁ ବିକାଶ ବାବୁ !! ତା'ପରେ ଆପଣ ମାନେ ସିନା ଜାଣିବେ । ସମସ୍ତେ ଡ୍ରଇଂ ରୁମର ସୋଫା ଉପରେ ଯାଇ ବସିଲେ । ସୁନୀଲ ବାବୁ ସବୁ କହିଲେ ! ବିକାଶ ବାବୁ କହିଲେ, ସୁନିଲ ବାବୁ ଆପଣ ତ ଆମକୁ ଡରେଇ ଛାନିଆ କରେଇ ସାରିଲେଣି । ନା... ନା ବିକାଶ ବାବୁ really u are lucy । ଏପରି ସଂସ୍କାର ଦେଇଛନ୍ତି ଝିଅକୁ, ତା ଜାଗାରେ ଆଉ କିଏ ଯଦି ଏହି ୬୦ ହଜାର ଟଙ୍କା ପାଇଥାନ୍ତା ମୋତେ କ'ଣ ଫେରାଇ ଥା'ନ୍ତା ? ନିଶ୍ଚୟ ମାମାଲି ପାଠପଢି ଜଣେ ଭଲ ମଣିଷଟିଏ ହେବ, ଏଥିରେ ସନ୍ଦେହ ନାହିଁ । ଭଗବାନ ତାକୁ ଆଶୀର୍ବାଦ କରନ୍ତୁ ।

ଏତିକି ବେଳେ ମା' ବୈଶାଳୀ ଚ' ଧରି ପହଂଚି ଗଲେ, ସମସ୍ତେ ମିଶି ଚ' ପିଇଲେ । ସୁନୀଲ ବାବୁ କଥା ଛଳରେ ପଚାରିଲେ ଆଚ୍ଛା ମାମାଲିକୁ କେତେ ବର୍ଷ ହେଲା ?

ବୈଶାଳୀ କହିଲେ, ଆସନ୍ତା ୧୫ ତାରିଖରେ ପରା ତା'ର ଜନ୍ମଦିନ ୧୧ ବର୍ଷ ପୁରି ୧୨ ବର୍ଷ ଚାଲିବ ।

ଆଚ୍ଛା ମାମାଲିର ଜନ୍ମଦିନ ତେବେ ଏଇ ନିକଟରେ ବାଃ ବହୁତ ବଢିଆ । ମାମାଲି ଶୁଣ, ଶୁଣ କହି ଡାକ ଛାଡିଲେ ମାମାଲି ପାଖରେ ଆସି ଯେମିତି ଛିଡା ହୋଇଛି ତା ହାତରେ ୩ ହାଜର ଟଙ୍କା ଗୁଂଜି ଦେଇ କହିଲେ ନିଅ ତୁମ ଜନ୍ମ ଦିନରେ

ନୂଆ ଡ୍ରେସ ପିନ୍ଧିବ ଚକୋଲେଟ ଆଣି ଭାଇ ଭଉଣୀ ସମସ୍ତେ ମିଶି ଖାଇବ । ମାମାଲି ବିଲକୁଲ ଟଙ୍କା ନେଉ ନ ଥିଲା, ସୁନିଲ ବାବୁ ଟିକେ ସ୍ନେହମିଶା ଚଢା ଗଳାରେ କହିଲେ, ମାମାଲି ! ଜାଣିଛ କି ନାହିଁ ମୋର ଝିଅ ନାହିଁ, ମାତ୍ର ଦୁଇ ପୁଅ ! ଆଜିଠୁ ତୁମେ ମୋର ଝିଅ ହେଲ...!! ତେଣୁ ବାପାଙ୍କ ଠାରୁ ଝିଅ ପଇସା ନେବନି

Source: Author, Digitized by PPRACHIN, SOA

ତ ଆଉ କାହାଠାରୁ ନେବ ...!!

ଆଜିଠାରୁ ତୁମ ପାଠପଢା ଦାୟିତ୍ୱ ସବୁ ମୋର .... ଯାହା ଯେତେବେଳେ ଦରକାର କହିବ ମୁଁ ତୁମ ପାଇଁ ଆଣିଦେବି । ଆଜିଠୁ ତୁମେ ମୋର ଗେହ୍ଲା ଝିଅ... କ'ଣ କହୁଚ ? ମାମାଲି ସୁନା ପିଲାପରି ମୁଣ୍ଡ ଟୁଙ୍ଗାରିଲା । ନୂଆ ବନ୍ଧୁତ୍ୱ ସ୍ଥାପନର ଖୁସିରେ ବୈଶାଳୀ ଫ୍ରିଜରୁ ମିଠା ଆଣି ସମସ୍ତଙ୍କୁ ଖୁଆଇଲେ । ଆନନ୍ଦର ଲହରୀ ଖେଳିଗଲା । ସୁନିଲ ବାବୁ ଉଠିଲେ ଯିବାପାଇଁ । ଘଣ୍ଟାରେ ସ୍କୁଲବେଳ ଅତିକ୍ରାନ୍ତ, ମାମାଲି ସେଦିନ ଆଉ ସ୍କୁଲ ଗଲାନି । ସୁନିଲ ବାବୁ ଗଲାପରେ ଦୁଇ ଭାଇ ଭଉଣୀ ଚୁପିଚୁପି ସବୁ ଶୁଣୁଥିଲେ, ତାଙ୍କ ବଡ଼ ଅପା ହାତରେ ଏତେ ଟଙ୍କା ଦେଖି ପିକ୍‌ନିକ୍ ଯିବା ଖୁସିରେ ନାଚି ଉଠିଲେ । ତା' ପରଦିନ ତିନିହେଁ ସ୍କୁଲକୁ ଯାଇ ତାଙ୍କ ଶ୍ରେଣୀ ଶିକ୍ଷକଙ୍କୁ ଟଙ୍କାଦେଲେ 'ବଡ଼ଦିନ' ଡିସେମ୍ବର-୨୫ ତାରିଖ ଦିନ ସ୍କୁଲର ସବୁ ପିଲା ମିଶି ଚିଲିକା ଗଲେ, ସ୍ୱତନ୍ତ୍ର ପିକ୍‌ନିକ୍ ବସ୍‌ରେ ବସି, ମା' କାଳିଜାଇଙ୍କୁ ଦର୍ଶନ କରି ବେଶ୍ ହସ ମଜ୍ଜାରେ ଦିନକାଟି ବଣଭୋଜି ଖାଇ ସନ୍ଧ୍ୟାରେ ଘରକୁ ଫେରିଲେ ।

ସେଦିନ ମାମାଲି ମନରେ ଖୁସି କହିଲେ ନ ସରେ । ତା' ଭାଇ ଭଉଣୀଙ୍କର ଖୁସିରେ ସେ ବି ବହୁତ ଖୁସି । ମନେ ମନେ ଭଗବାନଙ୍କୁ କୋଟି ଧନ୍ୟବାଦ ଦେଲା । ସେତେବେଳର ସେହି ଟିକି ମାମାଲିର ସଚ୍ଚୋଟପଣିଆ ତାକୁ ଏକ ଭଲ ମଣିଷକରି ଗଢି ତୋଳିଛି । ସେ ଏବେ ବଡହୋଇ ବର୍ତ୍ତମାନ ବଡ଼ ନାମକରା ସମସ୍ତଙ୍କର ପ୍ରିୟ, ବିଶିଷ୍ଟ ଡାକ୍ତରାଣୀଟିଏ ହୋଇ ଲୋକ ମାନଙ୍କର ସେବାରେ ବ୍ରତୀହୋଇଛି ।

Source: Author, Digitized by PPRACHIN, SOA

ବ୍ରହ୍ମପୁରୀ ପାଟ

ପ୍ରଭା ଦେବୀ ଡ୍ରଇଁ ରୁମ୍‌ର ସୋଫା ଉପରେ ମୁଣ୍ଡରେ ହାତ ଦେଇ ଚୁପ୍‌ଚାପ୍ ବସି ଭାବୁଥାନ୍ତି କେତେ କ'ଣ !

କେତେ ଦୁଃଖ ଦେଇଗଲା କେତେ ଲୋକଙ୍କ ପେଟରୁ ଦାନା ଛଡ଼ାଇ ନେଲା, କାହାର କେତେ କ୍ଷତିକଲା, ତାହାର ହିସାବ କ'ଣ ସେ ରଖିଲା ? କେତେ ମୁଣ୍ଡ ଉପରୁ ଛାତ ଉଡାଇ ନେଲା, କାହାର ମା' କୋଳରୁ ତା' ଛୁଆକୁ ଛଡାଇ ନେଲା, ଆତ୍ମୀୟଙ୍କ ଆଖିରୁ ଲୁହର ବନ୍ୟା ବୁହାଇ ତା' ବାଟରେ ସେ ଚାଲିଗଲା । ଓଃ କି କଷ୍ଟ ! କି ଯନ୍ତ୍ରଣା ହୃଦୟ ବିଦାରକ ଏ ଫନିର ବର୍ବର କାଣ୍ଡ... !

ଏହିସବୁ ଭାବି ଭାବି ପ୍ରଭା ଦେବୀଙ୍କର ଭାରାକ୍ରାନ୍ତ ବିବ୍ରତ ମନ ଛଟପଟ ହେଉଥାଏ । ଏତିକିବେଳେ ହଠାତ୍ କଲିଂବେଲ୍ ବାଜି ଉଠିଲା, ପ୍ରଭାଦେବୀ ଭାବନାର ଚିନ୍ତା ରାଜ୍ୟରୁ ଫେରି ଆସିଲେ । କିଏ ବୋଲି ଆସି ଦରଜା ଖୋଲିଲେ । ସାମ୍ନାରେ ମଞ୍ଜୁ ଠିଆ ହୋଇଛି । ଆରେ ମଞ୍ଜୁ ଆସ ଆସ ଘର ଭିତରକୁ.... ଏତେ ଦିନ ହେଲା କୁଆଡେ ଥିଲ ? ବ୍ଲାଉଜ ତିଆରି, ଶାଢ଼ୀ ଫଲ, ପିକୋ ସବୁ ହୋଇଯାଇଛି ତ ? ବାବୁଙ୍କର ମୋର ପରା ଏହି ୨୪ ତାରିଖରେ ଝିଅ ପାଖକୁ ହାଇଦ୍ରାବାଦ ଯିବୁ, ଝିଅ ସିପ୍ରାର ଏବର୍ଷ ପ୍ରଥମ ସାବିତ୍ରୀ ବ୍ରତ, ସେଥିପାଇଁ ତା' ପାଇଁ ସବୁ ଯୋଗାଡ କରି ନେଇକି ଯିବାକୁ ପଡ଼ିବ । ମୁଁ ତୁମକୁ ଅପେକ୍ଷା କରିଥିଲି ମଞ୍ଜୁ । ମଞ୍ଜୁ ପାଟିରେ ଭାଷା ନାହିଁ ତା' ମୁହଁରେ ବିଷର୍ଣ୍ଣତାର ଭୟାତୁରା ଭାବ ଫୁଟି ଦିଶୁଛି, ଆଖି ଛଳଛଳ । ପ୍ରଭାଦେବୀ ମଞ୍ଜୁର ଏପରି ଅବସ୍ଥା ଦେଖି ପଚାରିଲେ କ'ଣ ହେଲା ମଞ୍ଜୁ ? ସେ ଭୋ, ଭୋ, କାନ୍ଦି ଉଠିଲା ଓ କହିଲା ମାଆ ସବୁ ସରିଗଲା । ଏ ଧୂମାଳ ବାତ୍ୟା ମୋ ସଂସାର ଉଜାଡି ଦେଲା, ମା' କେମିତି ବଞ୍ଚିବି ମା' ? ଆମେ ମାଆ ଛୁଆ ମୁଣ୍ଡ

Source: Author, Digitized by PPRACHIN, SOA

ଗୁଞ୍ଜୁଥିବା ଦୁଇ ବଖରା ଆଜବେଷ୍ଟସ ଘରର ପତ୍ତାନାହିଁ ଓ ବାତ୍ୟା ହେବାର ୨ଦିନ ପୂର୍ବରୁ, ମୋ ବୁଢ଼ା ବାପା ଦେହ ଖରାପ୍ ହେବାକଥା ଶୁଣି ଗାଁ କୁ ଯାଇଥିଲି, ସେହି ଦିନ ରାତିରେ ମୋ ବୁଢ଼ା ବାପା ଆରପାରିକୁ ଚାଲିଗଲେ, ତେଣୁ ଶୁଦ୍ଧିକାମ ସାରି ଆଜି ୧୬ ଦିନ ପରେ ଘରେ ପହଞ୍ଚି ଦେଖିଲି, ମୋ ଘରର ଠିକଣା ନାହିଁ ଓ ଚିହ୍ନି ପାରୁନି ମୋ ଘରକୁ, ଘର ଛିନ୍ନଛତର ହୋଇ ମାଟିରେ ମିଶିଯାଉଛି, କିଛି ବି ଜିନିଷ ପତ୍ରର ପତ୍ତାନାହିଁ ଓ କ'ଣ କରିବି କିପରି ମୋ ଛୁଆ ଦୁହିଁଙ୍କର ଜୀବନ ବଞ୍ଚାଇବି ମାଆ... ?

ପ୍ରଭା ଦେବୀ ତା' କଥା ଶୁଣି ଅବାକ୍ ଓ ଏକ୍‌ଦମ୍ ବାକ୍ୟ ଶୂନ୍ୟ । ଭାବୁଥାନ୍ତି ବିଚାରି ମଞ୍ଜୁ ସ୍ୱାମୀ ପରିତ୍ୟକ୍ତ । ଦୁଃଖିନୀଟିଏ.... କେତେ କଷ୍ଟରେ ଛୁଆ ଦୁହିଁଙ୍କ ପେଟରେ ଦାନା ଦେଉଛି, ସେମାନଙ୍କୁ ପାଠ ପଢ଼ାଉଛି, ଏ ନିର୍ଦ୍ଦୟ ଫନି ତାକୁବି ଛାଡ଼ିଲାନି... ଦୁଃଖ ସାଗରରେ ଭସାଇ ଦେଇ ଚାଲିଗଲା ।

ମଞ୍ଜୁର ଦୁଃଖ କାହାଣୀ ଭିତରେ ପ୍ରଭାଦେବୀ ଏମିତି ହଜି ଯାଇଥିଲେ ଯେ, ବୋଧହୁଏ ଭୁଲି ଯାଇଥିଲେ ନିଜକଥା । ହଠାତ୍ ତାଙ୍କର ମନେପଡିଗଲା, ଆରେ ମଞ୍ଜୁ ମୋ ଝିଅର ବରହମ୍ପୁରି ପାଟଶାଢୀଟା ? ୧୬ ହଜାର ଟଙ୍କା ଦେଇ ଆଣିଥିଲି କଳାମନ୍ଦିରରୁ, ତା'ର ପ୍ରଥମ ସାବିତ୍ରୀ ପାଇଁ !!

ମଞ୍ଜୁ ମୁହଁରେ ଆଉ ଉତ୍ତର କାହିଁ ? ସେ ଭାଷା ଶୂନ୍ୟ... ବଲ ବଲ କରି ଚାହିଁ ରହିଥାଏ ପ୍ରଭାଦେବୀଙ୍କ ମୁହଁକୁ । ପ୍ରଭାଦେବୀ ସବୁ ବୁଝି ଗଲେ ! ମନରେ ଭାବୁଥାନ୍ତି, ଆରେ ଝିଅ ସିପ୍ରାକୁ କି ଉତ୍ତର ଦେବି! କେତେ ଖୁସି ହୋଇଥିଲା ହ୍ୱାଟ୍‌ସଆପ୍‌ରେ । ସେହି ଲାଟେଷ୍ଟ୍ ଡିଜାଇନ୍ ଇଉନିକ୍ ଷ୍ଟାଇଲ ପାଟ ଶାଢ଼ୀଟିକୁ ଦେଖି! ବିଚରା ଭାରି ମନ କଷ୍ଟ କରିବ ଛୁଆଟି ମୋର... ଠିକ୍ ଏତିକିବେଳେ ଯୋଗକୁ ହାଇଦ୍ରାବାଦରେ ସଫ୍‌ଟୱାର ଇଞ୍ଜିନିୟର ଥିବା ଝିଅ ସିପ୍ରା ଫୋନ୍ କଲା, ମାମାଙ୍କ ଠାରୁ ସବୁ କଥା ଶୁଣି, ତା' ବରହମ୍ପୁରି ପାଟର ନିଖୋଜ ଖବରରେ ମନ ଦୁଃଖ କରିବ କ'ଣ ? ବରଂ ତା'ର ଦରଦୀ ହୃଦୟରେ ବିବେକର ମଣିଷ ପଣିଆ ଜାଗି ଉଠିଲା, ତା' ମା'ଙ୍କୁ ସେ ଅନୁରୋଧ କଲା, ମାମା ମଞ୍ଜୁକୁ ତୁରନ୍ତ ୧୦ ହଜାର ଟଙ୍କାଦେଇ ଦିଅ, ମୁଁ କାଲି ତୁମ ଆକାଉଣ୍ଟକୁ ଟଙ୍କା ପଠାଇ ଦେବି ଓ ପ୍ରଭାଦେବୀ ଏକଦମ ନୀରବ, ନିରୁତ୍ତର ଝିଅ ସିପ୍ରା'ର କଥା ଶୁଣି ସ୍ତବ୍ଧହୋଇ ଯାଇଥିଲେ....!!

❖❖❖

Source: Author, Digitized by PPRACHIN, SOA

ଅଦୃଶ୍ୟ ବୟସ

ଓହୋ ! ଏକ ବଡ଼ ଚିନ୍ତାଗଲା, ଖୁବ୍ ଦୀର୍ଘ ନିଶ୍ୱାସଟି ପକାଇ ଅଲିଭା ଟେବୁଲ୍ ଉପରେ ଖାତା କଲମ ଥୋଇଦେଇ ମନେ ମନେ ଭାବୁଥିଲା ଯାହା ହେଉ, ବର୍ଷକ ତଳୁ ଆରମ୍ଭ କରିଥିବା ଉପନ୍ୟାସଟି ଏହି କିଛିଦିନର ପରିଶ୍ରମରେ ଆଜି ପୂର୍ଣ୍ଣରୂପ ନେଲା । ଖାଲି ଯାହା ସାଜସଜା ହୋଇ ସୁନ୍ଦର ପରିପାଟୀରେ ଲୋକ ଲୋଚନକୁ ଆସିବାର ବାକି ରହିଲା । ଯାହାବି ହେଉ ସେ ପ୍ରକାଶନୀ ସଂସ୍ଥାକୁ ଅଶେଷ ଧନ୍ୟବାଦ ତାଙ୍କର ଦୃଢ଼ ଫର୍ମମାଇସ୍‌ରେ ରାତି ଦିନ ଲାଗିପଡି ପାଣ୍ଡୁଲିପିଟିକୁ ପ୍ରସ୍ତୁତ କରିଦେଲି । ଏମିତି ଗୁଣୁ, ଗୁଣୁ ହୋଇ କହିଲା ଭିତରେ ବୁଲିପଡି ଦେଖିଲା ସ୍ୱାମୀ ଦୀପକ୍ ଠିଆ ହୋଇ ମୁରୁକି ହସା ଦେଉଛନ୍ତି, ଅଲିଭା ପଚାରିଲା କ'ଣ ହେଲା ହସୁଛ ଯେ ! ନା ମ କିଛି ନାହିଁ ତୁମକୁ ଦେଖୁଛି । ମୋତେ ଦେଖୁଚ ! କ'ଣ ମୁଁ କିଛି ନୂଆ ଦିଶୁଛି କି ? ଦୀପକ୍ ବାବୁ ଆଉ କିଛି ଉତ୍ତର ନଦେଇ ପୁଣି ଟିକେ ମୁରୁକି ହସାଦେଇ ରୁମ୍ ବାହାରକୁ ଚାଲି ଗଲେ । ଅଲିଭା କିଛି ବୁଝି ପାରିଲାନି, ମନେ ମନେ ଭାବିଲା କ'ଣ ପାଇଁ ଏମିତି ହସୁଚନ୍ତି !! ସେ ମୋନାଲିସା ହସର ରହସ୍ୟ ପରି ୟାଙ୍କର ଏ ହସର ରହସ୍ୟ କ'ଣ ! ଟିକେ ଭାବିବା ପରେ, ଧଡକିନା ବେଡ୍ ରୁମ୍‌କୁ ଯାଇ ଡ୍ରେସିଂ ଟେବୁଲ୍ ଦର୍ପଣ ଉପରେ ପଡ଼ିଥିବା ପରଦାକୁ ହଟାଇ ଯେତେବଳେ ତା' ସାମ୍ନାରେ ଠିଆ ହୋଇ ନିଜକୁ ଦେଖିଲା, ଚମକି ପଡ଼ିଲା ଆରେ ଏ କିଏ ? ଆଗ ଓ ପଛକୁ ବୁଲି ବୁଲି ଦେଖିଲା, ଆରେ କେହି ତ ମୋ ପଛରେ ନାହିଁ, ଦର୍ପଣରେ କାହା ଛବି ଦିଶୁଛି,

Source: Author, Digitized by PPRACHIN, SOA

ଅଲିଭା ନିଜେ ନିଜକୁ ଚିହ୍ନି ପାରିଲାନି । ତା' ଆଖି ସତେ ଯେମିତି କି ଧୋକା ଖାଇଗଲା । ଦର୍ପଣ କ'ଣ କେବେ ଧୋକା ଦେଇପାରେ ? ଦର୍ପଣ ତ ମଣିଷର ଅଦେଖା ବାସ୍ତବ ଛବିକୁ ନିଜ ଆଖି ସାମ୍ନାରେ ପ୍ରତିମ୍ବିବିତ କରେ ।

ବିଶ୍ୱାସ କରିପାରିଲାନି ସେ କେଇଟା ଦିନରେ ଏମିତି ବଦଳି ଯାଇଛି ! ମହାମାରୀ କରୋନା ଭୂତାଣୁ ଆସି ସାରା ବିଶ୍ୱର ମେରୁଦଣ୍ଡକୁ ଦୋହଲାଇ ଦେଇଛି, ସାରା ବିଶ୍ୱ ବର୍ତ୍ତମାନ ଲକ୍‌ଡାଉନ୍ । ସେଥିପାଇଁ ଘରୁ ବାହାରିବାର ନାହିଁ, ଅଫିସ ବି ଛୁଟି । କାହା ଘରକୁ ବନ୍ଧୁ ବାନ୍ଧବ ସାହି ପଡିଶା କେଉଁଠିକୁ ତ ଯିବାର ନାହିଁ ସବୁ ବନ୍ଦ୍ । ଏହି ସମୟରେ ହଠାତ୍ ଏକ ବଡ଼ ପ୍ରକାଶନୀ ସଂସ୍ଥା ଫୋନ କଲେ ଅଲିଭାକୁ, କହିଲେ, ମ୍ୟାଡମ୍ ଯଦି ଆପଣଙ୍କର କିଛି ନୂଆ ବହି Creation କରିବାର ଅଛି ତେବେ ଏହି ସମୟରେ ଯଥେଷ୍ଟ ସମୟ ଅଛି ପ୍ରସ୍ତୁତ କରି ନିଅନ୍ତୁ, ବହିଟିଏ ଛାପି ଦେବା । ଅଲିଭା ଖୁବ୍ ଖୁସି ହୋଇ ଗଲା ଓ ଭାବ ବିହ୍ୱଳିତ ହୋଇ ମନ ଧ୍ୟାନରେ ଲାଗି ପଡ଼ିଲା ତା' କାମରେ । ନିଜପ୍ରତି ଦୃଷ୍ଟି ଦେବାକୁ ଏକଦମ୍ ଭୁଲିଯାଇଛି, ଦର୍ପଣ ସାମ୍ନାରେ ଠିଆ ହୋଇ ନିଜକୁ ସଜେଇବାର ସମୟବି ଇଯେ ନୁହେଁ । ଅଫିସ ତ ଯିବାର ନାହିଁ ସଭା ସମିତି ରେ ବି ଯୋଗ ଦେବାର ନାହିଁ, ନିଜକୁ ଅଲିଭା ସଜେଇବ ବା କାହିଁ !! କିଏ ଦେଖୁଚି ଯେ ତାକୁ !

ଏହି ଫୁର୍‌ସତ୍ ସମୟରେ ତା'ର ଅଧା ଉପନ୍ୟାସକୁ ପୁରାକରିବା ପାଇଁ ରାତିଦିନ ଏକାକାର କରିଦେଇଛି । ଆଜି ସ୍ୱାମୀଙ୍କର ନୀରବ ଉପହାସର ହସ ଦେଖି ଏତେଦିନ ପରେ ସମୟ ମିଳିଛି, ନିଜକୁ ଦର୍ପଣ ଆଗରେ ପରଖି ନେବାକୁ । କିନ୍ତୁ କଣ ବା ପରଖିବ ନିଜକୁ, ସେ ତ ଦର୍ପଣ ଆଗରେ ତା'ର ପ୍ରତିବିମ୍ବକୁ ଚିହ୍ନି ପାରୁନି ନିଜେ, ଧୋବ ଫରଫର ପାଚିଲା ଚୁଟି, ଅସଜଡ଼ା ଆଇ ବ୍ରୋ, ଓଠର ଶିଥିଳତା ମୁହଁରେ ନାହିଁ, ପୂର୍ବପରି ଆକର୍ଷଣୀୟ ଔଜ୍ଜଲ୍ୟତା । ଯେମିତି ଷାଠିଏ ବର୍ଷର ବୁଢ଼ୀଟିଏ, ତା' ସାମ୍ନାରେ ଠିଆହୋଇଛି, ସେ ତା' ବାସ୍ତବ ଛବିକୁ ଦେଖି ବ୍ୟସ୍ତ ବିବ୍ରତ ହୋଇପଡ଼ିଲା, ଡ୍ରେସିଂ ଟେବୁଲ୍ ଡ୍ରୟର ଖୋଲି ପ୍ରଥମେ ଅଣ୍ଡାଳି ପକାଇଲା, ଚୁଟିକୁ କଲର୍ କରିବା ପାଇଁ ତା'ଭିତରେ ଅଛି କି କାଳିମେହେନ୍ଦି... ନା ମିଳିଲାନି !! କରୋନା ପାଇଁ ଏତେ ଜଲଦି, ଜଲଦି ସବୁ ବନ୍ଦ୍‌ବାନ୍ଦ୍ ହୋଇଗଲା ଯେ' ଏତେ କଥା ଭାବିବାକୁ ସମୟ

Source: Author, Digitized by PPRACHIN, SOA

କାହିଁ ! ଏ ସବୁ ଆଣି ଘରେ ରଖିବାକୁ । ଘରର ଯାହା ଅତ୍ୟାବଶ୍ୟକ ଜିନିଷ ଟିକେ ଦୀପକ୍ ବାବୁ ବଜାରକୁ ଯାଇ ଧରି ଆସିଲେ, ସେବେଠାରୁ ତ ପୂରା ସତର୍କ ସୂଚନା ସମସ୍ତଙ୍କୁ ବାହାରକୁ ଯିବା ମନା । ନିଜେ ସୁରକ୍ଷିତ ରହି ଅନ୍ୟକୁ ସୁରକ୍ଷା ଦେବାର ଦାୟିତ୍ୱ ସମସ୍ତଙ୍କରଏହି ଘଡିସନ୍ଧି ମୁହୂର୍ତ୍ତରେ ସାମାଜିକ ଦୂରତା ରକ୍ଷାକରି କରୋନାକୁ ପ୍ରତିହତ କରିବାର ବେଳ ।

ଏ ସମୟରେ ଏସବୁ ଚିନ୍ତାସହ ଉପନ୍ୟାସର ସୌନ୍ଦର୍ଯ୍ୟ କରଣ ଭିତରେ ବୁଡିରହି ପାଠକଙ୍କୁ ତା' ଉପନ୍ୟାସ ଭିତରେ ବାନ୍ଧି ରଖିବାର ପଯତ୍ନ ପ୍ରୟାସରେ ନିଜ ସୌନ୍ଦର୍ଯ୍ୟକୁ ଧରି ରଖିବାକୁ ପୂରାପୂରି ଭୁଲିଯାଇଛି ଅଲିଭା, ମାସକୁ ଥରେ ବିଉଟିପାର୍ଲର ଯାଇ ସଜେଇ ହୋଇ, ନିଜ ସୌନ୍ଦର୍ଯ୍ୟକୁ ନେଇ ଗର୍ବ କରୁଥିବା ଅଲିଭା ଆଜି ନିଜ ସୌନ୍ଦର୍ଯ୍ୟ ପାଖରେ ହାରିଯାଇଛି, ତା' ଅଦୃଶ୍ୟ ବୟସ ଆଜି ଦର୍ପଣ ସାମ୍ନାରେ ତାକୁ ଦୃଶ୍ୟମାନ ହେଉଛି... ! ପୁଣି ଆଗକୁ ପଛକୁ ଚାହୁଁଚି, ଦର୍ପଣରେ ଦୀପକ୍ ବାବୁଙ୍କର ପ୍ରତିଛବିକୁ ଦେଖି ଅଲିଭା ଚମକିପଡି ପଛକୁ ଫେରି ଚାହୁଁଚି.... ଦୀପକ୍ ବାବୁଙ୍କର ପୁଣି ସେହି ନିରବ ପରିହାସର ରହସ୍ୟ ଭରା ମୃଦୁ ହସର ଶବ୍ଦ ତରଙ୍ଗରୁ ଯେମିତି ଭାସି ଆସୁଛି, ସତରେ ଆଜି ଯଦି ଦୁନିଆରେ ପ୍ରସାଧନ ସାମଗ୍ରୀ କିମ୍ୱା ହେୟାରକଲର୍ ନ ବାହାରି ଥାନ୍ତା କି ବିଉଟିପାର୍ଲର ସେଲୁନ ନଥାନ୍ତା ତେବେ ଆଜିକାର ଆଧୁନିକ ଯୁଗରେ ଷାଠିଏ, ପଞ୍ଚସଠି ବର୍ଷର ବୁଢ଼ା ବୁଢ଼ୀବି ତିରିଶ, ଚାଳିଶ ବର୍ଷର ଯୁବକ, ଯୁବତୀପରି ତାଙ୍କ ଅଦୃଶ୍ୟ ବୟସର ପ୍ରତିବିମ୍ୱ ଭିତରେ ଲୁଚକାଳି ଖେଳି ନ ଥାନ୍ତେ । ହଁ ! କି ନା ! ! ହଁ ସେଥିରେ ବି ତୁମେ ଆଉ ମୁଁ... ! ! !

❖❖❖

Source: Author, Digitized by PPRACHIN, SOA

ବୁଢା ପା’

କଳିଂବେଲର ଶବ୍ଦ ଶୁଣି ଅନୁସୂୟା ଟିଭିଦେଖା ଛାଡି ଧାଇଁ ଗଲେ କବାଟ ଖୋଲିବାକୁ । ତାଙ୍କ ସାନଭାଇ ବିଶୁକୁ ଦରଜା ସାମ୍ନାରେ ଦେଖି ଚମକି ପଡିଲେ ବିସ୍ମିତ ଚାହାଣୀରେ କହିଲେ ଆରେ ବିଶୁ ତୁ ଏମିତି ହଠାତ ?’ ଆନନ୍ଦରେ ଅଧିର ହୋଇ ତାଙ୍କ ଗେହ୍ଲା ଭାଇକୁ ଖୁସିରେ କୁଣ୍ଢାଇ ପକାଇ କହିଲେ ଆରେ ତୁ କିଛି ନ ଜଣାଇ ଫୋନ ନ କରି ଚାଲି ଆସିଲୁ ଯେ ! ବିଶୁ କହିଲା ଅପା ମୁଁ ଯଦି ଜଣାଇକି ଆସିଥାନ୍ତି ତୁ କ’ଣ ଏମିତି ଭାବରେ ଖୁସି ହୋଇ ଥା’ନ୍ତୁ ? କହିଲୁ ! ଅନୁସୂୟା କହିଲେ ହଉ, ହଉ ଠିକ ଅଛି, ଭଲ କଲୁ ଆସିଲୁ । କାହିଁ ! ଆଗରୁ ତ କହି ନଥିଲୁ, ତୁ ଭୁବନେଶ୍ୱର ଆସିବୁ ବୋଲି । ପିଲାମାନଙ୍କୁ ଆଣିନୁ କି ? ନା ସେମାନେ ଆସି ନାହାନ୍ତି ଦିଲ୍ଲୀରେ ଅଛନ୍ତି, ପୁଅ ବୁବୁନର ଏବେ ସ୍କୁଲ ପରୀକ୍ଷା ଚାଲିଛି, ସେମାନେ ଦଶହରା ଛୁଟିରେ ଆସିବେ । ମୋର ଏକ ଜରୁରୀ ଅଫିସ କାମ ପଡିଲା ଯେ ମୁଁ ହଠାତ ଚାଲି ଆସିଲି । ଆସିଛି ଯେତେବେଳେ ମୋ ଅପାକୁ ଦେଖା ନକରି କେମିତି ଫେରି ଯାଇଥାନ୍ତି ଯେ ! ଭାଇର ଏ ସ୍ନେହଭରା କଥା ଶୁଣି ଖୁସିରେ ଗଦ୍ ଗଦ୍ ହୋଇଗଲେ ଅନୁସୂୟା । ହଉ ବିଶୁ ତୁ ବସି ଟିଭି ଦେଖୁଥା, ମୁଁ ତୋ ପାଇଁ ଚା’ କରି ଆଣେ ! ବିଶୁ କହିଲା ଅପା ଭାଇ ନାହାନ୍ତି କି ? ସେ କ’ଣ ଏଇ ସମୟରେ ଘରେ ଥାନ୍ତି କି’ ସବୁଦିନ ପାର୍କକୁ ଯା’ନ୍ତି । ଦଳେ ବୁଢା ସାଙ୍ଗ ଏକାଠି ବସି ଗପ ଜମାନ୍ତି ସେ ଆସୁ ଆସୁ ରାତି ୮ଟା ହେବ । ଓହୋ, ଆଚ୍ଛା ! ହଁ ଅପା ଭଲ ! ଏ ବୟସରେ ଆଉ କ’ଣ କରିବେ ଯେ ଭାଇ । ନାତିନାତୁଣୀ ତ ପାଖରେ ନାହାନ୍ତି ! ସାଙ୍ଗ ମେଳରେ ଗପସପ କରି ସମୟ ବିତେଇବା କଥା !! ହଁ ସେୟାତୁ ଠିକ କହିଲୁ ବିଶୁ । ଏହା କହି ରୋଷଇ ଘରକୁ ଚାଲିଗଲେ ଅନୁସୂୟା, କିଛି ସମୟ ପରେ ରୋଷେଇ

Source: Author, Digitized by PPRACHIN, SOA

ଘରୁ ଚା’ ଧରି ଆସିଲେ । ଗୋଟିଏ କପ୍ ଦେଖି ଭାଇ ବିଶୁ ପଚାରିଲା ଅପା ତୋର ଚା ? ଆରେ ନା’ରେ ଏବେ ତୁ ଆସିବା ପୂର୍ବରୁ ଭାଇର ମୋର ଚା’ ପିଇଥିଲୁ ।

ଯେଉଁ ଝିଅଟି ଆମ ଘରେ ରୋଷେଇ କରେ, ସେ ଏଇ ସନ୍ଧ୍ୟା ପୂର୍ବରୁ ଆସି ରାତି ରୋଷେଇ ସାରିଦିଏ, ଆମ ପାଇଁ ଚା’କରିକି ଦେଇକି ଯାଏ । ଜାଣିଛୁ ବିଶୁ ମୁଁ ଆଉ କାମକୁ ପାରୁନି ମ । କାମବାଲୀ ଆସି ଘରର ସବୁ କାମ ଓଳା ପୋଛା, ଲୁଗାପଟା ସଫାସଫି କରେ । ସେ ଝିଅଟି ତ ରୋଷେଇ କରେ, ମୁଁ ଆଉ ରୋଷେଇ ଘରକୁ ଏତେ ଯାଉନିମ । ଏଇ ଟିଭି ଦେଖି ଦେଖି ଦିନଯାଉଛି । କଣ ଆଉ କରିବି । ଏମିତି ଭାଇ ଭଉଣୀ କଥା ଭିତରେ, ବିଶୁ ଚା’ ପାଟିକୁ ନେଉ ନେଉ କହିଲା ଅପା ଚା’ ଟା ତ ବଢ଼ିଆ ବାସ୍ନା ହେଉଛି ? କ’ଣ ପକାଇ କି ଚା’ କରିଛୁ କି ? ଆରେ କିଛି ନାହିଁ, ଖାଲି କ୍ଷୀର, ଚା’ ଆଉ ଚିନି । ବିଶୁ ଚା’ ପିଇବା ଆରମ୍ଭ କଲା, କହିଲା ଆଲୋ ଅପା ତୁ କେମିତି ଜାଣିଲୁ ମୋତେ ଡାଇବେଟିସ୍ ହୋଇଛି ? ମୁଁ ତ ଏବେ ଏଇ ଅଳ୍ପଦିନ ତଳେ ଟେଷ୍ଟ କଲାପରେ ଜଣା ପଡିଲା । ତଥାପି ମୁଁ ବାହାରେ ଚିନି ଚା’ ପିଇଦେଉଛି ବେଳେବେଳେ । ସେଥିପାଇଁ ବିନା ଚିନିରେ ଚା’ କରିବା କଥା ତୋତେ କହି ନଥିଲି ।

ତୁ କିନ୍ତୁ ଜାଣିଲା ଭଳିଆ ବିନା ଚିନିରେ ଚା’କରି ଦେଲୁ ଯେ ? ଆରେ ନା ରେ ମୁଁ ତ ଜାଣିନି ତୋତେ ଡାଇବେଟିସ, ମୁଁ ତ ଚିନି ପକାଇ ଚା କଲି, ମିଠା ଲାଗୁନି କି ? ନା ମ ମୋତେ ଚିନି ପଡିନି । ଅନୁସୂୟା କହିଲେ ଆରେ ଏତେ ଚିନି ପକାଇଲି ମିଠା ଲାଗିଲାନି ହଉ ରହ ମୁଁ ଚିନି ଆଣେ । ରୋଷେଇ ଘରୁ ଚିନିଡବା ସହ ହାତରେ ଚାମଚଟି ଧରି ଆସିଲେ । ଡବାରୁ ଚାମଚେ କାଢି ଚା’ କପରେ ପକାଇବା ପୂର୍ବରୁ ବିଶୁ କହିଲା ଅପା ରହ ରହ ଇୟେ କେଉଁଠିକାର ଚିନି ମ ! ଅପା ଏଗୁଡା ପରା ଛୋଟ ବାସୁମତୀ ଚାଉଳ । ଅନୁସୂୟା ଆଶ୍ଚର୍ଯ୍ୟ ହୋଇ, ମୁଣ୍ଡରେ ହାତ ପିଟି କହିଲେ ହେ ପ୍ରଭୁ... ! ବିଶୁ ମଜାକ୍ କରି କହିଲା ଅପା ଏ ତୋର ଦୋଷ ନୁହେଁ ମ, ଏ ତୋ ବୁଢ଼ା ପା’ ର ଦୋଷ ମୋ ସୁନ୍ଦରୀ ଅପା ତେବେ ୟାରି ଭିତରେ ଏତେ ବୁଢ଼ୀହୋଇ ଗଲାଣି ଯେ ଆଖିର ଜ୍ୟୋତି କମିଗଲାଣି ମୋତେ ଜଣା ନାହିଁ.... ଅନୁସୂୟା ଗେହ୍ଲାରେ ଭାଇର ଗାଲକୁ ଟାଣି ଦେଇ କହିଲେ ଧେତ୍... ତୋର ସବୁବେଳେ ଏମିତି ଥଟ୍ଟା ! ଭାଇ ଭଉଣୀ ଦୁହେଁ ଠୋ ଠୋ ହସି ଉଠିଲେ.... ! !

Source: Author, Digitized by PPRACHIN, SOA

କୋଥଳି

ସମୟ ସାଥିରେ ବଦଳି ଚାଲିଛି ଆମ ଦୁନିଆ । ଆମ ସମାଜ, ସଂସ୍କାର, ଆମ ପରମ୍ପରା । ମନେପଡେ ଆଜି ଅନିମାର ପିଲାଦିନର କଥା । ମାଟି କାନ୍ଥରେ ଲୁହା କଣ୍ଟାରେ ଝୁଲା ହୋଇଥିବା ଜେଜେ ମା'ଙ୍କର ରଙ୍ଗୀନ କୋଥଳିର ଗାଥା । ସେଥିରେ ଭରି ରହିଥାଏ କେତେ ପ୍ରକାରର ଚିଜ । ମହାପ୍ରସାଦ ପୁଡ଼ିଆ ଠାରୁ ଆରମ୍ଭ କରି ନିର୍ମାଲ୍ୟ, ଚନ୍ଦନ, ତିଳକ ନାଲି ନେଳି କାଠମାଳି, ତୁଳସୀ ମାଳ, ଧଣ୍ଡା, ବେଲପତ୍ର, ଆହୁରି କେତେ କ'ଣ ! ଛୋଟ କାଚ ଗ୍ଲାସ, ପିତଳ ଗିନା ଆଉ କୁନି ଆଇନା, କାଠ ପାନିଆ । ସେସବୁ ଯେମିତି ଅପେକ୍ଷାରତ ଥାନ୍ତି ଜେଜେ ମାଆଙ୍କର ସେବା କରିବାକୁ ।

ଜେଜେ ମାଆ ଗାଧୋଇ ଆସିଲା ପୂର୍ବରୁ ଘର ବାରଣ୍ଡାରେ ତାଙ୍କ ବୋହୂମାନେ ସଜେଇ ରଖିଥାନ୍ତି, ଆସନ, ପିଢ଼ା ଉପରେ କୋଥଳି, ପାଖରେ ପାଣି ଢାଳ ଓ ଥୁଆ ହୋଇଥାଏ ହାତ ବୁଣା ବିଞ୍ଚଣାଟିଏ । ଜେଜେ ମା' ଗାଧୋଇ ଆସି ପ୍ରଥମେ ତୁଳସୀ ଚଉରା ମୂଳେ ପାଣି ଦିଅନ୍ତି, ସୂର୍ଯ୍ୟ ନମସ୍କାର ସାରି ମନ ଆନନ୍ଦରେ ସଜା ହୋଇଥିବା ଆସନରେ ବସି ପଡନ୍ତି, ପୂଜା ପାଠ କରନ୍ତି ନିର୍ମାଲ୍ୟ ପାଆନ୍ତି, ଛୋଟ ଆଇନାରେ ମୁହଁ ଦେଖି ମଥାରେ ତିଳକ ଲଗାନ୍ତି । ଯେତେ ନାତି ନାତୁଣୀ, ଯିଏ ବି ପାଖରେ ଥା'ନ୍ତି, ପାଖକୁ ଡାକି ସେମାନଙ୍କ ମୁଣ୍ଡରେ ତିଳକ ଲଗାଇ ଦିଅନ୍ତି । କୋଥଳିରୁ କାମ ସରିଗଲେ ପୁଣି ସେହି ନିର୍ଦ୍ଦିଷ୍ଟ କାନ୍ଥରେ କୋଥଳିକି ଟାଙ୍ଗି ଦିଅନ୍ତି । ପୁଣି କୋଥଳି ଅପେକ୍ଷା କରିଥାଏ ତା'ପର ଦିନକୁ । ଖାଲି ଆମ ଜେଜେ ମା' କାହିଁକି ? ସେତେବେଳେ

Source: Author, Digitized by PPRACHIN, SOA

ସମସ୍ତଙ୍କ ଘରେ ଜେଜେ ବାପା, ଜେଜେ ମାଆଙ୍କର ଏହିପରି ନୀତିନିୟମରେ କୋଥଳି ସେବା କରାଯାଉଥିଲା । ନୂଆ ବୋହୂଟି ଯେତେବେଳେ ବିବାହ କରି ପ୍ରଥମେ ଶାଶୂ ଘରକୁ ଆସୁଥିଲା, ଆସିଲାବେଳେ ସାଥିରେ ଆଣୁଥିଲା କୋଥଳିର ସଜ । ସେହି କୋଥଳିର ସଜ ଭିତରେ ରହୁଥିଲା ଭିନ୍ନ ଭିନ୍ନ ରକମର ଚିଜ । ଚନ୍ଦନ, ତିଳକ, ଗିନା, ପାନିଆ, ଆଇନା, କାଠମାଳି, ଛୋଟ ଗୀତା ଓ ଭାଗବତ ପୁସ୍ତକ । ଝିଅଟିର ବିବାହ ସ୍ଥିର ହୋଇଗଲେ, ପ୍ରଥମେ ଟ୍ରଙ୍କ ସଜରେ ସ୍ଥାନ ନେଉଥିଲା ଏହି କୋଥଳିର ପରମ୍ପରା । ନୂଆ ବୋହୁଟିଏ ସଜବାଜ ହୋଇ, ମୁଣ୍ଡରେ ଓଢ଼ଣା ଦେଇ ଘର କୋଣରେ ଚାହିଁ ରହୁଥିଲା । ଶାଶୂ, ଶ୍ୱଶୁର, ଖୁଡ଼ିଶାଶୁର ବା ଦେଢଶୁର ଗାଧୋଇବା ପାଇଁ ଗଲାକ୍ଷଣି ତା' ମନରେ ଜାଗି ଉଠୁଥିଲା କୋଥଳି ସେବା ଦେବାର ତତ୍ପରତା । ଭକ୍ତି ଭାବନା ସମ୍ମାନର ସହ ତରତର ହୋଇ ସଜେଇ ଦେଉଥିଲା ଖୁବ୍ ଆତ୍ମୀୟତାର ପଣରେ ଏହି କୋଥଳିକୁ । ଚନ୍ଦନ ବା ତିଳକ ଘୋରି ରଖି ଦେଉଥିଲା ଛୋଟ ପିତଳ ଗିନାରେ । ଅନିମା ବି ଏଥିରୁ ବାଦ୍‌ଯାଇନି, ସେ ଯେତେବେଳେ ଶାଶୂ ଘରକୁ ନୂଆବୋହୂ ହୋଇ ଯାଇଥିଲା, ସେତେବେଳେ ତା' ସାଥିରେ ଟ୍ରଙ୍କ୍ ସଜରେ କୋଥଳି ଏକ ମୁଖ୍ୟଜାଗା ଗ୍ରହଣ କରିଥିଲା ଓ କୋଥଳିର ଉଚିତ ବ୍ୟବହାର କରି ସେ ତା' ବୋହୂପଣର ମୁଖ୍ୟ ଭୂମିକାରେ ତା' କର୍ତ୍ତବ୍ୟକୁ ନିଭାଇ ଥିଲା । ବୋହୂଟି ଆମର କେତେ ଶଠଣା ଜାଣିଛି ବୋଲି ସମସ୍ତେ ବାହା ବା କରୁଥିଲେ । ସେହି କୋଥଳି ଭିତରେ ଥିବା ଉପକରଣ ଭିତରେ ଚନ୍ଦନ ପେଡ଼ି, ଚନ୍ଦନ କାଠ ଠାରୁ ଆରମ୍ଭ କରି କୋଥଳିର ସବୁ ଦରକାରୀ ଜିନିଷ ଭରି ହୋଇ ରହିଥିଲା । କ୍ରୁସରେ ହାତ ବୁଣା ନାଲି ନେଳି ସୂତାରେ ତିଆରି ଏକ ସୁନ୍ଦର କୋଥଳି ଯାହାକୁ କି ସେ ନିଜେ ତିଆରି କରିଥିଲା ଏବଂ ତା' ବୋଉ ଓ ସାନ ଖୁଡ଼ୀଙ୍କ ଠାରୁ ଏହି ବୁଣାବୁଣି ହାତକାମ ଶିଖିଥିଲା । ତା' ଶାଶୂଙ୍କର କିନ୍ତୁ ଏହି କୋଥଳି ସେବା ପ୍ରତି ଅନୁରାଗ ନ ଥିଲା । ସେ ଟିକେ ଆଧୁନିକ ଶୈଳୀରେ ଜୀବନ ଯାପନ କରୁଥିଲେ ।

ସେଥିପାଇଁ ତ ତା ମୁଣ୍ଡରେ ଓଢଣା ଦେବା ପାଇଁ ଆକଟ ନକରି, ତା' ମୁଣ୍ଡରୁ ସେତେବେଳେ ସେ ଓଢଣା କାଢି ଦେଇଥିଲେ । ବୋହୂପରି ନୁହେଁ, ଝିଅ ପରି ଦୃଷ୍ଟିରେ ଦେଖୁଥିଲେ ଏବଂ ଚଳିବା ପାଇଁ ପରାମର୍ଶ ଦେଇଥିଲେ । ଶ୍ୱଶୁର କିନ୍ତୁ ଡାର ଭାରି ଧାର୍ମିକ, ଭଗବତ ପ୍ରେମୀ, ଶାକାହାରୀ ଥିଲେ । ଗାଧୋଇ ଆସି ମୁଣ୍ଡରେ ତିଳକ

Source: Author, Digitized by PPRACHIN, SOA

ଲଗାଇ ଗୀତା ପାଠ କରିବା ତାଙ୍କର ନିତିଦିନିଆ ଅଭ୍ୟାସ ଥିଲା । ତେଣୁ ତାଙ୍କ ସେବାରେ କୋଥଳି ଏବଂ କୋଥଳିରେ ଥିବା ସାମଗ୍ରୀର ପ୍ରୟୋଜନ ଯଥେଷ୍ଟ ଥିଲା ।

ସେ ନେଇଥିବା ସେହି କ୍ରୁସ୍ ବୁଣା କୋଥଳିକୁ ତା' ଶ୍ୱଶୁର ଖୁବ୍ ଯତ୍ନରେ ସାଇତି ରଖିଥିଲେ । ସେ ବ୍ୟବହାର କରୁଥିବା ତାଙ୍କ ଟ୍ରଙ୍କ ଭିତରେ । ଅନିମା ବିବାହର କିଛି ମାସ ପରେ ଆସି ରହିଲା ଭୁବନେଶ୍ୱରରେ ତା' ସ୍ୱାମୀଙ୍କ ପାଖରେ । ମଝିରେ ମଝିରେ ଗାଁ କୁ ଗଲେ ଦେଖେ ତା' ପୂଜ୍ୟ ଶ୍ୱଶୁର (ବାପା) ଯେ କି ତାକୁ ଖୁବ୍ ଭଲ ପାଆନ୍ତି, ଝିଅ ଠାରୁ ଅଧିକ । ସେ ଦେଇ ଆସିଥିବା କୋଥଳିରେ ଯେଉଁ ଜିନିଷ ଯେମିତି ଥିଲା, ସେହିପରି ରହିଥାଏ ସବୁଦିନ ପାଇଁ । ସେଥିରେ ତା' ଶ୍ୱଶୁର ମିଶାଇ ରଖିଥାନ୍ତି ଏକ ଛୋଟ ହନୁମାନ ଚାଲିଶା ଓ ଛୋଟ ଗୀତା ବହିଟିଏ । ସବୁଦିନ ସକାଳେ ସନ୍ଧ୍ୟାରେ ହନୁମାନ ଚାଲିଶା ଓ ଗୀତା ଭାଗବତ ପଢନ୍ତି । ସମୟ ସାଥିରେ ଏମିତି ଦିନ ଗଡିଚାଲେ । ମଝିରେ ମଝିରେ ଗାଁ ରୁ ତା ପାଖକୁ ଭୁବନେଶ୍ୱର ଆସନ୍ତି ଶ୍ୱଶୁର । କହନ୍ତି ଜୌଲକା ଆଶ୍ରମ ଆସିଥିଲି ତ, ଭାରି ଇଛା ହେଲା ତୋତେ ଦେଖିବାକୁ ସେଥିପାଇଁ ଚାଲି ଆସିଲି । ଏଇଠି କହି ରଖେ, ତା ଶ୍ୱଶୁର (ବାପା) ସମ୍ପୂର୍ଣ୍ଣ ଗୃହସ୍ଥ ନଥିଲେ, ସେ ବାବା ବୈକୁଣ୍ଠ ବ୍ରହ୍ମଚାରୀଙ୍କର ଅନୁଗାମୀ ଥିଲେ ।

ପ୍ରାୟତଃ ସେ ଭଜନ, କୀର୍ତ୍ତନ, ପୂଜାପାଠ ତପ ଜପରେ ସମୟ ଅତିବାହିତ କରୁଥିଲେ । ସେଥିପାଇଁ ଘର ସଂସାର ମୋହ ମାୟାଠାରୁ ଟିକେ ଅଲଗା ପ୍ରକାର ଜୀବନଯାପନ କରୁଥିଲେ । ତାଙ୍କର କୌଣସି ଜିନିଷ ପ୍ରତି ଆସକ୍ତି ନଥିଲା । ତାଙ୍କ ଦେହାନ୍ତର ପୂର୍ବରୁ ଯେବେ ଶେଷଥର ଭୁବନେଶ୍ୱର ଆସିଥିଲେ ଅନିମାକୁ ପାଖକୁ ଡାକି ତାଙ୍କ ବ୍ୟାଗ୍ ଭିତରେ ଜୌଲକା ଆଶ୍ରମରୁ ଆଣିଥିବା କିଛି ପୁସ୍ତକ, ତୁଳସୀ ମାଳଟିଏ ଏବଂ ତା' ବାପଘରୁ ବାହାଘର ବେଳେ ସେ ଆଣିଥିବା ସେହି କୋଥଳିକୁ ତା ହାତକୁ ବଢ଼ାଇ ଦେଇ କହିଥିଲେ, ନେ ଯାକୁ ପାଖରେ ସାଇତି ରଖିଥିବୁ । ଏଥିରେ ଥିବା ଗୀତା, ଭାଗବତ, ହନୁମାନ ଚାଲିଶାକୁ ନିତି ପଢୁଥିବୁ । କୋଥଳିରେ ଥିବା ଜିନିଷ କେତେବେଳେ କେଉଁ ଦରକାରୀ କାମରେ ଆସିପାରେ, ଏମିତି ଆବେଗପୂର୍ଣ୍ଣ ସ୍ନେହଭରା ଛଳଛଳ ଚାହାଣୀରେ ତା ମୁହଁକୁ ଚାହିଁ କହୁଥାନ୍ତି । ତାଙ୍କର ଏପରି ବ୍ୟବହାର ଦେଖି କାହିଁକି କେଜାଣି ମନ ଭିତରେ ଟିକେ ଆଶଙ୍କା ଜାତ ହେଲା ଅନିମାର । ମନେମନେ ଭାବିଲା, ବାପା ତ ପ୍ରଥମରୁ ଅନେକ ଥର ଆସିଛନ୍ତି, ହେଲେ ଏଥର କୋଥଳି କାହିଁକି

Source: Author, Digitized by PPRACHIN, SOA

ସାଥୀରେ ଧରି ଆସିଛନ୍ତି । ମନ ଭାରି ବ୍ୟସ୍ତ ଲାଗିଲା, କହିଲା ବାପା ! ଆପଣ ଆମ ପାଖରେ କିଛିଦିନ ରୁହନ୍ତୁ, ତା'ପରେ ଯିବେ । କହିଲେ, ନାହିଁରେ ମା' ତୁମେ ଭଲରେ ଥା, ମୁଁ ଯାଉଛି, ସବୁ ବନ୍ଧୁ ଘରକୁ କେବେ ଠାରୁ ଯାଇନି ସମସ୍ତଙ୍କ ଘରେ ଟିକେ ମୁହଁ ମାରି ତା'ପରେ ଗାଁ କୁ ଯିବି ।

କିଛି ସମୟ ପରେ ସେ ବିନା ପିଆଜ ରସୁଣରେ ରୋଷେଇ କରିଥିବା ଡାଲି ତରକାରୀ ଭଜା ଇତ୍ୟାଦି ଭାତ ସହ ବାଢିଦେଲା । ଭାରି ମନ ଖୁସିରେ ଖାଇଲେ, କହିଲେ ମା' ପୋଟଳ ତରକାରୀ ଟା ଭାରି ବଢ଼ିଆ ଲାଗୁଚି, ରାଗ ମସଲା କିଛି ନାହିଁ ଖୁବ୍ ସୁଆଦିଆ ଲାଗୁଚି । ଘରେ ତ ଖାଲି ଆମର ତେଲ ମସଲା ରାଗ ଏତେ ପକାନ୍ତି ଯେ ଖାଇ ହୁଏନା । ତୁ ମା' କ'ଣ ପକାଇକି ରାନ୍ଧିଛୁ ? ସେ କହିଲା ନଡ଼ିଆ ରସଦେଇ ରାନ୍ଧିଛି । ତା'ପରେ ପଚାରିଲା, ସତରେ ବାପା ଭଲ ଲାଗୁଛି ? କହିଲେ ହଁ ମ ବଢିଆ ଲାଗୁଛି ! ତାକୁ ଭାରି ଖୁସି ଲାଗିଲା, ଯାହାହେଉ ବାପା ଏତେ ଖୁସିରେ ଖାଇଲେ । କିଛି ସମୟ ବିଶ୍ରାମ ନେଇ ଘରୁ ବାହାରି ଗଲେ, ତାଙ୍କ ପୁଅ ବସରେ ବସାଇ ଦେଇ ଆସିଲେ । ବାପା ଗଲାପରେ ତା ମନ ବିଲ୍‌କୁଲ ଭଲ ଲାଗୁ ନଥାଏ । ଖାଲି ପାପ ଛୁଉଁଥାଏ ମନ । ବାପା କୋଥଳି କାହିଁକି ଗାଁ ରୁ ଆଣିକି ଆସିଥିଲେ । ଏମିତି ମନ ତାର ଗୋଳେଇ ଘାଣ୍ଟି ହେଉଥାଏ । ବାପା ଭୁବନେଶ୍ୱରରୁ ଯିବାର ଠିକ୍ ଏଗାରଦିନ ପରେ ଗାଁ ରୁ ଫୋନ ଆସିଲା, ତା' ଦେଢଶୁର ଫୋନ୍ କରିଥିଲେ ବାପାଙ୍କ ଦେହ ଭଲନାହିଁ, ବାପା କିଛି ଖିଆପିଆ କରୁ ନାହାନ୍ତି ସେମିତି ଗୋଟିଏ ଜାଗାରେ ତପସ୍ୟାରତ ପରି ବସି ରହିଛନ୍ତି । ଏପରି ଖବର ଶୁଣି ସ୍ୱାମୀ ସ୍ତ୍ରୀ ପୁଅ ଝିଅକୁ ଧରି ଏକ ଟ୍ୟାକ୍ସି ଭଡାକରି ତୁରନ୍ତ ଯାଇ ଗାଁରେ ପହଞ୍ଚିଲେ । ସତକୁ ସତ ଦେଖିଲେ ବାପାଙ୍କର ଅବସ୍ଥା ଏହିପରି । ମୁହଁ ତଳକୁ କରି ଆଣ୍ଠୁ ଭାଙ୍ଗି ବସିଛନ୍ତି ତପସ୍ୟା କଲାପରି ବାପା । ସେ ଯେତେବେଳେ ଯାଇ ବାପାଙ୍କର ମୁଣ୍ଡକୁ ଧରି ବାପା, ବାପା ଡାକିଲା, ହଠାତ ଅପଲକ ନୟନରେ ତା' ମୁହଁକୁ ଚାହିଁଲେ । ତା' ମଥାରେ ହାତ ବୁଲାଇ ଆଣିଲେ ଏବଂ ଧୀରେ ଧୀରେ ଖନ ଖନ ହୋଇ କହିଲେ ଆରେ ମା' ତୁ ଆସିଛୁ ! ତା ସହ ବାପାଙ୍କର ଶେଷକଥା... । ଶୁଣୁ ମା' ମୁଁ ଆଉ ବଞ୍ଚିବିନିରେ । ମୋତେ ପୋଡିବନି, ସମାଧି ଦେବ । ସେମାନେ କାଳେ ବୁଝିବେନି ତୁ ସେମାନଙ୍କୁ ବୁଝାଇ ଦେବୁ ।

Source: Author, Digitized by PPRACHIN, SOA

ବୋଧହୁଏ ତା' ଶ୍ୱଶୁରଙ୍କର, ତା' ଉପରେ ପୂର୍ଣ ବିଶ୍ୱାସ ଥିଲା । ଥରଥର କଣ୍ଠରେ ଧୀର ଗଳାରେ ଏକଥା କହିଲେ । ପାଖରେ ଘେରି ରହିଥିବା ସାଇ ପଡିଶା ଘରଲୋକ ଏକଥା ଶୁଣି ଏବଂ ଦେଖି ଆଶ୍ଚର୍ଯ୍ୟ ଚକିତ ହେଲେ । ତା' ହାତରୁ ସାମାନ୍ୟ ନିର୍ମାଲ୍ୟ ପାଣି ଗ୍ରହଣକରି ଶେଷ ନିଃଶ୍ୱାସ ତ୍ୟାଗକଲେ ବାପା ।

ଅନିମାର ଗୋଟିଗୋଟି ସବୁକଥା ମନେ ପଡ଼ିଯାଉଥିଲା । ଏହା ମୋର ଭାଗ୍ୟ ବା ଦୁଃର୍ଭାଗ୍ୟ ତାହା ମୁଁ ଜାଣେନାହିଁ । ସବୁ ସେହି ପ୍ରଭୁଙ୍କର ଇଛା । କାହିଁକି କେଜାଣି ତିନି ବୋହୂଙ୍କ ଭିତରୁ ବାପା ମୋତେ ବହୁତ ଭଲ ପାଆନ୍ତି । ସମସ୍ତଙ୍କ ଆଗରେ କହି ବୁଲନ୍ତି ମୋ ମଝିଆଣି ବୋହୂ ମଣିଷ ପରି ମଣିଷଟିଏ, ବୋହୂ ନୁହେଁ ତ ରତ୍ନଟିଏ । ସବୁବେଳେ ମୋ ସହ ଆଧ୍ୟାତ୍ମିକ ଚିନ୍ତା ଚେତନାର ବାର୍ତ୍ତା ବାଣ୍ଟନ୍ତି, ମୋତେ ଭଲ ଭଲ ବହି ପଢିବାକୁ ଦିଅନ୍ତି, ତାଙ୍କ ଦୃଷ୍ଟି କୋଣରେ ଭଲ ବୋହୁଟିଏ ବୋଲି ସେ ବିଚାର କରନ୍ତି । ବାପାଙ୍କୁ ମୁଁ ମାନବ ନୁହେଁ ଭଗବାନ ପରି ଅନୁଭବ କରେ । ମୁଁ ଯେବେ ଗାଁକୁ ଯାଏ ବା ସେ ମୋ ପାଖକୁ ଆସନ୍ତି ତାଙ୍କ ମନର ସବୁ କଥା ମୋତେ କୁହନ୍ତି । ପୁରାଣ ଶାସ୍ତ୍ର ଠାରୁ ଆରମ୍ଭ କରି ଆଶ୍ରମର କଥା, ତାଙ୍କ ଗୁରୁ ବାବା ବୈକୁଣ୍ଠ ବ୍ରହ୍ମଚାରୀଙ୍କ ବିଷୟରେ ଖୁବ୍ ସୁନ୍ଦର ତଥ୍ୟ ଭିତ୍ତିକ ଶିକ୍ଷଣୀୟ କଥାସବୁ ମୋତେ କୁହନ୍ତି । ଜୌଳକା ଆଶ୍ରମରୁ ପ୍ରକାଶିତ ପତ୍ରିକା ମୋତେ ପଢିବାକୁ ଦିଅନ୍ତି । ସେ ସବୁ ପଢିଲେ ଅନେକ କିଛି ଶିଖିବାକୁ ମିଳେ । ସବୁ ଭିତରେ ମୋ ସହ ତାଙ୍କ ଶେଷକଥାଟି କୋଥଳିର କାହାଣୀ, ଚିରସ୍ମୃତି ହୋଇ ରହିଗଲା ମୋ ସ୍ମୃତିପଟରେ । ବାପା ସିନା ଚାଲିଗଲେ ଦେହାନ୍ତରେ ହେଲେ ସବୁଦିନ ପାଇଁ ରହିଗଲା ବାପାଙ୍କ ସ୍ମୃତି ବହନ କରୁଥିବା ସେହି ସ୍ନେହ ଆଶିଷ ଭରା କୋଥଳି ଏବଂ ତା' ଭିତରେ ଥିବା ଅମୂଲ୍ୟ ରତ୍ନ, ଗୀତା ଭାଗବତ, ହନୁମାନ ଚାଳିଶା, ତୁଳସୀ ମାଳ ଆହୁରି କେତେ କ'ଣ । ମୋତେ ସମର୍ପି ଦେଇଥିବା ମୋ ହାତରେ ସେହି କୋଥଳି ଯେମିତି ନିତି ମୋ ସହ କଥା ହେଉଛି, ମୋତେ ଆଗକୁ ଯିବାକୁ ପ୍ରେରଣା ଦେଉଛି । ଏମିତି ଅନିମା ପ୍ରତିମୁହୂର୍ତ୍ତରେ ଅନୁଭବ କରୁଛି, ତା ଶ୍ୱଶୁର ବାପାଙ୍କର ଆଶୀର୍ବାଦ ସେହି କୋଥଳି ଭିତରେ ଭରି ରହିଛି ।

ଏହାରି ଭିତରେ ଅନେକ ବର୍ଷ ବିତିଗଲାଣି ବାପାଙ୍କର ସେହି ସ୍ନେହ ଆଶିଷ ଭରା କୋଥଳିକୁ ତା ପାଖରେ ସଯତ୍ନେ ସାଇତି ରଖିଛି । ବାପାଙ୍କର କହିବା ଅନୁସାରେ ସେ କୋଥଳି ଭିତରେ ଥିବା ଜିନିଷ କେତେ କାମରେ ଲାଗୁଛି ।

Source: Author, Digitized by PPRACHIN, SOA

ପୁଣି ଅନିମାର ମନେ ପଡ଼ିଯାଉଛି ଏକ ରୋଚକପୂର୍ଣ୍ଣ କଥା । ଦିନେ ପଡ଼ିଶାଘର ଶତପଥୀ ମଉସା ଶଯ୍ୟାଶାୟୀ ଥା'ନ୍ତି । ଏମିତି ବିଛଣାରେ ଦୀର୍ଘ ଦୁଇବର୍ଷ କାଳ ପଡି ରହିଥାନ୍ତି । ହଠାତ ଦିନେ କାର୍ତ୍ତିକ ମାସର ଶୁକ୍ଳ ପଞ୍ଚମୀ ତିଥିରେ ତାଙ୍କ ଦେହ ଭୀଷଣ ଖରାପ ହୋଇଗଲା । ଖାଇବା ପିଇବା ବନ୍ଦ କରିଦେଲେ । ଖାଲି ଘଡ଼ ଘଡ଼ ହୋଇ ଜୋରରେ ଘଡିକିଆ ନିଃଶ୍ୱାସ ଛାଡିଲେ । ତାଙ୍କ ବୋହୂ ବ୍ୟସ୍ତ ହୋଇପଡ଼ିଲା, ପାଖରେ କେହି ନାହାନ୍ତି କ'ଣ କରିବ ମୋତେ ଡାକ ଛାଡିଲା, ଅପା ଟିକେ ଶୀଘ୍ର ଆସନ୍ତୁ ବାପା କ'ଣ ଏମିତି ହେଉଛନ୍ତି ଆସିଲେ ଟିକେ ଦେଖିବେ । ମୁଁ ପହଂଚି ଦେଖିଲି ତାଙ୍କର ଶେଷ ନିଶ୍ୱାସ ଯିବା ଉପରେ । ମୁଁ କହିଲି ଅନୁ ଗୋଟେ ଗିନାରେ ନିର୍ମାଲ୍ୟ ପାଣି ଟିକେ ଆଣ । ସେ କହିଲା ଅପା ନିର୍ମାଲ୍ୟ ତ କେଉଁଠି ଆମ ଘରେନାହିଁ । କିନ୍ତୁ ମୋ ଶ୍ୱଶୁର ମୋତେ ବହୁତ ଦିନ ଆଗରୁ କହିଥିଲେ ବୋହୁ ମୋ ଜୀବ ଗଲାବେଳେ ମୋ ପାଟିରେ ଟିକେ ନିର୍ମାଲ୍ୟପାଣି ଦେବୁ ଆଉ ମୋ ଶବ ପୋଡା ହେଲାବେଳେ ଚନ୍ଦନ କାଠ ଆଉ ଶୁଖିଲା ତୁଳସୀ କାଠି ଟିକେ ଆଗରୁ ସାଇତି ରଖିଥିବୁ ଦେବୁ, ଭୁଲିବୁନି । କାହିଁକି ଜାଣିଛୁ ଅନୁ, ନିର୍ମାଲ୍ୟ ପାଣି ପାଟିରେ ନେଇ ମଲେ ମଣିଷ ସ୍ୱର୍ଗପ୍ରାପ୍ତି ହୁଏ, ଆଉ ପୋଡା ହେଲାବେଳେ ତୁଳସୀ କାଠି ଦେଲେ ମଣିଷ ଜନ୍ମରୁ ମୁକ୍ତି ମିଳେ । ଶ୍ୱଶୁର ସିନା କହିଥିଲେ ହେଲେ, ବୋହୂ କିନ୍ତୁ ଏସବୁ ସାଇତି ରଖିନି । ତା' ଶାଶୁ ପାଞ୍ଚ ବର୍ଷ ପୂର୍ବରୁ ଚାଲି ଯାଇଛନ୍ତି । ଅନୁ କ'ଣ କରିବ ବୁଝି ପାରିଲାନି ଏସବୁ ସାମଗ୍ରୀ କିଛି ତା' ପାଖରେ ନାହିଁ । ଏହି ସମୟରେ ସ୍ୱାମୀ ବି ତା'ର ଘରେ ନଥାନ୍ତି । ମୋର ମନେ ପଡ଼ିଗଲା ବାପା ଶ୍ୱଶୁର ଦେଇଥିବା ମୋର ସେହି ବିଶ୍ୱାସ ଭରସା ସ୍ମୃତିର କୋଥଳି କଥା । ଘର ଭିତରକୁ ଏକ ନିଃଶ୍ୱାସରେ ଦୌଡ଼ି ଆସିଲି, କାନ୍ଥ କଣ୍ଟାରେ ସେମିତି ନିର୍ବାକ ଭାବରେ ଟଙ୍ଗା ହୋଇଥିବା କୋଥଳିକୁ ତଳକୁ ଆଣି ଅଣ୍ଡାଳି ପକାଇଲି, ଏତେବର୍ଷ ପରେ ସେଥିରେ ସାଇତା ହୋଇ ରହିଥିବା ମୋ ଶ୍ୱଶୁରଙ୍କ ସ୍ମୃତିର ନିର୍ମାଲ୍ୟ ପୁଡ଼ିଆ ଓ ତୁଳସୀକାଠି ଯେମିତି ସଜାଗ ହୋଇ ଅପେକ୍ଷାରତ ଥିଲେ ମୁମୂର୍ଷୁ ଅବସ୍ଥାର ସେହି ଶତପଥୀ ମଉସାଙ୍କ ଶେଷ ନିଃଶ୍ୱାସକୁ......!!!

❖❖❖

Source: Author, Digitized by PPRACHIN, SOA

କୋଠଘର ସାହିତ୍ୟ ପରିବାରର ପ୍ରତିଷ୍ଠାତା, ତଥା ସମ୍ପାଦିକା **ଶ୍ରୀମତୀ ଅମ୍ବିକା ସ୍ୱାଇଁ** ଓଡ଼ିଶା ସାହିତ୍ୟ ଜଗତରେ ଏକ ସୁପରିଚିତ ନାମ । ଜଣେ ସୁସାହିତ୍ୟିକା, ସୁସଂଗଠିକା ଏବଂ ସମାଜସେବୀ ଭାବରେ ବେଶ୍ ପରିଚିତ । ଅମ୍ବିକା ସ୍ୱାଇଁଙ୍କ ଲେଖାରେ ସ୍ୱତଃସ୍ଫୂର୍ତ୍ତତା ଏବଂ ସ୍ୱାଭାବିକତା ଦେଖିବାକୁ ମିଳେ । ଛଳନା ଓ ଅହଙ୍କାର ଠାରୁ ସର୍ବଦା ଦୂରରେ ରହିଥିବା ଅମ୍ବିକା ସ୍ୱାଇଁ ଆମ ସମୟର ଆଲୋକବର୍ତ୍ତିକା । ଆମକୁ ଶିଖାନ୍ତି ଭଲପାଇବା । ଆମକୁ କୁହନ୍ତି ସଂଗଠନର ସଫଳ କାହାଣୀ । ଆମକୁ ଶୁଣାନ୍ତି ଜୀବନ ଜୀଇଁବା ଗୀତ । ଶତ୍ରୁମିତ୍ର ନିର୍ବିଶେଷରେ ସବୁଠି ସଭିଙ୍କୁ ଆପଣେଇ ପାରିଥିବା ଅମ୍ବିକା ସ୍ୱାଇଁଙ୍କ ଲେଖନୀ ସର୍ବଦା ଚଳଚଞ୍ଚଳ । ତାଙ୍କ ଲେଖନୀରୁ ସୃଷ୍ଟି ହୋଇଛି ଅନେକ କବିତା, ଗଳ୍ପ, ପ୍ରବନ୍ଧ, ଶିଶୁକବିତା ଓ ଭକ୍ତି କବିତା । ଶିଶୁ ସାହିତ୍ୟିକ ଭାବରେ ମଧ୍ୟ ବେଶ୍ ଜଣାଶୁଣା । ଅନେକ ପତ୍ରପତ୍ରିକା ଠାରୁ ଆରମ୍ଭ କରି ଆଗ ଧାଡ଼ିର ଅନେକ ଖବରକାଗଜର ସ୍ତମ୍ଭ ପୃଷ୍ଠାରେ ତାଙ୍କ ଲେଖା ପ୍ରକାଶିତ ହୋଇ ଆସୁଅଛି । ସାମାଜିକ ମୂଲ୍ୟବୋଧଭିତ୍ତିକ ଲେଖାରେ ପାଠକଙ୍କୁ ବାନ୍ଧି ରଖିବାର କଳା ଲେଖିକାଙ୍କୁ ବେଶ୍ ଜଣା । ପୂର୍ବରୁ ଛଅ ଗୋଟି ପୁସ୍ତକ ରଚନା କରି ପାଠକଙ୍କ ହୃଦୟକୁ କିଣି ପାରିଥିବା ଅମ୍ବିକା ସ୍ୱାଇଁଙ୍କର ଏହା ହେଉଛି ପ୍ରଥମ ଗଳ୍ପ ସଂକଳନ ଓ ସପ୍ତମ ପୁସ୍ତକ । ଏହି ଗଳ୍ପ ସଂକଳନରେ ଭରି ରହିଛି ସମାଜର ଚିତ୍ର । ଅନେକ ଚରିତ୍ରମାନଙ୍କୁ ନେଇ ନିଜସ୍ୱ ଅନୁଭୂତି ଓ ଅଭିଜ୍ଞତାରେ ଗପଗୁଡ଼ିକ ବେଶ୍ ଗତିଶୀଳ । ଗପର ଶୀର୍ଷକଟି ମଧ୍ୟ ବେଶ୍ ଆକର୍ଷଣୀୟ **'ମୁଠି ଉଜ୍ଜଳ'** । ଏହି ଗଳ୍ପ ସଂକଳନଟି ପାଠକ ମହଲରେ ବେଶ୍ ଆଦୃତି ଲାଭ ସହ ତାଙ୍କୁ ଭିଡ଼ ଭିତରୁ ଅଲଗା ବାରି ହୋଇ ପଡୁଥିବା ଲେଖିକା ଭାବେ ପ୍ରତିଷ୍ଠା ଦେବ ବୋଲି ଦୃଢ଼ ଆଶା ଓ ବିଶ୍ୱାସ ।

ପ୍ରକାଶକ

ମୂଲ୍ୟ : ₹୧୬୦

Source: Author, Digitized by PPRACHIN, SOA